

ଦୀପିକାଙ୍କ ନୂଆ ପଦକ୍ଷେପ

▶ପୃଷ୍ଠା 9 ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-193 ◆THURSDAY ◆8 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୯୩ ◆ଗୁରୁବାର ◆୮ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଏପ୍ରିଲରୁ ଓଡ଼ିଶାରେ ଜନଗଣନା

## ପ୍ରଥମେ ହେବ ଗୃହ ତାଲିକା, ଆସବାବପତ୍ର ଗଣନା

■ ଭୁବନେଶ୍ୱର, ୭।୧ (ସମିସ): ସାରା ଦେଶରେ ଆସନ୍ତା ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଜନଗଣନା ହେବ । ବିଭିନ୍ନ ରାଜ୍ୟମାନେ ନିଜର ସୁବିଧା ଅନୁସାରେ ୩୦ ଦିନ ମଧ୍ୟରେ ଗୃହ ତାଲିକା ଓ ଘର ଗଣନା କରିପାରିବା ନେଇ ନିର୍ଦ୍ଦେଶ ରହିଥିବା ବେଳେ ଓଡ଼ିଶାରେ ଏପ୍ରିଲରୁ ମେ ମାସ ମଧ୍ୟରେ ଗୃହ ତାଲିକା ଓ ଗୃହ ଗଣନା କରାଯିବ । ଏନେଇ ବୁଧବାର ଲୋକସେବା ଭବନରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ସୂଚନା ଅନୁସାରେ ଗତ ଡିସେମ୍ବର ୩୧ ତାରିଖ ସୁଦ୍ଧା ଘୋଷିତ ହୋଇଥିବା ନିର୍ଦ୍ଦେଶିତ ଅଞ୍ଚଳ ବ୍ୟତୀତ ଏହି ଜନଗଣନା ସମୟରେ ନୂଆ ଗାଁ, ନୂଆ ସହର, ଗାଁ ସହରରେ ମିଶିବା ଭଳି ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ ହେବନାହିଁ। ଜନଗଣନା କାର୍ଯ୍ୟର ସୁସମ୍ପାଦନ ପାଇଁ ଜାତୀୟ ସ୍ତରରେ ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା ଆୟୁକ୍ତ ଥିବା ବେଳେ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବ ରାଜ୍ୟ ନୋଡାଲ ଅଧିକାରୀ ଓ ଏବଂ ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ ଜିଲ୍ଲାର ଏବଂ ମହାନଗର ନିଗମ ଅଞ୍ଚଳରେ ମ୍ୟୁନିସିପାଲ କମିସନରମାନେ ପ୍ରମୁଖ ଜନଗଣନା ଅଧିକାରୀ ଭାବେ ନିୟୋଜିତ ରହିବେ। ଉପଖଣ୍ଡ ବା ସହରାଞ୍ଚଳରେ ତହସିଲଦାର ଓ ଡେପୁଟି କମିସନରମାନେ ଚାର୍ଜ ଅଧିକାରୀ ଭାବେ କାର୍ଯ୍ୟ କରିବେ । ଶିକ୍ଷକ , ରାଜ୍ୟ ସରକାର ଓ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାର ଅନ୍ୟ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଜନଗଣନାକାରୀ (ଏନ୍ୟୁମେରେଟର) ଏବଂ ସୁପରଭାଇଜର ଦାୟିତ୍ୱ ତୁଲାଇବେ। ଜନଗଣନା ପାଇଁ ପୂର୍ବରୁ ମାଷ୍ଟର ଟ୍ରେନର ଏବଂ କ୍ଷେତ୍ରସ୍ତରୀୟ ପ୍ରଶିକ୍ଷଣକଙ୍କ ପାଇଁ ବ୍ୟାପକ ପ୍ରଶିକ୍ଷଣ ଦିଆଯିବ ।

**୨୦୦ ଘର ପାଇଁ ନିଯୁକ୍ତି ପାଇବେ ଜଣେ ଅଧିକାରୀ**

**ନାଗରିକ ଚାହିଁଲେ ୱେବସାଇଟରେ ଦେଇପାରିବେ ତଥ୍ୟ**



ଜନଗଣନା ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ କହିଛନ୍ତି ଯେ ପ୍ରତି ୨୦୦ ଘର ପାଇଁ ଜଣେ ଲେଖାଏଁ ଅଧିକାରୀ ନିୟୋଜିତ ହେବେ। ପ୍ରତି ୬ ଜଣ ଅଧିକାରୀଙ୍କ ପାଇଁ ଜଣେ ଲେଖାଏଁ ସୁପରଭାଇଜର ନିୟୋଜିତ ହେବେ। ଜଣେ ଜନଗଣନା ଅଧିକାରୀଙ୍କୁ ସରକାର ୨୫ ହଜାର ଟଙ୍କା ପ୍ରଦାନ କରିବେ । ବ୍ୟବସ୍ଥା ଅନୁଯାୟୀ ଜଣେ ଲୋକ ନିଜେ ଚାହିଁଲେ ନିଜର ତଥ୍ୟ ଦେଇପାରିବେ, ୱେବସାଇଟ ଜରିଆରେ ପଞ୍ଜିକୃତ ମଧ୍ୟ କରିପାରିବେ । ସମସ୍ତ ପ୍ରକ୍ରିୟା ମୋବାଇଲ ନମ୍ବରରେ ଓଟିପି ବେସଡ୍ ହେବ। ଗୋଟିଏ ନମ୍ବର ଦୁଇ ଥର ବ୍ୟବହାର କରି ପାରିବେନି କି ଆପରୁ ସ୍କ୍ରିନ ସଟ ମଧ୍ୟ ବ୍ୟବହାରକାରୀ ▶ପୃଷ୍ଠା-୭

# ଫେବୃଆରୀ ପହିଲାରେ ବଜେଟ

## ୨୮ରୁ ସଂସଦର ବଜେଟ ଅଧିବେଶନ

■ ନୂଆଦିଲ୍ଲୀ, ୭।୧ (ଏଜେନ୍ସି): ୨୦୨୬-୨୭ ଆର୍ଥିକବର୍ଷ ପାଇଁ କେନ୍ଦ୍ର ବଜେଟ ଆସନ୍ତା ଫେବୃଆରୀ ପହିଲାରେ ଆଗତ ହେବ । ବୁଧବାର ଅନୁଷ୍ଠିତ ସଂସଦୀୟ ବ୍ୟାପାର କ୍ୟାବିନେଟ୍ କମିଟି (ସିସିପିଏ) ବୈଠକରେ ଏ ସମ୍ପର୍କରେ ପ୍ରସ୍ତାବ ପାରିତ ହୋଇଛି। ତେବେ ସିସିପିଏର ଏହି ପ୍ରସ୍ତାବ ଉପରେ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ମୋହର ବାଜିବା ପରେ ବଜେଟ ଅଧିବେଶନର ରୂପରେଖ ଚୂଡ଼ାନ୍ତ ହେବ ।

**ପ୍ରଥମ ଥର ପାଇଁ ରବିବାର ହେବ ଆଗତ**

ସିସିପିଏର ପ୍ରସ୍ତାବିତ ସୂଚୀ ଅନୁସାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ପହିଲା (ରବିବାର)ରେ ବଜେଟ ଉପସ୍ଥାପନ କରିବେ । ଜାନୁଆରୀ ୨୮ ରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ସହିତ ବଜେଟ ଅଧିବେଶନ ଆରମ୍ଭ ହେବ । ଏହି ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ହେବ । ସଂସଦୀୟ ବ୍ୟାପାର କମିଟି ଆଜି ବଜେଟ ଦିନ ଧାର୍ଯ୍ୟ କରିବା ପରେ ଏ ନେଇ ପୂର୍ବରୁ ରହିଥିବା ସଂଶୟ ଦୂର ହୋଇଛି। କାରଣ ଫେବୃଆରୀ ୧ ତାରିଖ ରବିବାର ଦିନ ପଡୁଛି । ତେଣୁ ରବିବାର ଛୁଟି ଦିନରେ ବଜେଟ ଆଗତ କରାଯିବ କିମ୍ବା ତାହାର ଦିବସ ପରିବର୍ତ୍ତନ ହେବ ବୋଲି ରିପୋର୍ଟ ମାନ ପ୍ରକାଶ ପାଉଥିଲା । ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ସିସିପିଏର ବୈଠକ ବସିଥିଲା । ସେଥିରେ ସଂସଦର ଆଗାମୀ ବଜେଟ୍ ଅଧିବେଶନ ପାଇଁ ତାରିଖ ପ୍ରସ୍ତାବିତ ହୋଇଥିଲା । ବଜେଟ୍ ଅଧିବେଶନର ପ୍ରଥମ ଭାଗ ଜାନୁଆରୀ ୨୮ରୁ ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିବ, ଯେତେବେଳେ କି ଦ୍ୱିତୀୟ ଭାଗ ମାର୍ଚ୍ଚ ୯ ରୁ ଏପ୍ରିଲ୍ ୨ ପର୍ଯ୍ୟନ୍ତ ଚାଲିବ। ବଜେଟ୍ ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଅନୁଦାନ ଦାବି ଏବଂ ଅର୍ଥ ବିଲ୍ ମଞ୍ଜୁର ହେବ। ରାଷ୍ଟ୍ରପତିଙ୍କ ଅଭିଭାଷଣ ସହିତ ଜାନୁଆରୀ ୨୮ରେ ସଂସଦ ଆରମ୍ଭ ହେବ। ୨୯ ତାରିଖରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ ହେବ ।

# ବସ୍ ଚାପାରେ ଯୁବକ ମୃତ

■ ନିମାପଡ଼ା, ୭।୧ (ସମିସ): ନିମାପଡା-ବଳଙ୍ଗା ନୁହାରକିରି ଛକ ନିକଟରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ ବସ୍‌ରେ ନିଆଁ ଲଗାଇଦେଇଚନ୍ତି ।

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**

ମୃତକ ହେଲେ ନୁହାରକିରି ଗ୍ରାମର ଆଲୋକ ଦାସ (୨୧) । ସେ ବୁଧବାର ସନ୍ଧ୍ୟା ସମୟରେ ଜଳଖିଆ ଦୋକାନକୁ ଜଳଖିଆ ନେବା ପାଇଁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ମା’ ଦକ୍ଷିଣକାଳୀ ନାମକ ଏକ ବସ୍ ଆସି ଆଲୋକଙ୍କୁ ଧକ୍କା ଦେଇଥିଲା। ଆଲୋକ ତଳେ ପଡ଼ି ଯାଇଥିବା ବେଳେ ବସ୍ ଚକା ତାଙ୍କ ଉପରେ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକମାନେ ଆଲୋକଙ୍କୁ ନିମାପଡ଼ା ସାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଆଲୋକଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ▶ପୃଷ୍ଠା-୭

## ପ୍ରଦୂଷଣକୁ ବଳିଗଲାଣି ପ୍ରମାଣପତ୍ର ଯନ୍ତ୍ରଣା

# ଲୋକଙ୍କୁ କାଳ ସରକାରଙ୍କ ‘ଟାର୍ଗେଟ’

■ ଭୁବନେଶ୍ୱର, ୭ ।୧ (ସମିସ): ଗାଡ଼ି ପ୍ରଦୂଷଣ କରୁଛି କି ନାହିଁ ତାହା ଜଣାନାହିଁ, ମାତ୍ର ପ୍ରଦୂଷଣ ପ୍ରମାଣପତ୍ର ଯାତନାରେ ରାଜ୍ୟବାସୀ ହନ୍ତସନ୍ତ । ୭୦ ଟଙ୍କା ଦେଇ ବାଇକ୍ ବା ସ୍କୁଟର, ୧୨୦ ଟଙ୍କା ଦେଇ ଚାରିଚକିଆ ଯାନର ପ୍ରମାଣପତ୍ରଟିଏ ଆଣିଲେ ରାଜ୍ୟରେ ପ୍ରଦୂଷଣ କିପରି କମିବ ତାହା କେହି ବୁଝିପାରୁ ନାହାନ୍ତି । ସୋସିଆଲ ମିଡ଼ିଆ ଖୋଲିଲେ ମାଲମାଲ ଅଭିଯୋଗ ଆସୁଛି। ଜୋରିମାନା ଆଦାୟ ପାଇଁ ସରକାରୀ ଅଧିକାରୀ, ପୁଲିସ ଉପରେ ରାଜ୍ୟ ସରକାର ଦେଇଥିବା ଟାର୍ଗେଟ ଏବେ ସାଧାରଣ ଲୋକଙ୍କ ପାଇଁ କାଳ ହୋଇଛି । ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଗୋଟିଏ ଗୋଟିଏ ଗାଡ଼ି ଉପରେ ଗୋଟିଏ ଦିନରେ ୪୦ରୁ ୬୦ ହଜାର ଟଙ୍କା ଜୋରିମାନା ଭିଡ଼ା ଯାଉଛି। ପ୍ରଶ୍ନ କଲେ ପୁଲିସ, ଟ୍ରାଫିକ୍ କର୍ମଚାରୀମାନେ ସରକାରଙ୍କ ଟାର୍ଗେଟ ଅଛି ବୋଲି ଉତ୍ତର ଦେଉଛନ୍ତି ।

**୧୩୦୦ କୋଟି ଚାଲାଣ ରାଶି ଆଦାୟ ପାଇଁ ଫନ୍ଦି**

**ପ୍ରସଙ୍ଗରୁ ଦୃଷ୍ଟି ହଟାଇବାକୁ ଯୋଜନାବଦ୍ଧ ଷଡ଼ଯନ୍ତ୍ର**

**ଗାଡ଼ି ଉପରେ ଲକ୍ଷଲକ୍ଷ ଟଙ୍କା ଜୋରିମାନାକୁ ନେଇ ପ୍ରଶ୍ନ**

ଗତକାଲି ପିପିଲି ନିକଟରେ ଦୁର୍ଘଟଣାରେ ମୃତ୍ୟବରଣ କରିଥିବା ଜଣେ ମହିଳା ସାମ୍ବାଦିକ ଶୀଲା ପଟ୍ଟନାୟକଙ୍କ ମୃତ୍ୟୁ ପଛରେ ଏହି ଟାର୍ଗେଟ ହିଁ ନିହିତ ଥିବା କୁହାଯାଉଛି । ତାଙ୍କ ଗାଡ଼ି ଉପରେ ପ୍ରାୟ ୧୮ ହଜାର ଟଙ୍କା ଚାଲାଣ ଥିବାରୁ କୁଆଡ଼େ ତାଙ୍କର ପ୍ରଦୂଷଣ ପ୍ରମାଣପତ୍ର ହୋଇ ପାରି ନ ଥିଲା । ଯେଉଁଥିପାଇଁ ସେ ବାଧ ହୋଇ ଜରୁରୀ କାର୍ଯ୍ୟ ପାଇଁ ସ୍କୁଟରରେ ପୁରୀ ଯିବାବେଳେ ଦୁର୍ଘଟଣାରେ ପ୍ରାଣ ହରାଇଲେ । ଯଦି ତାଙ୍କ ଗାଡ଼ି ଉପରେ ଜୋରିମାନା ନ ଥାନ୍ତା ବା ଜୋରିମାନା ପାଇଁ ▶ପୃଷ୍ଠା-୭

## ‘ଏସ୍‌ମା’ ଧମକକୁ ‘ଓମ୍‌ସା’ର ବେଖାତିର

# ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ

■ ଭୁବନେଶ୍ୱର, ୭।୧ (ସମିସ): ଡାକ୍ତରଙ୍କ ଆନ୍ଦୋଳନ ବିରୋଧରେ ମଙ୍ଗଳବାର ରାଜ୍ୟ ସରକାର ଏସ୍‌ମା ଲଗାଇଥିବା ବେଳେ ଏହାକୁ ଖାତିର କରିନାହିଁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମ୍‌ସା) । ବୁଧବାର ରାଜ୍ୟବ୍ୟାପୀ ସରକାରୀ ହସ୍ପିଟାଲରେ ଦୁଇ ଘଣ୍ଟା ଓପିଡି ସେବା ବର୍ଜନ କରିଛି ସଂଘ । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ସଂଘ କ୍ଷୋଭ ପ୍ରକାଶ କରିବା ସହ ସମାଲୋଚନା କରିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଜନ୍ମଦିନରେ ଡାକ୍ତରମାନଙ୍କୁ ଏସ୍‌ମା ଉପହାର ଦେଇଛନ୍ତି । ସରକାରଙ୍କ ନିଷ୍ପତ୍ତି ଗଣତନ୍ତ୍ର ପାଇଁ ହିତକର ନୁହେଁ ବୋଲି ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି । ଡାକ୍ତର ମିଶ୍ର କହିଛନ୍ତି ଯେ ରାଜ୍ୟରେ ୧୫୦୦୦ ଡାକ୍ତରଙ୍କ ସ୍ଥାନରେ ମାତ୍ର ୬୦୦୦ ଡାକ୍ତର ରୋଗୀସେବା କରୁଛନ୍ତି । ଆମକୁ ଆମର ନ୍ୟାଯ୍ୟ ପଦୋନ୍ନତି, ପ୍ରୋତ୍ସାହନ ରାଶି ମିଳୁନାହିଁ। ଆମେ କିପରି ସରକାରଙ୍କ ଦ୍ୱାରା ପ୍ରତାରିତ ହୋଇ ଆସୁଛୁ, ତାହା ଜନତାଙ୍କୁ ସୂଚିତ କରିବାକୁ ଚାହୁଁଥିଲୁ। ସେଥିପାଇଁ ଆମେ ଜରୁରୀକାଳୀନ ସେବା ବନ୍ଦ କରି ନ ଥିଲୁ । ପ୍ରଥମେ କଳାବ୍ୟାଚ ପିନ୍ଧି ପ୍ରତିବାଦ କରିବା ପରେ ଏକ ଘଣ୍ଟା ଓପିଡି ▶ପୃଷ୍ଠା-୭

## ପୂରଣ ହେଲା ଗୋଟିଏ ଦାବି; ଆଉ ତିନିଟି ବିଚାରାଧୀନ

# ସରକାରଙ୍କୁ ମିଲରଙ୍କ ୧୫ ଦିନିଆ ମହଲତ

■ ଭୁବନେଶ୍ୱର, ୭ ।୧ (ସମିସ): ସର୍ତ୍ତମୂଳକ ଭାବେ ସରକାରଙ୍କୁ ୧୫ ଦିନିଆ ମହଲତ ଦେଇ ଆନ୍ଦୋଳନ ପ୍ରତ୍ୟାହାର କରିଛି ମିଲର ସଂଘ। ଫଳରେ ଗତ ୩ ଦିନ ହେବ ବନ୍ଦ ରହିଆସିଥିବା ଧାନ କିଣା ଗୁରୁବାରଠାରୁ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମିଲର୍ସ ସଂଘ କହିଛି । ସଂଘ ପକ୍ଷରୁ କୁହାଯାଇଛି ଯେ ସରକାରଙ୍କ ନିକଟରେ ୪ ଦଫା ଦାବି ରଖାଯାଇଥିଲା। ଏଥି ମଧ୍ୟରୁ ଗୋଟିଏ ଦାବି ସରକାର ମାନି ନେଇଛନ୍ତି। ବାକି ଦାବିଗୁଡ଼ିକ ପୂରଣ ପାଇଁ ସରକାର ୧୫ ଦିନ ସମୟ ମାଗିଛନ୍ତି। ତେଣୁ ସରକାରଙ୍କୁ ସମୟ ଦିଆଯାଇଛି ଓ ଏହି ଦାବି ପୂରଣ ନେଇ ସରକାର ପଦକ୍ଷେପ ନେବେ ବୋଲି ସଂଘ ଆଶାବାଦୀ ରହିଛି। ସଂଘ ଆହୁରି କହିଛି, ବର୍ତ୍ତମାନ ସୁଦ୍ଧା ୧୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି । ଆଜିକୁ ୩ ଦିନ ହେଲାଣି ଆମର ଧାରଣା ଚାଲିଥିଲା। ବିଭାଗୀୟ ମନ୍ତ୍ରୀ ଆମର ଗୋଟିଏ ଦାବିକୁ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ମକର ସଂକ୍ରାନ୍ତି ଥିବାରୁ ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ▶ପୃଷ୍ଠା-୭

**ଆନ୍ଦୋଳନ ସ୍ଥଗିତ, ଆଜିଠାରୁ ସ୍ୱାଭାବିକ ହେବ ଧାନକିଣା**






# ଗଞ୍ଜେଇ ମାଫିଆଙ୍କ ୫ କୋଟିର ସମ୍ପତ୍ତି ବାଜ୍ୟାପ୍ତ

■ ଫୁଲବାଣୀ, ୭।୧ (ସମିସ): ବେଆଇନ ଗଞ୍ଜେଇ କାରବାରରେ ସଂପୃକ୍ତ ଥିବା ଏବଂ ଏଥିରୁ ବିପୁଳ ଅର୍ଥ ଠୁଳ କରିଥିବା ଅଭିଯୋଗରେ ଜଣେ ଗଂଜେଇ ମାଫିଆର ୫ କୋଟି ଟଙ୍କାର ସମ୍ପତି ବାଜ୍ୟାପ୍ତ କରିଛି ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ। ମାଫିଆ ସମେତ ସମ୍ପର୍କୀୟ ୫ ଜଣଙ୍କ ବେଆଇନ ସମ୍ପତ୍ତି ମଧ୍ୟ ଜବତ ହୋଇଛି । ବହୁ ଆକାଉଣ୍ଟ ଅଚଳ ପାଇଁ ଫୁଲବାଣୀ ସଦର ଥାନାକୁ ନିର୍ଦ୍ଦେଶ ଦେଇଛି ବିଭାଗ। ଫୁଲବାଣୀ ସଦର ଥାନା ପୁଲିସ ୪ ଜୁନ ୨୦୨୫ ତାରିଖରେ ବିଶେଷ ସୂତ୍ରରୁ ଖବର ପାଇ ଦିନ ପ୍ରାୟ ୧୨ଟାରେ ଧୋବଣିଖୋଲରେ ଏକ ଟ୍ରକ୍ ରେଜିଷ୍ଟ୍ରେସନ୍ ନମ୍ବର ଓଡି-୦୨-ବିଡବ୍ଲୁ-୦୭୨୦ରୁ ୫୧୬ କିଲୋଗ୍ରାମ ଗଂଜେଇ ଜବ୍ତ କରିଥିଲା । ଏହି ଘଟଣାରେ ମିଥୁନ ନାୟକ ଏବଂ ଜ୍ୟୋତି ଜ୍ୟୋତିଷ ବେହେରା ନାମକ ▶ପୃଷ୍ଠା-୭

**ସମ୍ପର୍କୀୟଙ୍କ ଆକାଉଣ୍ଟ ଅଚଳ**

**ବହୁ ଦାମୀ କାର, ବାଇକ୍ ଜବତ**




# ଗ୍ରାମାଞ୍ଚଳରେ ମଇଁଷି ମଡ଼କ, ଚିନ୍ତାରେ ମଇଁଷି ପାଳକ

## ରକ୍ତ ନମୁନା ସଂଗ୍ରହ କଲା ପ୍ରାଣୀ ବିଭାଗ



ଭଦ୍ରକ/ଆରଡି,୭ ।୧(ସମିସ): ଭଦ୍ରକ ଜିଲ୍ଲାର ଚାନ୍ଦବାଲି ଓ ତିହିଡ଼ି ବ୍ଲକ୍‌ର ବିଭିନ୍ନ ଗ୍ରାମରେ ମଇଁଷି ମଡ଼କ ଦେଖିବାକୁ ମିଳିଛି । ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ମଇଁଷି ପାଳକ । ଏହି ମଇଁଷି ମଡ଼କ ନିୟନ୍ତ୍ରଣ ପାଇଁ ପ୍ରାଣୀ ବିଭାଗ ପକ୍ଷରୁ ମଇଁଷିଗୁଡ଼ିକର ରକ୍ତ ନମୁନା ସଂଗ୍ରହ ସହ ପରୀକ୍ଷା କରାଯାଇଛି । ଚାନ୍ଦବାଲିର ସୁନ୍ଦରପୁର ପଞ୍ଚାୟତ ଦୋହରା ପାଟଣା ଗାଁ, ଖଟୁଆପାଟଣା ଗାଁ ଓ ତିହିଡି ବ୍ଲକ୍‌ର ତଳଦୁମୁକା ଗାଁ ରେ ଗତ ୧୫ଦିନ ମଧ୍ୟରେ ୧୦୭ ମଇଁଷି ମୃତ୍ୟୁ ଘଟିବା ପରେ ବୁଧବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଯାହାକୁ ନେଇ ପ୍ରଶାସନ ତତ୍ପରତା ଦେଖାଇ ଚାନ୍ଦବାଲି ପ୍ରାଣୀ ଚିକିତ୍ସାଧିକାରୀଙ୍କ ସହ ଏକ ଭ୍ରାମ୍ୟମାଣ ଟିମ ଗାଁରେ ପହଞ୍ଚି ଅସୁସ୍ଥ ଥିବା ମଇଁଷିଙ୍କର ରକ୍ତ ନମୁନା ପରୀକ୍ଷା କରିବା ସହ ସୁସ୍ଥତା ପାଇଁ ଭ୍ୟାକ୍ସିନ ଦେଇଛନ୍ତି । ଏହି ଟିମ୍ ୩ଦିନ ଧରି ରହି ସମସ୍ତ ମଇଁଷିଙ୍କର ପରୀକ୍ଷା କରିବା ସହ ସ୍ଥିତି ନିୟନ୍ତ୍ରଣ ହେବ ବୋଲି ପ୍ରାଣୀ ଚିକିତ୍ସା ଅଧିକାରୀ ଖାନମୁଦାସାର ନାଜିର କହିଛନ୍ତି । ଏହି ଗାଁର ଅଧିକାଂଶ ପରିବାର ମଇଁଷି ନେଇ ଜୀବନ ଜୀବିକା ନିର୍ବାହ କରୁଥିବା ଚାଷୀମାନଙ୍କ ପାଇଁ ଏହି ମଡକ ଭୟାବହ ଆଘାତ ସୃଷ୍ଟି କରିଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି । ସୂଚନା ଅନୁଯାୟୀ ଅଜଣା ରୋଗରେ ଦୋହରାପାଟଣାରେ ୧୭ଟି ମଇଁଷିଙ୍କର ମୃତ୍ୟୁ ହୋଇଥିବା ବେଳେ ଖଟୁଆପାଟଣା ଗାଁରେ ୬୭ଟି ଓ ତିହିଡି ବ୍ଲକ୍ ତଳଦୁମୁକା ଗାଁର ୧୮ଟି ମଇଁଷିର ମୃତ ଶରୀର ନଦୀପଠା, ନଇଜୋର, ଧାନକ୍ଷେତ ଆଦି ପଡ଼ିଛି ।

## ସାଢ଼େ ୫ କେଜି ଗଞ୍ଜେଇ ଜବତ; ଜଣେ ଗିରଫ



ବାସୁଦେବପୁର,୭ ।୧ (ସମିସ): ବାସୁଦେବପୁର ବ୍ଲକ ଓ ପୌରପାଳିକାର ଗଳି କନ୍ଦିରେ ଚୋରା ନିଶା କାରବାର ପେଣ୍ଠସ୍ଥଳୀ ପାଲଟିଛି । ଚୋରା ଦେଶୀ ଓ ବିଦେଶୀ ମଦ, ଧଳା ଜହର ଓ ଗଞ୍ଜେଇ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଗଞ୍ଜେଇ କାରବାର କୋଲକାତାରୁ ବାସୁଦେବପୁର ତ ପୁଣି କେତେବେଳେ ବ୍ରହ୍ମପୁରରୁ ବିନାୟକପୁରକୁ ଚୋରା ବେପାରୀଙ୍କ ଚେର ଲମ୍ବିଛି । ଚୋରା ବେପାରୀ ଗଞ୍ଜେଇ ଆଣିବାକୁ ଭିଆଇପି ଟ୍ରିକ୍‌କୁ ବ୍ୟବହାର କରି ବିଦେଶ ଫେରନ୍ତାଙ୍କ ପରି ଗଞ୍ଜେଇ ଧରି ଲକ୍ଷ୍ୟସ୍ଥଳୀରେ ପହଂଚି ଯାଉଛନ୍ତି । କୋଲକାତାର ଦୀପଙ୍କର ବିଶ୍ୱାସ ଚୋରା ଗଞ୍ଜେଇ ଚାଲାଣ ବେଳେ ସୂଚନା ପାଇ ମାଡି ବସିଥିଲା ବାସୁଦେବପୁର ପୋଲିସ । ଦୀପଙ୍କଠାରୁ ୫ କିଲୋ ୫ ଗ୍ରାମର ଗଞ୍ଜେଇ, ମୋବାଇଲ ଓ ଏଟିଏମ୍ କାର୍ଡ ଆଦି ଜବତ କରିଛନ୍ତି ବୋଲି ଭଦ୍ରକ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଓ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ସୂଚନା ଦେଇଛନ୍ତି । ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଊର୍ଦ୍ଧ୍ୱ ହେବ । ଚଢ଼ଉରେ ଏସ୍‌ଆଇ ଭାଗ୍ୟଜିତ୍ ନାୟକ ଓ ଏଏସ୍‌ଆଇ ଦେବୀ ପ୍ରସାଦ ମହାପାତ୍ର ସାମିଲ ହୋଇଥିଲେ । ବାସୁଦେବପୁର ଥାନାରେ ଏନେଇ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ଅଗ୍ନି ବିପନ୍ନଙ୍କୁ ସହାୟତା



ତିହିଡ଼ି, ୭।୧(ସମିସ):ତିହିଡ଼ି ବ୍ଲକ ଅଧୀନ ନରେନ୍ଦ୍ରପୁର ପଞ୍ଚାୟତ ଛତ୍ରପଦା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡରେ ବିପନ୍ନ ପରିବାର ଗୁଡ଼ିକୁ ବିଭିନ୍ନ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି । ସାଂସଦ ଅଭିମନ୍ୟୁ ସେଠୀ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ପ୍ରାକ୍ତନ ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ ବିପନ୍ନ ମାନଙ୍କୁ ଭେଟିଛନ୍ତି । ଆଜି ତିହିଡ଼ି ଦୋଲସାହି ଗୋପବନ୍ଧୁ ସେବା ସଂଘ ପକ୍ଷରୁ ବିଛଣା, ପୋଷାକ, ଶୁଖିଲା ଖାଦ୍ୟ, ପରିବା, ବାସନକୁସନ ଆଦି ପ୍ରଦାନ କରାଯାଇଛି । ସଭାପତି ସୋମନାଥ ମହାପାତ୍ର, ଉପସଭାପତି ଦୀପକ ପରିଡ଼ା, ସମ୍ପାଦକ ରବୀନ୍ଦ୍ର ପରିଡ଼ା, କୋଷାଧ୍ୟକ୍ଷ ହେମନ୍ତ ମଲିକ, ଉପଦେଷ୍ଟା ନିର୍ମଳ ଚନ୍ଦ୍ର ଦଳେଇ ପ୍ରମୁଖ ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ଉପସ୍ଥିତ ଥିଲେ । ବିଜେଡି ପକ୍ଷରୁ ସହାଯ୍ୟ କରାଯାଇଛି । ପୂର୍ବତନ ବିଧାୟକ ରାଜୁ ଦାସ, ତିହିଡ଼ି ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ପ୍ରାକ୍ତନ ସମିତିସଭ୍ୟ ସଂଗ୍ରାମକେଶରୀ ଦାସ ପ୍ରମୁଖ ବିପନ୍ନଙ୍କୁ ସମବେଦନା ଜଣାଇବା ସହ ଆର୍ଠଥକ ସହାୟତା ପ୍ରଦାନ କରିଛନ୍ତି । କଂଗ୍ରେସ ପକ୍ଷରୁ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ, ସମ୍ପାଦକ ୟାସିର ନୱାଜ, ଯୁବନେତା ମହମ୍ମଦ ଇଣ୍ତାଜ. ତିହିଡ଼ି କଂଗ୍ରେସ ସଭାପତି ସରୋଜ ଦାସ, ଆଶୀଷ ମାହୁନ୍ତ ପ୍ରମୁଖ ବସ୍ତ୍ର ଓ ଖାଦ୍ୟ ସମେତ ବିଭିନ୍ନ ଦ୍ରବ୍ୟ ପ୍ରଦାନ କରିଛନ୍ତି । ଅନ୍ୟ କେତକ ସଂଗଠନ ମଧ୍ୟ ସହାୟତା ପ୍ରଦାନ କରିଥିବା ଜଣାଯାଇଛି । ସୂଚନାଯୋଗ୍ୟ, ରବିବାର ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୬ ପରିବାରର ୧୬ ବଖରା ଭସ୍ମୀଭୂତ ହୋଇଯିବା ସହ ଗୋରୁ ଓ ଛେଳି ଆଦି ଜୀବନ୍ତ ଦଗ୍ଧ ହୋଇଥିଲେ ।

## ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ବାର୍ଷିକ ମୁଖପତ୍ର ଲୋକାର୍ପଣ

ଭଦ୍ରକ,୭ ।୧(ସମିସ):ଶ୍ରୀ ଜଗନ୍ନାଥ ଦର୍ଶନ ପ୍ର.ର ସମିତିର ବାର୍ଷିକ ମୁଖପତ୍ର 'ନୀଳକନ୍ଦର' ଓ ଅନୁଭୂତିରେ ଶ୍ରୀ ଜଗନ୍ନାଥ ଶିର୍ଷକ ୨ଟି ପତ୍ରିକା ଅପର୍ତ୍ତିବିନ୍ଧା ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ଦ୍ୱାରା ଲୋକାର୍ପଣ କରାଯାଇଛି । ଏହି ଲୋକାର୍ପଣ ସମାରୋହରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ପରମ ସନ୍ଥ ମୁକୁନ୍ଦଜୀ ମହାରାଜ ଓ ଶରତ ଚନ୍ଦ୍ର ମହାନ୍ତି, ବିଶ୍ୱମୌତ୍ରୀ ନାୟକ, ନାରାୟଣ ଚନ୍ଦ୍ର ପ୍ରଧାନ, ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ସହ ଆବାହକ ବାବୁଲାଲ ଦାସ, ମୁଖ୍ୟ ପରି.ଳକ ଭାଗୀରଥି ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ଏହା ପୂର୍ବରୁ ବିଧାୟକ ମହାପାତ୍ରଙ୍କ ଦ୍ୱାରା ନେତ ଉଡ଼ାଣ ଉତ୍ସବ ଅବସରରେ ମନ୍ଦିର ଶୀର୍ଷରେ ହୁଳହୁଳି ଓ ହରିବୋଲ ଧ୍ୱନୀରେ ଧ୍ୱଜା ରୋପଣ କରାଯାଇଥିଲା । ଏହି ସମାରୋହରେ ସନେଇ ଶିଅଳ, ରାଜେନ୍ଦ୍ର ପ୍ରସାଦ ଅଗସ୍ତି, କାଶିନାଥ ପଣ୍ଡା, ଲକ୍ଷ୍ମୀଧର ଖଟୁଆ, ଦୁଃଶାସନ ମହାନ୍ତି, ପଦ୍ମଲୋଚନ ମହାପାତ୍ର, ସୁବାସ ଚନ୍ଦ୍ର ବଳ, ଦେବଦତ୍ତ ସାହୁ, ଲଳିତ ମୋହନ ମିଶ୍ର ପ୍ରମୁଖ ବହୁ ସଭ୍ୟସଭ୍ୟା ଓ ଗ୍ରାମବାସୀ ବୃନ୍ଦ ସହଯୋଗ କରିଥିଲେ ।

## କୃତ୍ରିମ ବୁଦ୍ଧିମତା ଓ ନିଶା ନିବାରଣ ନେଇ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ,୭ ।୧(ସମିସ): ବନ୍ତ ବ୍ଲକ୍ କେନ୍ଦୁଆପଦାସ୍ଥିତ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ସ୍ମାରକୀ ମହାବିଦ୍ୟାଳୟ ସଭାଗୃହରେ କୃତ୍ରିମ ବୁଦ୍ଧିମତା (ଏଆଇ) ଓ ନିଶା ନିବାରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ତରଫରୁ ଅନୁଷ୍ଠିତ ହୋଇଯାଇଛି । ସର୍ବୋଚ୍ଚତମ ନ୍ୟାୟଳୟଙ୍କର ନ୍ୟାୟ ବିଚାର କୃତ୍ରିମ ଜ୍ଞାନ କୌଶଳ ଏବଂ ବିଚାର ହେଉଥିବା ମାମଲା ଗୁଡ଼ିକର ଆଂଚଳିକ ଭାଷା ମାଧ୍ୟମରେ ଲୋକମାନଙ୍କ ପାଖରେ କିପରି ସହଜରେ ପହଞ୍ଚି ପାରିବ ଏବଂ ଓଡ଼ିଶା ଉଚ୍ଚନ୍ୟାୟଳୟଙ୍କର ଆଇନ୍, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନ୍, ସିଭିଲ୍ ଓ ଫୌଜଦାରୀ ଆଇନ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ତଥା ଜାନୁୟାରୀ ୫ ରୁ ୧୨ ତାରିଖ ୨୦୨୬ ବର୍ଷ ନିମନ୍ତେ 'ନିଶା ନିବାରଣ ଏବଂ ସୁସ୍ଥତା ଦିଗରେ ପଥପ୍ରଦର୍ଶନ' ନିମିତ୍ତ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ପୂର୍ଣ୍ୟଶ୍ଲୋକ ରଥ ଏହି ସଚେତନତା କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ । ଅତିଥି ମାନଙ୍କ ମଧ୍ୟରେ ଏଏସ୍‌ପି ସମ୍ବିତ ମାଝୀ, ସହାୟକ ଏଲ୍.ଏ.ଡିସ୍.ଏସ୍. ଡ.ତାପସ କୁମାର ମହାନ୍ତି, ଶିଶୁ ସୁରକ୍ଷା ପ୍ରୋବେସନ ଅଧିକାରୀ ସୁବ୍ରତ କୁମାର ଦାସ, କଲେଜର ଅଧକ୍ଷ ପ୍ରଶାନ୍ତ ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ରମେଶ ଚନ୍ଦ୍ର ମହାରଣା ଓ ଗ୍ରନ୍ଥାଗାର ପରିଚାଳକ ହେମନ୍ତ ଜେନା ତଥା ଅନ୍ୟ ପ୍ରମୁଖ ଅଧ୍ୟାପକ ତଥା ଅଧ୍ୟାପିକା ଯୋଗଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କର୍ମକର୍ତ୍ତା ଶରତ ପ୍ରଧାନ, ବରିଷ୍ଠ କିରାଣିଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀଗଣ ଏହି କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଗ୍ରନ୍ଥାଗାର ପରିଚାଳକ ହେମନ୍ତ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖରିଫ ଧାନ ମଣ୍ଡି ଉଦ୍‌ଘାଟିତ



ବାରିକପୁର,୭ ।୧(ସମିସ):ଭଣ୍ଡାରିପୋଖରୀ ବ୍ଲକ କୋରିଗାଁ ପ୍ରାଥମିକ କୃଷି ସମବାୟ ସମିତି ଠାରେ ମା ଦୁର୍ଗା ଏସଏଚଜି ପକ୍ଷରୁ ଆଜି ଖରିଫ ଧାନ କ୍ରୟ ପାଇଁ ମଣ୍ଡି ଶୁଭାରମ୍ଭ ହୋଇଛି । ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ସେଠୀ ଓ ସଂପାଦିକା ହିରାମଣୀ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଂଚ ଶ୍ରଦ୍ଧାଞ୍ଜଳି ମହାପାତ୍ର, ପ୍ରାକ୍ତନ ବ୍ଲକ ଅଧକ୍ଷ ନରନାରାୟଣ ଜେନା, ସମାଜ ସେବୀ ଦେବେନ୍ଦ୍ରନାଥ ଧଳ, ଦିବାକର ଜେନା ପ୍ରମୁଖ ଯୋଗଦେଇ ବିଧିବଦ୍ଧ ଭାବେ ମଣ୍ଡି ଉଦଘାଟନ କରିଥିଲେ । ଏହାଛଡା ସରକାରୀ ନୀତି ନିୟମ ଅନୁଯାୟୀ ସଠିକ ମାନ ସମ୍ପର୍ଣ୍ଣ ଓ ଶୁଖିଲା ଶସ୍ୟ ଆଣି ମଣ୍ଡିରେ ଦେବାକୁ ଉପସ୍ଥିତ ଚାଷୀ ମାନଙ୍କ ଅତିଥିମାନେ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ପାତ୍ର, ଦ୍ୱେପ୍ରସନ୍ନ ମହାପାତ୍ର, ଅଭୟ କୁମାର ମହାପାତ୍ର ଧୀରେନ୍ଦ୍ର ଧଳ, ବନ୍ଦନା ମହାପାତ୍ର, ସରସ୍ୱତୀ ସେଠୀ, ସସ୍ମିତା ନାୟକ, ଭରତ ଚନ୍ଦ୍ର ବାରିକ, ଦେବବ୍ରତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଆଖପାଖ ଗ୍ରାମର ବହୁ ଚାଷୀ ଏବଂ ଧାନ କ୍ରୟ କମିଟି ସଦସ୍ୟ ମାନେ ଯୋଗ ଦେଇଥିଲେ । ଯେଉଁ ଚାଷୀମାନଙ୍କୁ ମୋବାଇଲ ଜରିଆରେ ମେସେଜ ଆସିଛି ସେମାନେ ପ୍ରଥମେ ଧାନ ଆଣି ମଣ୍ଡିରେ ଦେବାକୁ କୁହାଯାଇଛି ।

## ଜବର ଦଖଲ ଉଚ୍ଛେଦ ଦାବି

ବାରିକପୁର,୭ ।୧(ସମିସ): ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଗ୍ରାମବାସୀ ଚାରିଥର ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ । ଯାହାକୁ ନେଇ ଲୋକ ମାନଙ୍କ ମଧ୍ୟରେ ନୈରାଶ୍ୟ ଭାବ ସୃଷ୍ଟି ହୋଇଛି । ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଂଚାୟତ ଆକୁଳିକଣା ଗ୍ରାମର କିଛି ସରକାରୀ ଜାଗାକୁ ଜବର ଦଖଲ କରାଯାଇଛି । ଗ୍ରାମର ଗୋଚର ଓ ରକ୍ଷିତ ଜମି ଉପରେ କିଛି ଲୋକ ବାସଗୃହ ନିର୍ମାଣ କରି ବର୍ଷ ବର୍ଷ ଧରି ରହି ଆସୁଛନ୍ତି । ଏନେଇ ଗ୍ରାମର ସଚେତନ ନାଗରିକମାନେ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଅଭିଯୋଗ କରିବା ପରେ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ କେବଳ କ୍ଷେତ୍ରୀୟ ତଦନ୍ତ କରିଛନ୍ତି । ଏପର୍ଯ୍ୟନ୍ତ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ପରିଶେଷରେ ଗ୍ରାମବାସୀ ମାନେ ୫ମ ଥର ପାଇଁ ଅଭିଯୋଗ ଶୁଣାଣୀ ଶିବିରରେ ଲିଖିତ ଭାବେ ଜଣାଇଛନ୍ତି । ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ମଧ୍ୟ ଦୃଢ଼ ଦାବି କରିଛନ୍ତି ।

## ଚଣ୍ଡିଗାଁ ସମବାୟ ସମିତିରେ ଧାନ ମଣ୍ଡି ଶୁଭାରମ୍ଭ



ଭଦ୍ରକ,୭ ।୧(ସମିସ):ଭଦ୍ରକ ବ୍ଲକ ଅଧିନ ଚଣ୍ଡିଗାଁ ସେବା ସମବାୟ ସମିତିରେ ଆଜି ଚଳିତ ବର୍ଷ ଧାନ ବିକ୍ରି ଲାଗି ମଣ୍ଡିକୁ ଆନୁଷ୍ଠାନିକ ଭାବେ ସମିତି ସଭାପତି ବିକାଶ ମହାନ୍ତି ଉଦଘାଟନ କରିଛନ୍ତି । ଉକ୍ତ ଦିବସରେ ସମିତିର ବୋର୍ଡ ସଦସ୍ୟ ବ୍ରଜସୁନ୍ଦର ନାୟକ, ପରେଶ ପରିଡ଼ା, ନିରଞ୍ଜନ ମହାରଣା, ସଂଜୟ ନାୟକ, ଜୟନ୍ତ ଦାସ ପ୍ରମୁଖ ତଥା ଧାନ କିଣା କମିଟିର ସଦସ୍ୟ ଶରତ ଚନ୍ଦ୍ର ପରିଡ଼ା, କୈଳାସ ମହାନ୍ତି, କୋଡ଼ବରୁଆଁ ଓ ଚଣ୍ଡିଗାଁ ପଂଚାୟତ ପିଇଓ, ଚଣ୍ଡିଗାଁ ଆର.ଆଇ ଏବଂ ଅନ୍ୟ ଚାଷୀମାନେ ଉପସ୍ଥିତ ଥିଲେ । ଏହି ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମକୁ ସମିତି ସଂପାଦକ ବିଭୂତିଭୂଷଣ ନାୟକ ପରିଚାଳନା କରିଥିଲେ । ଆଜି ଠାରୁ ଏହି ସମିତିରେ ଧାନକିଣା ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ ହୋଇଥିଲେ ବି ଏବେ ମିଲରମାନଙ୍କ ଧର୍ମଘଟ ଯୋଗୁଁ ଚାଷୀଙ୍କ ଠାରୁ ଧାନ କିଣା ଯାଇପାରୁନାହିଁ । ଏହା ପ୍ରତ୍ୟାହୃତ ହେଲେ ଧାନ କିଣାଯିବ । ଏଥିରେ ପୂର୍ବବର୍ଷ ଭଳି ସମସ୍ତେ ସହଯୋଗ କରିବାକୁ ସଭାପତି ଶ୍ରୀ ମହାନ୍ତି ନିବେଦନ କରିଥିଲେ ।

## ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ | ଉଦ୍‌ଘାଟନୀ ମ୍ୟାଚରେ ଭଦ୍ରକ ଇଷ୍ଟକୋଷ୍ଟ ବିଜୟୀ



ଭଦ୍ରକ,୭।୧(ସମିସ): ଭଦ୍ରକ ଚରମ୍ପା ରେଲୱେ ପଡ଼ିଆରେ ଆଜିଠାରୁ ଅଲ୍ ଓଡ଼ିଶା ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଏହି ଉଦଘାଟନୀ ଦିବସରେ ୨ଟି ମ୍ୟାଚ ଖେଳା ଯାଇଥିଲା । ପ୍ରଥମ ମ୍ୟାଚରେ ଭଦ୍ରକ ଇଷ୍ଟକୋଷ୍ଟ ରେଲୱେ ଦଳ ବାଲେଶ୍ୱରର ୟୁ ଆଣ୍ଡ ମି ଦଳକୁ ୫ ରନ୍‌ରେ ପରାସ୍ତ କରିଥିବା ବେଳେ ୨ୟ ମ୍ୟାଚରେ ବାରିପଦା କ୍ରିକେଟ ଏକାଡେମୀ ଉତ୍କଳିକା କ୍ଲବ ବାସୁଦେବପୁରକୁ ପରାଜିତ କରିଛି । ଚରମ୍ପା ରେଲୱେ ଗ୍ରାଉଣ୍ଡରେ ଆଜିଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ବିଜୟ ବେହେରା, ବରେଣ୍ୟ ଅତିଥି ଶୈଳେଶ ଗୁପ୍ତ ଯୋଗଦେଇ ଉଦଘାଟନ କରିଥିଲେ । ଇଷ୍ଟ କୋଷ୍ଟ ରେଲୱେ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୬୪ ରନ କରିଥିଲା । ଦଳ ପକ୍ଷରୁ ବିଭାସ ଶ ୮ଟି ଛକା ଓ ୮ଟି ଚୌକା ବଲରେ ୯୫ ରନ୍ ଏବଂ ଅବିନାଶ ସିଂହ ୪ଟି ଚୌକା ୧୦ଟି ଛକା ବଲରେ ୭୯ ରନ କରିଥିଲେ । ୟୁ ଆଣ୍ଡ ମି ପକ୍ଷରୁ ଅହିତୋଷ ଦାସ ଓ ଦୀନବନ୍ଧୁ ବେହେରା ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ । ପରେ ବାଲେଶ୍ୱରର ୟୁ ଆଣ୍ଡ ମି ଦଳ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୨୫୯ ରନ୍ କରି ମ୍ୟାଚ ହାରିଯାଇଥିଲା । ଦଳ ପକ୍ଷରୁ ସବ୍ୟସାଚୀ ଆଚାର୍ଯ୍ୟ ୩୧ଟି ବଲ୍‌ରେ ଲଢୁଆ ୯୩ ରନ କରିଥିବା ବେଳେ ସୌଭାଗ୍ୟ ମିଶ୍ର ୬୦ ରନ କରିଥିଲେ । ରେଲୱେ ପକ୍ଷରୁ ନୀହାର ଭୂୟାଁ ଓ ସଞ୍ଜିତ ଚୌଧୁରୀ ୨ଟି ଲେଖାଏଁ ଉଇକେଟ ନେଇଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଅବିନାଶ ସିଂହଙ୍କୁ ବିବେଚିତ କରାଯାଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚରେ ଉତ୍କଳିକା କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ଦଳ ୧୭ ଓଭରରେ ୧୦୧ ରନ୍ କରି ସମସ୍ତ ଖେଳାଳୀ ଆଉଟ ହୋଇ ଯାଇଥିଲେ । ଦଳ ପକ୍ଷରୁ ସୟଦ ଇଜ୍‌ହାରୁଦ୍ଦିନ ସର୍ବାଧିକ ୨୨ ରନ କରିଥିଲେ । ବାରିପଦା ପକ୍ଷରୁ ଦୀପାଂଶୁ କୁମାର ୩ଟି ଓ ଉପେନ୍ଦ୍ର ନାୟକ ୩ଟି ଉଇକେଟ ନେଇଥିଲେ । ୧୦୨ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ବାରିପଦା ଦଳ ବିଜୟ ଲକ୍ଷ୍ୟକୁ ୧୦.୨ ଓଭରରେ ୩ ଉଇକେଟ ହରାଇ ହାସଲ କରିଥିଲା । ଉତ୍କର୍ଷ ପାଣ୍ଡେ ୪୮ ଓ ଉପେନ୍ଦ୍ର ନାୟକ ୨୦ ରନ କରିଥିଲେ । ଉପେନ୍ଦ୍ର ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ମ୍ୟାଚକୁ ଅମ୍ପାୟାର ଭାବେ ଶ୍ରଦ୍ଧା ପ୍ରସନ୍ନ ମହାପାତ୍ର ଓ ସାର୍ଥକ ବିଶ୍ୱାଳ ପରିଚାଳନା କରିଥିବା ବେଳେ ରାଜେଶ ନାୟକ ଥାଡର୍ ଅମ୍ପାୟାର, ଚନ୍ଦନ ନାୟକ ରିଜର୍ଭ ଅମ୍ପାୟାର ଏବଂ କମର ଖାନ୍ ସ୍କୋରର୍ ଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଉଛନ୍ତି । ଏହାର ଫାଇନାଲ ଖେଳ ୧୧ ତାରିଖରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଶ୍ରୀଧର ମିଶ୍ର ଜଣାଇଛନ୍ତି ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ଦୋବଲ,୭ ।୧(ସମିସ): ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତରେ ଏସ୍.ଏ.ଜେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାନପାଇଛି । ଆନୁଷ୍ଠାନିକ ଭାବରେ ଭିତିପ୍ରସ୍ତର ସ୍ଥାପନ ହୋଇଛି । ପୂର୍ବାହ୍ନ ୧୧ଟା ବେଳେ ଦୋବଲ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ବିଡିଓ ବନ ବିହାରୀ ଦିଣ୍ଡା, ଅତିରିକ୍ତ ତହସିଲଦାର ପଲ୍ଲୀ ଭାରତ ମହାଳିକ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦ ପ୍ରତିନିଧି ମନୋରଞ୍ଜନ ମଲିକ, ଦୋବଲ ସରପଞ୍ଚ ଅଶୋକ ପଣ୍ଡା,ସମିତି ସଭ୍ୟା ରୁନିଲତା ସାହୁ, ସଭାପତି ତପନ ଦାସ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ପାଇଁ ଏହି ଯୋଜନା ସରକାର ହାତକୁ ନେଇଛନ୍ତି ବୋଲି ଅତିଥିମାନେ ଉପସ୍ଥିତ ଅଭିଭାବକ ଓ ଜନସାଧାରଣଙ୍କୁ କହିଥିଲେ ।

## ଭଦ୍ରକ ସାଂସ୍କୃତିକ ମହୋତ୍ସବର ୫ମ ସନ୍ଧ୍ୟା

# 'ଲୋକକଳା ଓ ସାଂସ୍କୃତିକ ପରମ୍ପରା ଓଡ଼ିଆ ଜନଜୀବନକୁ ପ୍ରଭାବିତ କରେ'

ଭଦ୍ରକ,୭ ।୧(ସମିସ)




ଲୋକକଳା ଓ ସଂସ୍କୃତିକ ପରମ୍ପରା ଜଗତରେ ଭଦ୍ରକ ର ଅବଦାନ ଅବିସ୍ମରଣୀୟ । ଯାହାକି ଓଡ଼ିଆ ଜନଜୀବନକୁ ପ୍ରଭାବିତ କରେ ବୋଲି ଭଦ୍ରକ ସାଂସ୍କୃତିକ ମହୋତ୍ସବର ୫ମ ସନ୍ଧ୍ୟାରେ ଅତିଥି ମାନେ ମତ ବ୍ୟକ୍ତ କରିଛନ୍ତି । ଭଦ୍ରକ ମାଟିର ମଣିଷ ବିପ୍ରକବି ବଂଶୀ ବଲ୍ଲଭ ଗୋସ୍ୱାମୀ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବାଞ୍ଛାନିଧି ମହାନ୍ତି, କେଶବ କବି କୃଷ୍ଣପ୍ରସାଦ ବେହେରା, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର, ନାଟ୍ୟକାର ଉମାକାନ୍ତ ବେହେରା ପ୍ରମୁଖ ବହୁ ସାରସ୍ୱତ ସାଧକ ତଥା ନାଟ୍ୟକାର, ଗୀତିକାର, ଅଭିନେତା, ତଥା ନାଟ୍ୟ ନିର୍ଦ୍ଦେଶକ ଓଡ଼ିଆ ଓଡ଼ିଆ ଲୋକକଳା ଜଗତକୁ ସମୃଦ୍ଧ କରିବା ସହ ଓଡ଼ିଆ ଜନଜୀବନକୁ ପ୍ରଭୂତ ଭାବେ ପ୍ରଭାବିତ କରିଛନ୍ତି ବୋଲି ଭଦ୍ରକ ସହର ଗାନ୍ଧିପଡ଼ିଆଠାରେ ଗତ ମଙ୍ଗଳବାର ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ସଂଯୋଜନା ଓ ଉପଦେଷ୍ଟା ରୋ. ଅତିସ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଅତିରିକ୍ତ ଜିଲ୍ଲପାଳ ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଭାଗବତ ପରିଷଦ ର ଜିଲ୍ଲା ସଭାପତି ବସନ୍ତ ରାଉତ ମୁଖ୍ୟବକ୍ତା ଯୋଗଦେଇ ଥିଲେ । ଏହି ଅବସରରେ ପ୍ରାରମ୍ଭରେ ସାମ୍ବାଦିକା ସିଲା ପଟ୍ଟନାୟକଙ୍କ ବିୟୋଗ ରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଉପସଭାପତି ମନୋରମା ରାଏ ମଂଚ ଆମନ୍ତ୍ରଣ, ସାଂସ୍କୃତିକ ସମ୍ପାଦକ ରାମ ନାରାୟଣ ମହାନ୍ତି ସ୍ୱାଗତ ସଂଗୀତ ଚୈତଳୀ ଖିଲାର ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି ଧନ୍ୟବାଦ ଅର୍ପଣ କରିଥିଲେ । ଲଳିତକଳା ଏକାଡେମୀ, ଭଦ୍ରକ କଲରାଲ ଓ ଏମ. ଡି. ଏସ.ର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, କୋଷାଧକ୍ଷ ପ୍ରିୟ ଦର୍ଶନ ବୋଇତି, ଉପଦେଷ୍ଟା ସ୍ମୃତି ରଞ୍ଜନ ସାହୁ, ଡ଼.ହରିହର ନାୟକ, ଉମାକଲ୍ୟାଣ ମହାପାତ୍ର, ପ୍ରଭାତ ଦାଶ, ରାଜେଶ ଦାସ,ଅଜୟ ପଣ୍ଡା, ଶୁଭଦୀପ ମଲ୍ଲିକ, ଓମ କାର, ଜଗନ୍ନାଥ ବେହେରା, ରମେଶ ପାଗଳ, ଜୟ ଜଗନ୍ନାଥ ମଲ୍ଲିକ, ସୀତାକାନ୍ତ ବିଶ୍ୱାଳ,କମଳଲୋଚନ ପଣ୍ଡା , ଜି ଶିବ ଶଙ୍କର, ତେଜସ୍ୱିନୀ ଦାସ, ରୋଜାଲିନା ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 05.01.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ଜଳସେଚନ ପ୍ରକଳ୍ପକୁ ଅଚଳ କରିଦେଲେ ଦୁର୍ବୃତ୍ତ

ଜଳେଶ୍ୱର, ୭।୧ (ସମିସ)



ଜଳେଶ୍ୱର ବ୍ଲକ ଅଧୀନସ୍ଥ ରାଜପୁର ପଞ୍ଚାୟତର ବଳରାମପୁର ଗ୍ରାମର ଫୁଲଗଡିଆ ବେଢରେ ନବନିର୍ମିତ ଏକ ଉଠାଜଳସେଚନ ପ୍ରକଳ୍ପର ନଳକୂପରେ ଗତକାଲି ରାତିରେ ଦୁର୍ବୃତ୍ତମାନେ ଇଟା ପକାଇ ଦେଇଛନ୍ତି।୨୧ ଲକ୍ଷ ଟଙ୍କା ଅନୁଦାନରେ ପ୍ରତିଷ୍ଠା ହୋଇଥିବା ଏହି ପ୍ରକଳ୍ପ ଯୋଗୁଁ ଶହେ ଚାଷୀ ଉପକୃତ ହେବାକୁ ଆଶା ବାନ୍ଧିଥିବା ବେଳେ ସେମାନଙ୍କ ସ୍ୱପ୍ନ ଭାଙ୍ଗି ଯାଇଛି ବୋଲି ବହୁ ଚାଷୀ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ ବଳରାମପୁର ଫୁଲଗଡିଆ ବେଢରେ ଥିବା ୨୦ ହେକ୍ଟର (୫୦ ଏକର) ଜମିକୁ ଜଳସେଚିତ କରିବା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ଉଠା ଜଳସେଚନ ବିଭାଗ ପକ୍ଷରୁ ଯୋଜନା ହୋଇଥିଲା। ସେହି ଅନୁସାରେ ବିଜୁ କୃଷକ ବିକାଶ ଯୋଜନା ଅନ୍ତର୍ଗତ ଓ ନାବାର୍ଡର ଆର୍ଥିକ ସହାୟତାରେ ୨୦ ଲକ୍ଷ ୯୦ ହଜାର ୩୬୭ ଟଙ୍କା ବ୍ୟୟରେ ଉକ୍ତ ଉଠାଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆଶାବରୀ ଦାସ ନାମକ ଠିକାଦାରଙ୍କୁ ଚିଠି ନମ୍ବର ୭୨୮/୩.୪.୨୫ ମୁଳେ କାର୍ଯ୍ୟାଦେଶ ଦିଆଯାଇଥିଲା। ଖରିଫ ଧାନ କଟା ସରିବା ପରେ ଅର୍ଥାତ୍ ଗତ ଦୁଇ ସପ୍ତାହ ତଳେ ଏହି ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ୩୩୦ ଫୁଟ ଗଭୀରତା ରେ ନଳକୂପ କାମ କରାଯିବା ସହ ଗତକାଲି ପାଣି ବାହାରିବା କାମ ଶେଷ ହୋଇଥିଲା। ବାକିଥିବା ପମ୍ପ ହାଉସ ଘର ଓ ପାଇପ ଲାଇନ କାମ ସପ୍ତାହ ମଧ୍ୟରେ ଶେଷ ହୋଇଥାନ୍ତା। ଫଳରେ ଏହି ପ୍ରକଳ୍ପ ଦ୍ୱାରା ଚଳିତ ବର୍ଷ ରବି ଋତୁ ଠାରୁ ପାଖାପାଖି ଶହେ ଜଣ ଚାଷୀ ସେମାନଙ୍କର ୨୦ ହେକ୍ଟର ଜମିକୁ ଜଳସେଚିତ କରିଥାନ୍ତେ। କିନ୍ତୁ ଗତକାଲି ରାତିରେ କେହି ଦୃବୃତ୍ତ ୩୩୦ ଫୁଟ ଗଭୀର ନଳକୂପରୁ ପାଖାପାଖି ୨୬୦ ଫୁଟ କୁ ଇଟା ପକାଇ ଭର୍ତ୍ତି କରିଦେଇଛନ୍ତି। ସେହିପରି ପମ୍ପ ହାଉସ ଘର ନିର୍ମାଣ ପାଇଁ ଉକ୍ତ ସ୍ଥାନରେ ମହଜୁଦ ଥିବା ୯୦ ବ୍ୟାଗ୍ ସିମେଣ୍ଟକୁ ମଧ୍ୟ ଦୁର୍ବୃତ୍ତ ନଷ୍ଟ କରି ଦେଇଛନ୍ତି। ଏ ନେଇ ଆଜି ସକାଳେ ଚାଷୀମାନେ ଜାଣିବା ପରେ ନବଗଠିତ ପାଣି ପଞ୍ଚାୟତର ସଭାପତି ନନୀ ଗୋପାଳ ଭୂୟାଁ, ସମ୍ପାଦକ ଅଜୟ କୁମାର ପାଳ, ଚାଷୀ ସର୍ବଶ୍ରୀ କିଶୋରାମ ମଣ୍ଡଳ, ମୃତ୍ୟୁଞ୍ଜୟ ଗିରି, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କାହ୍ନୁ ଚରଣ ଦାସ, ସୁଶାନ୍ତ ମହଲା, ଝାଡେଶ୍ୱର ପାଳ, ଜୟନାରାୟଣ ପାଳ, ନିମାଇଁ ଚରଣ ମଣ୍ଡଳ, ନୀଳକଣ୍ଠ ଦାସ, ବ୍ରଜେନ୍ଦ୍ର କୁଣ୍ଡୁ, ଅରୁଣ କୁମାର ମହଲା ପ୍ରମୁଖ ଚାଷୀ ପ୍ରତିନିଧି ଜଳେଶ୍ୱରସ୍ଥିତ ଉଠା ଜଳସେଚନ ଡିଭିଜନ ସମେତ ଜଳେଶ୍ୱର ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଅନୁରୂପ ଭାବେ ଠିକାଦାର ଶ୍ରୀମତୀ ଦାସ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗପତ୍ରରେ ରାଜପୁର ଗ୍ରାମର ବାପପୁଅ ଏପରି କାଣ୍ଡ ଭିଆଇ ଥିବା ସେମାନେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

## ନାଳରୁ ଦୁର୍ଘଟଣାଗ୍ରସ୍ତ ଷଣ୍ଢ ଉଦ୍ଧାର

ଜଳେଶ୍ୱର, ୭।୧ (ସମିସ): ଦୁର୍ଘଟଣାଗ୍ରସ୍ତ ଆହତ ଷଣ୍ଢର ଜୀବନ ବଂଚାଇଲେ ଜଳେଶ୍ୱରର ଅଗ୍ରଣୀ ସାମାଜିକ ସେବା ସଂଘ ନରସୀମା କ୍ଲବର ସଦସ୍ୟମାନେ। ଗତ କାଲି ନରସୀମା କ୍ଲବର ମୁଖ୍ୟ ଉପଦେଷ୍ଟା ରାଜେଶ କୁମାର ଖଟୁଆ ତାଙ୍କର ସଦସ୍ୟମାନଙ୍କୁ ନେଇ ଜଳେଶ୍ୱର ପୌରାଞ୍ଚଳର ଫଟୁଘଣ୍ଟା ରାସ୍ତାର ଏକ ନାଳ ମଧ୍ୟରେ ପଡିଯାଇଥିବା ଷଣ୍ଢକୁ ଉଦ୍ଧାର କରିଥିଲେ। ଷଣ୍ଢଟି ଗତ ରାତ୍ରୀରେ ଉକ୍ତ ନାଳ ମଧ୍ୟରେ ପଡି ଗୁରୁତର ଆହତ ହେବା ସହିତ ଥଣ୍ଡାରେ ଗୁରୁତର ହୋଇ ପଡିରହିଥିଲା। କ୍ଲବର ସଦସ୍ୟମାନଙ୍କର ଅକ୍ଳାନ୍ତ ପରିଶ୍ରମ ଫଳରେ ଷଣ୍ଢଟିକୁ ଉଦ୍ଧାର କରାଯାଇଥିଲା। ଏ ବିଷୟରେ ଜଳେଶ୍ୱର ପଶୁ ଚିକିତ୍ସାଳୟକୁ ଖବର ଦେବା ପରେ ଚିକିତ୍ସାଳୟ ତରଫରୁ ଷଣ୍ଢର ଚିକିତ୍ସା କରି ତାର ରହିବାର ବ୍ୟବସ୍ଥା କରାଯାଇଥିବା ରାଜେଶ କୁମାର ଖଟୁଆ ଜଣାଇଛନ୍ତି। ଏହି କାର୍ଯ୍ୟରେ ନରସୀମା କ୍ଲବର ସଭାପତି ରନିତ ଦାସ, ସମ୍ପାଦକ କ୍ଷିତିଶ ବ୍ରହ୍ମ, ଆଲୋକ ଡଗର, ସତ୍ୟନାରାୟଣ ଦାସ, ଚନ୍ଦନ ସେନାପତି, ରାଜେଶ ଜେନା, ଆଦିତ୍ୟ କର୍ମକାର ଜୟକିସନ ପ୍ରମୁଖ ସହ ଯୋଗ କରିଥିଲେ।

## ହୃଦ୍‌ଘାତରେ ତୀର୍ଥଯାତ୍ରୀଙ୍କ ମୃତ୍ୟୁ

ସୋର, ୭।୧(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ହନୁମାନ ମନ୍ଦିର ନିକଟରେ ତୀର୍ଥ ଯାତ୍ରାରେ ଆସିଥିବା ଜଣେ ମହିଳାଙ୍କର ହୃଦଘାତରେ ମୃତ୍ୟୁ ହୋଇଯାଇଛି। ସୂଚନା ଅନୁସାରେ ରାଜସ୍ଥାନ ଅଲୱାର ଜିଲ୍ଲା ମାଧପୁର ନାଙ୍ଗଲା ଗ୍ରାମର ଦୁଲାଚନ ଶର୍ମା ଏବଂ ତାଙ୍କ ପତ୍ନୀ ଅମର୍ତ୍ତୀ ଦେବୀ (୭୫) ଏକ ବସ୍‌ରେ ଅନ୍ୟ ସମ୍ପର୍କୀୟଙ୍କ ସହିତ ୧୮ ଦିନ ପାଇଁ ତୀର୍ଥ ଯାତ୍ରାରେ ଆସିଥିଲେ। ସେମାନେ ରାଜସ୍ଥାନରୁ ବାହାରି ପୁରୀ ଆସିଥିଲେ। ସେଠାରୁ ବିହାର ଯାଉଥିବା ବେଳେ ଗତକାଲି ରାତିରେ ଦହିସଡା ହନୁମାନ ମନ୍ଦିର ନିକଟରେ ଖାଇବା ପାଇଁ ରହିଥିଲେ। ସେଠାରେ ରୋଷେଇ ଚାଲିଥିବା ବେଳେ ଅମର୍ତ୍ତୀ ଦେବୀ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଫଳରେ ଦୁଲାଚନଙ୍କ ସମେତ ଅନ୍ୟ ତୀର୍ଥ ଯାତ୍ରୀ ମାନେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ଦେହାନ୍ତ



ଭୋଗରାଇ, ୭।୧ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ସୋହରିଆ ପଞ୍ଚାୟତ ସେହି ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଶ୍ରୀକଣ୍ଠ ତ୍ରିପାଠୀ(୯୦) ବର୍ଷ ବୟସରେ ବାର୍ଦ୍ଧକ୍ୟ ଜନିତ କାରଣରୁ ଦେହାନ୍ତ ହୋଇ ଯାଇଛି। ତାଙ୍କର ସଂଗ୍ରାମୀ ଜୀବନ ଭୋଗରାଇ ଇତିହାସରେ ଏକ ମାଇଲଖୁଣ୍ଟ ଭାବେ ବହୁ ବୁଦ୍ଧିଜୀବୀ ପ୍ରକାଶ କରିଥିଲେ। ସେ ଭାରତ ବର୍ଷକୁ ସ୍ୱାଧୀନ କରିବା ପାଇଁ ବହୁବାର କାରାବରଣ କରିଛନ୍ତି। ବୁଧବାର ସକାଳେ ତାଙ୍କ ବାସଭବନରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋହରିଆ ସରପଞ୍ଚ ଜଗନ୍ନାଥ ଗିରି, ତହସିଲଦାର ସୂର୍ଯ୍ୟ କୁମାର ନାୟକ, ବିଡ଼ିଓ ପ୍ରଶାନ୍ତ ମହାରଣା, ଭୋଗରାଇ ଥାନାଧିକାରୀ ରୋହିତ ବଳ, ପିଇଓ କଟିଆ ମାରାଣ୍ଡି, ପୂର୍ବତନ ସମିତି ସଦସ୍ୟ ଈଶାନ ଚନ୍ଦ୍ର ଗିରିଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଭୋଗରାଇର ଶେଷ ସ୍ୱାଧୀନତା ସଂଗ୍ରାମୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ପାର୍ଥିବ ଶରୀରକୁ ପୁଷମାଲ୍ୟ ଦେଇ ଶତାଧିକ ଲୋକେ ଗ୍ରାମ ପରିକ୍ରମା କରିବା ସହିତ ତାଙ୍କ ନିଜସ୍ୱ ବାଡ଼ିରେ ମୁଖାଗ୍ନି ଦେଇଥିଲେ ପୁଅ ସତ୍ୟବ୍ରତ ତ୍ରିପାଠୀ।

## ତାରାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୋଗରାଇ, ୭।୧ (ସମିସ): ଭୋଗରାଇ ବ୍ଲକ ନିମାତପୁର ପଞ୍ଚାୟତ ଅଧିନସ୍ତ କୁଚିଲାଡାଙ୍ଗ ଗ୍ରାମରେ ଥିବା ତାରାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଅମୃତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ କହିଥିଲେ ବିଦ୍ୟାଳୟ ଏକ କଚ୍ଚା ମାଟିର ପିଣ୍ଡୁଳାକୁ ମୂର୍ତ୍ତି ଗୋଡିବାରେ ସହଯୋଗ କରିଥାଏ।ମୁଖ୍ୟ ବକ୍ତା ଭାବେ ସମାଜସେବୀ ଅଂଶୁମାନ ମହାନ୍ତି, କହିଥିଲେ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା। ସମ୍ମାନିତ ଅତିଥି ୩୪ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ମହାନ୍ତି, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳାଇ, ସମିତି ସଭ୍ୟ ଭଗବାନ ଚନ୍ଦ୍ର ରଣା, ପସରବିନ୍ଧା ସରପଞ୍ଚ ସୁମନ୍ତ ବେହେରା, ହରିଶ୍ଚନ୍ଦ୍ର ପରିଡ଼ା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉତ୍ସବ କୁମାର କର, ପସରବିନ୍ଧା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅନୁପମ ସାହୁ, ୱାର୍ଡ ସଭ୍ୟ ସୁଶିଲ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚ ଆହ୍ୱାନ କରିଥିଲେ ବିଦ୍ୟାଳୟର ଶିକ୍ଷୟତ୍ରୀ ସବିତା ମଣ୍ଡଳ, ବେଦ ପାଠ କରିଥିଲେ ଶିକ୍ଷକ ତପନ କୁମାର ଉପାଧ୍ୟାୟ, ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ପର୍ଶୁରାମ ଦାସ, ବିବରଣୀ ପାଠ କରିଥିଲେ ଶିକ୍ଷକ ଧନଞ୍ଜୟ ପରିଡ଼ା, ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ଶକ୍ତିଧଳ ସାହୁ।

## ଆର୍.କେ.ଜେନା ଫାଉଣ୍ଡେସନ ପକ୍ଷରୁ ଖବରକାଗଜ ବିତରକ ଏବଂ ରେଲଷ୍ଟେସନରେ କାର୍ଯ୍ୟରତ ଯାତ୍ରୀ ସହାୟକଙ୍କୁ ଶୀତବସ୍ତ୍ର ବଣ୍ଟନ




ବାଲେଶ୍ୱର,୭।୧(ସମିସ): ବାଲେଶ୍ୱର ଜିଲ୍ଲାରେ ଚଳିତ ବର୍ଷର ହାଡ଼ଭଙ୍ଗା ଶୀତ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଜନସାଧାରଣଙ୍କ ସେବାରେ ନିଜର ଗୁଜୁରାଣ ମେଣ୍ଟାଉଥିବା ବାଲେଶ୍ୱର ସହରର ଖବରକାଗଜ ବିତରକ ଭାଇମାନେ ଏବଂ ରେଲୱେ ଷ୍ଟେସନରେ କାର୍ଯ୍ୟରତ ଯାତ୍ରୀ ସହାୟକ ମାନେ ନିଜର ଦୈନନ୍ଦିନ ଜୀବନଚର୍ଯ୍ୟାରେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ ସେମାନଙ୍କୁ ଉଷ୍ମତାର ସ୍ପର୍ଶ ଦେବାକୁ ଚେଷ୍ଟା କରିଛି ବାଲେଶ୍ୱରର ଆର୍.କେ. ଜେନା ଫାଉଣ୍ଡେସନ। ବୁଧବାର ସନ୍ଧ୍ୟାରେ ସହରର ଖବରକାଗଜ ବିତରକ ଏବଂ ରେଲୱେ ଷ୍ଟେସନର କାର୍ଯ୍ୟରତ ଯାତ୍ରୀ ସହାୟକ ମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ ଆର୍.କେ. ଜେନା ଫାଉଣ୍ଡେସନର ମୁଖ୍ୟ ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏବଂ ତାଙ୍କ ଧର୍ମପତ୍ନୀ ତଥା ବସ୍ତାର ବିଧାୟିକା ସୁବାସିନୀ ଜେନା। ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁ, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଆଲୋକ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ ସେଠୀ, ବରିଷ୍ଠ ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ଅଜୟ ସାମଲ, ଘନଶ୍ୟାମ ଗିରି, ରବି ନାରାୟଣ ପାଣିଗ୍ରାହୀ , ବାଲେଶ୍ୱର ପୌରପାଳିକାର କାଉନସିଲର ସଞ୍ଜୀବ ଦାସ, ଦେବାଶିଷ ସିଂ, ପ୍ରୀତିଲତା ସେଠୀ, ସେହିପରି ଯୁବନେତା ଭାଗବତ ସାହୁ, ଶାନ୍ତନୁ ଦାସ, ଶୁଭେନ୍ଦୁ ମଙ୍ଗରାଜ, ସିମନ ଦାସ ମହାପାତ୍ର, ତାପସ ପାଣିଗ୍ରାହୀ, ଅସିତ୍ ଦାସ, ଅନିରୁଦ୍ଧ ପ୍ରଧାନ, ଶକ୍ତିପଦ ରାୟ, ଇନ୍ତେଖାବ ଅଲ୍ଲୀ ଖାଁ, ରୋଜି ପଟ୍ଟନାୟକ, ମିନତୀ ସେଠୀ, ଆଶ୍ରିତା ତରେଇ,ସୋନାଲି ସାହା, ହରପ୍ରିୟା ରଣା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




## ଜଳିଗଲା ପୂଜା ସାମଗ୍ରୀ ଦୋକାନ

ସୋର, ୭।୧(ସମିସ): ସୋର ପୌର ପାଳିକା ଅନ୍ତର୍ଗତ କଲେଜ ଛକରେ ଥିବା ଏକ ପୂଜା ସାମଗ୍ରୀ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ସରଶଙ୍ଖ ଗ୍ରାମର କିଶୋର ଓଝା କଲେଜ ଛକରେ ଏକ ପୂଜା ସାମଗ୍ରୀ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। କିନ୍ତୁ ଆଜି ମଧ୍ୟାହ୍ନରେ ନିକଟସ୍ଥ ଅଳିଆ ଗଦାରୁ ଦୋକାନରେ ନିଆଁ ଲାଗିଯାଇଥିଲା। ଫଳରେ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଏକ ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଦୋକାନ ସମ୍ପୂର୍ଣ୍ଣ ପୋଡିଯିବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିଲା।

## ଜରୁରୀକାଳୀନ ପଞ୍ଚାୟତ ସମିତି ବୈଠକ

ଜଳେଶ୍ୱର ବ୍ଲକ, ୭।୧ (ସମିସ)

ଜଳେଶ୍ୱର ବ୍ଲକର ୩୫ଟି ପଞ୍ଚାୟତରେ ବିକଶିତ ଗାଁ, ବିକଶିତ ଓଡ଼ିଶାର ପ୍ରକଳ୍ପ ପ୍ରଦାନ ସମ୍ବନ୍ଧରେ ଜରୁରୀ କାଳୀନ ପଞ୍ଚାୟତ ସମିତି ବୈଠକ ମାନସ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଂଚିତା ସେନାପତି, ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ,ଏବିଡ଼ିଓ ସୁଧୀର କୁମାର ସାହୁ,କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ,ଜିଡିପିଓ ସବ୍ୟସାଚୀ ଦାସ,ସିପି ସୁଜିତ କୁମାର ଜେନା ଉପସ୍ଥିତ ହୋଇ ୨୦୨୪/୨୫ ଆର୍ଥିକ ବର୍ଷରେ ମୋଟ ୫ କୋଟି ଟଙ୍କାର ମୋଟ ୧୧୪ଟି ପ୍ରକଳ୍ପର କାର୍ଯ୍ୟକାରୀ ପାଇଁ କାର୍ଯ୍ୟାଦେଶ ଦିଆଯାଇ ଥିଲା।ତେବେ ୧୧୪ ପ୍ରକଳ୍ପରୁ ୫୫ ଟି କାର୍ଯ୍ୟ ସରିଛି ୫୮ ଟି ପ୍ରକଳ୍ପ କାର୍ଯ୍ୟ ଚାଲୁଅଛି ବାକି ଗୋଟିଏ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ। ୨୦୨୫/୨୬ ଆର୍ଥିକ ବର୍ଷରେ ମୋଟ ୯ କୋଟି ୯୦ ଲକ୍ଷ ଟଙ୍କା ରାଜ୍ୟ ସରକାର ଜଳେଶ୍ୱର ବ୍ଲକ ପାଇଁ ପ୍ରଦାନ କରିଛନ୍ତି। ଏହି ୯ କୋଟି ୯୦ ଲକ୍ଷ ଟଙ୍କାର ପ୍ରକଳ୍ପ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ହେବା କଥା ବୋଲି ସରପଞ୍ଚ ସଦସ୍ୟ ମାନେ ଜିଦ ଧରି ବସିଥିଲେ। ବ୍ଲକ ଅଧ୍ୟକ୍ଷ ଗତ ବର୍ଷର ୬୦/୪୦ ଅନୁଯାଇ ଚଳିତ ବର୍ଷର ପ୍ରକଳ୍ପ ଦେବା ପାଇଁ ପ୍ରସ୍ତାବ ରଖିଥିଲେ। କିନ୍ତୁ ଅଧିକରୁ ଅଧିକ ସରପଞ୍ଚ ସଦସ୍ୟ ମାନେ ଅଧ୍ୟକ୍ଷଙ୍କ ପ୍ରସ୍ତାବକୁ ଖଣ୍ଡନ କରି ଗୃହ ତ୍ୟାଗ କରିଥିଲେ। ପଞ୍ଚାୟତକୁ ମିଳିଥିବା ମୋଟ ପାଣ୍ଠିର ୩୫ ପ୍ରତିଶତ କେବଳ ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ ହେବ।ଏହାଠାରୁ ଅଧିକ ଟଙ୍କା ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ କରିହେବନାହିଁ। ପଞ୍ଚାୟତରେ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୁଆ ତୁଠ, ପୋଖରୀ ଓ ନଦୀ କୂଳରେ ଚେଞ୍ଜିଙ୍ଗ ରୁମ, ମାର୍କେଟ ସେଡ ତିଆରି ପାଇଁ ସରକାରଙ୍କ ପକ୍ଷରୁ ଟଙ୍କା ମିଳିବ। ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ ତିଆରି ହେବ। ସବୁ ଧର୍ମର ଉପାସନାସ୍ଥଳୀ ବା ଧାର୍ମିକ ପୀଠର ବିକାଶ ପାଇଁ ପାଣ୍ଠି ଖର୍ଚ୍ଚ ହେବ। ଧାର୍ମିକ ସ୍ଥଳ ପାଖରେ ଶୌଚାଳୟ ଓ ପିଇବା ପାଣି ସୁବିଧା କରାଯିବ।ପଞ୍ଚାୟତରେ ଥିବା ଛୋଟ ଛୋଟ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବ୍ୟବସ୍ଥା ହେବ। ଶିକ୍ଷା ଭିତ୍ତିଭୂମି ପାଇଁ ମଧ୍ୟ ଏହି ଯୋଜନାରୁ ପାଣ୍ଠି ମିଳିବ। ବିଦ୍ୟାଳୟର ଆଧୁନିକୀକରଣ, ପ୍ରତି ଗାଁରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯିବା ନେଇ ଆଲୋଚନା ହୋଇଥିଲା। ଏ ନେଇ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ କହିଥିଲେ କି ସରକାରଙ୍କ ଚିଠି ଅନୁଯାୟୀ କାର୍ଯ୍ୟ ହେବ।

## ଗ୍ରାମବାସୀ ପୋଖରୀରୁ ଦଳ ସଫେଇ

କାଳିପଦା, ୭।୧ (ସମିସ): ବାଲିଆପାଳ ବ୍ଲକ ସାଉଡି ଗ୍ରାମ ପଞ୍ଚାୟତ ଗୁମୁଣ୍ଡିଆ ଗ୍ରାମର ଲୋକମାନେ ବୁଧବାର ଏକ ବଡ଼ ପୋଖରୀର ଦଳକୁ ସଫା କରିଛନ୍ତି। ଏଥିରେ ଗୁଞ୍ଜାର ଏକ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗ କରିଛନ୍ତି। ଗ୍ରାମର ୫ ଶହରୁ ଅଧିକ ଲୋକ ଏହି ପୋଖରୀରେ କାରବାର କରନ୍ତି। ଗ୍ରାମବାସୀଙ୍କ ଗାଈ ଗୋରୁ ଖରାଦିନେ ପାଣି ପିଅନ୍ତି। ତାହାଛଡା ଗ୍ରାମର ଅଧିକାଂଶ ଲୋକ ନିତ୍ୟ ବ୍ୟବହାର ପାଇଁ ଏହି ପୋଖରୀ ପାଣି ଉପରେ ନିର୍ଭର କରନ୍ତି। ପୋଖରୀରୁ ଦଳ ସଫା କରିବା ପାଇଁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ, ବିଡ଼ିଓ, ଜନ ସ୍ୱାସ୍ଥ୍ୟ ବିଭାଗକୁ ବରଂବାର ଜଣାଇ ଥିଲେ ମଧ୍ୟ ଅଦ୍ୟାବଧି କୌଣସି ପ୍ରତିକାର ହୋଇ ନ ଥିଲା। ପ୍ରାୟେ ୪୦ ଜଣ ଗ୍ରାମବାସୀ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗ ରେ ଏହି କାର୍ଯ୍ୟ ସମ୍ପାଦନ କରିଛନ୍ତି।




## ମୌଳିକ ସୁବିଧାରୁ ବଞ୍ଚିତ ଜନସାଧାରଣ

ଜଳେଶ୍ୱର ବ୍ଲକ, ୭।୧ (ସମିସ): ଜଳେଶ୍ୱର ପଞ୍ଚାୟତ ସମିତି ଅଧିନରେ ୩୫ ଗୋଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ ଏଠାକୁ ପ୍ରତ୍ୟେକ ଦିନ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ନିର୍ବାଚନ ଗ୍ରାମ ପଞ୍ଚାୟତର ପ୍ରତିନିଧି ସାଙ୍ଗକୁ ମିଶନଶକ୍ତିର ମହିଳା ମାନେ ନିଜ ନିଜର କାର୍ଯ୍ୟକୁ ନେଇ ବ୍ଲକ କାର୍ଯ୍ୟାଳୟ ଆସିଥାନ୍ତି। କିନ୍ତୁ ଦୁଃଖ ପରିତାପର ବିଷୟ ସରକାରଙ୍କ ପକ୍ଷରୁ କାର୍ଯ୍ୟାଳୟର ରକ୍ଷଣାବେକ୍ଷଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ ପରିସରରେ ସଧାରଣ ଲୋକଙ୍କ ପାଇଁ ନାହିଁ ଏକ ମୌଳିକ ସୁବିଧା। ନାଅଛି ସାଧାରଣ ଲୋକଙ୍କ ବିଶ୍ରାମଗାର କିମ୍ବା ସେମାନଙ୍କ ପାଇଁ ନାହିଁ ଏକ ପରିସ୍ରାଗାର ଯାହା ଫଳରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସବୁଠାରୁ ବଡ଼ କଥା ମହିଳା ମାନଙ୍କ କ୍ଷେତରେ ଅଧିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ୪୫୦୦ ଲିଟର ପୋଚ ଓ ମଦ ଜବତ, ଜଣେ ଗିରଫ

ସୋର,୭।୧(ସମିସ): ଆକ୍ସନ ମୁଡ଼ରେ ଅବକାରୀ ବିଭାଗ। ପୁଣି ଆଜି ମଧ୍ୟାହ୍ନରେ ସୋର ଅବକାରୀ ଅଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଓ ନିଳଗିରି ଅବକାରୀ ଅଧିକାରୀ କେଶବ ଚନ୍ଦ୍ର ଦାସଙ୍କ ମିଳିତ ନେତୃତ୍ୱରେ ଏକ ଟିମ ସୋର ବ୍ଲକ ସିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଓ ନୁଆଗାଁ ସମେତ ବାଉଁଶପାଳ ଜଙ୍ଗଲ ଜମିରେ ଗଢିଉଠିଥିବା ବେଆଇନ ମଦରନ୍ଧା କାରଖାନା ଉପରେ ଚଢ଼ଉ କରିଥିଲେ। ଚଢ଼ଉ ହେଉଥିବା ଜାଣିପାରି ବାଉଁଶପାଳ ଗ୍ରାମର ଲକ୍ଷ୍ମଣ ସାହୁ ଫେରାର ହୋଇଯାଇଥିବା ବେଳେ ସେଠାରୁ ୨୪ଶହ ଲିଟର ଗୁଡ଼ପୋଚ ଓ ୧୮୦ ଲିଟର ମଦ ଜବତ କରାଯାଇଥିଲା। ସେହିପରି ସରଳିଆ ଗ୍ରାମର ରଘୁନାଥ ଖିଲାର (୫୫) ନିକଟରୁ ୫୫ ଲିଟର ମଦ ଜବତ କରାଯିବା ସହିତ ତାଙ୍କୁ ଗିରଫ କରାଯାଇଥିବା ବେଳେ ଜଙ୍ଗଲଜମିରୁ ୨୧ଶହ ଲିଟର ପୋଚ ଓ ୧୬୦ଲିଟର ମଦ ଜବତ କରାଯାଇଥିଲା। ଚଢ଼ାଉ ହେଉଥିବା ଜାଣିପାରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏହି ଚଢ଼ଉରେ ସୋର, ଗୋପାଳପୁର ଓ ନୀଳଗିରି ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ସାମିଲ ହୋଇଥିଲେ।






## ଆଜିଠୁ ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ

ବାଲେଶ୍ୱର, ୭।୧(ସମିସ): ୨୭ତମ "ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ' ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଜି ଠାରୁ ୧୨ତାରିଖ ପର୍ଯ୍ୟନ୍ତ ବେଳାଭୂମାରେ ମେଳା ଆୟୋଜନ ସହ ୫ଟରେ ଚାଲିବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ଏଥିରେ ସ୍ଥାନୀୟ କଳାକାରଙ୍କ ପାଇଁ ଘଂଟାଏରୁ ଅଧିକ ସମୟ ରହିବ। ନେପାଳୀ ଲୋକନୃତ୍ୟ, ପୁରା ଜିଲ୍ଲାର ଗୋଟିପୁଅ ନୃତ୍ୟ ସହ କୋଲକାତାର ପ୍ରସିଦ୍ଧ ଅର୍କେଷ୍ଟ୍ରା ସମସ୍ତଙ୍କୁ ଆକର୍ଷିତ କରିବ। ଏହି ଅବସରରେ କମିଟିର ସ୍ମରଣିକା "ସୁବର୍ଣ୍ଣିକା'ଉନ୍ମୋଚିତ ହେବ ବୋଲି କମିଟିର କର୍ମକର୍ତ୍ତା ସୂଚନା ଦେଇଛନ୍ତି। କମିଟିର ସଭାପତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଉପସଭାପତି ବାଲେଶ୍ୱର ପ୍ରେସ କ୍ଲବ ସଭାପତି ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ଡ. ଲକ୍ଷ୍ମୀ ନାରାୟଣ ମହାନ୍ତି ସାଧାରଣ ସମ୍ପାଦକ ହରେକୃଷ୍ଣ ଦାଶଙ୍କ ସମେତ ଭାବଗ୍ରାହୀ ମହାନ୍ତି, ଭାଗବତ ସାହୁ, ସମରେନ୍ଦ୍ର ଦାଶ, କିଶୋର ଦାସ, ଡ. ଶ୍ରୀମାନ୍ ଶ୍ରୀଚନ୍ଦନ, ମାଧବାନନ୍ଦ ମିଶ୍ର, ଗଙ୍ଗାଧର ରାଉତ୍, ଅମୃତାଂଶୁ ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ମହାନ୍ତି, ନିର୍ମାଲ୍ୟ ମହାନ୍ତି, ପୁଣ୍ୟବ୍ରତ ମହାନ୍ତି, ରାଜେନ୍ଦ୍ର ପଟ୍ଟନାୟକ, ଆରତୀ ଦାସ, ସନ୍ଧ୍ୟାରାଣୀ ଭୂୟାଁ ପ୍ରମୁଖ କର୍ମକର୍ତ୍ତା ଚାନ୍ଦିପୁରରେ ମହୋତ୍ସବର ପ୍ରସ୍ତୁତିରେ ଲାଗିଛନ୍ତି।

## ବାଲ୍ୟ ବିବାହମୁକ୍ତ ଭାରତ ଶପଥ ଗ୍ରହଣ ଉତ୍ସବ



ବାଲେଶ୍ୱର, ୭।୧(ସମିସ): ଜିଲ୍ଲାପାଳ ଅଭିଯୋଗ ପ୍ରକୋଷ୍ଠରେ ବାଲ୍ୟ ବିବାହ ମୁକ୍ତ ଭାରତ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହା ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଛି। ଏଠାରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ ସହିତ ଡ. ସୂର୍ଯ୍ୟ ପ୍ରକାଶ ରାଉତରାୟ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଅଧିକାରୀ ପ୍ରତିଭା ବେହେରା, ଡିସିପିଓ ଖୁସିରାମ ଗିରି,ଦେବାଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ବାଲ୍ୟବିବାହ ପ୍ରଥା ବନ୍ଦ ବାର୍ତ୍ତାକୁ ସମସ୍ତେ ତୃଣମୂଳ ସ୍ତରରେ ପହଞ୍ଚାଇବା ସହିତ ଏହା ଆମ ସମାଜରୁ କେମିତି ମୂଳୋତ୍ପାଟନ ହୋଇପାରିବ ତା'ଉପରେ ଆଲୋକପାତ କରିଥିଲେ। ଏଥିରେ ସୁପରଭାଇଜର, ପ୍ରକଳ୍ପ ମାନେ, ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଫୁଟବଲ ପ୍ରତିଯୋଗିତା ନିମନ୍ତେ ପଞ୍ଜୀକରଣ ନିବେଦନ

ବାଲେଶ୍ୱର,୭।୧(ସମିସ): ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ, ରାଜ୍ୟ ଫୁଟବଲ ସଂଘ ଏବଂ ଜିଲ୍ଲା କ୍ରୀଡା ସଂଘ ଆନୁକୁଲ୍ୟରେ ୨ୟ ସଂସ୍କରଣ ୧୪ ବର୍ଷରୁ କମ୍ ବାଳକ ବିଭାଗ ଫୁଟବଲ ଏବଂ ପ୍ରଥମ ସଂସ୍କରଣ ୧୪ ବର୍ଷରୁ କମ୍ ବାଳିକା ବିଭାଗ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ କେବଳ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଫୁଟବଲ ଦଳ ଅଂଶଗ୍ରହଣ କରିପାରିବେ। ଖେଳାଳୀଙ୍କ ବୟସ ୦୧-୦୧-୨୦୧୨ ରୁ ୩୧-୧୨-୨୦୧୪ ମଧ୍ୟରେ ହୋଇଥିବା ଆବଶ୍ୟକ। ଆଗ୍ରହ କ୍ଲବ ଓ ଅନୁଷ୍ଠାନର ଫୁଟବଲ ଦଳମାନେ ରେଜିଷ୍ଟ୍ରେସନ କରିବା ପାଇଁ ବାଲେଶ୍?ର ଜିଲ୍ଲା କ୍ରୀଡାସଂଘ କାର୍ଯ୍ୟାଳୟରେ ୧୨-୦୧-୨୦୨୬ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଜିଲ୍ଲା କ୍ରୀଡାସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଜଣାଇଛନ୍ତି। କ୍ରୀଡା ସମ୍ପର୍କରେ ସମସ୍ତ ବିବରଣୀ ପାଇଁ ଯୁଗ୍ମ ସମ୍ପାଦକ (ଫୁଟବଲ) ନିମାଇଁ ଚରଣ ରାଉତରାୟ (୯୩୩୭୧୫୩୩୯୬), ସହ ସାଧାରଣସମ୍ପାଦକପଦ୍ମଲୋଚନଲେଙ୍କା (୯୩୩୭୮୯୯୭୪୯), ପ୍ରଦିପ କୁମାର ଦାସ (୯୩୩୭୬୦୮୨୬୪) ଙ୍କ ସହିତ ଯୋଗାଯୋଗ କରିବାକୁ ଜିଲ୍ଲା କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ଶ୍ରୀ ମହାପାତ୍ର ଜଣାଇଛନ୍ତି।

## ଏକକ ବ୍ୟବହାର ପ୍ଲାଷ୍ଟିକ୍ ଜବତ, ଜରିମାନା ଆଦାୟ

ବାଲେଶ୍ୱର,୭।୧(ସମିସ): ସହରର ମୋତିଗଞ୍ଜ ବଜାରରେ ଆଜି ଥର୍ମୋକଲ୍ ଏବଂ ଥରେ ବ୍ୟବହାର ପ୍ଲାଷ୍ଟିକ୍ ଜବତ କରାଯାଇଛି। ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଉପ-ଆଇନ, ୨୦୨୨ ଅନୁଯାୟୀ, ଆଜି ବାଲେଶ୍ୱର



ପୌରପାଳିକା ଦ୍ୱାରା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବାଲେଶ୍ୱର ସହିତ ଏକ ମିଳିତ ପ୍ରବର୍ତ୍ତନ ଅଭିଯାନ କରାଯାଇଥିଲା। ଏହି ଚଢ଼ଉ ଅଭିଯାନରେ ଏକକ ବ୍ୟବହାର ପ୍ଲାଷ୍ଟିକ୍ ଏବଂ ଥର୍ମୋକଲ୍ ଉତ୍ପାଦ ବ୍ୟବହାର ପାଇଁ ବିଭିନ୍ନ ଦୋକାନୀଙ୍କଠୁ ୨୨ ହଜାର ଟଙ୍କା ଆଦାୟ କରାଯାଇଥିଲା, ଯାହା ଏକ ସ୍ୱଚ୍ଛ ଏବଂ ସ୍ଥାୟୀ ସହର ପ୍ରତିବଦ୍ଧତାକୁ ଦୃଢ଼ କରିଥିଲା। ବ୍ୟବସାୟୀମାନଙ୍କଠାରୁ ମଧ୍ୟ ସାମଗ୍ରୀ ଜବତ କରାଯାଇଥିଲା।

### ପୁଣି ପ୍ରଦୂଷଣ କଟକଣା ନିୟମ ଉଲ୍ଲଂଘନ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାଲିଛି ଗଛକଟା





ବାଲେଶ୍ୱର, ୭।୧(ସମିସ)

ପ୍ରଦୂଷଣ ରୋକିବା ପାଇଁ କଟକଣା ଲାଗିବା ପରଠୁ ଗୋଟିଏ ପରେ ଗୋଟିଏ ନିୟମ ଉଲ୍ଲଙ୍ଘନ ହେଉଛି। ତାହା ପୁଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ। ପ୍ରଥମ ଦିନରେ ନିୟମ ଉଲ୍ଲଙ୍ଘନ କରି ସକାଳ ସମୟରେ ଭଙ୍ଗାରୁଜା କାମ ଚାଲିଥିବା ବେଳେ ଆଜି ପୁଣି କାର୍ଯ୍ୟାଳୟ ପରିସରରେ ଚାଲିଥିଲା ବଡ ବଡ ପୁରୁଣା ଗଛ କଟା। ଯାହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ବାୟୁ ଗୁଣବତ୍ତା ଉନ୍ନତ କରିବାରେ ଗଛର ଭୂମିକା ଥିବାବେଳେ ଏପରି ସମୟରେ ପୁରୁଣା ଗଛ କାଟିବା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଯଦିଓ ଏହା ବନଖଣ୍ଡ ବିଭାଗ ପକ୍ଷରୁ ଅନୁମତି ନିଆଯାଇ କଟାଯାଉଥିଲା ତଥାପି ଏପରି ସମୟ ଅର୍ଥାତ୍ ଅଧିକ ପ୍ରଦୂଷଣକୁ ନେଇ ସାରା ଜିଲ୍ଲାରେ ଚିନ୍ତା ଉପୁଜୁଛି ସେହି ସମୟରେ ଏପରି ବଡ଼ ଓ ପୁରୁଣା ଗଛ କାଟି ଦିଆଯାଉଛି। ସେଠାରେ ଏକ ବଡ଼ ପାଣି ଟାଙ୍କି ନିର୍ମାଣ ହେବା ନେଇ ଏହି ଗଛ ସବୁ କରାଯାଉଥିବା ନେଇ ସୂଚନା ମିଳିଛି। ବାଲେଶ୍ୱର ଦେଶର ସର୍ବାଧିକ ପ୍ରଦୂଷଣ ସହର ବୋଲି ଜାଣିବା ପରେ ଜିଲ୍ଲା ପ୍ରଶାସନ ଏଦିଗରେ ତତ୍ପରତା ଦେଖାଇବା ସହ କଟକଣା ମଧ୍ୟ ଜାରି କରିଛି। ମାତ୍ର କଟକଣା ମାନୁଛି କିଏ ଏବଂ ଭାଙ୍ଗୁଛି କିଏ ତାହା ଏବେ ପ୍ରଶ୍ନବାଚୀ। ବାଲେଶ୍ୱରରେ ପ୍ରଦୂଷଣ ମାତ୍ରା ଅଧିକ ଥିବା ଯୋଗୁଁ ଏହାକୁ ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୭ ଦିନ ଯାଏଁ କଟକଣା ଲଗାଯାଇଛି। ବିଭିନ୍ନ ନିର୍ମାଣ କାମ ଠାରୁ ଆରମ୍ଭ କରି ରାସ୍ତାରେ ଧୂଳି ନ ଉଡ଼ିବା ପାଇଁ ପାଣି ସିଞ୍ଚନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନେକ କଟକଣା ଭିତରେ ବି ଆଜି ଏମିତି କିଛି ବ୍ୟତିକ୍ରମ ଦେଖିବାକୁ ମିଳିଥିଲା ଯାହା ପ୍ରଶାସନିକ ସ୍ତରରେ ଏକ ପ୍ରକାର ଅବହେଳା ବୋଲି କୁହାଯାଉଛି। ଓଭର ହେଡ ଟାଙ୍କି ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଗଛ ଗୁଡିକ ମଧ୍ୟରୁ ପ୍ରାୟ ପାଞ୍ଚଟି ଗଛ କାଟି ଦିଆଯାଇଛି। ଗଛ ଅଭାବରୁ ପ୍ରଦୂଷଣ ବୃଦ୍ଧି ଏକ କାରଣ ହୋଇଥିବା ବେଳେ ଖୋଦ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଗଛ କାଟିବା ଘଟଣାକୁ ସମସ୍ତେ ନିନ୍ଦା କରିଛନ୍ତି। ଏ ବାବଦରେ ଜିଲ୍ଲାପାଳ ଜାଣିବା ପରେ ଏହାକୁ ବନ୍ଦ କରିଛନ୍ତି। ମାତ୍ର କଟକଣା ସତ୍ତ୍ୱେ କେଉଁ ଆଧାରାରରେ ଠିକାଦାର ଗଛ କାଟିବାକୁ ନିଷ୍ପତ୍ତି ନେଇଥିଲେ ତାହାକୁ ନେଇ ପ୍ରଶ୍ନ ଉଠିଛି।

ଏ ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି, କଟକଣା ଉପରେ ନଜର ରଖିବା ପାଇଁ ତହସିଲଦାର ଓ ଉପଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ଯେଉଁଠି କଟକଣା ବା ନିୟମ ଉଲ୍ଲଙ୍ଘନ ହେଉଛି ସେନେଇ ବିଭାଗୀୟ କର୍ତ୍ତୃପକ୍ଷ ଉତ୍ତରଦାୟୀ ରହିବେ। ତେବେ ପିଏଚ୍ ଡିଭିଜନ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ପାଇଁ ବନଖଣ୍ଡ ବିଭାଗକୁ ଅନୁମତି ମାଗିଥିଲେ। ପାଖାପାଖି ୩୦ ଗଛ କଟାଯିବାର ଅନୁମତି ରହିଛି। ସେଥିରେ ପ୍ରାୟ ୨୬ଟି ୟୁକେଲ ପଟାସ୍ ଗଛ ସହିତ ବାକି କାଜୁରିନା ଏବଂ ରାଧାଚୂଡା ଗଛ ଥିଲା। ବନଖଣ୍ଡ ବିଭାଗରୁ ୧୭ ତାରିଖରେ ଅନୁମତି ପାଇଁ ଇସ୍ୟୁ କରାଯାଇଛି। ଅର୍ଥାତ୍ ଏକ୍ୟୁଆଇ ବଢିବାର ବହୁତ ପୂର୍ବରୁ ଯଦି ଏବେ ଗଛ କଟାକୁ ବନ୍ଦ କରାଯାଇଛି। ଯେପର୍ଯ୍ୟନ୍ତ ବାଲେଶ୍ୱରରେ ଏକ୍ୟୁଆଇ ଷ୍ଟେବଲ୍ ହୋଇନାହିଁ ସେପର୍ଯ୍ୟନ୍ତ ଏହି କାମ ବନ୍ଦ ରଖିବାକୁ ବିଭାଗକୁ କୁହାଯାଇଛି'।

ପ୍ରଦୂଷଣ କେମିତି ରୋକାଯାଇ ପାରିବ ସେନେଇ ଆମ ପାଖରେ କିଛି ବ୍ଲୁ ପ୍ରିଣ୍ଟ ନାହିଁ। ଯଦି ପ୍ରକୃତରେ ପ୍ରଦୂଷଣ ମାତ୍ରା ରୋକିବାର ଅଛି ତାହେଲେ ବିଧିବଦ୍ଧ ଭାବେ ଗଛ କାଟିବା ରୋକିବାକୁ ହେବ। ବହୁ ମାତ୍ରାରେ ଗଛ ଲଗାଇବା ଆବଶ୍ୟକ। ଏହାବ୍ୟତୀତ ରାସ୍ତା କଡ଼ରେ ଅଳିଆ ଆବର୍ଜନା ନିଆଁ ଲଗାକୁ ବନ୍ଦ କରିବା ଦରକାର। ଏବେ ତ ବର୍ଷସାରା ବାଣ ଫୁଟୁଛି। ଏସବୁ ଦିଗରେ ପ୍ରଶାସନ ଧ୍ୟାନ ଦେବା ଉଚିତ। ଆଜିକାଲି ବିକାଶ ନାମରେ ବଡ ବଡ ଗଛ କାଟି ଦେଉଛନ୍ତି। ଯାହା ଆଦୌ ଯୁକ୍ତିଯୁକ୍ତ ନୁହେଁ। ଗଛ କାଟିବାରୁ ନିବୃତ ରହିବା ଦରକାର ବୋଲି ସମାଜସେବୀ ରଘୁନାଥ ଲେଙ୍କା କହିଛନ୍ତି। ସେହିପରି ବରିଷ୍ଠ ଆଇନଜୀବୀ ମନୋଜ ନାୟକ କହିଛନ୍ତି, ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ। ଯେଉଁ ୯୦୦ ମିଟର ଅଞ୍ଚଳରେ ବିଭିନ୍ନ ବିଲଡିଂ ଜିଲ୍ଲା ପ୍ରଶାସନ ଭାଙ୍ଗିଲା ସେତେବେଳେ ନା ପାଣି ସିଞ୍ଚନ ହୋଇଥିଲା ନା ତମ୍ବୁ ଟଙ୍ଗା ଯାଇ ଭଙ୍ଗାଯାଇଥିଲା। ଧୂଳିରେ ଭର୍ତ୍ତି ହୋଇଥିଲା ପରିବେଶ। ଏବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗଛ କରାଯାଉଛି। ପୂର୍ବରୁ ମିଶନ ଶକ୍ତି ଘର ତିଆରି ଆଳରେ ଗଛ କରାଯାଇଛି। ଏବେ ପୁଣି ପାଣି ଟାଙ୍କି ନିର୍ମାଣ ଆଳରେ ବହୁ ପୁରୁଣା ଗଛ କରାଯାଉଛି। ପ୍ରଦୂଷଣ ବଢିଇବାରେ ଏମାନେ ମୁଖ୍ୟତଃ ଦାୟୀ'।

ସୂଚନାଯୋଗ୍ୟ, ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଏକ ଉଚ୍ଚ ସଂରକ୍ଷଣ ଜଳଭଣ୍ଡାର ନିର୍ମାଣ ପାଇଁ କଲେକ୍ଟୋରେଟ୍ କ୍ୟାମ୍ପସରୁ ବିଭିନ୍ନ ପ୍ରଜାତିର ୩୦ (ତିରିଶ) ଗଣନା କରାଯାଇଥିବା ଗଛ କାଟିବା ପାଇଁ ଅନୁମତି ଦିଆଯାଇଛି। ଚିଠି ନମ୍ବର ୫୨୫୩ ତାରିଖ ୧୯/୭/୨୦୨୬ ମାଧ୍ୟମରେ ମିଳିତ ଯାଞ୍ଚ ରିପୋର୍ଟ ପ୍ରଦାନ କରାଯାଇଛି। ଗଛ କଟାନଯାଇ କେମିତି ବିକାଶ ମୂଳକ କାମ ହେବ ସେନେଇ ଜିଲ୍ଲା ପ୍ରଶାସନ ଚିନ୍ତା କରିବା ଉଚିତ୍ ବୋଲି ମତପ୍ରକାଶ ପାଇଛି।

## ନିଷେଧାଦେଶ କଡ଼ାକଡ଼ି ପାଳନ ପାଇଁ ବୈଠକ

ବାଲେଶ୍ୱର,୭।୧(ସମିସ): ଜିଲ୍ଲାରେ ବଢୁଥିବା ବାୟୁ ଗୁଣମାନ ସୂଚକାଙ୍କ (ଏକ୍ୟୁଆଇ) ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ) ଧାରା୧୬୩ ଅନୁଯାୟୀ ସମ୍ପ୍ରତି ଜାରି ହୋଇଥିବା ନିଷେଧାଜ୍ଞା କଡାକଡି ପାଳନ ଓ କାର୍ଯ୍ୟାନ୍ୱୟନ ପାଇଁ ଆଜି ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍, ବାଲେଶ୍ୱରଙ୍କ ସଭାପତିତ୍ୱରେ ଭିଡିଓ କନଫରେନ୍ସରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଭିସିରେ ଆର୍ ଆଣ୍ଡ ବି, ଗ୍ରାମୀଣ ଉନ୍ନୟନ, ଆର୍ ଡବ୍ଲୁ ଏସ୍ ଏସ୍, ଡ୍ରେନେଜ୍, ପବ୍ଲିକ୍ ହେଲ୍ଥ ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ସମସ୍ତ ଲାଇନ୍ ବିଭାଗର ଅଧିକାରୀ, ତହସିଲଦାର, ବ୍ଲକ୍ ଉନ୍ନୟନ ଅଧିକାରୀ(ବିଡ଼ିଓ) ଏବଂ ପୌରପାଳିକା ଓ ଏନ୍ ଏ ସି ର କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ) ଅଂଶଗ୍ରହଣ କରିଥିଲେ। ବୈଠକରେ ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ବିଭାଗକୁ ଜାରି ନିର୍ଦ୍ଦେଶଗୁଡ଼ିକୁ ପୁନଃ ଦୃଢ଼ତାର ସହ ପାଳନ କରିବାକୁ କହିଥିଲେ ଏବଂ ନିଷେଧାଜ୍ଞାର କଡାକଡି କାର୍ଯ୍ୟାନ୍ୱୟନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଶୁଖିଲା ଓ ଧୂଳି ଭରା ଅଞ୍ଚଳରେ ନିୟମିତ ପାଣି ଛିଟା, ଖୋଲା ଜଳାଇବା ସ୍ଥଳରେ ଜରିମାନା ସହ କଡା କାର୍ଯ୍ୟାନୁଷ୍ଠାନ, ଏବଂ ବେଆଇନ ଇଟା ଭାଟି ଗୁଡ଼ିକରେ ଜରିମାନା ଓ କଡା ପଦକ୍ଷେପ ଗ୍ରହଣ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଜନସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସମସ୍ତ ବିଭାଗର ସମନ୍ୱୟମୂଳକ କାର୍ଯ୍ୟାନୁଷ୍ଠାନ ଓ ନିୟମିତ ନିରୀକ୍ଷଣ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ।

## ଏକ୍ସ ଡିଫେନ୍ସ ଏମ୍ପ୍ଲୋଇଜ ୱେଲଫେୟାର ଆସୋସିଏସନର ବୈଠକ




ବାଲେଶ୍ୱର,୭ ।୧(ସମିସ): ବାଲେଶ୍ୱରରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସଂଗଠନ ଏକ୍ସ ଡିଫେନ୍ସ ଏମ୍ପ୍ଲୋଇଜ ୱେଲଫେୟର ଆସୋସିଏସନର ସପ୍ତଦଶ ସାଧାରଣ ପରିଷଦ ବୈଠକ ଭୋଇସାହି ସ୍ଥିତ ଡିଫେନ୍ସ କଲୋନୀର ପିଏକ୍ସଇ କମ୍ୟୁନିଟି ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅସୋସିଏସନର ସଭାପତି କୈଳାଶ ଚନ୍ଦ୍ର ମଲ୍ଲିକ ପୌରହିତ୍ୟ କରିବା ସହ ବାର୍ଷିକ ବିବରଣୀ ଉପସ୍ଥାନ କରିବା ସହିତ ଆଗାମୀ ବର୍ଷ ପାଇଁ ସଂଗଠନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ ଭାବେ ପେନସନଭୋଗୀ ଅବସରପ୍ରାପ୍ତ କର୍ମଚାରୀମାନେ ସାମନା କରୁଥିବା ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ ଉପରେ ସେ ଆଲୋକପାତ କରିଥିଲେ। ଏ ବାବଦରେ ସରକାରଙ୍କ ନିକଟରେ ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରାଯାଇଥିବା ଶ୍ରୀ ମଲ୍ଲିକ କହିଥିଲେ। ସେବାନିବୃତ କର୍ମଚାରୀଙ୍କ କ୍ଷେତ୍ରରେ ଅଷ୍ଟମ କମିଶନ ଶୀଘ୍ର ଲାଗୁ କରିବା, କମ୍ୟୁଟେସନ ଅବଧି୧୫ବର୍ଷରୁ୧୦ବର୍ଷ ଅଥବା ଅତି କମରେ୧୨ବର୍ଷକୁ ହ୍ରାସ କରିବା ଏବଂ ସମସ୍ତ ସେବା ନିବୃତ କର୍ମଚାରୀଙ୍କୁ ପ୍ରତ୍ୟେକ ବର୍ଷ ମୂଳ ନେସନର ମାତ୍ର ଏକ ପ୍ରତିଶତ ବର୍ଦ୍ଧିତ କରିବା ସହିତ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ଅନ୍ତର୍ଗତ ବାଲେଶ୍ୱରରେ ଏକ ସିଜିଏଚଏସ ୱେଲନେସ ସେଂଟର ସ୍ଥାପନ କରିବା ନେଇ ଆସୋସିଏସନର ଦାବି ସମ୍ପର୍କରେ ଶ୍ରୀ ମଲ୍ଲିକ ଆଲୋଚନା କରିଥିଲେ। ସେବା ନିବୃତ ସେନା ଅଧିକାରୀ କର୍ଣ୍ଣେଲ ସରୋଜ କୁମାର ସାମନ୍ତରାୟ ଏଥିରେ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଥିଲେ। ବାଲେଶ୍ୱରର ଗୋପାଳ ଗାଁ ସ୍ଥିତ ଆଡ ଲାଇଫ ଫିଜିଓଥେରାପି ସେଂଟର ପ୍ରତିଷ୍ଠାତା ଡାକ୍ତର ଜ୍ୟୋତିର୍ମୟ ଚୌଧୁରୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ କର୍ମକ୍ଷେତ୍ରରୁ ଅବସର ନେବା ପରେ ଦେଖା ଦେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଓ ତାହାର ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ। ଆସୋସିଏସନର ବରିଷ୍ଠ ସଦସ୍ୟ ଭାଗବତ ପ୍ରସାଦ ମହାନ୍ତି, ପ୍ରଦୀପ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଜେନା, ଗୋଲକ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଦେହୁର୍ଦ୍ଧା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ଭୋଗରାଇ, ୭।୧(ସମିସ): ଭୋଗରାଇ ବ୍ଲକ ଥାନାଛକ ସ୍ଥିତ ଦେହୁର୍ଦ୍ଧା ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଉପସ୍ଥିତ ହୋଇ ଶ୍ରୀଫଳ ଭାଙ୍ଗି ମଣ୍ଡିକୁ ଉଦଘାଟନ କରିଥିଲା। ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ଜଳେଶ୍ୱର ନିୟନ୍ତ୍ରଣ ବଜାର କମିଟିର ସମ୍ପାଦକ ସୁଶାନ୍ତ କୁମାର ପାତ୍ର,ସମବାୟ ସମିତିର ସଭାପତି ଶ୍ରୀପତି ଭୂଷଣ ସେଠୀ,ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା,ଜଳେଶ୍ୱରପୁର ସରପଞ୍ଚ ବିରୁପାକ୍ଷ ଜେନା,ଦେହୁର୍ଦ୍ଧା ସରପଞ୍ଚ ସରସ୍ୱତୀ କରଣ, ନଳିନୀ ସେଠୀ,ସୁବଳ ଜେନା,ବାଟଗ୍ରାମ ରାଜସ୍ୱ ନିରୀକ୍ଷକ ବିକାଶ ଗିରି, ସମବାୟ ସମିତିର ଧାନମଣ୍ଡି ଅଫିସର ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟାନନ୍ଦ ସାଁ, ସମିତିର ଉପସଭାପତି ଅରୁନ୍ଧତୀ ଦତ୍ତ, ସମବାୟ ସମିତିର ଡାଇରେକ୍ଟର ଦୀପକ ଗାରୁ ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ସମ୍ପାଦକ ନିତ୍ୟାନନ୍ଦ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟଶ୍ରୀ ହେଲଥ କେୟାର ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର, ୭।୧(ସମିସ): ଆଇଟିଆଇ ଛକ ନିକଟ ଇନ୍ଦିରା ଗାନ୍ଧୀ ମାର୍ଗର ଇଶାନ ନଗରସ୍ଥିତ ଜୟଶ୍ରୀ ହେଲଥ କେୟାର ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶଲ୍ୟ ବିଶେଷଜ୍ଞ ଡାକ୍ତର ସରୋଜ ରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଫକୀର ମୋହନ ମେଡିକାଲ କଲେଜର ନିଶ୍ଚେତକ ବିଭାଗ ବିଶେଷଜ୍ଞ ପ୍ରଫେସର ଚିତ୍ତରଂଜନ ପାଣିଗ୍ରାହୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଜୟଶ୍ରୀ ହେଲଥ କେୟାର ଆଣ୍ଡ ରିସର୍ଚ୍ଚ ସେଣ୍ଟର କର୍ମକର୍ତ୍ତାଙ୍କ ମହତ ଉଦ୍ୟମକୁ ପ୍ରଶଂସା କରିଥିଲେ। ଜୟଶ୍ରୀ ହେଲଥ କେୟାର ଆଣ୍ଡ ରିସର୍ଚ୍ଚ ସେଣ୍ଟର ଚେୟାରମ୍ୟାନ ଶ୍ରୀକାନ୍ତ ମହାପାତ୍ର ଉପସ୍ଥିତ ରହି ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଶିବିର ପରିଚାଳନରେ ହେଲଥ କେୟରର ନିର୍ଦ୍ଦେଶକ ଅମିତାଭ ମହାପାତ୍ର ଓ ଅମର ମହାପାତ୍ର, ପ୍ରିୟଙ୍କା ମହାନ୍ତି, ସଞ୍ଜୟ ସାହୁ, ସ୍ନେହଲତା ନାୟକ, ଦମୟନ୍ତୀ ବେହେରା, ଜୀବନ ଦାସ, ସଚ୍ଚିଦାନନ୍ଦ ସେନାପତି, ଅରୁଣ ବେହେରା, ରବୀନ୍ଦ୍ର ବିଶ୍ୱାଳ ଓ ମଳୟ ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ୯ ରୁ ଅଗ୍ରୱାଲା ବିଦ୍ୟାପୀଠର ହୀରକ ଜୟନ୍ତୀ

ରୂପସା, ୭।୧ (ସମିସ): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ଅଗ୍ରୱାଲା ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହ ଆସନ୍ତା ୯ ରୁ ୧୧ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ସମାରୋହର ସୁପରିଚାଳନା ଓ ରୂପରେଖ ନିମନ୍ତେ ବିଦ୍ୟାପୀଠ ପରିସରରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରନିତା ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଉପେନ୍ଦ୍ର ନାଥ ସାହୁ, ମୁଖ୍ୟ ମାର୍ଗଦର୍ଶକ ଦିଲ୍ଲୀପ ସାହୁ, ବରିଷ୍ଠ ଉପଦେଷ୍ଟା ତାପସ ନନ୍ଦ, ସାଧାରଣ ସମ୍ପାଦକ କ୍ଷୀତିଶ କୁମାର ଜେନା, କୋଷାଧ୍ୟକ୍ଷ ଶୀତିକଣ୍ଠ ସାହୁ ପ୍ରମୁଖ ଯୋଗଦେଇ ସମାରୋହ ସୁ-ପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରତି ସନ୍ଧ୍ୟା ବଲିଉଡ୍ ଓ ଓଲିଉଡ୍ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହ ରକ୍ତଦାନ ଶିବିର, ନିଃଶୁଳ୍କ ଯୋଗ ଓ ସ୍ୱାସ୍ଥ୍ୟ ଶିବିର ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହେବ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

# ସ୍ୱତନ୍ତ୍ର ଟ୍ରେନ୍‌ରେ ତୀର୍ଥଯାତ୍ରାରେ ଗଲେ ୮୦୦ ବରିଷ୍ଠ ନାଗରିକ

ବାଲେଶ୍ୱର,୭ ।୧(ସମିସ)






ପ୍ରତ୍ୟେକ ଜିଲ୍ଲାରେ ବସବାସ କରୁଥିବା ବରିଷ୍ଠ ନାଗରିକମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରିବା ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ହୋଇଛି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲାରୁ ମଧ୍ୟ ବରିଷ୍ଠ ନାଗରିକମାନେ ଆଜି ବାଲେଶ୍ୱର ଷ୍ଟେସନ ପରିସରରୁ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ରାମେଶ୍ୱରମରୁ ମଦୁରାଇ ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଅବସରରେ ଷ୍ଟେସନ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟରେ ଏହି ତୀର୍ଥଯାତ୍ରୀମାନଙ୍କୁ ବିଦାୟ ଦିଆଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ ଯୋଗଦେଇ ଯୋଗଦେଇ ଏହି ଟ୍ରେନର ଶୁଭାରମ୍ଭ କରିବା ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୁଦ୍ରନାରାୟଣ ଦାଶ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହ, ଆଇଆରସିଟିସିର ଯୁଗ୍ମ ସଚିବ କାନ୍ତି ସବରକର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେଶ ପ୍ରିୟଦର୍ଶୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅମ୍ଲାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଏହି ଦଶମ ତୀର୍ଥଯାତ୍ରା ଟ୍ରେନରେ ୧ନମ୍ବର ପ୍ଲାଟଫର୍ମରୁ ୫ଟି ଜିଲ୍ଲାରୁ ୭୭୫ଜଣ ତୀର୍ଥଯାତ୍ରୀ ଏବଂ ୨୫ଜଣ ଅଫିସିଆଲଙ୍କୁ ମିଶାଇ ମୋଟ ୮ଶହ ଜଣ ଯାତ୍ରା କରିଛନ୍ତି। ତେବେ ବାଲେଶ୍ୱର ଜିଲ୍ଲାରୁ ୧୮୦ଜଣ ତୀର୍ଥଯାତ୍ରୀଙ୍କ ସହ ୬ଜଣ ଅଫିସିଆଲ, ମୟୂରଭଞ୍ଜ ଜିଲ୍ଲାରୁ ୧୯୬ଜଣ ତୀର୍ଥଯାତ୍ରୀଙ୍କ ସମେତ ୬ଜଣ ଅଫିସିଆଲ,କେନ୍ଦୁଝର ଜିଲ୍ଲାରୁ ୧୪୦ଜଣ ଯାତ୍ରୀଙ୍କ ସହ ୪ଜଣ ଅଫିସଆଲ, ଯାଜପୁର ଜିଲ୍ଲାରୁ ୧୪୧ଜଣ ଯାତ୍ରୀଙ୍କ ସମେତ ୫ଜଣ ଅଫିସିଆଲ ଏବଂ ଭଦ୍ରକ ଜିଲ୍ଲାରୁ ୧୧୭ଜଣ ଯାତ୍ରୀଙ୍କ ସମେତ ୪ଜଣ ଅଫିସିଆଲ ଯାତ୍ରା କରିଛନ୍ତି। ଗତକାଲି ସେମାନେ ନୋସି ଠାରେ ରାତ୍ରୀଯାପନ କରିଥିଲେ। ସେଠାରେ ସେମାନଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା ସାଙ୍ଗକୁ ସୁରକ୍ଷା, ଚିକିତ୍ସା, ଯାତ୍ରୀବୀମା ଓ ପଥପ୍ରଦର୍ଶନର ବ୍ୟବସ୍ଥା ଆଇଆରସିଟିସି ପକ୍ଷରୁ କରାଯାଇଛି। ବୁଧବାର ସକାଳେ ସେମାନଙ୍କୁ ସ୍ୱତନ୍ତ୍ର ବସ ଯୋଗେ ବାଲେଶ୍ୱର ରେଳଷ୍ଟେସନକୁ ଅଣାଯାଇଥିଲା। ବରିଷ୍ଠ ନାଗରିକମାନେ ସେମାନଙ୍କର ତୀର୍ଥଯାତ୍ରୀମାନେ ସେମାନଙ୍କର ତୀର୍ଥ ଯାତ୍ରା ଶେଷ କରିବା ପରେ ୧୨ ତାରିଖରେ ବାଲେଶ୍ୱରରେ ପହଁଚିବେ ବୋଲି ଜଣାଯାଇଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ ।**

ସ୍ଥାନ: ମୁମ୍ବାଇ
ତାରିଖ: 05.01.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ମହେନ୍ଦ୍ରଗିରି ଶିଖର କୁନ୍ତି ମନ୍ଦିରରୁ ଗଜପତି ଉତ୍ସବ ଶୁଭାରମ୍ଭ



ପାରଳାଖେମୁଣ୍ଡି,୭ ।୧(ସମିସ): ପୁରାଣ ବର୍ଣ୍ଣିତ ପବିତ୍ର ମହେନ୍ଦ୍ରଗିରି ଶିଖର ସ୍ଥିତ କୁନ୍ତି ମନ୍ଦିରରୁ ଗଜପତି ଉତ୍ସବର ଆଜି ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଆଜି ସକାଳୁ ଗଜପତି ମହୋତ୍ସବ ମଶାଲ କମିଟି ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରୁ ରାୟଗଡ ବ୍ଲକ ସ୍ଥିତ ମହେନ୍ଦ୍ରଗିରିକୁ ଯାତ୍ରା କରିଥିଲେ। ମହେନ୍ଦ୍ରଗିରି ଶିଖରରେ ପହଞ୍ଚିବା ପରେ କୁନ୍ତି ମନ୍ଦିର ତଥା ଗୋକର୍ଣ୍ଣେଶ୍ୱର ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ମଶାଲ ପ୍ରଜ୍ୱଳନ କରାଯାଇଥିଲା। ସେଠାରୁ ମଶାଲ ଶୋଭାଯାତ୍ରା ବାହାରିବା ପରେ କଇଁପୁର, ଜିରାଙ୍ଗ, ମଣ୍ଡଳ ସାହି, ରାମଗିରି, ଛେଳିଗଡ, ଆର୍.ଉଦୟଗିରି, ଖଜୁରୀପଦା, ରାୟଗଡ଼ ଏବଂ ମାଛମରା ଦେଇ ପାରଳାଖେମୁଣ୍ଡି ବିଜୁ କଲ୍ୟାଣ ମଣ୍ଡପ ନିକଟରେ ଅପରାହ୍ନ ସାଢ଼େ ୪ଟାରେ ମଶାଲ ପହଞ୍ଚିଥିଲା। ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗାଙ୍କ ନେତୃତ୍ୱରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ପାରଳାଖେମୁଣ୍ଡି ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀଙ୍କ ଉପସ୍ଥିତିରେ ମହୋତ୍ସବର ମଶାଲକୁ ସ୍ୱାଗତ କରାଯାଇଥିଲା। ଗଜପତି ଉତ୍ସବ ମଶାଲକୁ ବିଜୁ କଲ୍ୟାଣ ମଣ୍ଡପ ପହଞ୍ଚିବା ପରେ ଜିଲ୍ଲାସ୍ତରୀୟ ଉତ୍ସବ କମିଟି ପକ୍ଷରୁ ସ୍ୱାଗତ କରାଯାଇ ଶୋଭାଯାତ୍ରା ମାଧ୍ୟମରେ ନଗରପରିକ୍ରମା କରି ଜଗନ୍ନାଥ ମନ୍ଦିରର ନିକଟକୁ ଅଣାଯାଇଥିଲା। ମଶାଲକୁ ଜିଲ୍ଲାସ୍ତରୀୟ ଉତ୍ସବ ପର୍ଯ୍ୟନ୍ତ ମନ୍ଦିରରେ ରଖାଯିବ ଏବଂ ଉତ୍ସବର ପ୍ରଥମ ଦିନ ଶୋଭାଯାତ୍ରାରେ ଜିଲ୍ଲାସ୍ତରୀୟ ଉତ୍ସବ ପଡ଼ିଆକୁ ନେବାର ସ୍ଥିର କରାଯାଇଛି। ଜଗନ୍ନାଥ ମନ୍ଦିରରେ ମଶାଲ ପହଞ୍ଚିବା ପରେ ସେଠାରୁ ଗୁମ୍ମା ଓ କାଶୀନଗର ବ୍ଲକ ମଶାଲା ଶୋଭାଯାତ୍ରାକୁ ଭବ୍ୟ ସ୍ୱାଗତ କରିବା ସହ ନିଜ ନିଜ ବ୍ଲକସ୍ତରୀୟ ଉତ୍ସବ ସକାଶେ ମୁଖ୍ୟ ମଶାଲ ଦ୍ୱାରା ବ୍ଲକସ୍ତରୀୟ ଉତ୍ସବ ମଶାଲକୁ ପ୍ରଜ୍ୱଳିତ କରି ନେଇଥିଲେ। ଏହି ମଶାଲ ଶୋଭାଯାତ୍ରାରେ ମଶାଲ କମିଟିର ଅଧ୍ୟକ୍ଷ ବାସୁଦେବ ଦାସ ସମେତ ବସନ୍ତ କୁମାର ପଣ୍ଡା, ପି.ଅନିଲ କୁମାର, କେଦାରନାଥ ପାତ୍ର, ବସନ୍ତ କୁମାର, ହେମନ୍ତ ପ୍ରଧାନ ଓ ଏସ.ଋଷି ଗଜପତି ଉତ୍ସବ ମଶାଲ ମହେନ୍ଦ୍ରଗିରି ଶିଖରର ମାତା କୁନ୍ତୀ ମନ୍ଦିରରୁ ମଶାଲକୁ ଆଣିଥିଲେ। ଜିଲ୍ଲାର ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜନପ୍ରତିନିଧିଙ୍କ ଉପସ୍ଥିତିରେ ଗଜପତି ଉତ୍ସବ ମଶାଲକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମୋହନା, ଆର.ଉଦୟଗିରି, ନୂଆଗଡ, ରାୟଗଡ, ଗୋଷାଣି ବ୍ଲକ ପାରଳାଖେମୁଣ୍ଡି ପହଞ୍ଚିବା ପୂର୍ବରୁ ସେମାନଙ୍କ ସୀମାରେ ଜିଲ୍ଲା ସ୍ତରୀୟ ଉତ୍ସବ ମଶାଲକୁ ସ୍ୱଗତ କରିବା ସହ ନିଜ ନିଜ ବ୍ଲକ ଉତ୍ସବ ପାଇଁ ବ୍ଲକ ସ୍ତରୀୟ ମଶାଲ ପ୍ରଜ୍ୱଳନ କରି ମହା ଆଡମ୍ବରରେ ନିଜ ନିଜ ବ୍ଲକ ଅଭିମୁଖେ ପଟୁଆରରେ ନେଇଥିଲେ। ଆଜିର ଏହି ମଶାଲ ଶୋଭାଯାତ୍ରାରେ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ପାରଳାଖେମୁଣ୍ଡି ପୌରପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରଘୁନାଥ ପାତ୍ରଙ୍କ ସମେତ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲ। ଜିଲ୍ଲାର କଳା ଓ ସଂସ୍କୃତିକୁ ଉତ୍ସବ ମାଧ୍ୟମରେ ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରଚାର ଓ ପ୍ରସାର କରାଯିବା ସହିତ ଗଜପତି ଉତ୍ସବ ଓ ପଲ୍ଲିଶ୍ରୀ ମେଳା ଆସନ୍ତା ୧୮ ରୁ ୨୨ ପର୍ଯ୍ୟନ୍ତ ଗଜପତି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ମଶାଲ ଶୋଭାଯାତ୍ର ଗଜପତି ଉତ୍ସବ ପାଳନର ପ୍ରଥମ ସୋପାନ। ଏହାର ବ୍ୟାପକ ପ୍ରଚାର ପ୍ରସାର ସକାଶେ ଗଜପତି ଉତ୍ସବ ପ୍ରଚାର ପ୍ରସାର କମିଟି ଗଠନ ହେବା ପରେ ପ୍ରଥମ ଥର ପାଇଁ ମଶାଲ କମିଟି ସହ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇଙ୍କ ନେତୃତ୍ୱରେ ଗସ୍ତ କରିଥିବାର ଜଣାଯାଇଛି।

## ୧୭ ତମ ଆଦିବାସୀ ଯୁବ ଭାବ ବିନିମୟ କାର୍ଯ୍ୟକ୍ରମ
# କନ୍ଧମାଳ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା




ଫିରିଙ୍ଗିଆ,୭।୧(ସମିସ): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମାଇ ଭାରତ ଫୁଲବାଣୀ ଓ ୧୧୬ ବିଏସଏଫ ଫୁଲବାଣୀର ମିଳିତ ଆନୁକୂଲ୍ୟରେ ୧୭ ତମ ଆଦିବାସୀ ଯୁବ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ ବିଶାଖାପାଟଣା ଯାଇଥିବା କନ୍ଧମାଳ ଦଳ ଫେରିବା ପରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯକ୍ରମ ଜିଲ୍ଲା ଦକ୍ଷତା ସଭା ଗୃହ ଫୁଲବାଣୀରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ନିଯୋଜନ ଅଧିକାରୀ ପୁରୁଷୋତ୍ତମ ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ବିକ୍ରମ୍ ଦାଶ ଏବଂ ମାଇ ଭାରତ ଫୁଲବାଣୀ ସହକର୍ମୀ ସତ୍ୟବାନ୍ ଦଳବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପାଇଁ ଫିରିଙ୍ଗିଆ ବ୍ଲକର ୨୦ଜଣ ଯୁବକ ଓ ଯୁବତୀ ବିଶାଖପାଟଣା ଯାଇଥିଲେ। ଏସକର୍ଟ ଭାବରେ ୧୧୬ ବିଏସ୍ଏଫ୍‌ର ଏମ.ଏମ .ଭୋଇ, ଅନିତା ବଗର୍ତ୍ତୀ ସାଥିରେ ଯାତ୍ରା କରିଥଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କନ୍ଧମାଳ ଦଳ ଶିଙ୍ଗ ନୃତ୍ୟ ପରିବେଷଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ବୈଠକରେ ମାଇ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଓ ଉପସ୍ଥିତ ଯୁବକ ଓ ଯୁବତୀଙ୍କୁ ସ୍ୱାଗତ କରିଥିବା ବେଳେ ମିନି କହଁର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରେମ ପାଇଁ ବୈଠକରେ ଗୁଳିମାଡ଼ ଘଟଣା; ଅଭିଯୁକ୍ତ ଗିରଫ

ମୋହନା, ୭।୧(ସମିସ): ପ୍ରେମ ପାଇଁ ଗାଁ ବୈଠକରେ ଗୁଳିମାଡ଼ ଘଟଣାରେ ମୋହନା ପୁଲିସ ଅଟକ ଅଭିଯୁକ୍ତକୁ ବୁଧବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମୋହନା ଥାନା ଢ଼େପସାହି ଗ୍ରାମର ଲାଜର ପ୍ରଧାନ। ସୂଚନା ପ୍ରକାରେ, ଜଣେ ବିବାହିତା ମହିଳାଙ୍କୁ ଏକତରଫା ପ୍ରେମ କରିବା ସହ ଗ୍ରାମର ଲାଜର ପ୍ରଧାନ ନାମକ ଜଣେ ଯୁବକ ଅପହରଣ କରି ନେଇଥିବା ଘଟଣାର ସମାଧାନ ପାଇଁ ମଙ୍ଗଳବାର ଗ୍ରାମରେ ବୈଠକ ବସିଥିଲା। ଲାଜର ଏବଂ ତାଙ୍କ ଭାଇ ସନ୍ତୋଷ ପ୍ରଧାନ ଉପସ୍ଥିତ ଲୋକଙ୍କ ଉପରକୁ କୋରିଆ ନିର୍ମିତ ଏକ ବନ୍ଧୁକରୁ ଆଖିବୁଜା ଗୁଳି କରିଥିଲେ। ଏହି ଘଟଣାରେ ଗ୍ରାମର ଅନିଲ କୁମାର କରାଡ଼ ନାମକ ଜଣେ ଯୁବକ ଗୁରୁତର ଆହତ ହେବା ସହ ବର୍ତ୍ତମାନ ବ୍ରହ୍ମପୁର



ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ପୁଲିସ ଲାଜରକୁ ଅଟକ ରଖିବା ସହ ପଚରାଉଚରା କରୁଥିଲା। ଉକ୍ତ ବନ୍ଧୁକ ସେ ପ୍ରବାସୀ ଶ୍ରମିକ ଭାବେ କେରଳରେ କାମ କରୁଥିବା ବେଳେ ସେଠାରୁ ଜଣେ ବ୍ୟକ୍ତିଙ୍କ ଠାରୁ କିଣିଥିବା ପୁଲିସ ସମ୍ମୁଖରେ ସ୍ୱୀକାର କରିବା ସହ ବୈଠକରେ ପ୍ରଥମେ ସେ ଏବଂ ପରେ ତା ବଡ଼ ଭାଇ ସନ୍ତୋଷ ମିଳିତ ଭାବେ ଗୁଳି ଚାଳନା କରିଥିବା କହିଛି। ପ୍ରାଥମିକ ତଦନ୍ତ ପରେ ବେଆଇନ ଅସ୍ତ୍ର ରଖିବା ଏବଂ ହତ୍ୟା ଉଦ୍ୟମ ଅଭିଯୋଗରେ ଲାଜରକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ବେଳେ ଅତିଶୀଘ୍ର ଫେରାର ସନ୍ତୋଷ ପ୍ରଧାନକୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର

ଗୁମ୍ମା,୭ ।୧(ସମିସ): ଗୁମ୍ମା ବ୍ଲକ୍ ଅନ୍ତର୍ଗତ ଭୁବନୀ ପଞ୍ଚାୟତ ସାଣ୍ଡାଙ୍ଗ ଗ୍ରାମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିନସ୍ଥ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ୫ଲକ୍ଷ ଟଙ୍କା ବ୍ୟହରେ ଏକ ସଂସ୍କୃତି ଭବନ ଉଦ୍‌ଘାଟିତ ହୋଇଯାଇଛି। ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଜନଜାତି ସମ୍ପ୍ରଦାୟ ଲୋକଙ୍କ ସଂସ୍କୃତିର ପ୍ରଗତି ନିମନ୍ତେ ଏହି ସଂସ୍କୃତି ଭବନ ବେଶ ଉପଯୋଗୀ ହୋଇପାରିବ ବୋଲି ବିଧାୟକ କହିଥିଲେ। ସାଣ୍ଡାଙ୍ଗ ଗ୍ରାମବାସୀଙ୍କ ସାଂସ୍କୃତିକ ସମେତ ଗ୍ରାମର ବିଭିନ୍ନ କାର୍ଯ୍ୟକ୍ରମରେ ଉପଯୋଗୀ ହେବ। ସେହିପରି ତରଭା ପଞ୍ଚାୟତ ନର୍ସରୀ ଗ୍ରାମ ସାଂସ୍କୃତିକ ଭବନ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ଗୁମ୍ମା ଠାରୁ ସେରଙ୍ଗ ଯିବା ବହୁ ପୁରାତନ ତାରାତାରିଣୀ ମନ୍ଦିର ପର୍ଯ୍ୟଟନ ସ୍ଥଳୀର ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ପାଇକ ସାହି ଠାକୁରାଣୀ ମନ୍ଦିର ଉନ୍ନତି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଗାବାରା ତିରୁପତି ରାଓ, ଜିଲ୍ଲା ପରିଷଦ ସଭ୍ୟା ରେଣୁକା ପାତ୍ର, ସମିତିସଭ୍ୟା ଅନିତା ଭୂୟାଁ, ସରପଞ୍ଚ ପ୍ରଦୀପ ମଣ୍ଡଳ ,ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ସହକାରୀ ଯନ୍ତ୍ରୀ ରହିତ ବେହେରା, କନିଷ୍ଠ ଯନ୍ତ୍ରୀ ଶିବ ବେହେରା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



# ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶିବିର




ଟିକାବାଲି,୭।୧(ସମିସ): ଟିକାବାଲିସ୍ଥିତ ଏଏମସିଏସ ମହାବିଦ୍ୟାଳୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୭ ଦିନିଆ ସ୍ୱତନ୍ତ୍ର ଶୀତକାଳୀନ ସେବା ଶିବିର ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ସେବା ମନୋଭାବ ଓ ସାମାଜିକ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଟିକାବାଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କୁମାର କହଁର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଯୁବ ରେଡକ୍ରସ ସଂଯୋଜକ ରତନ କୁମାର ଦିଗାଲ ଓ ଅଧ୍ୟାପିକା ସ୍ମୃତିରେଖା ନାୟକ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବିରୂପାକ୍ଷ ତ୍ରିପାଠୀ ଯୋଗ ଦେଇ ସେବାର ମହତ୍ୱ ଓ ଜୀବନରେ ଏହାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଶିବିରରେ ମହାବିଦ୍ୟାଳୟର ଦୁଇଟି ୟୁନିଟର ପ୍ରାୟ ୧୦୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି। ସ୍ୱେଚ୍ଛାସେବୀ ପୋଷ୍ୟ ଗ୍ରାମ ଡୁଙ୍ଗିଓ ଓ ତେନ୍ତୁଳିଗଡ଼ରେ ରହି ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ଜଙ୍ଗଲ ସୁରକ୍ଷା ଏବଂ ସାମ୍ପ୍ରତିକ ସମୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ "ସାଇବର ସୁରକ୍ଷା' ଉପରେ ଗ୍ରାମବାସୀଙ୍କୁ ସଚେତନ କରାଇବେ। ଅନ୍ୟତମ ଅତିଥି ତଥା ପ୍ରଶିକ୍ଷକ ଭାବେ ପ୍ରାକ୍ତନ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବନମାଳୀ ବେହେରା ଯୋଗଦେଇ ଜାତୀୟ ସେବା ଯୋଜନାର ସୃଷ୍ଟି, ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ଚମ୍ପା ସୋରେନ ଓ ଜ୍ଞାନ ରଞ୍ଜନ ଭୋଇ ପରିଚାଳନା କରିଥିଲେ।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ବାଲିଗୁଡା,୭।୧(ସମିସ): ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଉତ୍ସବ ପାଳନ କମିଟି ପକ୍ଷରୁ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣୀତା ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିବା ବେଳେ ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭମ ଭୋସଲେ ଓ ବାଲିଗୁଡା ତହସିଲଦାର ଦୀପ୍ତି ପ୍ରକାଶ ବେହେରା ଉପସ୍ଥିତ ଥିଲେ। ଏହି ସଭାରେ ବାଲିଗୁଡା ଥାନା ଅଧିକାରୀ, ରେଞ୍ଜର, ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ/ଶିକ୍ଷୟିତ୍ରୀ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର ଅଧିକାରୀ ଏବଂ ଗଣମାଧ୍ୟମ ସଦସ୍ୟ ଯୋଗ ଦେଇଥିଲେ। ତୀର୍ଥବାସୀ ଘଡେଇ ସଭା ପରିଚାଳନା କରିଥିବା ବେଳେ ପୂର୍ବ ବର୍ଷର ବିବରଣୀ ପାଠ କରାଯାଇ ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସ ଶାନ୍ତି ଶୃଙ୍ଖଳାରେ ଯେପରି ପାଳନ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା। ବିଗତ ବର୍ଷର କିଛି ସମସ୍ୟାର ସମାଧାନ ବିଷୟରେ ଆଲୋଚନା କରିଥିବା ବେଳେ ଶେଷରେ ବାଲିଗୁଡା ଉପଖଣ୍ଡ ଲୋକ ସୂଚନା ଅଧିକାରୀ ଶିବଶଙ୍କର ସମରଥ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ।

## ଗଜପତି ବିଜେପିରେ ନୂଆ-ପୁରୁଣା ବିବାଦ ତୀବ୍ର
# ଜିଲ୍ଲା ଟିମ୍ ଘୋଷଣା ପରେ କୁହୁଳିଲା ଅସନ୍ତୋଷ

ପାରଳାଖେମୁଣ୍ଡି/ରାୟଗଡ଼,୭।୧(ସମିସ)

ରାଜ୍ୟରେ ବିଜେପି ସରକାର ଗଠନ ହୋଇ ଦେଢ଼ ବର୍ଷ ବିତିଗଲା। ଆଉ ମାତ୍ର ଗୋଟିଏ ବର୍ଷ ପରେ ପଞ୍ଚାୟତ ନିର୍ବାଚନ। ବିଜେପି ସରକାରରେ ଥିଲେ ମଧ୍ୟ ରାଜ୍ୟରେ ପ୍ରାୟ ୭୦ ଭାଗ ବ୍ଲକ ଅଧ୍ୟକ୍ଷ, ପଞ୍ଚାୟତ ପ୍ରତିନିଧି ଓ ଜିଲ୍ଲା ପରିଷଦ ବିଜେଡି ହାତରେ। ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନ ବିଜେପି ପାଇଁ ଏକ ପ୍ରକାର ଚାଲେଞ୍ଜ। ତେଣୁ ବିଜେପି ବର୍ତ୍ତମାନ ତାର ରଣନୀତି ଆରମ୍ଭ କରିଦେଇଛି। ବର୍ତ୍ତମାନ ଦଳର ସାଂଗଠନିକ ସ୍ଥିତି ସୁଧାରିବା ପାଇଁ ମଣ୍ଡଳସ୍ତରୀୟ କମିଟି ଘୋଷଣା ସରିଥିବା ବେଳେ ଜିଲ୍ଲା କମିଟି ଘୋଷଣା ଜାରି ରହିଛି। ଏଭଳି ପରିସ୍ଥିତିରେ ଗଜପତି ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ଘୋଷଣା ହୋଇଛି। ଏଥିରେ ୮ ଜଣ ଉପ ସଭାପତି, ୩ ଜଣ ସାଧାରଣ ସମ୍ପାଦକ ଓ ୮ ଜଣ ସମ୍ପାଦକ ରହିଛନ୍ତି। ମାତ୍ର ଜିଲ୍ଲା ଟିମ୍ ଘୋଷଣା ପରେ ନୂଆ-ପୁରୁଣାକୁ ନେଇ ବିବାଦ ତୀବ୍ର ହୋଇଛି। ବହୁ ବରିଷ୍ଠଙ୍କୁ ଅଣଦେଖା ଓ ଅନ୍ୟଦଳରୁ ଆସିଥିବା ନୂଆ ମୁହଁକୁ ଦାୟିତ୍ୱ ପ୍ରଦାନ ନେଇ ଦଳୀୟ କନ୍ଦଳ ଚରମ ସ୍ଥିତିରେ ପହଞ୍ଚିଛି।

ପ୍ରକାଶ ଯେ, ଘୋଷଣା ହୋଇଥିବା ତାଲିକାରେ ଅନଭିଜ୍ଞ ତଥା କିଛିବର୍ଷ ପୂର୍ବରୁ ଅନ୍ୟ ଦଳରୁ ଆସିଥିବା ନେତାଙ୍କ ନାମ ରହିଥିବା ବେଳେ ବହୁ ବରିଷ୍ଠ ତଥା ପୁରୁଖା ନେତାଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ଏଭଳିକି କିଛି ପଦରେ ମଣ୍ଡଳ ଦାୟିତ୍ୱରେ ଥିବା ନେତ୍ରୀଙ୍କୁ ଜିଲ୍ଲା ସମ୍ପାଦକ ତାଲିକାରେ ରଖାଯାଇଛି। ସେହିପରି ଉପସଭାପତି ତାଲିକାରେ ଥିବା ବନ୍ଦନା ବଡ଼ମୁଣ୍ଡି ବର୍ତ୍ତମାନ ଜଣେ ସରକାରୀ କର୍ମଚାରୀ ଅଛନ୍ତି। ସେ ବର୍ତ୍ତମାନ ନୂଆଗଡ ବ୍ଲକ କାର୍ଯ୍ୟାଳୟରେ ଓଏଲ୍ଏମ୍ ବିଭାଗରେ ବିଏଲସି ଭାବେ କାର୍ଯ୍ୟରତ। ଜଣେ ସରକାରୀ କର୍ମଚାରୀଙ୍କୁ କିଭଳି ଦଳୀୟ ଦାୟିତ୍ୱ ଦିଆଗଲା ତାକୁ ନେଇ ପ୍ରଶ୍ନ ଉଠିଛି। ଏଭଳିକି ଅଡବାଓ ଜିରାଙ୍ଗ ମଣ୍ଡଳର ଜଣେ ବି ନେତାଙ୍କୁ ଏହି ତାଲିକାରେ ରଖା ଯାଇନଥିବା ଅଭିଯୋଗ ହୋଇଛି। ମୋହନା, ରା.ଉଦୟଗିରି, ନୂଆଗଡ ଓ ରାୟଗଡ ବ୍ଲକର ବରିଷ୍ଠ ନେତାଙ୍କୁ ଉପେକ୍ଷା କରାଯାଇଛି। ଏଭଳି ପରିସ୍ଥିତିରେ କିଭଳି ଜିଲ୍ଲା କାର୍ଯ୍ୟକାରିଣୀ ଘୋଷଣା ହେଲା ତାକୁ ନେଇ

- ତାଲିକାରେ ସରକାରୀ କର୍ମଚାରୀ
- ବରିଷ୍ଠଙ୍କୁ ଉପେକ୍ଷା ନେଇ ଜିଲ୍ଲା ସାରା ଅସନ୍ତୋଷ

ସନ୍ଦେହ ପ୍ରକାଶ କରିଛନ୍ତି କିଛି ପୁରୁଖା ନେତା। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ କୌଣସି ତର୍ଜମା ନକରି ଏଭଳି ତାଲିକା ପ୍ରସ୍ତୁତ କରି ରାଜ୍ୟକୁ ପଠାଇଥିବା ଆଲୋଚନା ହେଉଛି। ଦଳ ଯେତେବେଳେ ସରକାରରେ ନଥିଲା ସେତେବେଳେ ଦଳର ପୁରୁଣା କାର୍ଯ୍ୟକର୍ତ୍ତା ବହୁ କଷ୍ଟ ସ୍ୱୀକାର କରି ଦଳର ସାଙ୍ଗଠନିକ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ଦଳ ସରକାରକୁ ଆସିବା ପରେ ସେମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି।

ତାଲିକା ଘୋଷଣା ପୂର୍ବରୁ ରାଜ୍ୟ ସଂଗଠନ ସମ୍ପାଦକ ମାନସ ମହାନ୍ତି ଓ ଜିଲ୍ଲା ପ୍ରଭାରୀ ବିଶେଶ୍ୱର ଟୁଡୁ ଗଜପତି ଜିଲ୍ଲା ଗସ୍ତରେ ଆସିଥିଲେ। ତଥାପି ଏଭଳି ତାଲିକାକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି ପୁରୁଖା ନେତା। ଏଭଳି ହେଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ପ୍ରଦର୍ଶନକୁ ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି। ତେଣୁ ତୁରନ୍ତ ରାଜ୍ୟ ନେତୃବୃନ୍ଦ ଗଜପତି ଜିଲ୍ଲା ସଂଗଠନ ଓ ପୁରୁଖା ନେତାଙ୍କ ଅସନ୍ତୋଷକୁ ସମୀକ୍ଷା କରି ପଦକ୍ଷେପ ନେବାକୁ ଦାବି ହୋଇଛି।

ସରକାରୀ କର୍ମଚାରୀ ଥାଇ ଦଳୀୟ ଉପସଭାପତି ପଦ ପାଇଥିବା ବନ୍ଦନା ବଡ଼ମୁଣ୍ଡିଙ୍କୁ ପଚାରିବାରୁ ସେ ଏସମ୍ପର୍କରେ କିଛି ଜାଣି ନଥିବା କହିଛନ୍ତି। ଯେତେବେଳେ ସେ ଚାକିରି ପାଇନଥିଲେ ସେତେବେଳେ ସେ ଜିଲ୍ଲା ଉପସଭାପତି ଥିଲେ। ସେହିଅନୁସାରେ କରିଥାଇପାରନ୍ତି। ତେଣୁ ପଦ ପ୍ରତ୍ୟାହାର ପାଇଁ କହିବି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା ସଭାପତି ନବ କିଶୋର ଶବରଙ୍କୁ ପଚାରିବାରେ ସେ ଚାକିରି କରୁଥିବା ନେଇ ଜାଣିନଥିବା କହିଛନ୍ତି। ବର୍ତ୍ତମାନ ସେ ନେଇ ଆଲୋଚନା କରି ପଦକ୍ଷେପ ନିଆଯିବ। ଏଥିସହ ତାଲିକା ଘୋଷଣା ପରେ ଯେଉଁ ଅସନ୍ତୋଷ ପ୍ରକାଶ ପାଇଛି ସେ ନେଇ ରାଜ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିବା କହିଛନ୍ତି। ଏଥିରୁ ସ୍ପଷ୍ଟ ଭାବେ ପ୍ରଶ୍ନ ଉଠିଛି ଯେ ଜିଲ୍ଲା ସଭାପତି କିଭଳି ଓ କାହା ସହ ଆଲୋଚନା କରି ତାଲିକା ପ୍ରସ୍ତୁତ କରିଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଚକାପାଦ,୭।୧(ସମିସ): ଚକାପାଦ ବ୍ଲକ କାର୍ଯ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଡିଓ ହୃଦରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ୧୨ ପଞ୍ଚାୟତର ଜନପ୍ରତିନିଧି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଜେପି ମଣ୍ଡଳ ସଭାପତି ସର୍ବେଶ୍ୱର କହଁର ମଧ୍ୟ ଯୋଗ ଦେଇଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୭୧ଜଣ, ମସ୍ତିଷ୍କାଘାତ ୧୨, ଦୃଷ୍ଟି ବାଧିତ ୫, ଶ୍ରବଣ ଶକ୍ତି ବାଧିତ ୧୫ ଜଣ, ରକ୍ତ ଶିକୁଳି ଜନିତ ୪ ଜଣ, ସର୍ବମୋଟ ୧୩୨ ଜଣ ପରାମର୍ଶରେ ଭାଗ ନେଇଥିବା ବେଳେ ୩୫ ଜଣ ଆବେଦନାକାରୀଙ୍କୁ ପଞ୍ଜିକୃତ କରାଯାଇଥିଲା। ଶିବିରରେ ୪ ଜଣଙ୍କୁ ହୁଇଲ୍ ଚେୟାର, ଜଣକୁ ଏଲବୋ କ୍ରଚ ଏବଂ ଆଉ ଜଣଙ୍କୁ କ୍ରଚ ପ୍ରଦାନ କରାଯାଇଛି। ବ୍ଲକ ପ୍ରଶାସନର ସମସ୍ତ କର୍ମଚାରୀ ଏହି ଶିବିରରେ ସହଯୋଗ କରିବା ସହିତ ସମସ୍ତ ବିଭାଗରେ ନିୟୋଜିତ ହୋଇଥିଲେ।

# ସିୟୁଟିଏମ୍‌ରେ ରକ୍ତଦାନ ଶିବିର



ପାରଳାଖେମୁଣ୍ଡି,୭ ।୧ (ସମିସ) : ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଏବଂ ମ୍ୟାନେଜମେଣ୍ଟରେ ଏନ୍ଏସ୍ଏସ୍ ଓ ଯୁବ ରେଡ୍‌କ୍ରସର ମିଳିତ ଆନୁକୁଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସିୟୁଟିଏମ୍‌ର ରେଜିଷ୍ଟ୍ରାର ଡ଼. ଅନୀତା ପାତ୍ର, ଡାଇରେକ୍ଟର ଆଡମିନ୍ ପ୍ରଫେସର ଦୁର୍ଗା ପାଢ଼ୀ, ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର ଆସୋସିଏଟ୍ ଡିନ୍ ଡ଼. ପ୍ରଜ୍ଞା ପାଣି, ସ୍କୁଲ ଅଫ୍ ନର୍ସିଂର ଉପପ୍ରଧାନଚାର୍ଯ୍ୟା ଡ଼. ଏସ. ଏନ. ସନ୍ଧ୍ୟା, ଷ୍ଟୁଡେଣ୍ଟ ଆଫେୟର୍ସର ଡିନ୍ ରିତେଶ କୁମାର, ରେଡକ୍ରସ ଅଫିସର ଡ଼. ସୁଶାନ୍ତ କୁମାର ପଟ୍ଟନାୟକ, ଏନଏସ୍ଏସ୍ ୟୁନିଟର ଡ଼. ନିହାଲଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଥିଲା। ଶିବିରରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ୟୁଥ୍ ରେଡକ୍ରସ୍ ଅଫିସର ଶ୍ରୀ ପଟ୍ଟନାୟକ ୨୫ଥର ପାଇଁ ରକ୍ତଦାନ କରି ବିଶ୍ୱବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଶିବିରରେ ବ୍ଲଡ୍ ବ୍ୟାଙ୍କର ଖଗେଶ୍ୱର ବେହେରା ଏବଂ ତାଙ୍କ ଟିମ୍ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଶୁଭାରମ୍ଭ



ଦାରିଙ୍ଗବାଡ଼ି,୭।୧(ସମିସ): ଖୋର୍ଦ୍ଧା ଜିଲ୍ଲାର ବାଣପୁରରେ "ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ଶୁଭାରମ୍ଭ କରିବା ସହ ରାଜ୍ୟବ୍ୟାପୀ ୧୧୮ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି କ୍ରମରେ ଦାରିଙ୍ଗବାଡ଼ି ବ୍ଲକ ଅଧିନସ୍ଥ ସୋନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭାବେ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ବିଡ଼ିଓ ପ୍ରୀତିରଞ୍ଜନ ରଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳାନନ୍ଦ ନାୟକ ଓ ବନମାଳୀ ମାଝୀ, ଏଡ଼ିଇଓ ମାନସ ଦାସ ଓ ନିରୂପମା ଦୋରା, ଜିଲ୍ଲା ପରିଷଦ ସଦସ୍ୟା ଦୀପିକା ମୁଠାମାଝି, ସ୍ଥାନୀୟ ସରପଞ୍ଚ କୁମୁଦିନି ପ୍ରଧାନ, ସମିତି ସଭ୍ୟ ମହେଶ୍ୱର ବଳିଆରସିଂ ଉପସ୍ଥିତ ଥିଲେ।

# ମଶାଲକୁ ସ୍ୱାଗତ ସମ୍ବର୍ଦ୍ଧନା
## ମହେନ୍ଦ୍ରତନୟା ମହୋତ୍ସବ




ଗୋଷାଣି,୭।୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଲୋକକଳା ସାଂସ୍କୃତିକ ମହୋତ୍ସବ ମହେନ୍ଦ୍ରତନୟା ମହୋତ୍ସବ ପାଇଁ ବାଜିଲା ବିଗୁଲ୍। ପରମ୍ପରା ଅନୁସାରେ ପୁରାଣ ବର୍ଣ୍ଣିତ ପବିତ୍ର ମହେନ୍ଦ୍ରଗିରି ଶିଖରରୁ ମଶାଲ ଜ୍ୟୋତିକୁ ଜିଲ୍ଲା ମଶାଲ ଜ୍ୟୋତି କମିଟି ପକ୍ଷରୁ ଅଣାଯାଇଥିଲା। ଏହା ପରେ ମହେନ୍ଦ୍ରତନୟା ଉତ୍ସବ ପାଇଁ କଣ୍ଟ୍ରାଗଡ ପଞ୍ଚାୟତରେ ମଶାଲଜ୍ୟୋତିର ଏକ ଶାଖାକୁ ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। ଏଥିରେ ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ସହକାରୀ ନିର୍ବାହୀଯନ୍ତ୍ରୀ ସସ୍ମିତା ଜେନା, ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ରଙ୍କ ସମେତ ପଞ୍ଚାୟତ ସମିତିର ବହୁ ଅଧିକାରୀ, ସମସ୍ତ ସରପଞ୍ଚ, ବିଭିନ୍ନ ସଂସ୍କୃତି ପ୍ରେମୀ ଏବଂ ବହୁସଂଖ୍ୟକ ଜନସାଧାରଣ ମଶାଲ ଜ୍ୟୋତିକୁ ଗ୍ରହଣ କରିବା ପରେ ପଟୁଆରରେ କଣ୍ଟ୍ରାଗଡ, ମାଛମରା, ଭୁଷୁକୁଡି, ତାଟିପେଟି, ଗୁରାଣ୍ଡି ଓ ବଡଗୋଷାଣି ଗ୍ରାମାଞ୍ଚଳ ପରିକ୍ରମା କରାଯାଇଥିଲା। ଏହାପରେ ବ୍ଲକ ସଦରମହକୁମା କାର୍ଯ୍ୟାଳୟକୁ ମଶାଲକୁ ନିଆଯାଇଥିଲା। ଆସନ୍ତାକାଲି ମହେନ୍ଦ୍ରତନୟା ଉତ୍ସବ ଦିନ ଏହି ଜ୍ୟୋତିକୁ ମନ୍ଦିରରୁ ନେଇ ମଞ୍ଚ ନିକଟରେ ସ୍ଥାପନ କରାଯାଇ ଦୁଇ ଦିନିଆ ମହେନ୍ଦ୍ରତନୟା ଉତ୍ସବ ଅନୁଷ୍ଠିତ ହେବ।

# ସାମ୍ବାଦିକଙ୍କ ପିତୃ ବିୟୋଗ



ପାରଳାଖେମୁଣ୍ଡି,୭ ।୧(ସମିସ): ସାମ୍ବାଦିକ ଶିଶିର କୁମାର ଗୌଡ଼ଙ୍କ ବାପା ଲୋକନାଥ ଗୌଡ଼(୮୫) ଙ୍କ ପୈତୃକ ଗ୍ରାମ ଗଞ୍ଜାମ ଜିଲ୍ଲା ଶେରଗଡ଼ ସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ସେ ଗତ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ସମସ୍ୟା ନେଇ ଚିକିତ୍ସା ହେଉଥିଲେ। ଆଜି ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ଶେରଗଡ଼ ଶ୍ମଶାନଘାଟରେ ସମ୍ପନ୍ନ ହୋଇଛି। ଏହି ଖବର ଜଣାପଡିବାପରେ ଗଜପତି ଜିଲ୍ଲା ସମ୍ବାଦିକ ମହଲରେ ଶୋକ ପ୍ରକାଶ ପାଇଛି।

ସକାଳ THE SAKALA



## ଦୁର୍ନୀତିର ଗନ୍ତାଘର ନୟାଗଡ଼ ପୌର ପରିଷଦ

# ଡମ୍ପିଂୟାର୍ଡ ମାଟି ପୋତିବା ପାଇଁ ୧୮ ଲକ୍ଷ ବ୍ୟୟ ବରାଦ

■ ଖାଇ ଖୁଆଇବା ନୀତି ଆପଣାଇନ୍ତି ଅଧିକାରୀ
■ କାମରେ ବ୍ୟବହାର ହେଉଛି ପୌର ଜେସିବି
■ ନିର୍ବାହୀ ଅଧିକାରୀ ଠିକାଦାର ସାଜିଥିବା ଚର୍ଚ୍ଚା

ନୟାଗଡ଼,୭ ।୧(ସମିସ)



ନୟାଗଡ଼ ପୌର ପରିଷଦରେ ଖାଇ ଖୁଆଇବା ନୀତି ଏବେ ଚର୍ଚ୍ଚାର ବିଷୟ ସାଜିଛି । ବିଲେଇ ଆଖିବୁଜି କ୍ଷୀର ପିଇବା ନୀତିରେ ପୌର ପରିଷଦ ପାଣ୍ଠିକୁ ବରବାଦ କରାଯାଉଛି । ପୌର ନିର୍ବାହୀ ଅଧିକାରୀ ଓ କର୍ମଚାରୀଙ୍କ ମିଳିଭଗତରେ ଚାଲିଥିବା ହରିଲୁଟ୍ ଏବେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି । ନୟାଗଡ଼ ପୌରାଞ୍ଚଳରୁ ବାହାରୁଥିବା ଆବର୍ଜନାକୁ ଭାଲୁଖୋଲ ନିକଟରେ ପକାଯାଉଥିଲା । ଏହି ଅଞ୍ଚଳ ଦେଇ ନୂତନ ଭାବେ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରାଯାଉଛି । ଏହାସହ ଏହା ନିକଟରେ ଆଦର୍ଶ ମଣ୍ଡି, ଡିଏଭି ପବ୍ଲିକ ସ୍କୁଲ ଓ ଆଦିବାସୀ ହଷ୍ଟେଲ ନିର୍ମାଣ ହେଉଛି । ଉକ୍ତ ଅଞ୍ଚଳ ବିକାଶଧାରାରେ ସାମିଲ ହେଉଥିବା ବେଳେ ଡମ୍ପିଂ ୟାର୍ଡ ପରିବେଶକୁ ପ୍ରଦୂଷିତ କରୁଛି । ଏହାକୁ ରୋକିବା ପାଇଁ ଡମ୍ପିଂ ୟାର୍ଡକୁ ସ୍ଥାନାନ୍ତର କରାଯିବାକୁ ପୌର ପରିଷଦ ଯୋଜନା କରିଛି । ଭାଲୁଖୋଲଠାରେ ଜମା ହୋଇଥିବା ହଜାର ହଜାର ଟ୍ରିପ ଆବର୍ଜନାକୁ ସ୍ଥାନାନ୍ତର କରିବା ସମ୍ଭବ ନ ଥିବାରୁ ଏହାକୁ ପୋତିଦେବାକୁ ପୌର ପରିଷଦ ପାଣ୍ଠିରୁ ୧୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି କାର୍ଯ୍ୟକୁ ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଥିବା ବେଳେ ଖୋଦ୍ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରାଯାଉଛି । ନାମକୁ ମାତ୍ର ଏସଏଚଜି କାମ କରୁଥିବା କାଗଜପତ୍ରରେ ଦର୍ଶାଯାଇଥିବା ବେଳେ ନିର୍ବାହୀ ଅଧିକାରୀଙ୍କ ମାର୍ଫତରେ କର୍ମଚାରୀଙ୍କ ଉପସ୍ଥିତିରେ କାମ ଚାଲୁଛି । ନିକଟସ୍ଥ ବଳରାମ ପାହାଡ଼ରୁ ମାଟି ତାଡ଼ି ଉକ୍ତ ସ୍ଥାନରେ ପକାଯାଉଥିବା ବେଳେ ପୌର ପରିଷଦ ଜେସିବି ଏବଂ ଗାଡ଼ି ଏଥିରେ ବ୍ୟବହାର ହେଉଛି । ମୋଟାମାଟି କହିବାକୁ ଗଲେ ଏହି କାର୍ଯ୍ୟକୁ ନିଜେ ନିର୍ବାହୀ ଅଧିକାରୀ ଏବେ ଠିକାଦାର ସାଜି କରୁଥିବା ଚର୍ଚ୍ଚା ହେଉଛି । ନିକଟସ୍ଥ ପାହାଡ଼ରୁ ମାଟି ତାଡ଼ି ଉକ୍ତ ସ୍ଥାନରେ ପକାଇ ସରକାରୀ ଅର୍ଥକୁ ଚଲୁ କରିବାକୁ ମସୁଧା ହୋଇଥିବା ଅଭିଯୋଗ ହୋଇଛି । ମାଟି ପକାଇବାରେ ଲକ୍ଷେ କି ଦୁଇ ଲକ୍ଷ ଭିତରେ ଖର୍ଚ୍ଚ ହୋଇ ନ ଥିବା ବେଳେ ଉକ୍ତ କାମ ବାବଦ ୧୬ ଲକ୍ଷ ଟଙ୍କା ବିଲ୍ କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଛି । ଡମ୍ପିଂ ୟାର୍ଡର ୭୦ ପ୍ରତିଶତ ମାଟି ପୋତିବା କାମ ଶେଷ ହୋଇଛି । ଚଳିତ ବର୍ଷ ମାଟି ପୋତିବା କାମ ଆରମ୍ଭ କରାଯାଇଥିବା ବେଳେ ଗତବର୍ଷଠାରୁ ଏ ବାବଦ ବିଲ ଉଠାଣ ହୋଇଛି । ଗତବର୍ଷ ଏହି କାମ ଆଦୌ ହୋଇ ନ ଥିବା ବେଳେ ଲକ୍ଷାଧିକ ଟଙ୍କା ବିଲ କରାଯାଇଛି । ଏ ବର୍ଷ ମଧ୍ୟ ବଳକା ଅର୍ଥକୁ ବିଲ୍ କରିବାକୁ ଯୋଜନା ହୋଇଛି । ଏ ନେଇ ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କୁ ପଚାରିବାରେ, ଡମ୍ପିଂ ୟାର୍ଡ୍ ମାଟି ପୋତିବା ପାଇଁ ୧୮ ଲକ୍ଷ ବ୍ୟୟ ବରାଦ ହୋଇଥିବା କହିଛନ୍ତି । ଗତବର୍ଷ କିଛି କାମ କରାଯାଇ ବିଲ୍ ହୋଇଥିଲା । ଏ ବର୍ଷ ଦୁଇରୁ ତିନି ଲକ୍ଷ ଟଙ୍କାର କାମ ହୋଇଛି । ବଳକା କାମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ନୟାଗଡ଼ ପୌର ପରିଷଦରେ କାଉନସିଲରମାନେ ଠିକାଦାରି କରୁଥିବା ନେଇ ସହରରେ ଜୋରଦାର ଚର୍ଚ୍ଚା ହେଉଥିବା ବେଳେ ପୌର ନିର୍ବାହୀ ଅଧିକାରୀ ପରୋକ୍ଷ ଭାବେ ଠିକାଦାର ସାଜିବା ଆଲୋଚନାର ବିଷୟ ପାଲଟିଛି ।

## ଆଜିଠୁ ଉତ୍କର୍ଷ ଭାପୁର ମହୋତ୍ସବ

● 'ମୋ ମାଟି ଭାପୁର' ବି ପାଇଲା ଅନୁମତି

ନୟାଗଡ଼,୭ ।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଗୁରୁବାରଠାରୁ ରବିବାର ପର୍ଯ୍ୟନ୍ତ ଚାରିଦିନ ଧରି ଉତ୍କର୍ଷ ଭାପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ । ଭାପୁର ବଜାର ନିକଟ ବାଲୁଙ୍କେଶ୍ୱର ଦେବ ହାଇସ୍କୁଲ ପଡ଼ିଆରେ ଏହି ମହୋତ୍ସବ ଆୟୋଜିତ ହେଉଛି । ଏ ଉପଲକ୍ଷେ ଆୟୋଜକ କମିଟି ତରଫରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଗତ ତିନିବର୍ଷ ହେଲା ଏହି ସ୍ଥାନରେ 'ମୋ ମାଟି ଭାପୁର' ଅନୁଷ୍ଠାନ ମହୋତ୍ସବ ଆୟୋଜନ କରି ସଫଳତା ପାଇ ଆସୁଥିଲା । ମାତ୍ର ଏ ବର୍ଷ 'ଉତ୍କର୍ଷ ଭାପୁର ମହୋତ୍ସବ' ଅନୁଷ୍ଠାନ ନୂତନ କରି ମହୋତ୍ସବ ଆୟୋଜନ କରୁଛି । ତେବେ ଗୋଟିଏ ସ୍ଥାନ ଓ ଏକା ସମୟରେ ମହୋତ୍ସବ ଆୟୋଜନ ନେଇ ଉଭୟ ପକ୍ଷ ମଧ୍ୟରେ ବିବାଦ ସୃଷ୍ଟି ହୋଇ ହାଇକୋର୍ଟରେ ମାମଲା ପହଞ୍ଚିଥିଲା । ହାଇକୋର୍ଟଙ୍କ ରାୟ ପରେ ସମସ୍ତ ଆଶଙ୍କାର ଅବସାନ ଘଟିଛି । ବୁଧବାର ହାଇକୋର୍ଟ ଶୁଣାଣି କରି ଉତ୍କର୍ଷ ମହୋତ୍ସବ ଅନୁଷ୍ଠାନକୁ ୮ରୁ ୧୧ ତାରିଖ ପାଇଁ ଅନୁମତି ପ୍ରଦାନ କରିବା ସହ 'ମୋ ମାଟି ଭାପୁର' ଅନୁଷ୍ଠାନକୁ ୧୨ରୁ ୧୫ ତାରିଖ ଅନୁମତି ପ୍ରଦାନ କରିଛନ୍ତି । ହାଇକୋର୍ଟଙ୍କ ରାୟ ପରେ ବର୍ତ୍ତମାନ ଭାପୁର ଜନସାଧାରଣ ଦୁଇଟି ମହୋତ୍ସବ ଦେଖିବେ ବୋଲି ଆଶା କରାଯାଉଛି ।

## ୪ ବର୍ଷ ପରେ ଦୁଷ୍କର୍ମ ଅଭିଯୁକ୍ତ ଗିରଫ

ଓଡ଼ଗାଁ,୭ ।୧(ସମିସ): ଏକ ଦୁଷ୍କର୍ମ ମାମଲାରେ ୪ ବର୍ଷ ଧରି ଫେରାର ଥିବା ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରୋହିବାଙ୍କ ପଞ୍ଚାୟତ କଦମଝର ଜୟମଙ୍ଗଳ ପ୍ରସାଦ ଗାଁର ଅଭିଯୁକ୍ତ ସନ୍ତୋଷ କୁମାର ପ୍ରଧାନଙ୍କୁ ଓଡ଼ଗାଁ ଥାନା ପୁଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତ ପଠାଇ ଦିଆଯାଇଛି । ୪ ବର୍ଷ ପୂର୍ବେ ସନ୍ତୋଷ ବିବାହ ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାଙ୍କ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ । ସାଙ୍ଗରେ କଶ୍ମୀର ନେଇଯାଇଥିଲେ । ତେବେ କିଛିଦିନ ପରେ ନାବାଳିକାଙ୍କୁ ସେଠାରେ ଏକା ଛାଡ଼ିଦେଇ କେଉଁଆଡ଼େ ଚାଲିଯାଇଥିଲେ । ସେଠାରେ ରହୁଥିବା ଓଡ଼ିଆ ଲୋକଙ୍କ ସହାୟତାରେ ନାବାଳିକା ଜଣକ କୌଣସି ମତେ ଫେରି ଆସିଥିଲେ । ଏନେଇ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ସନ୍ତୋଷଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ସନ୍ତୋଷ ଚକମା ଦେଇ ଖସିଯାଉଥିଲେ । ବର୍ତ୍ତମାନ ଓଡ଼ଗାଁ ଥାନାରେ କାର୍ଯ୍ୟରତ ଏସଆଇ ଚକ୍ରଧର ସିଂ ସନ୍ତୋଷଙ୍କୁ ଧରିବାରେ ସଫଳ ହୋଇଛନ୍ତି ।

## ଗଣେଶ ବଜାର ଦୋକାନ ଗୃହ ବଣ୍ଟନ

ଓଡ଼ଗାଁ,୭ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି ଗଣେଶ ବଜାର ଦୋକାନ ଗୃହ ବଣ୍ଟନ ପ୍ରକ୍ରିୟା ଅନୁସାରେ ୮୪ ଜଣ ଆବେଦନକାରୀ ମଧ୍ୟରୁ ଲଟେରୀ ମାଧ୍ୟମରେ ୧୮ ଜଣଙ୍କ ନାମ ବୁଧବାର ପ୍ରକାଶ ପାଇଛି । ଓଡ଼ଗାଁ ଏନ୍ଏସି କାର୍ଯ୍ୟାଳୟ ସଭାଗୃହରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଓଡ଼ଗାଁ ଥାନା ଏସ୍ଆଇ ଚକ୍ରଧର ସିଂ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା, ଯନ୍ତ୍ରୀ ସତ୍ୟନାରାୟଣ ସାହୁ ପ୍ରମୁଖଙ୍କ ସହିତ ଏନ୍ଏସି କର୍ମଚାରୀ ଏବଂ ଆବେଦନକାରୀଙ୍କ ଉପସ୍ଥିତିରେ ଲଟେରୀ ଉଠାଣ ହୋଇଥିଲା । ଯେଉଁ ୧୮ ଜଣଙ୍କ ନାମରେ ଲଟେରୀ ଉଠିଛି, ସେମାନଙ୍କୁ ଅବଶିଷ୍ଟ ପ୍ରକ୍ରିୟା ସରିବା ପରେ ଗୃହ ହସ୍ତାନ୍ତର କରାଯିବ । ଦୀର୍ଘଦିନ ଧରି ଅବ୍ୟବହୃତ ହୋଇ ପଡ଼ି ରହିଥିବା ଏହି ଗୃହଗୁଡ଼ିକ ବଣ୍ଟନ ପରେ ଏନ୍ଏସି ସ୍ଥାୟୀ ଆୟରେ ବୃଦ୍ଧି ସାଙ୍ଗକୁ ସ୍ଥାନୀୟ ଲୋକଙ୍କୁ କର୍ମସଂସ୍ଥାନ ମିଳିବ ।

● ଖଳିସାହି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

## ସେମିରେ ଭୁବନେଶ୍ୱର ତମାଣ୍ଡୋ କ୍ଲବ




ଖଣ୍ଡପଡ଼ା,୭ ।୧(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଖଳିସାହି ୟୁନାଇଟେଡ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ୟ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ପୂର୍ବାହ୍ନରେ ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଫକୀର ମୋହନ ଦାସ ଯୋଗଦେଇଥିଲେ । ଆଜି ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ମ୍ୟାଚରେ ଭୁବନେଶ୍ୱରର ତମାଣ୍ଡୋ କ୍ରିକେଟ କ୍ଲବ ବ୍ରହ୍ମପୁରକୁ ୩ ଉଇକେଟରେ ପରାସ୍ତ କରି ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି । ଟସ ଜିତି ବ୍ରହ୍ମପୁର କ୍ଲବ ବ୍ୟାଟିଂ କରିଥିଲା । ୨୦ ଓଭରରେ ଦଳ ୮ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରିଥିଲା । ଜବାବରେ ତମାଣ୍ଡୋ ଦଳ ୧୪ ଓଭରରେ ୭ ଉଇକେଟ ହରାଇ ୧୭୩ ରନ ସଂଗ୍ରହ କରିଥିଲା । ବିଜୟୀ ଦଳର ସୁଜିତ ପରିଡ଼ା ୩୩ ବଲରେ ୬୫ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ରବିନାରାୟଣ ମିଶ୍ର ଏବଂ ଦୀପକ ସାହୁ ଖେଳ ପରିଚାଳନା କରିଥିଲେ । ଗୌରାଙ୍ଗ ଚରଣ ସେଠୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଶ୍ରୀନିବାସ ଦଳେଇ ଧାରାବିବରଣୀ ପ୍ରଦାନ କରିଥିଲେ । ଗୁରୁବାର ଦ୍ୱିତୀୟ କ୍ୱାର୍ଟର ମ୍ୟାଚ ମେଣ୍ଢାଶାଳ ଏବଂ କଟକ ନୂଆପାଟଣା ମଧ୍ୟରେ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି ।

## ଜାନୁଆରୀ ୧୨ରୁ ୧୮ ସୁଭଦ୍ରା ଶକ୍ତି ମେଳା



ନୟାଗଡ଼,୭ ।୧(ସମିସ): ନୟାଗଡ଼ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତାରେ ସୁଭଦ୍ରା ଶକ୍ତି ମେଳା ଉପଲକ୍ଷେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଛି । ମିଶନ ଶକ୍ତି ଡିପିସି ଶାଶ୍ୱତ କୁମାର ସାହୁ ସ୍ୱାଗତ ଭାଷଣ ରଖିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନୟାଗଡ଼ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସୁଭଦ୍ରା ଶକ୍ତି ମେଳାରେ ଅଂଶଗ୍ରହଣ, ଉତ୍ପାଦ ଆଧାରିତ ଉଦ୍ୟମ ମାଧ୍ୟମରେ ମହିଳା ନେତୃତ୍ୱ ଭିତ୍ତିକ ଜୀବିକାକୁ ପ୍ରୋତ୍ସାହନ ଦେବା ଓ ଲକ୍ଷପତି ଦିଦି ସୃଷ୍ଟି କରିବାର ଏକ କୌଶଳାତ୍ମକ ପଦକ୍ଷେପ । ଏହି ମେଳା ଏକ ସମଗ୍ର ମଞ୍ଚ ଭାବେ କାର୍ଯ୍ୟ କରିବ, ଯେଉଁଠାରେ ଏସ୍ଏଚଜି ମହିଳାମାନେ ଜିଲ୍ଲାର ପାରମ୍ପରିକ କୌଶଳ, ସ୍ଥାନୀୟ ସମ୍ପଦ ଓ ସମ୍ଭାବନାକୁ ପ୍ରତିନିଧିତ୍ୱ କରୁଥିବା ବିଭିନ୍ନ ପ୍ରକାର ଉତ୍ପାଦ ପ୍ରଦର୍ଶନ କରିବେ । ନୟାଗଡ଼ ଜିଲ୍ଲାର ଲକ୍ଷପତି ଦିଦି କାହାଣୀ ଏକ ଶକ୍ତିଶାଳୀ ଏସଏଚଜି ଆଧାର, ଦ୍ରୁତଗତିରେ ବଢ଼ୁଥିବା ବ୍ୟାଙ୍କ ଋଣ ସଂଯୋଗ ଏବଂ ବ୍ୟାପକ ଜୀବିକା ଓ ସମନ୍ୱୟ କାର୍ଯ୍ୟକଳାପ ଦ୍ୱାରା ଚିହ୍ନଟ ହେବ । ଏହି ସମସ୍ତ ପଦକ୍ଷେପ ମିଶି ମିଶନ ଶକ୍ତିର ହଜାର ହଜାର ମହିଳାଙ୍କୁ ବାର୍ଷିକ ଏକ ଲକ୍ଷରୁ ଅଧିକ ଟଙ୍କା ଆୟ କରିବା ଓ ତାହାକୁ ଦୀର୍ଘକାଳୀନ ଭାବେ ରକ୍ଷା କରିବାରେ ସହାୟକ ହେବ । ଏଥିରେ ଖାଦ୍ୟ ପ୍ରକ୍ରିୟାକରଣ ସାମଗ୍ରୀ, ମୂଲ୍ୟ ସଂଯୋଜିତ କୃଷି ଉତ୍ପାଦ, ହସ୍ତତନ୍ତ ଓ ହସ୍ତଶିଳ୍ପ, ପରିବେଶ ମିତ୍ର ଓ ଉପଯୋଗୀ ସାମଗ୍ରୀ, ପାରମ୍ପରିକ କଳା ଓ କାରୁକାର୍ଯ୍ୟ, ତଥା ଘରୋଇ ଉଦ୍ୟମ ଅନ୍ତର୍ଭୁକ୍ତ ରହିବ । ମେଳା ପରିବେଶ ଆତ୍ମବିଶ୍ୱାସ ବଢ଼ାଇବ, ଉଦ୍ୟମୀ କୌଶଳ ଉନ୍ନତ କରିବ । ସଂସ୍ଥାଗତ ଦୃଷ୍ଟିକୋଣରୁ ଏହି ମେଳା ମିଶନ ଶକ୍ତି, ବିଭିନ୍ନ ବିଭାଗ, ବିପଣନ ଏଜେନ୍ସି ଓ ଉଦ୍ୟମ ସହାୟତା ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବ । ସାମଗ୍ରିକ ଭାବେ ସୁଭଦ୍ରା ଶକ୍ତି ମେଳା ନୟାଗଡ଼ ଜିଲ୍ଲାରେ ମହିଳା ଆର୍ଥିକ ସଶକ୍ତୀକରଣକୁ ଆଗେଇ ନେବାରେ ଏକ ପ୍ରେରକ ଭୂମିକା ନିଭାଇବ । ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୋଟ ୧୫୦ଟି ଷ୍ଟଲ୍ ରହିବ ବୋଲି ଆଲୋଚନା ହୋଇଥିଲା । ବୈଠକରେ ଏଲଡିଏମ ଲୋହିତ ନନ୍ଦ, ନୟାଗଡ଼ ତହସିଲଦାର ରାଜେଶ କୁମାର ସ୍ୱାଇଁ, ଓରମାସ ଡେପୁଟି ସିଇଓ ସଞ୍ଜୀବ ମହାନ୍ତି, ଡିଏସପି ଡ. ଦୀନେଶ ଚନ୍ଦ୍ର ନାୟକଙ୍କ ସମେତ ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ଡ୍ରେନ୍ ପାଣି ଘେରରେ ଚନ୍ଦ୍ରମଣିଙ୍କ ପରିବାର

ଓଡ଼ଗାଁ,୭ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ହରିହରପୁର ପଞ୍ଚାୟତ ଅସୁରଢିପା ବଡ଼ସାହିରେ ଅଧପନ୍ତରିଆ ଡ୍ରେନ ନିର୍ମାଣ କରାଯାଇଥିବା ବେଳେ ପଥରୋଧ କାରଣରୁ ଚନ୍ଦ୍ରମଣି ଦାଶଙ୍କ ଘର ଡ୍ରେନ୍ ପାଣି ଘେରରେ ରହିଛି । ଅସୁରଢିପା ଗ୍ରାମ ୱାଡ ନମ୍ବର ୨୧ର ବାସିନ୍ଦା ଚନ୍ଦ୍ରମଣି ତାଙ୍କ ପିଲାଛୁଆଙ୍କୁ ଧରି ରହି ଆସୁଥିବା ଘର ପାଖରେ ପ୍ରଶାସନ ଦ୍ୱାରା ଅଧପନ୍ତରିଆ ଭାବେ ଡ୍ରେନ୍ ନିର୍ମାଣ କରି ଛଡ଼ାଯାଇଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଉକ୍ତ ଅଧପନ୍ତରିଆ ଡ୍ରେନ୍ ପାଣି ପୂର୍ବରୁ ଖାଲି ପଡ଼ିଥିବା ଏକ କବଲତ୍ ସ୍ଥାନରେ ପହଞ୍ଚୁଥିବା ବେଳେ ଉକ୍ତ ଜାଗା ମାଲିକ ନିଜ ଆବଶ୍ୟକତା ପାଇଁ ବର୍ତ୍ତମାନ ସେଠାକୁ ପାଣି ଯିବାକୁ ବନ୍ଦ କରିଛନ୍ତି । ଫଳରେ ମଇଳା ପାଣି ନିଷ୍କାସନ ହୋଇପାରୁନାହିଁ । ଏଥିସହ ଗ୍ରାମକୁ ପିଇବା ପାଣି ଯୋଗାଇବା ପାଇଁ ସେଠାରେ ନିର୍ମିତ ସୋଲାର ଟାଙ୍କିର ବଳକା ପାଣି ମଧ୍ୟ ବୋହି ଆସି ସେଠାରେ ଜମା ହେଉଛି । ଖାଲି ସ୍ଥାନ ପୂର୍ବରୁ ରହିଥିବା ଚନ୍ଦ୍ରମଣି ଦାଶଙ୍କ ଘର ପାଖ ଏବେ ଡ୍ରେନ୍ ପାଣିରେ ଉବୁଟୁବୁ ହେଉଛି । ଏଠାରେ ଅନବରତ ମଇଳା ପାଣି ଜମା ହୋଇ ରହିବା ଫଳରେ ଘରେ ମଶା, ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ସହ ବେଙ୍ଗ ସାପ ମଧ୍ୟ ଘରେ ପଶୁଛନ୍ତି । ଡ୍ରେନ୍ ପାଣି ନିଷ୍କାସନ ପାଇଁ ତ୍ୱରିତ ବ୍ୟବସ୍ଥା କରିବା ନିମନ୍ତେ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ବହୁବାର ମୌଖିକ ଅଭିଯୋଗ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗତ ୪ ତାରିଖ ଲିଖିତ ଅଭିଯୋଗ କରିଛନ୍ତି । ତଥାପି କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଚନ୍ଦ୍ରମଣି ଅସହାୟ ହୋଇପଡ଼ିଥିବା କହିଛନ୍ତି । ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପରେ ଆଲୋଚନା କରିବାକୁ କହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ ।



ନୟାନ୍ତ କଲେଣି ମଶା, ମାଛି

## ମା' ରାମଚଣ୍ଡି କ୍ରିକେଟ

## ଝଗଡ଼ପଡ଼ା ସେମିରେ

ଭାପୁର,୭ ।୧(ସମିସ): ଭାପୁର ବ୍ଲକ ବଡସହରା ପଞ୍ଚାୟତ ରାମପଡ଼ା ଗ୍ରାମରେ ମା' ରାମଚଣ୍ଡି କ୍ରିକେଟ କ୍ଲବ ପକ୍ଷରୁ ୮ ଦିନିଆ ୧୬ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ଉଦଘାଟନୀ ମ୍ୟାଚ ମହୁଲିଆ ଓ ଝଗଡ଼ପଡ଼ା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଝଗଡ଼ପଡ଼ା ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ମହୁଲିଆ ଦଳ ଟସ୍ ଜିତି ବ୍ୟାଟିଂ କରି ୨୦ ଓଭରରେ ୯ ୱିକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା । ଜବାବରେ ଝଗଡ଼ପଡ଼ା ଦଳ ୧୧.୪ ଓଭରରେ ୪ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା । ବିଜୟୀ ଦଳର ବାବାଲି ୪୧ ବଲରୁ ୧୦୪ ରନ (୯ ଚୌକା, ୭ ଛକା) ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ବଡ଼ସହରା ସରପଞ୍ଚ ବ୍ରଜକିଶୋର ଆଲୁକ ଅତିଥି ଭାବେ ଯୋଗଦେଇଥିଲେ । ଅମ୍ପାୟର ତୁଷାରକାନ୍ତ ସ୍ୱାଇଁ ଏବଂ ତାପସ କୁମାର ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ । ସିଦ୍ଧାନ୍ତ ସ୍ୱାଇଁ ସ୍କୋରସିଟ୍ ପରିଚାଳନା କରିଥିଲେ । ତପନ କୁମାର ମହାନ୍ତି ଧାରାବିବରଣୀ ପ୍ରଦାନ କରିଥିଲେ । ଗୁରୁବାର ବାବା ବାଲୁଙ୍କେଶ୍ୱର ଦେବ କ୍ରିକେଟ କ୍ଲବ ଭାପୁର ଓ ମା' ଢୋଲଚଣ୍ଡି କ୍ରିକେଟ କ୍ଲବ ବଡ଼ସହରା ମଧ୍ୟରେ ମ୍ୟାଚ୍ ଖେଳାଯିବ ।

## ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଭୁବନେଶ୍ୱର ଗଣ୍ଡରପୁର ବିଜୟୀ



ଦଶପଲ୍ଲା,୭ ।୧(ସମିସ): ସ୍ପୋର୍ଟିଭ ସ୍ପୋର୍ଟସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମଇଦାନରେ ୨୬ତମ ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ବୁଧବାର ରଙ୍ଗାରଙ୍ଗ ପରିବେଶରେ ଉଦଘାଟିତ ହୋଇଛି । ଆରାଧ୍ୟ ଶ୍ରୀ ମହାବୀର ମନ୍ଦିରରୁ ଆଶୀର୍ବାଦ ମାଳ ନେଇ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରି ଗାନ୍ଧୀ ମଇଦାନରେ ପହଞ୍ଚିବା ପରେ ଦଶପଲ୍ଲା କପକୁ ସ୍ଥାନିତ କରାଯାଇଥିଲା । ସ୍ଥାନୀୟ ବିଧାୟକ ରମେଶ ବେହେରା, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଅଞ୍ଜନ ଦାସ ଓ ଦଶପଲ୍ଲା ଥାନା ଭାରପ୍ରାପ୍ତ ନିରୀକ୍ଷକ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଉଦଘାଟନୀ ମ୍ୟାଚ୍ ଭୁବନେଶ୍ୱର ଗଣ୍ଡରପୁର ଓ ଆଠଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ଅମୀମାଂସିତ ରହିବାରୁ ଟାଇ ବ୍ରେକର ପଦ୍ଧତି ଅନୁସରଣ କରାଯାଇଥିଲା । ଭୁବନେଶ୍ୱର ଦଳ ୫-୪ ଗୋଲରେ ବିଜୟୀ ହୋଇଛି । ରେଫରୀ ରାଜକିଶୋର ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ । ଲାଇନ୍ସରେ ରବୀନ୍ଦ୍ରନାଥ ନାୟକ, ପ୍ରସନ୍ନ ନାୟକ ସହଯୋଗ କରିଥିଲେ । ଅଫିସିଆଲ୍ ଭାବେ ଅଶୋକ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ । ଗୁରୁବାର ଭୁବନେଶ୍ୱର ଗଣ୍ଡରପର ଓ ବିହାର ମା' କାମାକ୍ଷା କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବା ନେଇ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି ।

## ଖଣ୍ଡପଡ଼ା ସାମ୍ବାଦିକ ସଂଘର ବନ୍ଧୁ ମିଳନ



ଖଣ୍ଡପଡ଼ା,୭ ।୧(ସମିସ): ଖଣ୍ଡପଡ଼ା ସହରାଞ୍ଚଳ ମା' ଉମାଦେବୀଙ୍କ ମନ୍ଦିର ପରିସରରେ ବୁଧବାର ପୂର୍ବାହ୍ନରେ ଖଣ୍ଡପଡ଼ା ସାମ୍ବାଦିକ ସଂଘର ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଂଘ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ, ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରା, ଖଣ୍ଡପଡ଼ା ସାମ୍ବାଦିକ ସଂଘ ଉପଦେଷ୍ଟା ଆଇନଜୀବୀ ବିକ୍ରମ କେଶରୀ ଦେଓ, ନୟାଗଡ଼ ସାମ୍ବାଦିକ ଭବନ ସମ୍ପାଦକ ଅନିଲ କୁମାର ପଣ୍ଡା, ନୀହାର ରଞ୍ଜନ ପଟ୍ଟନାୟକ, ବିଶ୍ୱଜିତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଚତୁର୍ଥ ସ୍ତମ୍ଭର ମର୍ଯ୍ୟାଦାହାନି କରିବା ଭଳି କାର୍ଯ୍ୟ ନ କରି କଲମ ମୁନକୁ ସ୍ୱଚ୍ଛତାର ସହ ଚଳାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଅତିଥିଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ସଂଘ ସମ୍ପାଦକ ସରୋଜ କୁମାର ଚୌଧୁରୀ, ଜନ୍ମେଜୟ ଦଳେଇ, ମନୋରଞ୍ଜନ ରଥ, ତପନ କୁମାର ଦାଶ, ଚିତ୍ତରଞ୍ଜନ ଦାସ, ତପନ ମହାପାତ୍ର, ନିରଞ୍ଜନ ଦାସ, ସଂଗ୍ରାମ କେଶରୀ ଦେଓ, ଶିବନାରାୟଣ ଦାସ, ପ୍ରଭାତ ପଶାୟତ, ନିଗମାନନ୍ଦ ଦାଶ, ସଦାଶିବ ପାତ୍ର, ଶରତ କୁମାର ବେହେରା, କନକଲତା ପ୍ରଧାନ, ସୁପ୍ରିୟା ଦାଶ, ଶଙ୍କର୍ଷଣ ସ୍ୱାଇଁ, ରଜତ କୁମାର ଦାସ, ନିରଞ୍ଜନ ପଣ୍ଡା, ପ୍ରଦୀପ କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ, ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

## ରଣପୁର ମହୋତ୍ସବ 'ଅର୍ଜ୍ଜୁନ'ର ତୃତୀୟ ସନ୍ଧ୍ୟା

# ଦର୍ଶକଙ୍କ ମନମୋହିଲା ଓଡ଼ିଶୀ ନୃତ୍ୟ

ରଣପୁର,୭ ।୧(ସମିସ)

ରଣପୁର ବାଘସାମନ୍ତ ପଡ଼ିଆରେ ଆୟୋଜିତ ରଣପୁର ମହୋତ୍ସବ 'ଅର୍ଜ୍ଜୁନ'ର ବୁଧବାର ତୃତୀୟ ସନ୍ଧ୍ୟାରେ ଦର୍ଶକଙ୍କ ମନ ମୋହିଛି ଓଡ଼ିଶୀ ନୃତ୍ୟ । ଲୋକନୃତ୍ୟ ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା ।

ସହିଦ ଦିବାକର ପରିଡ଼ାଙ୍କ ନାମରେ ନାମିତ ଏହି ତୃତୀୟ ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ତଥା ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ଖଣିମନ୍ତ୍ରୀ ସମ୍ପଦ ସ୍ୱାଇଁ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ, ନୟାଗଡ଼ ଜିଲ୍ଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ସିଡିଏଓ ଲଗ୍ନଜିତ ରାଉତ, ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା, ରଣପୁର ବିଡିଓ ମନୋଜକୁମାର ନାୟକ ମଞ୍ଚାସୀନ ଥିଲେ । ସତ୍ୟନାରାୟଣ ମହାପାତ୍ର ବିବରଣୀ ପାଠ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୁଲିଆ ଛଉନୃତ୍ୟ, ଜୟଦେବ ଗୋଟିପୁଅ ଓ ଓଡ଼ିଶୀ ନୃତ୍ୟ ଓ ନାଗମେଢ଼ ବେଶ୍ ଆକର୍ଷଣୀୟ ହୋଇଥିଲା । ଶୀତୁଆ ସନ୍ଧ୍ୟାରେ ରଣପୁର, ବୋଲଗଡ଼, ଭାପୁର, ବେଗୁନିଆ ବ୍ଲକର ହଜାର ହଜାର ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ଶେଷରେ ମଣ୍ଟୁ ଛୁରିଆଙ୍କ ସଙ୍ଗୀତରେ ଦର୍ଶକ ମତୁଆଲା ହୋଇଥିଲେ ।



# ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ପାରାଦୀପ/କୁଜଙ୍ଗ,୭।୧(ସମିସ)



ଆଜି ରାଜ୍ୟର ୩୦ ଗୋଟି ଜିଲ୍ଲାରେ ୧୧୮ ଗୋଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଜ୍ୟ ସରକାର ଜଗତସିଂହପୁର ଜିଲ୍ଲାର ଏକମାତ୍ର ସ୍କୁଲ ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟ, ପାରାଦୀପ ଗଡ଼କୁ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ମନୋନୀତ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ୭୭୪ ଜଣ ଛାତ୍ର,ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଭିତ୍ତିଭୂମିର ବିକାଶ, ସ୍ମାର୍ଟକ୍ଲାସ ରୁମ୍, ଗୁଣାତ୍ମକ ଶିକ୍ଷା, ବିଜ୍ଞାନ ଗବେଷଣା ଓ ପରୀକ୍ଷାଗାର, ଖେଳପଡିଆ ଓ ଖେଳ ଉପକରଣ, ପାର୍କ, ସବୁଜ ପରିବେଶ ଆଦିରେ କ୍ଷେତ୍ରରେ ୫ରୁ ୭ କୋଟି ଟଙ୍କା ବିନିଯୋଗ କରାଯିବ। ଉକ୍ତ ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସମସ୍ତ ସୁବିଧା ସୁଯୋଗ ଉପଭୋଗ କରିପାରିବେ। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର, ମଣ୍ଡଳ ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରା, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, ପାରାଦୀପ ଗଡ ସରପଞ୍ଚ ସସ୍ମିତା ବେହେରା, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ସାହୁ, ସିଆର୍‌ସିସି ସମୀର କୁମାର ଓଝା, ଶିକ୍ଷା କମିଟି ସଭାପତି ଜୀବନଧନ ବେହେରା ପ୍ରମୁଖ ଯୋଗଦେଥିଲେ। ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସୁବାସ ସେନାପତି ସଭା ସଞ୍ଚାଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଭାତ ନଳିନୀ ବେହେରା, ମିନାର୍ଭ ସ୍ୱାଇଁ, ମିନାର୍ଭା ପଣ୍ଡା, ବିଜୟଲକ୍ଷ୍ମୀ ସ୍ୱାଇଁ, ସାଗରିକା ସ୍ୱାଇଁ, ବିଷ୍ଣୁପ୍ରିୟା ସ୍ୱାଇଁ, ଏଲିନା ମହାନ୍ତି, ରମାକାନ୍ତ ଖଣ୍ଡୁଆଳ, ଦୀପିକା ସୋରେନ, ସମ୍ପଦ ମୁଦୁଲି, ସାର୍ଥକ ମହାନ୍ତି, ସିଦ୍ଧାନ୍ତ ସାହୁ, ଓମ୍‌ପ୍ରକାଶ ସାହୁ, ଚନ୍ଦ୍ର ଶେଖର ଚୌଧୁରୀ, ଅଲେଖ ମହାରଥା, ବିଚିତ୍ର ପ୍ରଧାନ, ପ୍ରଭାତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଆଜିଠାରୁ ସର୍ବଭାରତ ବୃହତ୍ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା

ପାରାଦୀପ,୭।୧(ସମିସ): ପାରାଦୀପ ବନ୍ଦର ଓ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ଜାନୁଆରୀ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ପାରାଦୀପର ଜୟଦେବ ସଦନ ଠାରେ ୨୫ତମ ବୃହତ୍ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଆୟୋଜକ ପାରାଦୀପ ବନ୍ଦର ସମେତ ଭାରତର ୯ ଗୋଟି ବୃହତ୍ ବନ୍ଦର ଅଂଶଗ୍ରହଣ କରୁଛନ୍ତି। ଉଲ୍ଲେଖ ଯୋଗ୍ୟ ଏହିକି ଯେ ପାରାଦୀପ ବନ୍ଦର ଲଗାତାର ଭାବେ ଏହି ପ୍ରତିଯୋଗିତାକୁ ୩ ବର୍ଷ ହେଲା ଆୟୋଜିତ କରିଆସୁଛି। ୪ ଦିନ ଧରି ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ବନ୍ଦରରୁ ଆସିଥିବା କଳାକାରମାନେ ନିଜ ନିଜ ରାଜ୍ୟର କଳାକୁ ପ୍ରଦର୍ଶନ କରିବେ। ଏହି କାର୍ଯ୍ୟକ୍ରମରେ କେବଳ କଳା ପ୍ରଦର୍ଶନ ହେବ ନାହିଁ ପରନ୍ତୁ ବନ୍ଦରର କର୍ମଚାରୀ ମାନେ ଅନ୍ୟ ରାଜ୍ୟର କଳା ସଂସ୍କୃତି ସହିତ ପରିଚିତ ହେବା ସଙ୍ଗେ ସଙ୍ଗେ ଭାଷା ତଥା ଭାବର ଆଦାନ ପ୍ରଦାନ କରିବେ। ତତ୍ ସଙ୍ଗେ ଏହା ମନୋରଞ୍ଜନର ଖୋରାକ ମଧ୍ୟ ଯୋଗାଇବ। ୮ ତାରିଖ ଦିନ ସନ୍ଧ୍ୟାରେ ବନ୍ଦର ଅଧ୍ୟକ୍ଷ ପିଏଲ୍. ହରନାଧ ଆନୁଷ୍ଠାନିକ ଭାବେ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବେ। ପ୍ରତିଯୋଗିତାକୁ ସଫଳ କରିବା ପାଇଁ ଗୋପବନ୍ଧୁ କ୍ରୀଡ଼ା ସଂସଦ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇ ସାରିଛି। କର୍ମକର୍ତ୍ତାମାନେ ନିଜ ନିଜ ଦାୟିତ୍ୱ ସମ୍ପାଦନାରେ ଲାଗି ପଡିଛନ୍ତି। ପାରାଦୀପ ବନ୍ଦର ଛଡ଼ା କୋଚିନ୍, କଲିକତା, ଭିଏ ଚିଦାମ୍ବରନାର, ମୁମ୍ବାଇ, କାଣ୍ଡଲା, ଜେଏନ୍‌ପିଟି, ଚେନ୍ନାଇ, ବିଶାଖପାଟଣା ବନ୍ଦର ଏହି କାର୍ଯ୍ୟକ୍ରମରେ ଭାଗ ନେଉଛନ୍ତି।

## 'ଆସ ଭେଟିବା ଆମ ପିଲାଙ୍କୁ' କାର୍ଯ୍ୟକ୍ରମ



ଜଗତସିଂହପୁର,୭।୧(ସମିସ): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଏକ ନିଆରା ବୌଦ୍ଧିକ କାର୍ଯ୍ୟକ୍ରମ 'ଆସ ଭେଟିବା ଆମ ପିଲାଙ୍କୁ' ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୂଳିସିଂସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ୧୯ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ବରିଷ୍ଠ ଶିକ୍ଷୟିତ୍ରୀ ମୋନାଲିସା ଭଞ୍ଜ, ଶିକ୍ଷକ ଅଶୋକ କୁମାର ବେହେରା ଓ ମିନତୀ ଦାସ ବିଚାରକ ଭାବେ ଯୋଗଦେଇ ୫ ଜଣ କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଓ ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରି ନିରନ୍ତର ଅଭ୍ୟାସ ଓ କଠିନ ପରିଶ୍ରମ ବଳରେ ବିଦ୍ୟାର୍ଥୀମାନେ କୁଇଜ୍ ପ୍ରତିଯୋଗିତାରେ ଦକ୍ଷତା ହାସଲ କରି ପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ବିକ୍ରମ କୁମାର ଜେନା, ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ଶିକ୍ଷୟିତ୍ରୀ ପ୍ରିୟଙ୍କା ମଣ୍ଡଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଫଳ ହେବା ପାଇଁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ କୃତି ବିଦ୍ୟାର୍ଥୀମାନଙ୍କୁ ସାରସ୍ୱତ ପରିଷଦ ପକ୍ଷରୁ ମହାପୁରୁଷଙ୍କ ଜୀବନୀ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ ଧନ୍ୟବାଦ ଦେଇଥିଲେ।

## ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିର



ବିରିଡ଼ି,୭।୧(ସମିସ): ବିରିଡି ବ୍ଲକ ହାଜିପୁର ପଞ୍ଚାୟତ ଅନ୍ତର୍ଗତ କଲ୍ୟାଣ ମଣ୍ଡପ ପରିସରରେ ବିରିଡ଼ି ବ୍ଲକ ଉଦ୍ୟାନ କୃଷିବିଭାଗ ଆନୁକୂଲ୍ୟରେ ଏକଦିବସୀୟ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିରିଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଦୀପ୍ତମୟୀ ରାୟ, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ସାଂସଦଙ୍କ ପ୍ରତିନିଧି ଗୀତାଞ୍ଜଳି ସାହୁ, ବ୍ଲକ୍ ଉଦ୍ୟାନ କୃଷି ଭାରପ୍ରାପ୍ତ ଅଧିକାରୀ ପୁଷ୍ପିତା ସାହୁ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଜଗତସିଂହପୁର ଅନିଲ ସେଠୀ, ସହକାରୀ କୃଷି ଇଞ୍ଜିନିୟର ସଂସାର ସାମନ୍ତ ପରିଡ଼ା ପ୍ରମୁଖ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କ୍ଷେତ୍ରାଧିକାରୀ ସୁଶାନ୍ତ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀଙ୍କ ପାଇଁ ଉପଲବ୍ଧ ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ନିମକଣା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ପ୍ରଦୀପ୍ତ ମାଝୀ ଯୋଗଦେଇ ଉଦ୍ୟାନ କୃଷି ଏବଂ ଆଳୁ ଚାଷର ରୋଗପୋକ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଯୋଗ ଦେଇଥିଲେ। ଏଥିରେ ସରପଞ୍ଚ ଆରତୀ ଭୂୟାଁ, ପ୍ରଭାସିନୀ ବେହେରା, ଶାନ୍ତିଲତା ସାହୁ, ସତ୍ୟଭାମା ବେହେରା, ସ୍ନେହାପ୍ରଭା ପରିଜା, ସମିତିସଭ୍ୟା କଳ୍ପନା ପଶାୟତ, ରାଜେଶ ଭୋଇ, ରଶ୍ମିରଂଜନ ବେହେରା ଉପସ୍ଥିତ ଥିଲେ। ଉଦ୍ୟାନ କୃଷି କର୍ମଚାରୀ ସୋନାଲି ରାଉତ ଧନ୍ୟବାଦ ଦେଇଥିଲେ।

## ମହିଳୋ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଜଗତସିଂହପୁର,୭।୧(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପଟିଲୋ ପଞ୍ଚାୟତସ୍ଥ ମହିଳୋ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରୀତିପ୍ରଭା ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଅଧ୍ୟାପକ ମନୋଜ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବରେ ନବକାକଳିର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ସମ୍ମାନନୀୟ ଅତିଥି ଭାବରେ ଶିକ୍ଷାବିତ୍ ତଥା କବୟିତ୍ରୀ ମନୋରମା ଦାଶ, ଶଶୀରେଖା ପଣ୍ଡା ଏବଂ କୋଠିଆଁ ସାଧନ କେନ୍ଦ୍ରର ସଂଯୋଜକ ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇଥିଲେ। ଅତିଥିଗଣ ଚଳିତ ବର୍ଷର ଶୈକ୍ଷିକ, ସହ-ଶୈକ୍ଷିକ ଏବଂ କ୍ରୀଡା କ୍ଷେତ୍ରରେ ସାଫଲ୍ୟ ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ଟ୍ରଫିଦେଇ ଉତ୍ସାହିତ କରିଥିଲେ। ପ୍ରଥମେ ମଞ୍ଚ ଆବାହନ କରିଥିଲେ ନିତ୍ୟାନନ୍ଦ ତ୍ରିପାଠୀ ଏବଂ ଅତିଥି ପରିଚୟ ଦେଇଥିଲେ ମନୋରଞ୍ଜନ ଦାଶ। ସେହିପରି ବାର୍ଷିକ ବିବରଣୀ ଅନୁଲିପ୍ତା ମିଶ୍ର ପାଠ କରିଥିବା ବେଳେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ ଛାତ୍ରୀ ଜିଜ୍ଞାସା ମଲ୍ଲିକ। ପୁରସ୍କାର ବିତରଣକୁ ସଞ୍ଚାଳନ କରିଥିଲେ ମଧୁଛନ୍ଦା ଆଚାର୍ଯ୍ୟ, ସାଗରିକା ପରିଡ଼ା, ପ୍ରଜ୍ଞା ପରମିତା ପରିଡା, ରାହୁଲ ରାଜ ମହାନ୍ତ, ପ୍ରଣତିକା ମହାନ୍ତି, ଗଣେଶ ଚନ୍ଦ୍ର ସ୍ୱାଇଁ, ରଶ୍ମିରଞ୍ଜନ ପାଲ। ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ଭାବରେ ସତ୍ୟଜିତ ଶତପଥୀଙ୍କୁ ଟ୍ରଫି ଦେଇ ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଭିଷେକ ମହାରଣା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

ବାଲିକୁଦା,୭।୧(ସମିସ): ବାଲିକୁଦା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ପାଳନ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲା ସହ ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ମୁଖ୍ୟବକ୍ତା ଭାବେ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷା ସେତୁ କମିଟି ସଭାପତି ଶିକ୍ଷକ ରମାକାନ୍ତ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜାଭୀର ଖାଁ, ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ପଞ୍ଚସଖା ସେତୁ କମିଟି ସଦସ୍ୟ ଶାରଦା ପ୍ରସାଦ ସାହୁ ଯୋଗ ଦେଇ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ରଶ୍ମିରେଖା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିକୁଦା ବିଡିଓ ସାଗର କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡା ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ଆକାଂକ୍ଷା ମେଳା ଭିଜନ-୨୦୩୬ରେ ୩ଟି ପ୍ୟାଭିଲିୟନ ଯଥା ଟ୍ୟାଲେଣ୍ଟ ଗ୍ୟାଲେରୀ, ଦୋକାନ ଯାତ୍ରା, ବିଜିନେସ ସମିଟରେ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକଳ୍ପ ପଦର୍ଶନ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ସାମଲ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହାୟତା ପ୍ରଦାନ କରିଥିଲେ।

## ବଂଶୀଧର ବେହେରାଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା

ଜଗତସିଂହପୁର,୭।୧(ସମିସ): ବରିଷ୍ଠ କବି ବଂଶୀଧର ବେହେରାଙ୍କୁ ତାଙ୍କର ସାହିତ୍ୟ କୃତି ପାଇଁ ଜଗତସିଂହପୁର ସାହିତ୍ୟ



ପରିଷଦର ଷୋଡ଼ଶ ବାର୍ଷିକ ଉତ୍ସବରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ପରିଷଦର ପ୍ରତିଷ୍ଠାତା କବି ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କବି ଶ୍ରୀ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ୨୦୨୩ ଓ ୨୦୨୪ ବର୍ଷ ପାଇଁ ବିଭିନ୍ନ ପ୍ରତିଷ୍ଠିତ ସାରସ୍ୱତ ସାଧକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବର ମୁଖ୍ୟଅତିଥି ଭାବେ କବି ପୀତାମ୍ବର ତରାଇ, ବରେଣ୍ୟ ଅତିଥି ନାଟ୍ୟକାର ଡା. କୈଳାସ ମଲ୍ଲିକ, ଡ. ସୁରେନ୍ଦ୍ରନାଥ ତ୍ରିପାଠୀ, ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ନାଟ୍ୟକାର ଡ. ରମେଶ ପ୍ରସାଦ ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ଡ. ଅଜୟ କୁମାର ମିଶ୍ର, ବରେଣ୍ୟ ଅତିଥି ଭାବେ ବିଶିଷ୍ଟ କଥାଶିଳ୍ପୀ ଇଂ.ବିଷ୍ଣୁ ସାହୁ ଯୋଗଦେଇଥିଲେ। ଶ୍ରୀ ବେହେରା ଶିକ୍ଷକତା ବୃତ୍ତିରୁ ଅବସର ନେବା ପରେ ବି ସାହିତ୍ୟ ପ୍ରତି ତାଙ୍କର ଆନୁଗତ୍ୟ କମି ନାହିଁ। ସେ ନିଜ ଜନ୍ମମାଟି ମୁଣ୍ଡାଳୋ ଠାରେ ମୁଣ୍ଡାଳୋ କଳା ସାହିତ୍ୟ ଓ ସଂସ୍କୃତି ପରିଷଦ ଗଠନ କରି ପ୍ରତିବର୍ଷ ସାହିତ୍ୟ ଉତ୍ସବ ପାଳନ କରି ଆସୁଛନ୍ତି। ଜଗନିବାସ ସାହିତ୍ୟ ସଂସଦର ସଭାପତି ଭାବେ ସେ ଦାୟିତ୍ୱ ନିର୍ବାହ କରୁଛନ୍ତି। ତାଙ୍କର ଏକ କବିତା ପୁସ୍ତକ 'ଅସ୍ତ ସମୟର ରଙ୍ଗ' ପ୍ରକାଶିତ ହେବା ସହ ଅନେକ ପତ୍ରପତ୍ରିକାରେ ତାଙ୍କର ଲେଖା ପ୍ରକାଶିତ ହୋଇଛି।

## ଜନ୍ମମାଟିରେ ଆଦିକବିଙ୍କ ଜୟନ୍ତୀ ପାଳନ କରିବାକୁ ଚିଠି

ଜଗତସିଂହପୁର,୭।୧(ସମିସ): ଓଡିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ଜଗତସିଂହପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଆଦିକବି ସାରଳା ଦାସଙ୍କ ଜୟନ୍ତୀ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କବିଙ୍କ ଜନ୍ମମାଟିରେ ପାଳନ କରିବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ। ମା' ଶାରଳାଙ୍କ କୃପାଲାଭ କରି ସାରଳା ଦାସ ଓଡିଆ ମହାଭାରତ, ବିଲଙ୍କା ରାମାୟଣ ଏବଂ ଚଣ୍ଡିପୁରାଣ ପ୍ରଭୃତି ଅନେକ ଗ୍ରନ୍ଥ ରଚନା କରି ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। କେବଳ ତିର୍ତ୍ତୋଲ କିମ୍ବା ଜଗତସିଂହପୁର ନୁହେଁ ବରଂ ନିଜର ସାହିତ୍ୟ କୃତି ପାଇଁ ସମଗ୍ର ଓଡିଶାରେ ଆଦିକବି ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସାରଳା ଦାସ। ତାଙ୍କର ସାହିତ୍ୟ ସାଧନା ଏବଂ କୃତିତ୍ୱକୁ ମନେ ପକାଇବା ତଥା ଉତ୍ତର ପୀଢ଼ିକୁ ସାରଳା ଦାସଙ୍କ ସାହିତ୍ୟ କୃତି ସଂପର୍କରେ ଅବଗତ କରାଇବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲା ଏବଂ ରାଜ୍ୟସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଆସୁଛି। ସେହିପରି ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଧ୍ୟ ସାରଳା ଦାସଙ୍କ ଜୟନ୍ତୀ ପାଳନ କରାଯାଉଛି। ତେବେ ଚଳିତବର୍ଷ ଏହି ମହାନ ସାହିତ୍ୟ ସାଧକ ସାରଳା ଦାସଙ୍କ ଜୟନ୍ତୀ ଉତ୍ସବ ସରକାରୀ ସ୍ତରରେ କବିଙ୍କ ଜନ୍ମମାଟିରେ ପାଳନ କରାଗଲେ ସ୍ଥାନୀୟ ସାହିତ୍ୟ ଅନୁରାଗିମାନଙ୍କୁ ଏହା ପ୍ରେରଣା ଯୋଗାଇବା ସହିତ ଜଗତସିଂହପୁର ମାଟିକୁ ଅଧିକ ଗୌରାବାନ୍ୱିତ କରିବ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ବିଧାୟକ ଅନୁରୋଧ କରିଛନ୍ତି।

## ଡ.କୃଷ୍ଣଚନ୍ଦ୍ର ଶତପଥୀଙ୍କୁ ଶ୍ରୀକ୍ଷେତ୍ର ରତ୍ନ



ବାଲିକୁଦା,୭।୧(ସମିସ): ବାଲିକୁଦା ବ୍ଲକ ଅଳାଭର ଗ୍ରାମପଞ୍ଚାୟତ ନବାଙ୍ଗ ଗ୍ରାମର ସମାଜସେବୀ ଡ. କୃଷ୍ଣଚନ୍ଦ୍ର ଶତପଥୀଙ୍କୁ ଶ୍ରୀକ୍ଷେତ୍ର ପୁରୀରେ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀକ୍ଷେତ୍ର ପୁରୀ ସ୍ଥିତ ସର୍ବପୁରାତନ "ଅନ୍ନପୂର୍ଣ୍ଣା ଥିଏଟର'ରେ ଓଡିଶା ଆର୍ଟ ଏଣ୍ଡ କଲଚର ଓ ସଂଗୀତ ମୂର୍ଚ୍ଛନ ତରଫରୁ ଆୟୋଜିତ ଜାତୀୟ ସମ୍ମିଳନୀରେ ତାଙ୍କୁ ମର୍ଯ୍ୟାଦାଜନକ "ଶ୍ରୀକ୍ଷେତ୍ର ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ବସନ୍ତ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ବିଶିଷ୍ଟ ଲେଖକ ଡ. ଅନିଲ ଧୀର ଓ ହାସ୍ୟ କୁମୁଦ ଡ. ସମ୍ପଦ ରଥ, ବରଗଡ଼ ଧନୁଯାତ୍ରାର କଂସ ମହାରାଜ ସୁଶୀଲ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ପୂର୍ବତନ ମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା

ବାଲିକୁଦା,୭।୧(ସମିସ): ବାଲିକୁଦା ଏରସମାର ପୂର୍ବତନ ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଆଜି ଦ୍ୱିତୀୟ ଥର ପାଇଁ କିଡ୍‌ନୀ ପ୍ରତ୍ୟାରୋପଣ କଲିକତାରେ ରବୀନ୍ଦ୍ର ନାଥ ଟାଗୋର ହସ୍ପିଟାଲରେ ସମ୍ପର୍ଣ୍ଣ ହୋଇଛି। ଶ୍ରୀ ଦାସଙ୍କ ଆଶୁ ଆରୋଗ୍ୟ ଓ ଶୀଘ୍ର ସୁସ୍ଥତା ପାଇଁ ବରମୁଣ୍ଡଳୀ ପଞ୍ଚାୟତ ବିଜେଡି ପକ୍ଷରୁ ସଭାପତି ସୁବାସ ନାୟକଙ୍କ ନେତୃତ୍ୱରେ ଏକ ସମୂହ ଦୀପଦାନ କାର୍ଯ୍ୟକ୍ରମ ବରଦିଆ ସ୍ଥିତ ପ୍ରଭୁ ଗ୍ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି।



ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ପ୍ରତିନିଧି ମୁନା ସ୍ୱାଇଁ, ସମିତିସଭ୍ୟ ଅନାଦି ଚରଣ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ରାକେଶ ଦଳାଇ, ପ୍ରତାପ ବେହେରା, ସଞ୍ଜୟ ସ୍ୱାଇଁ, କବିନ୍ଦ୍ର ବିଶ୍ୱାଳ, ସହଦେବ ମହାନ୍ତି, ଧର୍ମାନନ୍ଦ ମହାରଣା, ଭିକାରୀ ସ୍ୱାଇଁ, ସୁରେନ୍ଦ୍ର ରାଉତ, ବିଜୟ ଜେନା, ୱାର୍ଡ ସଭ୍ୟ ସୁଶାନ୍ତ ବେହେରା, ସୁଜନ ବିଶ୍ୱାଳ, ୱାର୍ଡ ସଭ୍ୟ ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ସେହିପରି ବାଲିକୁଦା ପୂଜ୍ୟ ପୂଜା ସଂସଦ ପକ୍ଷରୁ ସଭାପତି କୈଳାଶ ଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ବାଲିକୁଦା ସ୍ଥିତ ମା' ଥାନପତି ପୀଠରେ ସମ୍ପାଦକ ଅରୁଣ କୁମାର ମହାନ୍ତି, ବିଷ୍ଣୁ ଚରଣ ସ୍ୱାଇଁ, ଅକ୍ଷୟ କୁମାର ଜେନା, ଶ୍ୱେତକୁମାର ସ୍ୱାଇଁ, ପବିତ୍ର ମୋହନ ସାଉ, ରଞ୍ଜନ ମହାନ୍ତି, ପ୍ରମୋଦ ନାୟକ, ସରୋଜକାନ୍ତ ସ୍ୱାଇଁ, ରାମଚନ୍ଦ୍ର ଶତପଥୀ, ପଣ୍ଡିତ ଅଜୟ କୁମାର ଶତପଥୀ, ସ୍ମିତା ଦାସ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ମିନତୀ ନାୟକ, ରମେଶ ଚନ୍ଦ୍ର ସ୍ୱାଇଁ, ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ସମୂହ ଦୀପଦାନ କରି ରଘୁନନ୍ଦନ ଦାସଙ୍କ ଆରୋଗ୍ୟ କାମନା କରିଥିଲେ।

## ସଙ୍କୁଳ କ୍ରୀଡ଼ାରେ ଇତିଶ୍ରୀ ଚାମ୍ପିଅନ

କୁଜଙ୍ଗ,୭।୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଶିକ୍ଷା ବିକାଶ ଯୋଜନା



ପରିଚାଳିତ ପଙ୍କପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୃତୀ ଛାତ୍ରୀ ଇତିଶ୍ରୀ ପ୍ରିୟଦର୍ଶିନୀ ପରିଡ଼ା ପାରାଦୀପ ସଙ୍କୁଳ କ୍ରୀଡ଼ାରେ ଦୌଡରେ ଚାମ୍ପିଅନ ହୋଇଛନ୍ତି। ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ଏହି ମେଧାବୀ ଛାତ୍ରୀ ପାଠ ସହ ନୃତ୍ୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ବହୁବାର ପ୍ରଶଂସିତ ହୋଇଛନ୍ତି। ପଙ୍କପାଳ ପଞ୍ଚାୟତ ବଣିକୁଦ ନିବାସୀ ମାନସୀ ପରିଡ଼ା ଓ ଯୁବ ବ୍ୟବସାୟୀ କିଶୋର ପରିଡ଼ାଙ୍କ ଝିଅ ଇତିଶ୍ରୀ ବାଲିତୁଠରେ ଆୟୋଜିତ ସଙ୍କୁଳ କ୍ରୀଡ଼ାରେ ୪୦୦, ୨୦୦, ୬୦୦ ମିଟର ଦୌଡରେ ଚାମ୍ପିଅନ ହୋଇ ପୁରୀରେ ହେବାକୁ ଥିବା ସମ୍ଭାଗ ସ୍ତରୀୟ କ୍ରୀଡ଼ାକୁ ମନୋନୀତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ସଭାପତି ଡା. ଶରତ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଗୋକୁଳା ନନ୍ଦ ରାଉତ, ପ୍ରଧାନ ଆଚାର୍ଯ୍ୟ କେଳୁ ଚରଣ ସାହୁଙ୍କ ସହ ପଙ୍କପାଳ ବଣିକ ସଂଘ ସଭାପତି ଫକୀର ଦାସ, ଜେଜେ ବାପା ତଥା ବରିଷ୍ଠ ବ୍ୟବସାୟୀ ଉତ୍ତମ ଦାସ ଓ ସଙ୍କୁଳ ପ୍ରମୁଖ ଗୌରାଙ୍ଗ ଚରଣ ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ଆଦର୍ଶ ଛାତ୍ରୀ ଦିବ୍ୟଦର୍ଶିକାଙ୍କୁ ସମ୍ବର୍ଦ୍ଧନା

ବିରିଡ଼ି,୭।୧(ସମିସ): ବିରିଡି ବ୍ଲକର ଆଦର୍ଶ ଛାତ୍ରୀ ତଥା ମହାବୀର ସରକାରୀ ଉଚ୍ଚବିଦ୍ୟାଳୟର ମାଟ୍ରିକ ଟପ୍ପର ଦିବ୍ୟଦର୍ଶିକା ଦାଶଙ୍କୁ ମଧ୍ୟଶାସନର ଅଗ୍ରଣୀ ଅନୁଷ୍ଠାନ ପ୍ରତିଭା ଅନ୍ୱେଷଣ ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ବିଭୂପ୍ରସାଦ ଦାଶ, ସମ୍ପାଦକ ଅଧ୍ୟାପକ ବିଶ୍ୱରଞ୍ଜନ



ଦାଶ, ସୁଶାନ୍ତି ପଣ୍ଡା ସୁଶ୍ରୀ ଦାଶଙ୍କ ବାସଭବନରେ ପହଞ୍ଚି ମାନପତ୍ର, ଉପଢୌକନ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

# ପ୍ରାଥମିକ ମତ୍ସ୍ୟ ଉତ୍ପାଦନ ଓ ବାଣିଜ୍ୟ ସମବାୟ ସମିତିର ସମ୍ମିଳନୀ

ପାରାଦୀପ,୭।୧(ସମିସ)



ପାରାଦୀପ ମେରାଇନ ପ୍ରାଥମିକ ମତ୍ସ୍ୟ ଉତ୍ପାଦନ ଓ ବାଣିଜ୍ୟ ସମବାୟ ସମିତିର ବନ୍ଧୁମିଳନ ଉତ୍ସବ ଆଜି ଗଲ୍ଫ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପୁରନ୍ଦର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମିତିର ପ୍ରାକ୍ତନ ସଭାପତି ଅରବିନ୍ଦ ସ୍ୱାଇଁଙ୍କୁ ବୋର୍ଡ ସଦସ୍ୟ ସରୋଜ କୁମାର ପ୍ରଧାନ ସମ୍ବର୍ଦ୍ଧିତ କରିବା ସହ, ପୂର୍ବତନ ସଭାପତି ଅମରଜିତ୍ ଜେନାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବର୍ତ୍ତମାନର ସଭାପତି ପୁରନ୍ଦର ବିଶ୍ୱାଳଙ୍କୁ ସମିତିର ଉପଦେଷ୍ଟା ମହେଶ୍ୱର ବେହେରା ସମ୍ବର୍ଦ୍ଧିତ କରିଥିଲେ। ପରେ ଅଗ୍ନିକାଣ୍ଡ ଘଟି କ୍ଷୟକ୍ଷତି ହୋଇଥିବା ସମିତି ସଦସ୍ୟ ପ୍ରମୋଦ କୁମାର ବେହେରା, ସମୀର ରାୟ, ଏବଂ ବାବୁଲି ବେହେରାଙ୍କୁ ସମିତି ପକ୍ଷରୁ ପଚାଶ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏଥି ସହ ଦୁର୍ବଳ ଶ୍ରେଣୀର ୩ ଜଣ ଛାତ୍ରଛାତ୍ରୀଙ୍କୁ ୫୦୦୦ ଟଙ୍କା ଲେଖାଏଁ ଅର୍ଥ ରାଶିର ସହାୟତା ପ୍ରଦାନ କରାଯିବା ସହ ସ୍କୁଲ ବ୍ୟାଗ୍, ବହି କଲମ ମଧ୍ୟ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ନେହେରୁ ବଙ୍ଗଳା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ହରିପ୍ରିୟା ବେହେରା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଜୟ ଶଙ୍କର ରଣା ଓ ସେକ୍ଟର ୨୧ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ରିତିକା ପଣ୍ଡିତ। ସକାଳୁ ସମିତିର କାର୍ଯ୍ୟାଳୟ ଠାରେ ବୃକ୍ଷରୋପଣ କରାଯାଇ ଥିଲା ଏହି କାର୍ଯ୍ୟକ୍ରମକୁ ରମେଶ ଚନ୍ଦ୍ର ବହିରା ସଂଯୋଜନା କରିବା ସହ ସମିତିର ମ୍ୟାନେଜର ସଞ୍ଜୟ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମ୍ପାଦକ ସୋମନାଥ ସାହୁ ପରିଚାଳନା କରିଥିଲେ।

● ଅବକାରୀ ବିଭାଗର ଚଢ଼ଉ

## ୨୧.୭ କେଜି ଗଞ୍ଜେଇ ଜବତ; ଜଣେ ଗିରଫ



କାମାକ୍ଷାନଗର/ପରଜଙ୍ଗ, ୭ ।୧(ସମିସ): ପରଜଙ୍ଗ ଥାନା କୁଆଳୋ ଗ୍ରାମରେ ଅବକାରୀ ବିଭାଗ ଚଢ଼ଉ କରି ୨.୭ କେଜି ଗଞ୍ଜେଇ ଜବତ କରିଛି। ଚୋରା ଗଞ୍ଜେଇ କାରବାର ଅଭିଯୋଗରେ ସେହି ଗ୍ରାମର ଗିରୀଶ ସାହୁଙ୍କୁ ଗିରଫ କରାଯାଇଛି। ଗିରୀଶ ଏକ ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ସୂଚନା ପାଇ ଅବକାରୀ ବିଭାଗ ଚଢ଼ଉ କରି ଗଞ୍ଜେଇ ସହ ବାଇକ୍ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୧ ହଜାର ଟଙ୍କା ହେବ ବୋଲି କୁହାଯାଇଛି। ଗିରୀଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ଚିହ୍ନଟ ଶିବିର

କଙ୍କଡ଼ାହାଡ଼,୭ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭାରତୀୟ ତୈଳ ନିଗମ ମିଳିତ ଆନୁକୂଲ୍ୟରେ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ଯଶୋବନ୍ତ ଦେହୁରୀ ଶିବିରକୁ ଉଦଘାଟନ କରିଥିଲେ। ଡା. ସତ୍ୟବ୍ରତ ଗିରି, ଡା. ଆଲୋକ କୁମାର ସାହୁ ଉପସ୍ଥିତ ରହି ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରିଥିଲେ। ଶିବିରରେ ୬୯ ଜଣ ଭିନ୍ନକ୍ଷମ, ୨୩ ଜଣ ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରାଯାଇଛି। ଚିହ୍ନଟ ବ୍ୟକ୍ତିମାନଙ୍କୁ ବ୍ୟାଟେରୀ ଚାଳିତ ଯାନ, ଟ୍ରାଇ ସାଇକଲ, ଶ୍ରବଣ ଯନ୍ତ୍ର ଆଦି ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ ଚନ୍ଦ୍ର ସାମନ୍ତରାୟ, ଯୋଜନା ସହାୟକ ସତ୍ୟପ୍ରକାଶ ଷଣ୍ଢ, ସେକ୍ସନ ଅଫିସର ଲକ୍ଷ୍ମୀଧର ସେଠୀ, ସୁମିତ୍ରା ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ରିମ୍‌ଝିମ୍ ଷ୍ଟିଲ କାରଖାନାରେ ଭୟାବହ ଅଗ୍ନିକାଣ୍ଡ



ଢେଙ୍କାନାଳ,୭ ।୧(ସମିସ): ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା ଅର୍ନ୍ତଗତ ରିମ୍‌ଝିମ୍ ଷ୍ଟିଲ କାରଖାନାରେ ଭୟାଭହ ଅଗ୍ନିକାଣ୍ଡ ଘଟି ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ ହୋଇଛି। ବୁଧବାର ଅପରାହ୍ନ ୧ଟାରେ କାରଖାନା ୟୁନିଟ ୩ର ମିଲ୍‌ରେ ହଠାତ୍ ନିଆଁ ଲାଗିଥିଲା। ଏହି ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ କର୍ମଚାରୀମାନେ ଘଟଣାସ୍ଥଳରୁ କୌଶଳକ୍ରମେ ପଳାଇଥିଲେ। ଖବର ପାଇ ହିନ୍ଦୋଳରୋଡ, ଖଜୁରିଆକଟା, ରାସୋଳ, ବଅଁରପାଳରୁ ୪ଟି ଦମକଳ ଗାଡ଼ିରେ ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ପହଞ୍ଚି ଦୀର୍ଘ ୩ ଘଣ୍ଟା ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। କାରଖାନାର ବରିଷ୍ଠ ଅଧିକାରୀମାନେ ଏହାର ତଦନ୍ତ ଜାରି ରଖିଛନ୍ତି। କାରଖାନା ପରିସରରେ ବିପୁଳ ପରିମାଣର ତେଲ ଓ ରସାୟନିକ ସାମଗ୍ରୀ ରହିଥିବାରୁ ଅଗ୍ନିଶମ କର୍ମଚାରୀମାନେ ବହୁ ସତର୍କତାର ସହ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଛନ୍ତି। ଅନ୍ୟପଟେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥାଇ କାରଖାନା କିପରି ଚାଲିଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଚିତ୍ରଶିଳ୍ପୀ ଅମୂଲ୍ୟ ମହାପାତ୍ରଙ୍କ ପରଲୋକ

ଢେଙ୍କାନାଳ,୭ ।୧(ସମିସ): ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ସମାଜସେବୀ ଅମୂଲ୍ୟ ମହାପାତ୍ରଙ୍କ ୭୪ ବର୍ଷ ବୟସରେ ହାଟରୋଡ଼ସ୍ଥିତ ବାସଭବନରେ ପରଲୋକ ଘଟିଛି। ଚିତ୍ରଶିଳ୍ପୀ ଭାବେ ସାରା ଓଡ଼ିଶାରେ ତାଙ୍କ ସୁନାମ ରହିଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରେ ସେ ସମ୍ମାନିତ ହୋଇଥିଲେ। ସମାଜସେବା ତାଙ୍କ ବ୍ରତ ଥିଲା। ଜଣେ ପରୋପକାରୀ ତଥା ଧର୍ମପରାୟଣ ବ୍ୟକ୍ତି ଭାବେ ସେ ଅଞ୍ଚଳରେ ପରିଚିତ ଥିଲେ। ସାନ୍ଧ୍ୟ ମହାବିଦ୍ୟାଳୟ, ହାଟରୋଡ ଲକ୍ଷ୍ମୀପୂଜା ଓ ହନୁମାନ ମନ୍ଦିର ପ୍ରତିଷ୍ଠାରେ ତାଙ୍କର ଯଥେଷ୍ଟ ଅବଦାନ ଥିଲା। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି। ସ୍ୱର୍ଗତ ମହାପାତ୍ର ଜିଲ୍ଲା ବିଜେଡି ମହିଳା ଉପ ସଭାନେତ୍ରୀ ଟିନା ମହାପାତ୍ରଙ୍କ ବାପା। ତାଙ୍କ ବିୟୋଗରେ ସମାଜସେବୀ ଗଙ୍ଗାଧର ସାମଲ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ସମାଜସେବୀ ଡା. ଅବିନାଶ ସାମଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି



ପରଜଙ୍ଗ, ୭ ।୧(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଏନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଗଣ୍ଡତଇଲା ସାହିରେ ଥିବା ପ୍ରାଥମିକ ସ୍କୁଲ ଓ ନିକଟରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରର ତାଲା ଭାଙ୍ଗି ସୋମବାର ବିଳମ୍ବିତ ରାତିରେ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଛି। ଦୁର୍ବୃତ୍ତମାନେ ବିଦ୍ୟୁତ୍ ସାମଗ୍ରୀ ଓ କଣ୍ଟା ତାର ସମେତ ଅଫିସ ସାମଗ୍ରୀ ଚୋରି କରିନେଇଛନ୍ତି। ସ୍କୁଲ ଅଫିସ ଗୃହରୁ ଗୋଟିଏ ବଜାଜ୍ ଷ୍ଟାଣ୍ଡଫ୍ୟାନ ଓ ସ୍କୁଲର ବାଡ଼ଦେବା ପାଇଁ ରଖାଯାଇଥିବା ୧ ବଣ୍ଡଲ ଟାଟା କଣ୍ଟା ତାର ଚୋରି ହୋଇଥିବା ବେଳେ ଅଙ୍ଗନବାଡ଼ି କେନ୍ଦ୍ରରୁ ପାଣିପମ୍ପ ଓ ଗୋଟିଏ ଜଳବିଶୋଧକ ଚୋରି ହୋଇଛି। ଏ ସଂକ୍ରାନ୍ତରେ ସ୍କୁଲ ଶିକ୍ଷା କମିଟି ପକ୍ଷରୁ ପରଜଙ୍ଗ ଥାନାରେ ଅଭିଯୋଗ କରାଯାଇଛି। ଥାନା ଏଏସଆଇ ଜଳନ୍ଧର ବାରିକ ତଦନ୍ତ ଆରମ୍ଭ କରିଛନ୍ତି। ପାଖ ଆଖ ଅଞ୍ଚଳର କେହି ଦୁର୍ବୃତ୍ତ ଏଭଳି କାର୍ଯ୍ୟ କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତୁରନ୍ତ ଦୁର୍ବୃତ୍ତଙ୍କୁ ଧରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୭ ।୧(ସମିସ)




ଜିଲ୍ଲା ସଦର ମହକୁମାରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସମସ୍ତଙ୍କୁ ନବବର୍ଷର ସ୍ୱାଗତ ଜଣାଇବା ସହ ଚଳିତ ବର୍ଷ ଶାନ୍ତିଶୃଙ୍ଖଳାରେ ଉତ୍ସବ ଆୟୋଜନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଭିଷେକ ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜାନୁଆରୀ ୨୬ ତାରିଖ ସକାଳ ସାଢ଼େ ୮ଟାରେ ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ମୁଖ୍ୟଅତିଥି ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ସକାଳ ୫ଟାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ। ସକାଳ ସାଢ଼େ ୭ଟାରେ ସର୍ବସାଧାରଣରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ୭ଟା ୪୫ରୁ ସହରସ୍ଥିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ମାଲ୍ୟାର୍ପଣ କରିବେ। ଏହି ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରୋଟାରୀ କ୍ଲବ ପରିସରରେ ରକ୍ତଦାନ ଶିବିର ଆୟୋଜିତ ହେବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ, ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ମିଷ୍ଟାନ୍ନ ବଣ୍ଟନ, ବିଶ୍ୱ କୁନ୍ତଳ ଶିଶୁଗୃହ ଅନ୍ତେବାସୀଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ, ଜେଲ୍ ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ, ମିନି ଷ୍ଟାଡିୟମରେ ପୁଷ୍ପ ପ୍ରଦର୍ଶନୀ, ଷ୍ଟାଡିୟମରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଏବଂ ସନ୍ଧ୍ୟା ୬ଟାରେ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ହଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ବୈଠକରେ ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଉପ-ଜିଲ୍ଲାପାଳ ବିବୁଧ ଗଡ଼ନାୟକଙ୍କ ସମେତ ବିଭାଗୀୟ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗୋପାଳପୁର ଖଣିରେ ଶ୍ରମିକ ମୃତ୍ୟୁ ପରେ ପ୍ରଶାସନର ଚେତାପଶିଲା

## ୬୭ କ୍ରସର ସିଲ୍, ୮ ଗିରଫ

ଢେଙ୍କାନାଳ ୭।୧(ସମିସ): ଢେଙ୍କାନାଳ ଜିଲ୍ଲାରେ ବର୍ଷବର୍ଷ ଧରି ପ୍ରଶାସନ, ତହସିଲ ଏବଂ ଖଣିବିଭାଗ ସଲାସୁତ୍ରରାରେ ଚାଲିଥିବା ବେଆଇନଖଣିଉପରେ ଏବେ ଆରମ୍ଭହୋଇଛି ଚଢ଼ଉ। ଗୋପାଳପୁର ଖଣିରେ ବିସ୍ଫୋରଣରେ ୨ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ହଠାତ ପ୍ରଶାସନ, ତହସିଲ ଏବଂ ଖଣି ବିଭାଗ ତତ୍ପରତା ଦେଖାଇ ୬୭ କ୍ରସର ସିଲ କରିଥିବା ବେଳେ ୮ଜଣଙ୍କୁ ଗିରଫ କରିଛି। ବର୍ଷବର୍ଷ ଧରି ଖଣିଜ ଦ୍ରବ୍ୟ ଲୁଟ୍ ହେବା ସହ ବେଆଇନ ଖଣି ଚାଲୁଥିବା ବେଳେ ଏହି ଗିରଫଦାରି ଏବଂ ସିଲ୍ ଲୋକଦେଖାଣିଆ ନା ଧର୍ମକୁ ଆଖିଠାର ବୋଲି ସାଧାରଣରେ ଆଲୋଚନା ହେଉଛି।

ଗୋପାଳପୁର ଖଣିରେ ଶ୍ରମିକ ମୃତ୍ୟୁ ପରେ ଜାନୁଆରୀ ୫ରେ ଆରମ୍ଭ ହୋଇଥିବା ବେଆଇନ ଖଣି ଏବଂ ସମ୍ପର୍କିତ କାର୍ଯ୍ୟକଳାପ ବିରୋଧରେ ଆରମ୍ଭ ହେଇଥିବା କାର୍ଯ୍ୟାନୁଷ୍ଠାନ ଅଭିଯାନ ଢେଙ୍କାନାଳ ଜିଲ୍ଲାରେ ଜାରି ରହିଛି। ଏପର୍ଯ୍ୟନ୍ତ ହିନ୍ଦୋଳ, ଓଡ଼ାପଡ଼ା, ଗଁଦିଆ ଏବଂ ଭୁବନ ତହସିଲ ଅଞ୍ଚଳରେ ୬୭ଟି ପଥର କ୍ରସର ସିଲ୍ କରାଯାଇଛି। ଏହାସହିତ ୬୯ଟି ପଥର ଖଣିକୁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଯାଞ୍ଚ କରିଛି। ସେହିପରି ପରଜଙ୍ଗରେ ୮ଟି ଗାଡ଼ି ଜବତ କରାଯାଇଛି ଏବଂ ୭.୦୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ୮ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବା ସହ ଚାରିଟି ମାମଲା ରୁଜୁ କରାଯାଇଛି। ଲଘୁ ଖଣିଜ ପଦାର୍ଥର ବେଆଇନ ପରିବହନ, ବିସ୍ଫୋରକ ସଂରକ୍ଷଣ ଯାଞ୍ଚ ଏବଂ ଯାନବାହାନଗୁଡ଼ିକର ଯାଞ୍ଚ ବିରୋଧରେ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ସମସ୍ତଙ୍କ ଜ୍ଞାତସାରରେ ବର୍ଷବର୍ଷ ଧରି ହିନ୍ଦୋଳ, ଓଡ଼ାପଡ଼ା ତହସିଲ ନିକଟରେ ଶହ ଶହ ଖଣି ଚାଲୁଥିବା ବେଳେ ଆଜିଯାଏ କାହିଁକି ପ୍ରଶାସନ ଚୁପ୍ ରହିଥିଲା ବୋଲି ପ୍ରଶ୍ନ ଉଠିଛି।

## ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସାଧାରଣ ପରିଷଦ ବୈଠକ




ଢେଙ୍କାନାଳ,୭ ।୧(ସମିସ): ବିରାଡ଼ିଆସ୍ଥିତ ଏସ୍‌ଏମ୍ ଆଗ୍ରୋ ରିସୋର୍ଟରେ ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ବାର୍ଷିକ ସାଧାରଣ ପରିଷଦ ବୈଠକ ସଭାପତି ରାଜେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଉପଦେଷ୍ଟା ଶରତ ଚନ୍ଦ୍ର ପାଢ଼ୀ ୨୦୨୬-୨୭ ବର୍ଷ ପାଇଁ ପ୍ରତିଷ୍ଠାନର ମନୋନୀତ କର୍ମକର୍ତ୍ତା ଓ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରିଥିଲେ। ସର୍ବସମ୍ମତି କ୍ରମେ ଏହାକୁ ଗୃହୀତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ଉପ-ସଭାପତି ରୋଟାରିଆନ୍ ରାଜକିଶୋର ବେହେରା ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଢେଙ୍କାନାଳ ଶାଖା ଉପାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦସ୍ୟମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର, ଭାବବିନିମୟ, ଆର୍ଲି ବାର୍ଡ, ବ୍ୟାଡ୍‌ମିଣ୍ଟନ, କ୍ରିକେଟ୍, ମ୍ୟୁଜିକାଲ୍ ଚେୟାର ପ୍ରତିଯୋଗିତା କରି କୃତୀ ସଦସ୍ୟଙ୍କୁ ପୁରସ୍କୃତ କରାଯାଇଥିଲା। ରାଧାଗୋବିନ୍ଦଜୀଉ ଗୋଶାଳା ପରିଚାଳନା ନିମନ୍ତେ ଆର୍ଥିକ ସହାୟତା ଦେଉଥିବା ସଦସ୍ୟମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ମହେଶ ପ୍ରସାଦ ଅଗ୍ରୱାଲ ଓ କୃଷ୍ଣଚନ୍ଦ୍ର ଦେବତାଙ୍କୁ ନିଷ୍ଠାପର ସାଧନା ପାଇଁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଲୋକନାଥ ମହାପାତ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଶ୍ରେଷ୍ଠ ଅବଦାନ ନିମନ୍ତେ ବିମଳ ପୋଦାରଙ୍କୁ ବିନୋଦ କୁମାର ଅଗ୍ରୱାଲ ସମ୍ବର୍ଦ୍ଧିତ କରିଥିଲେ। ଶିବପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ହିନ୍ଦୋଳର ବିଭିନ୍ନ ସ୍କୁଲରେ ପିଏମଶ୍ରୀ ଉତ୍ସବ




ଖଜୁରିଆକଟା,୭ ।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବିଧାନସଭା କ୍ଷେତ୍ରର ବିଭିନ୍ନ ସ୍କୁଲରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି। ହିନ୍ଦୋଳ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି, ଉପଜିଲ୍ଲାପାଳ ପ୍ରଭାସ ବେଉରା ମୁଖ୍ୟବକ୍ତା, ବିଇଓ ହରିହର ଦେହୁରୀ, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ସ୍କୁଲ କମିଟି କାର୍ଯ୍ୟକାରୀ ସଭାପତି ଶେଷଦେବ, ପୁରାତନ ଛାତ୍ରସଂସଦ ସଭାପତି କବିରାଜ ବେହେରା, ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଶିକ୍ଷା ସହ ବୌଦ୍ଧିକ, ନୈତିକ, ଶାରୀରିକ ଶିକ୍ଷା ପାଇଁ ବହୁ ଉପାଦେୟ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ସେହିପରି ଜରଡ଼ା ପଞ୍ଚାୟତ ନବପଲ୍ଲୀ ହାଇସ୍କୁଲରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟିକା ସୀମାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ସରପଞ୍ଚ ଜ୍ଞାନରଞ୍ଜନ ଦାସ, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ସମିତିସଭ୍ୟା ଶୁଭଶ୍ରୀ ସାହୁ, ପରିଚାଳନା କମିଟି ସଭାପତି ସମିରଣ ପ୍ରଧାନ ଯୋଗଦେଇଥିଲେ। ବିଇଓ ହରିହର ଦେହୁରୀ ସଭାପତିତ୍ୱ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତି ସ୍ଥାପନ



କାମାକ୍ଷାନଗର,୭ ।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ରାଜ୍ୟରେ ୧୧୮ଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛ>ତି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ କୋଟଗରା ଜେକେଏସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇଥିଲେ। ଜିଲ୍ଲାର ୩ଟି ବିଦ୍ୟାଳୟକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରାଥମିକ ଶିକ୍ଷାର ବିକଶ ଲକ୍ଷ୍ୟରେ ଏହାକୁ ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଉପଜିଲ୍ଲାପାଳ ଦୀନମଣି ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ବ୍ଲକ ଶିକ୍ଷା ଅଧିକାରୀ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ପରଜଙ୍ଗ, ୭ ।୧(ସମିସ): ଗଡ଼ପରଜଙ୍ଗ ମହାବିଦ୍ୟାଳୟରେ ବୁଧବାର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ସଂସ୍କୃତ ବିଭାଗ ମୁଖ୍ୟ ବିଶିକେଶନ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଯୁକ୍ତ ତିନି କଳା ଓ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସଂସ୍କୃତ ଅଧ୍ୟାପିକା ଜ୍ୟୋତିର୍ମୟୀ ପରିଡ଼ା ଯୋଗଦେଇ ସାମ୍ପ୍ରତିକ ସମାଜରେ ନାରୀ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଅଞ୍ଜନ ମହାରଣା ମଞ୍ଚ ପରିଚାଳନା କରିଥିଲେ। ସଞ୍ଚାଳିକା ଅଧ୍ୟାପିକା ସସ୍ମିତା ସାହୁ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ



ଭୁବନ,୭ ।୧(ସମିସ): ପିଏମଶ୍ରୀ ଜେଭିଏନ ମହୁଲପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଆଏଚଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଭୁବନ ବିଡିଓ ଆୟୁଷୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ମିନତୀ ଦେହୁରୀ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ଅଶୋକ କୁମାର ସାହୁ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବିମଳ ଚନ୍ଦ୍ର ଦାସ, ବିଦ୍ୟାଧର ବେହେରା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ପିଏମଶ୍ରୀ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାର୍ତ୍ତିକ ସାହୁ ଓ ଆଲୁମ୍‌ନି କମିଟି ସଭାପତି ଚିତ୍ତରଞ୍ଜନ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ପାଭିଲିୟନ ଉଦ୍‌ଘାଟନ ହୋଇଥିଲା। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

୧୭ତମ ଜିରାଳ କପ୍

# ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ ବିଡ଼ାନାସୀ ଚାମ୍ପିଅନ

ଭୁବନ,୭ ।୧(ସମିସ)




ଭୁବନ ବ୍ଲକ ଜିରାଳ ମିନି ଷ୍ଟାଡିଅମରେ ଅନୁଷ୍ଠିତ ୧୭ତମ ଅଜିତ ମେମୋରିଆଲ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲରେ ଆୟୋଜକ ଜିରାଳକୁ ହରାଇ କଟକ ବିଡ଼ାନାସୀର ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ ଦଳ ଚାମ୍ପିଅନ ହୋଇଛି। ବିଡ଼ାନାସୀ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ୱିକେଟ ହରାଇ ୧୯୯ ରନ କରିଥିଲା। ଜବାବରେ ଜିରାଳ ଦଳ ୧୮.୪ ଓଭରରେ ମାତ୍ର ୯୯ ରନ କରି ସମସ୍ତ ୱିକେଟ ହରାଇଥିଲା। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ, ଭୁବନ ବିଡିଓ ଆୟୁଷୀ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଶିଳାରାଣୀ ସାହୁ, ସରପଞ୍ଚ ଗେଲ୍ଲୀ ନାୟକ, ସମବାୟ ସମିତି ସଭାପତି ରବିନାରାୟଣ ନାୟକ, ସମିତି ସଭ୍ୟା ସସ୍ମିତା ପରିଡ଼ା, ସରୋଜ ବେହେରା, ଦୟାନିଧି ସାମଲ, ଅଭୟ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ବିଡ଼ାନାସୀର ପାନକାଲା ମୋକ୍ଷିତ, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବିଡ଼ାନାସୀର ସତଂଶୁ ଶର୍ମା, ଶ୍ରେଷ୍ଠ ବ୍ୟାଟର ଭାବେ ଜିରାଳର ଦେବାନନ୍ଦ ବେହେରା, ଶ୍ରେଷ୍ଠ ବୋଲର ଭାବେ ଜିରାଳର ଗୋବିନ୍ଦ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ କ୍ଲବ ସଭାପତି ସୁଶାନ୍ତ ସାହୁ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସାଗର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିପିନ ବିହାରୀ ସାହୁ ମଞ୍ଚ ପରିଚାଳନା ଓ ଧାରାବିବରଣୀ ପ୍ରଦାନ କରିଥିଲେ। ଅମ୍ପାୟର ସନ୍ତୋଷ କୁମାର ସାହୁ, ସୁରେନ୍ଦ୍ର କୁମାର ସାହୁ ରଖେଳ ପରିଚାଳନା କରିଥିଲେ। ଶ୍ରୀତମ ପତି, ରାକେଶ ନାୟକ, ବିଶାଳ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

ଡିଆଇଇଟିର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ

# ବାଳକ ବିଭାଗରେ ହେମନ୍ତ, ବାଳିକାରେ ସୀମା ଚାମ୍ପିଅନ

ଢେଙ୍କାନାଳ,୭ ।୧(ସମିସ): ସ୍ଥାନୀୟ ଷ୍ଟାଡିଅମ ପଡ଼ିଆଠାରେ ଦୁଇଦିନ ଧରି ଚାଲିଥିବା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ୩୪ତମ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ଢେଙ୍କାନାଳ ପୌରପାଳିକାର କାଉନସିଲର ଶୁଭଲକ୍ଷ୍ମୀ ସାହୁ ମୁଖ୍ୟଅତିଥି ଓ କାଉନସିଲର ଦୀପ୍ତିରଞ୍ଜନ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ଶତପଥୀଙ୍କ ସଂଯୋଜନାରେ କ୍ରୀଡ଼ା ବିଭାଗର ମୁଖ୍ୟ ସ୍ୱାଗତିକା ଶରଣ କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଚଳିତବର୍ଷ ବାଳକ ବିଭାଗରେ ହେମନ୍ତ ବେହେରା ଓ ବାଳିକାରେ ସୀମା ନାଏକ ଚାମ୍ପିଅନ ହୋଇଛନ୍ତି। ସେହିପରି ପ୍ରୟୋଗଶାଳା ବିଦ୍ୟାଳୟର ବାଳକରେ ଓମ୍ ଆଶିଷ ମଲ୍ଲିକ ଓ ବାଳିକାରେ ସ୍ମୃତି ନିର୍ଲିପ୍ତା ସାହୁ ଚାମ୍ପିଅନ ଭାବେ ପୁରସ୍କୃତ ହୋଇଛନ୍ତି। ପ୍ରଶିକ୍ଷିକା ସୌମ୍ୟା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ତପସ୍ୱିନୀ ସାହୁ, ନୀହାର ରଞ୍ଜନ ବିଶ୍ୱାଳ, ସବିତା ବେହେରା, ଶୁଭଲକ୍ଷ୍ମୀ ନାୟକ, ସିମ୍ରନ କବି, ସୁଶୀଲ କୁମାର ସାହୁ, ଯଜ୍ଞପ୍ରସାଦ ଶତପଥୀ, ସମ୍ବିତ ସ୍ୱାଇଁ, ହରିହର ରାଉଳ, ଲିପୁ ସାହୁ ପ୍ରମୁଖ ଗୁରୁଛାତ୍ରଛାତ୍ରୀ ଓ ସମସ୍ତ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।



## ବାଣପୁରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ

# ୧୧୮ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ବାଣପୁର, ୭।୧(ସମିସ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଖୋର୍ଦ୍ଧା ଜିଲ୍ଲାର ବାଣପୁର ଗସ୍ତରେ ଆସି ଐତିହାସିକ ପଲଟଣ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ଶୁଭାରମ୍ଭ କରିବା ସହ ସମଗ୍ର ରାଜ୍ୟରେ ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ବୈପ୍ଳବିକ ପରିବର୍ତ୍ତନ ସହ ଭିତ୍ତିଭୂମିର ବିକାଶ, ଉନ୍ନତମାନର କ୍ରୀଡା, ପାଠ୍ୟ ଉପକରଣ ଓ ଅନୁକୂଳ ଶୈକ୍ଷିକ ପରିବେଶ ସମେତ ଆଧୁନିକ ଜ୍ଞାନ କୌଶଳ ଦ୍ୱାରା ଉନ୍ନତମାନର ଶିକ୍ଷା ପ୍ରଦାନ ପାଇଁ ରାଜ୍ୟ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି। ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଆନୁକୂଲ୍ୟରେ ରାଜ୍ୟ ସରକାର ପଞ୍ଚ ସଖା ମଧ୍ୟରୁ ଅନ୍ୟତମ ତଥା ବାଣପୁର ମାଟିର ଗର୍ବ ଓ ଗୌରବ, ଓଡ଼ିଶାର ପ୍ରଥମ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ନାମିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ରାଜ୍ୟ ସରକାର ୨୦୨୫-୨୬ ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ୧୨ ଶହ କୋଟି ଟଙ୍କାର ବ୍ୟୟ ବରାଦରେ ସାରା ରାଜ୍ୟରେ ୨୨ ଶହ ବିଦ୍ୟାଳୟ କାର୍ଯ୍ୟକ୍ଷମ କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇ ଥିବା ବେଳେ ବୁଧବାର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ଆସି ଦିବା ୧୧ଟାରେ ବାଣପୁରରେ ପହଞ୍ଚିବା ପରେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ପୁରୀ ସାଂସଦ ସମ୍ବିତ ପାତ୍ର ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରି ପଲଟନ ପଡିଆ ସ୍ଥିତ ସଭାସ୍ଥଳକୁ ପାଛୋଟି ନେଇଥିଲେ। ସେଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ସମଗ୍ର ୩୦ଟି ଜିଲ୍ଲାର ୧୧୮ ଗୋଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଯାହାଦ୍ୱାରା ଛାତ୍ରୀଛାତ୍ରଙ୍କ ପାଇଁ ଶୈକ୍ଷିକ ପରିବେଶ ଯୋଗାଇବାରେ ବେଶ ଲାଭଦାୟକ ହେବା ସହ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ବାଣପୁର ମାଟିର ବୀର ପୁତ୍ର ସହିଦ କୃତ୍ତିବାସ ପାଟଶାଣୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡିଶାର ଅନ୍ୟତମ ବରପୁତ୍ର ତଥା ବାଣପୁର ମାଟିର ସୁଯୋଗ୍ୟ ସନ୍ତାନ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସ୍ମୃତିଚାରଣ କରି ରାଜ୍ୟର ପ୍ରଥମ ଶିକ୍ଷାମନ୍ତ୍ରୀ ଭାବେ ରାଜ୍ୟରେ ଏବଂ ବିଚ୍ଛିନ୍ନାଞ୍ଚଳରେ ଶିକ୍ଷାର ବିକାଶର ସାରଥି ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜନ୍ମ ସ୍ଥାନ ବାଣପୁରରୁ ଏହି ଯୋଜନାର ଶୁଭାରମ୍ଭ କରିବା ଏହା ପ୍ରକୃଷ୍ଟ ସ୍ଥାନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଗତ ଶିଶୁ ଦିବସରେ ଏହାର ରୂପରେଖ ପ୍ରସ୍ତୁତ କରାଯାଇଥିବା ସହ ଗତ ବର୍ଷ ବଜେଟରେ ଏନେଇ ୫୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇ ଥିବା ବେଳେ ଚଳିତ ବର୍ଷ ୩ ହଜାର କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଯୋଜନାରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୁଣାତ୍ମକ ପ୍ରାଥମିକ ଶିକ୍ଷା ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଥିବା ସହ ଜାତୀୟ ଶିକ୍ଷା ନୀତି ୨୦୨୦ ସହିତ ସମନ୍ୱୟ ରହିଛି। ଉକ୍ତ ଯୋଜନାରେ ଡିଜିଟାଲ ଶ୍ରେଣୀ ଗୃହ, ଆଧୁନିକ ଶିକ୍ଷା ଉପକରଣ, କ୍ରୀଡା ସୁବିଧା ପ୍ରଦାନ, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ପ୍ରାଥମିକତା ଦିଆଯିବ। ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ, ପ୍ରାୟ ୧୨ଶହ କୋଟି ବିନିଯୋଗ ସହିତ ୮୩୫ଟି ବିଦ୍ୟାଳୟ ନିର୍ମାଣ କରାଯିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ୨୨ ଶହଟି ବିଦ୍ୟାଳୟ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ସମ୍ବିତ ପାତ୍ର ବକ୍ତବ୍ୟ ରଖିଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ଯୋଜନାର ଉଦ୍ଦେଶ୍ୟ ଓ ଦୃଷ୍ଟିକୋଣ ସମ୍ପର୍କୀତ ଏକ କ୍ଷୁଦ୍ର ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗଣଶିକ୍ଷା ବିଭାଗର ଶାସନ ସଚିବ ଏନ୍ ତିରୁମାଲା, ଜିଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ପୂର୍ବତନ ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ, ଡିଇଓ ସୋନାମିକା ରାୟ, ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ନିର୍ଦ୍ଦେଶିକା ଅନନ୍ୟା ଦାସ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶନ, ଓସେପା ପ୍ରମୁଖଙ୍କ ସମେତ ବିଭାଗୀୟ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସୁରକ୍ଷା ପାଇଁ ଆରକ୍ଷୀ ଅଧିକ୍ଷକ ଏସ. ସୁଶ୍ରୀଙ୍କ ନେତୃତ୍ୱରେ ୩ ଜଣ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ୬ ଜଣ ଆରକ୍ଷୀ ଉପ ଅଧିକ୍ଷକ, ୧୮ ଜଣ ନିରୀକ୍ଷକ ଏବଂ ୫୦ଜଣ ସହକାରୀ ଆରକ୍ଷୀ ନିରୀକ୍ଷକଙ୍କ ସମେତ ୧୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

## ମା' ଭଗବତୀ ମନ୍ଦିର ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ବାଣପୁର, ୭।୧(ସମିସ): ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବୁଧବାର ରାଜ୍ୟର ଅନନ୍ୟ ଶକ୍ତିପୀଠ ଖୋର୍ଦ୍ଧା ଜିଲ୍ଲା ବାଣପୁରର ଆରାଧ୍ୟା ଦେବୀ ମା'ଭଗବତୀଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହ ମନ୍ଦିରରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରି ଯଥାଶୀଘ୍ର କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ମୁଖ୍ୟମନ୍ତ୍ରୀ ବାଣପୁର ଐତିହାସିକ ପଲଟଣ ପଡ଼ିଆରେ ଆୟୋଜିତ ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ମା'ଭଗବତୀଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିବାରୁ ନିଜକୁ ଧନ୍ୟ ମନେ କରିଥିଲେ। ମନ୍ଦିର କାର୍ଯ୍ୟାଳୟ ତରଫରୁ କାର୍ଯ୍ୟ ନିବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ଓ ସମସ୍ତ ସେବାୟତ, କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇ ମନ୍ଦିରକୁ ପାଛୋଟି ନେଇଥିଲେ। ମା'ଙ୍କୁ ଦର୍ଶନ କରି ସଂସାରମଙ୍ଗଳ କାମନା ପାଇଁ ମା'ଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ। ପରେ ମନ୍ଦିର ପରିସରରେ ବି.ସି.ସି ତରଫରୁ ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ରୂପରେଖ ସଂପର୍କରେ ସ୍ଥାନୀୟ ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଠାରୁ ପ୍ରକଳ୍ପ ସଂପର୍କରେ ପଚାରି ବୁଝିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଯଥାଶୀଘ୍ର ଶେଷ କରିବାକୁ ବିଭାଗୀୟଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମା'ଙ୍କ ପୀଠର ଉନ୍ନୟନ କାର୍ଯ୍ୟ ପାଇଁ ଯାହା ସବୁ ଆବଶ୍ୟକ ତୁରନ୍ତ ଡ଼ି.ପି.ଆର ପ୍ରସ୍ତୁତ କଲେ ପର୍ଯ୍ୟାପ୍ତ ଅନୁଦାନ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରି ବାଣପୁର ବାସୀଙ୍କ ସହଯୋଗ କାମନା କରିଥିଲେ।

## ଗିନି କପ୍; ଫାଇନାଲରେ ଜେସିଏ, ଭୁବନେଶ୍ୱର

ଖୋର୍ଦ୍ଧା, ୭।୧(ସମିସ): ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ସବ୍ୟସାଚୀ-ଦୀନେଶ ମେମୋରିଆଲ୍ ଗିନିକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍ ରେ ଆଜିର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଜେ.ସି.ଏ,ଭୁବନେଶ୍ୱର ସାଇ ଏକାଦଶ,ଭୁବନେଶ୍ୱର କୁ ୨ୱିକେଟ ରେ ପରାସ୍ତ କରି ଫାଇନାଲ ରେ ପ୍ରବେଶ କରିଛି। ସାଇ ଏକାଦଶ ଭୁବନେଶ୍ୱର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୫. ୨ ଓଭର ରେ ସମସ୍ତ ୧୦ ୱିକେଟ ହରାଇ ୧୧୪ ରନ୍ ସଂଗ୍ରହ କରିଥିଲେ। ଜବାବରେ ଜେସିଏ ଦଳ ୧୯ ଓଭର ରେ ୮ ଟି ୱିକେଟ ହରାଇ ୧୧୫ ରନ୍‌ର ବିଜୟ ଲକ୍ଷ୍ୟ ହାସଲ କରି ଫାଇନାଲକୁ ପ୍ରବେଶ କରିଛି। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଜେ.ସି.ଏ ଦଳ ର ସୁଶୀଲ ବାରିକଙ୍କୁ ୩ ହଜାର ଟଙ୍କାର ଅର୍ଥ ରାଶି ପୁରସ୍କାର ଅତିଥି ପୂର୍ବତନ ସନ୍ତୋଷ ଟ୍ରଫି ଅଧିନାୟକ, ଓଡିଶା ର ଅଧିନାୟକ ପ୍ରଦୀପ ବଳିୟାରସିଂ ପ୍ରଦାନ କରିଥିଲେ। ଭାଷ୍ୟକାର ଅବ୍ୟକ୍ତ ହରିହର ଖାଡ଼ଙ୍ଗା ମଂଚ ପରିଚାଳନା କରିଥିଲେ। ରାକେଶ ମିଶ୍ର ଏବଂ ପ୍ରମୋଦ ନାରାୟଣ ଦାସ ପରିଚାଳନା କରିଥିବାବେଳେ ଜନ୍ମେଜୟ ଛୋଟରାୟ ଓ ରବିନାରାୟଣ ପରିଡା ସ୍କୋରର ଭାବେ କାର୍ଯ୍ୟ କରିଥିଲେ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ର ପ୍ରତିଷ୍ଠା ଦିବସ

ଖୋର୍ଦ୍ଧା, ୭।୧(ସମିସ): ସ୍ଥାନୀୟ ବାଟମଙ୍ଗଳା ମନ୍ଦିର ପରିସରରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନର ୮୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଯୁଧିଷ୍ଠିର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନୂତନ ବର୍ଷରେ ମୂଳ ଦାବି ଯଥାକ୍ରମେ : ପ୍ରାଥମିକ ଶିକ୍ଷକମାନଙ୍କର ମୂଳ ବେତନକୁ ଅପ୍ ଗ୍ରେଡ୍ କରି ଲେବୁଲ -୯ ଅନୁଯାୟୀ ମୂଳ ବେତନ ୩୫, ୪୦୦ ଟଙ୍କା ପ୍ରଦାନ କରିବା, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ଉଚ୍ଛେଦ ଐତିହାସିକ ଘୋଷଣା ସତ୍ତ୍ୱେ ସରକାରୀ ପତ୍ରାନାମା ବାହାର କରିବା, ୨୦୦୧ ମସିହାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ପ୍ରାଥମିକ ଶିକ୍ଷକମାନଙ୍କର ଠିକା କାର୍ଯ୍ୟକୁ ମୂଳ ଚାକିରୀରେ ଗଣନା କରିବା ସହିତ ନୋସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ପ୍ରଭୃତି ଉପରେ ଆଲୋଚନା ହୋଇଥିଲା। ତେବେ ୨୦୧୭, ୨୦୨୨, ୨୦୨୩ ଓ ୨୦୨୫ ମସିହାରେ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷକ ରାଜରାସ୍ତାରେ ନିଜ ହକ୍ ପାଇଁ ଆନ୍ଦୋଳନ କରିଆସୁଛନ୍ତି। ୨୦୨୨ ମସିହା ମହା ଆନ୍ଦୋଳନରେ ପୂର୍ବ ସରକାରରେ ଥିବା ବିରୋଧ ଦଳର ମୁଖ୍ୟ ସଚେତକ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଆନ୍ଦୋଳନକୁ ସମର୍ଥନ କରି ଦେଇଥିବା ପ୍ରତିଶୃତି ପୂରଣ କରିବାକୁ ବୈଠକରେ ଅନୁରୋଧ କରାଯାଇଛି। ଜିଲ୍ଲା ସମ୍ପାଦକ ଜିତ୍ ରଂଜନ ମହାପାତ୍ର, ବ୍ଲକ ସମ୍ପାଦକ ଅମୀୟ ପରିଡ଼ା, ଉପସଭାପତି ରଶ୍ମି ଦାସ, ଜଟଣୀ ବ୍ଲକ ସମ୍ପାଦକ ଆକାଶ ମହାନ୍ତି, ସହ ସମ୍ପାଦକ ଜ୍ୟୋତିର୍ମୟୀ ନାୟକ, ରବିନାରାୟଣ ପଣ୍ଡା, ପ୍ରଭାସିନି ବେହେରା, ପ୍ରତାପ ଚନ୍ଦ୍ର ସ୍ୱାଇଁ, ମାଧବ ଚନ୍ଦ୍ର ରଣା, ଫୟାଲ୍ ଉଦ୍ଦିନ୍ ଖାନ୍, ସତ୍ୟ ମଲିକ୍ ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଖୋର୍ଦ୍ଧା, ୭।୧(ସମିସ): ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଛି। ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି ଉଦଘାଟନୀ ଓ ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଓ ପୂର୍ବତନ ଛାତ୍ରମାନେ ଅତିଥିଭାବେ ଯୋଗଦେଇଥିଲେ। ବାଳକ ବର୍ଗରେ ରୁଦ୍ର ବାରିକ ସର୍ବଶ୍ରେଷ୍ଠ କ୍ରୀଡାବିତ୍ ଭାବେ ଚାମ୍ପିୟନ ମୁକୁଟ ପିନ୍ଧିଥିଲେ। ବାଳିକା ବର୍ଗରେ ଋତୁପୂର୍ଣ୍ଣା ବଳବନ୍ତରାୟ ଚାମ୍ପିୟନ ହୋଇଥିଲେ। ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ଚିନ୍ମୟ ମାର୍ଥା ପରିଚାଳନା କରିଥିବାବେଳେ ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

## ଋଣ କରାଇ ଦେବା ନାଁରେ ଠକେଇ, ଜଣେ ଗିରଫ

ବାଲୁଗାଁ, ୭।୧(ସମିସ): ବାଲୁଗାଁ, ବାଣପୁର ଓ ଖଲ୍ଲିକୋଟ ଅଞ୍ଚଳର ବିଭିନ୍ନ ଲୋକମାନଙ୍କୁ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଅଞ୍ଚଳରେ ଜଣେ ବ୍ୟକ୍ତି ଗୋଷ୍ଠୀ ଋଣ ତଥା ଗ୍ରୁପ୍ ଲୋନ୍ କରାଇ ଦେବା ନାମରେ ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ କରି ନେଇ ଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଅଞ୍ଚଳର ଜ୍ଞାନ ରଞ୍ଜନ ପାତ୍ର ବୋଲି ଜଣା ପଡିଛି। ବାଲୁଗାଁ ଥାନା ଅଧିନ ନାଭାଲ ଫାଣ୍ଡି ଅନ୍ତର୍ଗତ ଚନ୍ଦ୍ରାପୁଟ ଗ୍ରାମର ଶାରଦା ବେହେରାଙ୍କ ଲିଖିତ ଅଭିଯୋଗ ଅନୁଯାଇ, ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଅଞ୍ଚଳର ଜ୍ଞାନ ରଞ୍ଜନ ପାତ୍ର ନାମକ ଜଣେ ବ୍ୟକ୍ତି ଲକ୍ଷାଧିକ ଟଙ୍କାର ଗୋଷ୍ଠୀଋଣ କରାଇ ଦେବାକୁ ପ୍ରଲୋଭନ ଦେଖାଇ ସେଥିପାଇଁ ବୀମା କରିବାକୁ ପଡ଼ିବ ବୋଲି କହିଥିଲେ। ଅଭିଯୁକ୍ତ ପାତ୍ର ତାଙ୍କର ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେବା ପରେ ଶାରଦା ବେହେରା ଆକାଉଣ୍ଟକୁ ୨୪ହଜାର ୪ଶହ ଟଙ୍କା ପଠାଇଥିଲେ। ଅନୁରୂପ ଭାବେ ଅଭିଯୁକ୍ତ ପାତ୍ର ଚନ୍ଦ୍ରାପୁଟ ଗ୍ରାମର ଅନେକ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ କରି ନେଇଥିବା ବେଳେ ପରବର୍ତ୍ତୀ ସମୟରେ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏପରିକି ନିଜର ମୋବାଇଲ ବନ୍ଦ କରି ଦେଇଥିଲେ। ଅଭିଯୁକ୍ତ ପାତ୍ର ସେହିପରି ଖଲ୍ଲିକୋଟ ଅଞ୍ଚଳରୁ ଲକ୍ଷାଧିକ ଟଙ୍କା ଠକେଇ କରି ନେଇ ଥିବା ବେଳେ ଠକେଇ ଅଭିଯୋଗରେ ବର୍ତ୍ତମାନ ଖଲ୍ଲିକୋଟ ପୁଲିସ ଅଭିଯୁକ୍ତ ପାତ୍ରକୁ ଗିରଫ କରିଛି। ଏପରି ସ୍ଥଳେ ବାଲୁଗାଁ ଥାନାରେ ଅଭିଯୋଗ କ୍ରମେ ଏକ ଠକେଇ ମାମଲା ରୁଜୁ କରି ରିମାଣ୍ଡରେ ଆଣି ଅଭିଯୁକ୍ତକୁ ଜେରା କରି ବାଲୁଗାଁ ପୁଲିସ ତଦନ୍ତ ଆରମ୍ଭ କରିବ ବୋଲି ଜଣାପଡ଼ିଛି।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତି ସ୍ଥାପନ

ଖୋର୍ଦ୍ଧା, ୭।୧(ସମିସ): ଖୋର୍ଦ୍ଧା ବ୍ଲକ କାଇପଦର ପଂଚାୟତସ୍ଥିତ କାଇପଦର କ୍ଲଷ୍ଟରର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତି ପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବ୍ଲକ ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ମୁଖ୍ୟଅତିଥି ଭାବେ ଯୋଗ ଦେବା ସହିତ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷା ବୀଣାପାଣି ମାର୍ଥା, ଆଲୁମୁନି କମିଟିର ଅଧକ୍ଷ ଶୁଭ୍ରାଂଶୁ ଚମ୍ପତିରାୟ, ୱାର୍ଡମେମ୍ବର ଶ୍ୟାମସୁନ୍ଦର ଶ୍ରୀଚନ୍ଦନ, ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ଦୈତାରୀ ସାମନ୍ତରାୟ, ଭିକାରୀ ଚରଣ ବଳିୟାର ସିଂହ, ଜରିପୁଟ କ୍ଲଷ୍ଟରର ସି.ଆର.ସି.ସି. ଗିତାଞ୍ଜଳି ସାହୁ, ଗୋବିନ୍ଦ ଚନ୍ଦ୍ର ବେହେରା, ଅଶ୍ୱିନୀ ସାମନ୍ତରାୟ, ପୂର୍ବତନ ନାଏବ ସରପଂଚ ତପନ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ।



ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମଧୁସ୍ମିତା ଦାସ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଖୋର୍ଦ୍ଧା ବ୍ଲକ ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ନିଜେ ଏହି ବିଦ୍ୟାଳୟର ଛାତ୍ରୀ ହୋଇଥିବାରୁ ପୁନର୍ବାର ଛାତ୍ରଛାତ୍ରୀମାନଙ୍କୁ ବଡ଼ ହୋଇ ବିଦ୍ୟାଳୟର ନାମ ଉଜ୍ଜ୍ୱଳ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିବାର ସିଧା ପ୍ରସାରଣ ସେଠାରେ ଉପସ୍ଥିତ ଥିବା ସମସ୍ତ ଛାତ୍ରଛାତ୍ରୀ ଓ ଅଂଚଳବାସୀ ଦେଖିଥିଲେ। ଏଥିସହିତ ବିଦ୍ୟାଳୟ ପରିସରରେ ଉକ୍ତ କାର୍ଯ୍ୟକ୍ରମର ଶିଳାନ୍ୟାସ ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା। ପରିଶେଷରେ କ୍ଲଷ୍ଟରର ସି.ଆର.ସି.ସି. ବାଗେଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଛଣଗିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ନିରାକାରପୁର, ୭।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ସରକାରୀ ପିଏମ୍‌ଶ୍ରୀ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁମନ୍ତ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ସୁମିତ୍ରା ବରିସଲ, ଆଲୁମନି ସଙ୍ଘ ସଭାପତି ଲଳିତ ପଟ୍ଟନାୟକ, ଆଲୁମନି ସମ୍ପାଦକ ଦୁର୍ଗା ପ୍ରସାଦ ସୁନ୍ଦରାୟ, ରାଜ୍ୟ ଓଷ୍ଟା ସମ୍ପାଦକ ରମାକାନ୍ତ ମହାପାତ୍ର ଓ ସ୍କୁଲ ପରିଚାଳନା କମିଟି ସଭାପତି ଏସ କେ ଇସ୍ରାଏଲ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉଦବୋଧନ ପ୍ରଦାନ କରିଥିଲେ। ଅତିଥିମାନେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଶିକ୍ଷକ ପଞ୍ଚାନନ ଭୁଜବଳ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିବ।

## ● ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ
## ସାଧାରଣଜ୍ଞାନ ପରୀକ୍ଷାରେ ପ୍ରଥମ ଗୁରୁପ୍ରସାଦଙ୍କୁ ସମ୍ବର୍ଦ୍ଧନା



ନିରାକାରପୁର, ୭।୧ (ସମିସ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ବ୍ଲକର ରାମଚନ୍ଦ୍ର ବିଦ୍ୟାନିକେତନ, ରମାବିଲି ପ୍ରାଙ୍ଗଣରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ପାଇକରାୟଙ୍କ ପୌରହିତ୍ୟରେ କୃତୀ ଛାତ୍ର ଗୁରୁ ପ୍ରସାଦ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ମାନିତ ଅତିଥିଭାବେ ଶିକ୍ଷକ ନେତା ତଥା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଗଠନର ସମ୍ପାଦକ ରମାକାନ୍ତ ମହାପାତ୍ର, ଟାଙ୍ଗି ବ୍ଲକ ଓଷ୍ଟାର ସଭାପତି ବଳରାମ ପାଇକରାୟ, ଟାଙ୍ଗି ବ୍ଲକ ଓଷ୍ଟାର ସମ୍ପାଦକ ଅଜୟ ପରିଡା, ଛଣଗିରି ଗ୍ରାମ ପଂଚାୟତର ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଗଠନ ଦ୍ୱାରା ପରିଚାଳିତ ରାଜ୍ୟ ସ୍ତରୀୟ "ଶିଶୁ ମହୋତ୍ସବ -୨୦୨୫" ର ସାଧାରଣ ଜ୍ଞାନ ପରୀକ୍ଷାରେ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗୁରୁ ପ୍ରସାଦ ଶତପଥୀ ଦଶମ ଶ୍ରେଣୀର ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ

ଟାଙ୍ଗୀ,୭।୧(ସମିସ): ପ୍ରାଥମିକ ଶିକ୍ଷକ ସଂଘ ଟାଙ୍ଗୀ ବ୍ଲକ ତରଫରୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ୮୧ତମ ପ୍ରତିଷ୍ଠା ଦିବସ ମୁକ୍ତେଶ୍ୱରଦେବ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସୁନ୍ଦରପୁର ପରିସରରେ ପାଳିତ ହୋଇଯାଇଛି। ସଂଘର ବ୍ଲକ ସଭାପତି ସଲିଳ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲା ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ସମ୍ପାଦକ ସନ୍ତୋଷ ବେହେରା, ଲିଲିପ୍ସା କୁମାରୀ ଜେନା, ଲଳିତ ନାରାୟଣ ମହାପାତ୍ର,ପ୍ରସନ୍ନ ମଙ୍ଗରାଜ, ଅମିତ ଚକ୍ରବର୍ତ୍ତୀ,ମାଧବ ମହାରଣା ପ୍ରମୁଖ ଅତିଥି ରୂପେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସତ୍ୟନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଦିବଂଗତ କାର୍ଯ୍ୟକର୍ତ୍ତାମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସଂଘ ବାର୍ତ୍ତା ଶପଥ ପାଠ କରାଇଥିଲେ ଚିନ୍ମୟ ଚିନ୍ତନ ବାରିକ। ଅନ୍ୟମାନଙ୍କ ମଧ୍ୟରେ ମୀନାକ୍ଷୀ ବେହେରା,ପ୍ରତିମା ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ହାତୀପଲ ଘଉଡାଇବାରେ ବନ ବିଭାଗ ବିଫଳ

ବେଗୁନିଆ, ୭।୧(ସମିସ): ଖୋର୍ଦ୍ଧା ବନାଞ୍ଚଳରେ ୧୫ ଟିକିଆ ହାତୀ ପଲକୁ ଘଉଡାଇ ପାଇଁ ୧୨ ଦିନରୁ ଅଧିକ ହେବ ନିୟୋଜିତ କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଯୋଗୁଁ ବିଫଳ ହୋଇଛନ୍ତି। ଏଥିରେ ବେଗୁନିଆ ବ୍ଲକର ଡିଙ୍ଗର, ବାଘମାରୀ, ବେଗୁନିଆ, ଦୁର୍ଗାପୁର ଓ ବୋଲଗଡ ବ୍ଲକର ଗେଡିଆପଲି ପଞ୍ଚାୟତର ଚାଷୀଙ୍କ ଗଦା ହୋଇଥିବା ଧାନକୁ ଖାଇବା ସହ ଦଳି ଚକଟି ନଷ୍ଟ କରିଦେଇଥିବା ବେଳେ ସନ୍ଧ୍ୟା ସମୟରେ ହାତୀ ଭୟରେ ଏକ ରକମ ଗ୍ରାମ୍ୟ ରାସ୍ତାଘାଟ ସହ ଜନ ବସତିରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଥିବା ଯୋଗୁଁ ଅନ୍ଧକାର ରାଜୁତି କରୁଛି। ଯାହା କି ରାତ୍ର ପରିବେଶଟି ଅନ୍ଧକାର ହୋଇ ଥିବାରୁ ହାତୀ ଭୟ ଦ୍ୱି ଗୁଣା କରି ଦେଉଛି। ଦୁର୍ଗାପୁର ପଞ୍ଚାୟତ ବୋତଲମା ଗ୍ରାମରେ ୧୫ ଟିକିଆ ହାତୀ ପଲ ରହି ଯୁଧିଷ୍ଠିର ଜେନାଙ୍କ ୨୫ ବସ୍ତା ଧାନ ସହ ପାଚେରୀ ଭାଙ୍ଗି ପରିବା ଫସଲ ନଷ୍ଟ, ଯୁଗଳ ସାହୁଙ୍କ ୨ ଏକର କାକୁଡି ଫସଲ ଓ ବୁଲା ସାହୁଙ୍କ ୧ ଏକର ପରିବା ଫସଲ ନଷ୍ଟ ହୋଇଛି। ଏପରିକି ଗତ ଚଳିତ ମାସ ୫ ରିଖ ଦିନ ବୋଲଗଡ ବ୍ଲକ ଅନ୍ତର୍ଗତ ଗେଡିଆପଲ୍ଲୀ ପଞ୍ଚାୟତ ଶାମୁକା ପାଟଣା ଗ୍ରାମର ଭାଗଚାଷୀ ପ୍ରସନ୍ନ ପଣ୍ଡାଙ୍କ ୧୫ ବସ୍ତା ଧାନ ନଷ୍ଟ ହୋଇଛି। ଏଥିରେ ନିୟୋଜିତ କର୍ମଚାରୀଙ୍କ ଅପାରଗତା ଯୋଗୁଁ ହାତୀ ପଲ ଘଉଡାଇ ପାରୁ ନାହାଁନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଏଭଳି ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀର ମନରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ତୁରନ୍ତ କ୍ଷତି ପୂରଣ ପ୍ରଦାନ ପାଇଁ ଜନସାଧାରଣ ଦାବି କରିଛନ୍ତି।

## ଠିକାଦାର ସଂଘର ବନ୍ଧୁମିଳନ

ବେଗୁନିଆ, ୭।୧(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଠିକାଦାର ସଂଘ ପକ୍ଷରୁ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଠିକାଦାର ଅମୀୟ ରଞ୍ଜନ ପଣ୍ଡାଙ୍କ ଅଧକ୍ଷତା ଓ ଶୁଭକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ବେହେରା ଯୋଗଦେଇ ବେଗୁନିଆ ନିର୍ବାଚନ ମଣ୍ଡଳୀର ଠିକାଦାର ମାନେ ଏକଜୁଟ ହୋଇ ଆର୍ଥିକ ସ୍ଥିତିକୁ ଅଗ୍ରଗତି କରିବା ପାଇଁ ମତ ପ୍ରକାଶ କରିଥିଲେ। ଏଥିରେ ଠିକାଦାର ଦିବାକର ପଣ୍ଡା,ଅଶୋକ ସେନାପତି,ରମେଶ ସାହୁ,ରେହେମନ ଖାଁ ଓ ପୁଜେଶ ପ୍ରଧାନ ସହଯୋଗ କରିଥିବା ବେଳେ ବରିଷ୍ଠ ଠିକାଦାର ଅକ୍ଷୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ନବୋଦୟ ବିଦ୍ୟାଳୟରେ ଜଣ୍ଡିସ ବ୍ୟାପିବା ଘଟଣା
# ୭ ଦିନ ଛୁଟି ଘୋଷଣା ହେଲା ବିଦ୍ୟାଳୟ

ଖୋର୍ଦ୍ଧା, ୭।୧(ସମିସ)



ସ୍ଥାନୀୟ ଗୁରୁଜଙ୍ଗଠାରେ ଥିବା ନବୋଦୟ ବିଦ୍ୟାଳୟରେ ଜଣ୍ଡିସ ବ୍ୟାପିବା ଘଟଣା ଉଦ୍‌ବେଗ ସ୍ଥିତିରେ ପହଁଚିଛି। ଜଣ୍ଡିସ୍ ସଂକ୍ରମିତ ଘଟଣାରେ ବିଦ୍ୟାଳୟକୁ ୭ଦିନ ପାଇଁ ଛୁଟି ଘୋଷଣା କରିଛନ୍ତି ଅଧକ୍ଷା। ଛାତ୍ରଛାତ୍ରୀଙ୍କୁ ହଷ୍ଟେଲ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନବୋଦୟ ବିଦ୍ୟାଳୟ ସମିତି କମିଶନରଙ୍କ ଟିମ୍ ପହଁଚି ଆଜି ସ୍ଥିତି ଅନୁଧ୍ୟାନ ପରେ ବିଦ୍ୟାଳୟ ସପ୍ତାହ ଛୁଟି ଘୋଷଣା କରାଯାଇଛି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ ରହିବ।

ପ୍ରକାଶ ଥାଉକି, ନବୋଦୟ ବିଦ୍ୟାଳୟରେ ଗତ କିଛି ଦିନ ଧରି ପିଲାଙ୍କ ମଧ୍ୟରେ ଜଣ୍ଡିସ ଆକ୍ରାନ୍ତ ଦେଖା ଦେବା ପରେ ଘଟଣା ପଦାକୁ ଆସିଥିଲା। ବର୍ତ୍ତମାନ ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୮୧ ରେ ପହଁଚିଥିବା କର୍ତ୍ତୃପକ୍ଷ କହୁଥିବାବେଳେ ଏହା ଢେର୍ ଅଧିକ ରହୁଥିବା କୁହାଯାଉଛି। ତେବେ ସଂକ୍ରମଣର କାରଣ ଏବେ ବି ଅସ୍ପଷ୍ଟ ରହିଛି। ପୂର୍ବରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ, ୱାଟକୋ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଁଚି ବିଭିନ୍ନ ସ୍ଥାନରୁ ପାଣିର ନମୁନା ସଂଗ୍ରହ କରି ପରୀକ୍ଷଣ ପାଇଁ ପଠାଇଥିଲେ।

ନବୋଦୟ ବିଦ୍ୟାଳୟ ସମିତି କମିଶନର ଏହାକୁ ଗୁରୁତର ସହ ଗ୍ରହଣ କରିଥିବାବେଳେ ବୁଧବାର କେନ୍ଦ୍ରୀୟ କମିଶନର ରାକେଶ ଲେଖନୀ, ଡେପୁଟୀ କମିଶନର ଆର.କେ. ଶର୍ମା, ଆସିଷ୍ଟାଂଟ କମିଶନର ଡ. ଜରିନା କୁରେସୀ ବିଦ୍ୟାଳୟରେ ପହଁଚି ଥିଲେ। ବିଦ୍ୟାଳୟ ଅଧକ୍ଷା ଡ. କବିତା କର, ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ସିଡିଏମଓ ଡା. ସଞ୍ଜୟ ରାୟ, ଡିପିଏଚଓ ଡା. ରଞ୍ଜନ ମିତ୍ର, ପୌର ପରିଷଦ ନିର୍ବାହୀ ଅଧିକାରୀ ରିଜୱାନା କଅକବଙ୍କ ସମେତ ୱାଟକୋ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ଟିମ୍ ମଧ୍ୟ ଉପସ୍ଥିତ ଥିଲେ।

### ୮୧ ଛୁଇଁଲା ଆକ୍ରାନ୍ତଙ୍କ ସଂଖ୍ୟା, ସ୍ଥିତି ଅନୁଧ୍ୟାନ କଲା କେନ୍ଦ୍ରୀୟ ଟିମ୍

କେନ୍ଦ୍ରୀୟ କମିଶନର ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପରେ ପାଣି ଟାଙ୍କି, ଓଭରହେଡ ଟାଙ୍କି, କ୍ୟାଂଟିନ ପ୍ରଭୃତି ବୁଲି ଦେଖିଥିଲେ। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ବିଦ୍ୟାଳୟକୁ ୭ଦିନ ଛୁଟି ଘୋଷଣା କରିବା ପାଇଁ ଅଧକ୍ଷାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ପୁଣି ଥରେ ୱାଟକୋ ଟିମ୍ କୁ ପାଣି ସାମ୍ପଲ ଟେଷ୍ଟିଙ୍ଗ ଏବଂ ଆକ୍ରାନ୍ତ ପିଲାଙ୍କ କାଉନସିଲିଂ, ପୁଣି ଥରେ ଟେଷ୍ଟ ରିପୋର୍ଟ ସଂଗ୍ରହ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ।

ଏ ସଂକ୍ରାନ୍ତରେ ଡେପୁଟୀ କମିଶନର ଶର୍ମା କହିଲେ ଏହି ଘଟଣାକୁ ଏନଭିଏସ ଗୁରୁତର ସହ ନେଇଛି। କେଉଁ କାରଣରୁ ଜଣ୍ଡିସ ବ୍ୟାପିଲା ତାହାର ଟିକନିକ ଯାଂଚ କରାଯିବ। ପୁଣି ଥରେ ପାଣି ଟେଷ୍ଟିଂ ପାଇଁ କମିଶନର ୱାଟକୋ କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆସିଷ୍ଟାଂଟ କମିଶନର ଏଠାରେ ଦୁଇ ଦିନ ରହି ବିଦ୍ୟାଳୟ ସ୍ଥିତି ଅନୁଧ୍ୟାନ କରିବେ। ଅଧକ୍ଷା ଡ. କର କହିଲେ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟକୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ସ୍ଥିତିରେ ସୁଧାର ଆସିବା ପରେ ଛାତ୍ରଛାତ୍ରୀମାନେ ଫେରିବେ।

● ଇଏସ୍ଆଇସି ମେଡିକାଲ, ପୂର୍ଣ୍ଣାଙ୍ଗ ବିମାନବନ୍ଦର ଦାବି

## ତୃତୀୟ ଦିନରେ କ୍ରିୟାନୁଷ୍ଠାନ କମିଟିର ଗଣଧାରଣା




ରାଉରକେଲା, ୭।୧(ସମିସ): ରାଉରକେଲାରେ ଇଏସ୍ଆଇସି ମେଡିକାଲ କଲେଜ ହସ୍ପିଟାଲ ଏବଂ ଏକ ପୂର୍ଣ୍ଣାଙ୍ଗ ବିମାନବନ୍ଦର ଦାବିରେ ଆର୍ଏମ୍ସି କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା କ୍ରିୟାନୁଷ୍ଠାନ କମିଟିର ଧାରଣା ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ଓଡ଼ିଶାର ଶିଳ୍ପ ରାଜଧାନୀ ହୋଇଥିବାରୁ ରାଉରକେଲା ରାଜ୍ୟର ରାଜସ୍ୱରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। କିନ୍ତୁ ଏହାକୁ ଅବହେଳା କରାଯିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ୫୦ ପ୍ରତିଶତରୁ ଅଧିକ ଇଏସଆଇସି ବୀମାପ୍ରାପ୍ତ ବ୍ୟକ୍ତି ରାଉରକେଲାରେ ରହୁଥିବାରୁ ସେମାନେ ଏକ ଉତ୍ସର୍ଗୀକୃତ ଚିକିତ୍ସା ସୁବିଧା ପାଇବାର ହକଦାର। କିନ୍ତୁ ଇଏସ୍ଆଇସି ମେଡିକାଲ୍ ନଥିବାରୁ ସେମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ଏହି ସମୟରେ ଭୁବନେଶ୍ୱରରେ ସମ୍, ଏମ୍ସ ଏବଂ କିମ୍ସ ସମେତ ୧୪ଟି ଇଏସ୍ଆଇସି ସଂଲଗ୍ନ ହସ୍ପିଟାଲ ଅଛି। ହେଲେ ରାଉରକେଲାରେ ନଗଣ୍ୟ ଘରୋଇ ଡାକ୍ତରଖାନା ରହିଥିବାରୁ ଇଏସ୍ଆଇସି ବୀମାଭୁକ୍ତ ରୋଗୀମାନେ ଏହି ସେବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିବ ବୋଲି ବିକ୍ଷୋଭକାରୀମାନେ ଚେତାବନୀ ଦେଇଛନ୍ତି। ଏହି ପ୍ରତିବାଦକୁ ସିପିଆଇ ଦଳ ଏବଂ ରାଉରକେଲା ବାର ଆସୋସିଏସନ ପକ୍ଷରୁ ସମର୍ଥନ ମିଳିଥିବା ଜଣାପଡିଛି।

ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

# ସୁନ୍ଦରଗଡ଼ ଜିଲ୍ଲାରେ ନିଯୁକ୍ତ ହେବେ ୧୦୦ ଟ୍ରାଫିକ ୱାର୍ଡେନ୍

ରାଉରକେଲା, ୭।୧(ସମିସ)



ଶିଳ୍ପ ଓ ଖଣି ଅଞ୍ଚଳ ଭାବେ ପରିଚିତ ଥିବା କେନ୍ଦୁଝର, ସୁନ୍ଦରଗଡ଼ ଓ ରାଉରକେଲା ପୁଲିସ ଜିଲ୍ଲାରେ କ୍ରମବର୍ଦ୍ଧିଷ୍ଣୁ ଦୁର୍ଘଟଣାଜନିତ ମୃତାହତଙ୍କ ସଂଖ୍ୟା ଏବେ ପୁଲିସର ଚିନ୍ତା ବଢ଼ାଇଛି। ଏହି ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ସହ ଦୁର୍ଘଟଣାଜନିତ ମୃତାହତଙ୍କ ସଂଖ୍ୟାକୁ ହ୍ରାସ କରିବା ପାଇଁ ପଶ୍ଚିମାଞ୍ଚଳ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି। ପରିବହନ ବିଭାଗ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାରେ ୧୦୦ ଜଣ ଟ୍ରାଫିକ ୱାର୍ଡେନ ନିଯୁକ୍ତି ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଟ୍ରାଫିକ ୱାର୍ଡେନମାନେ ଏଣିକି ନିୟନ୍ତ୍ରଣ କରିବେ ଟ୍ରାଫିକ ସମସ୍ୟା ଏବଂ ଜଗିବେ ବେପରୁଆ ଗାଡି ଚାଳକଙ୍କୁ। ପଶ୍ଚିମାଞ୍ଚଳ ରେଞ୍ଜର କେନ୍ଦୁଝର, ସୁନ୍ଦରଗଡ ଓ ରାଉରକେଲା ପୁଲିସ ଜିଲ୍ଲାରେ ମୋଟ ୧୭ ଟି ସ୍ଥାନକୁ ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ କରାଯାଇ ଏନେଇ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କହିଛନ୍ତି ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ। ଶିଳ୍ପ ଓ ଖଣି ଅଞ୍ଚଳ ଭାବେ ପରିଚିତ କେନ୍ଦୁଝର ଜିଲ୍ଲାର ୬ ଟି ଥାନା ଅଞ୍ଚଳ, ସୁନ୍ଦରଗଡ଼ ଜିଲ୍ଲାର ୫ ଟି ଥାନା ଅଞ୍ଚଳ ଓ ରାଉରକେଲା ପୁଲିସ ଜିଲ୍ଲାର ୬ ଟି ଥାନା ଅଞ୍ଚଳକୁ ଅତ୍ୟଧିକ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା ଆରମ୍ଭ କରାଯାଇଥିବା ସୂଚନା ମିଳିଛି। ରାଉରକେଲା ପୁଲିସ ଜିଲ୍ଲାରେ ୨୦୨୪ ମସିହାରେ ୪୯୭ ଦୁର୍ଘଟଣା ହୋଇଥିବା ବେଳେ ୨୦୨୫ ମସିହାରେ ୪୭୯ ଦୁର୍ଘଟଣା ହୋଇଛି। ସୁନ୍ଦରଗଡ଼ ପୁଲିସ ଜିଲ୍ଲାରେ ୨୦୨୪ ମସିହାରେ ୩୯୯ ଦୁର୍ଘଟଣା ହୋଇଥିବା ବେଳେ ୨୦୨୫ ମସିହାରେ ୩୫୬ ଦୁର୍ଘଟଣା ହୋଇଛି। ସେହିପରି କେନ୍ଦୁଝର ଜିଲ୍ଲାରେ ୨୦୨୪ ମସିହାରେ ୭୫୨ ଦୁର୍ଘଟଣା ଘଟିଥିବା ବେଳେ ୨୦୨୫ ମସିହାରେ ୬୭୫ ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସଂଖ୍ୟା କମାଇବା ମୃତ ଓ ଆହତଙ୍କ ସଂଖ୍ୟା କମାଇବା ପାଇଁ ପୁଲିସ ପକ୍ଷରୁ ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ କରାଯାଇ ଉକ୍ତ ସ୍ଥାନଗୁଡିକରେ ହମ୍ପସ ନିର୍ମାଣ, ବ୍ଲିଙ୍କିଂ ଲାଇଟ, ଅନ୍ଧାରୁଆ ସ୍ଥାନରେ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା କରିବା, ରାସ୍ତା ମରାମତି କରିବା, ସାଇନ ବୋର୍ଡ ଲଗାଇବା କାର୍ଯ୍ୟ ଜାରି ରଖିଥିବା ପଶ୍ଚିମାଞ୍ଚଳ ପୁଲିସ ଡ଼ିଆଇଜି ବ୍ରିଜେଶ କୁମାର ରାଏ ସୂଚନା ଦେଇଛନ୍ତି।

ତିନି ପୁଲିସ ଜିଲ୍ଲାରେ ଦୁର୍ଘଟଣା ସଂଖ୍ୟା କମାଇବା ପାଇଁ ସମସ୍ତ ଥାନାର ପୋଲିସ ଅଧିକାରୀ ପରିବହନ ବିଭାଗ ଅଧିକାରୀ ଓ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ ଅଧିକ ଦୁର୍ଘଟଣା ପ୍ରବଣ ସ୍ଥାନ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରି କ'ଣ ପଦକ୍ଷେପ ନିଆଯିବ ରିପୋର୍ଟ ପ୍ରଦାନ କରିଛନ୍ତି। ଦୁର୍ଘଟଣା ସଂଖ୍ୟା ହ୍ରାସ କରିବା ପାଇଁ କ'ଣ ପଦକ୍ଷେପ ନିଆଯିବ, ମଦୁଆ ଡ୍ରାଇଭରକୁ ଧରିବା, ଦ୍ରୁତ ଗତିରେ ଗାଡି ଚାଳନାକୁ ରୋକିବା, ସିସିଟିଭି ଲଗାଇ ଦ୍ରୁତ ଗତିରେ ଗାଡି ଚଳାଚଳ କରୁଥିବା ଗାଡି ଚାଳକଙ୍କୁ ଧରି ଜୋରିମାନା ଆଦାୟ କରିବା, ବିନା ହେଲମେଟ ବାଇକ ଚାଳକଙ୍କ ଠାରୁ ଜୋରିମାନା ଆଦାୟ କରିବା ପାଇଁ ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଦୁର୍ଘଟଣା ସଂଖ୍ୟା ହ୍ରାସ କରିବା ପାଇଁ ପୁଲିସର ପଦକ୍ଷେପକୁ ପରିବହନ ବିଭାଗ ପକ୍ଷରୁ ସହଯୋଗ କରାଯାଉଛି। ଦୁର୍ଘଟଣା ସଂଖ୍ୟା କମାଇବା ପାଇଁ ପରିବହନ ବିଭାଗ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାରେ ଶହେ ଜଣ ଟ୍ରାଫିକ ୱାର୍ଡେନ ନିଯୁକ୍ତି ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

ଟ୍ରାଫିକ ୱାର୍ଡେନ ବିଭିନ୍ନ ଥାନା ଅଞ୍ଚଳରେ ମୁତୟନ ରହି ମୃତ ଓ ଆହତଙ୍କ ସଂଖ୍ୟା କିପରି କମାଯିବ ସେନେଇ କାର୍ଯ୍ୟ କରିବେ ବୋଲି ପଶ୍ଚିମାଞ୍ଚଳ ପୋଲିସ ଡ଼ିଆଇଜି ବ୍ରିଜେଶ କୁମାର ରାଏ ସୂଚନା ଦେଇଛନ୍ତି। ରାଉରକେଲା ପୁଲିସ ଜିଲ୍ଲା ସହିତ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ଦୁର୍ଘଟଣା ସଂଖ୍ୟା ହ୍ରାସ କରିବା ପାଇଁ ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଉଦ୍ୟମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

● କେନ୍ଦ୍ର ଇସ୍ପାତ ସଚିବଙ୍କ ଆର୍ଏସ୍ପି ପରିଦର୍ଶନ

## ୧୦୦ ନିଯୁତ ଟନ୍ ଲୁହାପଥର ଉତ୍ପାଦନ ପାଇଁ ଆହ୍ୱାନ



ରାଉରକେଲା, ୭।୧(ସମିସ): କେନ୍ଦ୍ର ଇସ୍ପାତ ସଚିବ ସନ୍ଦିପ ପୌଣ୍ଡ୍ରିକ ବୁଧବାର ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପରିଦର୍ଶନ କରିଛନ୍ତି। ସେ ଗୋପବନ୍ଧୁ ଅଡିଟୋରିୟମ୍‌ରେ ଅନୁଷ୍ଠିତ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ (ଓଜିଓଏମ) ଏବଂ ଝାଡ଼ଖଣ୍ଡ ଗ୍ରୁପ୍ ଅଫ୍ ମାଇନ୍ସ (ଜେଜିଓଏମ)ର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ବାର୍ଷିକ ୧୦୦ ନିଯୁତ ଟନ୍ ଲୁହାପଥର ଉତ୍ପାଦନ ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେଲ୍ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶ, ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଭିଜିତ ନରେନ୍ଦ୍ର, ଆରଆଇଏନ୍ଏଲ୍‌ର ସିଏମଡ଼ି ଅତିରିକ୍ତ ଦାୟିତ୍ୱରେ ଥିବା ସେଲ୍ ନିର୍ଦ୍ଦେଶକ (ବୈଷୟିକ, ପ୍ରକଳ୍ପ ଏବଂ କଞ୍ଚାମାଲ) ମନୀଷ ରାଜ ଗୁପ୍ତା, ଆର୍ଏସ୍ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମଞ୍ଚାସୀନ ଥିଲେ। ୨୦୩୧ ସୁଦ୍ଧା ସେଲ୍‌ର ଲୌହ ଖଣି ଉତ୍ପାଦନକୁ ବାର୍ଷିକ ୧୦୦ ନିଯୁତ ଟନ୍‌କୁ ବୃଦ୍ଧି କରିବା ନିମନ୍ତେ ରୂପରେଖ ପ୍ରସ୍ତୁତ ଓ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ଏହି ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଧିବେଶନରେ ଖଣି ସମୂହ ଓ ଆରଏସପିର ପ୍ରାୟ ୪୦୦ ଜଣ ଅଧିକାରୀ ଭାଗ ନେଇଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ପୌଣ୍ଡ୍ରିକ କହିଥିଲେ, ଭାରତ ସରକାରଙ୍କ ଘରୋଇ ଇସ୍ପାତ ଉତ୍ପାଦନ ବୃଦ୍ଧି ଉପରେ ଦୃଢ଼ ଧ୍ୟାନ ସହିତ, ଭାରତୀୟ ଇସ୍ପାତ ବଜାର ଦ୍ରୁତ ବିସ୍ତାର ପରିଲକ୍ଷିତ ହେଉଛି। ଯାହା ଫଳରେ ଲୁହାପଥର ଚାହିଦାରେ ଅନୁରୂପ ବୃଦ୍ଧି ଘଟିଛି। ଏହା ସେଲ୍ ପାଇଁ ଉତ୍ପାଦନ ବୃଦ୍ଧି, କାର୍ଯ୍ୟକ୍ଷମ ଦକ୍ଷତା ଉନ୍ନତ କରିବା ଏବଂ ଆଧୁନିକ ଖଣି ପ୍ରଯୁକ୍ତିବିଦ୍ୟା ଗ୍ରହଣ କରି ଏହାର ବିଶାଳ ଖଣି କ୍ଷମତାକୁ ଉପଯୋଗ କରିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରୁଛି ବୋଲି ସେ କହିଥିଲେ। ଅମରେନ୍ଦୁ ପ୍ରକାଶ କହିଥିଲେ, ଆବଶ୍ୟକତା ଦୃଢ଼ ମନେକଲେ ଫଳାଫଳ ନିଶ୍ଚିତ ଭାବରେ ଏହାର ଅନୁସରଣ କରେ। ଯେତେବେଳେ ସ୍ୱପ୍ନ ଯୋଜନାରେ ପରିଣତ ହୁଏ ଏବଂ ଯୋଜନା କାର୍ଯ୍ୟକାରୀ ହେବା ସହ ପ୍ରଗତି ସ୍ୱତଃ ଆରମ୍ଭ ହୁଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜେଜିଓଏମର ନିର୍ବାହୀ ନିର୍ଦ୍ଦେଶକ ବିକାଶ ମନ୍ୱାତି, "ସେଲ୍-୧୦୦ ଏମଟିପିଏ- ରିସ୍କ, ରେଡିନେସ ଏବଂ ୱେ ଫରୱାର୍ଡ' ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଏହି ପରିପ୍ରେକ୍ଷୀରେ ଇସ୍ପାତ ସଚିବ ଶ୍ରୀ ପୌଣ୍ଡ୍ରିକ ପ୍ରତ୍ୟେକ ଖଣିର କାର୍ଯ୍ୟଦକ୍ଷତା, ପ୍ରତିବନ୍ଧକ ଏବଂ ଭବିଷ୍ୟ କାର୍ଯ୍ୟପନ୍ଥାର ସମୀକ୍ଷା କରିଥିଲେ। ଖଣିଜ କ୍ଷେତ୍ରର ସର୍ବୋତ୍ତମ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ସମୟସୀମା ତ୍ୱରାନ୍ୱିତ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଖଣି, ଓଜିଓଏମ-ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବିଓଏମ ସିଏମଏଲଓ ବିଭାଗର ସିଜିଏମ ମାଲ୍ଲା ଶ୍ରୀନିବାସୁ ଧନ୍ୟବାଦ ଅର୍ପଣ କରିଥଲେ। ଉଲ୍ଲେଖନୀୟ ଯେ, ଶ୍ରୀ ପୌଣ୍ଡ୍ରିକ ସକାଳେ ରାଉରକେଲା ବିମାନବନ୍ଦରରେ ପହଞ୍ଚିବା ପରେ ଆରଏସପି ସିଆଇଏସଏଫ ୟୁନିଟ୍ ଦ୍ୱାରା ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଅପରାହ୍ନରେ ପରିଦର୍ଶନକାରୀ ଅତିଥିମାନେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରସ୍ଥାନ ପୂର୍ବରୁ ରାଉରକେଲା ହାଉସଠାରେ ଇସ୍ପାତ ସଚିବଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ରାଉରକେଲା ଝିଅ

ରାଉରକେଲା,୭।୧(ସମିସ): ରାଉରକେଲାର ଝିଅ ନ୍ୟାସା ଅଗ୍ରୱାଲ ତାଙ୍କର ଅସାଧାରଣ ମଣ୍ଡଳା କଳା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇ ସହର ପାଇଁ ଗୌରବ ଆଣିଛନ୍ତି। ୧୯ ବର୍ଷୀୟ ନ୍ୟାସା ଅଗ୍ରୱାଲ କେବଳ ଏକ ପେନସିଲ୍ ବ୍ୟବହାର କରି ଶ୍ରୀ ଖାଟୁ ଶ୍ୟାମଙ୍କ ଏକ ଜଟିଳ ମଣ୍ଡଳ କଳାକୃତି ସୃଷ୍ଟି କରିଛନ୍ତି, ଯେଉଁଥିରେ ସେ ତାଙ୍କର ଉଲ୍ଲେଖନୀୟ ଧୈର୍ଯ୍ୟ, ସଠିକତା ଏବଂ କଳାତ୍ମକ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ରଙ୍ଗ କିମ୍ବା ଡିଜିଟାଲ୍ ଉପକରଣ ବ୍ୟବହାର ନକରି ଏକ ସାଧା ଧଳା ଚାର୍ଟ କାଗଜରେ ଏହି କଳାକୃତି ସେ ଅଙ୍କିତ କରିଥିଲେ। ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାର ବିଏସସି ଦ୍ୱିତୀୟ ବର୍ଷର ଛାତ୍ରୀ ନ୍ୟାସା ମାତ୍ର ୧୦ ଦିନ ମଧ୍ୟରେ ଏହି କଳାକୃତି ସମାପ୍ତ କରି ତାଙ୍କ ଉତ୍ସର୍ଗୀକୃତତା ଏବଂ ସୃଜନଶୀଳତା ପାଇଁ ଜାତୀୟସ୍ତରରେ ସ୍ୱୀକୃତି ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ନିଶ୍ଚିତ ଭାବେ ଯୁବ କଳାକାରମାନଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ମତ ପ୍ରକାଶ ପାଇଛି।



## ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ଶୋକସଭା

ରାଉରକେଲା,୭।୧(ସମିସ): ଗୁରୁଣ୍ଡିଆ ବ୍ଲକର ଠାକୁର ପାଲି କ୍ୟାଥୋଲିକ ଚର୍ଚ୍ଚଠାରେ ଝାଲିଆଡିହି ମିଶନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱର୍ଗତ ରାହାସ ବିହାରୀ ବ୍ରହ୍ମାଙ୍କ ୬ଷ୍ଠ ଦିବସରେ ଶୋକ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଫାଦର ପ୍ରଫୁଲ୍ଲ ବିଲୁଙ୍ଗ, ସହାଜବାହାଲର ପ୍ରଧାନ ଶିକ୍ଷକ ରଞ୍ଜନ ମିଶ୍ର, ତରଣିସେନ ପଟେଲ, ଶିକ୍ଷକ ନେତା ଧରଣିଧର ମଲ୍ଲିକ, ସୁରେଶ ଦିପ୍, ପୂର୍ଣ୍ଣବିଲୁଙ୍ଗ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ବିବିଆନା ବିଲୁଙ୍ଗ, ଏସ୍ଏମ୍ସି କମିଟିର ସଭାପତି ପଲିକାର ଏବଂ ଛାତ୍ରଛାତ୍ରୀ ତରଫରୁ ଆଇଭାନ ଲୁଗୁନ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ନୀରବ ପ୍ରାର୍ଥନା କରାଯାଇ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଫାଦର ପ୍ରଫୁଲ୍ଲ ବିଲୁଙ୍ଗ ଧନ୍ୟବାଦ ଦେଇଥିଲେ।

## ଅଭିମନ୍ୟୁ ଷଡଙ୍ଗୀଙ୍କ ପରଲୋକ

ରାଉରକେଲା,୭।୧(ସମିସ): ସାରନଗରୀ ବାଲିଯୋଡି ଅଞ୍ଚଳର ଜଣାଶୁଣା ସମାଜସେବୀ ଅଭିମନ୍ୟୁ ଷଡଙ୍ଗୀ(୮୪)ଙ୍କର ଆଜି ହୃଦଘାତରେ ଦେହାନ୍ତ ହୋଇଯାଇଛି। ଆଜି ସକାଳ ସାଢେ ୧୦ଟାରେ ତାଙ୍କୁ ହୃଦ୍‌ଘାତ ହେବାରୁ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ ସତ୍ୟଭାମା ଷଡଙ୍ଗୀ, ଝିଅ ମମତା ଷଡଙ୍ଗୀଙ୍କ ସହ ବନ୍ଧୁବାନ୍ଧବ, ପରିଜନ, ପଡୋଶୀ ଏବଂ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ପୁଅ ଜିତେନ୍ଦ୍ର କୁମାର ଷଡଙ୍ଗୀ ମୁମ୍ବାଇରେ ଏୟାର ଇଣ୍ଡିଆରେ ଚାକିରି କରୁଥିବାରୁ ସେ ରାଉରକେଲା ଆସିବା ପରେ ଗୁରୁବାର ତାଙ୍କର ବେଦବ୍ୟାସ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି। ଯାଜପୁର ଜିଲ୍ଲା ମୂଳ ବାସୀନ୍ଦା ସ୍ୱର୍ଗତ ଷଡଙ୍ଗୀ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାଉରକେଲାର ବାଲିଯୋଡି ଅଞ୍ଚଳରେ ବାସ କରିଆସୁଥିଲେ। ସେ ଜଣେ ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତି ଥିଲେ।



## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ



ରାଉରକେଲା, ୭।୧(ସମିସ): ଦୁଇ ଦିନ ଧରି ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆଜି ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପଡ଼ିଆଠାରେ ଅନୁଷ୍ଠିତ ଏହି ମେଳାରେ ଜିଲ୍ଲାର ସମସ୍ତ ବ୍ଲକରୁ ବହୁ ସଂଖ୍ୟାରେ ମତ୍ସ୍ୟ ଓ ପଶୁସମ୍ପଦ ଚାଷୀମାନେ ଭାଗ ନେଇଥିଲେ। ଅତିଥି ଭାବେ ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଆଇଏଏସ ଶିକ୍ଷାନବିଶ ସୁଶ୍ରୀ ଫାବୀ ରସିଦ ଯୋଗଦେଇ ମେଳାର ଉଦ୍‌ଯାପନୀ ସଭାକୁ ସମ୍ବୋଧନ କରିଥିଲେ। ମୁଖ୍ୟବକ୍ତା ଭାବେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ଜୟନ୍ତ କୁମାର ପତି ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ସନ୍ତୋଷ କୁମାର ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ପୁଲିସ ଅଧିକ୍ଷକ କୃଷ୍ଣ ପ୍ରସାଦ ମିଶ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ର, କୃଷି ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପ୍ରଧାନ, ସମବାୟ ସମିତି ସମୂହ ଉପନିବନ୍ଧକ ରଶ୍ମିଲତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। କୋଇଡ଼ା ସହକାରୀ ମତ୍ସ୍ୟ ଅଧିକାରୀ ଆକାଂକ୍ଷା ଦାସ ସଭା ପରିଚାଳନା କରିଥିଲେ। ସଭାରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଲେଫ୍ରିପଡା ବ୍ଲକର ସଫଳ ଗୋ ପାଳନ ପାଇଁ ସୀମା ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମତ୍ସ୍ୟ ସମ୍ପଦ ବିଭାଗ ତରଫରୁ ଟାଙ୍ଗରପାଲି ବ୍ଲକର ଚକ୍ରଧର ପଟେଲ ଓ ସବ୍‌ଡେଗା ବ୍ଲକର ଆଦର୍ଶ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନଙ୍କୁ ସଫଳ ମତ୍ସ୍ୟ ଚାଷୀ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଣୀ ସମ୍ପଦ ବିଭାଗ ତରଫରୁ କୃଷକ ବୈଜ୍ଞାନିକ ଆଲୋଚନାଚକ୍ରରେ ଡଃ ବସନ୍ତ କୁମାର ଧଳ, ଡଃ ପ୍ରଶାନ୍ତ କୁମାର କଟୁଆଳ, ମତ୍ସ୍ୟ ବିଭାଗ ତରଫରୁ ନଳିନୀକାନ୍ତ ଦାସ ଓ ମୃତ୍ୟୁଞ୍ଜୟ ଘଡେଇ ଲାଭଜନକ ପ୍ରାଣୀ ଓ ମତ୍ସ୍ୟ ପାଳନ କରିବା ବିଷୟରେ କହିଥିଲେ। ଶେଷରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିବେକ ସୋରେନ ଧନ୍ୟବାଦ ଦେଇଥିଲେ।

# ରାସ୍ତା କଡ଼ରେ ପଡ଼ିଛି ବେଆଇନ୍ ନିର୍ମାଣ ସାମଗ୍ରୀ

ରାଉରକେଲା,୭।୧(ସମିସ): ସ୍ମାର୍ଟ ସିଟି ରାସ୍ତା କଡ଼ରେ ବେଆଇନ୍ ନିର୍ମାଣ ସାମଗ୍ରୀ ପଡି ରହିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ବଢୁଥିବା ବେଳେ ଦୁର୍ଘଟଣା ଆଶଙ୍କା ରହୁଥିବା ଅଞ୍ଚଳବାସୀ କହିଛନ୍ତି। ଏହି ସମସ୍ୟା ପ୍ରତି ସମସ୍ତେ ଅବଗତ ଥାଇ ମଧ୍ୟ ଆଖି ବୁଜି ଦେଇଥିବାରୁ ଦିନକୁ ଦିନ ରାସ୍ତା କଡ଼ରେ ନିର୍ମାଣ ସାମଗ୍ରୀ ପଡି ରହିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି। ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସହରର ଜନଗହଳିପୂର୍ଣ୍ଣ ରାସ୍ତା ଡେଲି ମାର୍କେଟଠାରେ ଘରୋଇ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତେବେ ମାଲିକ ନିର୍ମାଣ ସାମଗ୍ରୀ ଯଥା ଇଟା, ବାଲି, ଗେଟି ଆଦି ରାସ୍ତା କଡ଼ରେ ଗଚ୍ଛିତ ରଖିଛନ୍ତି। ଯାହା ରାସ୍ତାକୁ ଅବରୋଧ କରୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏଥିଯୋଗୁଁ ବିଶେଷ କରି ଚାଲୁଥିବା ଲୋକ ବିଶେଷ ହଇରାଣ ହେଉଛନ୍ତି। ସ୍କୁଲ ପିଲାଙ୍କ ସମେତ ମହିଳା ଓ ବୟସ୍କ ଲୋକମାନେ ଏଥିପାଇଁ ନାନା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ରାଉରକେଲା ମହାନଗର ନିଗମ ଦ୍ୱାରା ଫାଇନ୍ ବା ଜୋରିମାନା ଆଦାୟ କରାଯାଉଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ପ୍ରତ୍ୟେକ ଦିନ ବିଭିନ୍ନ ଅଞ୍ଚଳରେ ଏହି ସମସ୍ୟା ଦେଖିବାକୁ ମିଳିଛି। ରାଉରକେଲା ସ୍ମାର୍ଟ ସିଟି ଘୋଷଣା ହୋଇଥିଲେ

**ବଢୁଛି ଅସନ୍ତୋଷ; ଘନଉଛି ଦୁର୍ଘଟଣା ଆଶଙ୍କା**



ମଧ୍ୟ, ତାହା କାଗଜ କଲମରେ ସୀମିତ ରହିଯାଇଛି। କେବଳ ଉକ୍ତ ରାସ୍ତା ନୁହଁ ବରଂ ସହରର ଅନ୍ୟ ଅଞ୍ଚଳର ମୁଖ୍ୟ ରାସ୍ତା ସମେତ ଗଳି ରାସ୍ତା ଗୁଡିକରେ ମଧ୍ୟ ସମାନ ସମସ୍ୟା ସୃଷ୍ଟି ହୋଇଛି। ଯଦି ଏହାକୁ କିଏ ବାରଣ କରେ ତେବେ ମାଲିକମାନଙ୍କ ନାନାଦି କଥା ଶୁଣିବାକୁ ପଡୁଛି। ପ୍ରାୟ ସମୟରେ ଛୋଟ ଛୋଟ ଦୁର୍ଘଟଣା ମଧ୍ୟ ଘଟି ଚାଲିଛି। ନିର୍ମାଣ ସାମଗ୍ରୀକୁ ବୁଲା ପଶୁ ଖେଳେଇ ରାସ୍ତା ଉପରେ ଆଣି ମଧ୍ୟ ପକାଉଛନ୍ତି। ନିୟମରେ ଯଦି କେହି ରାସ୍ତା କଡ଼ରେ ନିର୍ମାଣ ସାମଗ୍ରୀ ଗଚ୍ଛିତ ରଖିବାକୁ ଚାହେଁ ତେବେ ସରକାରୀ ସ୍ତରରେ ଅନୁମତି ଆଣିବାକୁ ପଡ଼ିଥାଏ। ତେବେ ଏହି ଅନୁମତି କେହି ବି ଆଣୁ ନଥିବା କୁହାଯାଇଛି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ବିଭିନ୍ନ ଶ୍ରେଣୀର ଲୋକ ସମେତ ବିଭିନ୍ନ ସରକାରୀ ଅଧିକାରୀ, କର୍ମଚାରୀ ଯାଆନ୍ତି। ହେଲେ କଣ ପାଇଁ ଏହି ଦିଗ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସେନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାସ୍ତାରେ ଏଭଳି ନିର୍ମାଣ ସାମଗ୍ରୀ ପଡିରହିବା ଯୋଗୁଁ ସୋମବାର ଭୁବନେଶ୍ୱରରେ ସଡକ ଦୁର୍ଘଟଣା ଘଟି ଦୁଇ ମହିଳାଙ୍କ ମୃତ୍ୟୁ ଘଟିଥିଲା। ସେଥିମଧ୍ୟରୁ ଜଣେ ସାମ୍ବାଦିକା ରହିଥିଲେ। ଆଗାମୀ ଦିନରେ ଏ ଦିଗ ପ୍ରତି ପ୍ରଶାସନ ତତ୍ପରତା ନ ଦେଖାଇଲେ ଭୁବନେଶ୍ୱରରେ ଦୁଇଦିନ ତଳେ ଘଟିଥିବା ଦୁର୍ଘଟଣାର ପୁନରାବୃତ୍ତି ରାଉରକେଲାରେ ମଧ୍ୟ ଘଟିବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ଲୋକନାଟକ ମହୋତ୍ସବ ଚତୁର୍ଥ ସନ୍ଧ୍ୟା**

# 'ଭୋକର ଅନେକ ରଙ୍ଗ'ରେ ଗରିବଙ୍କ ସଂଘର୍ଷ କାହାଣୀ

ରାଉରକେଲା,୭।୧(ସମିସ)



ରାଉରକେଲା କଲଚରାଲ ଏକାଡେମୀ ଦ୍ୱାରା ଆୟୋଜିତ ୩୮ତମ ଲୋକନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ବେଲପାହାଡ଼ର ମିରର୍ ଥିଏଟର ନାଟ୍ୟସଂସ୍ଥା ପକ୍ଷରୁ ନାଟ୍ୟକାର ଆର୍ତ୍ତତ୍ରାଣ ମହାପାତ୍ରଙ୍କ ରଚିତ ଏବଂ ଡ. ସୁବାସ ଚନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶିତ ନାଟକ 'ଭୋକର ଅନେକ ରଙ୍ଗ'ରେ ଏକ ଗାଁର ଗରିବ ଶ୍ରେଣୀର ବ୍ୟକ୍ତିଟି ଖାଦ୍ୟ ପାଇଁ କିପରି ସଂଘର୍ଷ କରି ଅଖାଦ୍ୟ ଖାଇବାକୁ ମଧ୍ୟ ବାଧ୍ୟ ହୁଏ ତାହା ପ୍ରତିଫଳିତ ହୋଇଥିଲା। ଅଖ୍ୟାତପଲ୍ଲୀରେ ବିକାଶ କେବଳ କଥାରେ, କାଗଜରେ ଓ ଭାଷଣରେ, ବାସ୍ତବ ଜୀବନରେ ତାହାର କୌଣସି ଲାଭ ମିଳେନାହିଁ ଜନତାଙ୍କୁ। ଜିତା ମାଝୀର ପରିବାର ଗାଁ'ର ଅନେକ ଦରିଦ୍ର ପରିବାର ମଧ୍ୟରୁ ଗୋଟିଏ। ଯାହା ପାଖରେ କାମ ନାହିଁ, ମଜୁରୀ ନାହିଁ, ଜୀବନ ବଞ୍ଚିବାର ଆଶା ମଧ୍ୟ ଧିରେ ଧିରେ ଧୂମିଳ ହୋଇଯାଏ, ସେମାନେ ଅଖାଦ୍ୟ ଖାଇବାକୁ ବାଧ୍ୟ ହୁଅନ୍ତି। ନାଟକ ଏହିଠୁ ଆରମ୍ଭ ହୋଇ ଦର୍ଶକଙ୍କ ପ୍ରଶ୍ନ କରେ ଯଦି ଦୁର୍ଭିକ୍ଷ ନାହିଁ ତେବେ ଅନାହାର କାହିଁକି? ବିକାଶର ମାପଦଣ୍ଡଟି ପ୍ରକୃତରେ କ'ଣ? ସମ୍ବେଦନାତ୍ମିକ ଭାବ ନେଇ ଆତ୍ମ ଚିନ୍ତନ କରିବାକୁ ଏବଂ ସାମାଜିକ ଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ ଦିଏ। ଏପରି ଏକ କଥାବସ୍ତୁକୁ ନେଇ ହିଁ ଗତିଶୀଳ ହୋଇଥିଲା ନାଟକ 'ଭୋକର ଅନେକ ରଙ୍ଗ'। ଏହି ନାଟକରେ ସଙ୍ଗୀତରେ ବିନୟ ପ୍ରଧାନ ସହଯୋଗ କରିଥିଲେ। ବିଭିନ୍ନ ଭୂମିକାରେ ଶରତ ଚନ୍ଦ୍ର ସାହୁ, ସୌଭାଗ୍ୟ ରଞ୍ଜନ ସାହୁ, ମନରଞ୍ଜନ ନାୟକ, ବିନୟ ପ୍ରଧାନ, ଗୋବିନ୍ଦ ପରିଡ଼ା, ଅମରେନ୍ଦ୍ର ପ୍ରତାପ ସିଂହ, ଦିବ୍ୟରଞ୍ଜନ ସାହୁ, ଯୁବରାଜ ସିଂହ, ଭବେଶ ଚନ୍ଦ୍ର ପ୍ରଧାନ, ଗୌରୀଶଙ୍କର କୁମ୍ଭାର, ମମତା ମାଇତି, ବର୍ଷାରାଣୀ ଧଳ ଅଭିନୟ କରିଥିଲେ।

ଏହି ସନ୍ଧ୍ୟାର ଉଦଘାଟନୀ ଉତ୍ସବରେ କଲଚରାଲ ଏକାଡେମୀର ସଭାପତି ପଶୁପତି ନାଥ ଚାଟାର୍ଜୀ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ରାଉରକେଲା ଇସ୍ପାତ କାରଖାନା ମୁଖ୍ୟ ମହାପରିଚାଳକ ତପନ କୁମାର ଜି. କାନେକର୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ବରେଣ୍ୟ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଜିଏମ୍ ରଶ୍ମିରଞ୍ଜନ ନାୟକ ଯୋଗଦେଇଥିଲେ। ସାମଗ୍ରିକ ଭାବେ ନାଟକ ଏକ କଳାର ପରିପ୍ରକାଶ; କିନ୍ତୁ ନାଟକର ବାର୍ତ୍ତା ସମାଜର ପଥପ୍ରଦର୍ଶକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୁଜିତ ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କଲଚରାଲ ଏକାଡେମୀର ଅନ୍ୟତମ ସମ୍ପାଦକ ଡ. ନଗେନ ଦାସ ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ମଞ୍ଚାସୀନ ଥିଲେ। ଶେଷରେ ବଳରାମ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। କଲଚରାଲ ଏକାଡେମୀର ଡ. ପ୍ରଭାତ ମଲ୍ଲିକ, ଡ. ଶ୍ରୀକାନ୍ତ ମହାନ୍ତି, ଅକ୍ଷୟ କୁମାର ସାମଲ, ଡା. କୃପାସିନ୍ଧୁ ନାୟକ, ଅକ୍ଷୟ ପଣ୍ଡା, କିଶୋର ଚନ୍ଦ୍ର ବେହେରା, ଆଲୋକ ବୋଷ, ନୃସିଂହ ରାଉତ, ବିଚିତ୍ରାନନ୍ଦ ସାହୁ, ବିଷ୍ଣୁପ୍ରିୟା ମହାପାତ୍ର, ସୁକାନ୍ତ ମହାପାତ୍ର, ସୁକାନ୍ତ ଖୁଣ୍ଟିଆ, ପ୍ରତାପ କୁମାର ପଣ୍ଡା, ଡ. ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଗୁରୁବାର ପଞ୍ଚମ ସନ୍ଧ୍ୟାରେ ନୂଆ ପରିଚୟ, ଭୁବନେଶ୍ୱର ନାଟ୍ୟ ସଂସ୍ଥାର ନାଟକ 'ନୂଆ ସକାଳର ଅପେକ୍ଷାରେ' ମଞ୍ଚସ୍ଥ ହେବ ବୋଲି ଜଣାପଡିଛି।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 05.01.2026

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ସାତକୋଶିଆ ଗଣ୍ଡରେ କୁମ୍ଭୀର ଗଣନା ଆରମ୍ଭ

ଅନୁଗୋଳ, ୭ ।୧(ସମିସ)

ଅନୁଗୋଳ ଜିଲ୍ଲା ସାତକୋଶିଆ ଗଣ୍ଡରେ କୁମ୍ଭୀର ଗଣନା ଆରମ୍ଭ ହୋଇଛି। ବନ ବିଭାଗର ସୂଚନା ଅନୁଯାୟୀ, ଏହି ଗଣନା କାର୍ଯ୍ୟ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ଥିବା ୫ ବନାଞ୍ଚଳରେ କମ୍ଭୀର ଗଣନା କରାଯିବ। ଏଥିପାଇଁ ୧୪ଟି ୟୁନିଟ୍ ଗଠନ କରାଯାଇଛି। ପ୍ରତି ୟୁନିଟ୍‌ରେ ୫ ଜଣ ଲେଖାଏଁ ସଦସ୍ୟ ରହିଛନ୍ତି। ସାତକୋଶିଆ ବନଖଣ୍ଡ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ଆଠମଲ୍ଲିକ ବନଖଣ୍ଡର ଟିକରପଡ଼ାରୁ ବିନିକେଇ, ବିନିକେଇରୁ ପତାକା, ଟିକରପଡ଼ାରୁ କଟରଙ୍ଗ, କଟରଙ୍ଗରୁ ବାଲିପୁଟ, ବାଲିପୁଟରୁ ଚକ୍ରଗଡ଼, ଆଠମଲ୍ଲିକର ହରଭଙ୍ଗାରୁ ଅଏଡ଼ା, ଲୁଣାହାଣ୍ଡି, ବେଲପୁଞ୍ଜି ମଠ, ଶିଶୁପଥର ଡ୍ୟାମ ସମେତ ଆଖପାଖର ବିଭିନ୍ନ ଜଳାଶୟରେ ଏହି ଗଣନା ଆରମ୍ଭ କରାଯାଇଛି। ଗତବର୍ଷ ଗଣନା ବେଳେ, ମୋଟ ୯୭ଟି ମଗର ଓ ୧୮ଟି ଘଡ଼ିଆଳ କୁମ୍ଭୀର ଚିହ୍ନଟ ହୋଇଥିବା ବେଳେ ଏବର୍ଷ ତାହା କେତେ ସଂଖ୍ୟାରେ ବୃଦ୍ଧି ପାଇଛି ଗଣନା ପରେ ଜଣାପଡ଼ିବ ବୋଲି ଆରସିସିଏଫ ସଞ୍ଜୟ ସ୍ୱାଇଁ ପ୍ରକାଶ କରିଛନ୍ତି। ଏନେଇ ବନବିଭାଗ ପକ୍ଷରୁ ମୋବାଇଲ ଟ୍ରାକିଂ, ଜିପିଏସ, ବାଇନାକୁଲାର୍ ଓ ସ୍ୱତନ୍ତ୍ର କ୍ୟାମେରା, ଏବଂ ଖାତା ପେନ୍ ବ୍ୟବସ୍ଥା କରାଯାଇଥିବା ସାତକୋଶିଆ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର ସୂଚନା ଦେଇଛନ୍ତି।




## ମହିଳାଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ



ପାଲଲହଡ଼ା, ୭ ।୧(ସମିସ): ପାଲଲହଡ଼ା ଥାନା ଝାରବେଡ଼ା ପଞ୍ଚାୟତ ସୁସବନାଳୀ ଗାଁ ମୁଣ୍ଡରେ ଥିବା ପରିତ୍ୟକ୍ତ ପତ୍ରଫଡ଼ି ଘର ନିକଟରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଗ୍ରାମର ସ୍ୱର୍ଗତ ଗୁରୁ ମୁଣ୍ଡାଙ୍କ ସ୍ତ୍ରୀ ଜାନ ମୁଣ୍ଡା। ସୂଚନା ଅନୁଯାୟୀ, ଗୁରୁଙ୍କର ଆଜକୁ ୪ ବର୍ଷ ହେବ ମୃତ୍ୟୁ ହୋଇଛି। ଜାନ ନିଜର ତିନି ଝିଅ ଗୋଟିଏ ପୁଅ ସହିତ ମୂଲମଜୁରି କରି ପରିବାର ପ୍ରତିପୋଷଣ କରନ୍ତି। ସବୁଦିନ ପରି ଗତ ସୋମବାର ସକାଳେ କାମ କରିବାକୁ ଯାଇଥିଲେ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ତାଙ୍କୁ ପାଇ ନ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଗାଁ ମୁଣ୍ଡରେ ଥିବା ପରିତ୍ୟକ୍ତ ପତ୍ରଫଡ଼ି ଘର ନିକଟରେ ତାଙ୍କ ମୃତ ଦେହ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ଜାନଙ୍କ ମୁହଁକୁ କୌଣସି ଭାରି ପଦାର୍ଥରେ ଆଘାତ କରାଯାଇଥିବା ବେଳେ ଗଳାକୁ ମଧ୍ୟ ଧାରୁଆ ଅସ୍ତ୍ରରେ ଆଘାତ କରାଯାଇଛି। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପାଲଲହଡ଼ା ଥାନା ପୁଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ଚାରି ବର୍ଷ ତଳେ ବାପାଙ୍କୁ ହରାଇଥିବା ବେଳେ ଏବେ ମା'ଙ୍କ ମୃତ୍ୟୁ ପରେ ଚାରି ସନ୍ତାନ ଅସହାୟ ହୋଇ ପଡ଼ିଛନ୍ତି। ଜଙ୍ଗଲ ପାଦଦେଶରେ ଘର ହୋଇଥିବାରୁ ସବୁଦିନ ହାତୀ, ଭାଲୁ ଅଦି ବନ୍ୟଜନ୍ତୁଙ୍କ ଭୟ ରହିଛି। ଘରର ଛାତ ଓ କାନ୍ଥ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ତା' ଭିତରେ ୪ ଛୁଆ କିପରି ରହିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଦୀପ ମହାନ୍ତ କହିଛନ୍ତି।

## ପାଣି ପଞ୍ଚାୟତ ପକ୍ଷ ସଚେତନତା ରଥ

ଅନୁଗୋଳ, ୭ ।୧(ସମିସ): ଜଳର ସୁପରିଚାଳନା ଓ ସୁବିନିଯୋଗ ପାଇଁ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ରାଜ୍ୟ ଜଳସମ୍ପଦ ବିଭାଗ ତରଫରୁ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଏହି ଉପଲକ୍ଷେ ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଚଳିତମାସ ଜିଲ୍ଲାର ସମସ୍ତ ବ୍ଲକ ମୁଖ୍ୟାଳୟ ସହ ଅନ୍ୟାନ୍ୟ ଜଳସେଚନ ବିଭାଜନର ଜନସାଧାରଣଙ୍କୁ ସଚେତନ କରାଇବ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜଳସେଚନ ବିଭାଗର କର୍ମଚାରୀ, ପାଣି ପଞ୍ଚାୟତର ସଦସ୍ୟ, ଉଠାଜଳସେଚନ ବିଭାଜନର ନିର୍ବାହୀଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନର କର୍ମଚାରୀ ଉପସ୍ଥିତ ଥିଲେ।

## ପଠାଣି ସାମନ୍ତ ମେଧାବୃତ୍ତିରେ ଜ୍ଞାନରଞ୍ଜନ ବ୍ଲକ ଟପ୍ପର

ଖମାର, ୭ ।୧(ସମିସ): ପାଲଲହଡ଼ା ବ୍ଲକ ମୁଣ୍ଡୁରିବେଡା ପଞ୍ଚାୟତ ମୁଣ୍ଡୁରିବେଡ଼ା ଜନତା ହାଇସ୍କୁଲର ଛାତ୍ର ଜ୍ଞାନରଞ୍ଜନ ସାହୁ ଶିକ୍ଷାବର୍ଷ ୨୦୨୪-୨୫ରେ ନବମ ଶ୍ରେଣୀ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ବ୍ଲକ ଟପ୍ପର ହୋଇଛନ୍ତି। ଶ୍ରୀ ସାହୁ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିବା ସହ ବିଜ୍ଞାନ ପତ୍ରବାଚନରେ ବ୍ଲକରେ ପ୍ରଥମ ଓ ଜିଲ୍ଲାରେ ତୃତୀୟ ସ୍ଥାନରେ ରହିଥିଲେ। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ ଓ ଅନ୍ୟ ଶିକ୍ଷକବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ସିବିପି ହାଇସ୍କୁଲର ଶିକ୍ଷକ ଅଜୟ କୁମାର ସାହୁ ଓ ସରସ୍ୱତୀ ଶିଶୁ ମନ୍ଦିର ଓଡ଼ଶର ଗୁରୁମା ସସ୍ମିତା ମଞ୍ଜରୀ ସାହୁଙ୍କ ସୁପୁତ୍ର ଅଟନ୍ତି।

## ଆୟୁଷ ଡାକ୍ତରଙ୍କ ବଦଳିକୁ ନେଇ ଉତ୍ତେଜନା

ଛେଣ୍ଡିପଦା, ୭ ।୧(ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତରଙ୍କ ବଦଳିକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଆୟୁଷ ଡାକ୍ତର ଶୁଭଲକ୍ଷ୍ମୀ ସାହୁଙ୍କ ବଦଳି ତୁରନ୍ତ ବାତିଲ ଦାବିରେ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ହୋହାଲ୍ଲା କରିଥିଲେ ଶତାଧିକ ଗ୍ରାମବାସୀ। ପରିସ୍ଥିତିକୁ ଦେଖି ଘଟଣାସ୍ଥଳରେ ବାଗଡ଼ିଆ ଥାନା ପୁଲିସ ପହଞ୍ଚିଥିଲା। ଡାକ୍ତର ସାହୁ ଦୀର୍ଘଦିନ ହେବ ସ୍ୱାସ୍ଥ୍ୟକେନ୍ଦ୍ରରେ ରହି ରୋଗୀସେବା କରିଆସୁଛନ୍ତି। ଏପରିକି ବିଭିନ୍ନ ସମୟରେ ରୋଗୀଙ୍କ ଘରକୁ ଯାଇ ମାଗଣା ଚିକିତ୍ସା ଯୋଗାଇଥାନ୍ତି। ସେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା ବେଳେ ତାଙ୍କର ବଦଳି ହୋଇଥିବା ଶୁଣି ସନ୍ଧ୍ୟାରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ହୋହାଲ୍ଲା କରିଥିଲେ। ତୁରନ୍ତ ତାଙ୍କ ବଦଳି ବାତିଲ କରିବାକୁ ଦାବି କରିଥିଲେ। ଡାକ୍ତର ସାହୁଙ୍କ ନାମରେ ମିଥ୍ୟା ଅଭିଯୋଗ କରି ତାଙ୍କୁ ବଦନାମ କରାଯାଉଛି। ଯେପର୍ଯ୍ୟନ୍ତ ବଦଳି ବାତିଲ ନ ହୋଇଛି ସେ ପର୍ଯ୍ୟନ୍ତ ଡାକ୍ତରଖାନାରେ ବସି ରହିବେ ବୋଲି ଗ୍ରାମବାସୀ କହିଛନ୍ତି।

## ତାଳଚେରରେ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

ତାଳଚେର, ୭ ।୧(ସମିସ): ଆଗାମୀ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ତାଳଚେର ଉପଖଣ୍ଡରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମକୁ ସୁସଂଗଠିତ ଓ ସଫଳ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି ଅପରାହ୍ନ ୪ଟା ସମୟରେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କ ଅଧକ୍ଷତାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡେପୁଟି କଲେକ୍ଟର ମାନସ ମୋହନ ସେଠ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ଖଗେଶ୍ୱର ବେହେରା, ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳନ୍ଦୀ ସାହୁଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକଶିକ୍ଷୟିତ୍ରୀ, ଅଧ୍ୟାପକଅଧ୍ୟାପିକା, ଗଣମାଧ୍ୟମ ପ୍ରତିନିଧି ଓ ସମାଜସେବୀ ଉପସ୍ଥିତ ଥିଲେ। ସାଧାରଣତନ୍ତ୍ର ଦିବସ ଅବସରରେ ପତାକା ଉତ୍ତୋଳନ, ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ସୁରକ୍ଷା ବ୍ୟବସ୍ଥା ଓ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## ବାଲ୍ୟବିବାହ ବିରୋଧୀ ସଚେତନତା ଅଭିଯାନ

ଅନୁଗୋଳ, ୭ ।୧(ସମିସ): ଅନୁଗୋଳ ଜିଲ୍ଲା ବଇଣ୍ଡା ରାମଦେଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ କାର୍ଯ୍ୟକ୍ରମ ଓ ତ୍ରିଧାର ସାହିତ୍ୟ ସଂସଦ ମିଳିତ ଉଦ୍ୟମରେ ବାଲ୍ୟ ବିବାହ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଲୁହାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମଦେଓ ସରକାରୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମା' ହିଙ୍ଗୁଳାଇ ଉଚ୍ଚ ବିଦ୍ୟାଳୟର ୨୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ, ରଙ୍ଗୋଲି, ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ତ୍ରିଧାର ସାହିତ୍ୟ ସଂସଦ ସଭାପତି ରମେଶ ଚନ୍ଦ୍ର ମିଶ୍ର, ଶିକ୍ଷକ ନିତ୍ୟାନନ୍ଦ ବାରିକ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ଅତିଥିମାନେ ବାଲ୍ୟବିବାହ ନିଷେଧ ପାଇଁ ଶପଥପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ଜାନୁଆରୀ ୧୮ ତାରିଖ ହେବାକୁ ଥିବା ତ୍ରିଧାର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ବିଶ୍ୱ ଯୁବକେନ୍ଦ୍ରର କ୍ଷେତ୍ର ଅଧିକାରୀ ଜ୍ୟୋସ୍ନିତା ପ୍ରଧାନ, ସଂଯୋଜିକା ପୂଜା ସ୍ୱାଇଁ ଓ ପ୍ରକଳ୍ପ ସହାୟିକା ଦୀପି ଦେହୁରି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଶିକ୍ଷକଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ବଣ୍ଟନ

କିଶୋରନଗର, ୭ ।୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଭୋଗରା କୋଡ଼ାସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମାନସ ରଞ୍ଜନ ନାଏକ ସମସ୍ତ ଛାତ୍ରଛାତ୍ରୀ ଏବଂ ପାଚିକା, ସହାୟିକାଙ୍କୁ ଶୀତବସ୍ତ୍ର, ଖାତା, କଲମ ଏବଂ ଚକୋଲେଟ ବଣ୍ଟନ କରିଛନ୍ତି। ପୂର୍ବରୁ ସେ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରି ମଧ କରିଥିଲେ। ଏଥିସହ ଛାତ୍ରଛାତ୍ରୀଙ୍କୁ ବିସ୍କୁଟ, ଚକୋଲେଟ, ମିଠା ବଣ୍ଟନ କରି ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିଆସୁଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ନାୟକ ସହଯୋଗ କରିଥିଲେ।




## ନୂତନ ସିଡିପିଓଙ୍କ ଯୋଗଦାନ



କିଶୋରନଗର, ୭ ।୧(ସମିସ): କିଶୋରନଗର ମହିଳା ଶିଶୁ ବିକାଶ କାର୍ଯ୍ୟାଳୟରେ ନୂତନ ସିଡିପିଓ ଭାବେ କଟକ ସିଟିରୁ ବଦଳି ହୋଇ ଆସିଥିବା ସତ୍ୟଲତା ସେଠୀ ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ତାଙ୍କୁ ଆଇସିଡିଏସ କର୍ମଚାରୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଆଇସିଡିଏସ ସୁପରଭାଇଜର ଦେବକୀ ଦନ୍ତା, ରେଣୁବାଳା ବେହେରା, ରାଜେଶ୍ୱରୀ ଦେହୁରୀ, ଅସ୍ମିତା ସାହୁ, ରାଜେଶ ଦେହୁରୀ, ସିଦ୍ଧାନ୍ତ କାନ୍ଧିଆ, ବିପିସି (ପୋଷଣ) ରୁଷଭ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ପୂର୍ବରୁ ଥିବା ସିଡିପିଓ ଆରତୀ ସିଂହଙ୍କ ସମ୍ବଲପୁର ଧନକଉଡ଼ାକୁ ବଦଳି ହୋଇଛି।

## ଡିମିରିମୁଣ୍ଡା ନାଳରେ ଚେକ୍‌ଡ୍ୟାମର ସମୀକ୍ଷା

କିଶୋରନଗର, ୭ ।୧(ସମିସ): କିଶୋରନଗର ବ୍ଲକ କାର୍ଯ୍ୟାଳୟ ପଛ ପାଖ ଡିମିରିମୁଣ୍ଡା ନାଳରେ ଜଳସମ୍ପଦ ବିଭାଗ ପକ୍ଷରୁ ୬୦ ଲକ୍ଷ ବ୍ୟୟ ଅଟକଳରେ ନୂତନ ଚେକଡ୍ୟାମ ନିର୍ମାଣ ପାଇଁ ଅନୁମୋଦନ ହୋଇଛି। ବୁଧବାର କ୍ଷୁଦ୍ର ଜଳସେଚନ ବିଭାଗ ଏସଡିଓ ଅଭିଷେକ ଜେନା, କନିଷ୍ଠ ଯନ୍ତ୍ରୀ ସୌମ୍ୟରଞ୍ଜନ ବେହେରା ପ୍ରସ୍ତାବିତ ଡ୍ୟାମସ୍ଥଳକୁ ଯାଇ କାର୍ଯ୍ୟର ସମୀକ୍ଷା କରି ଲେଆଉଟ ପ୍ରଦାନ କରିବା ସହ ଧାର୍ଯ୍ୟ ସମୟ ଭିତରେ ସାରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




## ବିଶ୍ୱାସରେ ବିଷଦେଇ ଲକ୍ଷାଧିକ ଟଙ୍କା ଲୁଟ୍

ତାଳଚେର ସହର, ୭ ।୧(ସମିସ): ଧାର ନେଇଥିବା ଟଙ୍କା ଫେରାଇବା ବଦଳରେ ଲୁଟିନେଲେ ଲକ୍ଷାଧିକ ଟଙ୍କା। ଅନୁଗୋଳ ଜିଲ୍ଲା ଏନଟିପିସି ଥାନା ଭୀମକାଣ୍ଡ ଅଞ୍ଚଳରେ ଘଟିଛି ଏହି ଘଟଣା। ଭୀମକାଣ୍ଡ ଅଞ୍ଚଳରେ ଭଡ଼ା ଘରେ ରହୁଥିବା କଟକ ଜିଲ୍ଲା ନୂଆପାଟଣା ଗ୍ରାମର ପ୍ରଭାତ ଦାସ କିଛିଦିନ ତଳେ ତାଙ୍କ ପରିଚିତ ରଞ୍ଜିତ ପ୍ରଧାନଙ୍କୁ କିଛି ଟଙ୍କା ଧାର ସୂତ୍ରରେ ଦେଇଥିଲେ। ପ୍ରଭାତଙ୍କ ପୁଅ ଅସୁସ୍ଥ ଥିବାରୁ ତାଙ୍କ ପୁଅକୁ ସେ ଚିକିତ୍ସା ପାଇଁ ଅନୁଗୋଳ ନେଇଥିଲେ। ବଜାରରେ ବୁଲିବା ସମୟରେ ସେ ରଞ୍ଜିତଙ୍କୁ ତାଙ୍କର ଜଣେ ସାଙ୍ଗ ସହ ବୁଲୁଥିବା ଦେଖି ତାଙ୍କୁ ନେଇଥିବା ଟଙ୍କା ମାଗିଥିଲେ। ରଞ୍ଜିତ ପ୍ରଭାତଙ୍କୁ ତାଙ୍କ ଭୀମକାଣ୍ଡସ୍ଥିତ ଘରକୁ ଯିବାକୁ କହିଥିଲେ ଏବଂ ସେଠାରେ ଟଙ୍କା ଫେରାଇବାକୁ କହିଥିଲେ। ବିଶ୍ୱାସ କରି ପ୍ରଭାତ ରଞ୍ଜିତ ଏବଂ ତାଙ୍କ ସହ ଥିବା ରଞ୍ଜିତଙ୍କ ସାଙ୍ଗଙ୍କୁ ଭୀମକାଣ୍ଡସ୍ଥିତ ଘରକୁ ନେଇଥିଲେ। କ୍ଲାନ୍ତ ହୋଇଯାଇଥିବାରୁ ପ୍ରଭାତ ଶୋଇପଡ଼ିଥିଲେ। ଏହାର ସୁଯୋଗ ନେଇ ରଞ୍ଜିତ ପ୍ରଭାତଙ୍କ ପକେଟରେ ଥିବା ୧ ଲକ୍ଷ ୩୦ ହଜାର ଟଙ୍କା, ସୁନାରୁପା ଗହଣା ଏବଂ ମୋବାଇଲ ନେଇ ଚମ୍ପଟ୍ ମାରିଥିଲେ। ସୋମବାର ପ୍ରଭାତ ଏ ବିଷୟରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ପୁଲିସ ରଞ୍ଜିତ ଏବଂ ତାଙ୍କ ସାଙ୍ଗଙ୍କ ଟେର୍ ପାଇପାରି ନାହିଁ।

## ନବନିଯୁକ୍ତ ଆଇନ ଅଧିକାରୀ ସମ୍ବର୍ଦ୍ଧିତ

ଆଠମଲ୍ଲିକ, ୭ ।୧(ସମିସ): ଆଠମଲ୍ଲିକ ଉପଖଣ୍ଡ ସଦର ମହକୁମାଠାରେ ଥିବା ସିଭିଲ କୋର୍ଟର ବିଭିନ୍ନ ଅଦାଲତ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସରକାରଙ୍କ ଦ୍ୱାରା ଲ ଅଫିସର ଭାବେ ନିଯୁକ୍ତି ପାଇଥିବା ଆଠମଲ୍ଲିକ ଓକିଲସଂଘର ଆଇନଜୀବୀମାନଙ୍କୁ ମଙ୍ଗଳବାର ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ସଂଘର ତଳ ବାରହଲଠାରେ ଏକ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତ ସହଯୋଗୀ ଓକିଲ ରାଜେଶ ମିଶ୍ର, ଅତିରିକ୍ତ ସରକାରୀ ନିବେଦନକାରୀ (ପ୍ଲିଡ଼ର) ଭାବେ ବିଦ୍ୟୁତ ପାଣିଗ୍ରାହୀ, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ଏନଡିପିଏସ) ଅର୍ଜୁନ ରାଉଳ ଓ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ଏସସିଏସଟି) ଭବାନୀ ପ୍ରସାଦ ଜ୍ୟୋତିଷରାୟ, ସିଭିଲଜଜ ସିନିଅର ଡିଭିଜନଙ୍କ ଅଦାଲତ ଅତିରିକ୍ତ ସରକାରୀ ନିବେଦନକାରୀ (ପ୍ଲିଡର) ପୀତବାସ ସାହୁ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଅନ୍ତର୍ଯ୍ୟାମୀ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓକିଲସଂଘର ବରିଷ୍ଠ ଆଇନଜୀବୀ ଅସିତ ରଞ୍ଜନ ଦେଓ, ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ବିଜୟ ମହାକୁଡ଼, ଆଇନଜୀବୀ ଗଣେଶଚନ୍ଦ୍ର କର୍ମୀ ଓ ଆଇନଜୀବୀ ସୁନୀଲ ଶାସନି ପ୍ରମୁଖ ସମ୍ବର୍ଦ୍ଧନା କରିଥିଲେ। ଆଇନଜୀବୀ ମାଧବଚନ୍ଦ୍ର ସାହୁ, ଦିନେଶ ସିଂହ, ଲଲାଟେନ୍ଦୁ ଦାଶ, ଉଗ୍ରସେନ ସେଠୀ, ବିବେକାନନ୍ଦ ବେହେରା, ନାରାୟଣ ଦାଶ, ପ୍ରଭାକର କହଁର ପ୍ରମୁଖ ଅନେକ ଆଇନଜୀବୀ ଉପସ୍ଥିତ ଥିଲେ।






## ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ

ଆଠମଲ୍ଲିକ, ୭ ।୧(ସମିସ): ଆଠମଲ୍ଲିକ ତାଲୁକ ଆଇନସେବା କମିଟି ପକ୍ଷରୁ ବାଳିକା ଉଚ୍ଚବିଦ୍ୟାଳୟଠାରେ ବାଲ୍ୟବିବାହକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଲୁକ ଆଇନସେବା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୁତାର, ସମ୍ମାନିତ ଅତିଥିଭାବେ ଏସଡିଜେଏମ ସିଙ୍କୁନ ରାୟ, ଆଠମଲ୍ଲିକ ଓକିଲସଂଘ ସଭାପତି, ଉପସଭାପତି, ବରିଷ୍ଠ ଆଇନଜୀବୀଗଣ, କ୍ରିମିନାଲ ବାର ସଭାପତି, ଉପସଭାପତି ଯୋଗ ଦେଇଥିଲେ। ଛାତ୍ରୀମାନେ ବର୍ତ୍ତମାନ ସେମାନଙ୍କ ଶିକ୍ଷା ପ୍ରତି ଧ୍ୟାନ ଦେବା ଉଚିତ। ମୋବାଇଲ ଫୋନଠାରୁ ଛାତ୍ରଛାତ୍ରୀମାନେ ଦୂରେଇ ରହିବା ଆବଶ୍ୟକ। ପରିବେଶ ନ୍ୟାୟ ସଚେତନତା ଅଭିଯାନ, ଆଜିକୁ ସୁରକ୍ଷା ଓ ଆସନ୍ତାକାଲିକୁ ସୁରକ୍ଷିତ ରଖିବା ଉପରେ ଆଲୋକପାତ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିଦାନନ୍ଦ ସେଠୀ ପରିଚାଳନା କରିଥିଲା ବେଳେ ଶିକ୍ଷକଶିକ୍ଷୟିତ୍ରୀ, ତାଲୁକ ଆଇନ ସେବା କମିଟି ସମ୍ପାଦକ ଅମିତ ନାୟକ, ସହଯୋଗୀ ସିଦ୍ଧାର୍ଥ ମହାନ୍ତି ଓ ଗୋବିନ୍ଦ ମାର୍ଣ୍ଡି ସହଯୋଗ କରିଥିଲେ।









## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଅନୁଗୋଳ, ୭ ।୧(ସମିସ): ୭୭ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବ ଅନୁଗୋଳ ପିଟିସି ପଡ଼ିଆରେ ଆୟୋଜିତ ହେବ। ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ସହରରେ ରାମଧୁନ ଗାନ କରାଯିବ। ସକାଳ ସାଢ଼େ ୬ଟାରୁ ୭ଟା ମଧ୍ୟରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ କରାଯିବ। ବିଭିନ୍ନ ଅନୁଷ୍ଠାନରେ ସକାଳ ସାଢ଼େ ୭ଟାରେ ଅନୁଷ୍ଠାନ ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ୯ଟା ୧୫ରେ ପିଟିସି ପଡ଼ିଆରେ ରାଜ୍ୟ ସରକାଙ୍କ ଦ୍ୱାରା ସ୍ଥିରୀକୃତ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଆସନ୍ତା ୧୫ ଓ ୧୬ ତାରିଖ ଏବଂ ପ୍ରି-ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ୧୬ ତାରିଖ ଅନୁଷ୍ଠିତ ହେବ। ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତା ଓ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକକ ଅଭିନୟ ପ୍ରତିଯୋଗିତା ସାଧାରଣତନ୍ତ୍ର ଦିବସ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ଅପରାହ୍ନ ୪ଟାରେ ଅନୁଷ୍ଠିତ ହେବ। ୨୨, ୨୩ ଓ ୨୪ ତାରିଖ ପିଟିସି ପଡ଼ିଆରେ ସକାଳ ୮ଟାରେ ପରେଡ ଅଭ୍ୟାସ ଅନୁଷ୍ଠିତ ହେବ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଉପାସନା ପାଢ଼ି, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଡିଏସପି (ଡିଆଇବି) ଚିତ୍ତରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ।



# ୨୦୦ ବୋତଲ ମଦ ଜବତ; ୫ ଗିରଫ

ନୟାହାଟ,୭।୧(ସମିସ): ନୟାହାଟ ବଜାରରେ ଦୁଇଟି ସରକାରୀ ମଦ ଦୋକାନ ଥିବା ବେଳେ କେତେକ ସ୍ଥାନରେ ଚୋରା ମଦ କାରବାର ହେଉଥିବା ଖବର ପାଇ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ବୁଧବାର ସକାଳୁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିବା ଜଣାପଡ଼ିଛି। ଓଟର, ବଲିଦଣ୍ଡା, ଶାସନ ଛକ, ଜହ୍ନିମାଲିଆ ପ୍ରମୁଖ ସ୍ଥାନରେ ଏହି ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ୨୦୦ ବୋତଲ ଜବତ କରିବା ଏଥିରେ ସଂପୃକ୍ତ ୫ଜଣଙ୍କୁ ଗିରଫ କରି ପୃଥକ୍ ମାମଲା ରୁଜୁ କରିଛନ୍ତି। ଫାଣ୍ଡି ଅଧିକାରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ ଆମ ନିକଟରେ ପୁଲିସ ଭ୍ୟାନ୍ ନାହିଁ, ବାଇକ୍‌ରେ ଯାଇ ଚଢ଼ଉ କରିବାକୁ ପଡୁଛି। ବାଇକ୍‌ରେ ଯାଇ ଚୋରା ମଦ ବେପାରୀଙ୍କୁ ଧରିବା ଯେତିକି କଷ୍ଟ ଆମେ ଅନୁଭବ କରୁଛୁ। ପ୍ରତି ମାସରେ ଚୋରା ମାଦକ ଦ୍ରବ୍ୟ ଉପରେ ଚଢ଼ଉ କରାଯାଉଛି। ଯଦି ଆମ ନିକଟରେ ଭ୍ୟାନ ଥାଆନ୍ତା ତେବେ ଚଢ଼ଉ ଆହୁରି ଜୋରଦାର ହୋଇପାରନ୍ତା।

# ବାଲି ଚୋରାଚାଲାଣ ଯୋଗୁଁ ବଢ଼ୁଛି ଦୁର୍ଘଟଣା

ପିପିଲି,୭।୧(ସମିସ):



## ତହସିଲଦାରଙ୍କୁ ଭେଟିଲେ ପୂର୍ବତନ ବିଧାୟକ

ପିପିଲି ନିର୍ବାଚନ ମଣ୍ଡଳୀ ଦେଇ ପ୍ରବାହିତ ହେଉଥିବା ଦୟା ଓ ଭାର୍ଗବୀ ନଦୀରୁ ଦିନକୁ ଦିନ ବାଲି ଚୋରାଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଏହି ବାଲି ଚୋରାଚାଲାଣ ପାଇଁ ଗାଁ ଗାଁ ମଧ୍ୟରେ ମାରପିଟ୍ ହେବା ସହ ଗୋଷ୍ଠୀ ସଂଘର୍ଷ ଘଟୁଛି। ଏଥିପ୍ରତି ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଅଞ୍ଚଳରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି। ତେଣୁ ବାଲି ଚୋରାଚାଲଣ ବନ୍ଦ ପାଇଁ ପିପିଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ପିପିଲି ତହସିଲାଦରଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ କହିଛନ୍ତି। ବାରମ୍ବାର ଏହି ନିର୍ବାଚନ ମଣ୍ଡଳୀରେ ବାଲି ଚୋରାଚାଲାଣ ହେଉଥିବା ଜଣାଇବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ମଙ୍ଗଳବାର ଭୁବନେଶ୍ୱର ପୁରୀ ଜାତୀୟ ରାଜପଥରେ ଜମାଲପୁର ଛକ ନିକଟରେ ବାଲି ମାଫିଆଙ୍କ ପାଇଁ ଦୁଇଟି ମୂଲ୍ୟବାନ ଜୀବନ ଚାଲିଯାଇଛି। ସେଥିରେ ଭୁବନେଶ୍ୱର ଅଞ୍ଚଳର ମହିଳା ସାମ୍ବାଦିକା ସିଲା ପଟ୍ଟନାୟକ ଓ ତାଙ୍କର ବନ୍ଧୁ ସିପିକା ନାୟକ ପ୍ରାଣ ହରାଇଛନ୍ତି। ଜାତୀୟ ରାଜପଥ ଉପରେ ଦୀର୍ଘ ୫ଘଣ୍ଟାରୁ ଊର୍ଦ୍ଧ କାଳ ରାସ୍ତା ଉପରେ ବାଲି ଗଦା ହୋଇ ରହିଥିଲା। ଜାତୀୟ ରାଜପଥ ଅଧିକାରୀ ହେଉ କିମ୍ବା ସ୍ଥାନୀୟ ପୁଲିସ ଏଦିଗରେ ପଦକ୍ଷେପ ନନେବାରୁ ଦୁଇଦୁଇଟି ଜୀବନ ଯାଇଥିବା ଶ୍ରୀ ମହାରଥୀ କହିଥିଲେ। ତୁରନ୍ତ ପିପିଲି ନିର୍ବାଚନ ମଣ୍ଡଳୀ ଅଞ୍ଚଳରୁ ବାଲି ଚୋରାଚାଲାଣ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ, ଜିଲ୍ଲା ଓ ବ୍ଲକ୍ ପ୍ରଶାସନକୁ ଶ୍ରୀ ମହାରଥୀ ନିବେଦନ କରିଛନ୍ତି। ଯଦି ବାଲି ଚୋରାଚାଲାଣ ବନ୍ଦ ନ ହୁଏ, ତେବେ ଲୋକେ ରାଜରାସ୍ତାକୁ ଆସି ଆନ୍ଦୋଳନ କରିବେ, ସେତେବେଳେ ସରକାର ଓ ପ୍ରଶାସନ ଦାୟୀ ରହିବ ବୋଲି ଶ୍ରୀମହାରଥୀ ଚେତାବନୀ ଦେଇଥିଲେ। ତାଙ୍କ ସହିତ ପିପିଲି ବ୍ଲକ୍ ଅଧ୍ୟକ୍ଷା ଦେବସ୍ୱନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ ବାବୁ, ବରିଷ୍ଠ ବିଜେଡି ନେତା ଶରତ ବେହେରା, ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଦେଶ ମହିଳା କଂଗ୍ରେସ ପ୍ରଶିକ୍ଷଣ ଶିବିର




ପିପିଲି,୭।୧(ସମିସ): ନାରୀ ଦୁର୍ବଳା ନୁହେଁ। ଦେଶରେ ବାରମ୍ବାର ଘଟୁଥିବା ନାରୀ ଧର୍ଷଣ ଓ ନିର୍ଯାତନାକୁ ନାରୀ ହିଁ ଦମନ କରିପାରିବେ। ତେଣୁ ନାରୀ ନିଜକୁ ସଂଗଠିତ କରି ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ନାରୀ ନିଜେ ନିଜକୁ କ୍ରିୟାଶୀଳ ଓ ସଂଘବଦ୍ଧ କରିବା ଦରକାର ବୋଲି ଆଜି ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ଦୁଇଦିନିଆ ପ୍ରଶିକ୍ଷଣ ଶିବିରରେ ରାଜ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି। ପିପିଲି ସିଉଳା ନିକଟ ହୋଟେଲ ଆଡ଼ଭେଞ୍ଚରଠାରେ ଆୟୋଜିତ ରାଜ୍ୟ ମହିଳା କଂଗ୍ରେସର ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ସଭାପତିତ୍ୱରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଏଥିରେ ସର୍ବ ଭାରତୀୟ ମହିଳା କଂଗ୍ରେସ ସମ୍ପାଦିକା ତଥା ରାଜ୍ୟ ପ୍ରଭାରୀ ତୁଳିକା କର୍ମାଙ୍କ ସହ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତ୍ରୀ ବିଜୟଲକ୍ଷ୍ମୀ ସାହୁ, ନେତ୍ରୀ ରତ୍ନାମଣି ଉଲାକା ଓ ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ନିରୁପମା ପାତ୍ରଙ୍କ ସମେତ ବହୁ ମହିଳା ଯୋଗଦେଇ ମହିଳା କଂଗ୍ରେସ ସଂଗଠନ ସୁଦୃଢ଼ ପାଇଁ ଆଲୋଚନା କରିଥିଲେ।

# ମହିମା ଆଶ୍ରମ ପ୍ରତିଷ୍ଠା ଦିବସରେ ମାଗଣା ସ୍ୱାସ୍ଥ୍ୟ ଶିବିର

ଗମ୍ଭାରୀପଦା,୭।୧(ସମିସ): କାକଟପୁର ବ୍ଲକ୍ ପାଟସୁନ୍ଦରପୁର ଗ୍ରାମପଞ୍ଚାୟତ ନିକଟସ୍ଥ ବାଇଁଆପଡ଼ାଠାରେ ଥିବା ମହିମା ଅଲେଖ ଆଶ୍ରମର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ମଧ୍ୟ ଅନୁଷ୍ଠିତ ହେବ ବୋଲି ଆଶ୍ରମ ସୁରକ୍ଷା ସମିତି ପକ୍ଷରୁ କୁହାଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପ୍ରତିଷ୍ଠା ଦିବସର ପ୍ରଥମ ଦିନରେ ଅର୍ଥାତ୍ ୧୨ତାରିଖରେ ବ୍ରହ୍ମଧୁନି ସ୍ଥାପନ ଓ ବତୀ ପ୍ରଜ୍ୱଳନ ହେବ। ୧୩ତାରିଖ ଦିନ ସକାଳ ୮ ଘଟିକା ଠାରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହେବ। ଭୁବନେଶ୍ୱର ସମ୍ ହସ୍ପିଟାଲର ବହୁ ବିଶେଷଜ୍ଞ ଡାକ୍ତର ଚିକିତ୍ସା ପରାମର୍ଶ ଦେବେ। ଏଥିସହ ମୋତିଆବିନ୍ଦୁ ଅସ୍ତ୍ରୋପଚାର ମାଗଣାରେ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟା ସମୟରେ ଯାଦୁଗର ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପ୍ରଦର୍ଶିତ କରାଯିବ।

# ବିଦ୍ୟୁତ୍ ଆଘାତରେ ମାଙ୍କଡ଼ ମୃତ



ଅସ୍ତରଙ୍ଗ,୭।୧(ସମିସ): ବିଦ୍ୟୁତ ଆଘାତରେ ଆଜି ଏକ ହନୁମାଙ୍କଡ଼ର ମୃତ୍ୟୁ ଘଟିଛି। ଏହି ଘଟଣା ଘଟିଛି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ। ଦିନ ପ୍ରାୟ ୧୦ରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ୧୧ କେଭି ବିଦ୍ୟୁତ ଖୁଣ୍ଟିକୁ ମାଙ୍କଡ଼ଟି କୁଦା ମାରି ଉଠିଯିବା ପରେ ବିଦ୍ୟୁତ୍ ଆଘାତ ଲାଗିଥିଲା। ଏଥିରେ ମାଙ୍କଡ଼ଟିର ମୃତ୍ୟୁ ହୋଇଯାଇଥିଲା। ଯାହାକୁ ନେଇ ସ୍ଥାନୀୟ ପ୍ରକୃତିପ୍ରେମୀ ବନ ବିଭାଗ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ନିମାପଡ଼ା କପ୍ କ୍ରିକେଟ: ସେମିରେ ଖୋର୍ଦ୍ଧା

ନିମାପଡ଼ା,୭।୧(ସମିସ): ନିମାପଡ଼ା ଆଥ୍‌ଲେଟିକ ଆସୋସିଏସନ ଦ୍ୱାରା ସ୍ଥାନୀୟ ବାରବାଟୀ ପଡ଼ିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୩୦ତମ ନିମାପଡା କପ୍, ଦ୍ୱିତୀୟ ତାପସ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ଆଥ୍‌ଲେଟିକ ଆସୋସିଏସନ ଏବଂ ଖୋର୍ଦ୍ଧାଜିଲ୍ଲା କ୍ରିକେଟ ଆସୋସିଏସନ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲଶ। ଖୋର୍ଦ୍ଧା କ୍ରିକେଟ ଆସୋସିଏସନ ପ୍ରଥମେ ଟସଜିଣି ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ କରି ୨୫ଓଭର୍‌ରେ ୩ ୱିକେଟ ହରାଇ ୨୫୭ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରଣଜିତ ପାଇକରାୟ ୭୦ରନ ସଂଗ୍ରହ କରିଥିଲେ। ନିମାପଡ଼ାର ସୂର୍ଯ୍ୟକାନ୍ତ ପ୍ରଧାନ ଓ ଆନୀଶ ପ୍ରଧାନ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ପରେ ନିମାପଡ଼ା ଟିମ୍ ବ୍ୟାଟିଂ କରି ସମସ୍ତ ଓଇକେଟ ହରାଇ ସଂଗ୍ରହ କରିଥିଲା ୯୮ ରନ। ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ୧୫୯ ରନ୍‌ରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି।




ବରିଷ୍ଠ ସାମ୍ବାଦିକ ବିଚିତ୍ରାନନ୍ଦ ସାହୁ, ନିମାପଡ଼ା ହେଲ୍‌ପ ଲାଇନ ସଭାପତି ଅକ୍ଷୟକୁମାର ସାହୁ ଓ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପୁରସ୍କାର ବିତରଣ କରିଥିଲେ। ଆସନ୍ତାକାଲି ମ୍ୟାଚରେ ପାରାଦୀପ ଜିଲ୍ଲା କ୍ରିକେଟ ଆସୋସିଏସନ ଓ ରାମେଶ୍ୱର ସ୍ପୋର୍ଟ ଭୁବନେଶ୍ୱର ମଧ୍ୟରେ ମୁକାବିଲା ହେବ ବୋଲି ସମ୍ପାଦକ ଅକ୍ଷୟ ବେହେରା ପ୍ରକାଶ କରିଛନ୍ତି। ମ୍ୟାଚକୁ ପରିଚାଳନା କରିଥିଲେ କ୍ରୀଡ଼ାବିତ୍ ନିର୍ମଳ କୁମାର ମିଶ୍ର ଏବଂ ତ୍ରିଭୁବନ ଦାଶ।

# ହୃଦ୍‌ଘାତରେ ବ୍ୟବସାୟୀଙ୍କ ପରଲୋକ



ଚାରିଛକ,୭।୧(ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ଗଣେଶ ବଜାରର ବ୍ୟବସାୟୀ ଶରତ ଚନ୍ଦ୍ର ସାହୁ(୫୭)ଙ୍କ ଆଜି ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଶ୍ରୀ ସାହୁ ଆଜି ମଧ୍ୟାହ୍ନରେ ତାଙ୍କର ଚାଷ ଜମିକୁ ବୁଲିବାକୁ ଯାଇଥିବା ସମୟରେ ସେଠାରେ ଟଳିପଡ଼ିଥିଲେ। ଖବର ପାଇ ପରିବାର ଲୋକେନ ତାଙ୍କୁ ଆଣି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ଶିକ୍ଷୟିତ୍ରୀ ସୁଷମା ସାହୁ, ବଡ଼ଭାଇ ଆର୍ତ୍ତବନ୍ଧୁ ସାହୁ, ସାନଭାଇ ଭରତ ସାହୁ, ପୁତୁରା ଜୟରାମ ସାହୁଙ୍କ ସମେତ ପରିବାର ବର୍ଗ ଉପସ୍ଥିତଥିଲେ। ତାଙ୍କ ବିୟୋଗ ଖବର ଶୁଣି ତୁଳସୀପୁର ଗ୍ରାମ କମିଟିର ସଭାପତି ବନବିହାରୀ ଦାଶ, ପୂର୍ବତନ ସମିତି ସଭ୍ୟ ହରିହର ସାହୁ, ଶିକ୍ଷକ ନେତା ତ୍ରିଲୋଚନ କର, ଗଣେଶ ବଜାର ସଭାପତି ସୁରେନ୍ଦ୍ର ବେହେରା, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ଲକ୍ଷ୍ମୀବଜାର ବ୍ୟବସାୟୀ ସଂଘର ସଭାପତି ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀ, ସମ୍ପାଦକ ସାମ୍ବାଦିକ ପ୍ରଫୁଲ୍ଲ କର, ସ୍ତମ୍ଭକାର ସନ୍ତୋଷ ଦାଶ, ଶିକ୍ଷକ ତୋଫାନ ପାତ୍ର, ସୁରେନ୍ଦ୍ର ସାହୁ, ଦ୍ୱିଜବର ସାହୁ, ବୁଦ୍ଧନାଥ ସାହୁ, ଗନୁ ସାହୁ, ପ୍ରସନ୍ନ ସାହୁ, ପ୍ରଶାନ୍ତ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଇଛନ୍ତି। ପୁଅ ସୌମ୍ୟରଞ୍ଜନ ମୁଖାଗ୍ନି ଦେଇଥିଲେ। ଶ୍ରୀ ସାହୁଙ୍କ ବିୟୋଗରେ ତୁଳସୀପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ସାହୁଙ୍କ ବିୟୋଗରେ ଗୁରୁବାର ଦିନ ତୁଳସୀପୁର ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରାଯିବ ବୋଲି ସଭାପତି ସୁରେନ୍ଦ୍ର ବେହେରା ପ୍ରକାଶ କରିଛନ୍ତି।




# ବସ୍ ଚାପାରେ ଯୁବକ ମୃତ; ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ





ନିମାପଡ଼ା,୭।୧(ସମିସ): ନିମାପଡା-ବଳଙ୍ଗା ନୁହାରକିରି ଛକ ନିକଟରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ ବସ୍‌ରେ ନିଆଁ ଲଗାଇଦେଇଚନ୍ତି। ମୃତକ ହେଲେ ନୁହାରକିରି ଗ୍ରାମର ଆଲୋକ ଦାସ (୨୧)। ସେ ବୁଧବାର ସନ୍ଧ୍ୟା ସମୟରେ ଜଳଖିଆ ଦୋକାନକୁ ଜଳଖିଆ ନେବା ପାଇଁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ମା' ଦକ୍ଷିଣକାଳୀ ନାମକ ଏକ ବସ୍ ଆସି ଆଲୋକଙ୍କୁ ଧକ୍କା ଦେଇଥିଲା। ଆଲୋକ ତଳେ ପଡ଼ି ଯାଇଥିବା ବେଳେ ବସ୍ ଚକା ତାଙ୍କ ଉପରେ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକମାନେ ଆଲୋକଙ୍କୁ ନିମାପଡ଼ା ସାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଆଲୋକଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନ କରିଥିଲେ। ଟାୟାର ଜାଳି ନିମାପଡ଼ା-ବଳଙ୍ଗା ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅବରୋଧ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଥିଲା। ନୁହାରକିରି ଗ୍ରାମର କେତେକ ବ୍ୟକ୍ତି ଦକ୍ଷିଣକାଳୀ ବସ୍‌କୁ ବାଡ଼େଇ ଭାଙ୍ଗିଦେଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିବାବେଳେ ଲୋକମାନେ କ୍ଷତିପୂରଣ ଦାବି କରିଛନ୍ତି। ମୃତ ଯୁବକଙ୍କ ବାପା ନଥିବା ବେଳେ ଗୋସେଇଁ ମାଆ ରହିଛନ୍ତି। ଗୋସେଇଁ ମାଆ ନିଜ ନାତିକୁ ଅନାଇ ଦିନ କାଟୁଥିବା ବେଳେ ଏହି ଖବର ଜଣାପଡ଼ିବା ପରେ ସେ ସଂଜ୍ଞା ହରାଇ ପଡ଼ିଛନ୍ତି। କ୍ଷତିପୂରଣ ଦାବିରେ ଗ୍ରାମର ଲୋକମାନେ ରାସ୍ତାରୋକ ଜାରି ରଖିଛନ୍ତି। ଘଟଣାସ୍ଥଳରେ ନିମାପଡ଼ା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରୁଥିବା ଜଣାପଡ଼ିଛି।




# ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ପାଲଟିଛି ମୁକୁଳା ଟ୍ରାନ୍ସଫର୍ମର



ନୟାହାଟ,୭।୧(ସମିସ): ନୟାହାଟ ଅଞ୍ଚଳର ଏକ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ରହିଥିବାବେଳେ ତାହା ସେହି ରାସ୍ତା ଦେଇ ଯାଉଥିବା ଛାତ୍ରଛାତ୍ରଙ୍କ ପାଇଁ ବିପଦ ପାଲଟିଛି। ଅନ୍ୟ ସମସ୍ତ ଟ୍ରାନ୍ସଫର୍ମର ତାର ଜାଲିରେ ଆବଦ୍ଧ ହୋଇଥିବାବେଳେ ଏଠାରେ ତାହା କରାଯାଇନାହିଁ। ନୟାହାଟ ବଜାର ଦେଇ ଯାଇଥିବା ନରସିଂହପୁର ମାଇନର କେନାଲ ବନ୍ଧରେ ଦୀର୍ଘ ବର୍ଷ ଧରି ବସିଥିବା ଏହି ଟ୍ରାନ୍ସଫର୍ମର ଚାରିପାଖରେ ତାର ଯାଲି ନଥିବାରୁ ତାହା ମୁକୁଳା ହୋଇ ରହିଛି। ସେହି ବାଟଦେଇ ପ୍ରତିଦିନ ନୟାହାଟ ବାଳିକା ଉଚ୍ଚ ଉଚ୍ଚବିଦ୍ୟାଳୟର ଛାତ୍ରୀମାନେ ପାଠ ପଢ଼ିବାକୁ ଯାଉଥିବା ବେଳେ ସେମାନଙ୍କ ଦୃଷ୍ଟିଗୋଚର ହେଉଛି। ଗାଈ ଗୋରୁ ବା ଗୃହପାଳିତ ପଶୁ ଚରିବାକୁ ଆସି ବିପଦର ସମ୍ମୁଖୀନ ହେଉଛନ୍ତି। ଟ୍ରାନ୍ସଫର୍ମରକୁ ଲାଗି ଏକ ଗଡ଼ିଆ ରହିଛି। ଏଠାକୁ ପ୍ରତିଦିନ ବହୁଲୋକ ଗାଧେଇବା ବା ଶୌଚ ହେବା ପାଇଁ ଆସିଥାନ୍ତି। ଏହି ମୁକୁଳା ଟ୍ରାନ୍ସଫର୍ମର ଲୋକମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏ ଦିଗରେ ବିଦ୍ୟୁତ୍ ବିଭାଗର ଅଧିକାରୀ, କର୍ମଚାରୀ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଧୂମାଳ ସରପଞ୍ଚ ମୋନାଲିସା ସିଂହ, ଦିଲ୍ଲୀପ ରାୟ, ଅଶୋକ ସାହୁ ଓ ସମାଜ ସେବୀ ଅଭିମନ୍ୟୁ ସିଂହ ପ୍ରମୁଖ ଦାବି କରିଛନ୍ତେ







# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ

କଣାସ,୭।୧(ସମିସ): କଣାସ ବ୍ଲକ୍ ଗଡ଼ବଡ଼ପୁଟ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହ ପ୍ରାଥମିକ ବିଦ୍ୟାଳୟସ୍ତରରୁ ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଗଡ଼ବଡ଼ପୁଟରେ ଆୟୋଜିତ ଏହି ଉତ୍ସବରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଆଜି ଆମ ପାଇଁ ଏକ ଗୌରବର ଦିବସ ବୋଲି କହିଥିଲେ। ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠାର ଏହି ପ୍ରୟାସ ଦ୍ୱାରା ଗୋଦାବରୀଶ ମିଶ୍ରଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ସହ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ ଓ ସଶକ୍ତ କରାଯାଇପାରିବ ବୋଲି କହିଥିଲେ। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପୁରୀ ଜିଲ୍ଲାରେ କଣାସ ଗଡ଼ବଡ଼ପୁଟ ନୋଡାଲ ଉଚ୍ଚ ବିଦ୍ୟାଳୟ ସହ ଡେଲାଙ୍ଗ ବ୍ଲକ୍‌ର ରେଙ୍ଗାଳ ୟୁଜିୟୁପି ଓ କୃଷ୍ଣପ୍ରସାଦ ବ୍ଲକ୍‌ର ପିଏଲ୍‌ସି ବିଦ୍ୟାପୀଠ, ପାରିକୁଦକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ସାମିଲ କରାଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟ ବିଦ୍ୟାଳୟଗୁଡ଼ିକୁ ଏଥିରେ ସାମିଲ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଗଡ଼ବଡ଼ପୁଟ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିତି ପ୍ରଜ୍ଞା ଚମ୍ପତି ମୁଖ୍ୟମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରିବା ସହ ଶିକ୍ଷାର ଉନ୍ନତି ଦିଗରେ ଏହି ପଦକ୍ଷେପ ପିଲାମାନଙ୍କ ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି କହିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ,



କଣାସ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ରାଉତ, ତହସିଲଦାର ହିମାଂଶୁ ଶେଖର ଗିରି, ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା, ଗଡ଼ବଡ଼ପୁଟ ସରପଞ୍ଚ ଶ୍ରୀୟଙ୍କା ଗୁମାନସିଂ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣା, ସହଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା ଓ ସିଆର୍‌ସିସି ଭୂପତି ଭୂଷଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରାକ୍ଟର ଓଲଟି ପଡ଼ିଲା, ଅଳ୍ପକେ ବର୍ତ୍ତିଲେ ଯୁବକ

କୋଷାଗୁମୁଡା, ୭।୧(ସମିସ): କୌଣସି କାରଣରୁ ଭାରସ୍ୟମ ହରାଇ ଓଲଟି ପଡିଥିଲା ଟ୍ରାକ୍ଟର। ଦୁଇ ଯୁବକ ସେହି ଟ୍ରାକ୍ଟର ତଳେ ଚାପି ହୋଇରହିଥିଲେ। ଏଭଳି ଅଭାବନୀୟ ଘଟଣା ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକର ଉକିଆପାଲି ନିକଟରେ ଏକ ଟ୍ରାକ୍ଟର ଭରସ୍ୟମ ହରାଇ ଓଲଟି ପଡ଼ିଥିଲା। ଟ୍ରାକ୍ଟରକୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଠାଇବା କଷ୍ଟକର ହୋଇଥିଲା ତେଣୁ ଟ୍ରାକ୍ଟର କୁ ଜେସିବି ମେସିନ ମଗାଇ ସୁରକ୍ଷିତ ଭାବର ରେ ତଳେ ଚାପି ହୋଇ ରହିଥିବା ଯୁବକ ଦୁଇ ଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ଦୁଇ ଯୁବକ ଙ୍କୁ ବଡ଼ ଧରଣ ର ଆହତ ହୋଇନଥିବା ଜଣାପଡିଛି। ଏହି ମହତ କାମ ରେ ସ୍ଥାନୀୟ ଉକିଆପଲି ସରପଞ୍ଚ ଙ୍କ ପ୍ରତିନିଧି ଧନେଶ୍ୱର ଭତ୍ରା, ଦୟାସିନ୍ଧୁ ଭତ୍ରା, ଲକୀ ନାୟକ, କୁନା ନାୟକ, ଚନ୍ଦ୍ରଶେନ ବିଶୋଇ ଙ୍କ ସହଯୋଗ ରେ କୋଷାଗୁମୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା କରି ଜଗଦଲପୁର ବଡ଼ ମେଡିକାଲ କୁ ଦୁଇ ଆହତ ଯୁବକ ଙ୍କୁ ନେଇଥିବା ଜଣାପଡିଛି।

## ଖରିଫ ଧାନକିଣା ଆରମ୍ଭରୁ ମଣ୍ଡି ଅବ୍ୟବସ୍ଥା

ନବରଙ୍ଗପୁର, ୭।୧(ସମିସ): ନବରଙ୍ଗପୁର ଚଳିତ ୨୦୨୫ ଖରିଫ ଧାନ କିଣା ଆରମ୍ଭରୁ ମଣ୍ଡି ଅବ୍ୟବସ୍ଥା। ଏହା ଉପରେ ପୁଣି ନବରଙ୍ଗପୁର ଜିଲ୍ଲା ମିଲର୍ସଙ୍କ ଆନ୍ଦୋଳନ ଯାହାକି ବର୍ତ୍ତମାନ ଚାଷୀଙ୍କ ବୋଝ ଉପରେ ନଳିତା ବିଡା ଭଳି ହୋଇଛି। ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା ବିଫଳ ପରେ ମିଲର୍ସ ସଂଘର ନିଷ୍ପତ୍ତି ନିଜ ଜିଦ୍‌ରେ ଅଟଳ ରହିଥିଲେ। ହନ୍ତସନ୍ତ ହେଉଛନ୍ତି ଜିଲ୍ଲାର ହଜାର ହଜାର ଚାଷୀ ଓ ଚାଷୀ ପରିବାର। ଚାଷୀ ନିଜ ନିଜର ଧାନ ବିକ୍ରି କୁ ନେଇ ଏବର୍ଷ ଆରମ୍ଭରୁ ଏହି ବିବାଦ ଦେଖାଦେଇଥିଲା। ସରକାର କିନ୍ତୁ ଏହାର ସ୍ଥାୟୀ ସମାଧାନ କଲେ ନାହିଁ। ଏବେ ପରିସ୍ଥିତି ଏପରି ହେଲା ଯେ, ଧାନ କିଣା ମଝିରେ ମିଲର୍ସ ଧାନ ଉଠାଇବା ବନ୍ଦ କରିଦେଲେ। ଯେଉଁଥିପାଇଁ ଚାରିଆଡେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଥମେ ପ୍ରଥମେ ଟୋକନ ଆସିବା ପରେ ଚାଷୀ ଧାନ ବିକ୍ରି କରୁଥିଲେ। କିନ୍ତୁ ଏବେ ସରକାର ଓ ମିଲର୍ସଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ପେସି ହେଉଛନ୍ତି ଚାଷୀ କୂଳ। କଷ୍ଟମ୍ ମିଲିଂ ଦର ବୃଦ୍ଧି, ଧାନ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ପ୍ରଦାନ ଏବଂ ଧାନ ପରିବହନ ଖର୍ଚ୍ଚ ପୂର୍ବଭଳି ଦେବାକୁ ଦାବି କରିଛି ଅଲ ଓଡ଼ିଶା ମିଲର ଆସୋସିଏସନ। କାରଣ ଉପରୋକ୍ତ ଦାବି ଗୁଡ଼ିକ ସରକାର ପୂରଣ କରୁ ନ ଥିବା ଯୋଗୁଁ ମିଲାର୍ସଙ୍କୁ ମଧ୍ୟ ବହୁ କ୍ଷତି ସହିବାକୁ ପଡୁଛି ବୋଲି ଜିଲ୍ଲା ମିଲାର୍ସଙ୍କ ପକ୍ଷରୁ ସୂଚନା ମିଳିଛି।

## ଯୋଗାଣ ନିରୀକ୍ଷକଙ୍କ ଅଦଳବଦଳ

ନନ୍ଦପୁର, ୭।୧ (ସମିସ): ନନ୍ଦପୁର ବ୍ଲକରେ କାର୍ଯ୍ୟରତ ଯୋଗାଣ ନିରୀକ୍ଷକ ଜୋନସନ୍ ବୁରଙ୍କୁ ଦସମନ୍ତପୁର ବ୍ଲକକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଦସମନ୍ତପୁର ବ୍ଲକର ଯୋଗାଣ ନିରୀକ୍ଷକ ବଳରାମ ଜେନାଙ୍କୁ ନନ୍ଦପୁର ବ୍ଲକକୁ ନିଯୁକ୍ତ କରାଯାଇଛି। ସେହିପରି ସୋମେଶ୍ୱର ବେହେରାଙ୍କୁ ନୂତନ ଭାବେ ବୋରିଗୁମ୍ମା ବ୍ଲକରେ ଅବସ୍ଥାପିତ କରାଯାଇଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ମାଧ୍ୟମରେ ସ୍ପଷ୍ଟ କରାଯାଇଛି।




### ୭ ଦିନ ମଧ୍ୟରେ ସେୱା କାଗଜକଳର ବକେୟା ଦରମା ପ୍ରଦାନ ଦାବି

# ବିଆଇଇୟୁ ସଂଘର ଯୁଗ୍ମ ଶ୍ରମକମିସନରଙ୍କୁ ଦାବିପତ୍ର

ଜୟପୁର, ୭ ।୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସେୱା କାଗଜକଳର କର୍ମଚାରୀ ମାନଙ୍କୁ ଗତ ୨ ବର୍ଷ ୪ ମାସର ବକୟା ଦରମା ମିଳିନଥିବା ଅଭିଯୋଗ ନେଇ ଜୟପୁର ସ୍ଥିତ ଯୁଗ୍ମ ଶ୍ରମ କମିଶରଙ୍କୁ ବାଲାରପୁର ଇଣ୍ଡିଷ୍ଟ୍ରିସ୍ କର୍ମଚାରୀ ସଂଘ (ବିଆଇଇୟୁ) ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହିପରି ଆସନ୍ତା ୭ଦିନ ମଧ୍ୟରେ କୌଣସି ପଦକ୍ଷପ ଗ୍ରହଣ କରାନଗଲେ କର୍ମଚାରୀ ସଂଘ ପକ୍ଷରୁ ଦୃଢ ପଦକ୍ଷପ ଗ୍ରହଣ କରାଯିବ ବୋଲି ପତ୍ର ମାଧ୍ୟମରେ ଚେତାବନୀ ଦେଇଛନ୍ତି। ସଂଘର ସଭାପତି ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଏବଂ ସାଧାରଣ ସମ୍ପାଦକ ସରୋଜ ସୁଆରଙ୍କ ସ୍ୱାକ୍ଷର ସମ୍ମିଳିତ ଏହି ଦାବିପତ୍ରରେ ଭାରତୀୟ ସମ୍ବିଧାନର ବିଭିନ୍ନ ଧାରାକୁ ଉଲ୍ଲଂଘନ କରାଯାଇଛି। ତେଣୁ ନିର୍ଦ୍ଧାରିତ ସମୟରେ ବକୟା ଦରମା ଟଙ୍କା ପ୍ରଦାନ କରାନଗଲେ ଆସନ୍ତା ୭ ଦିନ ପରେ କୌଣସି ସମସ୍ୟା କିମ୍ବା ଅଘଟଣ ଘଟିଲେ କାଗଜକଳ ପରିଚାଳନା କର୍ତ୍ତୃପକ୍ଷ ରହିବେ ବୋଲି ଚେତାବନୀ ଲିଖିତ ଭାବେ ଦେଇଛନ୍ତି। କାଗଜକଳ କର୍ତ୍ତୃପକ୍ଷ ଗତ ୨୦୨୩ ଅଗଷ୍ଟ ମାସରୁ ଦରମା ଟଙ୍କା ପ୍ରଦାନ କରିଥିବା ବେଳେ ଗତ ୨୦୨୪ ମସିହା ଜୁଲାଇ ମାସରୁ ଉତ୍ପାଦନ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଛନ୍ତି। ଏହିପରି ବାରମ୍ବାର ଦାବି କରାଯାଉଥିଲେ ସୁଦ୍ଧା କର୍ତ୍ତୃପକ୍ଷ କର୍ମଚାରୀ ମାନଙ୍କୁ ଦାବିକୁ ଅଣଦେଖା କରିବା ସହିତ ସେମାନଙ୍କ ଜୀବନ ଜୀବିକା ଦୁର୍ବସହ ହୋଇଥିବା ବେଳେ ଭବିଷ୍ୟତ ସହିତ ଖେଳୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଏହି ଦାବିପତ୍ରର ଏକଲିତା ନକଲ ଦେଶର ରାଷ୍ଟ୍ରପତି, ସର୍ବୋଚ୍ଚ ନ୍ୟାୟାଳର ମୁଖ୍ୟ ବିଚାରପତି, ପ୍ରଧାନମନ୍ତ୍ରୀ, ଜାତୀୟ ମାନବାଧିକାର କମିଶନ, ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ଏସ.ପି, ଏସଡିପିଓ ଓ ସଦରଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

## ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦ ୪ର୍ଥ ବୈଠକ




ନନ୍ଦପୁର, ୭।୧(ସମିସ): ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦ ଚତୁର୍ଥ ବୈଠକ ବ୍ଲକ୍ କାର୍ଯ୍ୟାଳୟ ପରିସର ର ଅନୁଷ୍ଠିତ ହୋଇଯାଇଛି। ପଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଅଧ୍ୟକ୍ଷତା କରି ପରିଷଦ ପକ୍ଷରୁ ସଂଗୃହିତ ପାର୍କିଂ ଅର୍ଥର ସମୀକ୍ଷା କରିବା ଚଳିତ ପର୍ଯ୍ୟଟନ ଋତୁରେ ହୋଇଥିବା ପାର୍କିଂ ଅର୍ଥ ନେଇ ସନ୍ତୋଷ ପ୍ରକାଶ କରି ପୂର୍ବ ଖର୍ଚ୍ଚ ସମୀକ୍ଷା କରିଥିଲେ। ବୈଠକରେ ପରିଷଦ ସ୍ଥାୟୀ ସଦସ୍ୟ ବିଡିଓ ଦୁର୍ଗା ପ୍ରସାଦ ଦୋରା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ଉପ ସଭାପତି ଗୋପାଳ କୃଷ୍ଣ ବେବର୍ତ୍ତା, ସେକ ଗୋଫୁର୍, ଆଇଆଇସି ମମତା କୁମାରୀ ପଣ୍ଡା, ସମ୍ପାଦକ ମୁନା ଦଳପତି, ତୁଷାର କାନ୍ତ ମହାନ୍ତି, ଜୟରାମ ଭୋଇ, ଶହୀଦ ଲକ୍ଷ୍ମଣ ନାୟକ ଆଦିବାସୀ ସଂଘ ସଭାପତି ଭଗବାନ ପେଟିଆ, କୋଷାଧ୍ୟକ୍ଷ ପ୍ରଭାତ ଗୁରୁମାଇ, ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ, ବାବୁ ରାଓ ଖରା, ଅରୁଣ ପାଣ୍ଡିଆ, ରବୀନ୍ଦ୍ର ସମାର୍ଡି, ବିଧାୟକ ପ୍ରତିନିଧି କାମେଶ କାମୁଡି, ମହିଳା ସଭାନେତ୍ରୀ କୁନି ପାଲି, ବିଜୟ ଲକ୍ଷ୍ମୀ ପଟ୍ଟନାୟକ, କାଞ୍ଚନ ଖେମୁଣ୍ଡୁ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ରାଣୀ ଡୁଡୁମାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ସହ ଭଲ ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି ବିଧାୟକ ଶ୍ରୀ କାଡ଼ାମ। ଆଗାମୀ ଦିନ କିପରି ଆଦାୟ ଅର୍ଥର ସୁବିନିଯୋଗ ହେବ ସେନେଇ ମଧ୍ୟ ପରିଷଦ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଆମେରିକା ବିରୋଧରେ ସିପିଆଇର ପ୍ରଦର୍ଶନ

ଜୟପୁର, ୭।୧(ସମିସ): ଦକ୍ଷିଣ ଆମେରିକା ଦେଶ ଭେନିଜୁଏଲା ଉପରେ ଆମେରିକା ଆକ୍ରମଣ ଏବଂ ରାଷ୍ଟ୍ର ରାଷ୍ଟ୍ରପତି ନିକୋଲାସ ମାଡୁ୍ୟରୋ ଓ ତାଙ୍କ ଧର୍ମପତ୍ନୀଙ୍କୁ ଜୋରଜବରଦସ୍ତ ଉଠାଇବା ସହିତ ନ୍ୟୁୟର୍କରେ ବନ୍ଦ ରଖିବା ପ୍ରତିବାଦରେ ସିପିଆଇ ପକ୍ଷରୁ ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଜୟପୁର ସହରରେ ଜିଲ୍ଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସ୍ଥାନୀୟ ଟ୍ରାଫିକ ଛକ ନିକଟରେ ପ୍ଲାକାର୍ଡ ହାତରେ ଧରି ଆମେରିକା ବିରୋଧରେ ପ୍ରଦର୍ଶନ କରାଯାଇଥିଲା। ତୁରନ୍ତ ରାଷ୍ଟ୍ରପତି ମାଡୁ୍ୟରୋ ଏବଂ ତାଙ୍କ ପତ୍ନୀଙ୍କୁ ମୁକ୍ତ କରିବାକୁ ଦାବି କରାଯାଇଛି। ସାରା ବିଶ୍ୱରେ ଆମେରିକାର ଗୁଣ୍ଡାଗିରିକୁ ସମସ୍ତ ବିଶ୍ୱବ୍ୟାପି ବିରୋଧ କରିବାକୁ ଆହ୍ୱାନ କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମିଥ୍ୟା ଆଳ ଦେଖାଇ କେବଳ ଭେନେଜୁଏଲା ତେଲ ସମ୍ପଦକୁ ଲୁଟ କରିବା ଉଦ୍ଦେଶ୍ୟରେ ଏହିପରି ଅନ୍ୟାନ୍ୟ କାର୍ଯ୍ୟ କରିଥିବା ନେଇ ଅଭିଯୋଗ କରାଯାଇଛି। ଏଥିରେ ରାଜ୍ୟ ପରିଷଦ ସଦସ୍ୟ ପ୍ରମୋଦ କୁମାର ମହାନ୍ତି, ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାଶ, ବରିଷ୍ଠ ନେତା ଯୁଧିଷ୍ଠିର ରାଉଳ, ବସନ୍ତ ବେହେରା, ସୁଦର୍ଶନ ବିଷୋୟୀ, ନନ୍ଦ ହରିଜନ, ଧ୍ରୁବ ମଲ୍ଲିକ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଯାଞ୍ଚ

ନନ୍ଦପୁର, ୭।୧(ସମିସ): ବୁଧବାର ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ କୁମାରୀ ପଙ୍କଜିନି ଦେହୁରୀଆ ଓ ତ୍ରିଲୋଚନ ବେନି ଉଭୟ ବିଭିନ୍ନ ଚା ଦୋକାନ ହୋଟେଲ, ଢ଼ାବା, କିରାନା ଦୋକାନ ଉପରେ ଚଢ଼ଉ କରିଥିଲେ। ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଚଢ଼ଉ ଖବର ନେଇ ଦୋକାନୀଙ୍କ ମଧ୍ୟରେ ହଡକମ୍ପ ହୋଇଥିବା ବେଳେ ଅଧିକାରୀ ସୁଶ୍ରୀ ଦେହୁରୀଆ ଦୋକାନୀଙ୍କୁ ଡ଼ାକି ଖାଦ୍ୟ ସୁରକ୍ଷା ଅଧିନିୟମରେ ଲାଇସେନ୍ସ କରିବାକୁ କହିବା ସହ ଦୋକାନୀ ବ୍ୟବସାୟୀ ଉପରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ସଚେତନତା କରିଥିଲେ। ଆଗାମୀ ଦିନରେ ଆଦେଶର ଖିଲାଫ କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମଧ୍ୟ କହିଛନ୍ତି।

## ପୁଷପୁନିଂ ଉତ୍ସବର ଷଷ୍ଠ ସଂଧ୍ୟା

ଜୟପୁର, ୭ ।୧(ସମିସ): ଜୟପୁରସହରରସରକାରୀଉଚ୍ଚବିଦ୍ୟାଳୟପଡିଆଠାରେବୁଧବାରଷଷ୍ଠଦିବସ ସଂଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଆଦିବାସୀ ଏବଂ ଅନ୍ୟାନ୍ୟ ଗୀତ ଓ ସଂଗୀତ ଏବଂ ତାରାତାରିଣୀ ନାଇଟ୍ କୁଇନ୍, ଅର୍କେଷ୍ଟ୍ରା, ମାଲକାନଗିରି ଜିଲ୍ଲା ତାଡପାଲ୍ଲୀର ଘଡାଙ୍ଗୀ ନୃତ୍ୟ, ସ୍ଥାନୀୟ ମୀରାଡ୍ୟାନ୍ସ ଗ୍ରୁପର କଳାକାରଙ୍କ ଦ୍ୱାରା ମାହାରୀ ନୃତ୍ୟ ପରିବେଷଣ ହୋଇଥିଲା। ପ୍ରବଳ ଶୀତ ଜାରି ରହିଥିବା ବେଳେ ଦର୍ଶକ ମାନଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ପାଇଛି। ଆଜିର ସନ୍ଧ୍ୟାର ମୁଖ୍ୟଅତିଥି ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ, ତହସିଲଦାର ସବ୍ୟସାଚୀ ଜେନା, ଓରମାସର ଉପନିର୍ଦ୍ଦେଶକ ଉମା ମହେଶ ମଞ୍ଚାସୀନ ଥିଲେ। ଆଜିର କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ରାଜେଶ ନାୟକ କରିଥିଲେ।



## ଲକ୍ଷ୍ମୀପୁର ଲ୍ୟାମ୍ପସରେ ଧାନମଣ୍ଡି ଉଦ୍‌ଘାଟିତ

ଲକ୍ଷ୍ମୀପୁର, ୭।୧(ସମିସ): ଲକ୍ଷ୍ମୀପୁର ସ୍ଥିତ ଲ୍ୟାମ୍ପସରେ ବୁଧବାର ସକାଳେ ଲ୍ୟାମ୍ପସ ସଭାପତି ରାଧାଶ୍ୟାମ ଯାନୀଙ୍କ ଉପସ୍ଥିତିରେ ଶୁଭ ଉଦ୍‌ଘାଟନ କରାଯାଇଛି। ମଣ୍ଡିରେ ୬୪ ଜଣଙ୍କର ନାମ ପଞ୍ଜିକୃତ ହୋଇଥିବା ବେଳେ ୧୮ ଜଣଙ୍କର ପାଇଁ ଟୋକନ୍ ଆସିଥିବା ଲ୍ୟାମ୍ପସ ଏମଡି ଗୋପାଳ କୃଷ୍ଣ ଆଚାର୍ଯ୍ୟ କହିଛନ୍ତି। ଏହି ମଣ୍ଡିରେ ପ୍ରଥମ ପର୍ଯ୍ୟାୟରେ ଗୋଟିଏ ମିଲର ପାଇଁ ୫ ଶହ କ୍ୱିଣ୍ଟାଲ ଆବଶ୍ୟକ ରହି ଥିବା ବେଳେ ସମୁଦାୟ ୧୫ ସହ କ୍ୱିଣ୍ଟାଲ ଧାନମଣ୍ଡିରେ କିଣିବାକୁ ଲକ୍ଷ୍ୟ ରଖି ଥିବା ନେଇ ଏମ୍‌ଡି କହିଛନ୍ତି। ମଣ୍ଡି ଶୁଭ ଉଦ୍‌ଘାଟନ ସମୟରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ନାୟକ, ସ୍ଥାନୀୟ ଆରଆଇ ବିନାୟକ ଶିରିକା, ଲ୍ୟାମ୍ପସ ନିର୍ଦ୍ଦେଶକ ପଞ୍ଚାନନ ଟାକ୍ରି, ପରମେଶ୍ୱର ସାହୁ, ପଦ୍ମନାଭ ବିଡିକା, ସମ୍ବୁରୁ ମିଣିଆକା, ସୁବାସ ଚନ୍ଦ୍ର ସାହୁ ସିଙ୍ଗା ପ୍ରାସ୍କା, ଜ୍ୟୋତି ହିକକା, ବିମଳା ଜମ୍ବେକା ଓ ଲେମ୍ପ କର୍ମଚାରୀ ପ୍ରକାଶ ସାହୁ, ଦୟାପାତ୍ର କୁଲେସିକା ଓ ଅନ୍ୟ କର୍ମଚାରୀ ସମେତ କେତେକ ଚାଷୀ ଉପସ୍ଥିତ ରହିଥିଲେ।

## ରାୟଗଡ଼ ୱାକର୍ସ କ୍ଲବର କର୍ମକର୍ତ୍ତାଙ୍କ କାର୍ଯ୍ୟଭାର ଗ୍ରହଣ

ରାୟଗଡ଼ା, ୭।୧(ସମିସ): ଆଜି ସ୍ଥାନୀୟ ପିତାମହଲ ଠାରେ ରାୟଗଡା ୱାକର୍ସ କ୍ଲବର ସମସ୍ତ ସଭ୍ୟ ଓ ସଭ୍ୟା ମାନଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ହସ୍ତାନ୍ତର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏରିଆ ଉପ ସଭାପତି ପି ଗୋବିନ୍ଦ ଗୁପ୍ତା ମୁଖ୍ୟ ଅତିଥି ରୂପେ ଓ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରାଜ କିଶୋର ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ନୂତନ କର୍ମକର୍ତ୍ତା ବ୍ରଜସୁନ୍ଦର ନାୟକ, ସଭାପତି, ପ୍ରଭାକର ଦୋରା ଓ ଜଳନ୍ଧର ପୁସ୍ତିକା, ଉପ ସଭାପତି, ମନ୍ମଥ ତୁଲ, ସମ୍ପାଦକ, ବିଶ୍ୱନାଥ ସାହୁ, ସହ ସଂପାଦକ ଓ ଗୋପାଳ ଜୈନ କୋଷାଧ୍ୟକ୍ଷ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ। ମଞ୍ଚରେ ରିଜିଓନାଲ କାଉନସିଲର କିଶୋର ଚନ୍ଦ୍ର ପଣ୍ଡା, ଉପଦେଷ୍ଟା ସତ୍ୟବାଦୀ ପତି, ସଂଯୋଜକ ଅଭିମନ୍ୟୁ ନାୟକ, ଜୟରାମ, ପୂର୍ବତନ ସଭାପତି ଦାଶରଥି ରଜୁଗୁରୁ, ସମ୍ପାଦକ ରାଜେନ୍ଦ୍ର ସାହୁ, ପ୍ରତାପ ବାଉରୀ, ଡିଜି ନିର୍ବାଚିତ, ପିଆରଓ ଡାଲି ରାଜୁ ଓ ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି ମଞ୍ଚାସୀନ ଥିଲେ।







# ଗ୍ରାମବାସୀଙ୍କ ଭାରତମାଳା ରାସ୍ତା ଅବରୋଧ

ଡାବୁଗାଁ, ୭।୧ (ସମିସ): ବୁଧବାର ନବରଙ୍ଗପୁର ଜିଲ୍ଲା ଡାବୁଗାଁ ପଞ୍ଚାୟତ ଅଧୀନ ବୋରିଗାଁ ମେଣ୍ଡ୍ରା ଗ୍ରାମକୁ ଯିବା ପାଇଁ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଭାରତମାଳା ରାସ୍ତା ଅବରୋଧ କରି ଆନ୍ଦୋଳନ କରିଛନ୍ତି। ଡାବୁଗାଁ ପଞ୍ଚାୟତ ଅଧୀନ ବୋରିଗାଁ ମେଣ୍ଡ୍ରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ବର୍ତ୍ତମାନ ସେହି ରାସ୍ତା ମଧ୍ୟ ଦେଇ ଭାରତ ସରକାରଙ୍କ ଭାରତମାଳା ରାସ୍ତା ଯାଇଥିବାରୁ ଉକ୍ତ ରାସ୍ତା ଅତିକ୍ରମ କରି ଯିବା ଆସିବାରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭାରତମାଳା ରାସ୍ତା ହେବା ଦିନଠାରୁ ମେଣ୍ଡ୍ରା ଗ୍ରାମର ଲୋକେ ବୋରିଗାଁ ପଞ୍ଚାୟତ କାର୍ଯ୍ୟାଳୟ ଓ ଡାବୁଗାଁ ବ୍ଲକ କାର୍ଯ୍ୟାଳୟକୁ ଆସିବାକୁ ହଇରାଣ ହେଉଛନ୍ତି। ପୂର୍ବରୁ ଭାରତମାଳା ରାସ୍ତା ପାର ହୋଇ ଲୋକେ ଯିବା ଆସିବା କରୁଥିଲେ। ବର୍ତ୍ତମାନ ଭାରତମାଳା ରାସ୍ତାର ଉଭୟପାର୍ଶ୍ୱରେ ବାଡ ଦିଆଯାଇଥିବାରୁ ଲୋକେ ଯିବା ଆସିବାରେ ଅସୁବିଧା ଭୋଗୁଛନ୍ତି। ପୂର୍ବରୁ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମବାସୀ ମାନେ ବିଭିନ୍ନ ସମୟରେ ଜିଲ୍ଲାପାଳ, ଏନଏଚଏଆଇ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଶେଷରେ ବୋରିଗାଁ ପଞ୍ଚାୟତର ବୋରିଗାଁ, ଖୁଟୁଗୁଡା, ନୂଆଗୁଡା, ଆମ୍ବାଗୁଡା, ମେଣ୍ଡ୍ରିଗୁଡା, ମେଣ୍ଡ୍ରା, ଗୋଦମା, ପରଶୁବେଡା ଗ୍ରାମର ୧ ହଜାରରୁ ଅଧିକ ଗ୍ରାମବାସୀ ବୁଧବାର ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭାରତମାଳା ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଅପରାହ୍ନ ୪ଟାରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଡାବୁଗାଁ ତହସିଲଦାର ଗୀତା ମୁର୍ମୁ, ବୋରିଗାଁ ସରପଞ୍ଚ ଶୁକ୍ର ଭତ୍ରା, ଡାବୁଗାଁ ଥାନା ସବ୍ ଇନପେକ୍ଟର ଚନ୍ଦନ ସାହୁ, ପ୍ରୋବେଶନର ସବ୍ ଇନିସ୍ପେକ୍ଟର ଦଣ୍ଡ ଚରଣ ସେଠୀ ଓ ଏଏସଆଇ ଗୋପାଳକୃଷ୍ଣ ହାଲୱା ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ପରେ ଏନଏଚଏଆଇ ଅଧିକାରୀ ପହଞ୍ଚି ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ କରିବା ପାଇଁ ଏକ ଲିଖିତ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ମାନେ ଧାରଣାରୁ ହଟିଥିଲେ।

## ନୂଆଦିଲ୍ଲୀ ପ୍ୟାରେଡରେ ଯୋଗଦେବେ ନବରଙ୍ଗପୁରର ୬ ଛାତ୍ର

ନବରଙ୍ଗପୁର, ୭।୧(ସମିସ): ନୂଆଦିଲ୍ଲୀରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ନିମନ୍ତେ ନବରଙ୍ଗପୁର କଲେଜର ୬ ଜଣ ଛାତ୍ର ମନୋନୀତ ହୋଇ ମହାବିଦ୍ୟାଳୟ ଏବଂ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେମାନେ ହେଲେ ଯୁକ୍ତ ୩ ପଦାର୍ଥ ବିଜ୍ଞାନ ବିଭାଗର କମ୍ପାନୀ କ୍ୱାର୍ଟର ମାଷ୍ଟର ସର୍ଜଣ୍ଟ (ସିକ୍ୟୁଏମଏସ୍) ଆଦର୍ଶ ପ୍ରତ୍ୟୁଷ କରକରା, ଯୁକ୍ତ ୩ ରାଜନୀତି ବିଜ୍ଞାନ ବିଭାଗର ଜୁନିଅର ଅଣ୍ଡର ଅଫିସର ମାରୁତି ହରିଜନ, ଯୁକ୍ତ ୩ ଓଡିଆ ବିଭାଗର କ୍ୟାଡେଟ ପାଉଲ୍ ସୁନା, ଯୁକ୍ତ ୩ ଇତିହାସ ବିଭାଗର କ୍ୟାଡେଟ କୃଷ୍ଣ ଜାନୀ, ଯୁକ୍ତ ୩ ଇଂରାଜୀ ବିଭାଗର କର୍ପୋରାଲ (ସିପିଏଲ) ଜଗେଶ୍ୱର ମାଝୀ ଓ ଯୁକ୍ତ ୩ ରାଜନୀତି ବିଜ୍ଞାନ ବିଭାଗର ଲାନ୍ସ କର୍ପୋରାଲ୍ ଲକ୍ଷ୍ମଣ ଗୌଡ଼। ସିକ୍ୟୁଏମଏସ୍ ଆଦର୍ଷ ପ୍ରତ୍ୟୁଷ କରକରା ଗାର୍ଡ ଅଫ ଅନର ନିମନ୍ତେ ମନୋନୀତ ହୋଇଥିବା ବେଳେ ଯେୟୁଓ ମାରୁତି ହରିଜନ କର୍ତ୍ତବ୍ୟ ପଥ ପ୍ୟାରେଡ ନିମନ୍ତେ ମନୋନୀତ ହୋଇଛନ୍ତି। ସେହିପରି କ୍ୟାଡେଟ ପାଉଲ୍ ସୁନା କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ମନୋନୀତ ହୋଇଛନ୍ତି ସେଠାରେ ସେ ସଂଗୀତ ପରିବେଷଣ କରିବେ ଏବଂ କ୍ୟାଡେଟ କୃଷ୍ଣ ଜାନୀ, ସିପିଏଲ ଜଗେଶ୍ୱର ମାଝୀ ଓ ଏଲ/ସିପିଏଲ ଲକ୍ଷ୍ମଣ ଗୌଡ଼ ପ୍ରଧାନ ମନ୍ତ୍ରୀ ର୍‌ୟାଲି ନିମନ୍ତେ ମୋନନିତ ହୋଇଛନ୍ତି। ଏ ସମସ୍ତ ଛାତ୍ର କହିଛନ୍ତି, ଆରଡିସି



ପ୍ୟାରେଡରେ ଭାଗ ନେବା ପାଇଁ ପ୍ରଥମରୁ ମନ ସ୍ଥିର କରିଥିଲେ। ପ୍ରାୟ ୬ ମାସର କଠିନ ପରିଶ୍ରମ ଏବଂ ଅଭ୍ୟାସ କରିବା ସହ ତ୍ରିସ୍ତରୀୟ ଚୟନ ପ୍ରକ୍ରିୟା ମାଧ୍ୟମରେ ସେମାନଙ୍କର ଚୂଡାନ୍ତ ଚୟନ ହୋଇଥିଲା। ଏଥିରେ ସହଯୋଗ କରିଥିଲେ ଏନସିସି ଅଧିକାରୀ ରହିମ ଖରା। ସମସ୍ତ ଛାତ୍ରଙ୍କ ସଫଳତା ପାଇଁ କଲେଜ ଅଧକ୍ଷ ଡି. ଗୋବିନ୍ଦା ରାଓ, ଏନସିସି ଅଧିକାରୀ ରହିମ ଖରାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ସହରର ମାନ୍ୟଗଣ୍ୟ ବ୍ୟକ୍ତି ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ନବରଙ୍ଗପୁର, ୭।୧(ସମିସ): ଚଳିତ ୨୦୨୫-୨୬ ବର୍ଷ ପାଇଁ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଆଜି ସ୍ଥାନୀୟ ନୂତନ ମଣ୍ଡେଇ ପଡ଼ିଆ ନବରଙ୍ଗପୁର ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହା ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ବିଶିଷ୍ଟ ଅତିଥି ରୂପେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ଚିଫ ଇଞ୍ଜିନିୟର କୃଷି ବିଭାଗ ବିଷ୍ଣୁ ପ୍ରସାଦ ମିଶ୍ର, ଡିଜିଏମ୍, କୃଷି ଶିଳ୍ପ ନିଗମ ଲଳିତ ମୋହନ ଜେନା, ଲୋକସଭା ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଅତିଥିଗଣ ମେଳାରେ ସ୍ଥାପିତ ସମସ୍ତ ଷ୍ଟଲ ପରିଦର୍ଶନ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁଧୀରଞ୍ଜନ ବେହେରା ସ୍ୱାଗତ ଭାଷଣ ସହ ସଭାର ଶୁଭାରମ୍ଭ କରିଥିଲେ। ଏହି ମେଳାରେ ଜିଲ୍ଲା ସ୍ତରୀୟ ଅଧିକାରୀ, କୃଷି ବିଭାଗ, ମତ୍ସ୍ୟ ବିଭାଗ, ଉଦ୍ୟାନ ବିଭାଗର ପ୍ରମୁଖର ସମସ୍ତ ଅଧିକାରୀ, ସମସ୍ତ ବ୍ଲକରୁ ପ୍ରାୟ ୧୦୦୦ ଜଣ ଚାଷୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ମେଳାରେ ସର୍ବମୋଟ ୧୧୫ଟି ଷ୍ଟଲର ଆୟୋଜନ କରାଯାଇଛି। ଅତିଥିଙ୍କ ଦ୍ୱାରା ୧୦ ଜଣ ଚାଷୀଙ୍କୁ ନୂତନ ଟ୍ରାକ୍ଟର (ସବସିଡି ସହିତ) ସହାୟତା ପ୍ରଦାନ କରାଯାଇଥିଲା। ଅତିଥିଗଣ ଜିଲ୍ଲାର ଚାଷୀ ମାନେ କୃଷି ଯନ୍ତ୍ରପାତି ବ୍ୟବହାର କରି ନିଜର ଆର୍ଥିକ ଅଭିବୃଦ୍ଧି କରିବା ଏବଂ ଏହି ମେଳା ରେ ସମସ୍ତ ଷ୍ଟଲ ପରିଦର୍ଶନ ସହ ସବସିଡି ସହାୟତା ପାଇଁ ଅନ୍ ଲାଇନ୍ ଆବେଦନ କରିବାକୁ କହିଥିଲେ। ସଭା ଶେଷରେ ଜିଲ୍ଲା କୃଷି ଅଧିକାରୀ ଅନିଲ ପ୍ରହରାଜ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ୩ ଦିନ ହେଲା ଯୁବକ ନିଖୋଜ

ବଲାଙ୍ଗିର, ୭ ।୧(ସମିସ): ବଲାଙ୍ଗିର ସହର ଶାନ୍ତିପଡ଼ାର ପ୍ରବୀଣ ମହାଲିଙ୍ଗ ନିଖୋଜ ଘଟଣାକୁ ୩ ଦିନ ବିତିଯାଇଛି । ଏଯାଏଁ କିଛି ପତ୍ତା ମିଳିନାହିଁ । ସଦର ଥାନାରେ ପରିବାର ଲୋକ ଲିଖିତ ଅଭିଯୋଗ କରିଛନ୍ତି । ବୁଧବାର ପୁଣି ତାଙ୍କ ପରିବାର ଲୋକେ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗତ ରବିବାର ପ୍ରବୀଣ ନିଜ ବାଇକ୍‌ରେ ସବୁଦିନ ଭଳି ପଥରଚେପାରେ ଥିବା ଏକ ଫାର୍ମକୁ ବାହାରିଥିଲେ । ସେଠାକୁ ଯାଇ ଯେଉଁଠାରେ ବାଇକ୍ ରଖନ୍ତି ସେଠାରେ ରଖିଥିଲେ କିନ୍ତୁ ସେଦିନ ଆଉ ଘରକୁ ଫେରି ନ ଥିଲେ । ବହୁ ଖୋଜାଖୋଜି କରିବା ପରେ କିଛି ସୂଚନା ନ ମିଳିବାରୁ ଘରଲୋକେ ସଦର ଥାନାରେ ଅଭିଯୋଗ କରିଥିଲେ । ତେବେ ସେ ଯାଇଥିବା ଫାର୍ମ ନିକଟରେ ଥିବା ଜଣେ ମହିଳାଙ୍କ ନାମରେ ସେମାନେ ଅଭିଯୋଗ କରିଛନ୍ତି । ଏହି ନିଖୋଜ ମାମଲାରେ ସମ୍ପୃକ୍ତ ମହିଳାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ପରିବାର ଲୋକେ ପୁଲିସକୁ ଜଣାଇଛନ୍ତି ।

## ଅସହାୟ ମହିଳାଙ୍କ ଶବ ସତ୍କାର କଲେ ସମାଜସେବୀ

କଣ୍ଟାବାଞ୍ଜି, ୭ ।୧(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଳ ଷ୍ଟେସନରେ ପଡ଼ିଥିବା ଜଣେ ଅଜଣା ମହିଳାଙ୍କ ଶବ ସ୍କାର କରାଯାଇଛି । ଉତ୍କଳ ଖଡ଼ି ଘାସି ସମାଜର ହେମନ୍ତ କୁମ୍ଭାରଳ ନରେନ୍ଦ୍ର ସୁନା, ଅନିଲ ସୁନା, କୈଳାସ ଦୀପ, ରାହୁଲ ସୁନା ଓ ଗିରିଧାରୀ ସୁନା ପ୍ରମୁ ସାମିଲ ଥିଲେ । ଆଶ୍ରମପଡ଼ାସ୍ଥିତ ଶ୍ମଶାନ ଘାଟରେ ଦାହ କରାଯାଇଛି ।

## ଆଇନ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର, ୭ ।୧(ସମିସ): ବଲାଙ୍ଗିର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଓ ବାଲ୍ୟ ବିବାହ ଉଚ୍ଛେଦ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ, ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷା ମିନତି ରଥ, ସିନ୍ଦେଧକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡ. ଜୟନ୍ତ ବାଗ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅଧ୍ୟାପକ ନିଲେସ ପାରେ, ସୁଧାଂଶୁ ଦାସ, ଭବାନୀ ଶେଖର ରାଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ମାଦକ ଦ୍ରବ୍ୟର କୁପ୍ରଭାବ ବିଷୟରେ ଅବଗତ କରାଇବା ସହିତ ନିଶାମୁକ୍ତ ଜୀବନଶୈଳୀ ଦିଗରେ ପ୍ରେରିତ କରାଇଥିଲେ । ଏହାସହ ବାଲ୍ୟ ବିବାହ ଏକ ଗୁରୁତର ସାମାଜିକ କୁପ୍ରଥା ହେବାରୁ ଏହାକୁ ରୋକିବା ପାଇଁ ସଚେତନତା ସୃଷ୍ଟି, ଆଇନଗତ ସୂଚନା ପ୍ରସାର, ସମର୍ଥନ ଓ ସହଯୋଗ ଯୋଗାଇ ସମାଜର ସମସ୍ତ ବର୍ଗକୁ ସକ୍ରିୟ କରିବା ଉପରେ ସୂଚନା ଦେଇଥିଲେ ।

## ମୁଣ୍ଡଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମୀକ୍ଷା ବୈଠକ

ବେଲପଡ଼ା, ୭ ।୧(ସମିସ): ମୁଣ୍ଡାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିଷ୍କାର ପରିଚ୍ଛନ୍ନତା, ନିରାପତା ବ୍ୟବସ୍ଥା, ଖେଳ ସାମଗ୍ରୀ, ପାଠାଗାର, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ନେଇ ସମୀକ୍ଷା କରାଯାଇଥିଲା । ସୋସିଆଲ ଅଡିଟ ଟିମ୍ ମେମ୍ବର ରଶ୍ମିତା ସାହୁ, ଠାକୁର ଗଏଁତା, ମେଘନାଦ ମାଝୀ ଯୋଗ ଦେଇ ସମୀକ୍ଷା କରିଥିଲେ । ପ୍ରଧାନ ଶିକ୍ଷକ ସୂର୍ଯ୍ୟଭାନୁ ହୋତାଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଗୁଡିକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ବରୁଣ ମାଝୀ ଓ ସୁରେଶ ପ୍ରଧାନଙ୍କୁ ପ୍ରଧାନ ଶିକ୍ଷକ ସୂର୍ଯ୍ୟଭାନୁ ହୋତା ସମ୍ବର୍ଦ୍ଧିତ କରିଥିଲେ ।

## ପିଏମ୍ ଶ୍ରୀ ସରକାରୀ ନୋଡାଲ ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ବେଲପଡ଼ା, ୭ ।୧(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକର ପିଏମ୍ ଶ୍ରୀ ସରକାରୀ ନୋଡାଲ ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏବିଓଇଓ ଚତୁର୍ଭୁଜ ମିର୍ଦ୍ଧା, ଅଶୋକ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରମୋଦ ଠାକୁର ପ୍ରତିଯୋଗିତା ପରିଚାଳନା କରିଥିଲେ । ଶିକ୍ଷକ ବିଶ୍ୱମ୍ଭର ବୁଡ଼େକ ସଭାପତିତ୍ୱ କରିଥିଲେ ।

## କନ୍ଦରାଭଟାରେ ପୁଲିସର ଜନସମ୍ପର୍କ



ଖପ୍ରାଖୋଲ, ୭ ।୧(ସମିସ): ନାନ୍ଦୁପଲା ପଞ୍ଚାୟତ ଗନ୍ଧମାର୍ଦ୍ଦନ ପାହାଡ଼ ତଳି କନ୍ଦରାଭଟା ଗାଁ ପଡ଼ିଆରେ ପୁଲିସ୍ ତରଫରୁ ଏକ ଜନସମ୍ପର୍କ ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ରୂପେ ଡିଭିଏଫ୍ ଇନ୍‌ଚାର୍ଜ ଜୟନ୍ତ ମହାପାତ୍ର, ସମ୍ମାନୀତ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ଲାଠୋର ଥାନା ଅଧିକାରୀ କରମା ଲାକ୍ରା, ତୁରେକେଲା ଥାନା ଅଧିକାରୀ ରାକେଶ ବେହେରା, ମହରାପଦର ସରପଞ୍ଚ ସୁମତି ପ୍ରଧାନ, ଉମେଶ ପୁଝାରୀ, ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ, ସାଲ୍, କମ୍ବଳ, ଗାମୁଛା, ବାଦ୍ୟଯନ୍ତ୍ର ଆଦି ବଣ୍ଟନ କରିଥିଲେ । ସେହିପରି ଏହି ଶିବିରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିବା ବେଳେ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସବୁ ପ୍ରିତିଯୋଗୀ ଦଳକୁ ଖେଳ ଉପକରଣ ବଣ୍ଟନ କରାଯାଇଥିଲା ।

# ଚାଉଳ ଚୋରା ଚାଲାଣକୁ ସହଯୋଗ କରୁଛି ଯୋଗାଣ ବିଭାଗ

## ରିଜେକ୍ସନ ଚାଉଳ କହି ଟ୍ରକ୍ ଛାଡିବାକୁ ଯୋଗାଣ ନିରୀକ୍ଷକଙ୍କ ଅନୁରୋଧ

ବଲାଙ୍ଗିର/ପାଟଣାଗଡ଼, ୭ ।୧ (ସମିସ)

ବଲାଙ୍ଗିର ଜିଲ୍ଲାରେ ଯୋଗାଣ ବିଭାଗ ଚାଉଳ ଚୋରା ଚାଲାଣରେ ସହଯୋଗ କରୁଛି । ଏହାର ପ୍ରମାଣ ମିଳିଛି । ନିକଟରେ ପାଟଣାଗଡ଼ ବ୍ଲକ ତମିଆଁ ଛକ ଗଙ୍ଗାରାମ ରାଇସ୍ ମିଲ୍‌ରୁ ଜରିବସ୍ତାରେ ଭର୍ତ୍ତି ହୋଇ ୭ ଶହ ପ୍ୟାକେଟ ଚାଉଳ ଅନ୍ୟତ୍ର ଯାଉଥିଲା । ଚାଉଳ ବୋଝେଇ ଟ୍ରକକୁ ତମିଆଁ ଛକରେ କିଛି ସଚେତନ ନାଗରିକ ସନ୍ଦେହରେ ଅଟକାଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଦେଇଥିଲେ । ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ଟ୍ରକ୍ ଡ୍ରାଇଭରଙ୍କୁ ପଚାରିବାରୁ ରିଜେକ୍ସନ ଚାଉଳ ଯାଉଛି । ଓଜନ କରିବାକୁ ନିକଟସ୍ଥ କୁକୁଡ଼ା ଫାର୍ମ ନିକଟକୁ ନେଉଥିବା କହିଥିଲେ । ଏହାର କୌଣସି କାଗଜପତ୍ର କିନ୍ତୁ ନ ଥିବା କହିଥିଲେ । ମିଲରେ କାହିଁକି ଓଜନ କରାଗଲାନାହିଁ ବୋଲି ପ୍ରଶ୍ନ କରିବାରୁ ମିଲର ଓଜନ ମେସିନ ଚାଲୁନାହିଁ । ତେଣୁ ଅନ୍ୟତ୍ର ଓଜନ କରିବାକୁ ଯାଉଛି । ଓଜନ ପରେ କାଗଜପତ୍ର ହେବ । ତେବେ ଏହି ଚାଉଳ କାହା ପାଖକୁ ଯିବ ସେ କିଛି ଜାଣି ନ ଥିବା କହିଥିଲେ । ଚାଉଳ ଚାଲାଣର କୌଣସି କାଗଜପତ୍ର ନ ଥିବାରୁ ଚାଉଳ ଚୋରା ଚାଲାଣ ହେଉଥିବା ସନ୍ଦେହ କରି ଗଣମାଧ୍ୟମ ପ୍ରତିନିଧି ଜିଲ୍ଲା ଯୋଗାଣ ଅଧିକାରୀ, ପାଟଣାଗଡ଼ ଉପଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । କିଛି ସମୟ ପରେ ୮୩୨୮୪୯୨୫୭ ନମ୍ବରରୁ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଫୋନ ଆସିଲା ଯେ ମୁଁ ଯୋଗାଣ ନିରୀକ୍ଷକ କହୁଛି । ବେଲପଡ଼ା ଓ ପାଟଣାଗଡ଼ ଦାୟିତ୍ୱରେ ରହିଛି । ତାହା ରିଜେକ୍ସନ ଚାଉଳ ଯାଉଛି । ଗାଡିଟିକୁ ଛାଡ଼ିଦେବା ପାଇଁ ସେ ଅନୁରୋଧ କରିଥିଲେ । ଏ ବିଷୟରେ ଉପଜିଲ୍ଲାପାଳଙ୍କୁ ଅବଗତ କରିବାରୁ ସେମାନେ କାଗଜପତ୍ର ନ ଦେଖାଇବା ପର୍ଯ୍ୟନ୍ତ ଗାଡିକୁ ଛାଡ଼ିବେ ନାହିଁ । ମୁଁ ଯୋଗାଣ ବିଭାଗ ସହ କଥା ହୋଇଛି । ଗାଡିକୁ ସକାଳ ପର୍ଯ୍ୟନ୍ତ ରଖନ୍ତୁ । ଯାଞ୍ଚ ହେଲେ ସବୁ ପଦାକୁ ଆସିଯିବ ବୋଲି କହିଥିଲେ । କିଛି ସମୟ ପରେ ମିଲ୍‌ରୁ ଏକ ନକଲି ୱେ ବିଲ୍ ପ୍ରସ୍ତୁତ କରି ଟ୍ରକ୍ ଡ୍ରାଇଭର ଜଣକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖେଇଥିଲେ । ଓଜନ ପାଇଁ ଯାଉଥିବା ଚାଉଳ ଓଜନ ନ ହୋଇ କେମିତି ବିଲ୍ ପ୍ରସ୍ତୁତ ହେଲା ଓ ରିଜେକ୍ସନ ଚାଉଳ ଯାଉଥିବା କହୁଥିବା ଯୋଗାଣ ବିଭାଗ ଯାଞ୍ଚ ନ କରି କେମିତି ରିଜେକ୍ସନ ଚାଉଳ ବୋଲି ଜାଣିଲା ତାହା ଏବେ ଯୋଗାଣ ନିରୀକ୍ଷକଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ଅନ୍ୟପଟେ ଯୋଗାଣ ବିଭାଗ ଘଟଣାସ୍ଥଳକୁ ନ ପହଞ୍ଚି କିଭଳି ରିଜେକ୍ସନ ଚାଉଳ ବୋଲି କହି ମାମଲାକୁ ଚାପିବାକୁ ପ୍ରୟାସ କଲା ଏହାର ତଦନ୍ତ ପାଇଁ ଦାବି ହେଉଛି । ତେବେ ଟ୍ରକରେ କିଛି ରିଜେକ୍ସନ ଚାଉଳ ସହ ଭିତରେ ସବୁ ଭଲ ଚାଉଳ ଥିଲା । ଯୋଗାଣ ବିଭାଗକୁ ହାତ କରି ଏଭଳି ଚାଉଳ ଚୋରାଚାଲାଣ କରି ମିଲ୍ ମାଲିକ ମାଲେମାଲ ହେଉଥିବା ଅଭିଯୋଗ ହେଉଛି । ଅପରପକ୍ଷରେ ଗଙ୍ଗାରାମ ରାଇସ୍ ମିଲ୍ ସରକାରଙ୍କ ନିର୍ଦ୍ଧାରିତ ଚାଉଳ ଦେଇ ନ ଥିବା ଯୋଗୁଁ ଚଳିତ ବର୍ଷ ଖରିଫ ପାଇଁ ମଣ୍ଡିରେ ଧାନ ଉଠାଇବାରୁ ବାଦ ପଡ଼ିଛି । ମିଲ୍‌ରୁ କିଭଳି ୭ ସହ ବସ୍ତା ଚାଉଳ ଚୋରା ଚାଲାଣ କରିଛି ତାହା ଏବେ ଏହି ମିଲ୍‌ର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବାରେ ଲାଗିଛି । ଅନ୍ୟପଟେ ଯୋଗାଣ ବିଭାଗ ଚାଉଳ ଚୋରାଚାଲାଣ ହେଉଥିବା ଜାଣି ମଧ୍ୟ କାହିଁକି ଘଟଣାସ୍ଥଳକୁ ନ ଆସିଲା ନାହିଁ କି ଚୋରା ଚାଲାଣ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ ନ କରି ରିଜେକ୍ସନ ଚାଉଳ କହି ଗଙ୍ଗାରାମ ରାଇସ୍ ମିଲକୁ କ୍ଲିନ ଚିଟ୍ ଦେଲା ତାହା ତଦନ୍ତ ସାପେକ୍ଷ । ଏହି ଘଟଣାରୁ ସ୍ପଷ୍ଟ ଅନୁମାନ କରାଯାଉଛି ଯେ ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରେ ଯୋଗାଣ ବିଭାଗ ସହଯୋଗରେ ନିର୍ଦ୍ଦିଷ୍ଟ ମିଲ୍‌ଗୁଡ଼ିକରୁ ଚାଉଳ ଚୋରା ଚାଲାଣ ହେଉଛି । ଅଭିଯୋଗ ପରେ ମଧ୍ୟ ଯୋଗାଣ ବିଭାଗ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଓଲଟା ମିଲ୍‌ଗୁଡିକୁ ଘଣ୍ଟ ଘୋଡାଇବାକୁ ପ୍ରୟାସ କରୁଛି ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନରସିଂହ ମିଶ୍ର

ବଲାଙ୍ଗିର, ୭ ।୧(ସମିସ): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଭେଟିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତି ରକ୍ଷା ପାଇଁ ଶ୍ରୀ ମିଶ୍ର ଆଲୋଚନା କରିଥିଲେ । କଳିଙ୍ଗ ଷ୍ଟାଡିୟମ, ଏକାମ୍ର ଉଦ୍ୟାନ ଏବଂ ଭୁବନେଶ୍ୱର ରେଳ ଷ୍ଟେସନକୁ ଜାନକି ବଲ୍ଲଭଙ୍କ ନାଁରେ ନାମିତ କରି ତାଙ୍କ ସ୍ମୃତି ରକ୍ଷା କରାଯାଉ ବୋଲି ପ୍ରସ୍ତାବ କରାଯାଇଥିଲା । ଏହା ସହ ଲୋୟର ସୁକତେଲ ପ୍ରକଳ୍ପ ନିକଟରେ ଥିବା ଖେଳ ପଡ଼ିଆକୁ ଏକ ପୂର୍ଣ୍ଣାଙ୍ଗ ଷ୍ଟାଡିୟମ ରୂପେ ନିର୍ମାଣ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ମିଶ୍ର ଦେଇଥିଲେ । ଏହି ଅଞ୍ଚଳର ସୌନ୍ଦର୍ଯ୍ୟକରଣ ପାଇଁ ଉଦ୍ୟାନ ନିର୍ମାଣ ପାଇଁ ଆସିଥିବା ଅନୁଦାନ ଫେରି ଯାଇଛି । ସେହି ଅନୁଦାନରେ ପୁଣି ଲୋୟର ସୁକତେଲ ଅଞ୍ଚଳର ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇଁ ଉଦ୍ୟାନ କାମ ଆରମ୍ଭ କରାଯାଉ ବୋଲି ଶ୍ରୀ ମିଶ୍ର ଅନୁରୋଧ କରିଥିଲେ । ତେବେ ଜାନକି ବଲ୍ଲଭଙ୍କ ସ୍ମୃତି ରକ୍ଷା ପ୍ରସ୍ତାବ ସହ ଲୋୟର ସୁକତେଲରେ ଏକ ଷ୍ଟାଡିୟମ ଓ ଉଦ୍ୟାନ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ସକରାତ୍ମକ ଭାବେ ଗ୍ରହଣ କରିଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

## କାମ ସରିନି; ପିଚୁ ଉଠିଯାଉଛି

ପାଟଣାଗଡ଼, ୭ ।୧(ସମିସ): ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ତମିଆଁ ଛକରୁ ତମିଆଁ ପର୍ଯ୍ୟନ୍ତ ୯ କିମି ରାସ୍ତାର କାମ ଚାଲିଛି; ହେଲେ ନିମ୍ନମାନର କାମ ହେଉଛି । କାମ ଚାଲିଥିବାବେଳେ ପିଚୁ ଉଠି ଯାଉଛି । ଏହା ହିଁ କାମ ନିମ୍ନମାନର ଚାଲିଥିବା ପ୍ରମାଣ ଦେଉଛି । ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ତମିଆଁ ଛକରୁ ତମିଆଁ ପର୍ଯ୍ୟନ୍ତ ରାସ୍ତା ଖରାପ ହୋଇପଡ଼ିଥିଲା । ଏନେଇ ଅଞ୍ଚଳବାସୀ ରାସ୍ତା କାମ ପାଇଁ ବାରମ୍ବାର ଦାବି କରିଆସୁଥିଲେ । ତେବେ କିଛି ଦିନ ପୂର୍ବରୁ ଏହି ରାସ୍ତା କାମ ଆରମ୍ଭ ହୋଇଛି । ଏବେ କାମର ମାନକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି । କାମ ସାରିବା ମାତ୍ରେ ପିଚୁ ଉଠି ଯାଉଛି । ଏନେଇ ଅଭିଯୋଗ ପରେ ମଧ୍ୟ କୌଣସି ଫଳପ୍ରଦ ହୋଇନାହିଁ । ତେବେ କେତେ ଟଙ୍କାର କାମ କେଉଁ ଠିକାଦାର ଦ୍ୱାରା ହେଉଛି ଲୋକେ ଜାଣିପାରୁ ନ ଥିବାବେଳେ ତଦାରଖ ପାଇଁ ମଧ୍ୟ କନିଷ୍ଠ ଯନ୍ତ୍ରୀ ଆସୁ ନ ଥିବା ଅଭିଯୋଗ ହେଉଛି । ରାତିରେ ପିଚୁ କାମ ଚାଲିଛି । ଏହି ରାସ୍ତା କାମ ଉପରେ ସ୍ଥାନୀୟ ଲୋକଙ୍କ ପ୍ରତିକ୍ରିୟା ନେବାରୁ ପିଚୁ ରାସ୍ତା କାମ ନିମ୍ନମାନର ହେଉଛି । ପିଚୁ ସବୁ ଉପୁଡ଼ିଯାଉଛି । ଏହି ରାସ୍ତା ସେମାନଙ୍କ ନିତିଦିନିଆ ରାସ୍ତା । ପୁଣି ନୂଆ କରି କାମ କରାଯାଉ । ନ ଚେତ ଆନ୍ଦୋଳନ କରିବାକୁ ସେମାନେ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ବୁଦ୍ଧେଶ୍ୱର ମହାପାତ୍ରଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ସେ ରାସ୍ତା ତଦାରଖ ପାଇଁ ଯାଇଥିଲେ । ନିମ୍ନମାନର କାମ ହୋଇଛି । ଠିକାଦାରଙ୍କୁ କୁହାଯାଇଛି । ପୁଣି କାମ ହେବ ବୋଲି ସଫେଇ ଦେଇଛନ୍ତି ।

## କଣ୍ଟାବାଞ୍ଜିରେ ଗଣଦୌଡ଼ ପ୍ରତିଯୋଗିତା

କଣ୍ଟାବାଞ୍ଜି, ୭ ।୧(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ମାଟିର ମହୋତ୍ସବ-୨୦୨୬ ଅବସରରେ କଣ୍ଟାବାଞ୍ଜି ଆର୍.ଏସ୍.ଆର୍. ଏସ୍. କ୍ଲବ୍ ପକ୍ଷରୁ ବୁଧବାର ଭୋର ୬ଟାରେ ଏକ ଗଣ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କ୍ରୀଡ଼ାବୀତଙ୍କ ସହ ଗୃହିଣୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସ୍ଥାନୀୟ ଇନ୍ଦିରା ଛକଠାରୁ ପ୍ରତିଯୋଗିତା ଆରମ୍ଭ କରି ରେଲୱେ ଖେଳପଡ଼ିଆରେ ଶେଷ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାଟିର ମହୋତ୍ସବ କମିଟିର ସଭାପତି ବ୍ରଜଶ୍ୟାମ ଗୁରୁ, ସାଧାରଣ ସମ୍ପାଦକ ବେଦବ୍ୟାସ ନାଗ, କୋଷାଧ୍ୟକ୍ଷ ସନ୍ତୋଷ ଅଗ୍ରୱାଲ, ଉପ ସଭାପତି କୈଳାସ ଦୀପ, ତୁଳସୀ ରାମ ଜଗତ, ନିଶିକାନ୍ତ ମାହାପତ୍ର, ସଂଯୋଜକ ପୁଷ୍ପ ବେହେରା, ସହ ସମ୍ପାଦକ ରାଜେନ୍ଦ୍ର ବେହେରା, ପ୍ରକାଶ ପ୍ରଧାନ, ରାଜୁ ବାରିକ, ପ୍ରଚାରକ ରୋହନ ମହତ, ସାଂସ୍କୃତିକ ସମ୍ପାଦକ ରଶ୍ମୀରଞ୍ଜନ ପୁଟେଲ, ଗଣମାଧ୍ୟମ ସଂଯୋଜକ ଗୁରୁ ଦୟାଲ ହଂସ, ପପୁ ଜୁଏଡ, ରାଜୁ ଶର୍ମା, ମୁକେଶ ବାଗ, ସେହେବାଜ ଖାଁ, ପ୍ରଶାନ୍ତ ପାଢ଼ୀ, ସୋମନାଥ ସାହୁ, ସୋନୁ ଶତପଥୀ, ଜଗନ୍ନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## କଣ୍ଟାବାଞ୍ଜି ମାଟିର ମହୋତ୍ସବ ପାଇଁ ରଙ୍ଗୋଲି ପ୍ରତିଯୋଗିତା

କଣ୍ଟାବାଞ୍ଜି, ୭ ।୧(ସମିସ): କଣ୍ଟାବାଞ୍ଜି ମାଟିର ମହୋତ୍ସବ ଅବସରରେ ମାରୱାଡ଼ି ଯୁବା ମଞ୍ଚ ପ୍ରଗତି ଶାଖା ଓ ରାଧା ରାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ଆନୁକୂଲ୍ୟରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଆମ୍ବେଦକର ଛକଠାରୁ ରେଲୱେ ଖେଳପଡ଼ିଆ ରାସ୍ତାରେ ହୋଇଥିବା ଏହି ପ୍ରତିଯୋଗିତାରେ ଶହ ଶହ ସଂଖ୍ୟାରେ ପ୍ରତିଯୋଗୀମାନେ ଭାଗ ନେଇ ସେମାନଙ୍କ ଭିତରେ ଥିବା କଳାକୃତି ପ୍ରଦର୍ଶନ କରିଥିଲେ । ଏଥିରେ ମୁରୁଜରେ ସମସ୍ତେ ଭିନ୍ନ ଭିନ୍ନ ପ୍ରକାର ଚିତ୍ର ଆଙ୍କିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଳ ବିଭାଗ ବରିଷ୍ଠ ଅଧିକାରୀ ୟୁ.ସି ବାଥମ, ସମ୍ମାନୀତ ଅତିଥି ଭାବେ କଣ୍ଟାବାଞ୍ଜି ରେଲୱେ ବିଭାଗ ଇଏନ ପ୍ରଶାନ୍ତ କୁମାର, ମାଟିର ମହୋତ୍ସବ ସଭାପତି ବ୍ରଜ ଶ୍ୟାମ ଗୁରୁ, ଡାକ୍ତର ଗୋବିନ୍ଦ ଅଗ୍ରୱାଲ, ଶୀତଳ ଅଗ୍ରୱାଲ, ମାରୱାଡ଼ି ଯୁବା ମଞ୍ଚ ପ୍ରଗତି ଶାଖାର ରୁଚି ଖଣ୍ଡେୱାଲ, ପୂଜା ଅଗ୍ରୱାଲ, ରାଧାରାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ରେଣୁକା ବେହେରା, ଯଶୋବନ୍ତି ବିଶି ପ୍ରମୁଖ ମଞ୍ଚାସୀନ ଥିଲେ । ସହ ସମ୍ପାଦକ ଦିନେଶ ମାହାନନ୍ଦ ମଞ୍ଚ ପରିଚାଳନା କରିଥିଲେ । ପ୍ରତିଯୋଗିତାରେ ବିଚାରକ ଭାବେ ଶିକ୍ଷକ ବିଶ୍ୱ ରଞ୍ଜନ ଦାସ, ହରି ଚନ୍ଦନ ଲେଙ୍କା ଯୋଗ ଦେଇଥିଲେ । ଦୀପ୍ତିବାହା ବେହେରା, ଅଞ୍ଜଳି ମାଝିଙ୍କ ସହ ମାଟିର ମହୋତ୍ସବ କମିଟିର ସମସ୍ତ ପଦାଧିକାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଯୁବ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାଟଣାଗଡ଼, ୭ ।୧(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଯୁଗୀମୁଣ୍ଡା-ମଲ୍ଲିକମୁଣ୍ଡା ରାସ୍ତାର ଏକ ଗଛରେ ଝୁଲୁଥିବା ଜଣେ ଯୁବ ବ୍ୟବସାୟୀଙ୍କ ମୃତଦେହକୁ ପାଟଣାଗଡ଼ ପୁଲିସ ଉଦ୍ଧାର କରିଛି । ମୃତକ ହେଲେ ବରବାହାଲ ଗାଁର କ୍ଷେତ୍ର କରୁଆଲ (୩୦) । ତେବେ ତାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।



ମଙ୍ଗଳବାର ସନ୍ଧ୍ୟା ୫ଟାରେ ସେ ବ୍ୟବସାୟ ଟଙ୍କା ସଂଗ୍ରହ ପାଇଁ ଠକପଡ଼ା ଓ ଯୁଗୀମୁଣ୍ଡା ଯାଇଥିଲେ । ଯୁଗିମୁଣ୍ଡାରୁ ସନ୍ଧ୍ୟା ସାଢେ ୭ଟାରେ ଘର ସାମଗ୍ରୀ କିଣି ଗାଁକୁ ଫେରିଥିଲେ । ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ କ୍ଷେତ୍ରଙ୍କ ଭାଇ ଭୀଷ୍ମଙ୍କ ସହ ପରିବାର ଲୋକେ ଖୋଜାଖୋଜି କରିଥିଲେ । ଖୋଜ ଖବର ନ ପାଇ ଭୀଷ୍ମ ରାତି ୧୦ଟା ବେଳେ ଗାଁକୁ ଫେରୁଥିଲେ । ଏହି ସମୟରେ ଯୋଗିମୁଣ୍ଡାଠାରୁ ୩ କିମି ଦୂର ମଲ୍ଲିକମୁଣ୍ଡା ରାସ୍ତା କଡରେ କ୍ଷେତ୍ରଙ୍କ ବାଇକ୍ ପଡ଼ିଥିବା ଦେଖିବାକୁ ପାଇଥିଲେ । ବାଇକଠାରୁ ଅନତି ଦୂରରେ ଏକ ଗଛରେ କ୍ଷେତ୍ର ଝୁଲୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ । ବୁଧବାର ସକାଳେ ପାଟଣାଗଡ଼ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରିଥିଲା । ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି । ଅପରପକ୍ଷରେ ସ୍ଥାନୀୟ ଲୋକଙ୍କ କହିବାନୁସାରେ କ୍ଷେତ୍ର ଜଣେ ଶାନ୍ତ ସରଳ ସ୍ୱଭାବର ବ୍ୟକ୍ତି ଥିଲେ । କାହା ସହ ତାଙ୍କର କଳି ଝଗଡ଼ା ନ ଥିଲା । ଯେଉଁ ସ୍ଥାନରେ ମୃତଦେହ ଝୁଲୁଥିଲା ସେହି ସ୍ଥାନରେ ଗତ ୧୫ ବର୍ଷ ପୂର୍ବରୁ ହତ୍ୟାକାଣ୍ଡ ହୋଇଥିଲା । ସେହି ସ୍ଥାନରେ ଅନେକ ସମୟରେ ଲୁଟ୍‌ପାଟ ମଧ୍ୟ ହେଉଥିଲା । କ୍ଷେତ୍ର ଫେରିବା ସମୟରେ ଦୁର୍ବୃତ୍ତ ତାଙ୍କୁ ଲୁଟ୍ କରିବାରେ ବିଫଳ ହେବାପରେ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଭାଇ ଭୀଷ୍ମ ଅଭିଯୋଗ ଆଣିଛନ୍ତି । ଅନ୍ୟପଟେ କ୍ଷେତ୍ର ଏକ ନୂଆ ପ୍ଲାଷ୍ଟିକ ଦଉଡିରେ ଝୁଲୁଥିଲେ । ଏଣୁ ଏହି ଦଉଡି କେଉଁ ଦୋକାନରୁ କିଣାଯାଇଛି ପୁଲିସ ଏହାର ତଦନ୍ତ କଲେ ପ୍ରକୃତ ରହସ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଦାବି ହେଉଛି ।

## ହରିଶଙ୍କର କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଖପ୍ରାଖୋଲ, ୭ ।୧(ସମିସ): ଖପ୍ରାଖୋଲ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଆନନ୍ଦିନି ଦର୍ଜି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । କେବଳ ପାଠପଢ଼ି ସାର୍ଟିଫିକେଟ ହାସଲ କରି ଚାକିରି କରିଦେଲେ ମଣିଷ ଜୀବନ ସାର୍ଥକ ହୋଇ ନ ଥାଏ । ଛାତ୍ରଛାତ୍ରୀ କ୍ରୀଡାରେ ଅଂଶଗ୍ରହଣ କରି ଶୃଙ୍ଖଳା ଶିକ୍ଷାଲାଭ କରିବା ସହ ଉତ୍ତମ ଚରିତ୍ରର ଅଧିକାରୀ ହେବାକୁ ସେ ତାଙ୍କ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶ ସଭାରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ପାଟଣାଗଡ଼ର ପୂର୍ବତନ ସହକାରୀ ଜିଲ୍ଲାପାଳ ପଦ୍ମନାଭ ପୁରୋହିତ, ଜିଲ୍ଲା ହକି ଆସୋସିଏସନ୍‌ର ପୂର୍ବତନ ସମ୍ପାଦକ ତଥା କ୍ରୀଡାବିତ୍ ପ୍ରଫୁଲ୍ଲ ବେହେରା, ଖପ୍ରାଖୋଲ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଇସ୍ୱାଲ ସୁନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ ଡୁମେରତଲେନ ମନ୍ଦିରରେ ପୂଜା ଅର୍ଚ୍ଚନା କରାଯିବା ପରେ ମଶାଲ ଶୋଭାଯାତ୍ରା ବାହାରିଥିଲା । ମନ୍ଦିର ପୂଝାରୀ ଯୁକ୍ତେଶ୍ୱର ବରିହା ପୂଜା ଅର୍ଚ୍ଚନା କରିଥିଲେ । ଛାତ୍ରୀ ନିଶି ପୁଟେଲ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଛାତ୍ରୀ ଅଞ୍ଜଳି ଗଡ଼ତ୍ୟା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଅଧ୍ୟାପିକା ମଧୁସ୍ମିତା ସାହୁ, ଅଧ୍ୟାପିକା ସୁନନ୍ଦା ଭୋଇ, ଅଧ୍ୟାପକ ଆଶୁତୋଷ ସିଂ ବୁଡେକ ପ୍ରମୁଖ ମଞ୍ଚାସୀନ ଥିଲେ । ସମ୍ମାନିତ ଅତିଥି ପଦ୍ମନାଭ ପୁରୋହିତ ନିଜ ପିତାମାତାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ବିଦ୍ୟାଳୟକୁ ୧୦ ହଜାର ଟଙ୍କା ଚେକ୍ ପ୍ରଦାନ କରିଥିଲେ । ଏହି ଅର୍ଥରାଶିରୁ ଉପଲବ୍ଧ ସୁଧ ପ୍ରତିବର୍ଷ ଗରିବ ତଥା ସଫଳ କ୍ରୀଡାବିତ୍‌ଙ୍କୁ ପ୍ରଦାନ କରାଯିବାକୁ ସେ ଘୋଷଣା କରିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ୧୫୦୦ ମିଟରର ଏକ ମାରାଥନ ଦୌଡ ହୋଇଥିଲା । ହରେଶ ବେହେରା, ପିଇଟି ଗୁଣମଣି ସାହୁ, ପିଇଟି ଡୋଲାମଣି ପଧାନ, ସହକାରୀ ଗ୍ରନ୍ଥାଗାରିକ ଗଙ୍ଗାଧର ଭଇଁଷାଲ, ନିରୋଜ ବାରିକ, ନନ୍ଦକିଶୋର ବାଗ, ଶିବରାଜ ସାହୁ, ବାଳକୃଷ୍ଣ ପୁଞ୍ଜି, ଗୁଣମଣି ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର

ବଲାଙ୍ଗିର, ୭ ।୧(ସମିସ)



ରାଜ୍ୟରେ ବୁଧବାର ୧୧୮ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଆଭାଷୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ବିଦ୍ୟାଳୟଗୁଡ଼ିକର ଶୁଭ ଦେଇଛନ୍ତି । ଏହି କ୍ରମରେ ଲୋଇସିଂହା ବ୍ଲକର ଝାରମୁଣ୍ଡା ଅଞ୍ଚଳ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଜିଲ୍ଲାପାଳ ଗୌରବ ଶିୱାଜୀ ଇସାଲୱାର, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରୁଣୀ ସୁନା, ବ୍ଲକ ଅଧ୍ୟକ୍ଷ ଜତିନ୍ଦ୍ର ପଟେଲ, ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ, ଜିଲ୍ଲା ପରିଷଦ ସଭ୍ୟସଭ୍ୟା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲାର ୧୦ଟି ପଞ୍ଚାୟତରେ ଏଡି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଙ୍ଗୋମୁଣ୍ଡା ବ୍ଲକର ବଙ୍ଗୋମୁଣ୍ଡା ପଞ୍ଚାୟତ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବେଲପଡ଼ା ବ୍ଲକର ବାଗଡ଼ର ପଞ୍ଚାୟତ କୁମ୍ଭାରଖନ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲୋଇସିଂହା ବ୍ଲକର ଝାରମୁଣ୍ଡା ପଞ୍ଚାୟତ ଅଞ୍ଚଳ ନୋଡାଲ ଉଚ୍ଚ ବିଦ୍ୟାଳୟ, ଆଗଲପୁର ବ୍ଲକର ବକ୍ସି ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୁରିବାହଲ ବ୍ଲକର ଚନାବାହଲ ପଞ୍ଚାୟତ କୁର୍ଲୁବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହଲଦୀ ପଞ୍ଚାୟତର ହଲଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଇଛାପଡ଼ା ପଞ୍ଚାୟତ ସରଗୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ଼ ବ୍ଲକର ତେଣ୍ଡାପଦର ପଞ୍ଚାୟତ ତେଣ୍ଡାପଦର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଟିଟିଲାଗଡ଼ ବ୍ଲକର ସିଲୁଆଁ ପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବଂ ତୁରେକେଲା ବ୍ଲକର ହିଆଲ ପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରଯାଇଥିଲା । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡିକ ରାଜ୍ୟର ଉଚ୍ଚ ବିଦ୍ୟାଳୟ ପାଇଁ ଏକ ଫିଡର ସ୍କୁଲ ଭାବରେ କାର୍ଯ୍ୟ କରିବ । ଯେଉଁ ସ୍କୁଲରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଥିବେ, ୨ ଏକରରୁ ଅଧିକ ଜମି ଉପଲବ୍ଧ ହେଉଥିବ ଏବଂ ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଥିବ ସେହି ସ୍କୁଲଗୁଡିକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ନିର୍ମାଣ କରାଯିବ । ବିଦ୍ୟାଳୟ ଭିତ୍ତିଭୂମିରେ ଉନ୍ନତି ଆଣିବା, ଆଧୁନିକ ଶିକ୍ଷାଦାନ ପଦ୍ଧତି ଗ୍ରହଣ କରିବା ଏବଂ ଅଭିଭାବକ, ପୂର୍ବତନ ଛାତ୍ର ଏବଂ ସ୍ଥାନୀୟ ଅଂଶୀଦାରଙ୍କ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବା, ଜାତୀୟ ଶିକ୍ଷା ନୀତି ୨୦୨୦ ସହିତ ସମନ୍ୱୟ ରଖି, ତୃତୀୟ ଶ୍ରେଣୀ ସୁଦ୍ଧା ମୌଳିକ ଶିକ୍ଷାଗତ ଦକ୍ଷତା ହାସଲ କରିବା ପାଇଁ ମୂଳଦୁଆକୁ ସୁଦୃଢ଼ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଅତିରିକ୍ତ ଶିକ୍ଷାଧିକାରୀ ପ୍ରବୀର ପଣ୍ଡା, ସରପଞ୍ଚ, ସମିତି ସଭ୍ୟସଭ୍ୟା, ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ, ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ ।

**କଣ୍ଟାବାଞ୍ଜି:** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ହିଆଁଲ ପଞ୍ଚାୟତ ସଦର ଗ୍ରାମରେ ବୁଧବାର ବ୍ଲକର ପ୍ରଥମ ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଛି । ଏହାକୁ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉଦ୍‌ଘାଟନ କରିଛନ୍ତି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହି ବିଦ୍ୟାଳୟ ଉଦ୍‌ଘାଟିତ ହୋଇଥିବା ବେଳେ ବ୍ଲକର ତୁରେକେଲା ବ୍ଲକ ହିଆଁଲ ପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟର ମାନ୍ୟତା ମିଳିଛି । ଏହି ଉଦଘାଟନୀ ଅବସରରେ ତୁରକେଲା ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପୁଟେଲ, ହିଆଁଲ ସରପଞ୍ଚ ଲୋକନାଥ ଥପା, ମୁକେଶ ବାଗ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକିର ଚରଣ ବିଶି ଓ ଜଗବନ୍ଧୁ ମାଝି, ଯୁଧିଷ୍ଠିର ଭରାସଗରିଆ (ପ୍ରଧାନ ଶିକ୍ଷକ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ହିଆଁଲ) ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସିଆରସିସି ଗୁରୁପ୍ରସାଦ ଛତ୍ରିଆ, ଧନସିଂ ମାଝି, କୃତିବାସ ବରିହା, ଅନୁପ ଦାସ, ଗଜୟ ଦାସ, ଗଜେନ୍ଦ୍ର ହରିଜନ, ଜଗମୋହନ ସେଠି, ମୋହନ ବରିହା, ରମେଶ ଚନ୍ଦ୍ର ସୁନା ପ୍ରମୁଖ ସହଯୋଗ କରିଥିଲେ । ପ୍ରଶାନ୍ତ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ।

**ମୁରିବାହାଲ:** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଇଛାପଡ଼ା ପଞ୍ଚାୟତ ସର୍ଗୁଲରେ ମଧ୍ୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସର୍ଗୁଲ୍ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜିତେନ୍ଦ୍ର ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଗଙ୍ଗାଧର ହେର୍ଣ୍ଣା, ଇଛାପଡ଼ା ସରପଞ୍ଚ ସୁଭାଷିନୀ ବେହେରା, ସମିତି ସଭ୍ୟ ତୋଫାନ ନାଗ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କାନ୍ତାରାମ ଧରୁଆ, ବାନ୍ଧୁପଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲିଲୁ ପଧାନ, ପରିଚାଳନା ସମିତି ସଭାପତି ଲିଙ୍ଗରାଜ ବେଷ୍ଟକାର ଅତିଥି ଭାବେ ଯୋଗ ଦେଇଥିଲେ । ଭୋଜରାଜ ପ୍ରଧାନ ସଭା ସଂଯୋଜନା କରିଥିଲେ । ଚଳକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜିତେନ୍ଦ୍ର ମାଝୀ ଧନ୍ୟବାଦ ଜ୍ଞାପନ କରିଥିଲେ । ପ୍ରକାଶ କୁମାର ପ୍ରଧାନ, ଜଗମୋହନ ରାଉତ, ନମିତା ଜାନି, ଆରତୀ ସିଂ ବରିହା, ରିତୁ ଭୋଇ, ପ୍ରମିଳା ସୁନା, ଦିବ୍ୟକାନ୍ତି ଭୋଇ, ସବିତା ପ୍ରଧାନୀ, ହୃଷିକେଶ ଅଦା, ଶଶିକାନ୍ତ ନାଗ, ଯଦୁମଣି ବେନିଆ, ଯୋଦ୍ଧାଜିତ୍ ମହାଲିଙ୍ଗ, ଜ୍ୟୋତିରଞ୍ଜନ ବର୍ଗେ, କୈଳାଶଚନ୍ଦ୍ର ସାହୁ, ବିକାଶ ରଞ୍ଜନ ଭୋଇ, ଶଙ୍କର ନାଗ ପ୍ରମୁଖ ସହଯୋଗ କରିଥିଲେ ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 05.01.2026
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

■ ଯୁବକଙ୍କୁ ଆକ୍ରମଣ ମାମଲା

# ପୁଲିସ କବ୍‌ଜାରେ ବାପ-ପୁଅଙ୍କ ସମେତ ୬ ନାବାଳକ

ବ୍ରହ୍ମପୁର,୭ ।୧(ସମିସ): ସ୍ଥାନୀୟ ବଡ଼ବଜାର ଥାନା ଅନ୍ତର୍ଗତ ଗ୍ରାମଦେବତୀ ସାହିର ଏକ ମଦ ଦୋକାନ ନିକଟରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଅନନ୍ତେଇ ଗ୍ରାମର ଯୁବକ ହେମନ୍ତ ସେଠୀ(୨୮)ଙ୍କୁ ଖଣ୍ଡାରେ ଗୋଡ଼ାଇ ଗୋଡ଼ାଇ ହାଣିବା ଅଭିଯୋଗରେ ପୁଲିସ ବାପା-ନାବାଳକ ପୁଅ ସମେତ ମୋଟ ୬ଜଣ ନାବାଳକଙ୍କୁ କାବୁ କରିଛି। ଗଣପତିନଗର ୩ୟ ଲାଇନର ନୀଳାଞ୍ଚଳ ଚୌଧୁରୀ, ତାଙ୍କ ନାବାଳକ ପୁଅ ସମେତ ଗ୍ରାମଦେବତୀ ସାହିର ଜଣେ ୧୬ବର୍ଷୀୟ ନାବାଳକ ରହିଥିବା ବେଳେ ପାଣିଗ୍ରାହୀପେଣ୍ଠର ୧୭ବର୍ଷୀୟ ନାବାଳକ ସମେତ ମୋଟ ୬ଜଣ ରହିଥିବା ଜଣାପଡିଛି। ୫ଜଣ ନାବାଳକଙ୍କୁ କାବୁ କରାଯିବା ପରେ କିଶୋର ନ୍ୟାୟ ବୋର୍ଡରେ ହାଜର କରାଯାଇଛି। ସେଠାରୁ ସମସ୍ତଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ପୁଲିସ ନାବାଳକଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ କରିଛି। ଏହାସହ ଅଭିଯୁକ୍ତ ନୀଳାଞ୍ଚଳ ଚୌଧୁରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଆଇ ତଥା ତଦନ୍ତ ଅଧିକାରୀ ସସ୍ମିତା ବେହେରା ସୂଚନା ଦେଇଛନ୍ତି।

ସୂଚନା ପ୍ରକାରେ, ହେମନ୍ତ ଜଣେ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ସେ ବ୍ରହ୍ମପୁରର ଗ୍ରାମଦେବତୀ ସାହିସ୍ଥିତ ମଦ ଦୋକାନକୁ ଯାଇଥିଲେ। ସେଠାରେ କୌଣସି କାରଣରୁ କିଛି ନାବାଳକଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। କିଛିସମୟ ପରେ ସଂପୃକ୍ତ ନାବାଳକମାନେ ଖଣ୍ଡା ସହ ବିଭିନ୍ନ ମାରଣାସ୍ତ୍ର ଧରି ସେଠାରେ ହେମନ୍ତଙ୍କୁ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ହେମନ୍ତ ଆହତ ହେବା ପରେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ହେମନ୍ତ ବଡ଼ବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ୧୮୨ କେଜି ଭାଙ୍ଗ, ୬ କେଜି ଗଞ୍ଜେଇ ଜବତ; ୩ଗିରଫ





ବ୍ରହ୍ମପୁର/ଦିଗପହଣ୍ଡି, ୭ ।୧(ସମିସ): ଅବକାରୀ ବିଭାଗ ପକ୍ଷରୁ ବ୍ରହ୍ମପୁର ଓ ଦିଗପହଣ୍ଡିର ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ୧୮୨କେଜି ଭାଙ୍ଗ ଓ ୬କେଜି ଗଞ୍ଜେଇ ଜବତ କରାଯାଇଛି। ବ୍ରହ୍ମପୁରରୁ ଟ୍ରେନ ଯୋଗେ ଜଣେ ଯୁବକ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ କରୁଥିବା ସୂଚନା ପାଇ ଅବକାରୀ ବିଭାଗ ଇନ୍ସପେକ୍ଟର ମନିଷା ଭୋଳଙ୍କ ନେତୃତ୍ୱରେ ଏକ ଟିମ ରେଳଷ୍ଟେସନ ନିକଟରେ ଯାଞ୍ଚ କରିଥିଲେ। ବ୍ୟାଗ ସହ ଷ୍ଟେସନ ଅଭିମୁଖେ ଯାଉଥିବା କନ୍ଧମାଳ ଜିଲ୍ଲା ଟିକାବାଲିର ସିକୁ ପ୍ରଧାନଙ୍କୁ ଅବକାରୀ ବିଭାଗ ପକ୍ଷରୁ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚ ବେଳେ ତାଙ୍କ ବ୍ୟାଗରୁ ୬କେଜି ଗଞ୍ଜେଇ ଜବତ ହୋଇଥିଲା। ସେହିପରି ଅବକାରୀ ବିଭାଗ ପକ୍ଷରୁ ଦିଗପହଣ୍ଡି ଥାନା ଅନ୍ତର୍ଗତ ଚଷା ନିମଖଣ୍ଡି ରାସ୍ତାରେ ଏକ ଅଟୋରୁ ୧୩୨କେଜି ଭାଙ୍ଗ ଜବତ ହୋଇଥିଲା। ଏହି ସବୁ ଭାଙ୍ଗ ଚାଲାଣ ପାଇଁ ଅବକାରୀ ଟିକସ ପ୍ରଦାନ କରାଯାଇନଥିବା ଜଣାପଡିଥିଲା। ଅଟୋରେ ଭାଙ୍ଗ ଚାଲାଣ କରୁଥିବା ପୁରୀ ବଳିଆପଣ୍ଡାର ଭାସ୍କର ବେହେରାଙ୍କୁ ଗିରଫ କରାଯାଇଥିଲା। ସେହିପରି ଦିଗପହଣ୍ଡି ଚଷା ନିମଖଣ୍ଡି ଅଞ୍ଚଳରୁ ଏକ ବାଇକରେ ୫୦କେଜି ଭାଙ୍ଗ ଚାଲାଣ ବେଳେ ଏମ ବଲ୍ଲଭ ମୁଳି ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇଛି।

■ ପୀତବାସ ପଣ୍ଡା ହତ୍ୟା ମାମଲା

# ୧୨ରେ ମଳୟ ଓ ସୁନୀଲଙ୍କ ଜାମିନ ଆବେଦନର ଶୁଣାଣି

ବ୍ରହ୍ମପୁର,୭।୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ଜାମିନ ଆବେଦନ କରିଥିବା ଦୁଇ ଅଭିଯୁକ୍ତଙ୍କ ଶୁଣାଣି ଆସନ୍ତା ୧୨ରେ ହେବାକୁ ଦିନ ଧାର୍ଯ୍ୟ ହୋଇଛି। ମାମଲାରେ ଗିରଫ ହୋଇଥିବା ବିଇଏମ୍‌ସିର ୪୧ନମ୍ବର କର୍ପୋରେଟର ମଳୟ ବିଶୋୟୀ ଓ ସୁନୀଲ କୁମାର ହୋତାଙ୍କ ପକ୍ଷରୁ ସେମାନଙ୍କ ଓକିଲ ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ ପିଟିସନ ଦାଖଲ କରିଛନ୍ତି। ଗିରଫ କର୍ପୋରେଟର ମଳୟ ବିଶୋୟୀଙ୍କୁ ଷଡ଼ଯନ୍ତ୍ରକାରୀ ଓ ସୁନୀଲ ହୋତା ହତ୍ୟାକାରୀଙ୍କୁ ଆଶ୍ରୟ ଦେଇଥିବା ଦର୍ଶାଇ ପୁଲିସ ଗିରଫ କରିଛି। ପୂର୍ବରୁ ସୁନୀଲ ହୋତାଙ୍କ ଜାମିନ ଆବେଦନ ଉଭୟ ଏସଡିଜେଏମ ଓ ଅତିରିକ୍ତ ଜିଲ୍ଲା ଦୌରା ଜଜ୍(ତୃତୀୟ)ଙ୍କ କୋର୍ଟରେ ଖାରଜ ହୋଇସାରିଥିବା ବେଳେ କର୍ପୋରେଟର ମଳୟ ବିଶୋୟୀଙ୍କ ପାଇଁ ପ୍ରଥମ ଥର ପାଇଁ ଜାମିନ ଆବେଦନ କରାଯାଇଛି। ଏହି ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ମାମଲାରେ ପୁଲିସ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ଶିବଶଙ୍କର ଦାଶଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୫ଜଣଙ୍କ ଜାମିନ ଆବେଦନକୁ ଦୁଇଟି ପର୍ଯ୍ୟାୟରେ ସ୍ଥାନୀୟ ପୃଥକ ପୃଥକ କୋର୍ଟ ଖାରଜ କରିସାରିଛନ୍ତି। ତେବେ ବର୍ତ୍ତମାନ ପୁଲିସ ପକ୍ଷରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରାଥମିକ ଚାର୍ଜସିଟ ଦାଖଲ ପରେ ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ କର୍ପୋରେଟର ମଳୟ ବିଶୋୟୀଙ୍କ ପାଇଁ ଆଇନଜୀବୀ କୃଷ୍ଣ ପଟ୍ଟନାୟକ ଓ ସୁନୀଲ ହୋତାଙ୍କ ପାଇଁ ଆଇନଜୀବୀ ଚକ୍ରଧର ନାହାକ କୋର୍ଟରେ ଜାମିନ ଆବେଦନ କରିଛନ୍ତି। ସେପଟେ ସ୍ଥାନୀୟ ଏସଡିଜେଏମ ଓ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ)ଙ୍କ କୋର୍ଟରେ ଜାମିନ ଆବେଦନ ଖାରଜ ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଜାମିନ ଆବେଦନ କରିଛନ୍ତି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା।

## ଏମ୍‌କେସିଜି ଯକ୍ଷ୍ମା ଓ ଛାତିରୋଗ ବିଭାଗ ରୋଗୀଙ୍କ ସରୁନି ଦୁଃଖ

# ହାଡ଼ଭଙ୍ଗା ଶୀତରେ ମିଳୁନି ବେଡ୍‌ସିଟ୍; ଚଟାଣରେ ଶୋଉଛନ୍ତି ରୋଗୀ



ବ୍ରହ୍ମପୁର,୭।୧(ସମିସ):

ରାଜ୍ୟ ସମେତ ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ପାଣିପାଗ ବିଭିନ୍ନ ପକ୍ଷରୁ ବିଭିନ୍ନ କାରଣକୁ ନେଇ ସଚେତନ କରାଯାଉଛି। ଏମକେସିଜି ମେଡ଼ିକାଲର ଯକ୍ଷ୍ମା ଓ ଛାତି ରୋଗ ବିଭାଗରେ ଚିକିତ୍ସା ହେଉଥିବା ରୋଗୀଙ୍କ ଦୁଃଖ ବୃଦ୍ଧି ପାଇବାରେ ଲାଗିଛି। ହାଡ଼ଭଙ୍ଗା ଶୀତରେ ମଧ୍ୟରେ ବିଭାଗରେ ଚିକିତ୍ସିତ ରୋଗୀଙ୍କୁ ଆବ୍ୟଶକ ମୁତାବକ ବେଡ୍‌ସିଟ ଓ ମ୍ୟାଟ୍ରେସେସ୍ ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଛି। ବିଭାଗରେ ମୋଟ ୩୦ଟି ଶଯ୍ୟା ରହିଥିବା ବେଳେ ୫୦ରୁ ୫୫ଜଣ ରୋଗୀ ଚିକିତ୍ସିତ ହୋଇଥାନ୍ତି। ମଞ୍ଜୁରୀ ଶଯ୍ୟାକୁ ଛାଡ଼ିଦେଲେ ଅନ୍ୟ ରୋଗୀଙ୍କ ବେଡ୍ ମିଳିବା ଦୂରର କଥା ରୋଗୀଙ୍କୁ ମେଟ୍ରସ ମଧ ବିଭାଗ ପକ୍ଷରୁ ପ୍ରଦାନ କରାଯାଉନି। ଯକ୍ଷ୍ମା(ଟିଭି) ଭଳି ମାରତ୍ମକ ରୋଗରେ ପୀଡ଼ିତ ରହିଥିବା ରୋଗୀମାନେ କେବଳ ଚଟାଣରେ ପଟି ପକାଇ ଶୋଉଥିବା ଦେଖିବାକୁ ମିଳିଛି। ହସ୍ପିଟାଲ ୱାଡର୍‌ରେ ରୋଗୀଙ୍କ ଭିଡ଼ ଥିବା ସତ୍ତ୍ୱେ ମୌଳିକ ସୁବିଧା ଯୋଗାଇ ଦେବାରେ ବିଭାଗ ବିଫଳ ହେଉଥିବା ଅଭିଯୋଗ ହୋଇଛି। ବେଡ୍‌ସିଟ ଓ ମେଟ୍ରସ ନ ଥିବାରୁ ରୋଗୀମାନେ ନିଜ ଘରୁ କପଡ଼ା ଆଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଯେଉଁମାନେ ଗରିବ ଓ ଅସହାୟ, ସେମାନେ ସିଧାସଳଖ ଚଟାଣରେ ଶୋଇପଡୁଛନ୍ତି।

ରୋଗୀଙ୍କ ସହ ଆସୁଥିବା ସମ୍ପର୍କୀମାନେ କହିଛନ୍ତି, ଶୀତ ଦିନରେ ଏଭଳି ଅବସ୍ଥା ରୋଗୀଙ୍କ ସ୍ୱାସ୍ଥ୍ୟକୁ ଆହୁରି ଖରାପ କରୁଛି। ବିଶେଷକରି ବୃଦ୍ଧ, ଶିଶୁ ଓ ଗୁରୁତର ରୋଗୀମାନେ ଅଧିକ ପ୍ରଭାବିତ ହେଉଛନ୍ତି। ସେହିପରି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଯକ୍ଷ୍ମା ନିୟନ୍ତ୍ରଣ ପାଇଁ ମାସ୍କ ବ୍ୟବହାର, ସଚେତନତା ଓ ସୁରକ୍ଷା ବ୍ୟବସ୍ଥା ଅବଶ୍ୟକ ବୋଲି କହୁଥିବା ବେଳେ ବିଭାଗରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଯକ୍ଷ୍ମା ପରି ସଂକ୍ରାମକ ରୋଗରେ ମାସ୍କ ବ୍ୟବହାର ଅତ୍ୟନ୍ତ ଜରୁରୀ ଥିବା ସତ୍ତ୍ୱେ ବିଭାଗରେ ମାସ୍କ ଅଭାବରୁ ରୋଗୀ ଓ ସେମାନଙ୍କୁ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ତେଣୁ ବିଭାଗରେ ଚିକିତ୍ସିତ ରୋଗୀ ଏବଂ ସେମାନଙ୍କୁ ପର୍ଯ୍ୟାପ୍ତ ମାସ୍କ ଯୋଗାଣ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ରୋଗୀଙ୍କ ତୁଳନାରେ ବିଭାଗରେ ଶଯ୍ୟା ସଂଖ୍ୟ ଯଥେଷ୍ଟ କମ ରହିଥିବାରୁ ଏହାର ସଂଖ୍ୟ ବୃଦ୍ଧି କରିବାକୁ ବିଭାଗ ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଇଛି। ଗରିବ ଓ ଅସହାୟ ରୋଗୀ ତୁରନ୍ତ ବେଡ୍‌ସିଟ, ମେଟ୍ରସ ଓ ଶୀତବସ୍ତ୍ର ଯୋଗାଇ ଦେବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଧାରିବାକୁ ଦାବି ହୋଇଛି। ଯଦି ଶୀଘ୍ର ପଦକ୍ଷେପ ନ ନିଆଯାଏ, ତେବେ ଆଗାମୀ ଦିନରେ ରୋଗୀଙ୍କ ସମସ୍ୟା ଆହୁରି ଗଭୀର ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏନେଇ ଜିଲ୍ଲା ପ୍ରଶାସନ ଓ ଏମକେସିଜି ହସ୍ପିଟାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହାର ସ୍ଥାୟୀ ସମାଧାନ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ରାଜ୍ୟସ୍ତରୀୟ ଓ ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ ଉଦ୍‌ଘାଟିତ

ବ୍ରହ୍ମପୁର,୭।୧(ସମିସ): ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀ ତରଫରୁ ବ୍ରହ୍ମପୁର ଗୋଷାଣୀନୂଆଗାଁ ସ୍ଥିତ ଗୋପାଳକୃଷ୍ଣ ରଙ୍ଗମଞ୍ଚରେ ବୁଧବାର ନବମ ରାଜ୍ୟସ୍ତରୀୟ ତଥା ୩୫ତମ ଦକ୍ଷିଣ ଓଡିଶା ନାଟକ ମହୋତ୍ସବର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟକ ଭାବେ ନାଟ୍ୟକାର ଡା. ତିରୁପତି ସାହୁ ଏହାକୁ ଉଦଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ମୁଖ୍ୟବକ୍ତା ଭାବେ ସଂସ୍କୃତି ଓ ସାହିତ୍ୟପ୍ରେମୀ ଇଂ. ଯାମିନିକାନ୍ତ ଦାସ ଯୋଗଦେଇ ଦୀର୍ଘ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ନାଟକ ମହୋତ୍ସବକୁ ପ୍ରଶଂସା କରିଥିଲେ। ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀର ସଭାପତି ବଳରାମ ଦାସଙ୍କ ପୌରହିତ୍ୟରେ ଆୟୋଜିତ ପ୍ରଥମ ସନ୍ଧ୍ୟାର ସଭାରେ ସାଧାରଣ ସମ୍ପାଦକ ରମେଶ ମହାରଣା, ଡି. ସୋମେୟା, ସପନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ସନ୍ଧ୍ୟାରେ ଭଞ୍ଜନଗର ଲୁଦୁଲୁଦି ଗୁରୁନାଥ ସାଂସ୍କୃତିକ ପରିଷଦ ତରଫରୁ ବିଜୟ କୁମାର ପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ"ଥୁଣ୍ଟା ବରଗଛ' ପ୍ରଥମ ନାଟକ ଭାବେ ମଂଚସ୍ଥ ହୋଇଥିଲା। ଦ୍ୱିତୀୟ ନାଟକ ଭାବେ ଖୋର୍ଦ୍ଧା ଆଦର୍ଶ କଳାକାର ନାଟ୍ୟ



ଅନୁଷ୍ଠାନ ତରଫରୁ ରମେଶ ପରିଡାଙ୍କ ରଚିତ ଓ ରତ୍ନାକର ପ୍ରଧାନଙ୍କ ନିର୍ଦ୍ଦେଶିତ ନାଟକ 'ବସୁଧା' ମଂଚସ୍ଥ ହୋଇଥିଲା। ପ୍ରଥମ ସନ୍ଧ୍ୟାରେ ସୀମାଞ୍ଚଳ ବେହେରା ଅତିଥି ଆବାହନ କରିଥିବା ବେଳେ ସଂଜ୍ଞା ସମାହିତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ବିଚିତ୍ରାନନ୍ଦ ବେବେର୍ତ୍ତାଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।

# ବିଦ୍ୟୁତ୍ ଆଘାତରେ ହୋମଗାର୍ଡ ମୃତ

ଛତ୍ରପୁର,୭ ।୧(ସମିସ): ବିଦ୍ୟୁତ ଆଘାତରେ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ପୁରୁଣାପାଟଣା ଗ୍ରାମର ଦିବାକର ଗୌଡ଼। ଦିବାକର ନିଜ ଘର ସମ୍ମୁଖରେ ଚାଲିଥିବା ଭୋଜିରେ ଯୋଗ ଦେବାକୁ ଯାଇଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମେଡିକାଲରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ।

# କଏଦୀଙ୍କ ମାନସିକ ସ୍ଥିତି ପରଖିବେ ଡାକ୍ତର

ବ୍ରହ୍ମପୁର,୭ ।୧(ସମିସ): ବ୍ରହ୍ମପୁର ଜେଲ୍‌ରେ ନିଯୁକ୍ତ ହେବେ ମାନସିକ ରୋଗ ବିଶେଷଜ୍ଞ ଓ ଯୋଗ ପ୍ରଶିକ୍ଷକ। କର୍ତ୍ତୃପକ୍ଷ ଏଥିପାଇଁ ବିଜ୍ଞାପନ ପ୍ରକାଶ କରିଛନ୍ତି।

- ■ ନିଯୁକ୍ତ ହେବେ ମାନସିକ ରୋଗ ବିଶେଷଜ୍ଞ
- ■ ଯୋଗ, ପ୍ରାଣାୟାମ ଶିଖାଇବେ ୨ ପ୍ରଶିକ୍ଷକ

ଜଣେ ମାନସିକ ରୋଗ ବିଶେଷଜ୍ଞ ଓ ୨ ଜଣ ଯୋଗ ପ୍ରଶିକ୍ଷକ ନିଯୁକ୍ତ ହେବେ। ସେମାନେ କଏଦୀଙ୍କ ମାନସିକ ସ୍ଥିତି ପରଖିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରେଇବେ। ବ୍ରହ୍ମପୁର ମଣ୍ଡଳ କାରାଗାରରେ ଏବେ ୮୧୨ ଜଣ କଏଦୀ ଅଛନ୍ତି। ସେମାନଙ୍କ ଭିତରୁ ୩୨ ଜଣ ମାନସିକ ରୋଗରେ ପୀଡିତ। ଦୀର୍ଘଦିନ ଧରି ଚାରିକାନ୍ଥ ଭିତରେ ବନ୍ଦୀ ହୋଇ ରହିବା ଫଳରେ ସେମାନଙ୍କ ମାନସିକ ସ୍ଥିତି ବିଗିଡ଼ି ଯାଉଛି। ଜେଲ୍‌ରେ ୩୨ ଜଣ ଅନ୍ତେବାସୀ ମାନସିକ ରୋଗ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସିତ ହେଉଛନ୍ତି। ଏମ୍‌କେସିଜିରୁ ଡାକ୍ତର ମାସକୁ ଥରେ ଆସି ସେମାନଙ୍କ ଚିକିତ୍ସା ଓ କାଉନ୍‌ସେଲିଂ କରୁଛନ୍ତି। ଏବେ ଜଣେ ନିୟମିତ ମାନସିକ ରୋଗ ବିଶେଷଜ୍ଞ ଓ ଯୋଗ ପ୍ରଶିକ୍ଷକ ନିଯୁକ୍ତି ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ଏନେଇ ବିଜ୍ଞାପନ ପ୍ରକାଶ ପାଇଛି। ପ୍ରାର୍ଥୀ ନିଯୁକ୍ତି ପାଇଲେ ସପ୍ତାହକୁ ୫ ଦିନ ଜେଲ୍‌କୁ ଯାଇ କଏଦୀଙ୍କ ମାନସିକ ସ୍ଥିତି ଯାଞ୍ଚ କରିବେ। ସେମାନଙ୍କୁ କାଉନ୍‌ସେଲିଂ କରିବେ। ସେହିପରି ୨ ଜଣ ଯୋଗ ପ୍ରଶିକ୍ଷକ ବି ନିଯୁକ୍ତ ହେବେ। କଏଦୀମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ସେମାନେ ଧ୍ୟାନ ଦେବେ। ଯୋଗ ଓ ପ୍ରାଣାୟାମ ଦ୍ୱାରା ସୁସ୍ଥ ଶରୀର ଗଠନ ଲାଗି ପ୍ରଶିକ୍ଷଣ ଦିଆଯିବ ବୋଲି ଜେଲ୍ ସୁପରିଟେଣ୍ଡେଣ୍ଟ ଧିରେନ୍ଦ୍ର ନାଥ ବାରିକ କହିଛନ୍ତି।

# ସ୍କୁଲ ଛାତ ମରାମତି ନେଇ ପୁରାତନ ଛାତ୍ରଙ୍କ ଆଲୋଚନା



ବ୍ରହ୍ମପୁର,୭।୧(ସମିସ): ପୁରୁଣା ବ୍ରହ୍ମପୁର ସରକାରୀ ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା କୁମାରୀ ପଟ୍ଟନାୟକଙ୍କ ସହ ବିଦ୍ୟାଳୟର ୧୯୭୪ ମସିହା ମେଟ୍ରିକ୍ ଛାତ୍ର ସଂସଦର ପ୍ରତିନିଧି ସାକ୍ଷାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ କୋଠା ଉପର ମହଲା ଛାତର ତଳ ପଲସ୍ତରା ଝଡି ପଡୁଥିବାରୁ ଏହାର ମରାମତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତବର୍ଷ ସାଂସଦ ଏବଂ ବିଧାୟକ ବିଦ୍ୟାଳୟ ପରିଦର୍ଶନରେ ଆସି ଏହାର ଦୁରାବସ୍ଥା ଦେଖି ଯଥାଶୀଘ୍ର ଏହାର ମରାମତି ସମ୍ପର୍କରେ ଆଶ୍ୱାସନା ଦେଇଥିବା ପ୍ରଧାନ ଶିକ୍ଷୟିତ୍ରି କହିଥିଲେ। ଆଲୋଚନା ବେଳେ ଏ ଅବସରରେ ଛାତ୍ର ସଂସଦର ଆବାହକ ନିରଞ୍ଜନ ମହାପାତ୍ର, ସଭାପତି ଅକ୍ଷୟ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ, ଉପଦେଷ୍ଟା ମହେନ୍ଦ୍ର କୁମାର ଅଗ୍ରୱାଲ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ବେହେରା ସଦସ୍ୟ ସୀମାଞ୍ଚଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ଏସ୍‌ଏଚ୍‌ଜି ମହିଳାଙ୍କୁ ପ୍ରଶିକ୍ଷଣ



ବ୍ରହ୍ମପୁର/ଛତ୍ରପୁର,୭।୧(ସମିସ): ଗ୍ରାମୀଣ ମହିଳାମାନଙ୍କ ଜୀବିକା ସୁଦୃଢ଼ କରିବା ସହ ଉଦ୍ୟମିତାକୁ ଅଧିକ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଗୋପାଳପୁର ବନ୍ଦରର ସାମାଜିକ ଦାଇତ୍ୱବୋଧ କାର୍ଯକ୍ରମ ଅନ୍ତର୍ଗତ ଆଦାନୀ ଫାଉଣ୍ଡେସନ ପକ୍ଷରୁ ବନ୍ଦର ପାଶ୍ୱର୍ବର୍ତ୍ତୀ ପଞ୍ଚାୟତ ଗୁଡ଼ିକର ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ମହିଳା ସଦସ୍ୟମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଆରମ୍ଭ କରାଯାଇଛି। ଏହି ପ୍ରଶିକ୍ଷଣ ଶିବିର ଆର୍ଯ୍ୟପଲ୍ଲୀ, କଣମଣା, ଚମାଖଣ୍ଡି, କାଳିପଲ୍ଲୀ ଓ ଶ୍ରୀରାମଚନ୍ଦ୍ରପୁର ଆଦି ପଞ୍ଚାୟତରେ ଆୟୋଜନ କରାଯିବ। ଏହା ମାଧ୍ୟମରେ ପ୍ରାୟ ୩୦୦ମହିଳା ସଦସ୍ୟା ଲାଭାନ୍ୱିତ ହେବେ। ଆଜି କଣମଣା ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ଛତ୍ରପୁର ତହସିଲଦାର ମୃଣାଳିକା ରାଠୋର ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ। ଏହି ଅବସରରେ କଣମଣା ସରପଞ୍ଚ ପ୍ରତିନିଧି ବି. ସୀମାଦ୍ରୀ ପାତ୍ର, ପୂର୍ବତନ ସରପଞ୍ଚ ଏସ୍. ଚକ୍ରପାଣି ରେଡ୍ଡୀ, ଏଫଏଫଡ଼ିସି ନିର୍ଦ୍ଦେଶକ ଭି.ଭି. ରାମାରାଓ, ଓଡ଼ିଶା ଜୀବିକା ମିଶନ ବିପଏମ ମାନିନୀ ଜେନା, ଗୋପାଳପୁର ବନ୍ଦରର ଶିଳ୍ପ ସମ୍ପର୍କ ମୁଖ୍ୟ ଭକ୍ତ ବନ୍ଧୁ ସତପଥୀ ଓ ଆଦାନୀ ଫାଉଣ୍ଡେସନର ଦେବଦତ୍ତ ମିଶ୍ର ଉପସ୍ଥିତ ଥିଲେ।

ତହସିଲଦାର ମୃଣାଳିକା ରାଠୋର କହିଥିଲେ ଯେ, ଏହିପରି ପ୍ରଶିକ୍ଷଣ କାର୍ଯକ୍ରମ ମାଧ୍ୟମରେ ମହିଳାମାନେ ଯେଉଁ ଜ୍ଞାନ ଓ ଦକ୍ଷତା ଅର୍ଜନ କରିବେ, ତାହା ସେମାନଙ୍କ ପରିବାରର ଅନ୍ୟ ସଦସ୍ୟଙ୍କୁ ଶିଖାଇବା ସହ ଆଗାମୀ ପିଢ଼ିକୁ ଲାଭନ୍ୱିତ କରିପାରିବେ। ଏହି ପ୍ରଶିକ୍ଷଣ ଶିବିରରେ ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର କାର୍ଯ୍ୟପ୍ରଣାଳୀ, ରେକର୍ଡ ପତ୍ର ଲେଖି ରଖିବା, ହିସାବ ପରିଚାଳନା କରିବା, ଅଡିଟ୍ ପ୍ରକ୍ରିୟା ଏବଂ ସରକାରୀ, ବେସରକାରୀ ଓ କର୍ପୋରେଟ୍ ସଂସ୍ଥାଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ସହିତ ମହିଳାମାନଙ୍କ ପାଇଁ ଉଦ୍ୟମିତା ବିକାଶ, ବ୍ୟବସାୟ ସୁଯୋଗ, ବଜାର ସଂଯୋଗ ଏବଂ ଓରମାସ୍ ସହିତ ଅନ୍ୟାନ୍ୟ ସଂସ୍ଥା ମାଧ୍ୟମରେ ସହଯୋଗ, ଆର୍ଥିକ ସାକ୍ଷରତା ଅଧୀନରେ ସଞ୍ଚୟ, ବିଭିନ୍ନ ବୀମା ଯୋଜନା, ବିଭିନ୍ନ ଋଣ ଯୋଜନା, ସୁଧ ରିହାତି ଓ ପରିଶୋଧ ପ୍ରକ୍ରିୟା ଆଦି ବିଷୟରେ ଅଭିଜ୍ଞ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ କିଆ ଚାଷକୁ ଏକ ସ୍ଥାୟୀ ଜୀବିକା ଭାବେ କିପରି ସୁଯୋଗ ସୃଷ୍ଟି ହେବା ସହ କିଆଫୁଲର ଗୁରୁତ୍ୱ, ଉପଯୁକ୍ତ ଜଳବାୟୁ ଓ ମାଟି, ଚାଷ ପ୍ରଣାଳୀ ସମ୍ପର୍କରେ ଏଫଏଫଡ଼ିସି ନିର୍ଦ୍ଦେଶକ ଭି.ଭି. ରାମାରାଓ ଏକ ସ୍ୱତନ୍ତ୍ର ଅଧିବେଶନ ମାଧ୍ୟମରେ ଆଲୋଚନା କରିଥିଲେ।

**ଆକ୍ସନ ମୋଡ୍‌ରେ ଏମ୍‌କେସିଜି କର୍ତ୍ତୃପକ୍ଷ**

# କାଜୁଆଲଟି ଓ ଓଟି ଘଟଣାରେ ନୋଟିସ୍ ଜାରି

ବ୍ରହ୍ମପୁର,୭।୧(ସମିସ):

ଦକ୍ଷିଣ ଓଡ଼ିଶାର ଏକମାତ୍ର ସରକାରୀ ରେଫରାଲ ହସ୍ପିଟାଲ ହେଉଛି ବ୍ରହ୍ମପୁରର ଏମ୍‌କେସିସଜି ମେଡିକାଲ କଲେଜ ଓ ହସ୍ପିଟାଲ। ଉନ୍ନତ ଚିକିତ୍ସା ସେବା ପାଇଁ ଏହା ଉପରେ ଦୈନିକ ହଜାର ହଜାର ସଂଖ୍ୟକ ରୋଗୀ ନିର୍ଭର କରିଥାନ୍ତି। ତେବେ ସରକାରୀ ହସ୍ପିଟାଲ ହୋଇଥିବାରୁ ଏଠାରେ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଚିକିତ୍ସାସେବା ପାଇବାରୁ ବଞ୍ଚିତ ହେଉଛନ୍ତି ରୋଗୀ। ଏଭଳି ବିଭିନ୍ନ ଘଟଣାକୁ ନେଇ ନିୟମିତ ବ୍ୟବଧାନରେ ଚର୍ଚ୍ଚାର ପରିସରକୁ ଆସିଛି ଏମକେସିଜି ମେଡିକାଲ। ଏହି କ୍ରମରେ ନିକଟରେ ନଜରକୁ ଆସିଥିବା ଦୁଇଟି ଘଟଣାରେ ଆକ୍ସନ ମୋଡକୁ ଆସିଛନ୍ତି ଏମକେସିଜି ମେଡିକାଲ କର୍ତ୍ତୃପକ୍ଷ। ହସ୍ପିଟାଲର କାଜୁଆଲଟିରେ ଶଯ୍ୟା ସହିତ ସାଲାଇନ ଷ୍ଟାଣ୍ଡର ଅଭାବର ବିକଳ ଚିତ୍ର ଦେଖିବାକୁ ମିଳିଥିଲା ଏକ ଘଟଣାରେ। ଜଣେ ବୃଦ୍ଧା ନିଜ ସମ୍ପର୍କୀୟଙ୍କୁ ଲାଗିଥିବା ସାଲାଇନ୍‌କୁ ଧରି ରାତି ତମାମ ବସି ରହିଥିବା ଘଟଣାର ଦୃଶ୍ୟ ଭାଇରାଲ ହୋଇଥିଲା। ଯାହା କେବଳ ଚିକିତ୍ସା କ୍ଷେତ୍ରରେ ଅବହେଳାର ନିଦର୍ଶନ ନୁହେଁ ବରଂ ମାନବିକ ଅଧିକାରର ଉଲଂଘନ ମଧ୍ୟ। ଘଟଣାର ପ୍ରଚାର ଓ ପ୍ରସାର ପରେ କାଜୁଆଲଟି ମେଡିକାଲ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ସେହିଭଳି ଜରୁରୀକାଳୀନ ଅସ୍ତ୍ରୋପଚାର ଗୃହରେ ବିଦ୍ୟୁତ ବିଭ୍ରାଟ ସମ୍ପର୍କିତ ଘଟଣାରେ ମଧ୍ୟ କର୍ତ୍ତୃପକ୍ଷ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡିଛି। ଏହି ଘଟଣାରେ ଏମର୍ଜେନ୍ସି ଓଟି ଦାୟିତ୍ୱରେ ଥିବା ନର୍ସିଂ ଅଫିସରଙ୍କ ସମେତ ବିଭାଗୀୟ ମୁଖ୍ୟଙ୍କୁ ନୋଟିସ ଜାରି କରି ଲିଖିତ ଉତ୍ତର ତଲବ କରାଯାଇଥିବା ଜଣାପଡିଛି। ଏନେଇ ସୂଚନା ଦେଇଛନ୍ତି ଖୋଦ୍ ଡାକ୍ତରଖାନାର ଅଧୀକ୍ଷକ ପ୍ରଫେସର ଡାକ୍ତର ଦୁର୍ଗା ଶତପଥୀ। ଡାକ୍ତରଖାନାର ସମସ୍ତ ଓଟି ଓ ବିଭିନ୍ନ ବିଭାଗରେ ଯେଭଳି ଆଗକୁ ବିଦ୍ୟୁତ୍ ବିଭ୍ରାଟ ନହୁଏ ସେଥିପାଇଁ

**ୟୁପିଏସ୍ ପାଇଁ ଏଷ୍ଟିମେଟ ଦେଇ ଚୁପ ବସିଛି ଜିଇଡି ବିଭାଗ**

**ଅନ୍ଧାରରେ ଡାକ୍ତରଖାନା ଅଧୀକ୍ଷକ**

ଆଗୁଆ ପ୍ରସ୍ତୁତି ଭାବେ ୟୁପିଏସ୍ ସଜାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ସରକାରଙ୍କ ଜିଇଡି ବିଭାଗ ଅଧିନରେ ରହିଛି ସମଗ୍ର ମେଡିକାଲ ଓ ଓଟି। କେଉଁଭଳି ପରିସ୍ଥିତିରେ ଓଟି ପ୍ରକୋଷ୍ଠରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେଲା ସେନେଇ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀଙ୍କୁ ରିପୋର୍ଟ ତଲବ କରାଯାଇଛି। ତେବେ ଘଟଣାରେ ଓଟିର ୟୁପିଏସ ଖରାପ ଥିବା ଦର୍ଶାଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନୂତନ ୟୁପିଏସ ବାବଦରେ ଗତ ୨୦୨୪ ଜାନୁଆରୀରେ ଏଷ୍ଟିମେଟ ବା ବ୍ୟୟ ଅଟକଳ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥିବା ଜିଇଡି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏନେଇ ଖୋଦ୍ ଡାକ୍ତରଖାନାର ଅଧିକ୍ଷକ ଅବଗତ ନଥିବା କହିଛନ୍ତି ପ୍ରଫେସର ତ୍ରିପାଠୀ। ଏଥିରୁ ସ୍ପଷ୍ଟ ହେଉଛି ଜିଇଡି ବିଭାଗ ଏଷ୍ଟିମେଟ ଦେଇ ନିଜର ଦାୟିତ୍ୱ ତୁଲାଇ ଦେଇ ବର୍ଷ ତମାମ ଚୁପ ବସିଛି। ଯଦ୍ୱାରା ଓଟି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ଘଟଣା ସମୟରେ ଡାକ୍ତରୀ ଟିମ କୌଣସି ଅସ୍ତ୍ରୋପଚାର ନକରି ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତି ହେଉଥିବାରୁ କୌଣସି ଅଘଟଣ ଘଟିନଥିଲା। ତେବେ ଯଦି ଅସ୍ତ୍ରୋପଚାର ସମୟରେ ଏଭଳି ଘଟଣା ଘଟିଥାନ୍ତା ତେବେ ରୋଗୀଙ୍କ କ୍ଷତି ପାଇଁ କିଏ ଦାୟୀ ରହିଥାନ୍ତା ବୋଲି ପ୍ରଶ୍ନ ଉଠିଛି। ସେହିଭଳି ଡାକ୍ତରଖାନାର ବିଭିନ୍ନ ବିଭାଗର କୋଠାରେ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ପାଇଁ ସ୍ୱତନ୍ତ୍ର ଡିଜି ବା ଜେନେରେଟରର ବ୍ୟବସ୍ଥା କରାଯାଇଛି। ଏହାର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ଘରୋଇ ସଂସ୍ଥାକୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ତଥାପି ଏଭଳି ଘଟଣାରେ ସରକାରଙ୍କ ଜିଇଡି ବିଭାଗ ଓ ସରକାରଙ୍କ ଦ୍ୱାରା ଟେଣ୍ଡର ଜରିଆରେ ନିୟୋଜିତ ଥିବା ଘରୋଇ ସଂସ୍ଥାକୁ ଉତ୍ତରଦାୟୀ କରାନଯିବା ପଛର ରହସ୍ୟ କଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଉଭୟ ଘଟଣାରେ ରାଜନୈତିକ ଚାପ ଓ କିକ ବ୍ୟାକ କାମ କରୁଥିବା ଅଭିଯୋଗ ହୋଇଛି। ଏଣୁ ରୋଗୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ଉଭୟ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି ହୋଇଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 05.01.2026

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# କଟକ ସିଟି



## ପାଟଣା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ସଙ୍ଗମ ସାହୁଙ୍କ ଶପଥ ଗ୍ରହଣ



କଟକ, ୭।୧ (ସମିସ): ପାଟଣା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ସଙ୍ଗମ କୁମାର ସାହୁ ବୁଧବାର ଶପଥ ଗ୍ରହଣ କରିଛନ୍ତି। ବିହାର ଲୋକ ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍ ଜଷ୍ଟିସ ସାହୁଙ୍କୁ ଶପଥ ପାଠ କରାଇଥିଲେ। ଏହି ଶପଥଗ୍ରହଣ ସମାରୋହରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ପାଟନା ହାଇକୋର୍ଟର ସମସ୍ତ ବିଚାରପତି, ଓଡିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ସାବିତ୍ରୀ ରଥ, ଓଡିଶା ହାଇକୋର୍ଟ ବାର୍ ଆସୋସିଏସନର ସଭାପତି ମନୋଜ କୁମାର ମିଶ୍ର, ପୂର୍ବତନ ସଭାପତି ବିଜୟ କୁମାର ଦାଶ, ବିଭୂତିଭୂଷଣ ଚୌଧୁରୀଙ୍କ ସହିତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଁ ଓଡ଼ିଶା ହାଇକୋର୍ଟର ବିଚାରପତି ଥିବା ଜଷ୍ଟିସ ସାହୁଙ୍କ ନାମ ସୁପ୍ରିମକୋର୍ଟ କଲେଜିୟମ ୨୦୨୫, ଡିସେମ୍ବର ୧୮ରେ ସୁପାରିସ କରିଥିଲା। ଗତ ଜାନୁଆରୀ ୧ରେ ତାଙ୍କ ନିଯୁକ୍ତି ନେଇ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୧୪, ଜୁଲାଇ ୨ରେ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ।

## ବଡ଼ ମେଡିକାଲରେ ଅଘଟଣ
# ବୃଦ୍ଧ ରୋଗୀଙ୍କ ମୁଣ୍ଡରେ ସିଲିଂ ଛିଣ୍ଡିଲା

କଟକ,୭।୧(ସମିସ):

ବୁଧବାର ଅପରାହ୍ନରେ ବଡ଼ ମେଡିକାଲରେ ଏକ ଅଘଟଣ ଘଟିଯାଇଛି। ପୁରୁଣା ମେଡିସିନ ୱାର୍ଡରେ ଚିକିତ୍ସାଧୀନ ୭୫ବର୍ଷୀୟ ବୃଦ୍ଧ ନାରାୟଣଦାସଙ୍କ ମୁଣ୍ଡରେ ସିଲିଂ ଛିଣ୍ଡି ପଡ଼ିଛି। ନାରାୟଣଙ୍କ ମୁଣ୍ଡ ସମ୍ମୁଖ ଭାଗରୁ ଫାଟିଥିବା ବେଳେ ବାମପଟ ଆଖିରେ ମଧ ଆଘାତ ଲାଗିଛି। ଏହି ଘଟଣାକୁ ନେଇ ୱାର୍ଡରେ ଉତ୍ତେଜନା ଦେଖା ଦେଇଥିଲା। ନାରାୟଣଙ୍କ ପରିବାର ଲୋକ ସମେତ ଅନ୍ୟ ରୋଗୀ ସମ୍ପର୍କୀୟ ହୋହାଲ୍ଲା କରିଥିଲେ। ମେଡିକାଲ ଫାଣ୍ଡି ପୁଲିସ ଏବଂ ଏସସିବି ପ୍ରଶାସନିକ କାର୍ଯ୍ୟାଳୟର ଅଧିକାରୀ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳ(ବିଜେଡି)ର ଏକ ପ୍ରତିନିଧିମଣ୍ଡଳୀ ଆଜି ସନ୍ଧ୍ୟାରେ ଆହତ ନାରାୟଣଙ୍କୁ ଭେଟିବା ସହ ଏସ୍‌ସିବି ମେଡିକାଲରେ ଏଭଳି ଅବ୍ୟବସ୍ଥା ବିରୋଧରେ ବର୍ଷିଥିଲେ। ରାଜ୍ୟ ସରକାରଙ୍କ ଅପରାଗତା ଯୋଗୁଁ ବଡ ମେଡିକାଲରେ ମଧ ରୋଗୀ ସୁରକ୍ଷିତ ନୁହନ୍ତି ବୋଲି କହିଥିଲେ। ପ୍ରତିନିଧିମଣ୍ଡଳୀରେ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହ, ମହମ୍ମଦ ସକିଲ, ପ୍ରକାଶ ସିଂହ,

### ପୁରୁଣା ମେଡିସିନ ୱାର୍ଡରେ ଉତ୍ତେଜନା

### ଆହତ ବୃଦ୍ଧଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

ତାପସ ମହାନ୍ତି, ସୁଦର୍ଶନ ଜେନା, ଯୁଧିଷ୍ଠିର ବିଶ୍ୱାଳ, ରାଜେନ୍ଦ୍ର ରଣା ପ୍ରମୁଖ ସାମିଲ ଥିଲେ।

ନାରାୟଣଙ୍କ ଘର ଖୋର୍ଦ୍ଧା ଜିଲ୍ଲା ଅଟ୍ରି ଅଞ୍ଚଳରେ। ମଧୁମେହରେ ପୀଡ଼ିତ ନାରାୟଣଙ୍କ ମୁଣ୍ଡ ବୁଲାଇବା ସହ ସେ ଦୁର୍ବଳ ଅନୁଭବ କରୁଥିଲେ। ମଙ୍ଗଳବାର ନାରାୟଣଙ୍କୁ ଖୋର୍ଦ୍ଧା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ମଙ୍ଗଳବାର ବିଳମ୍ବିତ ରାତି ୧ଟାରେ



ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତାଙ୍କୁ ପୁରୁଣା ମେଡିସିନ ୱାର୍ଡର ପ୍ରଥମ ମହଲାରେ ରଖାଯାଇଥିଲା। ନାରାୟଣଙ୍କ ସାନପୁଅ ପ୍ରମୋଦଙ୍କ କହିବା ମୁତାବକ, ଆଜି ଦିନ ପ୍ରାୟ ୨.୩୦ ହେବ। ନାରାୟଣ ଶଯ୍ୟା ନଂ-୧୪୫ରେ ଚିକିତ୍ସିତ ହେଉଥିଲେ। ଏତିକି ବେଳେ ସିଲିଂ ଭୁଶୁଡ଼ି ପଡ଼ିବା ସହ ପ୍ଲାଷ୍ଟର ଏବଂ ଲୁହା ଖଣ୍ଡ ତାଙ୍କ ମୁଣ୍ଡରେ ପଡ଼ିଥିଲା। ନାରାୟଣ ଚିତ୍କାର କରିବାକୁ ଲାଗିଥିଲେ। ପୁରୁଣା ମେଡିସିନ ୱାର୍ଡ ଲୋକାରଣ୍ୟ ହୋଇ ପଡ଼ିବା ସହ ତୁରନ୍ତ ନାରାୟଣଙ୍କୁ ଅନ୍ୟ ଏକ ଶଯ୍ୟାକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣା ଜଣାପଡ଼ିବା ପରେ ଫାଣ୍ଡି ପୁଲିସ ଏବଂ ଏସ୍‌ସିବିର କେତେକ ଅଧିକାରୀ ସେଠାକୁ ଆସି ଲୋକଙ୍କୁ ବୁଝାସୁଝା କରିଥିଲେ। ପୁଅ ପ୍ରମୋଦ ଅଭିଯୋଗ କରିଛନ୍ତି ଯେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ରୋଗୀଙ୍କ ଜୀବନ ବିପଦ ମୁହଁରେ ପଡୁଛି। ବୃଦ୍ଧାବସ୍ଥାରେ ତାଙ୍କୁ ସୁସ୍ଥ କରିବା ପାଇଁ କଟକ ବଡ଼ ମେଡିକାଲ ଆଣିଥିଲୁ। ହେଲେ ଏଠାରେ ସେ ଆହୁରି ଦୁର୍ଦ୍ଦଶା ଭୋଗିଲେ। ଘଟଣାକୁ ଚପାଇ ଦେବା ପାଇଁ ୱାର୍ଡର କେତେକ କର୍ମଚାରୀ ଉଦ୍ୟମ କରୁଥିଲେ।

### ମୁଁ ମତାମତ ଦେବା ପାଇଁ ଉପଯୁକ୍ତ ନୁହେଁ: ଅଧୀକ୍ଷକ

ବଡ଼ ମେଡିକାଲରେ ରୋଗୀ ମୁଣ୍ଡରେ ସିଲିଂ ଖସି ପଡ଼ିବା ଭଳି ସମ୍ବେଦନଶୀଳ ଘଟଣା ଘଟିଥିଲେ ସୁଦ୍ଧା ଅଧୀକ୍ଷକ(ଇନଚାର୍ଜ) ପ୍ରଫେସର ଡଃ ଗୌତମ ଶତପଥୀ ଏହାକୁ ଖୁବ ହାଲୁକାର ସହ ଗ୍ରହଣ କରିଥିବା ଜଣାପଡ଼ିଛି। ମତାମତ ନିମନ୍ତେ ତାଙ୍କ ପ୍ରକୋଷ୍ଠକୁ ଯିବା ସମୟରେ ସେ ଗଣମାଧ୍ୟମ ସମ୍ମୁଖରେ କିଛି କହିବାକୁ ରୋକଠୋକ ମନା କରିଦେଇଥିଲେ। ଏହି ଘଟଣାରେ ମତାମତ ଦେବା ପାଇଁ ମୁଁ ଉପଯୁକ୍ତ ନୁହେଁ ବୋଲି ଉତ୍ତର ରଖିଥିଲେ। ଅତିରିକ୍ତ ଅଧୀକ୍ଷକ ଡଃ ଜ୍ୟୋତିର୍ମୟ ନାୟକ ଗଣମାଧ୍ୟମ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କୁ ଖୋଜିକି ମତାମତ ପଚାରିବାକୁ ଅଧୀକ୍ଷକ ପ୍ରଫେସର ଶତପଥୀ କହିଥିଲେ।



ସହରର ବିଭିନ୍ନ ଫାଷ୍ଟଫୁଡ ଦୋକାନରେ ସିଏମସି ଓ ଫୁଡ ସ୍କ୍ୱାଡ ପକ୍ଷରୁ ଚଢ଼ଉ

## 'ଡାକ୍ତରଙ୍କ ବିରୋଧରେ ଏସମା ପ୍ରୟୋଗ ଅଗଣତାନ୍ତ୍ରିକ'

କଟକ,୭।୧(ସମିସ): ସେବା ସମ୍ବନ୍ଧୀୟ ସଂସ୍କାର ଏବଂ ଦରମା ବୈଷମ୍ୟ ଦୂରୀକରଣ ଦାବିରେ ଆନ୍ଦୋଳନ କରୁଥିବା ସରକାରୀ ଡାକ୍ତରମାନଙ୍କ ବିରୋଧରେ ରାଜ୍ୟ ସରକାର 'ଅତ୍ୟାବଶ୍ୟକ ସେବା ରକ୍ଷଣାବେକ୍ଷଣ ଆଇନ' (ଏସମା) ପ୍ରୟୋଗ କରିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହି ପଦକ୍ଷେପକୁ ସେଣ୍ଟର ଫର ପ୍ରୋଟେକସନ ଅଫ ଡେମୋକ୍ରାଟିକ ରାଇଟ୍ସ ଆଣ୍ଡ ସେକୁଲାରିଜମ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ନିଜର ନ୍ୟାର୍ଯ୍ୟ ଦାବି ପାଇଁ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ଡାକ୍ତରମାନଙ୍କ ସ୍ୱରକୁ ଦମନ କରିବା ପାଇଁ ଏସମା ଭଳି କଠୋର ଆଇନର ବ୍ୟବହାର ସରକାରଙ୍କ ଏକଛତ୍ରବାଦୀ ମନୋଭାବକୁ ପ୍ରତିଫଳିତ କରୁଛି। ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ ଅଧୀନରେ ଥିବା ଡାକ୍ତରମାନେ ସାଧାରଣ ରୋଗୀଙ୍କ ସେବାକୁ ଦୃଷ୍ଟିରେ ରଖି ଜରୁରୀକାଳୀନ ଓ ଇନଡୋର ସେବା ବଜାୟ ରଖିଛନ୍ତି। ଏହା ସତ୍ତ୍ୱେ ସରକାର ସେମାନଙ୍କ ଉପରେ ଦଣ୍ଡବିଧାନ ଆଇନ ଲଦିଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସିପିଡିଆରଏସ ମତବ୍ୟକ୍ତ କରିଛି। ଡାକ୍ତରମାନଙ୍କ ଉପରୁ ତୁରନ୍ତ ଏସମା ପ୍ରତ୍ୟାହାର କରିବା ସହ ସେମାନଙ୍କ ବିରୋଧରେ କୌଣସି ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ସଂଗଠନ ଦାବି କରିଛି। ସେହିପରି ସରକାର ଡାକ୍ତର ସଂଘର ପ୍ରତିନିଧିଙ୍କ ସହ ସିଧାସଳଖ ଓ ସ୍ୱଚ୍ଛ ଆଲୋଚନା କରି ଦରମା ବୈଷମ୍ୟ ଓ କର୍ମଚାରୀ ଅଭାବ ପରି ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସିପିଡିଆରଏସ ପକ୍ଷରୁ କୁହାଯାଇଛି।

## ଟେଣ୍ଟ ଓ ଲାଇଟ୍ ମାଲିକ ସଂଘର ସମ୍ମିଳନୀ




କଟକ,୭।୧(ସମିସ): କଟକ ସହିଦ ଭବନରେ ଆଜି କଟକ ଜିଲ୍ଲା ଟେଣ୍ଟ ହାଉସ, ସପ୍ଲାୟର୍ସ ଓ ଲାଇଟ ମାଲିକ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଦଳର ପ୍ରମୁଖ ଜନପ୍ରତିନିଧି ଓ ନେତୃବୃନ୍ଦ ବ୍ୟବସାୟୀଙ୍କ ମନୋବଳ ବୃଦ୍ଧି କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଏବଂ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ବ୍ୟବସାୟିକ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବିଜେପି ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ରାଜ୍ୟ ବିଜେପି ନେତା ସନ୍ତୋଷ ମହାନ୍ତି ଏବଂ କଟକ-ଚୌଦ୍ୱାର ବିଜେପି ନେତା ପ୍ରମୋଦ ସାହୁ ଉପସ୍ଥିତ ରହି ସଂଘକୁ ସମସ୍ତ ପ୍ରକାରର ସହଯୋଗ ଯୋଗାଇଦେବାକୁ କହିଥିଲେ। ସଂଘର ଏହି ବୈଠକରେ ରାଜ୍ୟସ୍ତରୀୟ ତଥା ଜିଲ୍ଲାସ୍ତରୀୟ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ଓଡିଶା ଟେଣ୍ଟ, ସପ୍ଲାୟର୍ସ ଓ ଲାଇଟ୍ ସଙ୍ଘର ଅଧ୍ୟକ୍ଷ ଅଟଳ ବିହାରୀ ଜେନା, ସଭାପତି ଦେବେନ୍ଦ୍ର ନାଥ ପଣ୍ଡା, ସମ୍ପାଦକ ପ୍ରଦୀପ୍ତ କୁମାର ଭଞ୍ଜ, ଅର୍ଗାନାଇଜର ସମ୍ପାଦକ ଜଗନ ଜେନା, ପରାମର୍ଶଦାତା ପ୍ରବୋଧ ଦାସ ଏବଂ କୋଷାଧ୍ୟକ୍ଷ ଜୟ ନାରାୟଣ ସିଂ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏଥି ସହ କଟକ ଜିଲ୍ଲା ଅଧ୍ୟକ୍ଷ ସରୋଜ ଆଚାର୍ଯ୍ୟ, ଜିଲ୍ଲା ସଭାପତି ରବୀନ୍ଦ୍ର ଦାସ ଏବଂ ଜିଲ୍ଲା ସମ୍ପାଦକ ନରେନ୍ଦ୍ର ସାହୁ ମଧ୍ୟ ଉପସ୍ଥିତ ରହି ସ୍ଥାନୀୟ ସଭ୍ୟମାନଙ୍କୁ ସଂଗଠିତ କରିଥିଲେ। ଅଲ ଇଣ୍ଡିଆ ସମ୍ପାଦକ ପ୍ରଭାତ କୁମାର ସାହୁଙ୍କ ଉପସ୍ଥିତି ଏହି ବୈଠକକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିଥିଲା। ବ୍ୟବସାୟୀମାନଙ୍କ ମଧ୍ୟରେ ଭାଇଚାରା ବଜାୟ ରଖିବା ସହ ସେମାନଙ୍କ ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ସଂଘ ସର୍ବଦା ଚେଷ୍ଟା କରିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା।

## ଜିଲ୍ଲା ବିଜେପିର ନୂତନ ସମ୍ପାଦକ ହେଲେ ସ୍ୱାଧୀନ

କଟକ,୭।୧(ସମିସ): କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱାଧୀନ ନୂତନ ଜିଲ୍ଲା



କମିଟିକୁ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି ଅନୁମୋଦନ ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ବିଜେପିର ନୂତନ ସାଂଗଠନିକ କମିଟିରେ ଜଣାଶୁଣା ଛାତ୍ର ନେତା ସ୍ୱାଧୀନ ମହାନ୍ତିଙ୍କୁ ଜିଲ୍ଲାର ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଡିଜିଟାଲ ସୁରକ୍ଷା ଓ ସାଇବର ବୁଲିଂ ସମ୍ପର୍କିତ ସଚେତନତା

କଟକ,୭।୧(ସମିସ): ସାଇବର ସୁରକ୍ଷା ଓ ସଚେତନତା ସମ୍ବନ୍ଧିତ ଏକ ଦିନିକିଆ କର୍ମଶାଳା ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ କଲ୍ୟାଣ ବିଭାଗ କାର୍ଯ୍ୟାଳୟ ତରଫରୁ ବେଟୀ ବଚାଓ ବେଟୀ ପଢାଓ ଯୋଜନା ଅନ୍ତର୍ଗତ ଡିଜିଟାଲ ସୁରକ୍ଷା ଓ ସାଇବର ବୁଲିଂ ବିଷୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଛାତ୍ରଛାତ୍ରୀ ଓ ଯୁବ ସମାଜକୁ ଡିଜିଟାଲ ଜଗତରେ ସୁରକ୍ଷିତ ରହିବା, ସାଇବର ଅପରାଧରୁ ସଚେତନ ହେବା ଏବଂ ସାଇବର ବୁଲିଂ ସମସ୍ୟାକୁ ଠିକ୍ ଭାବେ ମୁକାବିଲା କରିବା ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ସମୟରେ ଇଣ୍ଟରନେଟ ଏବଂ ସୋସିଆଲ ମିଡିଆର ବୃଦ୍ଧି ସହିତ ସାଇବର ବୁଲିଂ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭାବରେ ଦେଖା ଯାଉଛି ଏହି କାରଣରୁ ସାଇବର ବୁଲିଂ ସମ୍ପର୍କରେ ସଚେତନତା ସୃଷ୍ଟି କରିବାପାଇଁ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ବିଭିନ୍ନ ବ୍ଲକରୁ ଆସିଥିବା କିଶୋରୀଙ୍କୁ ସେମାନଙ୍କ ପାରଦର୍ଶିତା ପାଇଁ ଉପହାର ସ୍ୱରୂପ ୧ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିନାକ୍ଷୀ ଠାକୁର, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବବିତା ଜେନା, ଅତିରିକ୍ତ ଶିକ୍ଷା ଅଧିକାରୀ ମାନସୀ ଦଳେଇ, ଆଇନଜୀବୀ ବିଜୟ ପଣ୍ଡା, ପ୍ରକଳ୍ପ ଅଧିକାରୀ ସ୍ୱର୍ଣ୍ଣମୟୀ ଦାସ, ଜିଲ୍ଲା ସଂଯୋଜକ ରଶ୍ମୀରଞ୍ଜନ ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଉପସ୍ଥିତ ଥିଲେ।

■ ଦୁର୍ଦ୍ଦିନରେ ସାହାହେଲା ଜିଲ୍ଲା ପ୍ରଶାସନ

## ଗୁଡୁଲିଙ୍କୁ ମିଳିଲା ସହାୟତା

କଟକ,୭।୧(ସମିସ): ଜଣେ ଅସହାୟା ମହିଳାଙ୍କୁ ଜୀବିକା ଯୋଗାଇଦେଇ ପୁଣିଥରେ ହସ ଫେରାଇ ଆଣିଛି କଟକ ଜିଲ୍ଲା ପ୍ରଶାସନ। ଢେଙ୍କାନାଳ ଅଞ୍ଚଳର ଗୁଡୁଲି ବେହେରା, ଯିଏ କି କଟକ ଗୋପାଳପୁରଠାରେ ଏକ ସଡ଼କ ଦୁର୍ଘଟଣାରେ ନିଜ ସ୍ୱାମୀଙ୍କୁ ହରାଇ ସମ୍ପୂର୍ଣ୍ଣ ନିଃସହାୟ ହୋଇପଡ଼ିଥିଲେ, ତାଙ୍କୁ ଜିଲ୍ଲାପାଳଙ୍କ ସହାୟତାରେ ଆତ୍ମନିର୍ଭରଶୀଳ ହେବା ପାଇଁ ଏକ ନୂଆ ବାଟ ମିଳିଛି। ସୂଚନାଯୋଗ୍ୟ ଯେ ଗୁଡୁଲିଙ୍କ ସ୍ୱାମୀ ଥିଲେ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ। ତାଙ୍କ ମୃତ୍ୟୁ ପରେ ଘରେ ଥିବା ବୃଦ୍ଧା ଶାଶୁ, ପକ୍ଷାଘାତ ପୀଡ଼ିତ ଶ୍ୱଶୁର ଏବଂ ଦୁଇଟି କୁନି ଝିଅଙ୍କ ପ୍ରତିପୋଷଣ ଗୁଡୁଲିଙ୍କ ପାଇଁ ଏକ ବଡ଼ ଆହ୍ୱାନ ସାଜିଥିଲା। ଏଭଳି ସଙ୍କଟ ସମୟରେ ଆଇନଜୀବୀ ଜୀବନଜ୍ୟୋତି ଯାଦବ ଓ ସ୍ୱାଗତିକା ପଣ୍ଡାଙ୍କ ସହାୟତାରେ ସେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଗୁଡୁଲିଙ୍କ ଦୁଃଖଦ କାହାଣୀ ଶୁଣିବା ପରେ ତାଙ୍କୁ ଭବିଷ୍ୟତ ଯୋଜନା ବିଷୟରେ ପଚାରିଥିଲେ। ଗୁଡୁଲି ସିଲେଇ ମେସିନ୍ ଚଳାଇ ନିଜ ପରିବାର ଚଳାଇବାକୁ ଆଗ୍ରହ ପ୍ରକାଶ କରିବା ପରେ, ଜିଲ୍ଲାପାଳ ତୁରନ୍ତ ରେଡକ୍ରସ ପାଣ୍ଠିରୁ ତାଙ୍କୁ ଏକ ସିଲେଇ ମେସିନ୍ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହାନ୍ତ ଗୁଡୁଲିଙ୍କୁ ଏହି ସିଲେଇ ମେସିନ୍ ପ୍ରଦାନ କରିଛନ୍ତି। କେବଳ ସିଲେଇ ମେସିନ୍ ନୁହେଁ, ବରଂ ଗୁଡୁଲିଙ୍କୁ ଅଧିକ ଦକ୍ଷ କରିବା ପାଇଁ ପ୍ରଶାସନ ପକ୍ଷରୁ ସିଲେଇ ତାଲିମ ଯୋଗାଇଦେବାକୁ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଛି। ଏଥି ସହ ଏକ ଅଜଣା ଗାଡ଼ି ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବାରୁ ସରକାରୀ ପ୍ରକ୍ରିୟା ଶେଷ ହେବା ପରେ ତାଙ୍କୁ ରେଡକ୍ରସ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ପ୍ରଶାସନର ଏହି ତ୍ୱରିତ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିବା ବେଳେ ଗୁଡୁଲିଙ୍କ ପରିବାରରେ ଆଶାର ଆଲୋକ ଦେଖାଦେଇଛି।



## ବୀଣାପାଣି ଦାସଙ୍କ ସ୍ମୃତିସଭା

କଟକ,୭।୧(ସମିସ): ଓଡ଼ିଶାର ବିଶିଷ୍ଟ ଜନ ନେତ୍ରୀ ,ବିପ୍ଳବିଣୀ ବୀଣାପାଣି ଦାସ ଡିସେମ୍ବର ୨୨ ତାରିଖରେ ୭୯ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ସ୍ମୃତିରେ ଆଜି କଟକ ଗାନ୍ଧୀ ଭବନଠାରେ ବିଶିଷ୍ଟ ନାଗରିକମାନଙ୍କ ପକ୍ଷରୁ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଛି। ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ଏହି ସଭାରେ ସଭାପତିତ୍ୱ କରିଥିଲେ। ସଭାରେ ଚିତ୍ତରଞ୍ଜନ ମହାନ୍ତି, ଆଡଭୋକେଟ ଗୁରୁ ମହାନ୍ତି, ସୁକାନ୍ତ ନାୟକ, କ୍ଷୀରୋଦ ରାଉତ, ଅରବିନ୍ଦ ମଲ୍ଲିକ, ପ୍ରଫେସର ବିରେନ୍ଦ୍ର ନାୟକ, ପ୍ରତାପ ଶତପଥି, ଇଞ୍ଜିନିୟର କ୍ଷୀରୋଦ ମହାପାତ୍ର, ଡ. ବିଶ୍ୱଜିତ୍, ବାମପନ୍ଥୀ ନେତା ରବି ମଲ୍ଲିକ, ଶ୍ୟାମସୁନ୍ଦର ଦାସ, ଡଲି ଦାସ, ବିଶ୍ୱାବସୁ ଦାସ ପ୍ରମୁଖ ସହରର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନେ ବୀଣାପାଣି ଦାସଙ୍କୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ନିବେଦନ କରିଥିଲେ ଏବଂ ପ୍ରୟାତ ନେତ୍ରୀ ବୀଣାପାଣି ଦାସଙ୍କ ସ୍ମୃତିଚାରଣ କରିଥିଲେ। ଏସୟୁସିଆଇ (କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ସଦସ୍ୟ ଦ୍ୱାରିକାନାଥ ବକ୍ତବ୍ୟ ରଖି ବୀଣାପାଣି ଦାସଙ୍କ ଦୀର୍ଘ ସାଢ଼େ ପାଞ୍ଚ ଦଶନ୍ଧି ବ୍ୟାପୀ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। ଶେଷରେ ଖଗେଶ୍ୱର ସେଠୀ ଧନ୍ୟବାଦ ଦେଇଥିଲେ।




## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

କଟକ,୭।୧(ସମିସ): ବୁଧବାର ରାଜ୍ୟର ୧୧୮ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଜ୍ୟସ୍ତରୀୟ ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କଟକ ଜିଲ୍ଲାର ଦୁଇଟି ବିଦ୍ୟାଳୟ ଯଥା ସରକାରୀ ଉପ୍ରା ବିଦ୍ୟାଳୟ, ରାମଚଣ୍ଡୀ, ବାଙ୍କୀ ଡମପଡା ଓ ମୁଣ୍ଡଳୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ବାରଙ୍ଗରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜିଲ୍ଲାସ୍ତରୀୟ ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ମୁଣ୍ଡଳୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ବାରଙ୍ଗ ପରିସରରେ କାର୍ଯ୍ୟକ୍ରମର ଶୁଭ ଅବସରରେ ଅତିଥିଭାବରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଅତିରିକ୍ତ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ଅଭିଜିତା ଭାସ୍କର, ସନ୍ତୋଷ ସେଠୀ, ବାରଙ୍ଗ ୩୨ନଂ ଜୋନ ଜିଲ୍ଲା ପରିଷଦ ତୁଷାରକାନ୍ତ ଚକ୍ରବର୍ତ୍ତୀ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳେଇ, ବିଡିଓ ସ୍ୱାଗତ ଦାସ, ବିଇଓ ବିଭୂତି ଭୂଷଣ ବେହେରା, ସାଂସଦଙ୍କ ପ୍ରତିନିଧି ଭୂପତି ଭୂଷଣ ପାଣି, ବିଆରସିସି ପ୍ରଫୁଲ୍ଲ ରଥ, ସରପଞ୍ଚ କଣ୍ଢେଇ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ।

# ଜିଲ୍ଲାରେ ୧୩ ମିଲର କିଣିବେ ଧାନ

କଟକ,୭।୧(ସମିସ):

ଚଳିତ ବର୍ଷ ଖରିଫ ଋତୁରେ କଟକ ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇପାରି ନ ଥିବା ବେଳେ ଆଜି ମିଲର ମାନେ ଆନ୍ଦୋଳନରୁ ଓହରିବା ପରେ ଆସନ୍ତା କାଲି ଠାରୁ ଧାନ କିଣା ସ୍ୱାଭାବିକ ହେବ ବୋଲି କୁହାଯାଇଛି। କଟକ ଜିଲ୍ଲାରେ ଆସନ୍ତାକାଲି ଠାରୁ ମିଲର ମାନେ ଧାନ ସଂଗ୍ରହ କରିବେ ବୋଲି କହିଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ପାତ୍ର। ଆସନ୍ତାକାଲି ପ୍ରଥମେ ଆଠଗଡ ଓ ବାଙ୍କୀ ସବଡିଭିଜନରୁ ଧାନ କିଣା ଆରମ୍ଭ ହେବ। ତେବେ ଜିଲ୍ଲାରେ ସମସ୍ତ ମଣ୍ଡି ୧୦ତାରିଖ ସୁଦ୍ଧା ଖୋଲି ଧାନ କିଣା ଆରମ୍ଭ ହେବାକୁ ଲକ୍ଷ୍ୟ ରଖାଯାଇଛି।

ଅନ୍ୟପଟରେ ଏହି ସମୟରେ ଧାନ କିଣା ଆରମ୍ଭ ନହେଲେ ଚାଷୀ ମାନଙ୍କୁ ମିଳିଥିବା ଟୋକନ ତାରିଖ ଗଡିଯିବାର ଆଶଙ୍କା ଦେଖାଦେଇଛି। ଧାନ ସଂଗ୍ରହ ପାଇଁ ଟୋକନ ତାରିଖ ଆରମ୍ଭ ହୋଇଥିବା ବେଳେ ଏହା ୧୫ ଦିନ ପର୍ଯ୍ୟନ୍ତ ରହିବ। ଏହି ସମୟ ମଧ୍ୟରେ ଧାନ ସଂଗ୍ରହ ନ ହେଲେ ଟୋକନ ଅକାମୀ ହୋଇଯିବ।

### ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ

### ୧୦ତାରିଖ ସୁଦ୍ଧା ସମସ୍ତ ୨୧୩ ମଣ୍ଡି ଖୋଲିବ

ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାନ କିଣା ପାଇଁ ସମୟ ରହିଥିଲେ ସୁଦ୍ଧା ମିଲରଙ୍କ ଆନ୍ଦୋଳନ ପାଇଁ ଧାନ ମଣ୍ଡି ଗୁଡିକ ଖୋଲିପାରି ନ ଥିଲା। ଜିଲ୍ଲାରେ ଏଥର ମୋଟ ୨୧୩ ମଣ୍ଡି ପ୍ରାଥମିକ ସେବା ସମବାୟ ସମିତି ଗୁଡିକରେ ଖୋଲିବ। ଚଳିତ ବର୍ଷ ଜିଲ୍ଲାରେ ଗତ ବର୍ଷ ତୁଳନାରେ ଅଧିକ ଧାନ ଉତ୍ପାଦନ ଅଧିକ ହୋଇଥିଲେ ମଧ ଗତ ବର୍ଷ ତୁଳନାରେ ଏଥର ଧାର୍ଯ୍ୟ ଲକ୍ଷ୍ୟ କମ ରହିଛି। ଜିଲ୍ଲାରେ ମୋଟ ୭୩ ହଜାର ଚାଷୀ ଚଳିତ ବର୍ଷ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ସରକାର ଏଫଏକ୍ୟୁ ମାନର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଓ ଚାଷୀଙ୍କୁ ବୋନସ ବାବଦରେ କ୍ୱିଣ୍ଟାଲ ପ୍ରତି ୩୧୭୦ ଟଙ୍କା ଧାର୍ଯ୍ୟ କରିଛନ୍ତି।

ଚାଷୀଙ୍କ ଠାରୁ ୧୨ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ କରିବା ପାଇଁ ଯୋଗାଣ ବିଭାଗ ଲକ୍ଷ୍ୟ ରଖିଛି। ତେବେ ଗତ ବର୍ଷ ଏହା ୧୮ ଲକ୍ଷ କ୍ୱିଣ୍ଟାଲ ରହିଥିବା ବେଳେ ଏଥର କମିଯିବା ନେଇ ଚାଷୀମାନେ ସେମାନଙ୍କର ଉତ୍ପାଦିତ ଧାନ ବିକ୍ରି ନେଇ ଚିନ୍ତାରେ ପଡିଛନ୍ତି। ଅନ୍ୟପଟରେ ମଣ୍ଡି ଖୋଲି ନ ଥିବାରୁ ବେପାରୀମାନେ ଯଥେଷ୍ଟ କମ ମୂଲ୍ୟରେ ଧାନ କିଣୁଥିବା ଜଣାପଡିଛି। ଜିଲ୍ଲାରେ ଏଥର ୧ ଲକ୍ଷ ୨୩ ହଜାର ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା। ୧୨ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବାକୁ ଥିବା ବେଳେ ବଳକା ଧାନ ବିକ୍ରି ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 05.01.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍‌ଯାପିତ

# ୨୦୨୬ର ମେଳାରେ ଲାଗିଛି ୨୦୨୫ ମସିହାର ବ୍ୟାନର!

ଯାଜପୁର, ୭।୧(ସମିସ)




ନାନା ଅବ୍ୟବସ୍ଥାରେ ଆରମ୍ଭ ହୋଇଥିବା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ମେଳାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଲା। କିନ୍ତୁ ମେଳା ଆୟୋଜନରେ ହୋଇଥିବା ନାନା ତ୍ରୁଟି ମେଳାକୁ ପାଣିଚିଆ ପକାଇଦେଇଛି। ମେଳାରେ ଲାଗିଥିବା ଏକ ବିରାଟ ବ୍ୟାନର ଗତବର୍ଷର ବୋଲି ଜଣାପଡ଼ିଛି। ଏଭଳି ଗୁରୁତର ତ୍ରୁଟି କିଭଳି ହେଲା ନାଁ ପୁରୁଣା ବ୍ୟାନର ଲଗାଇ ଚଳିତ ବର୍ଷର ଅର୍ଥ ହଡ଼ପ ପାଇଁ ଚକ୍ରାନ୍ତ କରାଯାଇଛି ତାର ତଦନ୍ତ ପାଇଁ ଦାବି ଜୋର ଧରିଛି। ଯାଜପୁର ପ୍ରଶାସନିକ ଭବନ ପଡ଼ିଆଠାରେ ଦୁଇ ଦିନ ଧରି ଆୟୋଜିତ ହେଉଥିବା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍‌ଯାପନ ଦିବସରେ ୧୦ଟି ବ୍ଲକର ମୋଟ ୧୪୦୦ ପ୍ରାଣୀ ପାଳକ ଓ ମତ୍ସ୍ୟଚାଷୀ ଯୋଗ ଦେଇଥିଲେ। ଆଜି ଉଦ୍‌ଯାପନ ଅବସରରେ ଆୟୋଜିତ ସାଧାରଣ ସଭାରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟର ଶଲ୍ୟ ଚିକିତ୍ସା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଜୟକୃଷ୍ଣ ଦାସ ମୁଖ୍ୟଅତିଥି, ରାଜ୍ୟ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଡା. ଅନ୍ତର୍ଯ୍ୟାମୀ ଖୁଣ୍ଟିଆ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜିଲ୍ଲା ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ପରିଡ଼ା, ନାବାର୍ଡ ଡିଡିଏମ୍ ଶିଳ୍ପାଳିନୀ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନି ରଞ୍ଜନ ପଟ୍ଟନାୟକ, ମତ୍ସ୍ୟ ଉପନିର୍ଦ୍ଦେଶକ ବାଲେଶ୍ୱର ଦୀପ୍ତି କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ସଭାରେ ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ ଡ. ସୁବ୍ରତ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ରଞ୍ଜିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆଜି ୨ୟ ଦିନରେ ମଧ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ସହିତ ଅନ୍ୟ ବିଭାଗ ତଥା କୃଷି, ଜୀବିକା ମିଶନ, ମୃତ୍ତିକା ସଂରକ୍ଷଣ ବିଭାଗ, ବିଞ୍ଝାରପୁରୀ ଗୋପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତି, ଓମଫେଡ ଆଦି ବିଭାଗମାନଙ୍କ ଦ୍ୱାରା ୨୮ଟି ଷ୍ଟଲ୍ ଖୋଲିଥିଲା। ପ୍ରାଣୀ ପାଳନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ବଡଚଣା ବ୍ଲକର ଅନିଲ ପାତ୍ର, ରସୁଲପୁର ବ୍ଲକର ପ୍ରଫୁଲ୍ଲ କୁମାର ପରିଡ଼ା ଏବଂ ମତ୍ସ୍ୟ ଚାଷ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଧର୍ମଶାଳା ବ୍ଲକର ମଧୁସ୍ମିତା ଜେନା, ବିଞ୍ଝାରପୁର ବ୍ଲକର ସର୍ବେଶ୍ୱର ସେଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଚାଷୀ-ବିଶେଷଜ୍ଞ ଆଲୋଚନାଚକ୍ରରେ ମତ୍ସ୍ୟ ଚାଷ ବିଶେଷଜ୍ଞ ଭାବେ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦ୍ରାପଡ଼ାର ବୈଜ୍ଞାନିକ ମାନସ ରଞ୍ଜନ ବେହେରା, ଯାଜପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁବ୍ରତ ତ୍ରିପାଠୀ ଏବଂ ପ୍ରାଣୀ ପାଳନ ବିଶେଷଜ୍ଞ ଭାବେ ଯାଜପୁରର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅନିରୁଦ୍ଧ ବିଶ୍ୱାଳ ଓ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରଞ୍ଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା କଳା ସଂସ୍କୃତି ସଂଘ ଦ୍ୱାରା ସଚେତନତା ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବାଇକ୍ ଧକ୍କାରେ ୨ ଗୁରୁତର

ପାଣିକୋଇଲି, ୭।୧(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୋଳେଇପୁର ପଞ୍ଚାୟତର ବଡ଼ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ନିକଟରେ ଆଜି ଅପରାହ୍ଣରେ ୨ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ୨ ଚାଳକ ସମେତ ସହଯାତ୍ରୀ ଆହତ ହୋଇଛନ୍ତି। ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ନାଥସାହି ଗ୍ରାମର କିଶୋର ପଣ୍ଡା ବାଇକ୍ ଯୋଗେ ପାଣିକୋଇଲି ଆସୁଥିଲେ। ପଛରୁ ଏକ ବାଇକ୍‌ରେ ଯାଜପୁର ରାମବାଗର ସୁଶାନ୍ତ ମହାନ୍ତି ଓ ନିମାପଡ଼ାର କାର୍ତ୍ତିକ ମାଝୀ ଆସି ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ରାସ୍ତାରେ ପଡ଼ି ତିନିଜଣ ଆହତ ହୋଇଥିଲେ। ଖବରପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗ ଗୁରୁତର ଆହତ କିଶୋର ପଣ୍ଡାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅନ୍ୟ ୨ ଜଣଙ୍କୁ ମଧ ପ୍ରାଥମିକ ଚିକିତ୍ସା କରାଇଥିଲେ। ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଞ୍ଚି ବାଇକ୍ ଦୁଇଟିକୁ ଜବତ କରଇଛି।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ଯାଜପୁର, ୭।୧(ସମିସ): ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ସାଧାରଣତନ୍ତ୍ର ଦିବସ ପାଳନ କମିଟି ଅଧ୍ୟକ୍ଷ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିବରଣୀ ପାଠ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଜାତୀୟ ସଂହତି ଏବଂ ଏକତା ବଜାୟ ରଖି ସାଧାରଣତନ୍ତ୍ର ଦିବସ ପାଳନ କରିବା ପାଇଁ ବାର୍ତ୍ତା ଦେଇଥିଲେ। ପ୍ରଶାସନିକ ଭବନ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ - ୨୦୨୬ ଅନୁଷ୍ଠିତ ହେବ। ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ରାମଧୂନ୍ କରାଯିବ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରି ସହ ସକାଳ ୭.୩୦ ମିନିଟ ମଧ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ମୁଖ୍ୟ ଅତିଥି ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ସକାଳ ଘ. ୮.୩୦ ମିନିଟ ସମୟରେ ପ୍ରଶାସନିକ ଭବନ ପଡ଼ିଆଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ପରେଡ ପରିଦର୍ଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଅନୁଷ୍ଠିତ ହେବ। ଏହି ଅବସରରେ ଡାକ୍ତରଖାନାର ରୋଗୀମାନଙ୍କୁ ଫଳ ବଣ୍ଟନ, ଜେଲର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, କୁଷ୍ଠାଶ୍ରମରେ ଏବଂ ବାଳାଶ୍ରମରେ ମିଷ୍ଟାନ୍ନ ବଣ୍ଟନର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ, ଉପ ଆରକ୍ଷୀ ଅଧିକ୍ଷକ ଟାଉନ ଥାନା, ଜିଲ୍ଲା କ୍ରୀଡା ଅଧିକାରୀ, ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ, ପୌରପରିଷଦ ନିର୍ବାହୀ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟତ୍ରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

ଯାଜପୁର, ୭।୧(ସମିସ): ଅନ୍ୱେଷଣ ଥିଏଟର ଗ୍ରୁପ ଯାଜପୁର ପକ୍ଷରୁ ସପ୍ତମ ବାର୍ଷିକ ରାଜ୍ୟସ୍ତରୀୟ ଯାଜପୁର ଲୋକକଳା ମହୋତ୍ସବର ଉଦ୍‌ଘାଟିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ବିଶିଷ୍ଟ ଶିକ୍ଷାବିତ ପ୍ରାଧ୍ୟାପକ ଦାମୋଦର ବେହେରା ଯୋଗଦେଇଥିଲେ।



ପ୍ରଥମେ ଜିତେନ୍ଦ୍ର କୁମାର ବେହେରା, ଖଗେଶ୍ୱର ସାହୁ ଓ ଲକ୍ଷ୍ମୀପ୍ରିୟା ରାଉତରାୟ, ସୌଭାଗ୍ୟ ତ୍ରିପାଠୀ ପ୍ରମୁଖଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରୂପେ ଖରସ୍ରୋତା ପୁସ୍ତକ ମେଳା କମିଟିର ସଭାପତି ପଦ୍ମାକର ଗୁରୁ ଯୋଗଦେଇଥିଲେ। ବରେଣ୍ୟ ଅତିଥି ରୂପେ ସମାଜସେବୀ ଅଭିମନ୍ୟୁ ସାହୁ, ବିଜ୍ଞାନ ନିରୀକ୍ଷକ କୁମାର ସେନ୍ ବାବୁ ଯୋଗଦେଇଥିଲେ। ଅନ୍ୱେଷଣର ସମ୍ପାଦକ ଅଭିମନ୍ୟୁ ମିଶ୍ର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସଭାପତି ବୃନ୍ଦାବନ ମିଶ୍ର ସଭାର ଆଭିମୁଖ୍ୟ ଉପରେ ନିଜର ମତାମତ ପ୍ରଦାନ କରିଥିଲେ। କୋର୍ କମିଟି ଅଧ୍ୟକ୍ଷ ଶେଖ୍ ଅବଦୁଲ ସାଜିଦ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ପନ୍ଦର ଜଣ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛଉ ନୃତ୍ୟ, ଖଞ୍ଜଣୀ ବାଦକ, ତେଲିଙ୍ଗି ବାଜା, ଘୋଡ଼ା ନାଚ, କେନ୍ଦରା ଗାନ, କୋରାପୁଟର ଆଦିବାସୀ ନୃତ୍ୟ, ନଟରାଜ, ତପସ୍ୱିନୀ ଡ୍ୟାନ୍ସ ଗ୍ରୁପ୍ ସହ ଅନ୍ୱେଷଣ ଡ୍ୟାନ୍ସ ଗ୍ରୁପ୍ ସହ ଅନ୍ୟାନ୍ୟ ସାଂସ୍କୃତିକ ସଂଘ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ସହ ବିଞ୍ଝାରପୁର ଅଞ୍ଚଳର ପାଲା ଗାୟକଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ଜୟ ପ୍ରକାଶ ନାୟକ, କିଶୋର ଦାଶ, ସୂର୍ଯ୍ୟକାନ୍ତ ସେଠୀ, ମୋନାଲିସା ବେହେରା, ଜିତେନ୍ଦ୍ର ରାଉତ, ଶକୁନ୍ତଳା ବେହେରା, ସୁବାଷ ମହାପାତ୍ର, ସୁବାଷ ଦେବତା, ତାରାକାନ୍ତ ମଲ୍ଲିକ, ଧନଞ୍ଜୟ ପୃଷ୍ଟି, ପ୍ରଦୀପ କୁମାର ନନ୍ଦ, ସୁଧାଂଶୁ ଶେଖର ମଲ୍ଲିକ, ଦିବାକର ମିଶ୍ର, ଜିତେନ୍ଦ୍ର କୁମାର ସାହୁ, ମାମାଲି ସାହୁ, ମଧୁସ୍ମିତା ରଥ, ଭରତ ବେହେରା, ଭରତ ଚନ୍ଦ୍ର ବାରିକ୍, ସୁରଜ ପଣ୍ଡା, ରବି ନାରାୟଣ ରାଉତ୍, କାମେଶ୍ୱର ପଣ୍ଡା, ଶ୍ୟାମସୁନ୍ଦର ନାୟକ, ସୂର୍ଯ୍ୟମଣୀ ବେଦୀ, ଅବକାଶ ରଥ, ଶିଶିର ମହାପ୍ରାତ, ଶ୍ରାବଣୀ ରାଉତ୍, ସୁକାନ୍ତ ରାଉତ୍, ଅଜୟ ମିଶ୍ର, ରଜତ କୁମାର ମିଶ୍ର, ଅଶୋକ ପାଣିଗ୍ରାହୀ, ଦମୟନ୍ତୀ ରାଉତ, ମୁକୁନ୍ଦ ନାୟକ ପ୍ରମୁଖ ସଂଯୋଜନା କରିଥିଲେ।

## ଜାରକା ଲକ୍ଷ୍ମୀ ନାରାୟଣଙ୍କ ଭସାଣ ଉତ୍ସବ

ଧର୍ମଶାଳା, ୭।୧(ସମିସ): ଧର୍ମଶାଳା ମହୋତ୍ସବ କମିଟି ପକ୍ଷରୁ ଧନୁସଂକ୍ରାନ୍ତି ଡିସେମ୍ବର ୧୬ରୁ ଜାରକା ଠାରେ ଆୟୋଜିତ ଲକ୍ଷ୍ମୀନାରାୟଣ ପୂଜାର ଆଜି



ଭସାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ସନ୍ଧ୍ୟାରେ କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଠାକୁରଙ୍କୁ ରୀତିନିତି ଅନୁଯାୟୀ ପୂଜା କରାଯାଇ ବାଜା ରୋଷଣି କରି ଏକ ଶୋଭାଯାତ୍ରାରେ ନିଆଯାଇ ଶାନ୍ତିବଜାର ଓ ଧର୍ମଶାଳା ବଜାର ଦେଇ ବ୍ରାହ୍ମଣୀ ନଦୀରେ ବିସର୍ଜନ କରାଯାଇଛି। ଏହି ଅବସରରେ ହେଉଥିବା ଧର୍ମଶାଳା ମହୋତ୍ସବ ଗତକାଲି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କମିଟିର ସଭାପତି ରବୀନ୍ଦ୍ରନାରାୟଣ ସାହୁ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସମେତ ସଂଯୋଜକ ଦେବରାଜ ମିଶ୍ର, ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, ଶ୍ରୀବତ୍ସ ଧିର, ହିମାଂଶୁ ଶେଖର ମହାନ୍ତି, ଅଲୋକ ପ୍ରଧାନ, କିଶୋର ଚନ୍ଦ୍ର ନାୟକ, ଅଜୟ କୁମାର ମହାପାତ୍ର, ନାରାୟଣ ମଲିକ, କାଶୀନାଥ ସାହୁ, ଶରତ କୁମାର ଓଝା, ବିଚିତ୍ରାନନ୍ଦ ସ୍ୱାଇଁ, ଅଜାମ୍ବର ସାହୁ, ରାମଚନ୍ଦ୍ର ମଲିକ, ରାଜ କୁମାର ଶତପଥୀ, ଜଳଧର ସାହୁ, ଅଶୋକ କୁମାର ବରାଳ, ଜଗନ୍ନାଥ ମହାଳିକ, ହାଡିବନ୍ଧୁ ନାୟକ, ଅର୍ଜୁନୀ ଚରଣ ନାୟକ, ସବ୍ୟସାଚୀ ସୁନ୍ଦରରାୟ, ମାନସ ମହାନ୍ତି ପ୍ରମୁଖ ଉତ୍ସବରେ ସାମିଲ ହୋଇଥିଲେ।

## ଆମ ବଡ଼ଚଣା ମହୋତ୍ସବ ଉଦ୍‌ଘାଟିତ

ବଡଚଣା, ୭।୧(ସମିସ): କଳା ସଂସ୍କୃତିର ପରିଭାଷା, ଐତିହ୍ୟ, ସ୍ୱାଭିମାନର ଗଣପର୍ବ ଆମ ବଡ଼ଚଣା ମହୋତ୍ସବ ଆଜି ଏକ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଉଦ୍‌ଘାଟିତ ହୋଇଛି। ଆମ ବଡଚଣା ମହୋତ୍ସବର ସଭାପତି ବିଧାୟକ ଅମର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ



ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ। ମହୋତ୍ସବ କମିଟିର ସମ୍ପାଦକ ଦିଲ୍ଲୀପ କୁମାର ଚୌଧୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବଳରାମ ରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅମୀୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ

ଜେନାପୁର, ୭।୧(ସମିସ): ପରିବାର ସଦସ୍ୟଙ୍କ ସହମତି ବିନା ଅନ୍ୟ ଜାତିରେ ବିବାହ କରିଥିବା ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଶାଶୁ ଘର ପକ୍ଷରୁ ଏହାକୁ ଆତ୍ମହତ୍ୟା କୁହାଯାଉଥିବା ବେଳେ ଝିଅର ବାପ ହତ୍ୟା ଅଭିଯୋଗ ଆଣିଛନ୍ତି। ଏମିତି ଏକ ସମ୍ବେଦନଶୀଳ ଘଟଣା ଘଟିଛି ଜେନାପୁର ଥାନା ମଧୁପୁରଗଡ଼ ଗ୍ରାମ ତଳ ଗୋଛାୟତ ସାହିରେ। ମୃତ ମହିଳା ଜଣକ ଗଡ଼ମଧୁପୁର ଗ୍ରାମର ରୁପେଶ ଗୋଛାୟତଙ୍କ ସ୍ତ୍ରୀ ପଦ୍ମାଳୟା ଘଡ଼େଇ (୩୨) ବୋଲି ଜଣାପଡ଼ିଛି। ମୃତ ମହିଳା ଜଣକ ମଧୁପୁରଗଡ଼ ପଞ୍ଚାୟତର ପନ୍ଥରୀ (ନାରାୟଣପୁର) ଗ୍ରାମର ଧ୍ରୁବାନନ୍ଦ ଘଡ଼େଇଙ୍କ ଝିଅ ହୋଇଥିବା ବେଳେ ସେ ୨୦୧୬ ମସିହାରେ ରୁପେଶକୁ ଭଲପାଇ ବିବାହ କରିଥିଲେ। ପଦ୍ମାଳୟା ଜଣେ କୈବର୍ତ୍ତ ପରିବାରର ଝିଅ ହୋଇଥିବା ବେଳେ ପୁଅ ଭିନ୍ନ ଜାତିର ହୋଇଥିବାରୁ ଉଭୟଙ୍କ ବିବାହ ପାଇଁ ବାପ ଘର ପକ୍ଷରୁ ସ୍ୱୀକୃତି ମିଳିନଥିଲା। ମାତ୍ର ଉଭୟେ ଘର ଛାଡି ଲୁଚି ପଳାଇ ଯାଇ ବିବାହ କରିଥିଲେ। ସେମାନଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ପରେ ଉଭୟ ଗାଁକୁ ଫେରିଥିଲେ ମଧ ଅନେକ ସମୟରେ ଘରେ କଳହ ଲାଗି ରହିଥିଲା ବୋଲି ପରିବାର ଲୋକେ କହିଛନ୍ତି। ଅପରପକ୍ଷେ ରୁପେଶଙ୍କ ପରିବାର ମଧ ଏହି ବିବାହରେ ସହମତି ନ ଥିବାରୁ ଦୀର୍ଘ ୧୦ ବର୍ଷ ଧରି କଳହ ଲାଗି ରହିଥିଲା। ଗୋଟେ ପଟେ ସ୍ୱାମୀ ରୁପେଶ ବେରୋଜଗାର ଥିବାରୁ ଅଧିକାଂଶ ସମୟ ଅଭାବ ଅନାଟନରେ ଜୀବନ ବଞ୍ଚୁ ଥିବାରୁ ବାଧହୋଇ ପଦ୍ମାଳୟା ପରିବାର ଚଳେଇବା ପାଇଁ ଟ୍ରେନ ଯୋଗେ ଜଗତପୁରର ଏକ କମ୍ପାନୀକୁ ଏକ ବର୍ଷ ହେବ ରୋଜଗାର ପାଇଁ ଯାଉଥିଲା। ରୋଜଗାର ଅର୍ଥରେ ସ୍ୱାମୀ ମଦ ପିଇବା ସହି ମଉଜ କରିଥିବାରୁ ସ୍ତ୍ରୀ ପଦ୍ମାଳୟା ବିରୋଧ କରୁଥିବା ସ୍ଥାନୀୟ ବାସିନ୍ଦା କହନ୍ତି। ନୂଆ ବର୍ଷ ଠାରୁ ଉଭୟ ସ୍ୱାମୀ ସ୍ତ୍ରୀ ଏବଂ ଶଶୁରଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ବୁଧବାର ଦ୍ୱିପହରେ ପଦ୍ମାଳୟାର ମୃତଦେହ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପାଇଁ ଥିବା ଶୁଣି ବାପା ଧ୍ରୁବାନନ୍ଦ ଭାଙ୍ଗି ପଡ଼ିବା ସହ ତାକୁ ସେମାନେ ମାରି ଦେଇଥିବା ଅଭିଯୋଗ କରିଛନ୍ତି। ଧର୍ମଶାଳା ଥାନାରେ ଏକ ମାମଲା ରୁଜୁ ହେବା ସହ ମୃତଦେହକୁ ବ୍ୟବଚ୍ଛେଦ କରିବାକୁ ପଠାଇ ଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

## ଜେଲ୍‌ରେ ଥିବା ଅଧ୍ୟାପକ ନିଲମ୍ବିତ

ଯାଜପୁର, ୭।୧(ସମିସ): ଅର୍ଥ ହେରଫେର ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ଚିତ୍ତାଳ ମହାବିଦ୍ୟାଳୟର ଅଧ୍ୟାପକ ଅଦ୍ୱୈତ ପ୍ରସାଦ ମଲ୍ଲିକଙ୍କୁ ନିଲମ୍ବିତ କରାଯାଇଛି। ସେ ଗତ ୨ ତାରିଖରୁ ଜେଲ ହାଜତରେ ରହିଥିବା କାରଣରୁ ଯାଜପୁର ଉପଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀ ମଲ୍ଲିକଙ୍କୁ ନିଲମ୍ବିତ କରିଛନ୍ତି।

## ଅଫିସ୍ ଗୃହକୁ ଧକ୍କା ଦେଲା ଗାଡ଼ି

ମଧୁବନ, ୭।୧(ସମିସ): ମୁଗୁପାଳ-କୁଆଖିଆ ଜାତୀୟ ରାଜପଥ-୨୦ର ବାମ ପାର୍ଶ୍ୱରେ ଥିବା ମୁଗୁପାଳ ଛକ ଜଗନ୍ନାଥ ମନ୍ଦିର ପଛ ପାର୍ଶ୍ୱରେ ରହିଥିବା ସିମେଣ୍ଟ ୱର୍କ ଅଫିସ୍ ଗୃହ ଭିତରକୁ ଏକ ସ୍କର୍ପିଓ ଗାଡ଼ି ଖୁବ ଜୋରରେ ଧକ୍କା ଦେଇଛି। ଫଳରେ ଅଫିସ ଭିତରେ ଶୋଇଥିବା ୬ ଜଣ କର୍ମଚାରୀ ଆହତ ହୋଇଥିଲା ବେଳେ ମଧୁବନ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ୪ ଜଣ ଘରକୁ ଫେରିଚନ୍ତି। ୨ ଜଣ ଗୁରୁତର ଆହତ ବର୍ତ୍ତମାନ ଯାଜପୁର ସରକାରୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ ଗତକାଲି ମଧରାତ୍ରିରେ ନିଶାସକ୍ତ ଅବସ୍ଥାରେ ଦ୍ରୁତ ଗତିରେ ଗାଡି ଚଳାଇ ଯାଜପୁର ଟାଉନ୍‌ରୁ କୁଆଖିଆ ଅଭିମୁଖେ ଆସୁଥିବା ଏହି ସ୍କର୍ପିଓ ଗାଡ଼ିଟି ଭାରସାମ୍ୟ ହରାଇ ଜଗନ୍ନାଥ ସିମେଣ୍ଟ ୱର୍କ୍ ଅଫିସ ଗୃହକୁ ଧକ୍କା ଦେବାରୁ ଅଫିସ ଗୃହଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଛି। ଅଫିସ୍ ଭିତରେ ଶୋଇଥିବା ୬ ଜଣଙ୍କ ଉପରେ ଇଟା କାନ୍ଥ ଓ ଖୁଣ୍ଟ ପଡ଼ିଯାଇଥିଲା। ସେମାନେ ଚିତ୍କାର କରିବାରୁ ରାତ୍ରରେ ଶୋଇଥିବା ଦୋକାନୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ମଧୁବନ ମେଡିକାଲ୍‌କୁ ପଠାଇଥିଲେ। ମିଥୁନ ବାଲରୁମ୍ (୨୦) ଓ କୈଳାଶ ବେହେରା (୨୧) ଘର କେନ୍ଦୁଝର ଜିଲ୍ଲା ଗୁରୁତର ଅବସ୍ଥାରେ ଯାଜପୁରରେ ମେଡିକାଲ୍‌ରେ ଚିକିତ୍ସାଧିନ ଅଛନ୍ତି। ଦୁର୍ଘଟଣାଗ୍ରସ୍ତ ଗାଡ଼ିଟି ଘଟଣାସ୍ଥଳରେ ପଡ଼ିରହିଛି। ଖବର ପାଇ କୁଅଖିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଚଳାଇଥିବା ବେଳେ ଗାଡ଼ି ଚାଳକ ଓ ଯାତ୍ରୀମାନେ ଫେରାର ଅଛନ୍ତି।

## ଟ୍ରକ୍ ଚକା ତଳେ ପଶିଗଲା ସ୍କୁଟି

ପାଣିକୋଇଲି, ୭ ।୧(ସମିସ): ପାଣିକୋଇଲି ଟ୍ରାଫିକ ଉପରେ ଆଜି ଏକ ଟ୍ରକ୍ ଅଗ ଚକା ତଳେ ସ୍କୁଟି ପଶିଯାଇ ଦୁର୍ଘଟଣା ଘଟିଥିଲେ ବି ସ୍କୁଟି ଚାଳକ ମହିଳା ଅଳ୍ପକେ ବର୍ତ୍ତିଯାଇଛନ୍ତି। ପ୍ରକାଶଯେ କଟକପଟୁ ଯାଜପୁରରୋଡ ଅଭିମୁଖେ ଆସୁଥିବା ଏକ ଟ୍ରକ୍ ଆଗରେ ସ୍କୁଟି ନେଇ ଯାଉଥିବା ଜଣେ ମହିଳା ପଡ଼ିଯାଇଥିଲେ। ମାତ୍ର ଟ୍ରକ୍ ଚାଳକ ଗାଡ଼ିକୁ ଅଟକାଇ ଦେବାରୁ ମହିଳା ଜଣଙ୍କ ବର୍ତ୍ତିଯାଇଥିଲେ।

## ସନ୍ଦିଗ୍ଧ ଔଷଧ ଜବତ

● ସିଲ ହେଲା ଔଷଧ ଦୋକାନ

ଦଶରଥପୁର, ୭।୧(ସମିସ): ଜିଲ୍ଲା ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତର ଶ୍ରୀଧରପୁର ଛକରେ ବେଆଇନ ଭାବେ ବ୍ୟବସାୟ କରୁଥିବା ଅନିରୁଦ୍ଧ ସାହୁଙ୍କ ବିନା ଲାଇସେନ୍ସପ୍ରାପ୍ତ ଔଷଧ ଦୋକାନ ଉପରେ ଆଜି ମଧ୍ୟାହ୍ନରେ ଚଢ଼ଉ କରାଯାଇଛି। ଜିଲ୍ଲା ଅତିରିକ୍ତ ଡ୍ରଗ୍ସ କଣ୍ଟ୍ରୋଲର ସଞ୍ଜୟ କୁମାର ହାଁସଦାଙ୍କ ନେତୃତ୍ୱରେ ବିଭାଗୀୟ ନିରୀକ୍ଷକ ଆଶୁତୋଷ ବେହେରା, ମନୋଜ କୁମାର ସାହୁଙ୍କ ସମେତ ଯାଜପୁର ଟାଉନ ଥାନା ପୁଲିସ ମିଳିତ ଭାବେ ଅନିରୁଦ୍ଧ ସାହୁଙ୍କ ବିନା ଲାଇସେନ୍ସପ୍ରାପ୍ତ ଔଷଧ ଦୋକାନରେ ଅଚାନକ ଚଢ଼ଉ କରି ୩୭ ପ୍ରକାର ସ୍ୱାସ୍ଥ୍ୟ ପ୍ରତିବନ୍ଧକ ସମ୍ପର୍କିତ ଔଷଧ ଓ ୬୩ଟି ନକଲି ଦସ୍ତାବିଜ ତଥା ଦଲିଲ ଜବତ କରିଥିଲେ। ସେହିପରି ୫ ପ୍ରକାରର ସନ୍ଦିଗ୍ଧ ନମୁନାଯୁକ୍ତ ଔଷଧ ଜବତ କରି ତାକୁ ପରୀକ୍ଷା ପାଇଁ ପଠାଯିବ ବୋଲି ଜିଲ୍ଲା ଅତିରିକ୍ତ ଡ୍ରଗ୍ସ କଣ୍ଟ୍ରୋଲର ସଞ୍ଜୟ ହାଁସଦା ସୂଚନା ଦେଇଛନ୍ତି। ଚଢ଼ଉରେ ମୋଟ ୨୫ ହଜାର ଟଙ୍କା ମୂଲ୍ୟର ଔଷଧ ନମୁନା ରହିଥିବା ଜଣାଯାଇଛି।

## ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

ଯାଜପୁର, ୭।୧(ସମିସ): ଜିଲ୍ଲା ଜଳସେଚନ ବିଭାଜନ, ଯାଜପୁର ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଛି। ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଣି ପଞ୍ଚାୟତ ସଚେତନତା ରଥର ଉଦ୍‌ଘାଟନ କରାଯାଇଥିଲା। ଜିଲ୍ଲାପାଳ ଅମ୍ବର କୁମାର କର ଏହାର ଉଦଘାଟନ କରିଥିଲେ। ଏହାସହ ଯାଜପୁର ଜଳସେଚନ ବିଭାଜନ କାର୍ଯ୍ୟାଳୟ ପରିସରରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଣବ କୁମାର ନାୟକ, ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ବିଞ୍ଝାରପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ଚୈତନ୍ୟ ଚରଣ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ନାୟକ, ଅରୁଣ କୁମାର ତ୍ରିପାଠୀ, ଧୀରେନ୍ କୁମାର ପାଣି, ବିପିନ କୁମାର ସେଠୀ, ଉମାକାନ୍ତ ରାଉଳ, ସ୍ୱାଧୀନ ସେଠୀ ଏବଂ ସହକାରୀ ଉଦ୍ୟାନ ଅଧିକାରୀ ଯୋଗ ଦେଇଥିଲେ। ଏହି ବୈଠକରେ ମୁଖ୍ୟ ଅତିଥି ପାଣି ପଞ୍ଚାୟତର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ଦେବା ସହ ବିଭିନ୍ନ ପ୍ରତିଯୋଗିତାର ୧୫ ଜଣ ବିଜେତା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ସହ ପୁରସ୍କୃତ କରିଥିଲେ। ଏହି ସଭାରେ ପାଣି ପଞ୍ଚାୟତର ଭୂମିକା ଓ କାର୍ଯ୍ୟକାରିତା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏହାସହ ଉପସ୍ଥିତ ପାଣି ପଞ୍ଚାୟତର ସଭ୍ୟମାନେ ସେମାନଙ୍କ ମତାମତ ରଖିଥିଲେ। ଏହି ବୈଠକରେ ଜିଲ୍ଲାର ସମସ୍ତ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଏବଂ ଚାଷୀ ଭାଇଭଉଣୀମାନେ ଉପସ୍ଥିତ ଥିଲେ।

## ଯାଜପୁରରୋଡ- ଧାମରା ରେଳପଥ

# ପ୍ରକଳ୍ପ ନିର୍ମାଣ ଦାବିରେ ଗଣଧାରଣା

ଯାଜପୁର, ୭।୧(ସମିସ)



ଯାଜପୁରରୋଡ୍- ଧାମରା ରେଳପଥ ପ୍ରକଳ୍ପକୁ ରେଳବାଇ ବୋର୍ଡ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯିବା ସ୍ୱାଗତଯୋଗ୍ୟ। ହେଲେ ବି ଏହାକୁ ସରକାରୀ ଓ ବେସରକାରୀ ଭାଗିଦାରୀ ବ୍ୟବସ୍ଥା (ପିପିପି) ଜରିଆରେ କାର୍ଯ୍ୟକାରୀ କରାଯିବାକୁ ଯେଉଁ ନିଷ୍ପତ୍ତି ଗ୍ରହଣ କରାଯାଇଛି, ତାହା ଜନସ୍ୱାର୍ଥର ପରିପନ୍ଥୀ ବୋଲି ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ କୁହାଯାଇଛି।

ଆଜି ସଂଗ୍ରାମ ସମିତି ପକ୍ଷରୁ ଲୋୟର ପିଏମ୍‌ଜି, ଭୁବନେଶ୍ୱରରେ ଆୟୋଜିତ ଗଣଧାରଣାରେ ପିପିପି ପରିବର୍ତ୍ତେ ସରକାରୀ ବ୍ୟୟରେ ନିର୍ମାଣ ପାଇଁ ଦାବି କରାଯାଇଛି। ଏଥିପାଇଁ ୨୦୨୬ ଫେବୃଆରୀ ପହିଲାରେ ସଂସଦରେ ଆଗତ ହେବାକୁ ଥିବା କେନ୍ଦ୍ର ବଜେଟରେ ଜମି ଅଧିଗ୍ରହଣ ଓ ସେତୁ ନିର୍ମାଣ ଆରମ୍ଭ ପାଇଁ ବ୍ୟୟବରାଦ କରିବାକୁ ଦାବି କରାଯାଇଛି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭାଗିଦାରୀରେ ରେଳପଥ ନିର୍ମାଣ କରାଗଲେ ବେସରକାରୀ ସଂସ୍ଥାର ଅଯଥା ଉପସ୍ଥିତିକୁ ଏଡେଇ ଦିଆଯାଇ ପାରନ୍ତା। ଯେଉଁ ପ୍ରକଳ୍ପ ନିର୍ମାଣ କରାଗଲେ ଇଆଇଆର୍‌ଆର୍ ହିସାବ ଅନୁଯାୟୀ ଶତକଡା ୨୪.୨୨ଭାଗ ଓ ଏଫଆଇଆର୍‌ଆର୍ ହିସାବ ଅନୁଯାୟୀ ଶତକଡା ୧୪.୫୧ ଭାଗ ଲାଭର ସମ୍ଭାବନା ଅଛି ବୋଲି ଡିପିଆର୍‌ରେ ଆକଳନ କରାଯାଇଛି। ତାକୁ ଭାଗିଦାରୀ ବ୍ୟବସ୍ଥା ଜରିଆରେ ବେସରକାରୀ ସଂସ୍ଥା ହାତରେ ଟେକି ଦେବା ପାଇଁ ପ୍ରୟାସ କରାଯିବା ନିନ୍ଦନୀୟ। ଏହି ମର୍ମରେ ଯାଜପୁର ରୋଡ୍- ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ସ୍ମାରକପତ୍ର ରାଜଭବନରେ ପ୍ରଦାନ କରାଯାଇଛି। ରାଜ୍ୟପାଳ ଜାନୁଆରୀ ୧୦ ପରେ ସଂଗ୍ରାମ ସମିତିର ପ୍ରତିନିଧି ଦଳ ସହ ଆଲୋଚନା କରିବେ ବୋଲି ଲୋକଭବନ (ରାଜଭବନ) ପକ୍ଷରୁ ସଂଗ୍ରାମ ସମିତିକୁ ଅବଗତ କରାଯାଇଛି। ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣଧାରଣାରେ ମୁଖ୍ୟ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ପୂର୍ବତନ ସାଂସଦ ମିଷ୍ଠା ସେଠୀ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ନାୟକଙ୍କ ସମେତ ଦେବେନ୍ଦ୍ର ପଣ୍ଡା, ମଳୟ ପଣ୍ଡା, ଦିଲ୍ଲୀପ ଦଳେଇ, ପ୍ରଫୁଲ୍ଲ ନାୟକ, ଧନଞ୍ଜୟ ରାଉତରାୟ, ଦିବ୍ୟସିଂହ ନାୟକ, ଚନ୍ଦ୍ରଶେଖର ନାୟକ, ପ୍ରଫୁଲ୍ଲ ପାଢ଼ୀ, ସୁରେନ୍ଦ୍ର ରାୟ, ଡ. ନିର୍ମଳ ରଥ ଓ ଗଣେଷ ପ୍ରସାଦ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ସକାଳ THE SAKALA



## ମିଲର୍ସଙ୍କ ଆନ୍ଦୋଳନ, ଧାନ କିଣା ବାଧାପ୍ରାପ୍ତ

# ମଣ୍ଡିରେ ଧାନ ଅନ୍‌ଲୋଡ୍‌କୁ ନେଇ ଚାଷୀଙ୍କ ଏନ୍‌ଏଚ୍ ଅବରୋଧ



ରାୟଗଡ଼ା,୭।୧(ସମିସ):ରାୟଗଡ଼ା ଜିଲ୍ଲାରେ ଚଳିତ ଖରିଫ ମଣ୍ଡିରେ ସରକାରଙ୍କ ପକ୍ଷରୁ ପଞ୍ଜିକୃତଚାଷୀଙ୍କ ଠାରୁ ଧାନ କିଣାର ଅବ୍ୟବସ୍ଥାକୁ ନେଇ ସମସ୍ୟା ଜଟିଳ ହେବାରେ ଲାଗିଛି । ଡିସେମ୍ବର ୧୭ ତାରିଖରୁ ଧାନ ମଣ୍ଡି ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଆଶାତୀତ ଧାନ କ୍ରୟ ହୋଇପାରିନି । ମଣ୍ଡିରୁ ଧାନ ନ ଉଠେଇବା ପାଇଁ ରାଜ୍ୟ ମିଲର୍ସ ସଂଘ ଆହ୍ୱାନରେ ଜିଲ୍ଲା ମିଲର୍ସ ସଂଘ ମଣ୍ଡିରୁ ଧାନ ଉଠାଉ ନ ଥିବା ବେଳେ ସରକାର ଓ ମିଲର୍ସଙ୍କ ସମସ୍ୟାରେ କୌଣସି କାରଣ ନ ଥାଇ ମଣ୍ଡିକୁ ଧାନ ନେଇ ଆସୁଥିବା ଚାଷୀ ନାହିଁ ନ ଥିବା ହଇରାଣ ହେଉଛନ୍ତି । ଜିଲ୍ଲାରେ ଚାଷୀଙ୍କ ଏଭଳି ସମସ୍ୟାକୁ ନେଇ ଭାରପ୍ରାପ୍ତ ଡିଆରସିଏସ୍ ଜନ୍ମେଜୟ ମହାପାତ୍ରଙ୍କ ପ୍ରତିକ୍ରିୟା ନେବାରୁ ବର୍ତ୍ତମାନ ମିଲର୍ସ ମାନଙ୍କ ଆନ୍ଦୋଳନ ଚାଲିଥିବାରୁ ମଣ୍ଡିରୁ ଧାନ କିଣା ସ୍ୱାଭାବିକ ହୋଇ ପାରୁ ନ ଥିବା ବେଳେ ମିଲର୍ସଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହେଲେ ଧାନ କିଣା ସ୍ୱାଭାବିକ ହୋଇଯିବ । ତେବେ ମଣ୍ଡିକୁ ଧାନ ନେଇ ଆସୁଥିବା ଚାଷୀଙ୍କ ଧାନକୁ ମଣ୍ଡି ପରିସରରେ ଅନଲୋଡ଼ କରି ରଖିବା ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି । ଅପରପକ୍ଷେ ଟୋକେନ ପାଇ ଧାନ ବିକ୍ରି ପାଇଁ ଲୋଡ଼ ଓ ଅନଲୋଡ଼ ସହ ଗାଡି ଖର୍ଚ୍ଚ ଦେଇ ମଣ୍ଡିକୁ ଆସୁଥିବା ବେଳେ ମିଲର୍ସଙ୍କ ଆନ୍ଦୋଳନରେ ଚାଷୀ କଣ ପାଇଁ ନିଜ ଧାନ ବିକ୍ରି ନ କରି ଶୀତ କାକରରେ ଧାନ ବସ୍ତା ଜଗିବ ବୋଲି କହିଛନ୍ତି । ମିଲେର୍ସଙ୍କୁ ସୁହାଇଲା ଭଳି ନିଷ୍ପତି ହେଉଛି କି ବୋଲି ଚାଷୀ ମହଲରେ ଆଲୋଚନା ହେଉଛି । ଆଜି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ଉପ ନିୟନ୍ତ୍ରିତ ବଜାର କମିଟି ଅଧୀନରେ ଥିବା ବୁଡ଼ାଗୁଡା ଧାନ ମଣ୍ଡିରେ ଧାନ ବିକ୍ରିକୁ ନେଇ ଆରଏମସି ଓ ଚାଷୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା । ଧାନ କ୍ରୟ ପ୍ରକ୍ରିୟାରେ ଅବ୍ୟବସ୍ଥା ଓ ଅନିୟମିତତା ଅଭିଯୋଗକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଚାଷୀଙ୍କ କହିବା ଅନୁଯାୟୀ ଧାନ ବିକ୍ରି ପାଇଁ ମେସେଜ୍ ଆସିଥିଲେ ମଧ୍ୟ ଟୋକେନ ମିଳୁନାହିଁ । ଟୋକେନ ଅଭାବରୁ ଧାନ ଖଳାରେ ପଡି ରହୁଛି, ଯାହା ଫଳରେ ଧାନ ନଷ୍ଟ ହେବା ସହ ବିକ୍ରି ନ ହେବାକୁ ନେଇ ଚାଷୀମାନେ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି । ଅନ୍ୟପଟେ ମଣ୍ଡିରେ ଧାନ କିଣିବା ପାଇଁ ନିର୍ଦ୍ଧାରିତ ଟାର୍ଗେଟ ଥିବା ସତ୍ତ୍ୱେ ମିଲର ଓ ଆରଏମସି କର୍ମଚାରୀଙ୍କ ମିଳିତରେ ଚାଷୀଙ୍କ ଧାନକୁ ବାରମ୍ବାର ପରୀକ୍ଷା କରାଯାଇ ଫେଲ ଦର୍ଶାଇ ଫେରସ୍ତ କରାଯାଉଥିବା ଅଭିଯୋଗ ଆସିଛି । ଏହାକୁ ଜାଣିଶୁଣି ଚାଷୀଙ୍କୁ ହଇରାଣ କରାଯାଉଥିବା ବୋଲି ଅଭିଯୋଗ କରିଥିଲେ । ଏଥିରୁ ସରକାରୀ ଧାନ କ୍ରୟ ପ୍ରଣାଳୀ ଉପରେ ଚାଷୀଙ୍କ ଆସ୍ଥା କମିବାକୁ ଲାଗିଛି । ଏହି ସମସ୍ୟାକୁ ନେଇ ମଙ୍ଗଳବାର କଲ୍ୟାଣସିଂହପୁର ଲ୍ୟାମ୍ପସ ପାଖ ମୁଖ୍ୟ ରାସ୍ତାରେ ଚାଷୀମାନେ ରାସ୍ତା ଅବରୋଧ କରିଥିଲେ । ଚାଷୀଙ୍କ ଉଦ୍‌ବେଗ ଫଳରେ କିଛି ସମୟ ପାଇଁ ରାୟଗଡ଼ା-କଲ୍ୟାଣସିଂହପୁର ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିବା ସୂଚନା ମିଳିଛି । ଚାଷୀମାନେ ଶୀଘ୍ର ଟୋକେନ ବ୍ୟବସ୍ଥା ଓ ଧାନ କ୍ରୟ ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବାକୁ ଦାବି କରିଥିବା ବେଳେ ଉକ୍ତ ଅଞ୍ଚଳର ଚାଷୀମାନେ ଗତ ସୋମବାର ଦିନ ଜିଲ୍ଲାପାଳଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ଭେଟି ମଣ୍ଡିର ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରିଥିଲେ । ରାୟଗଡା ଆରଏମସି ୟାଡର୍‌ର ଖଳାରେ ମଧ୍ୟ ଚାଷୀ ମାନେ ନିଜ ଧାନକୁ ଶୁଖାଇ ରଖି ଶୀତ କାକରରେ ଜଗି ବସୁଛନ୍ତି । ଧାନ ବସ୍ତା ଉପରେ ଜରି ପକାଇ ସକାଳ ହେଲେ ଧାନର ଆଦ୍ରତା ହ୍ରାସ ପାଇଁ ଖରାରେ ଶୁଖାଉ ଥିବା ଦେଖିବାକୁ ମିଳୁଛି ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ଗୁଡାରି,୭।୧(ସମିସ): ଗୁଡାରି ବ୍ଲକ କଦମା ସ୍କୁଲକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୂଚନା ମୁତାବକ ରାଜ୍ୟ ସରକାର ପ୍ରାଥମିକ ସ୍ତରରେ ଶିକ୍ଷାର ଉନ୍ନତି ପାଇଁ ରାଜ୍ୟର ୧୧୮ ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଭର୍ଚୁଆଲ୍ ମାଧ୍ୟମରେ ବୁଧବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମୁଖ୍ୟଅତିଥି, ଅତିରିକ୍ତ ଦାୟିତ୍ୱରେ ଥିବା ବି. ଓ ସୁଜନ ମଲ୍ଲିକ ଏ ଡି ଇଓ ଶାନ୍ତିଲତା ମୁନି, ଗୁଡାରୀ ବ୍ଲକ ଡିପିଇପି ଜେଇ ସ୍ନେହାଶୀଷ ପଣ୍ଡା, ସାଂସଦ ପ୍ରତିନିଧି ମିନକେଶ୍ୱର, ଗୁଡାରୀ ପରିଷଦ ବିଜେପି ମଣ୍ଡଳ ସଭାପତି ଜଗଦୀଶ ନାୟକ, କାର୍ଯ୍ୟକାରିଣୀ ସଭାପତି ରଞ୍ଜନ ରଥ, ବ୍ଲକ୍ ମଣ୍ଡଳ ସଭାପତି ଅନନ୍ତ ନାରାୟଣ ଦେଓ ଜିଲ୍ଲାପରିଷଦ ସଭ୍ୟ ପ୍ରତିକ୍ରାଷ୍ଟା, ଗୁଡାରୀ ବ୍ଲକ ଉପଧ୍ୟକ୍ଷା ବିଶ୍ୱନାଥ ଶବର ନଗର, କଂଗ୍ରେସ ସଭାପତି ରାମ ନନ୍ଦ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ସମସ୍ତ ଦାୟତ୍ୱ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମପ୍ରସାଦ ରଥ ବହନ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଳୟ ଶିକ୍ଷକ ଗୋପିନାଥ ଦାସ । ଏଥିରେ କଦମା କ୍ଲକ୍ ଷ୍ଟୋର ସିଆରସି ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ କଦମା ପ୍ରାଥମିକ ବିଦ୍ୟାଳୟ ସମସ୍ତ ଶିକ୍ଷକ ଏବଂ କର୍ମଚାରି ଉପସ୍ଥିତ ଥିଲେ ।

# ମଥୁରା ପାହାଡ଼ରେ ପର୍ଯ୍ୟଟକଙ୍କ ଭିଡ଼



ଉମରକୋଟ, ୭।୧ (ସମିସ): ରାଜ୍ୟ ପର୍ଯ୍ୟଟନୀ ସ୍ଥଳ ମାନ୍ୟତା ଅପେକ୍ଷାରେ ମଥୁରା ପାହାଡ଼ । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ତୋହରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମଥୁରା ପାହାଡ଼ ଶୈବ ପୀଠ ଓ ଅସୁର ହାଡ଼ ଜଳପ୍ରପାତ ଦର୍ଶକଙ୍କ ମନମୁଗ୍ଧ କରି ଆସୁଥିଲେ ମଧ୍ୟ ତାହା ଏବେ ଅବହେଳିତ ହୋଇରହିଛି । ଏହି ଅବହେଳିତ ମଥୁରା ପାହାଡ଼ର ପ୍ରାକୃତିକ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି । ଏଠାକାର ମଥୁରା ପାହାଡ଼ ର ପ୍ରାକୃତିକ ପରିବେଶ । ପ୍ରତି ବର୍ଷ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଦର୍ଶନ ଓ ବଣଭୋଜି ପାଇଁ ଆସୁଥିଲେ ମଧ୍ୟ ବଦଳି ପାରୁନି ମଥୁରା ପାହାଡ଼ର ଭାଗ୍ୟ । ପୂର୍ବ ସରକାର ମଥୁରା ପାହାଡ଼ର ଉନ୍ନତି କରଣ ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି । ଅସୁର ହାଡ଼ ଜଳପ୍ରପାତ ଓ ଶୈବ ପୀଠ ଦର୍ଶକଙ୍କୁ ବହୁ ବର୍ଷ ଧରି ଆକୃଷ୍ଟ କରି ଆସୁଛି । ଏଠାକାର ପ୍ରାକୃତିକ ପରିବେଶ ବେଶ୍ ପର୍ଯ୍ୟଟକଙ୍କ ମନ ମୋହୁଛି । ଏହି ମଥୁରା ପାହାଡ଼ରେ ଫଟୋ ଓ ଭିଡ଼ିଓ ଉଠାଇବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ବଢୁଥିବା ଦେଖିବାକୁ ମିଳିଛି । ବହୁ ଦୂର ଦୂରାନ୍ତରୁ ପର୍ଯ୍ୟଟକ ପରିବାର ଓ ସାଙ୍ଗ ସାଥି ସହ ଏଠାକୁ ଆସି ମନ ଭରି ପ୍ରକୃତିର ସୌନ୍ଦର୍ଯ୍ୟ କୁ ଉପଭୋଗ ମଧ୍ୟ କରନ୍ତି । ଏଠାରେ ବହୁ ପୁରାତନ ଗୁମ୍ଫା ମଧ୍ୟରେ ଥିବା ଶୈବ ପୀଠ ସହ ଜଳପ୍ରପାତ ବେଶ୍ ଆକର୍ଷଣ କରୁଥିବା ଦେଖାଯାଇଛି । କିନ୍ତୁ ମଥୁରା ପାହାଡ଼କୁ ଯାତାୟତ ଓ ଗମନାଗମନ ପାଇଁ ଶୋଚନୀୟ ରାସ୍ତା ଓ ଅବ୍ୟବସ୍ଥା ପର୍ଯ୍ୟଟକଙ୍କୁ ବ୍ୟଥିତ କରୁଥିବା ପର୍ଯ୍ୟଟକ ପ୍ରକାଶ କରନ୍ତି । ସେପଟେ ପାହାଡ଼ ଓ ଜଙ୍ଗଲ ଘେରା ପ୍ରାକୃତିକ ପରିବେଶ ମଧ୍ୟରେ ମଥୁରା ପାହାଡ଼ ନିଜ ଅସ୍ତିତ୍ୱ ବଞ୍ଚାଇବାକୁ ଚେଷ୍ଟା କରୁଥିବାବେଳେ ତା'କୁ ଏବେ ଭରସା ସରକାରଙ୍କ ପଦକ୍ଷେପ । ମଥୁରା ପାହାଡ଼ର ରକ୍ଷଣାବେକ୍ଷଣ ଓ ତଦାରଖ ପାଇଁ ଗଠନ ହୋଇଥିବା କମିଟି ଦିନ ରାତି ଚେଷ୍ଟା ଚଳାଇ ପର୍ଯ୍ୟଟକଙ୍କୁ ସମସ୍ତ ପ୍ରକାର ବ୍ୟବସ୍ଥା ଯୋଗାଇବାକୁ ବ୍ୟାକୁଳ ହେଉଥିଲେ ମଧ୍ୟ ଅର୍ଥର ଅଭାବ ଏଥିରେ ପ୍ରତିବନ୍ଧକ ସାଜିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ମଥୁରା ପାହାଡ଼ର ପ୍ରକୃତିର ମନୋରମ ଦୃଶ୍ୟର ପୁନରୁଦ୍ଧାର କରିବାକୁ ସାଧାରଣରେ ଦାବି ହୋଇଛି ।।

## ଦାଦନ ଶ୍ରମିକଙ୍କୁ ଉଦ୍ଧାର କଲା ପ୍ରଶାସନ



ମାଥିଲି,୭ ।୧(ସମିସ): ମାଲକାନାଗିରି ଜିଲ୍ଲାରେ ପ୍ରବାସୀ ଶ୍ରମିକ ସଚେତନତା ନିମନ୍ତେ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡ଼ି ଥିଲା ବେଳେ ଏହା ଫଳପ୍ରଦ ହେଲା ଭଳି ଲାଗୁନାହିଁ । ଦାଦନ ଶ୍ରମିକଙ୍କ ଭାଗ୍ୟ ସବୁବେଳେ ଅନିଶ୍ଚିତା ଦେଇ ଗତି କରୁଛି । ରାଜ୍ୟର ଦକ୍ଷିଣ ଓଡ଼ିଶା ସମେତ ବିଭିନ୍ନ ଅଞ୍ଚଳରୁ ବାହାର ରାଜ୍ୟକୁ ଦାଦନ ଶ୍ରମିକଙ୍କ ସୁଅ ଛୁଟୁଛି । ଏହି ସମସ୍ୟା ଯେତିକି ଉତ୍କଟ ହେଉଛି ଦାଦନ ମଣିଷର ଭାଗ୍ୟ ସେତିକି ଆଶଙ୍କା ଓ ଅନିଶ୍ଚିତତାର ଅନ୍ଧକାର ଭିତରକୁ ଠେଲି ହୋଇ ଯାଉଛି । ମାଲକାନାଗିରି ଜିଲ୍ଲା ବି ବାଦ ପଡିନି ଏଥିରୁ । କାମଧନ୍ଦା ନ ପାଇ ମାଥିଲି ବ୍ଲକର ସାରଙ୍ଗପାଲ୍ଲି, ଡାଇଗୁଡା, ରାମାଗୁଡ଼ା, ବାରିଆବାହାଲ ଓ ଅନେକ ଗାଁର ୫୯ ଶ୍ରମିକ ବାହାର ରାଜ୍ୟକୁ ବସ ଯୋଗେ ଚାଲାଣ ହେଉଥିବା ସମୟରେ ଜିଲ୍ଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଦୁରୁକା ,ଅତିରିକ୍ତ ଶ୍ରମ ଅଧିକାରୀ ମାଥିଲି ତନ୍ମୟ ମଣ୍ଡଳ, ଆଇଆଇସି ମାଥିଲି ଦୀପାଲି ପ୍ରଧାନ, ଏସ୍ଆଇ ମନୋରଂଜନ ପ୍ରଧାନଙ୍କ ଉପସ୍ଥିତିରେ ପାଙ୍ଗମ ନଦୀ ନିକଟରେ ଉଦ୍ଧାର କରାଯାଇଛି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ହଜାର ହଜାର ଗରିବ ଲୋକ ଦାଦନ ଶ୍ରମିକ ସାଜି ବାହାରକୁ ଚାଲି ଯାଉଛନ୍ତି । ଅଭାବ ଅନଟନରେ ପଡ଼ି ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଇ ଦାଦନର ଆଖ୍ୟା ପାଇଥିବା ଏହି ଅଞ୍ଚଳର ଶ୍ରମିକ ମାନଙ୍କ ଦୁଃଖ ଅସରନ୍ତି । ଅଧିକ ରୋଜଗାର କରିବା ଆଶା ନେଇ ସେମାନେ ନିଜ ଭିଟା ମାଟି ଛାଡ଼ନ୍ତି । କିନ୍ତୁ କର୍ମସ୍ଥଳରେ ପହଞ୍ଚିଲା ପରେ ସବୁ ଆଶା ମିଳେଇ ଯାଏ ।

## କମ୍ବଳ ବାଣ୍ଟିଲେ ଦିନ ମଜୁରିଆ



ମୁନିଗୁଡ଼ା,୭।୧(ସମିସ): ହାଡ ଭଙ୍ଗା ଜାଡ଼ରେ ଶୀତ ଦାଉରୁ ରକ୍ଷା ପାଇଁ ଅଞ୍ଚଳର ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ବାଣ୍ଟି ଉଦାହରଣ ସୃଷ୍ଟି କରିଛନ୍ତି ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ରଘୁବାରି ଗ୍ରାମର ଦିନ ମଜୁରିଆ କୌତୁକ ସୁନା । ସେ ଜଣେ ଗରିବ ମଜୁରିଆ ହୋଇଥିଲେ ମଧ୍ୟ ନିଜର କଷ୍ଟାର୍ଜିତ ଅର୍ଥ ରାଶିରେ ଅନ୍ୟ ଗରିବର ଦୁଃଖକୁ ଦୂର କରିବାର ପ୍ରୟାସ କରିଛନ୍ତି । କୌତୁକ ସୁନା ନିଜର ପେଟପାଟଣା ପାଇଁ ନିଜ ଭିଟାମାଟି ଛାଡି ସୁଦୂର କେରଳ ରାଜ୍ୟରେ କାମ କରିବା ଆଶାରେ ଚାଲି ଯାଇଥିଲେ । ସେଠାରେ ଏକ ପରଟା ପ୍ରସ୍ତୁତ କମ୍ପାନୀରେ ମାସିକ ୨୦ ହଜାର ଟଙ୍କା ପାରିଶ୍ରମିକରେ କାର୍ଯ୍ୟ କରିବା ଆରମ୍ଭ କରିଦେଇଥିଲେ । କୋରନା ପାଇଁ ସେ ଗାଁକୁ ଫେରି କିରାଣା ଦୋକାନ କରି ବ୍ୟବସାୟ ଆରମ୍ଭ କରିଦେଲେ । ଏହି ଅର୍ଥରେ ସେ ପରିବାର ଚଳାଇବା ସହ କିଛି ଅର୍ଥ ସମାଜସେବାରେ ଲଗାଉଛନ୍ତି । ଏଥିରେ ରାଜୀବ ସୁନା ଓ ହିନ୍ଦୁଜା ବାତ୍ରା ମଧ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ । ତାଙ୍କର ଏହି ଉଦ୍ୟମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

ରାୟଗଡ଼ା,୭।୧(ସମିସ): ରାୟଗଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ଚିନ୍ତା ପ୍ରକଟ କରାଯାଇଛି । ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦ (ବିଏଚପି) ପକ୍ଷରୁ ଗଭୀର ଚିନ୍ତା ପ୍ରକଟ କରାଯାଇଛି । ଆଜି ସଂଗଠନର କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇ ରାୟଗଡ଼ା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ,

### ଏସପିଙ୍କୁ ଦାବିପତ୍ର ପ୍ରଦାନ

ଜେକେପୁର, ଗୁଣୁପୁର, କଲ୍ୟାଣସିଙ୍ଗପୁର, ରାମନାଗୁଡା ଏବଂ ମୁନିଗୁଡା ଭଳି ସମ୍ବେଦନଶୀଳ ଅଞ୍ଚଳରେ ପ୍ରାୟ ୧୨,୦୦୦ରୁ ଅଧିକ ଅବୈଧ ଅନୁପ୍ରବେଶକାରୀ ରହୁଛନ୍ତି । ଏମାନଙ୍କ ପାଖରେ ନାଗରିକତା ସମ୍ବନ୍ଧୀୟ କୌଣସି ବୈଧ କାଗଜପତ୍ର ନାହିଁ । ଏହି ଅନୁପ୍ରବେଶକାରୀମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହି ଜିଲ୍ଲାର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛନ୍ତି । ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତାମାନେ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି ଯେ, ଏନେଇ ପୂର୍ବରୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ଠୋସ ପଦକ୍ଷେପ ନିଆଯାଇ ନାହିଁ । ଯଦି ପୋଲିସ ପ୍ରଶାସନ ତୁରନ୍ତ ଏଫଆଇଆର ରୁଜ୍ଜୁ କରି ଏହି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ, ତେବେ ଆଗାମୀ ଦିନରେ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ଆନ୍ଦୋଳନ କରିବାକୁ ବାଧ୍ୟ ହେବ । ଏହି ଦାବିପତ୍ର ପ୍ରଦାନ ସମୟରେ ବଜରଙ୍ଗ ଦଳର ଜିଲ୍ଲା ସହ ସଂଯୋଜକ



ଶସ୍ୟଜ୍ୟୋତି ବେହେରା , ନଗର ସଂଯୋଜକ ସଙ୍କର ବେହେରା, ନଗର ସହ ସଂଯୋଜକ ପି. ଗାନି, ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ଉପ ସଭାପତି ପ୍ରଫୁଲ ପାତ୍ର, ଜିଲ୍ଲା ଉପ ସଭାପତି ଆନନ୍ଦ ରାଓ, ସମ୍ପାଦକ କୁନା ରମେଶ , ସହ ସମ୍ପାଦକ ଗୋପୀ ବ୍ରହ୍ମା , ସତସଙ୍ଗ ପ୍ରମୁଖ ସୁଶାନ୍ତ ପ୍ରଧାନ, ବିଶେଷ ସମ୍ପର୍କ ପ୍ରମୁଖ ବିଜୟ ଚୌଦରୀ, ଆର୍‌ଏସ୍‌ଏସ୍ ଜିଲ୍ଲା ସମ୍ପର୍କ ପ୍ରମୁଖ ଚିତ୍ତରଞ୍ଜନ ପ୍ରଧାନ ଏବଂ ନଗର କାର୍ଯ୍ୟକର୍ତା ମିଥୁନ ଦାସ, ବୁଲୁ ଦଳପତି ଉପସ୍ଥିତ ଥିଲେ ।

## ଆଖୁ କ୍ଷେତରେ ଲାଗିଲା ନିଆଁ; ଚାଷୀ କ୍ଷତିଗ୍ରସ୍ତ

କୋରୁକୋଣ୍ଡା,୭ ।୧ (ସମିସ):

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତର ଏମଭି-୩୧ ଗ୍ରାମର ପ୍ରତାପ ବିଶ୍ୱାସଙ୍କ ଚାଷ ଜମିରେ ସେ ଆଖୁ ଚାଷ କରିଥିବା ବେଳେ ଅଚାନକ ନିଆଁ ଲାଗି ବହୁ କ୍ଷୟକ୍ଷତି ହୋଇଛି । କ୍ଷତିପୂରଣ ନିମନ୍ତେ ସେ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି । ମିଳିଥିବା ସୂଚନାନୁଯାୟୀ ଚାଷୀମାନଙ୍କ ଧାନ ଫସଲ ଅମଳ ହେବା ପରେ ସମ୍ପୂର୍ଣ କ୍ଷେତକୁ ପୁଣି ନିଆଁ ଲଗାଇ ସଫା କରୁଛନ୍ତି । ସବୁଦିନ ପରି ଆଜି ମଧ୍ୟ ପ୍ରତାପଙ୍କ ନିକଟସ୍ଥ ଚାଷ ଜମିରେ ଏପରି ନିଆଁ ଲଗାଯାଇଥିବା ବେଳେ ତାହା କିପରି ମାଡି ପ୍ରତାପଙ୍କ ଆଖୁ କ୍ଷେତ ଆଡକୁ ମାଡି ଯାଇଥିଲା । ଆଜି ମଧ୍ୟାହ୍ନ ସମୟରେ ଏପରି ଅଘଟଣ ଘଟିବା ଶୁଣି ସଙ୍ଗେ ସଙ୍ଗେ ପ୍ରତାପ ନିଜ ଜମିକୁ ଯାଇ ଦେଖିଲା ବେଳକୁ ସମ୍ପୂର୍ଣ୍ଣ କ୍ଷେତ ଜଳିପୋଡି ପାଉଁଶ ହୋଇ ଯାଇଥିଲା । ପରେ ସେ କୋରୁକୋଣ୍ଡା ସଦର ସ୍ଥିତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ନିଜର ଟିମ୍ ସହ ସେଠାରେ ପହଞ୍ଚି ନିଜର କାର୍ଯ୍ୟ ଆରମ୍ଭ କରିଥିଲା । ଜମିକୁ ଯିବା ବାଟରେ ଏକ ଛୋଟିଆ କେନାଲ ରହିଥିବା ହେତୁ ଦମକଳ ବାହିନୀ ର ଗାଡି ଘଟଣା ସ୍ଥଳରେ ପହଞ୍ଚିବା ପାଇଁ ଅସମର୍ଥ ହୋଇଥିଲା । ଟିମ ପହଞ୍ଚି ଅଳ୍ପ ନିଆଁକୁ ଆୟତ୍ତ କରିଥିବା ବେଳେ ପରେ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରାଯିବ ବୋଲି କୋରୁକୋଣ୍ଡା ଅଗ୍ନିଶମ ଅଧିକାରୀ ସୁନୀଲ ନାୟକ ସୂଚନା ଦେଇଛନ୍ତି । କ୍ଷତିଗ୍ରସ୍ତ ଚାଷୀ ନିଜର ଗୋଟିଏ ଏକର ଆଖୁ କ୍ଷେତରେ ୧ ଲକ୍ଷ ୧୦ ହଜାର ଟଙ୍କା ଖର୍ଚ୍ଚ କରିଥିବା ବେଳେ କିପରି ସେ କ୍ଷତିପୂରଣ ବାବଦକୁ ଆର୍ଥିକ ସହାୟତା ପାଇବେ ସେ ନେଇ ପ୍ରଶାସନ ନିକଟରେ ସେ ନିବେଦନ କରିଛନ୍ତି ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ



ମାଲକାନଗିରି, ୭ ।୧(ସମିସ): ମାଲକାନଗିରି ଜିଲ୍ଲା ସଦରମହକୁମାସ୍ଥିତ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟରେ ୯୦ତମ ପ୍ରତିଷ୍ଠା ଦିବସ ଜିଲ୍ଲା ସଭାପତି ତାରକ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ଜିଲ୍ଲା ସଂଘର ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ସଂଘ ପତକା ଉତ୍ତୋଳନ କରି ସଂଘର ପ୍ରତିଷ୍ଠା, ଉଦ୍ଦେଶ୍ୟ ଓ କାର୍ଯ୍ୟାବଳୀ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ଏହାପରେ ମାଲକାନଗିରି ବ୍ଲକ୍ ସଭାପତି ରାମ ପ୍ରସାଦ ପାଢ଼ୀ, ଜିଲ୍ଲା ଉପସଭାପତି ସାଧନା ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ସାହୁ, ବାଲା ରାଜୁ ପାଢି, ଜିଲ୍ଲା ସାଧାରଣ ସଂପାଦକ ଦାମୋଦର ସାହୁ, ଜିଲ୍ଲା ଉପଦେଷ୍ଟା ନାରାୟଣ ଭୋଳ ପ୍ରମୁଖ ଶିକ୍ଷକମାନଙ୍କ ପ୍ରତିଷ୍ଠା, ସମ୍ମାନ, ଶିକ୍ଷକ ଏକତା ଏବଂ ସଂଘବଦ୍ଧ ଜୀବନ ଯାପନ ସଂପର୍କରେ ଉପଷ୍ଠିଥିତ ଶିକ୍ଷକମାନଙ୍କୁ ଅବଗତ କରାଇ ଥିଲେ । ରାଜ୍ୟ ସଂଘର ଉପସଭାପତି ରଞ୍ଜିତ ନାୟକ ମାଲକାନଗିରି ଜିଲ୍ଲାର ଶିକ୍ଷକମାନଙ୍କ ପଦୋନ୍ନତିରେ ବ୍ୟାଘାତ, ବଦଳି ସମସ୍ୟା, ନିର୍ବାଚନ ପ୍ରକ୍ରିୟା, ସଙ୍ଗଠନ, କେତେକ ବ୍ଲକ୍ ଶିକ୍ଷାଧିକାରୀଙ୍କ ମନୋମୁଖୀ ଆଚରଣ ସମ୍ପର୍କରେ ଅବଗତ କରାଇ ଥିଲେ । ଜିଲ୍ଲା ସଭାପତି ଶ୍ରୀ ମଣ୍ଡଳ ସମସ୍ତ ଭାଷଣର ସମସ୍ୟା ଓ ସମାଧାନର ମାର୍ଗ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସମୀର ରଥ ସଂଯୋଜନା କରିଥିବା ବେଳେ ଗଣେଶ ଜେନା, ମନୋରଞ୍ଜନ ବେହେରା, ଚିତ୍ତ ସରକାର ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ତରୁଣ ଦେ,ବସନ୍ତ ରାଉତ, ପ୍ରସନ ବାରିକ, ସତ୍ୟନାରାୟଣ ଦେ ପୂର୍ଣଚନ୍ଦ୍ର ଖଣ୍ଡପାଣି, ଅମୃତ ସରକାର, ରଞ୍ଜନ ମଣ୍ଡଳ, ଉମାକାନ୍ତ ମୁଦୁଲି, ବିଜୟ ମିସ୍ତ୍ରୀ କଳ୍ପତରୁ ନାୟକ, ମନୋରଞ୍ଜନ ସେଠୀ ,ଲକ୍ଷ୍ମୀ ରଥ, ନିହାର ରଞ୍ଜନ ଭୋଳ ପ୍ରମୁଖ ଶତାଧିକ ଶିକ୍ଷକ ଉପସ୍ଥିତ ହୋଇଥିଲେ । ଶେଷରେ ଉପଦେଷ୍ଟା ପ୍ରଫୁଲ୍ଲ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମାଜିକ ସୁରକ୍ଷା ବିଭାଗ ପ୍ରତି ଅବହେଳା

ରାୟଗଡ଼ା,୭।୧(ସମିସ):

ରାଜ୍ୟ ସରକାର ଗତ ୩୧ ଡିସେମ୍ବର ୨୦୨୫ରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ପୁନର୍ଗଠନ ନିମନ୍ତେ ନିର୍ଦ୍ଦେଶ ଜାରି କରିଛନ୍ତି । ଗତ ୩ ବର୍ଷ ମଧ୍ୟରେ ମହିଳା ଓ ଶିଶୁ ବିକାଶ , ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା , ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଭଳି ବହୁ ଗୁରୁତ୍ୱପୁର୍ଣ ବିଭାଗର ପୁନର୍ଗଠନ କରି ପଦବୀ ଗୁଡିକ ପୂରଣ କରିଛନ୍ତି । କିନ୍ତୁ ବିଡମ୍ବନାର ବିଷୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପୁନର୍ଗଠନ ଗତ ୨ ବର୍ଷ ତଳେ ବିଭାଗୀୟ ନିର୍ଦ୍ଧାରଣ ୧୦୧୩୮/ ୦୬/୧୨/୨୦୨୩ କ୍ରମେ ହୋଇଥିବା ସତ୍ତ୍ୱେ ସମସ୍ତ ପଦବୀ ପୂରଣ କରାଯାଇ ନାହିଁ । କେବଳ ୨୩ଟି ଉପଖଣ୍ଡ ସ୍ତରୀୟ ପଦବୀ ପୂରଣ କରାଯାଇ ୫୩ଟି ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ୧୬ଟି ଅତିରିକ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ୨ଟି ଡେପୁଟି ନିର୍ଦ୍ଦେଶକ, ଗୋଟିଏ ଯୁଗ୍ମ ନିର୍ଦ୍ଦେଶକ ପଦବୀ ପୂରଣ ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଇତିମଧ୍ୟରେ ୧୫ରୁ ଅଧିକ ଜିଲ୍ଲା

### ପଦବୀ ପୂରଣ ହେଉନି

ସାମାଜିକ ସୁରକ୍ଷା ଅଧିକାରୀ, ଡେପୁଟି ନିର୍ଦ୍ଦେଶକ ଓ ଯୁଗ୍ମ ନିର୍ଦ୍ଦେଶକ ପଦକୁ ପଦୋନ୍ନତି ନ ପାଇ ଅବସର ମଧ୍ୟ ନେଇସାରିଲେଣି । ସୂଚନାଥାଉକି, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ସାମାଜିକ ନିରାପତ୍ତା ଯୋଜନା ଅନ୍ତର୍ଗତ ମାସିକ ଭତ୍ତା ରାଜ୍ୟର ହାରାହାରି ୫୭ ଲକ୍ଷ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ଓ ପରିବାର ମଙ୍ଗଳ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ ଭଳି ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଜନାଗୁଡିକୁ ସାମାଜିକ ସୁରକ୍ଷା ଅଧିକାରୀଙ୍କ ମାଧ୍ୟମରେ କରାଯାଉଛି । ଦିବ୍ୟାଙ୍ଗ କଲ୍ୟାଣ ନିମନ୍ତେ କ୍ୟାମ୍ପ୍ ଆୟୋଜନ ସହ ପ୍ରମାଣପତ୍ର ପ୍ରଦାନ, ପୁନର୍ବାସ , ବୃତ୍ତି , ସହାୟତା ଉପକରଣ ପ୍ରଦାନ, ବିବାହ ପ୍ରୋତ୍ସାହନ , ମାଗଣା ଲ୍ୟାପଟପ ଆଦି ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି । ଏଥିସହ ତୃତୀୟ ଲିଙ୍ଗ , ବରିଷ୍ଠ ନାଗରିକ ଓ ଭିକ୍ଷୁକଙ୍କ ଭଳି ଅବହେଳିତଙ୍କ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ଗୁଡିକ ନିର୍ବାହ କରୁଛନ୍ତି । ସରକାରଙ୍କ ଲୋକାଭିମୁଖୀ ବହୁ ସମ୍ବେଦନଶୀଳ ଯୋଜନା ରୂପାୟନ କରୁଥିବା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପୁନର୍ଗଠନ ପ୍ରକାରେ ପଦବୀ ପୁରଣ ନେଇ ଆଶଙ୍କା ଲାଗି ରହିଥିବା ବେଳେ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀ ନିରବଦ୍ରଷ୍ଟା ସାଜିଛନ୍ତି । ଅନ୍ୟ ସମସ୍ତ ବିଭାଗର କ୍ଷେତ୍ର କର୍ମଚାରୀ ପୁନର୍ଗଠନରେ ଉପକୃତ ହେଉଥିବା ବେଳେ ସାମାଜିକ ସୁରକ୍ଷା ବିଭାଗ ପ୍ରତି ଉପେକ୍ଷାର କାରଣ ମଧ୍ୟ ଅସ୍ପଷ୍ଟ । ଦୁଇ ବର୍ଷ ବିତିଯିବା ଭଳି ଆଉ କେତେ ବର୍ଷ ଅପେକ୍ଷାରେ ରହିବେ ଅଧିକାରୀ ଏହା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉପାନ୍ତ ରାୟଗଡା ଜିଲ୍ଲାରେ ଉକ୍ତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରାୟ ଦେଢ଼ ଲକ୍ଷ ହିତାଧିକାରୀ ବିଭିନ୍ନ ଯୋଜନାରେ ଉପକୃତ ହେଉଥିବା ବେଳେ ଗତ ଦଶ ମାସ ହେବ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଭଳି ଗୁରୁତ୍ୱପୂର୍ଣ ପଦବୀ ଖାଲି ପଡିଛି । ରାୟଗଡ଼ା ଉପଖଣ୍ଡ ଅଧିକାରୀଙ୍କ ଉପରେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ବେଳେ ଯଦି ସରକାର ସାମାଜିକ ସୁରକ୍ଷା ଅଧିକାରୀମାନଙ୍କ ପୁନର୍ଗଠନ କରି ଖାଲି ପଡ଼ିଥିବା ପଦବୀ ଗୁଡିକୁ ପୂରଣ କରନ୍ତି, ତେବେ ଆହୁରି ଅନେକ ହିତାଧିକାରୀ ବିଭାଗୀୟ ଅଧିକାରୀ ମାନଙ୍କ ନିଯୁକ୍ତ ପରେ ସରକାରଙ୍କ ଯୋଜନାରେ ଅଧିକ ଉପକୃତ ହୋଇ ପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି ।

ସକାଳ THE SAKALA



www.sakalaepaper.com

## ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳପଥ ପ୍ରକଳ୍ପ

# ଜମି ଅଧିଗ୍ରହଣ ପାଇଁ ଖିରେଇଟାଙ୍ଗିରୀରେ ଗ୍ରାମସଭା



ତୁରୁମୁଙ୍ଗା, ୭।୧(ସମିସ): ବାଦାମପାହାଡ଼-କେନ୍ଦୁଝରଗଡ଼ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ପାଟଣା ତହସିଲ ଖିରେଇଟାଙ୍ଗିରୀ ଆରଆଇ ସର୍କଲ ଖିରେଇଟାଙ୍ଗିରୀ ପଞ୍ଚାୟତ ସଭାଗୃହଠାରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସଞ୍ଜୁଲତା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗ୍ରାମସଭାରେ ଦୈତାରୀ ବଂଶପାଣି ରେଲୱେ ପ୍ରକଳ୍ପର ଭୂ-ଅର୍ଜନ ଅଧିକାରୀ କିରଣ ନାଏକ, ଯନ୍ତ୍ରୀ ରାଜକୁମାର ମାଇତି, ରାଜସ୍ୱ ନିରୀକ୍ଷକ ରଶ୍ମିରଞ୍ଜନ ପୃଷ୍ଟି, ରାଜସ୍ୱ ସହାୟକ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ, ଅମିନ ସୁଧାଂଶୁ ଶେଖର ପଲେଇ, ଖିରେଇଟାଙ୍ଗିରୀ ଆରଆଇ ନିବେଦିତା ସେଠୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ସାହୁ, ଏଡିଇଓ ପୁରୁଷୋତ୍ତମ ମହାନ୍ତ, ୱାର୍ଡସଭ୍ୟ ପଦ୍ମିନୀ ନାଏକ, ଲୀଳାବତୀ ନାଏକ, ଲାବଣ୍ୟବତୀ ନାଏକ, ଯାତ୍ରୀମଣି ନାଏକ, ଦୈତାରୀ ମହାନ୍ତଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ବାଦାମପାହାଡ଼ କେନ୍ଦୁଝରଗଡ଼ ନୂତନ ରେଳପଥ ନିର୍ମାଣ ପାଇଁ ଖିରେଇଟାଙ୍ଗିରୀ ମୌଜାର ମୋଟ ୩୪ ଜଣଙ୍କଠାରୁ ୧୯.୦୬ ଏକର ଘରୋଇ ଜମି ଅଧିଗ୍ରହଣ ହେବ। ଜମିର ମୂଲ୍ୟ, ଜମିଜମା ସଂକ୍ରାନ୍ତ ଆଲୋଚନା କରାଯାଇଥିଲା। ଖିରେଇଟାଙ୍ଗିରୀ ମୌଜା ଦେଇ ୧.୩ କିଲୋମିଟର ରେଳପଥ ଯାଇଥିବା ବେଳେ ଖିରେଇଟାଙ୍ଗିରୀଠାରେ ଷ୍ଟେସନ ନିର୍ମାଣ ହେବା ନେଇ ଗ୍ରାମବାସୀ ପ୍ରକଳ୍ପକୁ ସ୍ୱାଗତ କରିଛନ୍ତି। ଏହି ନୂତନ ରେଳ ପ୍ରକଳ୍ପର ୮୨.୦୬ କିଲୋମିଟର ରାସ୍ତା ଥିବା ବେଳେ କେନ୍ଦୁଝର ଜିଲ୍ଲା ଦେଇ ୩୪.୬୦ କିଲୋମିଟର ରାସ୍ତା ରହିଛି। କେନ୍ଦୁଝର ସଦର ତହସିଲର ୭ଟି ଗ୍ରାମ ଏବଂ ପାଟଣା ତହସିଲର ୧୪ଟି ଗ୍ରାମରୁ ରେଲୱେ ପକ୍ଷରୁ ଘରୋଇ ଜମି ଅଧିଗ୍ରହଣ ହେବ। ଏହି ପ୍ରକଳ୍ପ ପାଇଁ ଖୁବଶୀଘ୍ର ଜମି ଅଧିଗ୍ରହଣ କରାଯିବ ବୋଲି ଭୂ-ଅର୍ଜନ ଅଧିକାରୀ ଶ୍ରୀ ନାଏକ କହିଛନ୍ତି।

## ହାଟଡ଼ିହୀ ତହସିଲରେ ଅତିରିକ୍ତ ତହସିଲଦାରଙ୍କ ପଦ ଖାଲି

ହାଟଡ଼ିହୀ,୭।୧(ସମିସ): ହାଟଡ଼ିହୀ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାରଙ୍କ ପଦ ଖାଲି ପଡ଼ିଛି। ହାଟଡ଼ିହୀ ବ୍ଲକଟି ସର୍ବବୃହତ ବ୍ଲକ ହୋଇଥିବା ବେଳେ ୨୧୮ ଟି ଗାଁ ରହିଛି। ସେହି ଅନୁଯାୟୀ, ଆୟତନ ହିସାବରେ ହାଟଡ଼ିହୀ ତହସିଲ ଅଧୀନରେ ଶତାଧିକ ରାଜସ୍ୱ ଗ୍ରାମ ଅନ୍ତର୍ଭୁକ୍ତ। ପ୍ରତିଦିନ ବିଭିନ୍ନ ଗ୍ରାମର ଲୋକେ ଭିନ୍ନ ଭିନ୍ନ କାର୍ଯ୍ୟ ନେଇ ତହସିଲ କାର୍ଯ୍ୟକୁ ଆସିଥା'ନ୍ତି। ତହସିଲଦାର ଏକା ଏକା ସମସ୍ତ ଦାୟିତ୍ୱ ତୁଲାଇବା ସମ୍ଭବ ହେଉନାହିଁ। ଏଣୁ ତହସିଲ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ସାଧାରଣ ସେବା



ପାଇବାରେ ମଧ୍ୟ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସବ୍‌ରେଜିଷ୍ଟାର ଅଧିକାରୀ ଅତିରିକ୍ତ ତହସିଲଦାର ଦାୟିତ୍ୱ ବହନ କରୁଥିବାରୁ ଲୋକେ ଜମି କିଣାବିକା ସମୟରେ ନାହିଁ ନଥିବା ହଇରାଣ ହେଉଛନ୍ତି। ଗତ ୧୬/୧୨/୨୦୨୫ରେ ଚିଠି ନଂ ୪୭୨୬୪ ଅନୁସାରେ ଜଣେ ମହିଳା ଅତିରିକ୍ତ ତହସିଲଦାରଙ୍କୁ ଜିଲ୍ଲା ମୁଖ୍ୟାଳୟରୁ ହାଟଡ଼ିହୀ ତହସିଲ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା ବେଳେ ଉକ୍ତ ମହିଳା ଅଧିକାରୀ ଜଣଙ୍କ ୨/୧୨/୨୫ଠାରୁ ୬/୦୫/୨୬ ଯାଏଁ ପ୍ରସୂତି ଛୁଟିରେ ରହିଛନ୍ତି। ତେବେ, ବର୍ତ୍ତମାନ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାରଙ୍କ ପଦ ଫାଙ୍କା ରହୁଥିବାରୁ ଲୋକମାନେ ସଠିକ୍ ସମୟରେ ସେବା ପାଇପାରୁ ନଥିବା ଅଭିଯୋଗ ହୋଇଛି। ଲୋକମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଏଠାରେ ତୁରନ୍ତ ଜଣେ ଅତିରିକ୍ତ ତହସିଲଦାରଙ୍କୁ ନିଯୁକ୍ତ କରାଗଲେ ଲୋକେ ଉପକୃତ ହୋଇପାରନ୍ତେ ବୋଲି ବିଭିନ୍ନ ମହଲରେ କୁହାଯାଇଛି।

## କୁମୁଣିଆରେ ଶୀତବସ୍ତ୍ର ପ୍ରଦାନ

ଆନନ୍ଦପୁର, ୭।୧(ସମିସ): ଘଷିପୁରାସ୍ଥିତ ଆଦର୍ଶ ସେବାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ସପ୍ତାହବ୍ୟାପୀ ସମାଜସେବାରେ ନିୟୋଜିତ କରିବା ଉଦ୍ଦେଶ୍ୟ ନେଇ କୁମୁଣିଆ ଗ୍ରାମର ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବାଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ଏହି ଶୀତବସ୍ତ୍ର ପ୍ରଦାନ କରାଯାଇଛି। ପୂର୍ବତନ ବିଜେପି ମଣ୍ଡଳ ସଭାପତି ରଞ୍ଜନ ପାତ୍ର, ଯୁବ ସମାଜସେବୀ ଦୈତାରି ମହାକୁଡ, ଧନେଶ୍ୱର ସାହୁ, ରଘୁନାଥ ନାହାକ, ସୌମ୍ୟରଞ୍ଜନ ସାହୁ, ରୁଦ୍ରନାରାୟଣ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ଦେଓଗାଁରେ ବ୍ରାହ୍ମଣ ମହାସଭା



ଆନନ୍ଦପୁର, ୭।୧(ସମିସ): ଘସିପୁରା ବ୍ଲକ୍ ଦେଓଗାଁସ୍ଥିତ ବାବା କୁଶଳେଶ୍ୱର ମହାଦେବଙ୍କ ପୀଠରେ ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ମହାସଭାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆବାହକ ପ୍ରଦୀପ ପଣ୍ଡା ଓ ସଂଯୋଜକ ଚିତ୍ତରଞ୍ଜନ ପତିଙ୍କ ସଂଯୋଜନାରେ ଉକ୍ତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ସର୍ବଭାରତୀୟ ବ୍ରାହ୍ମଣ ମହାସଭା ସଭାପତି ଡ. ବିପିନ ବିହାରୀ ମିଶ୍ର, ରାଜ୍ୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତ, ଜିଲ୍ଲା ସମ୍ପାଦକ ପ୍ରସନ୍ନ ନନ୍ଦ, ରଞ୍ଜନ ପାଢ଼ୀ, ପାର୍ଥସାରଥୀ ଆଚାର୍ଯ୍ୟ, ବିଭୁତିଭୂଷଣ ଦାଶ, ରାଜ୍ୟ ଉପସଭାପତି ରାଜେନ୍ଦ୍ର ପାଢ଼ୀ ଯୋଗ ଦେଇଥିଲେ। ଏଥିରେ ୧୬ ଶାସନ, ୩୨ପଡ଼ା ଶାସନ ଓ ୬୪ଟି ଉପଶାସନର ବ୍ରାହ୍ମଣମାନେ ଯୋଗ ଦେଇଥିଲେ। ସମାଜର ସୁରକ୍ଷା, ଭବିଷ୍ୟତ ପିଢ଼ିଙ୍କୁ କର୍ମକାଣ୍ଡରେ ପ୍ରବୀଣ କରିବାକୁ ବିଭିନ୍ନ ଶାସନର ପ୍ରତିନିଧି ମତ ରଖିଥିଲେ। ପରେ ସମସ୍ତ ବ୍ରାହ୍ମଣ ଉକ୍ତ ମହାସଭାରେ ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଆବାହକ ମଦନ ପାଣି, କାର୍ଯ୍ୟକାରୀ ସଭାପତି ଶାନ୍ତନୁ ମିଶ୍ର, ସଂଯୋଜକ ମଦନମୋହନ ମିଶ୍ର, ସମ୍ପାଦକ ପ୍ରଦୀପ ମିଶ୍ର, ଉପଦେଷ୍ଟା ମଧୁସୂଦନ ମିଶ୍ର, ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀ, ସହସମ୍ପାଦକ ଭାଗୀରଥୀ ଦାଶ, ଯୋଗେନ୍ଦ୍ର ପଣ୍ଡା, କାଳନ୍ଦୀ ଦାଶ, ଚିତ୍ତରଞ୍ଜନ ଦାଶ, ଚିତ୍ତରଞ୍ଜନ ପତି, ପ୍ରଦୀପ ପଣ୍ଡା, ଧନାନନ୍ଦ ପତି, ଏକାଦଶୀ ପଣ୍ଡା, ହଳଧର ଆଚାର୍ଯ୍ୟ, ଦୈତାରୀ ପଣ୍ଡା, ରମେଶ ପତି, ମନରଞ୍ଜନ ପତି, ବିକାଶ ଦାଶ ଯୋଗ ଦେଇଥିଲେ।

## ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ

ଚମ୍ପୁଆ, ୭।୧(ସମିସ): ଚମ୍ପୁଆସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଠାରେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଯୁକ୍ତ ୩ ପ୍ରଥମ ବର୍ଷର ଉଭୟ କଳା ଓ ବିଜ୍ଞାନର ୨୩୮ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଏମାନଙ୍କୁ ୫ଟି ବିଭାଗରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ଦିଆଯାଇଥିଲା। ୮ ଦିନ ଧରି ଏହି ତାଲିମ କାର୍ଯ୍ୟକ୍ରମରେ ବିଭାଗୀୟ ସଂଯୋଜକ ଅଧ୍ୟାପିକା ରଂଜିତା ମୁଣ୍ଡା ଏବଂ ଲିକି ବାବୁଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ସାଗରିକା ବେହେରା ଏବଂ ତୁଳସୀ ମୁଣ୍ଡା ତାଲିମ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ଚମ୍ପେଶ୍ୱର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଗିରି, ଡ ସୁଜିତ ସାହୁ, ଦୀପ୍ତିରଂଜନ ଖଟୁଆ, ରିତା ଚାତାର ପ୍ରମୁଖ ଯୋଗ ଦେଇଥିଲେ।

## ଜିନ୍ଦଲ ଷ୍ଟିଲ ଓଏଚ୍‌ସି ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିକିତ୍ସା ଭୂଷଣ ସମ୍ମାନ

ଯୋଡ଼ା, ୭।୧(ସମିସ): (ସମିସ) ଜିନ୍ଦଲ ଷ୍ଟିଲର ବଡ଼ବିଲ ପେଲେଟ ପ୍ଲାଣ୍ଟସ୍ଥିତ ଅକ୍ୟୁପେସନାଲ ହେଲଥ ସେଣ୍ଟର (ଓଏଚସି)ର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରାମାନନ୍ଦ ପ୍ରସାଦଙ୍କୁ ଜାତୀୟସ୍ତରର ସମ୍ମାନଜନକ ପୁରସ୍କାର ଚିକିତ୍ସା ଭୂଷଣ- ୨୦୨୫ରେ ସମ୍ମାନିତ କରାଯାଇଛି। ଗୁରୁଗ୍ରାମରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ବିହାରର ନଗର ଉନ୍ନୟନ ମନ୍ତ୍ରୀ ଜୀବେଶ ମିଶ୍ର ଓ ବଲିଉଡ଼ ଅଭିନେତା ଚଙ୍କି ପାଣ୍ଡେଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ବଡ଼ବିଲ ପେଲେଟ ପ୍ଲାଣ୍ଟ ଓଏଚସି ସମେତ ଡାକ୍ତର ଶ୍ରୀ ରାମାନନ୍ଦ ଜିନ୍ଦଲ ଷ୍ଟିଲର କାଶିଆ ଓ ଟେନ୍ସା ମାଇନ୍ସସ୍ଥିତ ଓଏଚସି ପରିଚାଳନାର ମଧ୍ୟ ନେତୃତ୍ୱ ନେଉଛନ୍ତି। ଗତ ଜୁନରେ ତୃତୀୟ ମହଲାରୁ ଖସିପଡ଼ି ଗୁରୁତର ଆହତ ହୋଇଥିବା ଜଣେ ଶିଶୁର ଜୀବନ ରକ୍ଷାରେ ଡାକ୍ତର ରାମାନନ୍ଦଙ୍କର ପ୍ରମୁଖ ଭୂମିକା ରହିଥିଲା। କୋଭିଡ ସମୟରେ ମଧ୍ୟ ସେ ଅତ୍ୟନ୍ତ ନିଷ୍ଠାର ସହ ସେବା ଯୋଗାଇବା ସହ ୧୦ ହଜାରରୁ ଅଧିକ ଲୋକଙ୍କ ଟୀକାକରଣ କରାଇଥିଲେ। ଏହାପୂର୍ବରୁ ଡାକ୍ତର ରାମାନନ୍ଦ ଅର୍ଦ୍ଧ ସାମରିକ ବଳରେ କାର୍ଯ୍ୟ କରିବା ସହ ନିଜର ଉଲ୍ଲେଖନୀୟ ସେବା ପାଇଁ ଗଭର୍ଣ୍ଣର୍ସ ଗୋଲ୍ଡ ମେଡାଲ ମଧ୍ୟ ପାଇଛନ୍ତି।



## ଆନନ୍ଦପୁର କଲେଜର ଏନ୍‌ଏସ୍‌ଏସ୍ ଶିବିର

ଆନନ୍ଦପୁର, ୭।୧(ସମିସ): ଆନନ୍ଦପୁର ମହାବିଦ୍ୟାଳୟ ଏନଏସଏସ ଶୀତକାଳୀନ ସ୍ୱତନ୍ତ୍ର ଶିବିର ପୋଷ୍ୟଗ୍ରାମ ସରଦାପୁର ଗ୍ରାମରେ କାର୍ଯ୍ୟକ୍ରମ ଅଧିକାରୀ ଓଜେଲ୍ ପଟ୍ଟନାୟକଙ୍କ ସଂଯୋଜନାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ୧୧ ତାରିଖ ପର୍ଯ୍ୟନ୍ତ ୫୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଆରମ୍ଭ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଏହି ଶିବିରର ଉଦ୍‌ଘାଟନୀ ସମାରୋହରେ ଅତିଥି ରୂପେ ମହାବିଦ୍ୟାଳୟର କର୍ମଚାରୀ ଡ଼ ନିମାଇଁ ଚରଣ ରାଉତ, ପ୍ରଫୁଲ୍ଲ କୁମାର ପଣ୍ଡା ଯୋଗ ଦେଇଥିଲେ। ସରଦାପୁର ଉପ୍ରା ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଓ ୱାର୍ଡମେମ୍ବର ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅଧିକାରୀ ମଧୁସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଥମ ଦିନରେ ସ୍ୱେଚ୍ଛାସେବୀମାନେ ଗ୍ରାମ ପରିସର ସଫେଇ ସହ ବିଭିନ୍ନ ଅସୁବିଧା ସଂପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସାତଦିନରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବିଭିନ୍ନ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ



ତେଲକୋଇ, ୭।୧(ସମିସ): ଜଳସମ୍ପଦ ବିଭାଗ ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଜନ ଆନୁକୂଲ୍ୟରେ ତେଲକୋଇ ବ୍ଲକ ସଲେଇକେନା ପଞ୍ଚାୟତ ଡିମିରିଆଠାରେ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ଥିରୀକୃତ ଏହି ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ ଚାଷଜମିକୁ ଜଳଯୋଗାଣ ଏବଂ ସେଥିନିମନ୍ତେ ଚାଷୀ କିପରି ସରକାରୀ ପରିଚାଳନା ବ୍ୟବସ୍ଥାରେ ସାମିଲ ହେବେ ସେନେଇ ଆବଶ୍ୟକ ପ୍ରଚାର ପ୍ରସାର କରାଯାଉଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ୨୦ନଂ ଜିଲ୍ଲା ପରିଷଦ ସଦସ୍ୟ କେଦାରଚନ୍ଦ୍ର ପ୍ରଧାନ, ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା, ସମିତିସଭ୍ୟା କବିତା ମାଝୀ, କେନ୍ଦୁଝର କ୍ଷୁଦ୍ର ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରେଖା ଚାତାର, ବ୍ଲକ ଉଦ୍ୟାନ ବିଭାଗ ଅଧିକାରୀ ଅରୁଣାରାଣୀ ଓରାମ, ତେଲକୋଇ ଥାନା ଆଇଆଇସି ଅଞ୍ଜନ ପାତ୍ର, ତେଲକୋଇ କ୍ଷୁଦ୍ର ଜଳସେଚନ ବିଭାଗର ଏସଡିଓ ପିଥ ସୋରେନ ପ୍ରମୁଖ ଅନ୍ତର୍ଭୁକ୍ତ ରହିଥିଲେ। ଶତାଧିକ ଚାଷୀ ଯୋଗ ଦେଇଥିବା ବେଳେ ୧୮ଟି ପାଣି ପଞ୍ଚାୟତର କର୍ମକର୍ତ୍ତା ସାମିଲ ହୋଇଥିଲେ। ବ୍ଲକର ବିଭିନ୍ନ ହାଇସ୍କୁଲ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ସାମିଲ ହୋଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କେନ୍ଦୁଝର କ୍ଷୁଦ୍ର ଜଳସେଚନ ବିଭାଗର ମୁଖ୍ୟ କିରାଣି ସୁନୀଲ ସେଠୀ ପରିଚାଳନା କରିଥିବା ବେଳେ ସଦର ଏସଡିଓ ସୁକେଶ୍ମିତା ନାୟକ, ତେଲକୋଇ କ୍ଷୁଦ୍ର ଜଳସେଚନ ବିଭାଗର ଯନ୍ତ୍ରୀ ପ୍ରଶାନ୍ତ ଜେନା, ରାଜେଶ ପାତ୍ର ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ସୁଭଦ୍ରା ଶକ୍ତିମେଳା ଓ ସ୍ୱଦେଶୀ ମେଳା ପ୍ରସ୍ତୁତି

କେନ୍ଦୁଝର, ୭।୧(ସମିସ): ଆସନ୍ତା ଜାନୁଆରୀ ୧୫ରୁ ୨୧ ପର୍ଯ୍ୟନ୍ତ କେନ୍ଦୁଝରର କାଳିପଡ଼ିଆରେ ଆୟୋଜିତ ହେବ ସୁଭଦ୍ରା ଶକ୍ତି ମେଳା ଏବଂ ସ୍ୱଦେଶୀ ମେଳା। ଏହାର ସଫଳ ଆୟୋଜନ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ବିଷୟରେ କେନ୍ଦୁଝର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାଯ୍ୟନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କାରିଗରମାନଙ୍କ ଉପରେ ବିଶେଷ ଗୁରୁତ୍ୱ ଦେଇ କେନ୍ଦୁଝର ଜିଲ୍ଲାର କଳା, ସଂସ୍କୃତି, ପାରମ୍ପରିକ ହସ୍ତଶିଳ୍ପ ଏବଂ ଆଦିବାସୀ ଉତ୍ପାଦ ପ୍ରଦର୍ଶନ ଏବଂ ପ୍ରଚାର ପାଇଁ ୨୦୦ଟି ଷ୍ଟଲ ସ୍ଥାପନ କରାଯିବ। ପାରମ୍ପରିକ ଏବଂ ସ୍ଥାନୀୟ ଖାଦ୍ୟକୁ ପ୍ରଦର୍ଶିତ କରୁଥିବା ଏକ ଖାଦ୍ୟ ମହୋତ୍ସବ, ମହିଳା ସଶକ୍ତୀକରଣ, ସ୍ୱାବଲମ୍ବନ ଏବଂ ସ୍ୱଦେଶୀ ଉତ୍ପାଦର ପ୍ରୋତ୍ସାହନ ଉପରେ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହେବ। ସ୍ଥାନୀୟ ସ୍ୱଦେଶୀ ନିର୍ମିତ ଉତ୍ପାଦ ବ୍ୟବହାରର ଗୁରୁତ୍ୱ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ସ୍ୱତନ୍ତ୍ର "ସ୍ୱଦେଶୀ ଦୌଡ଼'ମଧ୍ୟ ଯୋଜନା କରାଯାଇଛି। ସମସ୍ତ ବିଭାଗକୁ ଉପଯୁକ୍ତ ସମନ୍ୱୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ସାଂସ୍କୃତିକ ପ୍ରୋତ୍ସାହନ ଏବଂ ଆର୍ଥିକ ସଶକ୍ତୀକରଣ ପାଇଁ ଏହି କାର୍ଯ୍ୟକ୍ରମକୁ ଏକ ପ୍ଲାଟଫର୍ମ କରି ମେଳାର ସଫଳତା ସକାଶେ ପ୍ରସ୍ତୁତି ଚୂଡ଼ାନ୍ତ କରାଯାଇଛି।

## କେବିଏମ୍ ନକ୍‌ଆଉଟ୍ ଫୁଟ୍‌ବଲ: ତେନ୍ତୁଳିଖୁଣ୍ଟି ଏଫ୍‌ସି ଚାମ୍ପିଅନ୍

ତୁରୁମୁଙ୍ଗା,୭।୧(ସମିସ): ଚମ୍ପୁଆ ବ୍ଲକ ଜଜପଶି ପଞ୍ଚାୟତ ବଳା ଗ୍ରାମରେ ଚାଲିଥିବା କେବିକେ ସ୍ପୋର୍ଟିଂ କ୍ଲବ ମାଝୀ ସାହି ଆନୁକୂଲ୍ୟରେ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ତେନ୍ତୁଳିଖୁଣ୍ଟି ଏଫ୍‌ସି ପେନାଲ୍‌ଟଇ କିକ୍‌ରେ ସହ ମା' ସିନ୍ଦୁରଗୌରୀ ସରାସିଙ୍ଗାକୁ ହରାଇ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବରେ ବିଧାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତଲ ଜିଲ୍ଲା ବିଜେପି ସମ୍ପାଦକ ବିଶ୍ୱଜିତ ତ୍ରିପାଠୀ, ଯୁବନେତା ରଜନୀକାନ୍ତ ମିଶ୍ର, ଜଜପଶି ପଞ୍ଚାୟତ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ନାଏକ, ନାଏବ ସରପଞ୍ଚ ରବିକାନ୍ତ ବାରିକ ଯୋଗ ଦେଇଥିଲେ। ରେଫରୀ ଅନନ୍ତ ଚାତାର, ଚୈତନ୍ୟ ପୂର୍ତ୍ତି, ଜୟନ୍ତ ମର୍ମୁ ପରିଚଳନା କରିଥିବା ବେଳେ ଭାଷ୍ୟକାର ଭୋଳାନାଥ ମହାକୁଡ଼, ସଲମନ ମାଝୀ, ରତ୍ନାକର ପୂର୍ତ୍ତି, ଧରମାନନ୍ଦ ନାଏକ ସହଯୋଗ କରିଥିଲେ। କ୍ଲବର ସଭାପତି ଉପେନ୍ଦ୍ର ମାଝୀ, ସମ୍ପାଦକ ଶ୍ରବଣ ମାଝୀ, ଅଜିତ ତ୍ରିପାଠୀଙ୍କ ସହ କମିଟିର ସଦସ୍ୟ ଖେଳ ସହଯୋଗ କରିଥିଲେ।



## ମହାବୀର ସଂଗଠନ ପକ୍ଷରୁ ବସ୍ତ୍ର ବଣ୍ଟନ



ଆନନ୍ଦପୁର, ୭।୧(ସମିସ): ଆନନ୍ଦପୁର ଉପଖଣ୍ଡ ବାଙ୍କିଡିସ୍ଥିତ ଗୋଡ଼ିସାହି ଓଁଙ୍କାର ସେବାଶ୍ରମରେ ଥିବା ଛାତ୍ରଛାତ୍ରୀଙ୍କୁ ବସ୍ତ୍ର, ଚପଲ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାବୀର ସେବା ସଂଗଠନ ପକ୍ଷରୁ ନୂତନ ବର୍ଷ ଉପଲକ୍ଷେ ସେବାଶ୍ରମର ମୋଟ ୭୦ ଜଣ ପିଲାଙ୍କୁ ମ୍ୟାନେଜିଂ ଟ୍ରଷ୍ଟି ଗୋବର୍ଦ୍ଧନ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ସହାୟତା ବଣ୍ଟନ କରାଯାଇଛି। ସଂଗଠନ ପ୍ରତିଷ୍ଠାତା ଗଣେଶ୍ୱର ସାଙ୍କ ଅଧ୍ୟକ୍ଷତାରେ ଏକ ବନ୍ଧୁ ମିଳନ ପାଇଁ ସଭାପତି ବାବୁଲି ସାହୁଙ୍କ ପରିଚାଳନାରେ ଆଲୋଚନା କରାଯାଇଥିଲା। ଲିପାଞ୍ଜଳି ଜେନା, ମନସ୍ୱିନୀ ସାହୁ, ଆଦିତ୍ୟ ସାହୁ, ସନ୍ତୋଷ ସ୍ୱାଇଁ, ରାଜେଶ ପରିଡ଼ା, ମନୋଜ ସାହୁ, ମାମୁନି ଜେନା, ହରିହର ସାହୁ, ନାରାୟଣ ଘଡ଼େଇ, ଦିଲ୍ଲୀପ ଜେନା, ନାରାୟଣ ସାହୁ, ପ୍ରଭାତ ଜେନା, ମହେନ୍ଦ୍ର ପାତ୍ର ଏବଂ ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ।

## ଜନ୍ତାରିରେ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦୁଝର, ୭।୧(ସମିସ): ବଂଶପାଳ ବ୍ଲକ ବାରାଗୋଡା ପଞ୍ଚାୟତର ଜନ୍ତାରି ଗ୍ରାମରେ ମା' ରଙ୍ଗାପାଟ ଏକାଦଶ କ୍ରିକେଟ କ୍ଲବ ପକ୍ଷରୁ ଗତ ୨୬ ତାରିଖରୁ ଚାଲିଥିବା କ୍ରିକେଟ ମ୍ୟାଚ ୧୬ଟି ଦଳ ମଧ୍ୟରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଡିମ୍ବୋ ଏକାଦଶ ୪୦ ରନ୍‌ରେ ସାନକମୁଣ୍ଡା ଏକାଦଶକୁ ହରାଇ ଚାମ୍ପିଅନ୍ ହୋଇଛି। ଆୟୋଜକ ଅନୁଷ୍ଠାନ ସଭାପତି ପଦ୍ମଲୋଚନ ପାତ୍ର ଉଦ୍‌ଯାପନୀ ସମାରୋହରେ ସଭାପତିତ୍ୱ କରିଥିଲେ। ତେଲକୋଇ ଯୁବ କଂଗ୍ରେସ ସଭାପତି ଗୌରହରି ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ କେନ୍ଦୁଝର କଂଗ୍ରେସ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପାତ୍ର, ପ୍ରାଣବିନ୍ଦୁ ଏବଂ ବିଭୀଷଣ ଯୁଆଙ୍ଗ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ମିଥୁନ ନାଏକ ଧନ୍ୟବାଦ ଦେଇଥିଲେ।



## ଆମ୍ବଡହରାରେ ବ୍ଲକ୍‌ସ୍ତରୀୟ ୱାଟର୍‌ସେଡ ମହୋତ୍ସବ



କେନ୍ଦୁଝର, ୭।୧(ସମିସ): ବ୍ଲକସ୍ତରୀୟ ୱାଟରସେଡ ମହୋତ୍ସବ ବଂଶପାଳ ବ୍ଲକ ତଳକଇଁସାରୀ ପଞ୍ଚାୟତ ଆମ୍ବଡହରା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଦର ବ୍ଲକର ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ। ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ସମ୍ମାନିତ ଅତିଥିଭାବେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ସାହୁ, ବଂଶପାଳ ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ, ତଳକଇଁସାରୀ ସରପଞ୍ଚ ଶକୁନ୍ତଳା ଦେହୁରୀ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ ବାରିକ, ଶାନ୍ତିଲତା ରଣା, ତେଲକୋଇ ବିଧାୟକଙ୍କ ପ୍ରତିନିଧି ଉମାଶଙ୍କର ବାରିକ, ସମିତିସଭ୍ୟ ବାସନ୍ତୀ ବେହେରା, ବଂଶପାଳ ବ୍ଲକ କୃଷି ଅଧିକାରୀ ପ୍ରିୟଙ୍କା ମିଶ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୋନାଲି ପତି ଏବଂ ମୁଖ୍ୟବକ୍ତା ଭାବେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସୁକାନ୍ତ ସାହୁ ଯୋଗ ଦେଇଥିଲେ। କୃଷି ବିଜ୍ଞାନ ପରିସରରେ ଥିବା ଆଗ୍ରୋ ପଲିଟେକନିକ ସେଣ୍ଟରରେ ମାଟ୍ରିକ ପାସ କରିଥିବା ୧୫ରୁ ୪୫ ବର୍ଷର ଯୁବକଯୁବତୀଙ୍କୁ ସୁଯୋଗ ଉପଲବ୍ଧ ହେଉଥିବା ସୂଚନା ଦେଇଥିଲେ। ପୋଖରୀ ଖନନ, ବୃକ୍ଷରୋପଣ ଆଦି ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ଓ ଚିତ୍ରାଙ୍କନ ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଗ୍ରାମରେ ବୃକ୍ଷରୋପଣ ଏବଂ ଜଳ ଅମଳ ପ୍ରକଳ୍ପ ବା କ୍ଷେତ ପୋଖରୀ ଖନନ ପାଇଁ ଭୂମିପୂଜନ କରାଯାଇଥିଲା। ବିଭାଗର ସହକାରୀ ନିର୍ଦ୍ଦେଶକ ପ୍ରଦୀପ ରାଉତ ପରିଚାଳନା କରିଥିବାବେଳେ ସହକାରୀ ନିର୍ଦ୍ଦେଶକ ବନମାଳି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଙ୍କିରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

କେନ୍ଦୁଝର, ୭।୧(ସମିସ): ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ରାଙ୍କିଠାରେ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି କଲ୍ୟାଣ ବିଭାଗ, କେନ୍ଦୁଝର ତରଫରୁ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ୩୧ଟି ମାଧ୍ୟମିକ ବିଦ୍ୟାଳୟ, ୫୯ଟି ଆଶ୍ରମ ବିଦ୍ୟାଳୟ ଓ ୬ଟି ଅନ୍ୱେଷା ଆବାସିକ ଅନୁଷ୍ଠାନରୁ ପ୍ରାୟ ୧୨୦୦ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ କେନ୍ଦୁଝର ଆଇଟିଡିଏ ପି.ଡି ଶିବଶଙ୍କର ମିଶ୍ର ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, ଜିଲ୍ଲା ମଙ୍ଗଳ ବିଭାଗର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ, ଜିଲ୍ଲା ଶିକ୍ଷା ନିରୀକ୍ଷକ ସଞ୍ଜୟ କୁମାର ଧଳ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଙ୍କିର ଅଧ୍ୟକ୍ଷ ରବିଶଙ୍କର ଚୌଧୁରୀ, କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ ସାମନ୍ତ ସିଂହାର ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସୋମନାଥ ଆଇଚ ଓ ବିକାଶ ଶତପଥୀପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ତୀର୍ଥାନନ୍ଦ ସେଠୀ, ସୁରେନ୍ଦ୍ର ନାଏକ, ସରୋଜ ନନ୍ଦ, କୃଷ୍ଣାଞ୍ଜନ ଆଚାର୍ଯ୍ୟ, ଲକ୍ଷ୍ମୀଧର ସାହୁ, ସଚ୍ଚିଦାନନ୍ଦ ଦାଶ, ଲାଲମୋହନ ସର୍ଦ୍ଦାର, ନିଶିକାନ୍ତ କିସ୍କୁ, ସୁଧାକର କୁଅଁରଙ୍କ ସହ କ୍ରୀଡ଼ା ଶିକ୍ଷକ ପରମାନନ୍ଦ ସେଠୀ, ଭରତଚନ୍ଦ୍ର ଦଳେଇ, ଭାଗ୍ୟଲକ୍ଷ୍ମୀ ପାତ୍ର, ସୁମିତ୍ରା ଦାସ, ରଞ୍ଜିତା ମହାନ୍ତ, ପଦ୍ମଲୋଚନ ମହାନ୍ତ, ଜୟଶ୍ରୀ ମହାପାତ୍ର, ପ୍ରକାଶ ବେଜ, ସଞ୍ଜୀବ ବାଙ୍କିରା, ସୁନାଫୁଲ ମହାନ୍ତ, ଅଭିମନ୍ୟୁ ନାଏକ, ବିଭୁତି ଭୂଷଣ ମହାନ୍ତ ସହଯୋଗ କରିଥିଲେ।



## ବନ୍ୟପ୍ରାଣୀ ଓ ଜଙ୍ଗଲ ନିଆଁ ସଚେତନତା ସଭା



ପାଇକମାଳ, ୭।୧(ସମିସ): ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତ ମିଠାପାଲି ଗାଁରେ ଓଡ଼ିଶା ସରକାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନୃସିଂହନାଥ ବନାଞ୍ଚଳ ନୃସିଂହନାଥ ସେକ୍ସନ ପକ୍ଷରୁ ସାନ୍ତନୁ ପ୍ରଧାନଙ୍କ ସଭାପତିତ୍ୱରେ ବନ୍ୟପ୍ରାଣୀ ଓ ଜଙ୍ଗଲ ନିଆଁ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଜଙ୍ଗଲ ଓ ବନ୍ୟପ୍ରାଣୀ ଆମ ମଣିଷ ସମାଜ ପାଇଁ ହିତକର। ଜଙ୍ଗଲ ଓ ବନ୍ୟପ୍ରାଣୀ ବଞ୍ଚିଲେ ଆମେ ବଞ୍ଚିବା। ଆମେ ସମସ୍ତ କିପରି ଜଙ୍ଗଲକୁ କିପରି ବଞ୍ଚାଇ ରଖିବା ଓ ନିଆଁରୁ କିପରି ସୁରକ୍ଷା କରିବା ତତ୍‌ସହିତ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସଂରକ୍ଷଣ କରିବା ଏହି ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ସଚେତନତା ସଭାରେ ବିକାଶ ପ୍ରଧାନ, ପିତାମ୍ବର ଦନସନା, ଡୁଲେଶ୍ୱର୍ ସାହୁ, ଜୟନ୍ତ ସାହୁ, ପରିତୋଷ ସାହୁ, ଧନରାଜ ସାହୁ, କେଶବ ଚନ୍ଦ୍ର ସାହୁ, କୁମୁଦ ରଞ୍ଜନ ସାହୁ, ଉତ୍ତମ ସାହୁ, ମଦନ ସାହୁ, ଅମୃତ ଲାଲ ସାହୁ, ଡୋଲାମଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ପଞ୍ଚାୟତ ସମିତି ମିଟିଂକୁ ବର୍ଜନ**

# ସଭା ଅଧାରୁ ଉଠିଗଲେ ଚେୟାରମ୍ୟାନଙ୍କ ସହ ସଦସ୍ୟ

ପାଇକମାଳ, ୭।୧(ସମିସ)



ପାଇକମାଳ ବ୍ଲକ ସଭାଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ସଭାରେ ପ୍ରାୟ ବ୍ଲକର ସମସ୍ତ ସରପଞ୍ଚ, ଜିଲ୍ଲାପରିଷଦ ସଭ୍ୟ ଓ ସରକାରୀ ଅଧିକାରୀ ମାନେ ଯୋଗ ଦେଇଥିଲେ। ବ୍ଲକ ଚେୟାରମ୍ୟାନ ଭାବନା ସିଂ ପ୍ରଥମେ ସଭାକୁ ସମ୍ବୋଧନ କରି ଉପସ୍ଥିତ ସଭ୍ୟସଭ୍ୟା ମାନଙ୍କୁ ସ୍ୱାଗତ କରିଥିଲେ। ପରେ ପାଇକମାଳ ବିଡିଓ ପ୍ରଫୁଲ୍ଲ ଓଡୁ ପ୍ରାୟ ଦେଢ଼ ବର୍ଷ ହେଲା କୌଣସି ଉନ୍ନୟନ ମୂଳକ କାମ ହେଉନାହିଁ, କୌଣସି ପଞ୍ଚାୟତରେ ଆଜି ଯାଏଁ କିଛି ବିକାଶ କାମ ହେଉନାହିଁ, ଏପରିକି ଚେୟାରମ୍ୟାନ, ସରପଞ୍ଚ ଜିଲ୍ଲାପରିଷଦ ସଦସ୍ୟଙ୍କ କଥା ଶୁଣୁ ନାହାନ୍ତି, ତେଣୁ ଆଜି ଆମେ ଏହି ବୈଠକକୁ ବର୍ଜନ କରୁଛୁ ବୋଲି କହି ନିଜ ଆସନରୁ ଉଠି ବାହାରକୁ ଚାଲି ଆସିଥିଲେ। ଏହାପରେ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ସଭ୍ୟ ମାନେ ମଧ୍ୟ ବୈଠକ ବର୍ଜନ କରିବା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଅନ୍ୟପକ୍ଷେ ବିଜେପି ସମର୍ଥିତ ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟ ଓ ସରପଞ୍ଚ ମାନେ ସଭା ତ୍ୟାଗ ନକରି ବସି ରହିଥିଲେ। ବିଡିଓ ଶ୍ରୀ ଓଡୁ ମଧ୍ୟ ବସିଥିବା ସଭ୍ୟ ସଭ୍ୟା ମାନଙ୍କୁ ନେଇ ସଭା ଜାରି ରଖିଥିଲେ। ପଦ୍ମପୁର ଉପଜିଲ୍ଲାପାଳ ଖବର ପାଇ ଡେପୁଟି କଲେକ୍ଟର ନେପାଳ ମୁଣ୍ଡାଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଡେପୁଟି କଲେକଟର ଶ୍ରୀ ମୁଣ୍ଡା ଚେୟାରମ୍ୟାନ ଭାବନା ସିଂ ଓ ଅନ୍ୟାନ୍ୟ ସରପଞ୍ଚ ପ୍ରମୁଖଙ୍କୁ ବୁଝାସୁଝା କରିଥିଲେ। ଧାରଣା ସ୍ଥଳରେ ଗୋଟିଏ ଦାବିପତ୍ର ଗ୍ରହଣ କରି ଧାରଣାରୁ ସମସ୍ତଙ୍କୁ ଉଠାଇଥିଲେ। ଧାରଣାରେ ପଦ୍ମପୁର ବିଧାୟିକା ପ୍ରତିନିଧି ହୃଦାନନ୍ଦ ବାରିକ, ମାଣ୍ଡୋସିଲ ସମିତି ସଭ୍ୟ ଗୁଲାମ ରସୁଲ ରଙ୍ଗରେଜ, ବାଦିକଟା ସମିତି ସଭ୍ୟ ଦୁଷ୍ମନ୍ତ ପ୍ରଧାନ, ଭେଙ୍ଗରାଜପୁର ସମିତି ସଭ୍ୟ ଜତନୀ ଭୋଇ, ଝିଟିକି ସରପଞ୍ଚ କେଶବ ଧରୁଆ, ଜାମସେଠ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, ଝାରବନ୍ଧ ସରପଞ୍ଚ ଟେଭାବତୀ ଭୋଇ, ଛେତଗାଁ ସରପଞ୍ଚ ବନିତା ମହାନନ୍ଦ, ବରତୁଣ୍ଡା ସରପଞ୍ଚ ରୀତା ସୁନା, ସମିତି ସଭ୍ୟ ରାଇସ ମହମ୍ମଦ, କେଛୋଦାଦର ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ, ଛିନ୍ଦେଇକେଲା ସମିତି ମହେନ୍ଦ୍ର ଭୋଇ, ଯୁବନେତା ଗୌତମ ସିଂଙ୍କ ସମେତ ଅନେକ ସଭ୍ୟସଭ୍ୟା ଧାରଣାରେ ଅଂଶଗ୍ରହଣ କରିଥିଲେ।

# ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ





ଅମ୍ବାଭୋନା, ୭।୧(ସମିସ): ସ୍ଥାନୀୟ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନାରେ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବର ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ଲଳିତ ବାଗ, ଜିଲ୍ଲା ପରିଷଦ ସଦସ୍ୟା ନୀଳ ନାୟକ, ଜିଲ୍ଲା ସମ୍ପାଦକ ଗୁନାରୁ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲ ମୋହନ ସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୀବର୍ଧନ ଦୁଆନ, ଆଲୁମିନି ସଭାପତି ରୋହିତ ଭୁଏ ପ୍ରମୁଖ ଯୋଗ ଦେଇଥିଲେ। ରିତା ଭୁଏ, କିରଣ ମୁଦି, ଇତିଶ୍ରୀ ନାୟକ, କରିସ୍ମା ଭୁଏ, ଜସ୍ମିନ ନାୟକ, ଦୀପିକା ନାୟକ ଉଦ୍‌ଘାଟନୀ ନୃତ୍ୟ ପରିବେଷଣ କରିଥିଲେ। ବିଜ୍ଞାନ ଶିକ୍ଷକ ମନୋହର ସାହୁ ସଭା ପରିଚାଳନା କରିଥିଲେ। ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତରଫରୁ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୩ଟି ପାଭେଲିୟନରେ ଛାତ୍ରଛାତ୍ରୀ ନିଜର କୃତିତ୍ୱ ପ୍ରଦର୍ଶନ କରିଥିଲେ। ପ୍ରଥମ ପାଭେଲିୟନରେ ୨୦୩୬ରେ ଭିଜନ ଓଡ଼ିଶା, ଦ୍ୱିତୀୟ ପାଭେଲିୟନରେ ଆକାଂକ୍ଷୀ ଛାତ୍ର ଟ୍ୟାଲେଣ୍ଟ ଗ୍ୟାଲେରୀ ଓ ତୃତୀୟ ପାଭେଲିୟନରେ ଦୁକାନ ଯାତ୍ରାର ବିଭିନ୍ନ ଷ୍ଟଲ ଛାତ୍ରଛାତ୍ରୀ ମାନେ କରିଥିଲେ। କୌଶଳୀ, କ୍ରୀଡାଙ୍ଗନ, ସାହିତ୍ୟ ସୃଜନୀ, ଓ ଜିଜ୍ଞାଶା କ୍ଲବ୍ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା। ଦୁକାନ ଯାତ୍ରାରେ ଛାତ୍ରଛାତ୍ରୀ କିଣା, ବିକା, ଶତକଡା ଲାଭକ୍ଷତି ଜାଣିଥିଲେ। ରୋହିତ ଭୁଏ ଉଦ୍‌ଘାଟନୀ ଉତ୍ସବରେ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅମ୍ବାଭୋନା ତହସିଲଦାର ରଘୁନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସମସ୍ତ ସିଆରସିସି ସହଯୋଗ କରିଥିଲେ। କେଦାର ନାୟକ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଗୌରୀ ସେଠଙ୍କ ମାର୍ଗଦର୍ଶନରେ ନାରୀ ସଶକ୍ତିକରଣ ଉପରେ ଏକ ନାଟକ ପରିବେଷିତ ହୋଇଥିଲା। ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ବିଭିନ୍ନ କ୍ୟାରିୟର ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ଶିକ୍ଷକ ବିଶ୍ୱନାଥ ସାହୁ ଉପମା ପଧାନ, ସ୍ୱପ୍ନା ସାହୁ, ସୁଭାଶିଷ ଜଗତ, ଝରଣା ଦାସ ଦୀନବନ୍ଧୁ ପଣ୍ଡା, କୌଶଲ୍ୟା ସାହୁ ଚିନ୍ମୟ ସାହୁ, ଶୈରେନ୍ଦ୍ରି ରଥ, ଶିବ ଦାସ, ସରସ୍ୱତୀ ଭୋଇ, ଜିତେନ୍ଦ୍ର ନାୟକ, ତେଜରାମ ସାହୁ, ପିଙ୍କି ଭୋଇ ଗୌରୀ ସେଠ ମଧୁସୂଦନ ବାରିକ ନେପାଳ ସେଠ ଆରତି ନାୟକ ପ୍ରମୁଖ ସହଯୋଗ କରିଥିଲେ।

**ବିଜେପୁର:** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ପିଏମଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଲାଉମୁଣ୍ଡାର ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଯଯାତି ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ବଲ୍ଲଭ ମେହେର ମୁଖ୍ୟ ଅତିଥି ଭାବେ, ସୁରେନ୍ଦ୍ର ବେରିଆ ସ୍ଥାନୀୟ ସରପଞ୍ଚ, ରଞ୍ଜିତ ମେହେର, ବିଦ୍ୟାଳୟ କମିଟି ଅଧକ୍ଷ, ଆନନ୍ଦ ମହାପାତ୍ର, ଆଲୁମିନି କମିଟି ସଭାପତି, ରମେଶଚନ୍ଦ୍ର ଶତପଥୀ, ଶିକ୍ଷାବିତ ଓ ଆଶୁତୋଷ ମେହେର, ବିଧାୟକ ପ୍ରତିନିଧି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସଞ୍ଜୟ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏବଂ ଶିକ୍ଷକ ରୁଦ୍ରପ୍ରସାଦ ପଧାନଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ଆକାଂକ୍ଷୀ ମେଳା, ଟ୍ୟାଲେଣ୍ଟ ଗ୍ୟାଲେରୀ ଓ ଦୋକାନ ଯାତ୍ରା ପାଭିଲିୟନଗୁଡିକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଶିକ୍ଷକ ଘନଶ୍ୟାମ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସଦୀୟ କ୍ଷେତ୍ରସ୍ତରୀୟ ସଡ଼କ ସୁରକ୍ଷା କମିଟିର ବୈଠକ

ବରଗଡ଼, ୭।୧(ସମିସ): ସାଂସଦ ପ୍ରଦୀପ ପୁରହିତଙ୍କ ଅଧ୍ୟକ୍ଷତାରେ ବୁଧବାର ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ସଡକ ସୁରକ୍ଷା ଉପରେ ସଂସଦୀୟ ନିର୍ବାଚନ ମଣ୍ଡଳୀ ସ୍ତରୀୟ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା ପୌରାଧକ୍ଷା କଳ୍ପନା ମାଝୀ, ଭଟଲି ବିଧାୟକଙ୍କ ପ୍ରତିନିଧି, ଜିଲ୍ଲା ସଡକ ସୁରକ୍ଷା କମିଟିର ସମସ୍ତ ସଦସ୍ୟ, ଏନଏଚଏଆଇ, ଟାଟା ପାୱାର, ପୌରପାଳିକା ଏବଂ ବରଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ମାନେ ବୈଠକରେ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସବୁଆ ମାଝି ସଡ଼କ ସୁରକ୍ଷା ନିମିତ୍ତ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାର ଦୁର୍ଘଟଣା ସମ୍ପର୍କିତ ତଥ୍ୟ ଏବଂ ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ, ହେଲମେଟ୍ ଆଇନ ଲାଗୁ କରିବା, ହାଇୱେ ଇଣ୍ଟରସେପ୍ଟର ପାଇଁ ମାନକ କାର୍ଯ୍ୟ ପ୍ରଣାଳୀ କାର୍ଯ୍ୟକାରୀ କରିବା, ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ଏବଂ ବୈଧ ଡ୍ରାଇଭିଂ ଲାଇସେନ୍ସ ନଥିବା ବ୍ୟକ୍ତିଙ୍କ ଠାରୁ ଜରିମାନା ଆଦାୟ, ମୋଟର ଯାନ ରାଜସ୍ୱ ସଂଗ୍ରହର ଏକ ତୁଳନାତ୍ମକ ବିବୃତ୍ତି କମିଟି ସମ୍ମୁଖରେ ଉପସ୍ଥାପନ କରିଥିଲେ। ସାଂସଦ ଏବଂ ସଡ଼କ ସୁରକ୍ଷା କମିଟି ବିଗତ ଆର୍ଥିକ ବର୍ଷରେ କରାଯାଇଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହାସହ ଓଭରଲୋଡିଂ, ବିନା ପରମିଟ୍ ଯାନ ଏବଂ ମଦ୍ୟପାନ କରି ଗାଡି ଚାଳନା ବିରୁଦ୍ଧରେ ସ୍ୱତନ୍ତ୍ର ଅଭିଯାନ, ଶୂନ୍ୟ ସହନଶୀଳତା ଦିବସ ଏବଂ ଗୁଡ୍ ସାମାରିଟାନ୍ ନୀତିରେ ଆର୍ଥିକ ପୁରସ୍କାର ପ୍ରଦାନ ବିଷୟରେ ଆଲୋଚନା କରିଥିଲେ। ସଭାକୁ ସମ୍ବୋଧିତ କରି ସାଂସଦ ଶ୍ରୀ ପୁରହିତ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି ଟ୍ରାଫିକ ଆଇନର କଡାକଡି ଅନୁପାଳନ, ସଡକ ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ କରିବା ପାଇଁ ନିରନ୍ତର ଜନସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ଦୁର୍ଘଟଣା ପ୍ରବଣ ବ୍ଲାକ୍ ସ୍ପଟ୍ ଉପରେ କେନ୍ଦ୍ରିତ କାର୍ଯ୍ୟାନୁଷ୍ଠାନ, ମଦ୍ୟପାନ ଓ ବେପରୁଆ ଗାଡି ଚାଳନା ରୋକିବା ଏବଂ ସଡକ ସୁରକ୍ଷା ଭିତ୍ତିଭୂମିର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ।

## ସ୍ନାତକ ମହିଳା ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା



ବରପାଲି, ୭।୧(ସମିସ): ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାକୁ ଓଡ଼ିଆ ବିଭାଗ ମୁଖ୍ୟ ତଥା ସାଂସ୍କୃତିକ ସମ୍ପାଦକ ଯତୀନ୍ଦ୍ର ସାହୁ ପରିଚାଳନା କରିଥିଲେ। ହିନ୍ଦୀ ବିଭାଗ ଅଧ୍ୟାପିକା ଜ୍ୟୋତି ସାହୁ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମୁଖ୍ୟ ଅତିଥି ଭାବେ ସମ୍ବାଦିକ ପଦ୍ମଲୋଚନ ସାହୁ, ସମ୍ମାନିତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ମେହେର ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀ ମାନଙ୍କୁ ଅତିଥି ବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ବିଗତ ଦିନରେ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତା ପାଇଁ ମଧ୍ୟ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ସସ୍ମିତା ମେହେର, ପୁନମ୍ ସାହୁ, ମନିଷା ଭୋଇ, ପରିଣିତା ପ୍ରଧାନ, ପିଙ୍କି ବାରିକ, ଶୋଭାବତୀ ଥପା ଅଧ୍ୟାପକ ନେପାଳ ବିଶ୍ୱାଳ ସହକର୍ମୀ ସାର୍ଥକ ପାଣିଗ୍ରାହୀ, ଶଶାଙ୍କ ଶେଖର ପଧାନ ନୃପରାଜ ବରିହା, ତ୍ରିପୁରା ବେହେରା ପ୍ରମୁଖ ସହାୟତା କରିଥିଲେ। ଶେଷରେ ଅଧ୍ୟାପକ ଲୋକନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱର୍ଣ୍ଣ ଧନୁଷକୁ ବରଗଡ଼ରେ ଭବ୍ୟ ସ୍ୱାଗତ



ବରଗଡ଼, ୭।୧(ସମିସ): ରାଉରକେଲାରୁ ଅଯୋଧ୍ୟାକୁ ଯାଉଥିବା ସ୍ୱର୍ଣ୍ଣ ଧନୁକୁ ବରଗଡ଼ରେ ଭବ୍ୟ ସ୍ୱାଗତ କରାଯାଇଛି। ରବିବାର ବରଗଡ଼କୁ ପହଞ୍ଚିଲା ପରେ ସର୍କିଟ ହାଉସରେ କଡା ସୁରକ୍ଷା ବଳୟରେ ରଖା ଯାଇଥିଲା। ସୋମବାର ସକାଳୁ ସର୍କିଟ ହାଉସରୁ ଭଟଲି ଛକ ଦେଇ ଆର୍‌ଟିଓ ଅଫିସ ହନୁମାନ ମନ୍ଦିର ଠାରେ ଭବ୍ୟ ସ୍ୱାଗତ କରିବା ସହ ପୂଜାର୍ଚ୍ଚନା ଓ ଭକ୍ତ ମାନଙ୍କ ଦ୍ୱାରା ଆରତି କରାହୋଇଥିଲା। ଅଯୋଧ୍ୟାକୁ ଯାଉଥିବା ଏହି ଧନୁ ୨୮୬ କେଜିର ଏବଂ ସ୍ୱର୍ଣ୍ଣ ମଣ୍ଡିତ ଧନୁ ଅଟେ। ରାଉରକେଲା ହନୁମାନ ବାଟିକାରୁ ବାହାରି ପୁରା ଓଡ଼ିଶା ଏହି ସ୍ୱର୍ଣ୍ଣ ଧନୁ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ଆଜି ବରଗଡ଼ ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ ସହ ବହୁ ଶ୍ରଦ୍ଧାଳୁ ପୁଲିସ ପ୍ରଶାସନ ଉପସ୍ଥିତିରେ ଧନୁକୁ ସ୍ୱାଗତ ଜଣାଇଥିଲେ। ୨୮୬ କେଜିର ଏହି ସ୍ୱର୍ଣ୍ଣ ମଣ୍ଡିତ ଧନୁ ଅଯୋଧ୍ୟାରେ ପହଞ୍ଚିବା ଯୋଜନା ରହିଛି।



## ଅଧପନ୍ତରିଆ ଏସ୍‌ସି, ଏସ୍‌ଟି ହଷ୍ଟେଲ କାର୍ଯ୍ୟକ୍ଷମ କରିବାକୁ ଦାବି



ଝାରବନ୍ଧ, ୭।୧(ସମିସ): ଝାରବନ୍ଧ ବ୍ଲକ ଅଧୀନ ବିଲାସପୁର ପଞ୍ଚାୟତ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ଏସ୍‌ସି ଏସ୍‌ଟି ବାଳିକା ଆବାସିକ ହଷ୍ଟେଲକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଦାବି ଜୋର ଧରିଛି। ହଷ୍ଟେଲ ନିର୍ମାଣ ପାଇଁ ୨୦୧୨ ମସିହାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଦୀର୍ଘ ୧୨ ବର୍ଷ ବିତିଯାଇଥିଲେ ସୁଦ୍ଧା ଦୁଇ ମହଲା ବିଶିଷ୍ଟ ଭବନଟି ଅଧାପନ୍ତରିଆ ହୋଇ ପଡ଼ିରହିଛି। ହଷ୍ଟେଲର ଛାତ ଉପରେ ଗଛଲତା ବଢ଼ିଯାଇଛି। ଛାତ୍ରୀଙ୍କ ରହିବା ପାଇଁ ହଷ୍ଟେଲ ଏପର୍ଯ୍ୟନ୍ତ ଉପଯୋଗୀ ହୋଇପାରି ନାହିଁ। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବାକୁ ପୂର୍ବରୁ ୩-୪ ଥର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ ଦାଖଲ ହୋଇଥିଲା। ଏହାସତ୍ତ୍ୱେ କୌଣସି ସୁଫଳ ମିଳିପାରି ନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଆଜି ବିଲାସପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଆଭାସୀ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସାଂସଦ ପ୍ରତିନିଧି ଭାବେ ବିଜେପି ନେତା ଗୋବର୍ଦ୍ଧନ ଭୁଏ ଯୋଗ ଦେଇଥିଲେ। ଏହି ସମୟରେ ଝାରବନ୍ଧ ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଭାପତି ସାମ୍ବାଦିକ ମୋତିଲାଲ ବାଗ ଏହି ଅଧାପନ୍ତରିଆ ହଷ୍ଟେଲ ବିଷୟରେ ଶ୍ରୀ ଭୁଏଙ୍କୁ ପ୍ରଶ୍ନ କରିଥିଲେ। କାର୍ଯ୍ୟକ୍ରମ ସମାପନ ପରେ ଗୋବର୍ଦ୍ଧନ ଭୁଏ ନିଜେ ହଷ୍ଟେଲର ସ୍ଥିତି ନିରୀକ୍ଷଣ କରି ବିଭାଗର ଉଚ୍ଚ ଅଧିକାରୀମାନଙ୍କ ସହ ଫୋନ ମାଧ୍ୟମରେ ଆଲୋଚନା କରିଥିଲେ। ସ୍ଥିତି ନିରୀକ୍ଷଣ ସମୟରେ ବିଜେପି ଝାରବନ୍ଧ ମଣ୍ଡଳ ସଭାପତି ସତ୍ୟମ ପ୍ରଧାନ, ବରିଷ୍ଠ ବିଜେପି ନେତା ହରିହର ସାହୁ ଓ ଡାକ୍ତର ମୋହନ ପ୍ରସାଦ ନାୟକ, ବିଲାସପୁର ଗାଁ କମିଟି ସଭାପତି ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ହଷ୍ଟେଲ ନିର୍ମାଣ କାର୍ଯ୍ୟ କିପରି ଶୀଘ୍ର ସମାପନ ହୋଇ ଛାତ୍ରୀଙ୍କ ବ୍ୟବହାର ପାଇଁ କାର୍ଯ୍ୟକ୍ଷମ ହେବ, ସେ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ଶ୍ରୀ ଭୁଏ କହିଛନ୍ତି।

# ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ମାଣ୍ଡୋସିଲର ଦୁଇ ଛାତ୍ରୀ

ପାଇକମାଳ, ୭।୧(ସମିସ)





ଆନ୍ଧ୍ରପ୍ରଦେଶର ଗୁଡିଭଡି ଜିଲ୍ଲାରେ ହେବାକୁ ଥିବା ଜାତୀୟ ବିଦ୍ୟାଳୟସ୍ତରୀୟ ୧୪ ବୟସ କମ୍ ବାଳିକା ବିଭାଗ କବାଡି ପ୍ରତିଯୋଗିତାରେ ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଅଞ୍ଚଳର ଦୁଇ ଛାତ୍ରୀ ମନୋନୀତ ହୋଇଛନ୍ତି। ତାଙ୍କର ଏହି ସଫଳତା ମାଣ୍ଡୋସିଲ ଅଞ୍ଚଳ ତଥା ପାଇକମାଳ ଅଞ୍ଚଳ ପାଇଁ ଗୌରବ ଆଣିଛି। ସେମାନେ ହେଲେ ମାଣ୍ଡୋସିଲ କସ୍ତୁରବା ବାଳିକା ବିଦ୍ୟାଳୟ ଦୁଇ ଛାତ୍ରୀ ତପସ୍ୱିନୀ ବିନାଟ ଓ ସଞ୍ଚିତା ପଟେଲ। ସେମାନେ କସ୍ତୁରବା ବାଳିକା ବିଦ୍ୟାଳୟରେ ଆବାସିକ ହଷ୍ଟେଲରେ ରହି ପାଠପଢ଼ା ସହ କୋଚ ଅଜିତ ପ୍ରଧାନଙ୍କ ଠାରୁ ପ୍ରଶିକ୍ଷଣ ନେଉଥିଲେ। ତପସ୍ୱିନୀ ମାଣ୍ଡୋସିଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସଞ୍ଚିତା ମାଣ୍ଡୋସିଲ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଛନ୍ତି। ଉଭୟ ଚାଷୀ ପରିବାରରୁ ଆସିଥିଲେ ହେଁ କ୍ରୀଡାକ୍ଷେତ୍ରରେ ସମାଜ ତଥା ଅଞ୍ଚଳ ପାଇଁ ଉଦାହରଣ ସାଜିଛନ୍ତି। ତପସ୍ୱିନୀ ବରତୁଣ୍ଡା ଗାଁ ବ୍ରଜ ବିନାଟଙ୍କ ଝିଅ ଏବଂ ହୋଇଥିବା ସଞ୍ଚିତା ଛେତଗାଁ ଗାଁର ଜେହେରୁ ପଟେଲଙ୍କ ଝିଅ ଅଟନ୍ତି। ତାଙ୍କ ସଫଳତା ପଛରେ ପିତାମାତା, କୋଚ ଅଜିତ ପ୍ରଧାନ, ପ୍ରଧାନଶିକ୍ଷକ ପ୍ରଭାତ ମିଶ୍ର, ୱାର୍ଡେନ ଜୟସ୍ମିତା ମହାନ୍ତିଙ୍କୁ ଶ୍ରେୟ ଦେଇଛନ୍ତି। ଖବର ଜାଣିବା ପରେ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ, ସ୍କୁଲ ପରିଚାଳନା କମିଟି ତଥା ମାଣ୍ଡୋସିଲ ଅଞ୍ଚଳରେ ଶୁଭେଚ୍ଛାର ସୁଅ ଛୁଟିଛି। ତାଙ୍କ ସଫଳତାରେ ପାଇକମାଳ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ସିଆରସିସି ବସୁଦେବ କୁମ୍ଭାର, ଉଗ୍ରସେନ ପ୍ରଧାନ, ସନ୍ତୋଷ ମେହେର, ସୁଦର୍ଶନ ମହାକୁଡ, ପିଏମଶ୍ରୀ ପ୍ରଧାନଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେ, ବୈବସ୍ୱତ ପ୍ରଧାନ, ହେମସାଗର ସାହୁ, ଗୋକୁଳାନନ୍ଦ ଡନସନା, ରାଧେଶ୍ୟାମ ପଟେଲ, ସମାଜସେବୀ ମହେନ୍ଦ୍ର ଖୁଣ୍ଟିଆ, ସରପଞ୍ଚ ଓମ ପ୍ରକାଶ ନାୟକ, ସମିତି ସଭ୍ୟ ଗୁଲାମ ରସୁଲ ରଙ୍ଗରେଜ, ଜିଲ୍ଲା ପରିଷଦ ସଭ୍ୟା ତ୍ରିପୁରା ବରିହା, ଜଗନ୍ନାଥ ପୁଟା, ଋଷଦେବ ରଣା, କ୍ରିଷ୍ଣା ବାଗ, ବିକ୍ରମ ସିଂ, ହୃଷିକେଶ ବାଗ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ମାଣ୍ଡୋସିଲ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ତଥା ରାଜ୍ୟସ୍ତରୀୟ ପାଇଁ ଖେଳି ପ୍ରଶଂସିତ ହୋଇଛନ୍ତି। ସରକାରଙ୍କ ତରଫରୁ ବରଗଡ଼ ଜିଲ୍ଲା ପାଇଁ ମାଣ୍ଡୋସିଲ ଅଞ୍ଚଳରେ କବାଡି କ୍ରୀଡା ଭିତ୍ତିଭୂମି ଆବଶ୍ୟକତା ରହିଛି। ଏଠାରେ ଏକ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କଲେ ଅଞ୍ଚଳର ତଥା ଜିଲ୍ଲାରୁ ବହୁ ଗରିବ ଶ୍ରେଣୀର ଛାତ୍ରଛାତ୍ରୀ ପ୍ରଶିକ୍ଷଣ ପାଇ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣି ପାରିବେ ବୋଲି ମତ ପ୍ରକାଶ ପାଇଛି।

## ଶିକ୍ଷା ବିଭାଗୀୟ ଉଚ୍ଚସ୍ତରୀୟ କମିଟି ଅଧକ୍ଷଙ୍କୁ ଦାବିପତ୍ର



ବରଗଡ଼, ୭।୧(ସମିସ): ଭୁବନେଶ୍ୱର ଠାରେ ସମଗ୍ର ଓଡ଼ିଶାର ଯୁକ୍ତ ୨ ସ୍ୱବିତ୍ତ ମାତ୍ର ଅଣ ବ୍ୟବସାୟିକ ସଂଘ ଶିକ୍ଷା ବିଭାଗୀୟ ଉଚ୍ଚସ୍ତରୀୟ କମିଟି ଅଧକ୍ଷଙ୍କୁ ବୁଧବାର ସାକ୍ଷାତ କରିଛି। ସଂଘ ପକ୍ଷରୁ ସଭାପତି ଲୋଚନ ବରିହା ଏବଂ ସମ୍ପାଦକ କିଶୋର ପାତ୍ର ତଥା ସହସମ୍ପାଦକ ଦୁଃଖିଶ୍ୟାମ ପରିଡ଼ା, ଅଧକ୍ଷ ରମାଇ ଚରଣ ସିଂହ ଏବଂ ଫକୀରମୋହନ ବେହେରା ଏହି ସମୟରେ ଉପସ୍ଥିତ ଥିଲେ। ବିଦ୍ୟାଳୟ ମାନଙ୍କର ସମସ୍ୟା ଗୁଡ଼ିକୁ ଦାବିପତ୍ର ଦ୍ୱାରା ଜଣାଇବା ସହ ସମାଧାନ ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହାସହ ସମସ୍ୟାଗୁଡ଼ିକର ଆଶୁ ସମାଧାନ ସକାଶେ ସରକାରଙ୍କୁ ନିଜର ମତାମତ ଜଣାଇବାକୁ ଅନୁରୋଧ କରାଯାଇଥିଲା।

## ଧାନ କିଣା ସ୍ୱାଭାବିକ ହେଉନି ମଣ୍ଡିରେ ଉତ୍ତେଜନା

# ଚାଷୀଙ୍କ ସହ ତହସିଲଦାରଙ୍କ ଆଲୋଚନା

ବିଷମ କଟକ,୭।୧(ସମିସ):



ଚଳିତ ଖରିଫ ଧାନ ମଣ୍ଡି ଆରମ୍ଭ ହୋଇ ୨୧ଦିନ ବିତିଲାଣି। ହେଲେ ଧାନ କିଣା ସ୍ୱାଭାବିକ ହେଉନାହିଁ। ମୁଣ୍ଡର ଝାଳ ତୁଣ୍ଡ ରେ ମାରି ଅମଳ କରିଥିବା ସୁନାର ଫସଲ ବିକ୍ରି କରିବା ପାଇଁ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି। ସରକାର ଓ ମିଲର କଳିରେ ଚାଷୀ ଏବେ ବଳି ପଡିଛି। ଚାଷୀ ନିଜର ଅମଳ ଧାନ ମଣ୍ଡିରେ ବିକ୍ରି କରିପାରୁ ନଥିବାରୁ ମଣ୍ଡିରେ ଉତ୍ତେଜନା ଦେଖା ଦେଇଛି। ଏଭଳି ସମସ୍ୟା ଦେଖା ଦେଇଛି ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ଗଜବାହାଲ ଧାନ ମଣ୍ଡିରେ। ଆଜି ଗଜବାହାଲ ଠାରେ ଧାନ ମଣ୍ଡି ହେବାକୁ ଥିବା ବେଳେ ଧାନ ବିକ୍ରି ପାଇଁ ଟୋକନ୍ ପାଇଥିବା ଚାଷୀ ଧାନ ନେଇ ମଣ୍ଡିକୁ ଆସିଥିଲେ। ହେଲେ ସାରା ରାଜ୍ୟରେ ମିଲର ମାନେ ଧର୍ମଘଟ କରିଥିବାରୁ ମଣ୍ଡିରେ ଧାନ କିଣା ଯାଇ ନଥିଲା। ବିଷମ କଟକ ବ୍ଲକରେ ମଣ୍ଡି ଆରମ୍ଭ ହୋଇ ୨୧ ଦିନ ବିତି ଯାଇଥିଲେ ସୁଦ୍ଧା ଚାଷୀ ନିଜ ଅମଳ ଧାନ ବିକ୍ରି କରିବା ସମ୍ଭବ ହେଇପାରୁନି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧୁଛି। ଉକ୍ତ ଚାଷୀ ଏ ନେଇ ବିଷମ କଟକ ତହସିଲଦାର କେ.ଭେଙ୍କଟେଶ୍ୱର ରେଡିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖବର ପାଇବା ମାତ୍ରେ ତହସିଲଦାର ତୁରନ୍ତ ଗଜବାହା ମଣ୍ଡି ସ୍ଥଳକୁ ଆସି ଉତ୍ୟକ୍ତ ଚାଷୀଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟା ବୁଝିଥିଲେ। ମିଲରମାନେ ଆନ୍ଦୋଳନରେ ରହିଥିବାରୁ ରାଜ୍ୟରେ ଧାନ କିଣା ପ୍ରଭାବିତ ହେଉଛି। ମଣ୍ଡିରେ ଧାନ ସଂରକ୍ଷିତ ରଖିବାକୁ ଭିତିଭୂମିର ଅଭାବ ରହିଛି। ତେଣୁ ଧାନ କିଣିବାରେ ସମସ୍ୟା ହେଉଛି । ଦୁଇଦିନ ଅପେକ୍ଷା କରି ଧାନକୁ ନିଜ ପାଖରେ ସୁରକ୍ଷିତ ରଖିବାକୁ ଚାଷୀଙ୍କ ଅନୁରୋଧ ମଧ୍ୟ କରିଛନ୍ତି ତହସିଲଦାର। ଚାଷୀ ମାନଙ୍କ ଟୋକନ୍‌ର ଅବଧି ଶେଷ ପର୍ଯ୍ୟାୟରେ ରହିଛି ।ସେମାନେ ନିଜର ଧାନ ବିକ୍ରି କରିବା ଅବଧି ବଢାଇବା ନିମନ୍ତେ ଲ୍ୟାମ୍ପସକୁ ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି। ଟୋକନ୍‌ର ଅବଧି ଶେଷ ହେଉଥିବା ଚାଷୀମାନଙ୍କୁ ଅଗ୍ରାଧିକାର ଦେଇ ଧାନ କିଣିବା ନେଇ ଆଲୋଚନା ମଧ୍ୟ କରିଛନ୍ତି। ଆଜି ମଣ୍ଡିକୁ ଆସିଥିବା ଧାନ ସବୁକୁ ଅସ୍ଥାୟୀ ଭାବେ ମଣ୍ଡି ନିକଟ ଏକ ଗୋଦାମ ଘରେ ରଖିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି।

## ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ଥର ସ୍ଥାପନ

ତେନ୍ତୁଳିଖୁଣ୍ଟି,୭/୧(ସମିସ) ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ପୂଜାରୀଗୁଡା ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ଥର ସ୍ଥାପନ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। । ନବରଙ୍ଗପୁର ଜିଲ୍ଲାର ମୋଟ ୯ ଗୋଟି ଏବଂ ସମଗ୍ର ରାଜ୍ୟରେ ୧୧୮ ଟି ଗୋଦାବରିଶ ପ୍ରାଥମିକ ଆଦର୍ଶ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିବା ସୂଚନା ମିଳିଛି। ପୂଜାରୀଗୁଡା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିଁଳେନ୍ଦ୍ରି ବିଷୋୟୀ,ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋୟୀ, ପୂଜାରୀଗୁଡା ସରପଞ୍ଚ, ଅନାଦି ମାଝୀ, ସମିତି ସଭ୍ୟା ବିନୋଦିନୀ ସିଂହ, ବିଡିଓ ମନୋଜ କୁମାର ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ଦାଶ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୁଳ ରଞ୍ଜନ ସୁନା, ପ୍ରଫୁଲ୍ଲ ପଟନାୟକ, କିଶୋର ଚନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପିଲା ନାମ ଲେଖାଇ ପାରିବେ,ଏଥିରେ ସ୍ୱତନ୍ତ୍ର ଭିତ୍ତିଭୂମି,ସ୍ୱତନ୍ତ୍ର ଶିକ୍ଷକ,ସ୍ୱତନ୍ତ୍ର ହଷ୍ଟେଲ ସୁବିଧା ଏବଂ ଆଧୁନିକ ଢାଞ୍ଚାରେ ଶିକ୍ଷା ପ୍ରଦାନ ବ୍ୟବସ୍ଥା ରହିବ ଏବଂ ଆଗାମୀ ଶିକ୍ଷା ବର୍ଷ ଠାରୁ ଏହା କାର୍ଯ୍ୟକାରୀ ହେବ ବୋଲି ବିଧାୟକ ଶ୍ରୀ ମାଝୀ ପ୍ରକାଶ କରିଥିଲେ। ବରିଷ୍ଠ ଶିକ୍ଷକ ବିଭୁତି ଭୂଷଣ ପତି ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମହାପାତ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ସିଆରସିସି ଘାସିରାମ ମାଝୀ, ପଲ୍ଲୀଶ୍ରୀ ବରାଡ଼, ସବିତା ବେହେରା, ଚିନ୍ମୟୀ ପଣ୍ଡା, ମାଣିକେଶ୍ୱରୀ, ବି ରୋଜା କୁମାରୀ ପ୍ରମୁଖ ସହଯୋଗ କରିଥିଲେ।



● ଏମ୍‌ଭି ୨୬ରେ ଜଳାପୋଡ଼ା ଘଟଣା

## ଗିରଫ ୧୮ ଜଣଙ୍କୁ ମିଳିଲା ସର୍ତ୍ତମୂଳକ ଜାମିନ

ମାଲକାନଗିରି, ୭ ।୧(ସମିସ): ମାଲକାନଗିରି ଜିଲ୍ଲା ଏମଭି ୨୬ ଗ୍ରାମରେ ବିଗତ ଦିନରେ ହୋଇଥିବା ଅଶାନ୍ତ ପରିବେଶ ସହ ଭଙ୍ଗାରୁଜା ଘଟଣାରେ ପୁଲିସ ୧୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଏହି ୧୮ ଜଣଙ୍କୁ ମାଲକାନଗିରି ସେସନ ଜଜ୍ କୋର୍ଟ ପକ୍ଷରୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରାଯାଇଛି। ଏହି ସର୍ତ୍ତ ଅନୁଯାୟୀ ଜାମିନ ପାଇଥିବା ସମସ୍ତ ବ୍ୟକ୍ତି ଘଟଣାର ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ନିକଟସ୍ଥ ଥାନାରେ ପ୍ରତି ମାସର ୧୪ ତାରିଖ ଓ ୨୮ ତାରିଖରେ ହାଜର ହେବେ। କୋର୍ଟର ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିବା ସହ ନିର୍ଦ୍ଧାରିତ ତାରିଖରେ କୋର୍ଟରେ ହାଜର ହେବେ। ଅପର ପକ୍ଷର ଲୋକଙ୍କୁ କୌଣସି ପ୍ରକାର ଚାପ କିମ୍ବା ଧମକ ଦେବେ ନାହିଁ ଏବଂ ଜାମିନରେ ଥିବା ସମୟରେ ସମାନ ରୂପକ ଅପରାଧ ନ ଘଟାଇବା ଭଳି ସର୍ତ୍ତ ରହିଛି। ତେବେ ଏହି ସର୍ତ୍ତର ଖିଲାପ ହେଲେ ଜାମିନ ଖାରଜ ହେବ ବୋଲି ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ଶୁଣାଣି ବିଚାରପତି ପି.କେ ପଣ୍ଡା କରିଥିବା ବେଳେ ଆଇନଜୀବୀ ଗୋବିନ୍ଦ ପାତ୍ର ଏହାର ପରିଚାଳନା କରିଥିଲେ।

■ ପ୍ରଶାସନ ଓ ଖଣି ବିଭାଗର ବାଲିଘାଟରେ ଚଢ଼ଉ

## ଜେସିବି ଓ ଟ୍ରାକ୍ଟର ଜବତ

ଗୁଣୁପୁର, ୭।୧(ସମିସ ): ରାୟଗଡା ଜିଲ୍ଲା ଗୁଣୁପୁର ବଂଶଧାରା ନଦୀ ବାଲିଘାଟ- ୨ ରେ ଗତକାଲି ବିଳମ୍ବିତ ରାତ୍ରିରେ ପ୍ରଶାସନ ଚଢ଼ଉ କରିଛି। ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଜିଲ୍ଲା ଏସପି ସ୍ୱାତୀ ଏସ୍ କୁମାରଙ୍କ ନିର୍ଦ୍ଦେଶ କ୍ରମେ ଗୁଣୁପୁର ଆଦର୍ଶ ଥାନା ପୁଲିସ ଓ ଖଣି ବିଭାଗ ଅଧିକାରି ଅତର୍କୀତ ଭାବେ ଚଢ଼ଉ କରିଥିଲେ। ବାଲି ଖାଦାନରେ ବେଆଇନ ଭାବେ ଲାଗିଥିବା ଜେସିବିକୁ ଜବତ କରିବା ସହ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି ପୁଲିସ। କିଛିଦିନ ତଳେ ବେଆଇନ ବାଲି ଚୋରା ଚାଲାଣକୁ ନେଇ ବାଲି ଘାଟରେ ଚଢ଼ାଉ କରାଯାଇ ୧ ଲକ୍ଷ ଟଙ୍କା ଜରିମାନା ପଡିଥିବା ବେଳେ ଏବେ ପୁଣି ଏହି ଖାଦାନରେ ଚଢ଼ଉ କରାଯାଇ ଗାଡିକୁ ଜବତ କରାଯାଇଛି। ଜବତ ଗାଡି ଗୁଣୁପୁର ଥାନାରେ ରଖା ଯାଇଥିବ ବେଳେ ପୋଲିସ୍ ଏକ ମାମଲା ରୁଜୁ କରିବା ପାଇଁ ଖଣି ବିଭାଗ ପଦକ୍ଷେପ ନେଉଥିବା କହିଛନ୍ତି କନିଷ୍ଠ ଖଣି ଅଧିକାରି ରାଜେନ୍ଦ୍ର ବିଶୋଇ।

## ବାରିକ ସମାଜ ଗୃହ ଉଦ୍‌ଘାଟିତ




ବୈପାରିଗୁଡ଼ା,୭।୧(ସମିସ): ବୈପାରିଗୁଡା ନିଖିଳ ଉତ୍କଳ ବାରିକ ସମାଜ ତରଫରୁ ସମାଜ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ଶ୍ରୀ ମାଛ ବାରିକ ସଂଘର କର୍ମକର୍ତ୍ତାଙ୍କ ସହ ମିଶି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସଂଘ ପକ୍ଷରୁ ସମାଜ ଗୃହର ଚାରିପଟେ ପାଚେରି ନିର୍ମାଣ ପାଇଁ ଅନୁଦାନ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ସମାଜ ଗୃହ ନିକଟରେ ପାନୀୟ ଜଳର ସୁବିଧା ପାଇଁ ଏକ ନଳକୂପ ସ୍ଥାପନ କରିବା ସହ କୁନ୍ଦୁରା ଆରଡ଼ି ରାସ୍ତା ଠାରୁ ସମାଜ ଗୃହ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ବିଧାୟକ ଶ୍ରୀ ମାଛ ଆଗାମୀ ଦିନରେ ସମାଜ ଗୃହ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ। ଉଦ୍‌ଘାଟନୀ ସମାରୋହରେ ନିଖିଳ ଉତ୍କଳ ବାରିକ ସଂଘର ସଭାପତି କେ. ଉମା ମହେଶ, ସଂପାଦକ ଏନ୍. ଗୌରୀ, କୋଷାଧ୍ୟକ୍ଷ ବେଣୁଧର ଡାକୁଆଙ୍କ ସହ ନିଖିଳ ଉତ୍କଳ ବାରିକ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ବୈପାରିଗୁଡା ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ



ବୈପାରିଗୁଡ଼ା, ୭।୧(ସମିସ): ବୈପାରିଗୁଡା ଶିକ୍ଷକ ଭବନ ପରିସରରେ ଆଜି ସକାଳେ ଗମ୍ଭୀର ଓ ଗୌରବମୟ ପରିବେଶରେ ସଂଘ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ସଂଘର ସଭାପତି ସୁରେନ୍ଦ୍ର ଖରାଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ସଭାପତି ଶ୍ରୀ ଖରା ସଂଘ ତାଙ୍କ ଭାଷଣରେ ସଂଘର ଉନ୍ନତି ଯାତ୍ରା, ଶିକ୍ଷକମାନଙ୍କର ଦାୟିତ୍ୱ, ଶିକ୍ଷା ମାନଙ୍କ ଉନ୍ନୟନରେ ସଂଘର ଭୂମିକା ଓ ଆଗାମୀ ଦିନର ଲକ୍ଷ୍ୟ ସମ୍ପର୍କରେ ସବିଶେଷ ଉଲ୍ଲେଖ କରିଥିଲେ। ଏହାପରେ ସଂଘର ସଂଯୋଜକ ପି. ସୁରେଶ ପାତ୍ର ତାଙ୍କ ମତାମତ ଓ ଅଭିଭାଷଣ ରଖିଥିଲେ। ସଂଘର ସଂପାଦକ ଦେବୀ ପ୍ରସାଦ ମହାନ୍ତି ମଧ୍ୟ ପ୍ରେରଣାଦାୟକ ଭାଷଣ ରଖିଥିଲେ। ଶେଷ ପର୍ଯ୍ୟାୟରେ ସଂଘର ଉପସଭାପତି କାହ୍ନୁ ଚରଣ ବେହେରା ଦ୍ୱାରା ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

## ଗୁଡ଼ାରି ବନ ବିଭାଗର ପଲିଥିନ ମୁକ୍ତ କାର୍ଯ୍ୟକ୍ରମ

ଗୁଡାରି,୭।୧ (ସମିସ): କେନ୍ଦୁଗୁଡା ଜଳ ଭଣ୍ଡାର ପରିସରକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଗୁଡାରି ବନ ବିଭାଗ ତତ୍ପରତା ପ୍ରକାଶ କରିଛି। ଏହାକୁ ନେଇ ବୁଧବାର ଦିନ ଗୁଡାରୀ ବାନାଞ୍ଚଳ ବିଭାଗ ତରଫରୁ କେନ୍ଦୁଗୁଡା ଡ୍ୟାମ୍ ପରିସରକୁ ପଲିଥିନ ମୁକ୍ତ କରିବା ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଜଳ ଭଣ୍ଡାରକୁ ଶୀତ ଋତୁରେ ପର୍ଯ୍ୟଟକ ଆସି ଭୋଜିଭାତର ଆସର ଜମାଇଥାନ୍ତି । ତେଣୁ ଏଠାରେ ପର୍ଯ୍ୟଟକ ପ୍ଲାଷ୍ଟିକ ବୋତଲ, ପଲିଥିନ ଭଳି ଅନେକ ପକାଇ ଯାଇଥାନ୍ତି । ଏହାର ଚର୍ତୁପାଶ୍ୱର୍ରେ ପଡ଼ିଥିବା ପୁରୁଣା ପ୍ଲାଷ୍ଟିକ ବୋତଲ, ପଲିଥିନ ଜରି ଗୁଡ଼ିକୁ ସଂଗ୍ରହ କରାଯାଇ ସମ୍ପୂର୍ଣ୍ଣ ଜରି ମୁକ୍ତ କରିବା ପାଇଁ ଆହ୍ୱାନ ଦେଇ ସଫା କରଯାଇଥିଲା। ଉକ୍ତ ବର୍ଜ୍ୟବସ୍ତୁକୁ ନିଆଁ ଲଗାଇ ନଷ୍ଟ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡା ଏସିଏଫ ଅଶୋକ ପ୍ରଧାନ ଯୋଗ ଦେଇଥିବା ବେଳେ ବନାଞ୍ଚଳ ଅଧିକାରୀ ସୁକୁମାର ଦୁଖୁ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖମ୍ବାରିଗୁଡା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ସ୍ଥାନୀୟ ସରପଞ୍ଚ ଏବଂ ଜିଲ୍ଲା ପରିଷଦ ସଭ୍ୟ ଏବଂ ମହିଳା ସଂଘ ଯୋଗ ଦେଇଥିଲେ। ସ୍କୁଲ ଛାତ୍ରଛାତ୍ରୀ ବ୍ୟାନର, ପ୍ଲାକାର୍ଡ ଧରି ପ୍ଲାଷ୍ଟିକ୍‌ମୁକ୍ତ ପ୍ରଦୂଷଣ ମୁକ୍ତ କରିବା ନିମନ୍ତେ ଜନ ସଚେତନ ପରିକ୍ରମା କରି ଲୋକଙ୍କୁ ସଚେତନତା କରଯାଇଥିଲା। ଗୁଡାରି ବନପାଳ ସୁକୁମାର ଦୁଃଖୁଙ୍କ ଅଧ୍ୟକ୍ଷତାରେ ଗୁଡାରି ବନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗୁଡାରି ଫରେଷ୍ଟର, ଫରେଷ୍ଟ ଗାର୍ଡ, ପାରାଗାର୍ଡ ସମ୍ପୂର୍ଣ୍ଣ ସହଯୋଗ କରି ସଫଳ ହୋଇଥିଲେ।

## ଜାତୀୟ ଯୁବ ଦିବସରେ ସଚେତନତା ରାଲି

କାଶୀପୁର,୭।୧(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ ଆଜି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ତଥା ତାଲୁକ ଆଇନଗତ ସେବା କମିଟିର ଅଧ୍ୟକ୍ଷ ନର୍ମଦା କରଙ୍କ ଅଧ୍ୟକ୍ଷତାରେ ଜାତୀୟ ଯୁବ ଦିବସ ପାଳନ ଏବଂ ନାଲ୍ସା ଆଶା , ବାଲ୍ୟବିବାହ ଦୂର କରିବା ପାଇଁ ମାନକ କାର୍ଯ୍ୟ ପ୍ରଣାଳୀ ଡ୍ରଗ୍ ସଚେତନତା ଏବଂ ସୁସ୍ଥତା ଯୋଜନା ଉପରେ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାଶୀପୁର ମାଣିକେଶ୍ୱରୀ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ସରକାରୀ ଡିଗ୍ରୀ କଲେଜର ଛାତ୍ରଛାତ୍ରୀ ମାନେ ଯୋଗଦେଇ କାଶୀପୁର ଜଗନ୍ନାଥ ମନ୍ଦିର ପରିସରରୁ କାଶୀପୁର ପ୍ରଥମଶ୍ରେଣୀ ବିଚାରବିଭାଗିୟ ଅଦାଲତ ପର୍ଯ୍ୟନ୍ତ ଏକ ସଚେତନତା ରାଲିରେ ଛାତ୍ରଛାତ୍ରୀଙ୍କ ସହ ବିଚାରପତି ସାମିଲ ହୋଇଥିଲେ। ଏହି ସଚେତନତା ରାଲିରେ ମୁଖ୍ୟ ରାସ୍ତାରେ ଯିବା ସମୟରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ସଚେତନତା ମୂଳକ ସ୍ଲୋଗାନ୍ ଦେବା ସହ ଲୋକଙ୍କୁ ସଚେତନତା କରାଇଥିଲେ। କାଶୀପୁର ଓକିଲ ସଂଘର ସଭାପତି କହ୍ନେଇଲାଲ ଜୈନ, କୋଷାଧ୍ୟକ୍ଷ ଭଗବାନ ପାତ୍ରଙ୍କ ସହ ତାଲୁକ ଆଇନର ସଦସ୍ୟ ଏବଂ କଲେଜର ଅଧ୍ୟକ୍ଷ ଅଧ୍ୟକ୍ଷା ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା କରାଇଥିଲେ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

ଚନ୍ଦ୍ରପୁର, ୭।୧(ସମିସ): ରାୟଗଡ଼ା ଜିଲ୍ଲାର ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ନୋଡାଲ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ପକ୍ଷରୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ମୋହନ ଚରଣ ମାଝି ଉଦଘାଟନ କରିଥିବା ବେଳେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତି ପ୍ରସ୍ତର ଫଳକକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ସୁଜିତ୍ ବ୍ରେଡେକା , ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ କଇନ କିମ୍ବାକା, ଏମପି ପ୍ରତିନିଧି ଭୀମ ଗଗେରେଙ୍ଗା, ସମଗ୍ର ଶିକ୍ଷାର ବରିଷ୍ଠ ପରାମର୍ଶ ଦାତା ସଞ୍ଜୀବ କୁମାର ପାଢ଼ୀ, ବ୍ଲକ ଶିକ୍ଷା ଅଧିକାରୀ ଗଣେଶ ଶବର, ବିଦ୍ୟାଳୟର ଅଧ୍ୟକ୍ଷ କେଶବ ବେହେରା ମଣ୍ଡଳ , ଚନ୍ଦ୍ରପୁର ସରପଞ୍ଚ ରଞ୍ଜିତା ବ୍ରେକବେଡା , କଂଗ୍ରେସ ବ୍ଲକ ସଭାପତି , ଏସଏମସି ପଦ୍ମନାଭ ମାଦଳା, ପଞ୍ଚ ସଖା ଶିକ୍ଷ୍ୟା ସେତୁ ସଭାପତି ଅମିତ୍ କୁମାର ବେହେରା, ଡିପି ଇପି ଜେଇ ବିକାଶ କୁମାର ମହାପାତ୍ର, ଶ୍ରୀ ସ୍ୱାଇଁ, ପ୍ରୋଗ୍ରାମର ଦିଲୀପ କୁମାର ସାବତ , ଗଣମାଧ୍ୟମ ପ୍ରତିନିଧି ବିଜୟ ଉଲାକା, ହାଡ଼ିପା ଗୌଡ଼, କୈଳାଶ ମାଳବିଶୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଓଡିଶାର ୩୦ଜିଲ୍ଲାରେ ୧୨୨ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାର ଚନ୍ଦ୍ରପୁର ବ୍ଲକର ସଦର ନଡ଼ାଲ ଉଚ୍ଚ ବିଦ୍ୟାଳୟ ଓ ଗୁଡ଼ାରୀ ବ୍ଲକର କଦମା ଠାରେ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଶ୍ରୀ ମଲ୍ଲିକ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ ଶବର। ଏହାକୁ ସହଯୋଗ କରିଥିଲେ ପ୍ରଧାନ ଶିକ୍ଷକ କେଶବ ବେହେରା ମଣ୍ଡଳ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିଙ୍ଗନା ତାଡିଙ୍ଗି, ଉମାକାନ୍ତ ମିଶାଲ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ।



## କୋରୁକୋଣ୍ଡାରେ ବ୍ଲକ୍‌ସ୍ତରୀୟ କର୍ମଶାଳା

କୋରୁକୋଣ୍ଡା,୭ ।୧(ସମିସ): ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ ସ୍ତରରେ ୨୦୩୦ ସୁଦ୍ଧା ଗ୍ରାମାଞ୍ଚଳର ସମଗ୍ର ଉନ୍ନତି ଲକ୍ଷ୍ୟରେ ଜିଲ୍ଲା ଯୋଜନା ଓ ତଦାରଖ ୟୁନିଟ, ମାଲକାନଗିରି ତରଫରୁ ଏକ ବ୍ଲକସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାଟି ପଞ୍ଚାୟତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଡେପୁଟି ଡାଇରେକ୍ଟର (ପ୍ଲାନିଂ) ଗୋଲକ ଚନ୍ଦ୍ର ଦଳେଇ, ବରିଷ୍ଠ ଅର୍ଥନୀତିକ ଅନୁସନ୍ଧାନକାରୀ ଧନପତି ଇନ୍ଦ୍ରଜିତ ଓ ପ୍ରୋଗ୍ରାମ ମ୍ୟାନେଜର ରାଜାରାମ ମାଲିକ ଉପସ୍ଥିତ ରହିଥିଲେ। କର୍ମଶାଳାରେ ଉପସ୍ଥିତ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ଆସନ୍ତା ୨୦୩୦ ମସିହା ସୁଧା କିପରି ଭାବେ ଏକ ସୁ-ଓଡ଼ିଶା ଗଠନ କରାଯାଇପାରିବ, ସେ ସମ୍ପର୍କରେ ବିଭିନ୍ନ ତାଲିମ ଓ ପ୍ରସ୍ତୁତିକରଣ ମାଧ୍ୟମରେ ଅବଗତ କରାଯାଇଥିଲା। ଆଜିର ଏହି କର୍ମଶାଳାରେ ବ୍ଲକ ଅଧୀନ ବିଭିନ୍ନ ବିଭାଗର ପ୍ରାୟ ୪୦ଟି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସକ୍ରିୟ ଭାଗଗ୍ରହଣ କରିଥିଲେ।

ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ

## ନୂତନ ଜ୍ଞାନ କୌଶଳ, ଉନ୍ନତ କୃଷି ଯନ୍ତ୍ରପାତିକୁ ଗୁରୁତ୍ୱ



ରାୟଗଡ଼ା, ୭।୧(ସମିସ): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୫ ରାୟଗଡ଼ାର ଆଜି ଦ୍ୱିତୀୟ ଦିବସରେ ମୂଖ୍ୟ ଅତିଥି ରୂପେ ରବି ନାରାୟଣ ପଣ୍ଡା, ଓଡ଼ିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ, ସୁସ୍ମିତା ବାଉରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ମଞ୍ଚାସୀନ ହୋଇଥିଲେ। ସହକାରୀ ଯନ୍ତ୍ରୀ ସରୋଜିନୀ ବାଗ ସମସ୍ତ ଅତିଥି ଅଧିକାରୀଙ୍କୁ ପୁଷ୍ପକୁଣ୍ଡ ଓ ଉପଢୌକନ ପ୍ରଦାନ ପରେ କୃଷି ଜିଲ୍ଲା ଅଧିକାରୀ, ମୁନିଗୁଡ଼ା ପ୍ରକାଶ ଚନ୍ଦ୍ର ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ନୂତନ ଜ୍ଞାନ କୌଶଳ ଓ ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର କରି କିପରି ଚାଷୀର ଉତ୍ପାଦନ ଶକ୍ତି ବୃଦ୍ଧି ହେବ ସେଥିପ୍ରତି ମୂଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ସମସ୍ତ ଚାଷ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଗୁଣୁପୁର ଓ ଗୁଡ଼ାରୀ ବ୍ଲକ୍‌ର ୨ ଜଣ ଚାଷୀଙ୍କୁ ମାନପତ୍ର ଓ ମୋମେଣ୍ଟ୍ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କୃଷକ ପାଠଶାଳା ଆଲୋଚନା ଚକ୍ରରେ ଡଃ ବି ଏସ୍ ଦେବଦାସ, ଡିନ୍, ସ୍କୁଲ ଅଫ ଅଗ୍ରିକଲ୍‌ଚର, ଗୁଣୁପୁର, ଡଃ ଏସ କେ ମହାନ୍ତି , ସହକାରୀ ଅଧ୍ୟାପକ, ସ୍କୁଲ ଅଫ ଏଗ୍ରିକଲଚର, ଗୁଣୁପୁର ସମନ୍ୱିତ କୃଷି ପଦ୍ଧତି ସମ୍ବନ୍ଧରେ ଆଲୋଚନା କରିଥିଲେ ଓ ସିଦ୍ଧାର୍ଥ ଶେଖର ସ୍ୱାଇଁ, ସହକାରୀ କୃଷି ଯନ୍ତ୍ରୀ, ରାୟଗଡା ଯୋଗ ଦେଇ ଉପସ୍ଥିତ ଚାଷୀ ନୂତନ କୃଷି ଯନ୍ତ୍ରପାତି ବ୍ୟବହାର କରି କିପରି କୃଷି ଉତ୍ପାଦନ ବୃଦ୍ଧି କରାହେବ ତାହା ଉପରେ ଆଲୋଚନା କରିଥିଲେ। ଶେଷରେ ମୁଖ୍ୟ କୃଷି ଜିଲ୍ଲା ଅଧିକାରୀ, ରାୟଗଡ଼ ଶେଖ୍ ଏହେସାନ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦିବ୍ୟସ୍ୱରୂପ ପଣ୍ଡା କୃଷି ଜିଲ୍ଲା ଅଧିକାରୀ, ଗୁଣୁପୁର ଧନ୍ୟବାଦ ଅର୍ପଣ କରିଥିଲେ। ସୁଶ୍ରୀ ଭାଗ୍ୟଶ୍ରୀ ମଲ୍ଲିକ, ସହକାରୀ କୃଷି ଯନ୍ତ୍ରୀ, ରାମନାଗୁଡ଼ା ଓ ଶ୍ରୀ ଉତ୍ତମ କୁମାର ଦାଶ, ସହକାରୀ ବୈଷୟିକ ପରିଚାଳକ,ମୁନିଗୁଡ଼ା ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ।

## ସିଲ୍ ଦୋକାନ ଖୋଲାଯାଇ ପଲିଥିନ ଜବତ

ଜୟପୁର ୭ ।୧ (ସମିସ) : ଜୟପୁର ସହରରେ ବେଆଇନ ପଲିଥିନ ବିକ୍ରି କରାଯାଉଥିବା ଅଭିଯୋଗ ନେଇ ଗତକାଲି ପୌର କାର୍ଯ୍ୟାଳୟ ପକ୍ଷରୁ ଚଢଉ କରାଯାଇଛି । ଦୈନିକ ବଜାରରେ ୨ଟି ଦୋକାନ ଉପରେ ଚଢଉ କରାଯାଇ ବେଆଇନ ଭାବେ ବିକ୍ରି କରାଯାଉଥିବା ୧୫ କେଜି ପଲିଥିନ ଜବତ କରିବା ସହ ୧୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ମହାତ୍ମା ଗାନ୍ଧୀ ( ଏମଜି) ରୋଡ ପଲିଥିନ ପାଇକାରୀ ଦୋକାନ ଜ୍ୟୋତି ଟ୍ରେଡର୍ସ ଉପରେ ଚଢଉ କରାଯାଇଥିଲା। କିନ୍ତୁ ଦୋକାନୀ ପୌର କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଦୋକାନ ବନ୍ଦ କରି ଚାଲିଯାଇଥିଲେ। ଖବରପାଇ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ ଘଟଣାସ୍ଥଳରେ ପହଞ୍ଚି ଦୋକାନ ମାଲିକଙ୍କୁ ଫୋନ କରିଥିଲେ। କିନ୍ତୁ ସେ ଫୋନ ଉଠାଇ ନଥିଲେ। ଶେଷରେ ପୁଲିସ ଉପସ୍ଥିତିରେ ପୌରସଂସ୍ଥା ପକ୍ଷରୁ ଉକ୍ତ ଦୋକାନକୁ ସିଲ କରାଯାଇଛି। ଆଜି ଦୋକାନୀ ପୌରସଂସ୍ଥା ଅଧିକାରୀଙ୍କୁ ଆଚରଣ ପାଇଁ କ୍ଷମାପ୍ରାର୍ଥନା କରିବା ସହ ଅନୁରୋଧ କ୍ରମେ ପୌରସଂସ୍ଥା ପକ୍ଷରୁ ପୁଲିସ ଉପସ୍ଥିତିରେ ସିଲ ଖୋଲାଯାଇ ସମୁଦାୟ ୪୭.୮ କିଲୋ ବେଆଇନ ପଲିଥିନ ଜବତ କରିବା ସହ ୧୦ ହଜାର ଟଙ୍କା ଜରିମାନା କରାଯାଇ ଆଦାୟ ହୋଇଛି। ଏହି ଚଢ଼ଉରେ ନିରୀକ୍ଷକ ଭୁବନୀ ହାଲବା, ସତ୍ୟ ନାରାୟଣ ପାତ୍ର , କିରଣ ମଲ୍ଲିକ , ଜଗିଦଶ ରାଓ ଏବଂ ଟାଉନ ଥାନା ପୁଲିସ ଉପସ୍ଥିତ ଥିଲେ।

# ଫେବୃଆରି ୧ରୁ ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି, ୭।୧(ସମିସ):




ସର୍ବ ସମ୍ମତି ଓ ନିଷ୍ପତ୍ତି କ୍ରମେ ପାଳନ ହେବାକୁ ଯାଉଛି ବହୁ ପ୍ରତିକ୍ଷୀତ ଲୋକ ମହୋତ୍ସବ ମାଲ୍ୟବନ୍ତ-୨୦୨୫। ଆଜି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ମାଲ୍ୟବନ୍ତ ମହୋତ୍ସବ-୨୦୨୫ ଆୟୋଜନ ନିମନ୍ତେ ତାରିଖ ଧାର୍ଯ୍ୟ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃଆରୀ ୧ ରୁ ୫ ମଧ୍ୟରେ ମାଲ୍ୟବନ୍ତ ମହୋତ୍ସବ ପାଳନ କରାଯିବା ନିମନ୍ତେ ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାର ଏହି ଉତ୍ସବକୁ ପାଳନ ନେଇ ସମସ୍ତେ ଏକ ସ୍ୱରରେ ସହମତି ପ୍ରକାଶ କରିଥିବାରୁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ। କିଭଳି ଶାନ୍ତି ଶୃଙ୍ଖଳା ରକ୍ଷା କରି ସମସ୍ତେ ଏହି ଉତ୍ସବକୁ ଆନନ୍ଦ ଉତ୍ସାହର ସହ ପାଳନ କରିବା ସେଥି ନିମନ୍ତେ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ମହୋତ୍ସବ ସ୍ଥାନୀୟ ଡିଏନକେ ପଡିଆ ଠାରେ ଆୟୋଜନ କରାଯିବ। ମହୋତ୍ସବରେ ଅଧିକ ସିସିଟିଭି ଖଞ୍ଜା ଯାଇ ସମସ୍ତ ପ୍ରକାର ଗତିବିଧି ଉପରେ କଡ଼ା ନଜର ରଖାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷାକୁ ସୁନିଶ୍ଚିତ କରାଯିବ। ତା ସହିତ ଯଦି କୌଣସି ବ୍ୟକ୍ତି ଗୁଜବ କିମ୍ବା ଅପପ୍ରଚାର କର ବିଶୃଙ୍ଖଳା ସୃଷ୍ଟି କରିବାକୁ ପ୍ରୟାସ କରିବେ, ସେମାନଙ୍କ ବିରୁଦ୍ଧରେ ଜାତୀୟ ସୁରକ୍ଷା ଆଇନ ଆଧାରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପ୍ରତି ସଜାଗ ରହିବାକୁ ସମସ୍ତଙ୍କୁ ସତର୍କ କରାଯାଇଛି। ସେହିପରି ଶାନ୍ତିଶୃଙ୍ଖଳାର ସହ ମହୋତ୍ସବ ପାଳନ ନେଇ ସମ୍ପୂର୍ଣ୍ଣ ରୂପେ ୧ ରୁ ୫ ଫେବୃଆରି ପର୍ଯ୍ୟନ୍ତ ମଦ ବିକ୍ରିକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷେଧ କରାଯାଇଛି। ପୁଣି ଥରେ ସମସ୍ତ କମିଟି ଗୁଡିକ ଚଳଚଞ୍ଚଳ ହୋଇ କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକକୁ ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଓ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର ମଞ୍ଚରେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲା ଆଦିବାସୀ ମହାସଂଘ, ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ, ବୁଦ୍ଧିଜୀବୀ, ଅଧିକାରୀ, ଜିଲ୍ଲା କଳାକାର ସଂଘର ସଦସ୍ୟ ଉପସ୍ଥିତ ଥିଲେ।

## ବିଶୃଙ୍ଖଳା କଲେ ଏନ୍‌ଏସ୍‌ଏ ଲାଗିବ

### ଭତ୍ତା ହିତାଧିକାରୀଙ୍କ ପାଇଁ ସୀମିତ ସରକାରୀ ଟାର୍ଗେଟ ବାଧକ

# ଭତ୍ତା ପାଇଁ ଦିନ ଗଣୁଛନ୍ତି ୧୪୭୮ ଆବେଦନ ହିତାଧିକାରୀ

- ଅପେକ୍ଷା ତାଲିକାରେ ୧୪୧ ବାର୍ଦ୍ଧକ୍ୟ ଓ ୬୯ ଦିବ୍ୟାଙ୍ଗ
- ଭତ୍ତା ପାଇବାକୁ ଅନ୍ୟ ଜଣଙ୍କ ମୃତ୍ୟୁକୁ ଅପେକ୍ଷା
- ସରକାରୀ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଦାବି

ବିଶୋଇ, ୭।୧(ସମିସ): ଟାର୍ଗେଟ ଅନୁଯାୟୀ ଖାଲି ସ୍ଥାନ ନ ଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମାସିକ ପେନସନ ଯୋଜନାରୁ ବଞ୍ଚିତ ହୋଇ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଜଣେ ହିତାଧିକାରୀଙ୍କ ମୃତ୍ୟୁ ଘଟିଲେ ସେହି ଖାଲି ପଡ଼ିଥିବା ସ୍ଥାନରେ ଅପେକ୍ଷା ତାଲିକାରେ ଆଗରେ ରହିଥିବା ଅନ୍ୟ ଜଣେ ହିତାଧିକାରୀଙ୍କୁ ପ୍ରବେଶ କରାଯାଉଛି। ଫଳରେ ଜଣେ ହିତାଧିକାରୀ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ସୁଦ୍ଧା ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ରାଜ୍ୟରେ ସମାଜିକ ସୁରକ୍ଷା ବିଭାଗରେ ଏଭଳି ଏକ ସମ୍ବେଦନଶୀଳ ବ୍ୟବସ୍ଥାକୁ ନେଇ ଏବେ ରାଜ୍ୟବ୍ୟାପୀ ଚିନ୍ତା ଘାରିଛି। ଏଥିପ୍ରତି ରାଜ୍ୟ ସରକାର ନଜର ଦେଇ ସରକାରୀ ସ୍ତରରେ ଏହି ବ୍ୟବସ୍ଥାରେ ସୁଧାର ଆଣିବାକୁ ଦାବି ହୋଇଛି।

ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକରେ ବର୍ତ୍ତମାନ ୧୩ଟି ପଞ୍ଚାୟତରେ ୧୧ ହଜାର ୨ ଶହ ଜଣ ହିତାଧିକାରୀ ପେନସନ ଯୋଜନାରେ ସାମିଲ ହୋଇ ମାସିକ ଭତ୍ତା ପାଉଛନ୍ତି। ମଧୁବାବୁ, ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ବିଧବା ପେନସନ ଯୋଜନା (ଆଇଜିଏମ୍‌ବିପି), ରାଷ୍ଟ୍ରୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନଏସ୍‌ଏପି) ପ୍ରମୁଖ ପେନସନ ଯୋଜନାରେ ସାମିଲ କରିବା ପାଇଁ ସମସ୍ତ ବ୍ଲକ ସ୍ତରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଉଛି। ଏହାବ୍ୟତୀତ କିଛି ହିତାଧିକାରୀ ନିଜେ ମଧ ଜନସେବା କେନ୍ଦ୍ରରେ ପେନସନ ପାଇଁ ଆବେଦନ କରୁଛନ୍ତି। ବିଧବା, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ଅବିବାହିତା ମହିଳା ବିଭାଗରେ ବର୍ତ୍ତମାନ ସୁଦ୍ଧା ଏହି ବ୍ଲକରେ ୧୪୭୮ ଜଣ ହିତାଧିକାରୀ ଆବେଦନ କରିଛନ୍ତି। ଏନଏସ୍‌ଏପିରେ ୧୮୮ ଜଣ, ମଧୁବାବୁ ପେନସନ ଯୋଜନାରେ ୧୬୩ ଜଣ ହିତାଧିକାରୀଙ୍କ ୮୦ ବର୍ଷରୁ ଅଧିକ ବୟସ ରହିଥିବାବେଳେ ଏ ସମସ୍ତ ହିତାଧିକାରୀ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ପାଉଛନ୍ତି। ସେହିପରି ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ଥିବା ମଧୁବାବୁ ଯୋଜନାରେ ୯୩ ଜଣ, ଆଇଜିଏମ୍‌ବିପି ଯୋଜନାରେ ୨୮ ଜଣ ଦିବ୍ୟାଙ୍ଗ ୩୫୦୦ ଟଙ୍କା ବର୍ଦ୍ଧିତ ଭତ୍ତା ପାଉଛନ୍ତି। ପରିତାପର ବିଷୟ ଟାର୍ଗେଟ ସଂଖ୍ୟା ପୂରଣ ହୋଇଯାଇଥିବାରୁ ଅନେକ ୮୦ ବର୍ଷରୁ ଅଧିକ ବୟସ୍କ ହିତାଧିକାରୀ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ଦୀର୍ଘବର୍ଷ ଧରି ବଞ୍ଚିତ ହୋଇଆସୁଛନ୍ତି। ଜୀବନର ଶେଷ ପାହାଚରେ ଥାଇ ମଧ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ତାଙ୍କୁ ଅନ୍ୟ କାହାର ମୃତ୍ୟୁ ପାଇଁ ଅପେକ୍ଷା କରିବାକୁ ପଡୁଛି। ବିଶୋଇ ବ୍ଲକରେ ୧୪୧ ହିତାଧିକାରୀ ଏବେ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ସରକାରୀ ନଥିପତ୍ରର ଅପେକ୍ଷା ତାଲିକାରେ ରହିଛନ୍ତି।

ଏନ୍‌ଏସ୍‌ଏପି ୬୦ ଜଣ, ମଧୁବାବୁ ପେନସନ ଯୋଜନାରେ ୮୧ ଜଣ ହିତାଧିକାରୀଙ୍କ ବୟସ ୮୦ ବର୍ଷରୁ ଅଧିକ ହୋଇଥିଲେ ସୁଦ୍ଧା ଟାର୍ଗେଟ ଅନୁଯାୟୀ, ଫାଙ୍କା ସ୍ଥାନ ନ ଥିବାରୁ ଏମାନେ ବର୍ଦ୍ଧିତ ଭତ୍ତା ଟଙ୍କା ଯୋଜନାରେ ଅପେକ୍ଷା ତାଲିକାରେ ରହିଛନ୍ତି। ଫଳରେ ଏହି ବୟସ୍କ ହିତାଧିକାରୀ ୩୫୦୦ ଟଙ୍କା ଭତ୍ତା ପାଇବା ସ୍ୱପ୍ନ ପାଲଟିଥିବାବେଳେ ପୂର୍ବଭଳି ୧୦୦୦ ଟଙ୍କା ଭତ୍ତା ପାଇ ସନ୍ତୁଷ୍ଟ ହେବାକୁ ପଡୁଛି। ବର୍ଦ୍ଧିତ ଭତ୍ତା ପାଉଥିବା ହିତାଧିକାରୀଙ୍କ ମଧ୍ୟରେ କାହାର ମୃତ୍ୟୁ ଘଟିବା ପରେ ଫାଙ୍କା ପଡ଼ିଥିବା ସେହି ସ୍ଥାନରେ ଅପେକ୍ଷା ତାଲିକାରେ ଥିବା ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଯୋଜନାରେ ସାମିଲ କରାଯାଉଛି। ଅପେକ୍ଷା ତାଲିକାରେ ଥିବା ଜଣେ ବୃଦ୍ଧ ହିତାଧିକାରୀ ନିଜର ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଅନ୍ୟ ଜଣଙ୍କ ମୃତ୍ୟୁକୁ ଅପେକ୍ଷା କରିବାକୁ ପଡୁଛି। ଫଳରେ ଏକବର୍ଷ ମଧ୍ୟରେ କିଛି ହାତଗଣତି ହିତାଧିକାରୀ ବର୍ଦ୍ଧିତ ଭତ୍ତା ଯୋଜନାରେ ସାମିଲ ହୋଇପାରୁଛନ୍ତି। ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସେହି ସମାନ ବ୍ୟବସ୍ଥା ଦିବ୍ୟାଙ୍ଗ ଭତ୍ତା କ୍ଷେତ୍ରରେ ମଧ ଦେଖାଯାଇଛି। ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ଥିବା ସମୁଦାୟ ୬୯ ଜଣ ହିତାଧିକାରୀ ମଧୁବାବୁ ପେନସନ ଯୋଜନାରେ ୩୫୦୦ ଟଙ୍କା ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ସୁଦ୍ଧା ଫାଙ୍କା ସ୍ଥାନ ନ ଥିବାରୁ ଏମାନେ ମଧ ଅପେକ୍ଷା ତାଲିକାରେ ରହିଛନ୍ତି। ସେହିପରି ପେନସନ ଯୋଜନାରେ ବ୍ଲକର ସମୁଦାୟ ୧୪୭୮ ହିତାଧିକାରୀ ଆବେଦନ କରିଥିଲେ ସୁଦ୍ଧା କେବେ ପେନସନ ଯୋଜନାରେ ସାମିଲ ହେବେ, ସେନେଇ ଦିନ ଗଣୁଛନ୍ତି। ଏ ନେଇ ବିଶୋଇ ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ତ ଆବେଦନ ପତ୍ର ବ୍ଲକ ସ୍ତରରେ ଯାଞ୍ଚ କରାଯାଇ ଉପଖଣ୍ଡ ସାମାଜିକ ସୁରକ୍ଷା ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଯାଏ। ସେଠାରେ ହିତାଧିକାରୀ ପେନସନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବା ସହିତ ଭତ୍ତା ପାଇବା ପାଇଁ ଅନୁମତି ଦିଆଯାଏ। ଟାର୍ଗେଟ ପୂରଣ ହୋଇଯାଇଥିବାରୁ ନୂତନ ହିତାଧିକାରୀଙ୍କୁ ପେନସନ ଯୋଜନାରେ ସାମିଲ କରାଯାଇ ନ ପାରି ଅପେକ୍ଷା ତାଲିକାରେ ରଖିବାକୁ ପଡୁଛି। ପରବର୍ତ୍ତୀ ସମୟରେ କୌଣସି ଭତ୍ତା ହିତାଧିକାରୀଙ୍କ ମୃତ୍ୟୁ, ନଚେତ ଅନ୍ୟକୌଣସି କାରଣ ପାଇଁ ସ୍ଥାନ ଫାଙ୍କା ପଡ଼ିଲେ ଅପେକ୍ଷା ତାଲିକାରେ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଉଛି। ତେଣୁ ଏଥିପ୍ରତି ରାଜ୍ୟ ସରକାର ଉଦାସୀନତା ମନୋଭାବ ରଖି ହିତାଧିକାରୀଙ୍କ ସଂଖ୍ୟାଙ୍କୁ ଦୃଷ୍ଟିରେ ରଖି ନୂତନ ଲକ୍ଷ୍ୟଧାର୍ଯ୍ୟ ଦେଲେ ରାଜ୍ୟରେ ସମସ୍ତ ହିତାଧିକାରୀ ପେନସନ ଯୋଜନାରେ ସାମିଲ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଉଛି।

● ନିୟମିତ ଶିକ୍ଷକ ମାଗୁଛନ୍ତି ଆଧାର କାର୍ଡ

## ମାନସିକ ଚାପ ଯୋଗୁଁ ସ୍କୁଲକୁ ଯାଉନାହାନ୍ତି ପିଲା

ପିଙ୍ଗୁ, ୭।୧(ସମିସ): ଯେ ହେଉଛି କପ୍ତିପଦା ବ୍ଲକର ଶାଳଚୁଆ ପଞ୍ଚାୟତ ଅନ୍ତର୍ଗତ ସୋଲଗଡ଼ିଆ ଗ୍ରାମରେ ଥିବା ଚିରୁପଦା (ମାଝୀସାହି)ର ଦୃଶ୍ୟ। ଏହି ଗ୍ରାମର ବାସିନ୍ଦା ରାବଣ ହାଁସଦାଙ୍କର ୧୧ ବର୍ଷ ବୟସର ପୁତ୍ର ସଞ୍ଜୀବ ଓ ୭ ବର୍ଷ ବୟସର ପୁତ୍ର ରଣଜିତ୍ ଆଜକୁ ଗୋଟିଏ ବର୍ଷ ଧରି ବିଦ୍ୟାଳୟକୁ ଯାଉ ନ ଥିବାର କଥା ଗଣମାଧ୍ୟମକୁ ପରିବାର ଲୋକେ ଜଣାଇଛନ୍ତି। ଏ ବାବଦରେ ସିଧାସଳଖ ରାବଣ ହାଁସଦାଙ୍କୁ ପଚାରିବାରୁ ସେ କହିଲେ ଗ୍ରାମ ନିକଟରେ ଥିବା ସରକାରୀ ବିଦ୍ୟାଳୟରେ ତାଙ୍କର ଦୁଇପୁତ୍ର ନାମ ଲେଖାଇଛନ୍ତି। ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ପିଲାମାନଙ୍କୁ ନିୟମିତ ଆଧାର କାର୍ଡ ମାଗିବାରୁ ମାନସିକ ଚାପରେ ଆଜକୁ ବର୍ଷେ ହେଲାଣି ପିଲାଏ ବିଦ୍ୟାଳୟ ଯାଉନାହାନ୍ତି। ତେବେ ବିଦ୍ୟାଳୟ ଉପସ୍ଥାନ ଖାତାରେ ଏହି ପିଲାମାନଙ୍କର ନାମ ଗଡ଼ିଚାଲିଛି କି କଟିଯାଇଛି ତାହା ତାଙ୍କୁ ଜଣା ନ ଥିବାର କହିଛନ୍ତି। ସେହିପରି ପରିବାରକୁ ମିଳିଥିବା ରାସନକାର୍ଡରେ ପିଲାଙ୍କ ନାମ ଯୋଡ଼ାଯାଇ ପାରୁ ନ ଥିବାରୁ ମୁଣ୍ଡପିଛା ମିଳୁଥିବା ୫ କିଗ୍ରା ଚାଉଳ ପାଇବାରୁ ଉକ୍ତ ଦୁଇପୁତ୍ର ବଞ୍ଚିତ ଥିବାର ଜଣାଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ସାଧାରଣରେ ଦାବି ହେଉଛି।

## କେଶଡିହା ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଠାକୁରମୁଣ୍ଡା/ମହୁଲଡିହା, ୭।୧(ସମିସ): ମଙ୍ଗଳବାର ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେଶଡିହା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶିବସ୍ୱରୂପ ଦଳେଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପିଏଆଇଟିଡିଏ କରଞ୍ଜିଆରୁ ଚିତ୍ତରଞ୍ଜନ ମହାନ୍ତ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ରତିକାନ୍ତ ବୈଦ, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜବିହାରୀ ପ୍ରଧାନ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ଦାସ, ମିଟୁଆଣି ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ରାଉତ, ଚମକପୁର ସରକାରୀ ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀ, ସମ୍ମାନିତ ଅତିଥି ଭାବେ କେଶଡିହା ସରପଞ୍ଚ ବିନୋଦିନୀ ନାୟକ, ମିଟୁଆଣି ସିଆର୍‌ସିସି ବିଶେଶ୍ୱର ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆଦିକନ୍ଦ ନାୟକ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୋଡ଼ି ହୋଇ ମହିଳା ମୃତ

ଶୁଳିଆପଦା, ୭।୧(ସମିସ): ଶୁଳିଆପଦା ବ୍ଲକ ବଡ଼ଭାଲିଆ ପଞ୍ଚାୟତ ଅଧୀନ କୁଲାଦହଣୀ ଗ୍ରାମର ସ୍ୱର୍ଗତ ନରେନ୍ଦ୍ର ନାଏକଙ୍କ ଝିଅ କଇଁତ ନାଏକ (୬୩) ଗତକାଲି ସନ୍ଧ୍ୟାରେ ପ୍ରବଳ ଜାଡ଼ରୁ ରକ୍ଷା ପାଇବା ପାଇଁ ନିଆଁରେ ସେକି ହେଉଥିବାବେଳେ ଅସାବଧାନତା ବଶତଃ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ପରିବାର ଲୋକ ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥ ପିଆରଏମ୍ ମେଡିକାଲ କଲେଜକୁ ନେଇଥିଲେ। ଆଜି ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଶୁଳିଆପଦା ଥାନା ଏସଆଇ ରୂପଶ୍ରୀ ସ୍ୱାଇଁ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ଗୌଡ଼ଗାଁରେ ଧାନମଣ୍ଡି ଉଦ୍‌ଘାଟିତ

ପିଙ୍ଗୁ, ୭।୧(ସମିସ): କପ୍ତିପଦା ବ୍ଲକ ଅଧୀନରେ ଜାମଡିହା ଲାମ୍ପ୍‌ସ ଅଧୀନ ଗୌଡ଼ଗାଁରେ ଧାନମଣ୍ଡି ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୃଷକ ସଂଘର ସଭାପତି ପ୍ରତାପ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ, ସମ୍ମାନିତ ଅତିଥି ଭାବରେ ଏଆର୍‌ସିଏମ୍ ସୁକୁରାମ ସିଂ, କପ୍ତିପଦା ବିଡିଓ, କପ୍ତିପଦା ତହସିଲ୍‌ଦାର, ୪ନଂ ଜୋନ୍‌ର ଜିଲ୍ଲା ପରିଷଦ, ଗୌଡ଼ଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ, ଝିଙ୍କପଦା ପଞ୍ଚାୟତର ପିଇଓ, ଲାମ୍ପ୍‌ସର ପରିଚାଳନା ନିର୍ଦ୍ଦେଶକ ଅଜିତ୍ କୁମାର ସାମଲ ଯୋଗଦେଇଥିଲେ। ପୂଜକଙ୍କ ମନ୍ତ୍ରପାଠ ପୂର୍ବକ ମୁଖ୍ୟ ଅତିଥିଙ୍କ ଉପସ୍ଥିତିରେ ଫିତାକାଟି ଧାନମଣ୍ଡି ଉଦ୍‌ଘାଟନ କରି ଚାଷୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସରକାରଙ୍କ ବର୍ଦ୍ଧିତ କ୍ରୟ ମୂଲ୍ୟରେ ଧାନ କିଣିବା ଓ ଏଫ୍‌ଏକ୍ୟୁ ଧାନ ମଣ୍ଡିଙ୍କୁ ନେଇ ଆସିବା ଓ ଚଳିତ ବର୍ଷ ଚାଷୀଙ୍କଠାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଧାନ କିଣାଯିବା ପ୍ରକାଶ କରିଥିଲେ। ଶେଷରେ ସଭାପତି ପ୍ରତାପ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମଣ୍ଡି ପରିଚାଳନା କମିଟିର ସମସ୍ତ ସଦସ୍ୟ, ଆର୍‌ଏମ୍‌ସି କର୍ମଚାରୀ ଲାମ୍ପ୍‌ସ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିଲେ ବିଜେପି କର୍ମୀ

କରଞ୍ଜିଆ, ୭।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ୫୪ତମ ଜନ୍ମଦିନ କରଞ୍ଜିଆ ବିଜେପି ପକ୍ଷରୁ ପାଳନ କରାଯାଇଛି। ନଗର ମଣ୍ଡଳ ସଭାପତି ସମ୍ବିଧାନ ମହାପାତ୍ରଙ୍କ ନେତୃତ୍ୱରେ କରଞ୍ଜିଆ ନିର୍ବାଚନମଣ୍ଡଳୀ ପ୍ରଭାରୀ ଅଂଶୁମାନ ବର୍ମା ମହାନ୍ତଙ୍କ ସଂଯୋଜନାରେ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇ ଉପଖଣ୍ଡ ଡାକ୍ତରଖାନାରେ ରୋଗୀଙ୍କୁ ଫଳ, ବିସ୍କୁଟ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ଆଶିଷ ମହାନ୍ତ, ବରିଷ୍ଠ ସଦସ୍ୟ କୃପାସିନ୍ଧୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ଟାଏକ୍ୱୋଣ୍ଡୋରେ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟର ସଫଳତା

ବେତନଟୀ, ୭।୧(ସମିସ): ଭଦ୍ରକରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପରେ ବେତନଟୀ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସଫଳ ହୋଇଥିଲେ। ଏହି ପ୍ରତିଯୋଗିତାରେ ୮ଟି ପଦକ ଜିତି ରାଜ୍ୟରେ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ପ୍ରବୀର ସୋରେନ ଓ ପୂର୍ଣ୍ଣାୟିନୀ ଜେନା ସ୍ୱର୍ଣ୍ଣପଦକ, ସମରଜିତ ନାୟକ, ହିମାଦ୍ରୀ ମହାନ୍ତ, ଆୟୁଷ୍ମାନ ମହାନ୍ତି ରୌପ୍ୟ, ହାର୍ଦ୍ଦିକ ବଳ, ଏଲିନା ମହାନ୍ତ, କାର୍ତ୍ତିକ ବେହେରା ବ୍ରୋଞ୍ଜ ପଦକ ହାସଲ କରି ବିଦ୍ୟାଳୟ ପାଇଁ ସଫଳତା ଆଣିଛନ୍ତି। ଏହି ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ ଜନମନ ବେହେରା ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ବେହେରାଙ୍କ ସହିତ ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି।

### ମାନିଲେନି ହାଇକୋର୍ଟଙ୍କ ନିର୍ଦ୍ଦେଶ

# କଷ୍ଟ ସରିଲା; ଶୁଣିଲାନି ଶିକ୍ଷା ବିଭାଗ

ମହୁଲଡିହା, ୭।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ନୂଆଗାଁସ୍ଥ ନୂଆଗାଁ ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ସାହୁଙ୍କୁ ବେନିୟମ ଭାବେ ପ୍ରଧାନଶିକ୍ଷୟିତ୍ରୀ ପଦବୀରୁ ହଟାଇବା ଓ ଦୀର୍ଘଦିନ ଧରି ନିଲମ୍ବିତ ରଖାଯିବା କାରଣରୁ ସେ ଉଚ୍ଚ ଅଦାଲତର ଆଶ୍ରୟ ନେଇ ହାଇକୋର୍ଟ ଆଦେଶ ବଳରେ ( ୩ ବର୍ଷ ୧ ମାସ ୧୯ ଦିନ ପରେ) ୨୦୨୫ ଜାନୁଆରୀ ୬ ତାରିଖରେ ଯୋଗଦାନ କଲେ। ସିନିୟର ହୋଇଥିବାରୁ କୋର୍ଟ ପ୍ରଧାନଶିକ୍ଷୟିତ୍ରୀ ଭାବେ ଯୋଗଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ପ୍ରମିଳାଙ୍କୁ ସହକାରୀ ଶିକ୍ଷୟିତ୍ରୀ ଭାବେ ଯୋଗଦାନ କରିବାକୁ ତତ୍କାଳୀନ ପ୍ରଧାନଶିକ୍ଷକ ବାଧ କଲେ।



ଉଚ୍ଚ ଅଦାଲତ ନିଲମ୍ବନ ସମୟର ଦରମା ଦେବାକୁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ସ୍କୁଲ ବିଲ କଲାନାହିଁ। ଅଥଚ ଅନ୍ୟ ଜଣେ କନିଷ୍ଠ ସହକାରୀ ଶିକ୍ଷୟିତ୍ରୀ ଅପର୍ଣ୍ଣା ଦେ ୨୦୨୫ ଅଗଷ୍ଟ ୭ରେ ଡିଇଓଙ୍କ ଆଦେଶ ବଳରେ ପ୍ରଧାନ ଶିକ୍ଷୟିତ୍ରୀ ହେଲେ। ଏହାକୁ ସୁଯୋଗ ଭାବି ଅପର୍ଣ୍ଣା ଦେ ନିଜ ବାଟ ସଫା କରିବାକୁ ପ୍ରମିଳା ସାହୁଙ୍କୁ ପ୍ରଥମେ ଦସ୍ତଖତ ପାଇଁ ବାରଣ କରି ୧୭.୯.୨୦୨୫ରେ ନିଲମ୍ବନ କଲେ। ସ୍କୁଲରେ ବୈଧ ପରିଚାଳନା କମିଟି ନ ଥାଇ ସୁଦ୍ଧା କମିଟି ନିର୍ଦ୍ଦେଶରେ ଏପରି କରିଥିବା ଦର୍ଶାଇଲେ। ନିଲମ୍ବନ ଆଦେଶ ବେଆଇନ ଦର୍ଶାଇ ପ୍ରମିଳା ଡିଇଓ, ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସତ୍ତ୍ୱେ ନ୍ୟାୟ ନ ପାଇବାରୁ ସମସ୍ୟା ସମାଧାନ ନ ହେଲେ ଆତ୍ମାହୁତି ପାଇଁ ୧୫ ଦିନ ସମୟ ଦେଲେ। ଅକ୍ଟୋବର ୨୭ରେ ଆତ୍ମାହୁତି ପାଇଁ ତାରିଖ ଧାର୍ଯ୍ୟ ଥିବାବେଳେ ଗଣମାଧ୍ୟମରେ ପ୍ରମୁଖ ସ୍ଥାନ ପାଇଥିଲା।

ରାତିଅଧିଆ ୨୪.୧୦.୨୦୨୫ରେ ଡିଇଓ ଚିଠି ନଂ ୧୩୪୦୫ରେ ନିଲମ୍ବନ ବେଆଇନ କହି ଅଗ୍ରାହ୍ୟ କଲେ। ପ୍ରମିଳାଙ୍କ ଯୋଗଦାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଲେ। ପ୍ରମିଳାଙ୍କ ଯୋଗଦାନ ସତ୍ତ୍ୱେ ତାଙ୍କୁ ଦରମା ଦିଆଗଲାନାହିଁ। ପୁନଶ୍ଚ ପ୍ରମିଳାଙ୍କ ଦରମା ବିଲ୍ ପଠାଇବା ପାଇଁ ଡିଇଓଙ୍କୁ ପୁନର୍ବାର ଚିଠି, (ନଂ୧୫୩୩୯, ୨।୧୨।୨୦୨୫) କରିବାକୁ ପଡ଼ିଲା। ଅଥଚ ଏଯାବତ ତାଙ୍କ ବିଲ ପଠାଗଲାନାହିଁ। ଇତିମଧ୍ୟରେ ସମ୍ପୃକ୍ତ ସ୍କୁଲରୁ ପ୍ରମିଳା ସାହୁ ଓ ଅପର୍ଣ୍ଣା ଦେଙ୍କୁ (ଚିଠି ନଂ ୧୫୭୪୪, ୮।୧୨।୨୦୨୫)ରେ ଅନ୍ୟ ସ୍କୁଲରେ ନିୟୋଜନ କଲେ। ମାତ୍ର ଯେଉଁ ଚିଠି ଆଧାରରେ ଡିଇଓ (ଚିଠି ନଂ ୧୧୩୪୧, ୨୨।୧୦।୨୦୨୧) ପ୍ରମିଳା ସାହୁଙ୍କୁ ପ୍ରଧାନଶିକ୍ଷୟିତ୍ରୀ ପଦରୁ ନିଷେଧ କରିଥିଲେ, ହାଇକୋର୍ଟ ତାକୁ ରଦ୍ଦ କରି ୧୬.୧୦.୨୦୨୫ରେ ୮ ସପ୍ତାହ ମଧ୍ୟରେ ଅବସ୍ଥାପିତ କରିବାକୁ ଆଦେଶ ଦେଇଥିଲେ। ଏହି ଆଦେଶ କାର୍ଯ୍ୟକାରୀ କରିବାକୁ ପ୍ରମିଳା ସାହୁ ଆତ୍ମାହୁତି ଧମକ ଦେଇଥିଲେ। ଅକ୍ଟୋବର ୨୭ ତାରିଖରେ ବାରିପଦାରେ ଏଡିଏମ୍‌ଙ୍କ ଅଧ୍ୟକ୍ଷତାରେ ବାରିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜରୁରୀ ବୈଠକ ବସି ହାଇକୋର୍ଟ ନିର୍ଦ୍ଦେଶ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇ ପ୍ରମିଳାଙ୍କୁ ଆତ୍ମାହୁତିରୁ କ୍ଷାନ୍ତ କରିଥିଲେ।

ଇତିମଧ୍ୟରେ ଉଚ୍ଚ ଅଦାଲତ ଦେଇଥିବା ସମୟ ସୀମା ସରିଛି, ମାତ୍ର ନ୍ୟାୟ ମିଳିଲାନି ପ୍ରମିଳାଙ୍କୁ। ଏବେ ପ୍ରମିଳାଙ୍କ ପରବର୍ତ୍ତୀ ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି। ପ୍ରମିଳା ଦୀର୍ଘ ୨୪ ବର୍ଷ ପ୍ରଧାନଶିକ୍ଷୟିତ୍ରୀ ଥାଇ ସ୍କୁଲ ଗଢ଼ିବା ପରେ ତାଙ୍କୁ ହଟାଇବାକୁ ଚକ୍ରାନ୍ତ ଚାଲିଛି। ଅଭିମନ୍ୟୁଙ୍କ ଭଳି ଚକ୍ରବ୍ୟୂହରେ ଏକାକୀ ଲଢୁଛନ୍ତି ପ୍ରମିଳା। ସତରେ କ'ଣ ନ୍ୟାୟ ଏତେ ଅପହଞ୍ଚ କି ବୋଲି ଠାକୁରମୁଣ୍ଡା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବିଇଓଙ୍କ ଅମାନବିକତା ଓ ପ୍ରଶାସନର ଉଦ୍ୟମ ବିଫଳ ହେବା ପରେ ଏବେ ପ୍ରମିଳାଙ୍କ ପରବର୍ତ୍ତୀ ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି। ପ୍ରମିଳାଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ମୋର ନ୍ୟାୟ ବ୍ୟବସ୍ଥା ଉପରେ ଆସ୍ଥା ରହିଛି। ମୋତେ ନିଶ୍ଚୟ ନ୍ୟାୟ ମିଳିବ ବୋଲି ମୁଁ ଆଶାବାଦୀ ଅଛି କହିଛନ୍ତି।

## ଟ୍ୟାକ୍ସ ବାର୍ ଆସୋସିଏସନ ପକ୍ଷରୁ ଶୋକସଭା

ବାରିପଦା, ୭।୧(ସମିସ): ବରିଷ୍ଠ ଆଇନଜୀବୀ ଅରବିନ୍ଦ ଦାସଙ୍କ ବିୟୋଗରେ ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଛି। ଆୟକର ଓ ବାଣିଜ୍ୟ କର ବାବଦରେ ତାଙ୍କର ପୂର୍ଣ୍ଣ ଦକ୍ଷତା ଥିଲା। ସଭାପତି ଅନ୍ତର୍ଯ୍ୟାମୀ ସାହୁ ସ୍ମୃତିଚାରଣ କରିଥିଲେ। ତାଙ୍କ ବିୟୋଗ ଖବର ପାଇ ବାରିପଦା ସହର, ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନ, ବାଣିଜ୍ୟକର କାର୍ଯ୍ୟାଳୟ ଓ ଆୟକର କାର୍ଯ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ଶୋକସଭାରେ ସଭାପତି ଶ୍ରୀ ସାହୁ, ସମ୍ପାଦକ ବିରେନ୍ଦ୍ର ସାହୁ, ଆଭାସ ପାତ୍ର, ଅମିତ ବେହେରା, ନରୋତ୍ତମ ପାତ୍ର, ଗୋପାଳ ପାଣି, ସରୋଜ ଶତପଥୀ, ମିହିର ମହାନ୍ତି, ଚତୁର୍ଭୁଜ ପାତ୍ର, ପ୍ରକାଶ ସାହୁ, ବିଶ୍ୱଜିତ ମହାନ୍ତି, ଦେବାଶିଷ ପାତ୍ର, ସତ୍ୟେନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ସ୍ୱେଚ୍ଛାସେବୀଙ୍କ ସ୍ୱତନ୍ତ୍ର ତାଲିମ ଶିବିର ଉଦ୍‌ଯାପିତ

କପ୍ତିପଦା, ୭।୧(ସମିସ): ନୂଆସାହିସ୍ଥିତ ଡିଗ୍ରୀ ମହାବିଦ୍ୟାଳୟରେ ଗତ ୩ ତାରିଖରୁ ଆରମ୍ଭ ହେଇଥିବା ମହିଳା ସ୍ୱେଚ୍ଛାସେବୀମାନଙ୍କର ତିନିଦିନିଆ ସ୍ୱତନ୍ତ୍ର ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ତୃତୀୟ ଦିବସର ପ୍ରାରମ୍ଭରେ ଶିବିରାର୍ଥୀମାନେ ପୂର୍ବଦିନ ପରି ଯୋଗ ପ୍ରଶିକ୍ଷକ ଚନ୍ଦ୍ରମୋହନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଯୋଗ ସମ୍ବନ୍ଧୀୟ ବିଭିନ୍ନ କ୍ରିୟା କୌଶଳ ସହିତ ସୁସ୍ଥ ଜୀବନ ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ପରେ ଶିବିରାର୍ଥୀମାନଙ୍କ ଦ୍ୱାରା ନୂଆସାହି ବଜାରସ୍ଥିତ ମନ୍ଦିର ବେଢ଼ାରେ ଓ ବଜାର ପରିସରରେ ସଫେଇ କାର୍ଯ୍ୟ କରାଯିବା ସହିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ତତ୍‌ସହିତ ବିନା ହେଲ୍‌ମେଟରେ ଯାତାୟାତ କରୁଥିବା ବାଇକ୍ ଆରୋହୀମାନଙ୍କୁ ବାଇକ୍‌ରେ ଯାତାୟାତ ସମୟରେ ହେଲ୍‌ମେଟ ବ୍ୟବହାର ସହିତ ନିରାପଦ ଗାଡ଼ି ଚାଳନା ସମ୍ପର୍କରେ ସଚେତନ କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବେ ମହାବିଦ୍ୟାଳୟ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀମାନଙ୍କର ପ୍ରଶିକ୍ଷକ ଡ. ନିରୋଦ ବରଣ ଖୁଣ୍ଟିଆଙ୍କ ଦ୍ୱାରା ଉଦ୍‌ଘାଟିତ ହେଇଥିଲା। ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଯୋଗଦେଇଥିବା ଶିବିରାର୍ଥୀମାନଙ୍କଠାରୁ ୩୩ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଲିପିକା ବେହେରା ସଭାପତିଭାବେ କାର୍ଯ୍ୟକ୍ରମ ତୁଲାଇଥିବା ବେଳେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଅନାମ ଚରଣ ରାଉଳ, ମୁଖ୍ୟବକ୍ତା ଭାବେ ରାଜ୍ୟ ପ୍ରଶିକ୍ଷକ ଡ. ନିରୋଦ ବରଣ ଖୁଣ୍ଟିଆ, ସମ୍ମାନିତ ଅତିଥିଭାବରେ ପ୍ରାକ୍ତନ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଦିଲ୍ଲୀପ ପରମାଣିକ ଓ ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ମଞ୍ଜନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ବିଜେତାମାନଙ୍କୁ ଏବଂ ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଲମ୍ବୋଦର ବାରିକ ତିନିଦିନର ବିବରଣୀ ପାଠ କରିଥିବାବେଳେ ପ୍ରାକ୍ତନ କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜୟ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।















■ ସାଇବର ଠକ ସକ୍ରିୟ

# କଲେଜ ଛାତ୍ରଛାତ୍ରୀଙ୍କୁ ବ୍ଲାକ୍‌ମେଲ କରି ମାଗୁଛନ୍ତି ଟଙ୍କା

**ଚୌଦ୍ୱାର,୭।୧(ସମିସ):** ସାଇବର ଠକଙ୍କ ଟାର୍ଗେଟରେ ଛାତ୍ରଛାତ୍ରୀ। ଫୋନ୍‌ରେ ଛାତ୍ରଛାତ୍ରୀଙ୍କୁ ବ୍ଲାକମେଲ କରି ଟଙ୍କା ଆଦାୟ କରୁଥିବାଭଳି ଅଭିଯୋଗ ହୋଇଛି। ଚୌଦ୍ୱାର କଲେଜ ଛାତ୍ରଛାତ୍ରୀଙ୍କୁ ଫୋନ୍‌କରି 'ମୁଁ ଚୌଦ୍ୱାର କଲେଜରୁ ସାର୍ କହୁଛି। +୨ ପ୍ରଥମ ବର୍ଷ ପରୀକ୍ଷା ପାଇଁ ତୁମେ ଫର୍ମ ଫିଲଅପ୍ କରିନାହଁ। ଆଜି ହେଉଛି ଶେଷ ତାରିଖ। ତୁରନ୍ତ ମୁଁ ପଠାଇଥିବା କ୍ୟୁଆର କୋଡର୍ ସ୍କାନ୍ କରି ୨ ହଜାର ଟଙ୍କା ପଠାଅ। ନଚେତ୍ ପରୀକ୍ଷା ଦେଇପାରିବ ନାହିଁ ବୋଲି ସ୍ଥାନୀୟ ଚୌଦ୍ୱାର କଲେଜର +୨ ପ୍ରଥମ ବର୍ଷର ଅନେକ ଛାତ୍ରଛାତ୍ରୀଙ୍କ ପାଖକୁ ଫୋନ୍‌କଲ ଆସୁଛି। ଏ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ସୃଷ୍ଟି ହୋଇଛି। ଏହି କଲ୍ ଉପରେ ସନ୍ଦେହ ସୃଷ୍ଟି ହେବାରୁ +୨ ପ୍ରଥମ ବର୍ଷର କିଛି ପିଲା ଓ ସେମାନଙ୍କ ଅଭିଭାବକମାନେ କଲେଜ ଆସି ଅଧ୍ୟକ୍ଷଙ୍କ ପାଖରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। +୨ ପ୍ରଥମ ବର୍ଷ ପରୀକ୍ଷା ପାଇଁ ଫର୍ମ ପୂରଣର କୌଣସି ଆବଶ୍ୟକତା ନ ଥିବାବେଳେ କୌଣସି ବ୍ୟକ୍ତି କଲେଜ ନାମରେ ଛାତ୍ରଛାତ୍ରୀଙ୍କୁ ବ୍ଲାକ୍‌ମେଲ କରି ଟଙ୍କା ଆଦାୟ ପାଇଁ ଅପଚେଷ୍ଟା ଚଳାଇଥିବା ଅନୁମାନ କରାଯାଉଛି। ଓଟିଏମ୍ କଲୋନୀ ସହିତ ଆଖପାଖ ଅଞ୍ଚଳର ବହୁ ଛାତ୍ରଛାତ୍ରୀ କଲେଜ ଅଧ୍ୟକ୍ଷଙ୍କ ପାଖରେ ସମାନ ଅଭିଯୋଗ କରିଥିବା ଜଣାପଡ଼ିଛି। ବ୍ଲାକ୍‌ମେଲକାରୀ ୯୩୪୮ ୯୮୩୩୩୭ ନମ୍ବରରୁ ସମସ୍ତଙ୍କୁ ଫୋନ୍ କରିଥିବା ଏବଂ ଏଭଳି ମୋବାଇଲ ନମ୍ବର କଲେଜର କୌଣସି ଅଧ୍ୟାପକ କିମ୍ବା କର୍ମଚାରୀଙ୍କ ନୁହଁ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। କଲେଜ ତରଫରୁ ଏ ସଂକ୍ରାନ୍ତରେ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରାଯାଇ ତୁରନ୍ତ ବ୍ଲାକ୍‌ମେଲକାରୀକୁ ଧରିବା ପାଇଁ ପୁଲିସକୁ ଅନୁରୋଧ କରାଯାଇଛି। ଏଭଳି କଲ ଆସିଲେ କେହି ଟଙ୍କା ପ୍ରଦାନ ନ କରିବାକୁ ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

# ଉତ୍କଳ ସାହିତ୍ୟ ସମାଜର ଯୁବ ସାରସ୍ୱତ ସମାରୋହ ବାରରେ

**କଟକ,୭।୧(ସମିସ):** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରତିବର୍ଷ ଆୟୋଜନ କରାଯାଉଥିବା ଯୁବ ସାରସ୍ୱତ ସମାରୋହ ସ୍ୱାମୀ ବିବେକାନନ୍ଦଙ୍କ ପବିତ୍ର ଜୟନ୍ତୀ ଦିବସରେ ୧୨ ତାରିଖ ସନ୍ଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହେବ। ଏହି ଅବସରରେ ବିଶିଷ୍ଟ ଯୁବ ଗବେଷକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତାଙ୍କୁ "ମହାତ୍ମା ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର' ଓ ବିଶିଷ୍ଟ ଯୁବ କଣ୍ଠଶିଳ୍ପୀ ଡାକ୍ତର ଅନୁରାଧା ପାଣିଗ୍ରାହୀଙ୍କୁ "କଳ୍ପନା ବଳ ଯୁବ କଣ୍ଠଶିଳ୍ପୀ ପୁରସ୍କାର' ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ, ଡକ୍ଟର ହୋତା ପୂର୍ବରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଲାଭ କରିଥିଲେ। ସେ "କଳ୍ପନା, ଅନୁଭବ ଓ ସାହିତ୍ୟ', "ଚେତନାର ଅନ୍ୱେଷଣ', "ବିବେକ ବିଲୋଚନ' ଆଦି ପ୍ରବନ୍ଧ ପୁସ୍ତକର ସଫଳ ସ୍ରଷ୍ଟା। ସେହିପରି ଡାକ୍ତର ଅନୁରାଧା ଜଣେ ଉଦୀୟମାନ ଯୁବ କଣ୍ଠଶିଳ୍ପୀ, ଅଭିନେତ୍ରୀ ତଥା ନୃତ୍ୟଶିଳ୍ପୀ ଭାବରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ବୁଧବାର ସନ୍ଧ୍ୟାରେ ବିଚାରକମାନଙ୍କ ସୁପାରିଶ ଆଧାରରେ ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟନିର୍ବାହିକା ସମିତି ବୈଠକରେ ଉପରୋକ୍ତ ଦୁଇ ପ୍ରତିଭାଧାରୀଙ୍କୁ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସାଧାରଣ ସଂପାଦକ ରାଜୀବ ଷଡ଼ଙ୍ଗୀ ଓ ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।




ପୁରସ୍କୃତହେବେ ଯୁବ ଗବେଷକ ଡକ୍ଟର ଚନ୍ଦ୍ରଶେଖର ହୋତା ଓ ଯୁବ କଣ୍ଠଶିଳ୍ପୀ ଅନୁରାଧା ପାଣିଗ୍ରାହୀ

● କର୍ଣ୍ଣାଟକ ନାବାଳିକା ହତ୍ୟାକାଣ୍ଡ

# କଟକ ରେଳଷ୍ଟେସନରୁ ଧରାପଡ଼ିଲା ଅଭିଯୁକ୍ତ

**କଟକ,୭।୧(ସମିସ):** କର୍ଣ୍ଣାଟକରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଭିଆଇଥିବା ଅଭିଯୁକ୍ତକୁ କଟକରୁ ଗିରଫ କରାଯାଇଛି । ଅଭିଯୁକ୍ତ ଜଣକ ହେଉଛି ପଶ୍ଚିମବଙ୍ଗ ଦକ୍ଷିଣ ଚବିଶିପ୍ରଗଣା ଜିଲ୍ଲାର ୟୁସୁଫ ମୀର(୩୫)। ଏକ ନାବାଳିକାକୁ ଅପହରଣ କରି ହତ୍ୟା କରାଯିବା ଭଳି ସଂଗୀନ ଅଭିଯୋଗ ତା ବିରୋଧରେ ରହିଛି। ଗିରଫ ପରେ ତାକୁ ବେଙ୍ଗାଲୁରୁ ପୁଲିସ ଜିମା ଦିଆଯାଇଛି ।

ସୂଚନା ମୁତାବକ, ବେଙ୍ଗାଲୁରୁ ସହରରେ ମଙ୍ଗଳବାର ଏକ ଜଘନ୍ୟ ହତ୍ୟାକଣ୍ଡ ଘଟିଥିଲା। ଏକ ୬ ବର୍ଷର ଝିଅକୁ ଅପହରଣ କରିନେଇ ତାକୁ ହତ୍ୟା କରାଯାଇଥିଲା। ଏନେଇ ସ୍ଥାନୀୟ ହ୍ୱାଇଟ-ଫିଲ୍ଡ ଥାନା ପୁଲିସ ମାମଲା ରୁଜୁ କରିଥିଲା। ପ୍ରାରମ୍ଭିକ ତଦନ୍ତରୁ ୟୁସୁଫ ହତ୍ୟାକଣ୍ଡ ଭିଆଇଥିବା ଜାଣିବା ପରେ ପୁଲିସ ଚଢଉ କରିଥିଲା। ମାତ୍ର ସେତେବେଳକୁ ୟୁସୁଫ ତାର ପରିବାର ସଦସ୍ୟଙ୍କୁ ଧରି ଫେରାର ହୋଇଯାଇଥିଲା। ବେଙ୍ଗାଲୁରୁ ପୁଲିସ ତାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ ସହ ଦେଶତମାମ ପୋଲିସକୁ ଘଟଣା ସମ୍ପର୍କରେ ସୂଚିତ କରିଥିଲା। ଯେହେତୁ ୟୁସୁଫ ପଶ୍ଚିମବଙ୍ଗର ବାସିନ୍ଦା ହୋଇଥିବାରୁ ସେ ଓଡିଶା ଦେଇ ନିଜ ରାଜ୍ୟକୁ ଫେରିବାର ସମ୍ଭାବନା ଅଧିକ ଥିଲା। ତେଣୁ ଓଡିଶା ପୁଲିସକୁ ଅଭିଯୁକ୍ତର ଫଟୋ ଓ ତଥ୍ୟ ପଠାଇ ସଜାଗ ରହିବାକୁ ଅନୁରୋଧ କରାଯାଇଥିଲା। ଏହା ଭିତରେ ଅଭିଯୁକ୍ତ ୟୁସୁଫ ସାବରମତି-ହାୱଡା ଏକ୍ସପ୍ରେସ ଯୋଗେ ପଶ୍ଚିମବଙ୍ଗ ଫେରୁଥିବା ଜଣାପଡିଲା। ଏ ସମ୍ପର୍କରେ କଟକ ଡିସିପିଙ୍କ ଅଫିସରୁ କଟକ ଆରପିଏଫ ଅଧିକାରୀ ରାଜସିଂହ ମଲ୍ଲିକଙ୍କୁ ଅବଗତ କରାଗଲା। ଏହାପରେ ଶ୍ରୀ ମଲ୍ଲିକ ତୁରନ୍ତ ଏକ ଟିମ ଗଠନ କରି ସଜାଗ ରହିଥିଲେ। ଦିନ ପ୍ରାୟ ୧ଟା ହେବ । ଟ୍ରେନ ଆସି କଟକ ରେଳ ଷ୍ଟେସନର ୧ନଂ ପ୍ଲାଟଫର୍ମରେ ପହଞ୍ଚିବାମାତ୍ରେ ଆରପିଏଫ ଟିମ ଯାଞ୍ଚପ୍ରକ୍ରିୟା ଆରମ୍ଭ କରିଥିଲା। ଧରପଗଡ ଭୟରେ ଅଭିଯୁକ୍ତ ଖସିପଳାଇବା ଆଶଙ୍କାରେ ଆରପିଏଫ ଟିମ ବେଶ ସତର୍କତାର ସହ ବିଭିନ୍ନ ବଗିରେ ଯାଞ୍ଚ କରି ଶେଷରେ ୟୁସୁଫକୁ ମାଡିବସିଲା । ତା' ସହିତ ତାର ପତ୍ନୀ ରେହାନା ବିବି ଓ ପୁଅ ରୁମନ ମୁଲ୍ଲା ମଧ୍ୟ ଧରାପଡିଥିଲେ। ସମସ୍ତଙ୍କୁ ଆରପିଏଫ ପୋଷ୍ଟକୁ ଆଣି ଅଟକ ରଖାଗଲା। ଏ ସମ୍ପର୍କରେ ସୂଚନା ଦିଆଯିବା ପରେ ବେଙ୍ଗାଲୁରୁ ପୁଲିସର ଏକ ଟିମ ଅପରାହ୍ନରେ ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିଥିଲେ। ପରେ କଟକ ଆରପିଏଫ ପୋଷ୍ଟକୁ ଆସିବା ପରେ ଅଭିଯୁକ୍ତ ଓ ତାର ପରିବାର ସଦସ୍ୟଙ୍କୁ ବେଙ୍ଗାଲୁରୁ ପୁଲିସକୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତଙ୍କୁ ଧରି ବେଙ୍ଗାଲୁରୁ ପୁଲିସ ନିଜ ରାଜ୍ୟକୁ ଫେରିଯାଇଛି। ୟୁସୁଫ ବେଙ୍ଗାଲୁରୁରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି।







# ଚେନ୍ନାଇରୁ ଦୁଷ୍କର୍ମ ଅଭିଯୁକ୍ତ ଗିରଫ

**କଟକ,୭।୧(ସମିସ):** ଚାକିରି କରାଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରାଯିବା ଭଳି ଏକ ସଂଗୀନ ଅଭିଯୋଗ ସାମ୍ନାକୁ ଆସିଛି। ପୀଡ଼ିତା ଜଣକ ଗର୍ଭବତୀ ହୋଇ ଗୁରୁତର ଅବସ୍ଥାରେ ଉଦ୍ଧାର ହେବା ପରେ ଏହି ଚାଞ୍ଚଲ୍ୟକର ଘଟଣାର ପର୍ଦ୍ଦାଫାସ ହୋଇଥିଲା। ଏହି ମାମଲାରେ କଟକର ବିଡାନାସୀ ଥାନା ପୁଲିସ ୯ ମାସର ତଦନ୍ତ ପରେ ଅଭିଯୁକ୍ତ ପ୍ରମୋଦ ନାୟକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତର ଘର ଭଦ୍ରକ ଜିଲ୍ଲା ବାଂଶଡା ଥାନା ଅନ୍ତର୍ଗତ ଚରଡିଆ ଗ୍ରାମରେ। ଗତବର୍ଷ ମେ ମାସରେ ପୀଡ଼ିତାଙ୍କୁ ନିଶ୍ଚିନ୍ତକୋଇଲି ଅଞ୍ଚଳରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇ କଟକର 'ବସୁନ୍ଧରା' ଅନୁଷ୍ଠାନରେ ଆଶ୍ରୟ ଦିଆଯାଇଥିଲା। ପୀଡ଼ିତାଙ୍କ ବୟାନ ଅନୁଯାୟୀ, ଭୁବନେଶ୍ୱରରେ ଚାକିରି ଦେବା ବାହାନାରେ ତାଙ୍କୁ ଓଡ଼ିଶା ଆଣି ବାରମ୍ବାର ଦୁଷ୍କର୍ମ କରିଥିଲା। ସାଇବର ପୁଲିସର ସହାୟତାରେ ପୁଲିସ ଚେନ୍ନାଇରୁ ପ୍ରମୋଦକୁ ଗିରଫ କରିଛି।

# ସହରରେ ପ୍ରଦୂଷଣ କଟକଣା ଅନୁପାଳନ ନେଇ ପ୍ରଶ୍ନବାଚୀ

**କଟକ,୭।୧(ସମିସ):**

ଏବେ ସାରା ରାଜ୍ୟରେ ପ୍ରଦୂଷଣକୁ ନେଇ ଚିନ୍ତା ବଢୁଥିବା ବେଳେ ଆଜି ମଧ୍ୟ ସରକାର ଟୁଇନ ସିଟିରେ ପ୍ରଦୂଷଣ କଟକଣା ଲଗାଇଛନ୍ତି। ବିଶେଷକରି ନିର୍ମାଣ କାର୍ଯ୍ୟ,ଭଙ୍ଗାରୁଜା ଆଦି ଉପରେ ଏହି କଟକଣା ଜାରି କରାଯାଇଛି। ହେଲେ ଏହି କଟକଣାର ସଠିକ ଅନୁପାଳନ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଛି। କଟକ ସହରରେ ବେଆଇନ ବାଲି ପରିବହନ ପାଇଁ ଅଧିକାଂଶ ରାସ୍ତାରେ ଏବେ ବାଲିର ମୋଟା ଆସ୍ତରଣ ଦେଖିବାକୁ ମିଳିଲାଣି। ରାସ୍ତାରେ ବାଲି ଜମା ହୋଇ ରହୁଥିବା ତଥା ଏହାକୁ ସଫା କରାଯାଉନଥିବାରୁ ଦୈନିକ ବହୁ ସଂଖ୍ୟାରେ ଛୋଟବଡ଼ ଦୁର୍ଘଟଣା ଘଟିବା ସହ ବାଲି ଧୂଳି ଉଡି ବାୟୁ ପ୍ରଦୂଷଣ ସଂଗୀନ ହେଉଛି। ପୂର୍ବରୁ ମଧ୍ୟ ଅନେକ କଟକଣା ଜାରି କରାଯାଇଥିଲେ ସୁଦ୍ଧା ତାହାର ସୁଫଳ ମିଳିପାରିନାହିଁ। ଏପରିକି ସ୍ଥିତି ଯଥା ପୂର୍ବଂ ତଥା ପରଂ ହୋଇଛି। ନଦୀରୁ ବାଲି ନେଇ ହାଇୱା, ଟ୍ରକ, ଟ୍ରାକ୍ଟର ଗୁଡ଼ିକ ସହରର ରିଙ୍ଗବନ୍ଧ ଓ ଅନ୍ୟ ରାସ୍ତାରେ ରାତି ସମୟରେ ଯାତାୟତ କରିବା କଥା ହେଲେ ସେହି ଗାଡି ଗୁଡ଼ିକ ଦିନ ବେଳା ମଧ୍ୟ ଅବାଧରେ ଚଳାଚଳ କରୁଛି। ଅନ୍ୟପଟରେ ବାଲି ଓ ଅନ୍ୟ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଗାଡି ଗୁଡିକ ଡାଲାକୁ ଆଦୌ ପାଲରେ ଘୋଡା ଯାଉନାହିଁ। ପରିବହନରେ ନିୟୋଜିତ ଗାଡି ଗୁଡିକ ପରିବହନ ସମୟରେ ପାଣି ସିଞ୍ଚନ କରି ପାଲ ଘୋଡାଇ ନେବାକୁ ୧୦ବର୍ଷ ପୂର୍ବରୁ ନିର୍ଦ୍ଦେଶ ରହିଥିଲେ ସୁଦ୍ଧା ଏହାକୁ ସଠିକ ଭାବେ ଅନୁପାଳନ କରାଯାଉନାହିଁ।

କଟକ ସହରରେ ଏକଦା ରାସ୍ତାଘାଟ ବ୍ୟାପକ ବାଲିମୟ ହେଉଥିବାର ସ୍ଥିତି ଦେଖି ବାଲି ତଥା ଲଘୁ ଖଣିଜ ଦ୍ରବ୍ୟ ପରିବହନ ଉପରେ ତତ୍କାଳୀନ ଜିଲ୍ଲାପାଳ ଅରିନ୍ଦମ ଡାକୁଆ ନିଷେଧାଦେଶ ଜାରି କରିଥିଲେ। ଏପରିକି ଖଣି ବିଭାଗ ଅଧିକାରୀ ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିପାରି ନଥିବା ନେଇ ମଧ୍ୟ ସେହି ସମୟରେ ଜିଲ୍ଲାପାଳ କହିଥିଲେ। ରାସ୍ତା ଗୁଡିକ ବାଲିମୁକ୍ତ କରିବା ପାଇଁ ସମ୍ପୃକ୍ତ ବାଲିଘାଟ ଲିଜ୍‌ଧାରୀ ମାନେ ପଦକ୍ଷେପ ନେବେ। ରାସ୍ତାଘାଟକୁ ବାଲିମୁକ୍ତ କରି ଏହାର ଜିଓ ଟ୍ୟାଗ ସହ ଭିଡିଓ ଚିତ୍ର ଉତ୍ତୋଳନ କରି ସମ୍ପୃକ୍ତ ତହସିଲଦାରଙ୍କ ଠାରୁ ପ୍ରମାଣପତ୍ର ହାସଲ କରିବାକୁ ପଡିବ ବୋଲି ଜିଲ୍ଲାପାଳଙ୍କ ପକ୍ଷରୁ ଏକଦା କଡା ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାକୁ ଦିନାକେତେ ପାଳନ କରାଯାଇଥିଲା ଫଳରେ ସହରର ରାସ୍ତାଘାଟ ବାଲିମୁକ୍ତ ହୋଇପାରିଥିଲା। ହେଲେ ଏବେ ସହରର ପ୍ରମୁଖ ରାସ୍ତା ଗୁଡିକ ପାଶ୍ୱର୍ରେ ବାଲି ଜମା ହୋଇରହୁଥିବା ବେଳେ ଏହାକୁ ସଫେଇ କରାଯାଉନାହିଁ। ଏଥିପାଇଁ ଅନେକ ବାଇକଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି। ପ୍ରକାଶ ଥାଉକି, ଖାନନଗର ମଣି ମନ୍ଦିର ଠାରୁ ଜୁଡିସିଆଲ ଏକାଡେମି ରାସ୍ତା ଦେଇ ନରାଜ ପର୍ଯ୍ୟନ୍ତ ଏବଂ ସତୀଚଉରା ଛକ ଠାରୁ ଚହଟା ଛକ ଦେଇ ଧବଳେଶ୍ୱର ଘାଟ ପର୍ଯ୍ୟନ୍ତ ରହିଥିବା ରିଂ ବନ୍ଧ,ନୂଆବଜାର-ଖପୁରିଆ ଭାୟା ନୂଆପଡା ରାସ୍ତାରେ ବେଆଇନ୍ ଭାବେ ବାଲି ବୋଝେଇ ହାଇୱା ଯାତାୟାତ କରୁଛି। ଏହି ରାସ୍ତା ଗୁଡିକରେ ବାଲିର ଆସ୍ତରଣ ଯୋଗୁଁ ରାସ୍ତା ସମ୍ପୂର୍ଣ୍ଣ ଦୃଶ୍ୟମାନ ହେଉନାହିଁ। ଏଭଳି ସ୍ଥିତିରେ ଗତ ଏକ ବର୍ଷ ମଧ୍ୟରେ ବାଲି ବୋଝେଇ ହାଇୱା ଧକ୍କାରେ ୧୦ଜଣଙ୍କ ମୃତ୍ୟୁ ମଧ୍ୟ ଘଟିଲାଣି। ଏଥିପ୍ରତି ମହାନଗର ନିଗମ, ଜିଲ୍ଲା ପ୍ରଶାସନ ଏବଂ ଖଣି ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

● ରାସ୍ତାଘାଟରେ ବାଲିର ଆସ୍ତରଣ
● ପାଲ ନଘୋଡାଇ ଚାଲିଛି ବେଆଇନ ପରିବହନ
● ଏକଦା ଲଘୁ ଖଣିଜ ଦ୍ରବ୍ୟ ପରିବହନ ହୋଇଥିଲା ନିଷେଧ



# କଣ୍ଟାପଡ଼ା ପଞ୍ଚାୟତସମିତିର ନବମ ବୈଠକ

**କଣ୍ଟାପଡ଼ା,୭।୧(ସମିସ):** କଣ୍ଟାପଡ଼ା ପଞ୍ଚାୟତ ସମିତିର ନବମ ବୈଠକ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜୀନା ଭୋଇଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭା ଗୃହରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖାଉଟି ସାମଗ୍ରୀ, ବାର୍ଦ୍ଧକ୍ୟ ଭତ୍ତା, ଶିକ୍ଷା ବ୍ୟବସ୍ଥା ଓ ପଞ୍ଚାୟତ ସମିତି ତତ୍ତ୍ୱବଧାନରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ପୂର୍ବ ବୈଠକର ନିଷ୍ପତ୍ତି ଅନୁସାରେ ସୁନ୍ଦରଗ୍ରାମ ନିକଟରେ ଅବସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ସରକାରୀ ଜମିକୁ ଦଖଲ କରିବା ଘଟଣା ପ୍ରଶାସନକୁ ଅବଗତ କରାଯାଇଥିବା ଜିପିଓ ବିବରଣୀ ପାଠ କରି ଗୃହକୁ ଅବଗତ କରାଇଥିଲେ। ଅନ୍ୟ ପ୍ରସଙ୍ଗ ମଧ୍ୟରେ ଧାନ ମଣ୍ଡି ଖୋଲିବା ଓ ଏହାର କଟନି ଛଟନି ଉପରେ ଆଲୋଚନା ହୋଇଥିଲା। ଜିଲ୍ଲା ପରିଷଦ ସଭ୍ୟ ପୀୟୁଷ ମିଶ୍ର ଅଞ୍ଚଳରେ ଷଣ୍ଢ ମାନେ ଚାଷୀଙ୍କ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ୨୦୨୧/୨୨ ଆର୍ଥିକ ବର୍ଷରୁ ଗୋଶାଳା ନିର୍ମାଣ କରି ଉପଦ୍ରବକାରୀ ଷଣ୍ଢଙ୍କୁ ସେଠାରେ ରଖିବା ପାଇଁ ପାଣ୍ଠି ବ୍ୟବସ୍ଥା ହୋଇଥିଲେ ମଧ୍ୟ କାହିଁକି ଗୋଶାଳା ନିର୍ମାଣ ହୋଇ ପାରୁନାହିଁ ସେ ବିଷୟରେ କଣ୍ଟାପଡ଼ା ପ୍ରାଣୀ ଚିକିତ୍ସାଳୟ କର୍ମଚାରୀଙ୍କଠାରୁ ଉତ୍ତର ଲୋଡିଥିଲେ ମଧ୍ୟ ସେ ସଠିକ ଭାବେ କୌଣସି ଉତ୍ତର ଦେଇ ନ ପାରିବାରୁ ଶ୍ରୀ ମିଶ୍ର ଜିଲ୍ଲାପାଳଙ୍କ ଆଗାମୀ ଜନଶୁଣାଣି ବୈଠକ ଦିନ ଅଞ୍ଚଳରେ ଉପଦ୍ରବ କରୁଥିବା ଷଣ୍ଢଙ୍କୁ ଆଣି ଜିଲ୍ଲାପାଳଙ୍କ ଗାଡି ଆଗରେ ଛାଡ଼ି ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ନିଆଳି ବିଧାୟକଙ୍କ କଣ୍ଟାପଡ଼ା ବ୍ଲକ ପ୍ରତିନିଧି ସମ୍ବନ୍ଧୀୟ ଏକ ଚିଠି ଉପରେ ଆଲୋଚନା ହୋଇଥିଲା ଏଥିରେ ବିଧାୟକଙ୍କ ଦ୍ୱାରା ଜଣେ ମହିଳାଙ୍କୁ ମନୋୟନ କରି ବ୍ଲକ ପ୍ରଶାସନକୁ ଚିଠି ଦେବା କେତେ ଦୂର ଆଇନ୍ ସମ୍ମତ ବୋଲି ପ୍ରଶ୍ନ ଉଠିଥିଲା। ଆଜିର ବୈଠକରେ ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର ନାଥ ବରାଳ, ବିଡିଓ ସ୍ୱପ୍ନିତା ନାୟକ, ସହକାରୀ ଯନ୍ତ୍ରୀ ଧନଞ୍ଜୟ ସାମଲ, ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ ରାଉତରାୟ, ଗୋବିନ୍ଦପୁର ସରପଞ୍ଚ ସୁମିତ୍ରା ପାତ୍ରୀ, ଅଡଶପୁର ସରପଞ୍ଚ ସୁବ୍ରତ ଦାସ, ଜିଲ୍ଲା ପରିଷଦ ସଭ୍ୟା କ୍ରିଷ୍ଣାରାଣୀ ବେହେରା, ବ୍ରାହ୍ମଣସାଇଲୋ ସରପଞ୍ଚ ତୃପ୍ତୀମୟୀ ରାଉତ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସହ ବିଭିନ୍ନ ବିଭାଗର କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ବିଡିଓ ରବି ତପସ୍ୱିନୀ ଦାସ ଧନ୍ୟବାଦ ଦେଇଥିଲେ।



ଉଠିଲା ବୁଲା ଷଣ୍ଢ ଓ ବିଧାୟକଙ୍କ ବ୍ଲକ ପ୍ରତିନିଧି ପ୍ରସଙ୍ଗ

# ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କ ସ୍ମୃତିସଭା



**ନିଶ୍ଚିନ୍ତକୋଇଲି,୭।୧(ସମିସ):** ଘରୋଇ ଟିଭି ଚ୍ୟାନେଲର ଭୁବନେଶ୍ୱର ସାମ୍ବାଦିକା ଶିଳା ପଟ୍ଟନାୟକଙ୍କ ଏକ ଦୁର୍ଘଟଣାଜନିତ ଅକାଳ ବିୟୋଗ ପାଇଁ ନିଶ୍ଚିନ୍ତକୋଇଲି ଅଞ୍ଚଳର ସାମ୍ବାଦିକ ବନ୍ଧୁମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ପିପି କଲେଜ ଛକ ତାରିଣୀ ମନ୍ଦିର ପରିସରରେ ସାମ୍ବାଦିକ ପ୍ରଫୁଲ୍ଲ ମହାପାତ୍ରଙ୍କ ସଂଯୋଜନାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ, ସୀତାନାଥ ସିଂ, ପ୍ରକାଶ ଚନ୍ଦ୍ର ରାଉଳ, ରଞ୍ଜନ ଦାସ, ଜଗନ୍ନାଥ ପଣ୍ଡା, ଦେବେନ୍ଦ୍ର ଷଡଙ୍ଗୀ, ପ୍ରସନ୍ନ ମହାପାତ୍ର, ସତ୍ୟଜିତ୍ ମହାପାତ୍ର, ଶିବ ପ୍ରସାଦ ରାଉତ, ରତ୍ନାକର ବାରିକ, ଭାବଗ୍ରାହୀ ମିଶ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରଥମେ ସ୍ୱର୍ଗତ ସାମ୍ବାଦିକାଙ୍କ ଦିବଙ୍ଗତ ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମୃତ ସାମ୍ବାଦିକାଙ୍କ ପରିବାରକୁ ସରକାରୀସ୍ତରରେ ସହାୟତା ଯୋଗାଇଦେବା ପାଇଁ ସମୂହ ଦାବି କରାଯାଇଥିଲା।

# ଟୋକନ୍ ମିଳିଛି; ଖୋଲିନି ମଣ୍ଡି

**କନ୍ଦରପୁର,୭।୧(ସମିସ):** କଟକ ସଦର ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଧାନ କିଣାବିକା ପ୍ରକ୍ରିୟାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି, ଯାହା ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବିଶେଷ କରି ଗତିରାଉତ ପାଟଣା, କନ୍ଦରପୁର, ଅରିଲୋ, କିଶୋରନଗର ଓ ପ୍ରହରାଜପୁର ଅଞ୍ଚଳରେ ଥିବା ଧାନ ମଣ୍ଡିଗୁଡ଼ିକ ଏ ପର୍ଯ୍ୟନ୍ତ ଖୋଲାଯାଇନାହିଁ। ସରକାରୀ ନିୟମ ଅନୁଯାୟୀ ଜାନୁଆରୀ ୭ ତାରିଖ ଅର୍ଥାତ୍ ଆଜି ଧାନ ଦେବା ପାଇଁ ଅନେକ ଚାଷୀଙ୍କ ନିକଟକୁ ଟୋକନ୍ ଆସିଥିଲେ ହେଁ, ମଣ୍ଡି ନ ଖୋଲିବା ଯୋଗୁଁ ସେମାନେ ନିଜର କଷ୍ଟ ଅର୍ଜିତ ଫସଲ ବିକ୍ରି କରିପାରୁ ନାହାନ୍ତି। ଚାଷୀମାନେ ଧାନ ଅମଳ କରି ଝୋଟ ଅଖାରେ ପ୍ୟାକ୍ କରି ରଖିଥିବା ବେଳେ ଏବେ ସବୁ ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି। ଶୀତୁଆ କାକର ଏବଂ ବର୍ଷା ଆଶଙ୍କା ଯୋଗୁଁ ଧାନ ଓଦା ହୋଇ ନଷ୍ଟ ହୋଇଯିବା ଭୟରେ ଚାଷୀମାନେ ଚିନ୍ତାରେ ଦିନ କାଟୁଛନ୍ତି। ସୂଚନା ଅନୁଯାୟୀ, ଗତିରାଉତ ପାଟଣା ମଣ୍ଡିରେ ପ୍ରାୟ ୨୮୦ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ କନ୍ଦରପୁର ମଣ୍ଡି ଉପରେ କନ୍ଦରପୁର, ଆୟତପୁର ଓ ଫକିରପଡ଼ା ଅଞ୍ଚଳର ପ୍ରାୟ ୭୩୦ ଜଣ ଚାଷୀ ନିର୍ଭର କରନ୍ତି। ସେହିଭଳି ଅରିଲୋ ମଣ୍ଡିରେ ୫୩୧ ଜଣ, କିଶୋରନଗର ମଣ୍ଡିରେ ୬୦୦ ଜଣ ଏବଂ ପ୍ରହରାଜପୁର ମଣ୍ଡିରେ ୩୧୬ ଜଣ ଚାଷୀ ଧାନ ଦେବା ପାଇଁ ପଞ୍ଜୀକୃତ ହୋଇଛନ୍ତି। ଟୋକନ୍ ପାଇଥିବା ଚାଷୀମାନେ ଧାର୍ଯ୍ୟ ସମୟରେ ଧାନ ବିକ୍ରି କରିବାକୁ ଅପେକ୍ଷା କରିଥିଲେ ହେଁ ମଣ୍ଡି ଅପରିଚାଳନା ଯୋଗୁଁ ସେମାନେ ହଇରାଣ ହେଉଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବା ସହ ମଣ୍ଡି ଖୋଲି ଚାଷୀଙ୍କ ଠାରୁ ଧାନ କିଣିବାକୁ ସାଧାରଣରେ ଦାବି ହୋଇଛି।

● ଖୋଲା ଆକାଶ ତଳେ ପଡ଼ିଛି ହଜାର ହଜାର କ୍ୱିଣ୍ଟାଲ ଧାନ
● ଚିନ୍ତାରେ କଟକ ସଦର ଅଞ୍ଚଳର ଚାଷୀ






# ନିଶ୍ଚିନ୍ତକୋଇଲି ଧାନ ମଣ୍ଡି ଉଦ୍‌ଘାଟିତ

**ନିଶ୍ଚିନ୍ତକୋଇଲି,୭।୧(ସମିସ):** କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ଚଳିତ ଖରିଫ ୨୦୨୫-୨୬ ବର୍ଷରେ ଚାଷୀମାନଙ୍କର ଧାନ କ୍ରୟ ପାଇଁ ପ୍ରଥମେ ନିଶ୍ଚିନ୍ତକୋଇଲି ଧାନ ମଣ୍ଡି ବୁଧବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଛି। ବଜାର କମିଟିର ୟାଡ୍ ମ୍ୟାନ୍ ଜୟଦେବ ବିଶ୍ୱାଳଙ୍କ ତତ୍ତ୍ୱବଧାନରେ ନିଶ୍ଚିନ୍ତକୋଇଲି ସେବା ସମବାୟ ସମିତିର ସଂପାଦକ ଶରତ ଚନ୍ଦ୍ର ବାରିକଙ୍କ ସଂଯୋଜନାରେ ଉକ୍ତ ମଣ୍ଡିକୁ ସମିତିର ସଭାପତି ଯତୀନ୍ଦ୍ର ସ୍ୱାଇଁ ଓ ସରପଞ୍ଚ ମଧୁସ୍ମିତା ରାଉତ ଉଦ୍‌ଘାଟନ କରିଥିଲେ। ନିଶ୍ଚିନ୍ତକୋଇଲି, ବଡକ୍ଷୀର ଓ ନତକାଇ ପଞ୍ଚାୟତକୁ ନେଇ ଚାଲିଥିବା ଏହି ମଣ୍ଡିରେ ମୋଟ ୪୯୬ ଜଣ ଚାଷୀ ସେମାନଙ୍କର ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜିକୃତ କରିଛନ୍ତି। ଏହି ମଣ୍ଡିରେ ସପ୍ତାହର ପ୍ରତ୍ୟେକ ଶନିବାର ଓ ମଙ୍ଗଳବାର ଦୁଇ ଦିନ ଧାନ କ୍ରୟ ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ଚାଷୀ ଟୋକନ ପାଇବା ପରେ ଦିନ ୨ଟା ମଧ୍ୟରେ ଧାର୍ଯ୍ୟ ତାରିଖରେ ମଣ୍ଡିରେ ବିକ୍ରି କରିପାରିବେ ବୋଲି ପରାମର୍ଶ ଦିଆଯାଇଛି। ଉଦ୍‌ଘାଟନ ଉତ୍ସବରେ ଧାନକ୍ରୟ କମିଟିର ପୁରସ୍ତମ ଭୂୟାଁ, ବିଜୟ ରାଉତ, ଗୋଲକ ଚନ୍ଦ୍ର ପରିଡା, କେଶବ ଚନ୍ଦ୍ର ବିଶ୍ୱାଳ, ରମେଶ ଚନ୍ଦ୍ର ରାଉତ, କରୁଣାକର ସାହୁ, ବାବାଜୀ ଚରଣ ସାହୁ, ଅମୀୟ ରଞ୍ଜନ ବାରିକ, ମାନସ ରଞ୍ଜନ ସାହୁ, ଚାଷୀ ଅଲେଖ ଦାସ, ସୁଧୀରଚନ୍ଦ୍ର ଭୂୟାଁ, ହେମନ୍ତ ରାଉତ, ମିହୀର ସ୍ୱାଇଁଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ।






# ଭୁବନେଶ୍ୱର ସିଟି



## ଚାଲିଥିଲା ଝଗଡ଼ା / ହାତରୁ ବୋମା ଖସି ଛିଣ୍ଡିଗଲା ପାପୁଲି

ଭୁବନେଶ୍ୱର, ୭।୧ (ସମିସ): ଦିନକୁଦିନ ଅଶାନ୍ତ ହେଉଛି ରାଜଧାନୀ। ସହରରେ ଅସାମାଜିକଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଝଗଡ଼ା ବେଳେ ହାତରୁ ବୋମା ଖସିଯି ବିସ୍ଫୋରଣ ହୋଇଥିବା ବେଳେ ଗୋଷ୍ଠୀ ବିବାଦରୁ ଖଣ୍ଡଗିରି ଚାରି ଛକରେ ଛୁରାମାଡ଼ ହୋଇଛି। ବୋମା ବିସ୍ଫୋରଣରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳର କହ୍ନେଇ ନାୟକଙ୍କ ପାପୁଲି ଛିଣ୍ଡି ଯାଇଛି। ତାଙ୍କୁ ପ୍ରଥମେ କ୍ୟାପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦିନକରେ ଦୁଇଟି ଘଟଣା ପୁଲିସ ପ୍ରତି ଅସାମାଜିକଙ୍କ ମନରେ ଭୟ ନ ଥିବା ଭଳି ମନେ ହେଉଛି।



ସୂଚନା ଅନୁସାରେ, ପୂର୍ବଶତ୍ରୁତାକୁ ନେଇ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ପୂର୍ବରୁ ମଧ୍ୟ ଦୁଇ ଗୋଷ୍ଠୀ ଏକାଧିକ ଥର ହାତାହାତି ହୋଇଛନ୍ତି। ବୁଧବାର ସନ୍ଧ୍ୟାରେ ପୁରୁଣା ବିଏମସି ଅଫିସ ନିକଟରେ କହ୍ନେଇ, ତାର ସହଯୋଗୀ ଓ ବିପରୀତ ଗୋଷ୍ଠୀର ୩ ଜଣଙ୍କ ମୁହାଁମୁହିଁ ହୋଇଥିଲେ। କହ୍ନେଇ ହାତରେ ବୋମା ଧରି ଛିଡ଼ା ହୋଇଥିବା ବେଳେ ବିପରୀତ ଗୋଷ୍ଠୀର ଜଣେ ଯୁବକ ତାକୁ ଠେଲି ଦେଇଥିଲା। ଫଳରେ କହ୍ନେଇ ତଳେ ପଡ଼ିଯିବା ସହ ବୋମା ଫୁଟି ଯାଇଥିଲା। ବୋମା ବିସ୍ଫୋରଣରେ କହ୍ନେଇର ଡାହାଣ ହାତ ପାପୁଲି ଛିଣ୍ଡି ଯାଇଥିବା ବେଳେ ବାମ ହାତର ଦୁଇଟା ଆଙ୍ଗୁଠି ମଧ୍ୟ ନଷ୍ଟ ହୋଇ ଯାଇଥିଲା। ପ୍ରଚଣ୍ଡ ଶବ୍ଦ ଯୋଗୁଁ ଅଭିଯୁକ୍ତମାନେ ଦୌଡ଼ି ପଳାଇଥିଲେ। ଖବରପାଇ ବଡ଼ଗଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆମ୍ବୁଲାନ୍ସ ଯୋଗେ ଗୁରୁତର କହ୍ନେଇକୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାକୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ବୋମା ବିସ୍ଫୋରଣରେ ଅନ୍ୟମାନେ ମଧ୍ୟ ଆହତ ହୋଇଛନ୍ତି। ସିସିଟିଭି ଫୁଟେଜ ଯାଞ୍ଚ କରି ପୁଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ସହ ଜଣଙ୍କୁ ଉଠାଇ ଆଣିଛି। ତେବେ ହେଲେ ଏବେବି ଅନ୍ୟ ଅଭିଯୁକ୍ତମାନେ ଫେରାର ରହିଛନ୍ତି।

**■ ବାମ ହାତର ଦୁଇ ଆଙ୍ଗୁଠି ନଷ୍ଟ**
**■ ଖଣ୍ଡଗିରି ଚାରିଛକରେ ଛୁରାମାଡ଼**

ସେପଟେ ବୁଧବାର ଦ୍ୱିପ୍ରହରରେ ଜୟଦେବ ବାଟିକାରେ ଦୁଇ ଗୋଷ୍ଠୀ ଭୋଜିଭାତ କରୁଥିଲେ। ସେହି ସମୟରେ କମେଣ୍ଟ ମରାମରିକୁ ନେଇ ଉଭୟପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଭୋଜି ସାରି ଜୟଦେବ ବାଟିକା ନିକଟସ୍ଥ ଚାରି ଛକରେ ପହଞ୍ଚିବା ପରେ ଉଭୟପକ୍ଷ ଗାଳିଗୁଲଜ କରିଥିଲେ। ଧସ୍ତାଧସ୍ତି ମଧ୍ୟରେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଥିଲା। ଖବରପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ଗଛରେ ପିଟିହୋଇ କାର୍ ଚୂର୍‌ମାର



ଭୁବନେଶ୍ୱର, ୭।୧ (ସମିସ): ଟାଟା ଆରିଆନା - ନାକାଗେଟ୍ ରାସ୍ତାରେ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ଗଛରେ ପିଟି ହୋଇଛି କାର୍। ଜଣେ ନବମ ଶ୍ରେଣୀର ଛାତ୍ର ଗାଡ଼ି ଚଳାଉଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି।

ସୂଚନାନୁସାରେ, ବୁଧବାର ସକାଳ ସମୟରେ ୩ ଜଣ ଏକ କାରରେ ଟାଟା ଆରିଆନାରୁ ନାକାଗେଟ୍ ଆଡ଼କୁ ଯାଉଥିଲେ। ନାବାଳକ ଜଣକ ଗାଡ଼ି ଚଳାଉଥିବା ବେଳେ ଅନ୍ୟ ଦୁଇ ଜଣ ବସିଥିଲେ। କିଛି ବାଟ ଯିବା ପରେ ହଠାତ୍ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଡିଭାଇଡର ଡେଇଁ ପଡ଼ିଥିଲା। ଡିଭାଇଡର ସେପଟେ ଥିବା ଗଛରେ ଯାଇ ପିଟି ହୋଇଥିଲା। ଦୁର୍ଘଟଣା ପରେ ଲୋକମାନେ ରୁଣ୍ଡ ହୋଇ ଯାଇଥିଲେ। ନାବାଳକ ଚାଳକଙ୍କ ସମେତ ୩ ଜଣଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାରେ ନାବାଳକ ଜଣକ ଗୁରୁତର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି।

## ଲିଙ୍ଗରାଜ ମନ୍ଦିରରେ ଅଣହିନ୍ଦୁ ପ୍ରବେଶ

ଭୁବନେଶ୍ୱର, ୭।୧(ସମିସ): ଲିଙ୍ଗରାଜ ମନ୍ଦିରରେ ଜଣେ ବିଦେଶୀ ଅଣହିନ୍ଦୁ ପ୍ରବେଶ କରିବା ଯୋଗୁଁ ଦିଅଁଙ୍କର ନୀତି ମାରା ହେବା ସହ ଅମୁଣିଆ ମଧ୍ୟ ମାରା ହୋଇଥିଲା। ସୂଚନା ଅନୁଯାୟୀ ବୁଧବାର ଅପରାହ୍ଣ ୩.୩୦ ଟାରେ ଜଣେ ଅଣହିନ୍ଦୁ ଲିଙ୍ଗରାଜ ମନ୍ଦିର ଭିତରେ ପ୍ରବେଶ କରିଥିଲେ। କିଛି ସେବାୟତ ଏହି ଅଣହିନ୍ଦୁଙ୍କୁ ଗର୍ଭଗୃହ ସମ୍ମୁଖ ଆଡ଼କାଠ ନିକଟରେ ଚିହ୍ନଟ କରିଥିଲେ। ପରେ ଏହି ଅଣହିନ୍ଦୁ ଜାପାନର ବୋଲି କହିଥିଲେ। ଏହି ଅଣହିନ୍ଦୁଙ୍କୁ ମନ୍ଦିର ଭିତରକୁ ୨ଓଡ଼ିଆ ସହଯୋଗୀ ନେଇ ଯାଇଥିଲେ ବୋଲି ଜଣା ପଡ଼ିଥିଲା।

ଅଣହିନ୍ଦୁଙ୍କ ପ୍ରବେଶ ସମୟରେ ମନ୍ଦିରରେ ବଲ୍ଲଭ ବେଶ ଅଶୁଦ୍ଧି ହେବା ସହ ଦିଅଁଙ୍କ ଅମୁଣିଆ ମାରା ହୋଇଥିଲା। ପରେ ସମ୍ପୂର୍ଣ୍ଣ ଦେଉଳ ଶୋଧ ନୀତି କରାଯାଇଥିଲା। ଏଥିସହିତ ପରେ ଶ୍ରୀଲିଙ୍ଗରାଜଙ୍କ ମହାସ୍ନାନ ସହିତ ରୋଷ ହୋମ, ପୁନଶ୍ଚ ବଲ୍ଲଭ, ଦ୍ୱିପ୍ରହର ଧୂପ ନୀତି ବଢ଼ି ସନ୍ଧ୍ୟା ଧୂପ ସହ ଅନ୍ୟାନ୍ୟ ନୀତି ହୋଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ବିଦେଶୀ ପର୍ଯ୍ୟଟକ ଓ ୨ ଓଡ଼ିଆ ସହଯୋଗୀ ଅଟକ ରଖାଯାଇ କିପରି ଭାବରେ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ ଏହା ପଚରାଉଚରା କରାଯାଇଥିଲା।

## ତ୍ରିକୋଣୀୟ ପ୍ରେମର କରୁଣ ପରିଣତି / ବନ୍ଧୁକ ମୁନରେ ପ୍ରେମିକାକୁ ଧମକ

ଭୁବନେଶ୍ୱର, ୭।୧ (ସମିସ): 'ମୁଁ ବନ୍ଧୁକ ଧରି ବୁଲି ପାରୁଛି, ତା ହେଲେ ଗୁଳି ବି ଫୁଟାଇ ପାରିବି। ଶୀଘ୍ର ଭୁବନେଶ୍ୱର ଛାଡ଼ି ପଳେଇ ଯା, ନଚେତ୍ ପରିସ୍ଥିତି ଭୟଙ୍କର ହେବ। ମତେ ପ୍ରତାରଣା କରିଛୁ, କିନ୍ତୁ ଆଉ କାହାକୁ ପ୍ରତାରଣା କରନା ଓ ପ୍ରେମ ନାଟକ ବନ୍ଦ କର।' ଏଭଳି ଢଙ୍ଗରେ ପ୍ରେମିକାକୁ ବନ୍ଧୁକ ମୁନରେ ଧମକାଇଛି ପୁରୁଣା ପ୍ରେମିକ। ରାଜଧାନୀର ସାମନ୍ତରାପୁର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ତ୍ରିକୋଣୀୟ ପ୍ରେମରୁ ଏଭଳି ଘଟଣା ଘଟିଥିବା କୁହାଯାଉଛି। ଭିଡିଓ ଭାଇରାଲ ପରେ ପୁରୁଣା ପ୍ରେମିକକୁ ଖୋଜୁଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ।

ଅଭିଯୋଗ ଅନୁଯାୟୀ, ପଶ୍ଚିମବଙ୍ଗର ଜଣେ ଯୁବତୀ ଭୁବନେଶ୍ୱରରେ ବାର୍ ଗାର୍ଲ ଭାବେ କାମ କରୁଥିବା ବେଳେ ସାମନ୍ତରାପୁର ଅଞ୍ଚଳରେ ରହୁଥିଲେ। ଜିଜିପି କଲୋନୀରେ ରହୁଥିବା ନିମାପଡ଼ା ଅଞ୍ଚଳର ଜଣେ ଯୁବକ ସେହି ବାରକୁ ଯିବା ଆସିବା କରିବାରେ ମଧ୍ୟରେ ଉଭୟଙ୍କ ମଧ୍ୟରେ ପରିଚୟ ହେଲା ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରବର୍ତ୍ତୀ ସମୟରେ ଉଭୟ ଏକାଠି ରହୁଥିଲେ। ତେବେ ଯୁବତୀ ଜଣକ ଅନ୍ୟ ଜଣେ ଯୁବକଙ୍କ ସହ କଥାବାର୍ତ୍ତା ହେବାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ହେଲେ କିଛିଦିନ ପୂର୍ବେ ଯୁବତୀ ଜଣକ ସମ୍ପୃକ୍ତ ଯୁବକଙ୍କ ସହ ସମ୍ପର୍କ ଛିନ୍ନ କରି ଅନ୍ୟତ୍ର ଆସି ରହିବାକୁ ଲାଗିଲେ। ନିକଟରେ ଯୁବତୀ ଜଣକ ନୂଆ ପ୍ରେମିକ ସହ କାର୍‌ରେ ବୁଲାବୁଲି କରୁଥିବା ବେଳେ ପୁରୁଣା ପ୍ରେମିକ ଦେଖିବାକୁ ପାଇଥିଲେ। ପ୍ରେମିକାକୁ ଅନ୍ୟ ଜଣଙ୍କ ସହ ଦେଖିବା ପରେ ପୁରୁଣା ପ୍ରେମିକର ମୁଣ୍ଡକୁ ପିତ ଚଢ଼ି ଯାଇଥିଲା। କାର୍ ପାଖକୁ ଯାଇ ଗାଳିଗୁଲଜ କରିବା ସହ ହଠାତ୍ ବନ୍ଧୁକ ଦେଖାଇ ଭୟଭୀତ କରିଥିଲା। ତୁରନ୍ତ ଭୁବନେଶ୍ୱର ଛାଡ଼ି ପଳାଇବାକୁ ଧମକ ମଧ୍ୟ ଦେଇଥିଲା। ପ୍ରାୟ ଅଧଘଣ୍ଟା ଧରି ବନ୍ଧୁକ ଦେଖାଇ ଭୟଭୀତ ଧମକାଇବା ପରେ ସେଠାରୁ ପଳାଇଥିଲା। ତେବେ ଏହି ସମୟର ଯୁବତୀ ଜଣକ ଭିଡିଓ କରି ନେଇଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ତତ୍ପର ହୋଇଛି ପୁଲିସ। ଘଟଣାସ୍ଥଳରୁ ଯାଇ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ପୁରୁଣା ପ୍ରେମିକକୁ ଚିହ୍ନଟ କରିଛି। ତାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସୁଫଳ ମିଳି ପାରିନାହିଁ।

### ଅପରାଧସ୍ଥଳ ନିରୀକ୍ଷଣ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିରରେ ଡିଜିପିଙ୍କ ନିର୍ଦ୍ଦେଶ

## 'ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନକୌଶଳରେ ତଦନ୍ତ ବ୍ୟାପକ କର'

ଭୁବନେଶ୍ୱର, ୭।୧ (ସମିସ): ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ ଓ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର (ଏସ୍‌ଏଫ୍‌ଏସ୍‌ଏଲ୍)ର ମିଳିତ ଆନୁକୂଲ୍ୟରେ ଲକ୍ଷ୍ମୀସାଗରସ୍ଥିତ ସହରାଞ୍ଚଳ ପୁଲିସ ଓ ଟ୍ରାଫିକ ପ୍ରଶିକ୍ଷଣ କେନ୍ଦ୍ର (ୟୁପିଟିଟିଆଇ) ପରିସରରେ ଅପରାଧସ୍ଥଳ ନିରୀକ୍ଷଣ ଅଧିକାରୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଯୋଗଦେଇ ଏହି ପ୍ରଶିକ୍ଷଣ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କରେ ଆଲୋକପାତ କରିଥିଲେ। ତଦନ୍ତ ସମୟରେ ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନକୌଶଳର ଉପଯୋଗ, ଅଡିଓ/ଭିଡିଓ ରେକର୍ଡିଂ ଭଳି ପଦକ୍ଷେପ ଗ୍ରହଣ କରି ଦଣ୍ଡ ବିଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସମ୍ପର୍କରେ ଆଇନରେ ଉଲ୍ଲେଖ ରହିଛି। ସେହି ଅନୁଯାୟୀ, ପ୍ରତି ଥାନାରେ ଦୁଇ ଜଣ ଲେଖାଏଁ ଅପରାଧ ସ୍ଥଳ ନିରୀକ୍ଷଣ ଅଧିକାରୀ ନିଯୁକ୍ତ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥିବା କନଷ୍ଟେବଳ ଓ ହୋମଗାର୍ଡଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇ ନୂତନ ଭାରତୀୟ ଅପରାଧ ଆଇନ, ବୈଜ୍ଞାନିକ ଜ୍ଞାନକୌଶଳ, ଅପରାଧ ସ୍ଥଳରେ ସେମାନଙ୍କ ଭୂମିକା ସମ୍ପର୍କିତ ୬ ସପ୍ତାହ ତାଲିମ ପ୍ରଦାନ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ଜିଲ୍ଲାରୁ ୬୦ ଜଣ କନେଷ୍ଟବଳ ଓ ୧୪ ଜଣ ହୋମଗାର୍ଡଙ୍କୁ ମିଶାଇ ମୋଟ ୭୪ ଜଣ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଉଛନ୍ତି। ଅଭିଜ୍ଞ ଫରେନସିକ ବିଶେଷଜ୍ଞ ଓ ବରିଷ୍ଠ ପୁଲିସ ଅଧିକାରୀମାନେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରାୟୋଗିକ ଓ ବୈଷୟିକ ଜ୍ଞାନ ପ୍ରଦାନ କରିବା ସହ ଅପରାଧ ସ୍ଥାନକୁ ସୁରକ୍ଷିତ ରଖିବା, ତନ୍ନତନ୍ନ କରି ପରୀକ୍ଷା ନିରୀକ୍ଷା କରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣ ସଂଗ୍ରହ ସମ୍ପର୍କରେ ତାଲିମ ଦିଆଯାଉଛି। ଦୋଷୀକୁ ଦଣ୍ଡବିଧାନ କରାଇବାରେ ଏହି ଅଧିକାରୀମାନେ ଅଗ୍ରଣୀ ଭୂମିକା ତୁଲାଇବେ ବୋଲି ଡିଜିପି ଆଶାବ୍ୟକ୍ତ କରିଥିଲେ। ଏହି ପ୍ରଶିକ୍ଷଣ ଦ୍ୱାରା ଅପରାଧ ସ୍ଥଳ ନିରୀକ୍ଷଣ ଅଧିକାରୀମାନେ ଫୋରେନସିକ ଜ୍ଞାନ କୌଶଳ, ଡିଜିଟାଲ ପ୍ରମାଣ ସଂଗ୍ରହ ଆଦି କ୍ଷେତ୍ରରେ ଅଧିକ ଦକ୍ଷ ଓ ତତ୍ପର ହେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ଶିବିରରେ ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ତଥା ଆଇଜି ଡଃ ସନ୍ତୋଷ ବାଲା, ଆଇଜି (ଟ୍ରେନିଂ) (ବିପିଏସପିଏ) ଅନୁପ ସାହୁ ଓ ୟୁପିଟିଟିଆଇର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



## ୬ ମାସରେ କାର୍ଯ୍ୟକ୍ଷମ ହେବ ମୁଣ୍ଡୁଳି ଜଳ ବିଶୋଧନ ପ୍ଲାଣ୍ଟ



**■ ୨୦୨୮ ସୁଦ୍ଧା ନହରକଣ୍ଟାରେ ୨୦ ଏମଏଲ୍‌ଡି ଜଳ ବିଶୋଧନ ପ୍ଲାଣ୍ଟ**

ଭୁବନେଶ୍ୱର, ୭।୧ (ସମିସ): ରାଜଧାନୀ ଏବଂ ଆଖପାଖ ଅଞ୍ଚଳ ପାଇଁ ୱାଟକୋ ଦ୍ୱାରା ପ୍ରସ୍ତୁତ ପାନୀୟ ଜଳ ସୁରକ୍ଷା ଯୋଜନାର ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଯୋଗ ଦେଇ କହିଛନ୍ତି, ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଞ୍ଚଳରେ ଜଳ ଚାହିଦା ୩୦୪ ଏମଏଲଡି ଥିବା ବେଳେ ବର୍ତ୍ତମାନର ଯୋଗାଣ କ୍ଷମତା ୨୩୮.୫୦ ଏମଏଲଡି ରହିଛି। ଫଳରେ ଭୂତଳ ଜଳ ବ୍ୟବସ୍ଥା ମାଧ୍ୟମରେ ପରିଚାଳିତ ହେଉଥିବା ୬୫.୫୦ ଏମଏଲଡିର ବ୍ୟବଧାନକୁ ପୂରଣ କରାଯାଉଛି। ତେବେ ଚାହିଦା-ଯୋଗାଣ ବ୍ୟବଧାନକୁ ଦୂର କରିବା ଏବଂ ଦୀର୍ଘକାଳୀନ ଆବଶ୍ୟକତା ପୂରଣ କରିବା ନିମନ୍ତେ ମୁଣ୍ଡୁଳିରେ ଏକ ୧୩୦ ଏମଏଲଡି ଜଳ ବିଶୋଧନ ପ୍ଲାଣ୍ଟ ଆସନ୍ତା ୬ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବା ସହ ୨୦୨୮ ସୁଦ୍ଧା ନାହରକଣ୍ଟାରେ ଏକ ୨୦ ଏମଏଲଡି ଜଳ ବିଶୋଧନ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରିବାକୁ ଯୋଜନା କରାଯାଇଛି। ଆଗାମୀ ୫୦ ବର୍ଷ ପାଇଁ ସହରର ଜଳ ଚାହିଦା ପୂରଣ କରିବା ପାଇଁ ମୁଣ୍ଡୁଳିରୁ ମହାନଦୀ ୧୦୦୦ ଏମଏଲଡି ଜଳ ଉଠାଇବା ପାଇଁ ଜଳ ସମ୍ପଦ ବିଭାଗକୁ ଏକ ପ୍ରସ୍ତାବ ଦାଖଲ କରାଯିବ। ଯାହାକୁ ୨ପର୍ଯ୍ୟାୟରେ ବିକଶିତ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି, ଅତିରିକ୍ତ ସଚିବ ଶୁଭାନନ୍ଦ ମହାପାତ୍ର ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଯୁବତୀଙ୍କ ଭିଡିଓ ଭାଇରାଲ; ଜେଲ୍ ଗଲା ଜେଲ୍ ଫେରନ୍ତା

ଭୁବନେଶ୍ୱର, ୭।୧ (ସମିସ): ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ଜିଲ୍ଲା ବୈଦେଶ୍ୱର ଥାନା କଳାପଥର ଅଞ୍ଚଳର ଅଜୟ ବେହେରା। ପୁଲିସ ସୂଚନାନୁଯାୟୀ, ୫ ବର୍ଷ ପୂର୍ବେ ଖଣ୍ଡଗିରି ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କ ସହ ଅଜୟର ପରିଚୟ ହୋଇଥିଲା। ଉଭୟଙ୍କ ମଧ୍ୟରେ ପ୍ରଥମେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରବର୍ତ୍ତୀ ସମୟରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ଏହାପରେ ଅଜୟ ସଂପୃକ୍ତ ଯୁବତୀଙ୍କୁ ହଇରାଣ କରିଆସୁଥିଲା। ଯୁବତୀ ଜଣକ ଅଭିଯୋଗ କରିବା ପରେ ଅଜୟ ଗିରଫ ହୋଇଥିଲା। ହେଲେ ଜାମିନରେ ଆସିବା ପରେ ଯୁବତୀଙ୍କ ନାମରେ ସୋସିଆଲ ମିଡିଆରେ ଫେକ୍ ଆକାଉଣ୍ଟ ଖୋଲିଥିଲା। ସେଥିରେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଅପଲୋଡ୍ କରିଥିଲା। ଯୁବତୀ ଜଣକ ମନା କରିବାରୁ ଅଜୟକୁ ମନ ତାଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦେଇଥିଲା। ଏ ନେଇ ଯୁବତୀ ଜଣକ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଜୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବାଜିଲା ସାଇରନ୍; ଏଟିଏମ୍ ଛାଡ଼ି ଲୁଟେରା ଚମ୍ପଟ

ଭୁବନେଶ୍ୱର, ୭।୧ (ସମିସ): ଘାଟିକିଆ ଅଞ୍ଚଳରେ ଥିବା ଏକ ଏଟିଏମ୍ କାଉଣ୍ଟରରୁ ଲୁଟ୍ ଉଦ୍ୟମ ହୋଇଛି। ସାଇରନ୍ ବାଜିବାରୁ ଏଟିଏମ୍ ମେସିନ୍ ଛାଡ଼ି ଛୁ' ହୋଇଯାଇଛି ଲୁଟେରା। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଅଭିଯୋଗ କରିବା ପରେ ମାମଲା ରୁଜୁ କରିଛି ଭରତପୁର ଥାନା ପୁଲିସ।

ଅଭିଯୋଗ ଅନୁଯାୟୀ, ଗତକାଲି ରାତିରେ ଜଣେ ଦୁର୍ବୃତ୍ତ ଘାଟିକିଆ ସ୍ଥିତ ଏକ ଏଟିଏମ୍ କାଉଣ୍ଟରକୁ ଆସିଥିଲା। ଭିତରକୁ ଯାଇ ଲୁହା ପାଇପ୍ ଦ୍ୱାରା ଏଟିଏମ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲା। ହେଲେ ସେତିକିବେଳେ ହଠାତ୍ ଏଟିଏମ୍ ସାଇରନ୍ ବାଜିଥିଲା। ଶବ୍ଦ ଶୁଣି ହଡ଼ବଡ଼େଇ ଯାଇଥିଲା ଲୁଟେରା। କୌଣସି ଉପାୟ ନ ପାଇ ଶେଷରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଫଳରେ ଏଟିଏମ୍ ମେସିନ୍ ଭାଙ୍ଗିରୁଜି ଯାଇଥିଲା। ଖବରପାଇ ଏଟିଏମ୍ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବୁଧବାର ବ୍ୟାଙ୍କ କର୍ତ୍ତୃପକ୍ଷ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି। ଘଟଣାସ୍ଥଳରୁ ଯାଇ ତଦନ୍ତ କରିବା ସହ ଦୁର୍ବୃତ୍ତ ଛାଡ଼ି ଯାଇଥିବା ଲୁହା ପାଇପକୁ ଜବତ କରିଛି। ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ଅଭିଯୁକ୍ତକୁ ଚିହ୍ନଟ କରିଛି।

## ରିଲ୍ସ ମାୟାରେ ପୁଲିସ ବାୟା

**■ ଘାରିଛି ରାତାରାତି ଭାଇରାଲ୍ ହେବାର ନିଶା**
**■ ଡ୍ୟୁଟି ବେଳେ ବି କରୁଛନ୍ତି ଭିଡିଓ**
**■ ପୁଲିସ ମାନୁଆଲ୍ ରୁଲର ଉଡ଼ୁଛି ଧଜିଆ**
**■ ଉପରିସ୍ଥ ଅଧିକାରୀ ନିରବଦ୍ରଷ୍ଟା**

ଭୁବନେଶ୍ୱର, ୭।୧ (ସମିସ): ସମୟ ବଦଳିବା ସହ ବଦଳୁଛି ଟ୍ରେଣ୍ଡ। ଏବେ ମନୋରଞ୍ଜନର ମାଧ୍ୟମ ପାଲଟିଛି ସାମାଜିକ ଗଣମାଧ୍ୟମ। ଇନଷ୍ଟାଗ୍ରାମ ଠାରୁ ଆରମ୍ଭ କରି ଫେସବୁକ୍ ଯାଏ ସବୁଠି ଏବେ ରିଲସର ମାନିଆ। ତେବେ ପୁଲିସ କର୍ମଚାରୀମାନେ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ସେମାନେ ମଧ୍ୟ ରିଲସ ମାୟାରେ ବାୟା ହେବାରେ ଲାଗିଛନ୍ତି। ପ୍ରତିଦିନ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ପୁଲିସମାନଙ୍କର ରିଲସ ଏହାର ଜ୍ୱଳନ୍ତ ଉଦାହରଣ। ପୁଲିସ ପୋଷାକକୁ ବ୍ୟକ୍ତିଗତ କାମରେ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ଓଡ଼ିଶା ପୁଲିସ ମାନୁଆଲ ରୁଲରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିଲେ ମଧ୍ୟ, ପୁଲିସ କର୍ମଚାରୀ ଓ ଅଧିକାରୀମାନେ ଏହାକୁ ଭ୍ରୂକ୍ଷେପ କରୁନାହାନ୍ତି। ନିୟମର ବାରମ୍ବାର ଅବମାନନା ହୋଇ ଆସୁଥିଲେ ମଧ୍ୟ ଉପରିସ୍ଥ ଅଧିକାରୀମାନେ ମଧ୍ୟ ଏକପ୍ରକାର ଅନ୍ଧ ପାଲଟି ଯାଇଛନ୍ତି।

ଜଣେ ମହିଳା ସବ୍ ଇନ୍ସପେକ୍ଟର ପୁଲିସ ପୋଷାକ ପିନ୍ଧି ରିଲ୍ସ କରୁଛନ୍ତି। କେତେବେଳେ ବ୍ୟକ୍ତିଗତ ଭିଡିଓ ଅପଲୋଡ୍ କରୁଛନ୍ତି ତ କେତେବେଳେ ବେଆଇନ ଭାବେ



ମାଙ୍କଡ଼କୁ ଖାଇବାକୁ ଦେଇ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ନିକଟରେ ଜଣେ ଆଇନଜୀବୀ ଏନେଇ ଅଭିଯୋଗ କରିଛନ୍ତି। ତେବେ ଇଏ କେବଳ ଗୋଟିଏ ଉଦାହରଣ ନୁହେଁ; ଓଡ଼ିଶା ପୁଲିସରେ କାର୍ଯ୍ୟରତ ଶହ ଶହ କର୍ମଚାରୀ ଓ ଅଧିକାରୀମାନଙ୍କୁ ଏବେ ରାତାରାତି ଭାଇରାଲ ହେବାର ନିଶା ଘାରିଛି। କନିଷ୍ଠଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ପର୍ଯ୍ୟନ୍ତ, ସମସ୍ତେ ଏବେ ରିଲସ ନିଶାରେ ମସଗୁଲ। ସୋସିଆଲ ମିଡିଆରେ ଫଲୋୟର୍ସ ବଢ଼ାଇବା ସହ ଲାଇକ୍ ଓ କମେଣ୍ଟ ପାଇବାକୁ ଜୋରଦାର ଉଦ୍ୟମ ଚଳାଇଛନ୍ତି। ପୁଲିସ ପୋଷାକରେ ଭିଡିଓ ଏବଂ ଫଟୋ ଉତ୍ତୋଳନ କରି ଇନଷ୍ଟାଗ୍ରାମ ଓ ଫେସବୁକରେ ଫଟୋ ଅପଲୋଡ୍ କରୁଛନ୍ତି। ପରିସ୍ଥିତି ଏମିତି ହେଲାଣି ଯେ, ଡ୍ୟୁଟି କମ୍ ରିଲସ ବେଶୀ ହୋଇଗଲାଣି। କେତେକ ପୁଲିସ ସୋସିଆଲ ମିଡିଆରୁ ଟଙ୍କା ମଧ୍ୟ ରୋଜଗାର କରୁଛନ୍ତି। ଏସବୁରୁ ଟ୍ରାଫିକ କର୍ମଚାରୀମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି। କେତେକ କର୍ମଚାରୀ ଟ୍ରାଫିକ ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥାଇ ମଧ୍ୟ ଡ୍ୟୁଟି ସମୟରେ ପୁଲିସ ପୋଷାକରେ ରିଲସ କରୁଛନ୍ତି। କେବଳ କରୁନାହାନ୍ତି, ସୋସିଆଲ ମିଡିଆରେ ପୋଷ୍ଟ ମଧ୍ୟ କରୁଛନ୍ତି।

ଓଡ଼ିଶା ପୁଲିସ ମାନୁଆଲ ରୁଲର ପରିଚ୍ଛେଦ ୩୩, ଧାରା ୧୦୬୧(ଛ)ରେ ପୁଲିସ ପୋଷାକର ସଠିକ୍ ବ୍ୟବହାର ଓ ଅପବ୍ୟବହାର ନ କରିବାକୁ ନିର୍ଦ୍ଦେଶ ରହିଛି। ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଡ୍ୟୁଟି ସମୟରେ ନିର୍ଦ୍ଦିଷ୍ଟ ପୋଷାକ ପରିଧାନ କରିବେ ଓ ଅଫ୍ ଡ୍ୟୁଟି ବା ବ୍ୟକ୍ତିଗତ କାର୍ଯ୍ୟରେ ପୁଲିସ ପୋଷାକର ବ୍ୟବହାର କରିପାରିବେ ନାହିଁ ବୋଲି ଏହି ଧାରାରେ ସ୍ପଷ୍ଟ ଭାବେ ଉଲ୍ଲେଖ। ଏଥିସହିତ ପୁଲିସ ପୋଷାକର ବ୍ୟବହାର ଓ ଅପବ୍ୟବହାର ସମ୍ପର୍କରେ ବିଭିନ୍ନ ସମୟରେ ପୁଲିସ ସର୍କୁଲାର ମଧ୍ୟ ଜାରି ହୋଇଛି। ଏତେ ସବୁ ନିୟମ ସତ୍ତ୍ୱେ ପୁଲିସ କର୍ମଚାରୀ ଓ ଅଧିକାରୀମାନଙ୍କ ରିଲସ କରିବା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। କିଛିଦିନ ପୂର୍ବେ? ଲୋକସେବା ଭବନ ପରିସରରେ ଦୁଇ ଜଣ ମହିଳାଙ୍କର ରିଲ୍ସ (ଭିଡିଓ) କରିବା ପରେ ବିବାଦ ଆରମ୍ଭ ହୋଇଥିଲା। ଏହାପରେ ଲୋକସେବା ଭବନ ଓ ଖାରବେଳ ଭବନ ପରିସରରେ ଫଟୋ/ଭିଡିଓ ଉତ୍ତୋଳନ କରିବାକୁ ରାଜ୍ୟ ଗୃହ ବିଭାଗ ନିର୍ଦ୍ଦେଶନାମା ଆଣିଥିଲା। ହେଲେ ପୁଲିସ କର୍ମଚାରୀମାନେ ବହୁ ମାତ୍ରାରେ ରିଲସ କରୁଥିଲେ ମଧ୍ୟ ରାଜ୍ୟ ପୁଲିସ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 05.01.2026

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)





# ଜାନୁଆରୀରେ ରଙ୍ଗୀନ ରଙ୍ଗମଞ୍ଚ

- ନୃତ୍ୟ, ସଙ୍ଗୀତ ଓ ନାଟକରେ ଦୁଲୁକିବ ରାଜଧାନୀ
- ମଞ୍ଚସ୍ଥ ହେଲା 'ତଥାପି ତମସା'
- ଆସନ୍ତା ୨୩ରୁ ୨୫ ମୁକ୍ତେଶ୍ୱର ମହୋତ୍ସବ
- ଆଗକୁ କଳିଙ୍ଗନାଟ୍ୟ ସଂଘ ପକ୍ଷରୁ ନାଟ୍ୟ ମହୋତ୍ସବ

ଭୁବନେଶ୍ୱର, ୭।୧(ସମିସ): ପୁରୁଣା ବର୍ଷକୁ ବିଦାୟ ଦେଇଛି ରାଜଧାନୀ। ନୂଆ ଯେମିତି ବି ହେଉ ଆପଣେଇ ନେଇଛି। ପୁରୁଣା ଦିନର ସ୍ମୃତି ଆଉ ନୂଆ ଦିନର ଆଶାରେ ରାଜଧାନୀରେ ନାହିଁ ନ ଥିବା ଉତ୍ସାହ। ଭିଡ଼ ଜମିଛି, ବୁଲାବୁଲି ସାଙ୍ଗକୁ ଖିଆ ପିଆ ନାଚ ଗୀତରେ ମସଗୁଲ ପୂରା ସହର। ଆଉ ଏଥର ନାଟକରେ, ମଞ୍ଚରେ, ଅଭିନୟର ମାୟାରେ ବର୍ଷର ପ୍ରଥମ ମାସର ବିଭିନ୍ନ ଦିନରେ ବାନ୍ଧି ହୋଇ ରହିବେ ଦର୍ଶକ। ଖାସ୍ ସେଇଥିପାଇଁ ବିଭିନ୍ନ ନୃତ୍ୟ ତଥା ନାଟ୍ୟ ଅନୁଷ୍ଠାନ ପକ୍ଷରୁ ନୃତ୍ୟ, ସଙ୍ଗୀତ ଏବଂ ନାଟକର ସଙ୍ଗମ ଦେଖିବାକୁ ମିଳିବ।

ପର୍ଯ୍ୟଟନ ସମୟରେ ଥିଏଟର ଶୋ ଏବଂ ନାଟକ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ ହୋଇଥାଏ। ଯେଉଁଠି ମଞ୍ଚରେ ନୃତ୍ୟ, ସଙ୍ଗୀତ ଓ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥାଏ। ସେଥିପାଇଁ ଏହି ସମୟରେ ବିଭିନ୍ନ ମଞ୍ଚ ପାଇଁ ଅଧିକ ବୁକିଂ ରହିଥାଏ। ବିଶେଷକରି ନଭେମ୍ବରର ପ୍ରଥମ ସପ୍ତାହରୁ ଆରମ୍ଭକରି ଫେବୃଆରୀ ଶେଷ ଯାଏଁ ରଙ୍ଗମଞ୍ଚରେ ସବୁଠୁ ଅଧିକ କର୍ଯ୍ୟକ୍ରମ ହୋଇଥାଏ। ସେହିପରିପ୍ରେକ୍ଷୀରେ ଜାନୁଆରୀ ମାସରେ ଲୋକଙ୍କ ମନୋରଞ୍ଜନ ପାଇଁ ପଛକୁ ପଛ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଉଦାହରଣସ୍ୱରପ ଭଞ୍ଜକଳା ମଣ୍ଡପଠାରେ କଳିଙ୍ଗନାଟ୍ୟ ସଂଘ ପକ୍ଷରୁ ଆୟୋଜିତ ହେଉଛି ଚତୁର୍ଥ ନାଟ୍ୟ ମହୋତ୍ସବ।





ବନ ବିଭାଗ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରଭାତ ମହାନ୍ତିଙ୍କ ନାଟକ 'ତଥାପି ତମସା' ବୁଧବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ନାଟକର ପ୍ରାରମ୍ଭରେ ଏକାମ୍ର ବିଧାୟକ ବାବୁ ସିଂ, କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ତଥା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ତ କାର୍ଯ୍ୟକ୍ରମ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ଉପ-ସଭାପତି ଭୁବନ ବିହାରୀ ମହାପାତ୍ର ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ମହେଶ୍ୱର ନାୟକ ବିବରଣୀ ପାଠ କରିଥିଲେ। ବନ ବିଭାଗ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ବନଶ୍ରୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ନାଟକର ବିଭିନ୍ନ ଭୂମିକାରେ ପ୍ରଫୁଲ୍ଲ, ବାଳକୃଷ୍ଣ, ଅଚ୍ୟୁତ, ପ୍ରଭାସ ଏବଂ ସ୍ୱତନ୍ତ୍ର ଚରିତ୍ରରେ ଭାରତୀୟ ବନ ସେବାର ଅଧିକାରୀ ଅନୁଗୁଳ ଆଞ୍ଚଳିକ ସଂରକ୍ଷକ ସଞ୍ଜୟ କୁମାର ସ୍ୱାଇଁ ଅଭିନୟ କରିଥିଲେ।

ଆଗକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୧ ତାରିଖରେ ରାଉରକେଲା ସ୍ୱନ୍ଦନ ଅନୁଷ୍ଠାନ ରବୀନ୍ଦ୍ର ମଣ୍ଡପଠାରେ ନାଟକ ପରିବେଷଣ ହେଉଥିବାବେଳେ ୧୫ରେ ଜଗନ୍ନାଥଙ୍କୁ ସମର୍ପିତ ନାଟକ ଆହେ ନୀଳଶୈଳ ପରିବେଷଣ ହେବ। ସେହିଭଳି ଜାନୁଆରୀ ୧ରୁ ୩ ପର୍ଯ୍ୟନ୍ତ ନାଟ୍ୟଧାରା ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ନାଟକ ପରିବେଷଣ ହୋଇ ସାରିଛି।

ଅନ୍ୟପଟେ ରାଜଧାନୀର ବଡ ମହୋତ୍ସବ ଭାବେ ପରିଚିତ ମୁକ୍ତେଶ୍ୱର ମହୋତ୍ସବ ଆସନ୍ତା ୨୩ରୁ ୨୫ ପର୍ଯ୍ୟନ୍ତ ଆୟୋଜିତ ହେବ ଯେଉଁଥିରେ ବିଭିନ୍ନ ନୃତ୍ୟ ଅନୁଷ୍ଠାନ ସାମିଲ ହେବେ। ଏଥିରେ ଲାସ୍ୟ ଲାବଣ୍ୟ ଥିଏଟରର ୧୬ ଜଣ ନୃତ୍ୟଶିଳ୍ପୀ ଭାଗ ନେଉଥିବାବେଳେ ୯ ଜଣ ବାଦ୍ୟଯନ୍ତ୍ର କଳାକାର ଭାଗ ନେବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଗୁରୁ କେଳୁ ଚରଣ ମହାପାତ୍ରଙ୍କ ଶହେ ତମ ଜନ୍ମ ଜୟନ୍ତୀ ଅବସରରେ ସଂସ୍କୃତି ବିଭାଗ, ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ର ଏବଂ ସୃଜନ ଅନୁଷ୍ଠାନ ପକ୍ଷରୁ ଓଡିଶୀ ଗବେଷଣା କେନ୍ଦ୍ର ଏବଂ ରବୀନ୍ଦ୍ର ମଣ୍ଡପରେ ଆସନ୍ତା ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଯେଉଁଥିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହେବ। ସୂଚନା ଅନୁଯାୟୀ ଏହି ମାସରେ ରାଜାରାଣୀ ମହୋତ୍ସବ ମଧ ଆୟୋଜିତ ହେବ।



ରାଜଧାନୀ ସଂଗ୍ରାମୀ ସେବାସଙ୍ଘ ପକ୍ଷରୁ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମହିଳା ସାମ୍ବାଦିକ ଶିଳା ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି।

## ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା

ବାଲିପାଟଣା, ୭।୧(ସମିସ) : ବାଲିପାଟଣା ବ୍ଲକର ପିଏମଶ୍ରୀ କୁଶଭଦ୍ରା ଉଚ୍ଚ ବିଦ୍ୟାଳୟ, ରାଜସର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଓ ପିଏମଶ୍ରୀ ବନମାଳୀପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୪୫୮ ଜଣ ଛାତ୍ରଛାତ୍ରୀଙ୍କୁ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି। ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରି ୨୦୭ ଜଣଙ୍କୁ ଚଷମା ଦେବାକୁ ସ୍ଥିର ହୋଇଛି। ଏ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ୍ ଗୌତମ କୁମାର୍ ଦାସ, ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ର ଡ୍ ଲୋକନାଥ ବେହେରା, ଡ୍ ପ୍ରଭାତ ରଥ, ମୋବାଇଲ୍ ଅପଥାଲମିକ ୟୁନିଟର ଡ୍ ଜ୍ୟୋତିଶ୍ରୀ ବିଶୋଇ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। ବିଆର୍‌ଟି ଶାକମ୍ବରି ପଣ୍ଡା, ପ୍ରସନ୍ନ ପଟ୍ଟନାୟକ, ମଙ୍ଗରାଜ ସାହୁ ଓ ଶିକ୍ଷୟିତ୍ରୀ ରୋଜାଲିନ ସାହୁ ସହଯୋଗ କରିଥିଲେ।

## ନିରନ୍ତର ଜୀବନଶୈଳୀ ସଂକ୍ରାନ୍ତ ପ୍ରଦର୍ଶନୀ

ଭୁବନେଶ୍ୱର, ୭।୧(ସମିସ): ନିରନ୍ତର ଜୀବନଶୈଳୀ ସମ୍ପର୍କିତ ଏକ ପ୍ରଦର୍ଶନୀ ୟୁନିଟ-୩ ସ୍ଥିତ କ୍ୟାପିଟାଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ବିଇଓ ବିଭୂତି ଭୂଷଣ ଜେନା ଓ ପ୍ରଣୟତି ବେଉରା ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ଭୁବନେଶ୍ୱର ବ୍ଲକ ଓ ବିଏମ୍‌ସି ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ୬୨ ଟି ପ୍ରକଳ୍ପରେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୭ଟି ପ୍ରକଳ୍ପକୁ ମନୋନୀତ କରାଯାଇଛି। ଉଦଯାପନୀ ଉତ୍ସବରେ ଓସେପାର ଉପ ନିର୍ଦ୍ଦେଶିକା ସସ୍ମିତା ସାହୁ, ପରିବେଶ ଶିକ୍ଷା କେନ୍ଦ୍ରର ପ୍ରକଳ୍ପ ଅଧିକାରୀ ରାଜେଶ କୁମାର ମହନ୍ତ, ଭୁବନେଶ୍ୱର ବିଇଓ ବ୍ରହ୍ମାନନ୍ଦ ରାଉତ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଉମାକାନ୍ତ ବଡ଼ଜେନା ଓ ଶିକ୍ଷୟିତ୍ରୀ ମଧୁସ୍ମିତା ଦାଶ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ନନ୍ଦନକାନନ, ୭।୧(ସମିସ): ପାଞ୍ଚ ପଞ୍ଚାୟତରେ ଗୁଣବତ୍ତା ଶିକ୍ଷାପାଇଁ ଟାଙ୍ଗିବନ୍ତ ନିକଟ କଲ୍ୟାଣପୁର ପଞ୍ଚାୟତ ନୂଆବନ୍ତ ମେଡିକାଲ ସମ୍ମୁଖ ପଡ଼ିଆରେ ଆଦର୍ଶ ବିଦ୍ୟାଳୟ ସ୍ଥାପନା ପାଇଁ ଆଜି ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉତ୍ତର ଭୁବନେଶ୍ୱର ବ୍ଲକ ଦାଡା, ରଘୁନାଥପୁର, କଲ୍ୟାଣପୁର, ବରିମୁଣ୍ଡ, ଇଞ୍ଜଣା ଆଦି ୫ପଞ୍ଚାୟତର ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ତମ ଶିକ୍ଷାଗ୍ରହଣ ପାଇଁ ଏହି ଆଦର୍ଶ ବିଦ୍ୟାଳୟ ଏକ ଉତ୍ତମ ମାଧ୍ୟମ ହେବ। ରାଜ୍ୟ ସରକାରଙ୍କ ତରଫରୁ ଜିଏମଏପିଭି ଯୋଜନାରେ ଭୁବନେଶ୍ୱର ବ୍ଲକ ଶିକ୍ଷାଅଧିକାରୀଙ୍କ ତତ୍ତ୍ୱାବଧାନରେ ବୁଧବାର ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ପାଇଁ ସରପଞ୍ଚ ଦେବରାଜ ଭୋଇ ଭୂମିପୂଜନ ସହିତ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଲ୍ୟାଣପୁର ପଞ୍ଚାୟତ ସମିତି ସଭ୍ୟ ଭୋବନମୋହନ ଦାସ, ବରିମୁଣ୍ଡ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ବିଜୟ ମଲ୍ଲିକ ଯୋଗଦେଇଥିଲେ।

## ଆଜିଠୁ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ

ଭୁବନେଶ୍ୱର, ୭।୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ସୃଜନ ଅନୁଷ୍ଠାନର ମିଳିତ ସହଯୋଗରେ ଜାନୁଆରୀ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶୀ ନୃତ୍ୟ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯିବ। 'କେଳୁଚରଣ କୀର୍ତ୍ତି ଶତକମ୍' ଶୀର୍ଷକରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜୀବନୀକୁ ନେଇ ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ରବୀନ୍ଦ୍ର ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ହେବାକୁ ଥିବା ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ତିନିଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ କେଳୁଚରଣଙ୍କ ଜୀବନୀକୁ ନେଇ ଏକ ଫଟୋଚିତ୍ର ପ୍ରଦର୍ଶନୀ ଏବଂ ଗୁରୁଜୀଙ୍କ ଜୀବନୀ, ଓଡ଼ିଶୀ ନୃତ୍ୟ ପ୍ରତି ରହିଥିବା ତାଙ୍କର ଅବଦାନ ସହ ଓଡ଼ିଶୀ ଗବେଷଣା କେନ୍ଦ୍ରକୁ ନେଇ ନିର୍ମିତ ହୋଇଥିବା ଏକ କ୍ଷୁଦ୍ର ଚଳଚ୍ଚିତ୍ର ଲୋକାର୍ପଣ କରାଯିବ। ସେହିପରି ଓଡ଼ିଶୀ ଗବେଷଣା କେନ୍ଦ୍ରର ୱେବସାଇଟ୍ ଉନ୍ମୋଚିନ କରାଯିବ। କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ରତିକାନ୍ତ ମହାପାତ୍ର, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ପଦ୍ମଶ୍ରୀ ମାଧବୀ ମୁଦଗଲ, ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦୀ ଏବଂ ଅନେକ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଯୋଗଦେବେ।

## 'ବିଜେବି ୭୪'ର କର୍ମକର୍ତ୍ତା ନିର୍ବାଚନ




ଭୁବନେଶ୍ୱର, ୭।୧(ସମିସ): ବିଜେବି କଲେଜର ପ୍ରାକ୍ତନ ୭୪ ବ୍ୟାଚ୍‌ର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ହୋଟେଲ ଏକ୍ସିଲେନ୍‌ସ ଠାରେ ୩୪ତମ ସାଧାରଣ ଅଧିବେଶନରେ ଏହାର ନିର୍ବାଚନ ଅଧିକାରୀ ଡ. କୃଷ୍ଣପ୍ରସାଦ ପାଢ଼ୀଙ୍କ ତତ୍ତ୍ୱାବଧାନରେ ନିର୍ବାଚନ କରାଯାଇଥିଲା। ଏଥିରେ ବିଜେବି କଲେଜ ପ୍ରାକ୍ତନ ଛାତ୍ର ଖଣି ବ୍ୟବସାୟୀ ତାରିଣୀ ପ୍ରସାଦ ମହାନ୍ତି ସଭାପତି ଭାବେ ନିର୍ବାଚିତ ହୋଇଥିଲା ବେଳେ ଉପ ସଭାପତି ଭାବରେ କେଦାର ନାଥ ଦାସ, ପ୍ରଦୋଷ ମହାପାତ୍ର, ବିଦ୍ୟୁତ ପ୍ରକାଶ ରାୟ ନିର୍ବାଚିତ ହୋଇଥିଲେ। ଏହିପରି ସମ୍ପାଦକ କେଦାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଡ. ନାରାୟଣ ସାହୁ, ଇଂ ଅସୀମାନନ୍ଦ ମହାନ୍ତି, ସଙ୍ଗଠନ ସମ୍ପାଦକ ନିରଞ୍ଜନ ମିଶ୍ର, କୋଷାଧକ୍ଷ ଲକ୍ଷ୍ମୀଧର ଜେନା, କାର୍ଯ୍ୟକାରୀ କମିଟି ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ଓ ପ୍ରଭାତ କୁମାର ରଥ ଆଗାମୀ ଦୁଇବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ଅନୁଷ୍ଠାନର ପ୍ରାକ୍ତନ ସଭାପତି ଡ. ବିଶ୍ୱ ବିଜୟୀ ପାଣିଗ୍ରାହୀ, ପ୍ରାକ୍ତନ ସମ୍ପାଦକ ସମ୍ ହସ୍ପିଟାଲ ଭେଷଜ ବିଭାଗ ପ୍ରଫେସର ଡ. ସୁରେନ୍ଦ୍ର ନାଥ ସ୍ୱାଇଁ ବିଜେବି ୭୪ରେ ଦୀର୍ଘ ୨୫ ବର୍ଷଧର କାର୍ଯ୍ୟ କରିଥିଲେ ବୋଲି ଅନୁଷ୍ଠାନ ପକ୍ଷରୁ ପଦ୍ମଲୋଚନ ମହାନ୍ତି, ହାରୁନ ରସିଦ ଖାନ୍, ପୂର୍ବତନ ପ୍ରଶାସକ କୃଷ୍ଣଚନ୍ଦ୍ର ପାତ୍ର ଓ ପୃଥ୍ୱୀ ସିଂ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ଏବଂ ବିଜେବି ୭୪ର ନିର୍ବାଚିତ ସଭାପତି ତାରିଣୀ ପ୍ରସାଦ ମହାନ୍ତି ଓ ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ମତ ପ୍ରକାଶ କରିଛନ୍ତି।

## ୩୧ ପର୍ଯ୍ୟନ୍ତ ବଢ଼ିଲା ଇଏସ୍ଆଇସିର 'ସ୍ପ୍ରୀ' ଅବଧି

ଭୁବନେଶ୍ୱର, ୭।୧(ସମିସ): କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି) ପକ୍ଷରୁ ନିଯୁକ୍ତିକର୍ତ୍ତା/କର୍ମଚାରୀ ପଞ୍ଜୀକରଣ ପ୍ରୋତ୍ସାହନ ଯୋଜନା (ସ୍ପ୍ରୀ) ନାମରେ ଜାରି ରହିଥିବା ଅଭିଯାନ ଅବଧିକୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଅଭିଯାନ ଜରିଆରେ ନିଯୁକ୍ତିକର୍ତ୍ତାମାନଙ୍କୁ ସେମାନଙ୍କ ସଂସ୍ଥା ବା କର୍ମଚାରୀଙ୍କୁ ଇଏସ୍ଆଇସିରେ ପଞ୍ଜୀକରଣ କରାଇବାକୁ ପ୍ରୋତ୍ସାହିତ କରାଯାଉଛି। ଏହି ଯୋଜନାରେ ମୁଖ୍ୟତଃ ଯେଉଁ ସଂସ୍ଥାଗୁଡ଼ିକ ଦୀର୍ଘ ଦିନ ହେବ ସଂସ୍ଥା ଆରମ୍ଭ କରି ମଧ ସେମାନଙ୍କ କର୍ମଚାରୀଙ୍କୁ ପଞ୍ଜୀକରଣ କରାଇନାହାନ୍ତି, ସେମାନଙ୍କୁ ଅନେକ ଲାଭ ମିଳୁଛି। ସେମାନଙ୍କ ପାଇଁ ବକେୟା ଦାବି ଛାଡ଼ କରାଯିବା ସହିତ ବିନା କୌଣସି ଜରିମାନାରେ ପଞ୍ଜୀକରଣ ପାଇଁ ଏହି ଅଭିଯାନ ଜରିଆରେ ପଦକ୍ଷେପ ନିଆଯାଉଛି। ପୂର୍ବ ପଞ୍ଜିକୃତ ନ ହେବା ପାଇଁ କୌଣସି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ମଧ ନିଆଯାଉ ନାହିଁ। ଏହି କ୍ରମରେ ବୁଧବାର ଭୁବନେଶ୍ୱରସ୍ଥିତ ଇଏସ୍ଆଇସି ଆଞ୍ଚଳିକ କାର୍ଯ୍ୟାଳୟଠାରେ ଏକ କର୍ମଶାଳା ଆୟୋଜନ କରାଯାଇଥିବା ବେଳେ ଏଥିରେ ବିଭିନ୍ନ ସଂସ୍ଥାରୁ ଅଂଶଗ୍ରହଣ କରିଥିବା ପ୍ରତିନିଧିମାନଙ୍କୁ ଏହି ଅଭିଯାନର ଲାଭ ଉଠାଇବାକୁ ପରାମର୍ଶ ଦିଆଯାଇଛି। ଏହି ଅଭିଯାନ ୧ ଜୁଲାଇ ୨୦୨୫ରୁ ଆରମ୍ଭ ହୋଇ ୩୧ ଡିସେମ୍ବର ପର୍ଯ୍ୟନ୍ତ ଚାଲିବକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏଥିରେ ଅଧିକରୁ ଅଧିକ ସଂସ୍ଥାଙ୍କୁ ଲାଭ ପହଞ୍ଚାଇବା ଲକ୍ଷ୍ୟ ରଖି ନିଗମ ଏହି ଅବଧିକୁ ଆସନ୍ତା ୩୧ ଜାନୁଆରୀ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

**ଅଭିଯାନରେ ସାମିଲ ହେଲେଣି ୨.୫ ଲକ୍ଷ କର୍ମଚାରୀ**




ଆଜି ଏସମ୍ପର୍କରେ କର୍ମଶାଳାରେ ସୂଚନା ଦେଇ ଇଏସ୍ଆଇସି ଆଞ୍ଚଳିକ ନିର୍ଦ୍ଦେଶକ ରୁଦ୍ରଦୀପ ଦତ୍ତ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ଏହି ଅଭିଯାନରେ ଅଢ଼େଇ ଲକ୍ଷରୁ ଅଧିକ କର୍ମଚାରୀ ପଞ୍ଜିକୃତ ହୋଇପାରିଛନ୍ତି। ମାତ୍ର ଏବେ ବି ରାଜ୍ୟର ଅନେକ ସଂସ୍ଥା ଇଏସ୍ଆଇସିରେ ସେମାନଙ୍କ କର୍ମଚାରୀଙ୍କୁ ସାମିଲ କରାଇନାହାନ୍ତି। ତେଣୁ ସେମାନେ ଏହି ଯୋଜନାରେ ଲାଭ ନେଇ ଶ୍ରମିକଙ୍କ ସୁରକ୍ଷା ସୁନିଶ୍ଚିତ କରାଇବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସେହିପରି ଇଏସ୍ଆଇସିର ପୂର୍ବାଞ୍ଚଳ ଓ ଉତ୍ତରାଞ୍ଚ ଇନସ୍ୟୁରାନ୍ସ କମିସନର ପ୍ରଣୟ ସିହ୍ନା କହିଛନ୍ତି ଯେ, ଏହି ଯୋଜନା ସମ୍ପର୍କରେ ଅବଗତ କରାଇବାକୁ ଅନେକ ସଂସ୍ଥାର ପ୍ରତିନିଧିମାନଙ୍କୁ ନେଇ ଏକ କର୍ମଶାଳା ହୋଇଛି।

## ପଟିଆ କଲେଜରେ ବାର୍ଷିକ କ୍ରୀଡ଼ା ମହାସମାରୋହ



ନନ୍ଦନକାନନ, ୭।୧(ସମିସ): ପଟିଆ ରାଜା ମଧୁସୂଦନ ଦେବ ଡ଼ିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ସମାରୋହ କଲେଜ ଖେଳ ପଡ଼ିଆରେ ଉଦଯାପିତ ହୋଇଯାଇଛି। ଏହି ଅବସରରେ ଶିଖରଚଣ୍ଡୀଙ୍କ ମନ୍ଦିରରୁ କ୍ରୀଡ଼ା ମଶାଲକୁ ସମ୍ମାନର ସହ ଶୋଭାଯାତ୍ରାରେ ଛାତ୍ରଛାତ୍ରୀମାନେ ଆଣି କ୍ରୀଡାଙ୍ଗନରେ ସ୍ଥାପନ କଲାପରେ ବାର୍ଷିକ କ୍ରୀଡ଼ା ଆନୁଷ୍ଠାନିକ ଭାବେ ଉଦଘାଟନ ହୋଇଥିଲା। ଆଜି କ୍ରୀଡ଼ା ମହୋତ୍ସବର ଦ୍ୱିତୀୟ ଦିବସରେ ପୁରସ୍କାର ବିତରଣ ସମାରୋହରେ ଓଡ଼ିଶା ଅଲମ୍ପିକ ସଂଘର ଅଧ୍ୟକ୍ଷ ସମୀର ମହାନ୍ତି ମୁଖ୍ୟ ଅତିଥି ଓ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ଶ୍ରୀମତୀ ଚନ୍ଦନା ଦାସ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଦଶଟି ବିଭାଗରେ ମହାବିଦ୍ୟାଳୟର ପ୍ରାୟ ୪୦୦ ବିଦ୍ୟାର୍ଥୀ କ୍ରୀଡାବିତ୍ ଅଂଶ ଗ୍ରହଣ କରିଥିଲେ। ଛାତ୍ରମାନଙ୍କ ମଧ୍ୟରୁ ଇତିହାସ ବିଭାଗର ସୂର୍ଯ୍ୟପ୍ରକାଶ ବେହେରା ଓ ଛାତ୍ରୀମାନଙ୍କ ମଧ୍ୟରୁ ଗୃହବିଜ୍ଞାନ ବିଭାଗର ଲକ୍ଷ୍ମୀ ହେମ୍ବ୍ରମ୍, ବ୍ୟକ୍ତିଗତ କ୍ରୀଡା ଚାମ୍ପିଅନ ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ କ୍ରୀଡ଼ା ପରିଷଦର ସଚିବ ପ୍ରଫେସର ଚିନ୍ମୟ କୁମାର ପ୍ରଧାନ ଯୋଗ ଦେଇଥିଲେ। କଲେଜର କ୍ରୀଡା ଶିକ୍ଷକ ଅନନ୍ତ ମାଧବ ସାହୁ, କ୍ରୀଡ଼ା ପରିଷଦର ଉପାଧ୍ୟକ୍ଷ ଅଧ୍ୟାପକ ଚନ୍ଦନ କୁମାର ସାହୁ କ୍ରିଡା ପରିଚାଳନା କରିଥିଲେ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପ୍ରଶାନ୍ତ କୁମାର ରାଉତ ପ୍ରକାଶ କରିଛନ୍ତି।

## ଆଇସିଏଆର୍ ପୂର୍ବମଣ୍ଡଳ କ୍ରୀଡ଼ା ସମାବେଶ ତେଜ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୭।୧(ସମିସ): ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ତରଫରୁ ୪ ଦିନିଆ ପୂର୍ବମଣ୍ଡଳ କ୍ରୀଡ଼ା ସମାବେଶ ତେଜ୍-୨୦୨୫ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଆଇସିଏଆର୍-କେନ୍ଦ୍ରୀୟ ମଧୁର ଜଳ ଜୀବପାଳନ ସଂସ୍ଥା (ସିଫା), ଭୁବନେଶ୍ୱର ଆୟୋଜନ କରିଛି।

ଆୟୋଜିତ ଉଦ୍‌ଘାଟନୀ ସମାରୋହରେ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ତଥା ଆଇସିଏଆର୍‌ର ମହାନିର୍ଦ୍ଦେଶକ ଡ. ଏମ୍‌ଏଲ ଜାଟ୍ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ମତ୍ସ୍ୟ ବିଜ୍ଞାନ କୃଷି ଶିକ୍ଷା ବିଭାଗର ଉପ ମହାନିର୍ଦ୍ଦେଶକ ଡ. ଜେକେ ଜେନା, ପ୍ରାକୃତିକ ସମ୍ବଳ ପରିଚାଳନା ବିଭାଗର ଉପ ମହାନିର୍ଦ୍ଦେଶକ ଡ. ଏ. କେ. ନାୟକ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ଡ. ବିଜୟ କୁମାର ସ୍ୱାଇଁ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଆଇସିଏଆର୍ ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ କ୍ରିଡାବିତ୍‌ଙ୍କୁ ସ୍ୱାଗତ କରିଥିଲେ। ଆୟୋଜକ କମିଟି ଅଧ୍ୟକ୍ଷ ଡ. ପଦ୍ମନାଭ ରାଉତରାୟ ଯୋଗ ଦେଇଥିବା ବେଳେ ଏହି ଅବସରରେ ଏକତା, ଅଖଣ୍ଡତା ଏବଂ କ୍ରୀଡ଼ପ୍ରେମର ପ୍ରକୃତ ଆତ୍ମାର ପ୍ରତୀକ ମଶାଲ ପ୍ରଜ୍ୱଳନ କରାଯାଇଥିଲା। ଏହି କ୍ରୀଡ଼ା ସମାବେଶରେ ୭୨୦ ଜଣ ଖେଳାଳୀ ୩୯ଟି କ୍ରୀଡ଼ା ଇଭେଂଟରେ ଅଂଶଗ୍ରହଣ କରିଛନ୍ତି। ତେଜ୍-୨୦୨୫ ଆୟୋଜକ କମିଟିର ସଂଗଠନ ସଚିବ ଡ. ଏନ୍. କେ. ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ଶାଶ୍ୱତ ଯୋଶୀଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମରିଚିଆ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ
## ସେମିଫାଇନାଲ୍‌ରେ କୁରାଙ୍ଗ



ନନ୍ଦନକାନନ, ୭।୧(ସମିସ): ଭୁବନେଶ୍ୱର ଉପକଣ୍ଠ ମରିଚିଆ ଗ୍ରାମ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ମରିଚିଆ କପ ୨୦୨୬ ବୁଧବାରଠାରୁ ମରିଚିଆ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ତିନୋଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ଲିଗ ପର୍ଯ୍ୟାୟ ମ୍ୟାଚ ସାଇରାମ ମର୍ଣ୍ଣିଙ୍ଗ କଟକ ଏବଂ କୁରାଙ୍ଗ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧/୦ଗୋଲରେ କୁରାଙ୍ଗ ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ଲିଗ ମ୍ୟାଚଟି ଆଲାମଗିରି କ୍ଲବ ସାଇଁଶୋ ଏବଂ ପଦ୍ମକେଶରୀପୁର ଚମ୍ପାନାହାକାଣୀ ଦଳ ମଧ୍ୟରେ ହୋଇଥିଲା। ଏଥିରେ ୨/୦ଗୋଲରେ ସାଇଁଶୋ ବିଜୟୀ ହୋଇଥିଲା। ବିଜୟୀ ହୋଇଥିବା ସାଇଁଶୋ ଏବଂ କୁରାଙ୍ଗ ମଧ୍ୟରେ ପ୍ରଥମ କ୍ୱାର୍ଟର ପର୍ଯ୍ୟାୟ ମ୍ୟାଚରେ ଉଭୟ ଦଳ କଡା ଟକ୍କର ଦିଆଦେଇ ହୋଇଥିଲା ବେଳେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟ୍ରାଇ ବ୍ରେକର ଜରିଆରେ ୩/୧ଗୋଲ ବଳରେ କୁରାଙ୍ଗ ବିଜୟୀ ହୋଇ ପ୍ରଥମ ଦଳ ଭାବେ ରବିବାର ସେମି ଫାଇନାଲ ଖେଳିବାକୁ ସ୍ଥାନ ପକ୍କା କରିଛି। ଆଜିର ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଶାସନ ସଚିବ ବିଜୟ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଦୁସ୍ମିତା ମନ୍ତ୍ରୀ, ପୂର୍ବତନ ଜିଲ୍ଲା ପରିଷଦ କୁନାଲ ରାଉତ, ସମାଜସେବୀ ପ୍ରତାପ ରାଉତ, ସଞ୍ଜୟ ପତି, କୁନା ରାଉତ, ନଗେନ ବିଶୋଇ ଯୋଗଦେଇଥିଲେ। ମ୍ୟାଚ ଗୁଡିକୁ ରେଫରୀ ମିକୁନ ମହାନ୍ତି, ସେକ ଆଲାମ, ସାକଲିନ ପରିଚାଳନା କରିଥିଲେ। ରଙ୍କନିଧି ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟଟି ୫ଦିନ ଧରି ହେବାକୁ ଥିଲା ବେଳେ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପୁରସ୍କାର ରାଶି ବାବଦକୁ ଚାମ୍ପିଅନ ଦଳକୁ ୨୦ହଜାର ଏବଂ ରନର୍ସଅପ ଦଳକୁ ୧୫ହଜାର ଟଙ୍କା ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ ତରଫରୁ ଜୟନ୍ତ ରାଉତ ପ୍ରକାଶ କରିଛନ୍ତି।

## ଭେଙ୍କୟା ନାଇଡୁଙ୍କ ଦ୍ୱାରା 'ଅଟଳ ବନ' ଉଦ୍‌ଘାଟିତ

**ଆକର୍ଷଣ ସାଜିଛି ଟି-୫୫ ଯୁଦ୍ଧ ଟ୍ୟାଙ୍କ୍ ସହ ରାଫେଲ ଯୁଦ୍ଧ ବିମାନର ପ୍ରୋଟୋଟାଇପ୍**

ଭୁବନେଶ୍ୱର, ୭।୧(ସମିସ): ଲୋକଭବନ ପରିସରରେ ନୂତନ ଭାବେ ବିକଶିତ ପରିବେଶ ଉଦ୍ୟାନ 'ଅଟଳ ବନ' ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ ଏହି ପାର୍କକୁ ପୂର୍ବତନ ଉପରାଷ୍ଟ୍ରପତି ତଥା ଅଟଳ ସ୍ମୃତି ନ୍ୟାସ ସୋସାଇଟିର ଅଧ୍ୟକ୍ଷ ଏମ. ଭେଙ୍କୟା ନାଇଡୁ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏହି ଅଟଳ ବନର ବିକାଶ ପ୍ରକ୍ରିୟା ସମୟରେ ଖନନ କରାଯାଇଥିବା ପଥର ବ୍ୟବହାର କରି ପ୍ରଦର୍ଶନ ସହ ସବୁଜିମା, ଜଳାଶୟ ଏବଂ ଝରଣା ସଂରଚନା କରାଯାଇଛି। ଭାରତୀୟ ସେନାକୁ ଶକ୍ତିଶାଳୀ କରିଥିବା ଏବଂ ୧୯୭୧ ଯୁଦ୍ଧ ତଥା ବିଭିନ୍ନ ଅପରେସନ ସମୟରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା ଟି-୫୫ ଯୁଦ୍ଧ ଟ୍ୟାଙ୍କ୍ ସହ ରାଫେଲ ବହୁମୁଖୀ ଲଢୁଆ ଯୁଦ୍ଧ ବିମାନର ଏକ ପ୍ରୋଟୋଟାଇପ୍ ପାର୍କର ଅନ୍ୟତମ ଆକର୍ଷଣ ପାଲଟିଛି। ଭାରତ ସରକାରଙ୍କ 'ୱେଷ୍ଟ ଟୁ ୱେଲଥ' ମିଶନ ଅଧୀନରେ ଅଟୋମୋବାଇଲ୍ ସ୍କ୍ରାପ୍ ଏବଂ ଜିଆଇ ସିଟ୍‌ରୁ ନିର୍ମିତ ଏହି ମଡେଲ୍ ୧୫ ଫୁଟ ଲମ୍ବା, ୪ ଫୁଟ ୬ ଇଞ୍ଚ ଉଚ୍ଚତା ଏବଂ ୯ ଫୁଟ ୧୧ ଇଞ୍ଚ ଡେଣା ବିଶିଷ୍ଟ। ଲୋକଭବନର ଅନୁରୋଧ କ୍ରମେ ଭୁବନେଶ୍ୱରର ସରକାରୀ ପଲିଟେକ୍ନିକ୍ ଟିମ ଦ୍ୱାରା ଏହି ପ୍ରୋଟୋଟାଇପ୍ ଡିଜାଇନ୍ ଏବଂ ନିର୍ମାଣ କରାଯାଇଥିଲା। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ବାଜପେୟୀଙ୍କୁ ଦଳ ମତ ନିର୍ବିଶେଷରେ ଜଣେ ସମ୍ମାନନୀୟ ଦୂରଦୃଷ୍ଟିସମ୍ପନ୍ନ ରାଷ୍ଟ୍ରନେତା ଭାବରେ ବର୍ଣ୍ଣନା କରିଥିଲେ। ଏଥିରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ରାଫେଲ ପ୍ରୋଟୋଟାଇପ୍ ଡିଜାଇନ୍ ଏବଂ ନିର୍ମାଣ କରିଥିବା ଟିମ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଓଡ଼ିଶା ମେଟାଲିକ୍ସ ଜଙ୍ଗଲ ଜମି ବ୍ୟବହାର ପ୍ରସଙ୍ଗ

# ୩୦ ଦିନରେ ଜମି ଖାଲି କରିବାକୁ ତହସିଲଦାରଙ୍କ ନିର୍ଦ୍ଦେଶ

**ଝାରସୁଗୁଡ଼ା, ୭।୧(ସମିସ)**

ଓଡ଼ିଶା ମେଟାଲିକ୍ସ ଜଙ୍ଗଲ ଜମି ବ୍ୟବହାର ପ୍ରସଙ୍ଗରେ ୩୦ ଦିନ ମଧ୍ୟରେ ଜମି ଖାଲି କରିବାକୁ ଝାରସୁଗୁଡ଼ା ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପକୁ ସ୍ୱାଗତ କରି ମରାକୁଟା ପଞ୍ଚାୟତବାସୀଙ୍କ ତରଫରୁ ଝାରସୁଗୁଡ଼ାର ଏକ ଘରୋଇ ହୋଟେଲରେ ବୁଧବାର ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ମରାକୁଟା ପଞ୍ଚାୟତ ବୁଢ଼ୀପଦର ଠାରେ ଥିବା ଓଡ଼ିଶା ମେଟାଲିକ୍ସ କମ୍ପାନୀ ଜଙ୍ଗଲ ଜମି ବ୍ୟବହାର କରିବା ଅଭିଯୋଗ ରହିଥିଲା। ଏହି ଘଟଣାରେ ଝାରସୁଗୁଡ଼ା ତହସିଲଦାର ଓଡ଼ିଶା ମେଟାଲିକ୍ସ କର୍ତ୍ତୃପକ୍ଷଙ୍କୁ ୩୦ ଦିନ ଭିତରେ ଜଙ୍ଗଲ ଜମି ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କମ୍ପାନୀ ଜମି ଖାଲି ନ କଲେ ଜମିରେ ଥିବା ବେଆଇନ ନିର୍ମାଣ ଓ ଥିବା ସାମଗ୍ରୀକୁ ଜବତ କରାଯିବ ବୋଲି ତହସିଲଦାର କଡା ନିର୍ଦ୍ଦେଶ ଜାରି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମରାକୁଟା ଗ୍ରାମବାସୀ କହିଛନ୍ତି ଯେ ଓଡ଼ିଶା ମେଟାଲିକ୍ସ କମ୍ପାନୀ ଜଙ୍ଗଲ ଜମିକୁ ବେଆଇନ ଭାବେ ବ୍ୟବହାର କରୁଥିଲା। ସୂଚନା ଅଧିକାର ବଳରେ ମରାକୁଟା ପଞ୍ଚାୟତର ନାଏବ ସରପଞ୍ଚ ଆଶିଷ ଗର୍ଡ଼ିଆ ଏହି ବିଷୟରେ



ଜାଣିଥିଲେ। ଏହାପରେ ମରାକୁଟା ଗ୍ରାମବାସୀ ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ। ସମାଜସେବୀ ଶତ୍ରୁଘ୍ନ ମେହେର ଏନଜିଟି ଓଡ଼ିଶା ମେଟାଲିକ୍ସ କମ୍ପାନୀ ବିରୋଧରେ ମାମଲା ଦାଏର କରିଥିଲେ। ଏନଜିଟିର ନିର୍ଦ୍ଦେଶ ପରେ ଝାରସୁଗୁଡ଼ା ଜିଲ୍ଲାପାଳ ଡିଏଫଓ ଅଶୋକ ମନୁ ଭଟ୍ଟଙ୍କୁ କମ୍ପାନୀ ବ୍ୟବହାର କରୁଥିବା ଜଙ୍ଗଲ ଜମିର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ଯୁଗ୍ମ ତଦନ୍ତ କରିଥିଲେ। ତଦନ୍ତରେ କମ୍ପାନୀ ୧୦ ଏକରରୁ ଊର୍ଦ୍ଧ୍ୱ ବେଆଇନ ଜଙ୍ଗଲ ଜମି ବ୍ୟବହାର କରୁଥିବା ପ୍ରମାଣିତ ହୋଇଥିଲା। ଏହି ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟ ପକ୍ଷରେ ଏନଜିଟି ଓଡ଼ିଶା ମେଟାଲିକ୍ସ କମ୍ପାନୀ ଜଙ୍ଗଲ ଜମି ବ୍ୟବହାର ଉପରେ ମୁଖ୍ୟ ଶାସନ ସଚିବ, ଜିଲ୍ଲାପାଳ ତଥା ବିଭାଗୀୟ ଅଧିକାରୀଙ୍କୁ ଜାନୁୟାରୀ ୯ ତାରିଖ ମଧ୍ୟରେ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲ୍ଲା ପ୍ରଶାସନ ତରଫରୁ ଗତ ୬ ତାରିଖ ଝାରସୁଗୁଡ଼ା ତହସିଲଦାର ଉପରୋକ୍ତ ଐତିହାସିକ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ଏନଜିଟିର ଆଦେଶ ଏବଂ ମରାକୁଟା ପଞ୍ଚାୟତ ବାସୀଙ୍କ ସ୍ୱାର୍ଥକୁ ଆଖି ଆଗରେ ଓଡ଼ିଶା ମେଟାଲିକ୍ସ କମ୍ପାନୀ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ଗ୍ରାମବାସୀ ଶତ୍ରୁଘ୍ନ ମେହେର, ମିତ୍ରଭାନୁ ସାହୁ, ଆଶିଷ ଗର୍ଡ଼ିଆ, ଈଶ୍ୱର ନେଟି, ତେଜରାଜ ସିଂ, ନିତ୍ୟାନନ୍ଦ ମେହେର, କୃଷ୍ଣ ଉର୍ମା ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ଏହାସହିତ କମ୍ପାନୀ କବଳରୁ ଜଙ୍ଗଲ ଜମିକୁ ଆଣି କେବଳ ଜନସାଧାରଣଙ୍କ ସ୍ୱାର୍ଥ କିମ୍ବା ବୃକ୍ଷରୋପଣ ପାଇଁ ବ୍ୟବହାର କରିବା ପାଇଁ

**ଜିଲ୍ଲା ପ୍ରଶାସନ ପଦକ୍ଷେପକୁ ଗ୍ରାମବାସୀଙ୍କ ସ୍ୱାଗତ**

ଦାବି କରିଛନ୍ତି। ଏ ନେଇ ଓଡ଼ିଶା ମେଟାଲିକ୍ସର ଉପସଭାପତି କାର୍ଯ୍ୟନିର୍ବାହୀ ଅଜିତ ସିଂଙ୍କୁ ପଚାରିବାରୁ ତହସିଲଦାରଙ୍କ ନିକଟରୁ ଏପରି କୌଣସି ନୋଟିସ କମ୍ପାନୀ ପାଖକୁ ଆସିନାହିଁ ବୋଲି ସେ ସୂଚନା ଦେଇଛନ୍ତି। ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ୩୦ ଦିନ ମଧ୍ୟରେ ଓଡ଼ିଶା ମେଟାଲିକ୍ସ ଜଙ୍ଗଲ ଜମି ଖାଲି ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ପାଣି ପଞ୍ଚାୟତ ପକ୍ଷ

# ଜିଲ୍ଲାରେ ପାଣି ପଞ୍ଚାୟତ ରଥର ଶୁଭାରମ୍ଭ

**ଝାରସୁଗୁଡ଼ା, ୭।୧ (ସମିସ):** ଜିଲ୍ଲାରେ ପାଣି ପଞ୍ଚାୟତ ପକ୍ଷ ୨୦୨୫-୨୬ ପାଳନ କରାଯାଉଛି। ଏହି ଅବସରରେ ଜଳ ସଂରକ୍ଷଣ ଓ ଏହାର ସୁପରିଚାଳନା ପାଇଁ ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ ପାଣି ପଞ୍ଚାୟତ ରଥକୁ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ରଥ ଜିଲ୍ଲାର କୋଣ ଅନୁକୋଣ ବୁଲି ଜଳର ଉପଯୁକ୍ତ ବ୍ୟବହାର, ଜଳ ସଂରକ୍ଷଣ, ସମାନତା ଏବଂ ସମସ୍ତଙ୍କ ଅଂଶଗ୍ରହଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବ। ବିଶେଷ କରି ଚାଷ କାର୍ଯ୍ୟରେ ଜଳର ସୁବିନିଯୋଗ ଏବଂ ପ୍ରତିଟି ବୁନ୍ଦା ଜଳର ମହତ୍ତ୍ୱ ବିଷୟରେ ସଚେତନତା ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଏହି ରଥର ମୁଖ୍ୟ ଲକ୍ଷ୍ୟ। ଏହି ଅଭିଯାନ ମାଧ୍ୟମରେ ସାଧାରଣ ଲୋକଙ୍କୁ ଜଳ ସମ୍ପଦର ସୁରକ୍ଷା ଓ ଏହାର ସଠିକ୍ ବ୍ୟବହାର ଦିଗରେ ଉତ୍ସାହିତ କରାଯିବ। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି

**ସକାଳ ୯ରେ ପତାକା ଉତ୍ତୋଳନ**



**ଝାରସୁଗୁଡ଼ା, ୭।୧(ସମିସ):** ଆଗାମୀ ଜିଲ୍ଲାସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲା ଖଣିଜ ପାଣ୍ଠି ଅଡିଟରିୟମ ଠାରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବ ମନମୋହନ ସ୍କୁଲ ପଡ଼ିଆଠାରେ ଆୟୋଜନ କରାଯିବ। ପ୍ରତ୍ୟୁଷରେ ରାମଧୁନ ଗାନ କରାଯାଇ ସହର ପରିକ୍ରମା କରାଯିବ। ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ସରକାରୀ କାର୍ଯ୍ୟାଳୟରେ ସକାଳ ୮.୩୦ରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବାକୁ ଥିବାବେଳେ ସକାଳ ୯ଟାରେ ମନମୋହନ ସ୍କୁଲ ପଡ଼ିଆଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ ଅଭିବାଦନ ଗ୍ରହଣ କରିବେ। ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ମଧ୍ୟ ସ୍ଥିର ହୋଇଛି। ବୈଠକରେ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବିଶ୍ୱରଞ୍ଜନ ନାୟକ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଏବଂ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ବ୍ୟବସ୍ଥା ଓ ପରିଚାଳନା ଝାରସୁଗୁଡ଼ା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା।

# କଟୁରୀରେ ଆକ୍ରମଣ କରି ଅଭିଯୁକ୍ତ ଫେରାର, ଜଣେ ଆହତ

**ଝାରସୁଗୁଡ଼ା, ୭।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ଥାନା ଅଧୀନ ବିଟିଏମରେ ଜଣେ ବ୍ୟକ୍ତିଙ୍କୁ କଟୁରୀରେ ଆକ୍ରମଣ କରି ଅଭିଯୁକ୍ତ ଫେରାର ହୋଇଛି। ଆହତ ବ୍ୟକ୍ତି ଜଣକ ବିଟିଏମ କଲୋନୀର ପ୍ରସନ୍ନ ରାଉତ ହୋଇଥିବା ବେଳେ ଫେରାର ଅଭିଯୁକ୍ତ ଜଣକ ଶେଷଦେବ ମହାପାତ୍ର ବୋଲି ଜଣାପଡ଼ିଛି। ବିଟିଏମ୍ କଲୋନୀରେ ଗତକାଲି ପ୍ରସନ୍ନ ଏବଂ ତାଙ୍କ ଭାଇ ଚା' ପିଇବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଶେଷଦେବ ଆସି ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲା। ଏହାପରେ ଅତର୍କିତ ଭାବେ କଟୁରୀରେ ପ୍ରସନ୍ନଙ୍କୁ ଆକ୍ରମଣ କରିଥିଲା। ଏଥିରେ ପ୍ରସନ୍ନ ଗୁରୁତର ଆହତ ହୋଇଥିବା ବେଳେ ଆହତ ଶେଷଦେବ ଫେରାର ହୋଇଛି। ଏନେଇ ପ୍ରସନ୍ନଙ୍କ ଭାଇ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ବିଟିଏମ ଅଞ୍ଚଳରେ ବେଶ ଆଲୋଡନ ସୃଷ୍ଟି କରିଛି। ଆକ୍ରମଣ ପୂର୍ବରୁ ଗତକାଲି ବିଟିଏମ ଅଞ୍ଚଳରେ ଶେଷଦେବ ଲୋକଙ୍କ ସହ ବଚସା କରିଥିଲା। ପୁଲିସ ସେ ସମୟରେ ଶେଷଦେବକୁ ଥାନାକୁ ନେଇ ଅଟକ କରିଥିଲେ ହେଁ କିଛି ସମୟ ପରେ ଛାଡି ଦେଇଥିଲା। ଥାନାରୁ ଆସି ଶେଷଦେବ ଏପରି ତୁମୁଳ କାଣ୍ଡ ଘଟାଇଥିବାରୁ ପୁଲିସର ଅବହେଳାକୁ ଏଥିପାଇଁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି।

# ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର

**କୁଣ୍ଢେଇଗୋଳା, ୭।୧(ସମିସ):** ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଭର୍ଚୁଆଲ ମାଧ୍ୟମରେ ଓଡ଼ିଶାରେ ୧୧୮ଟି ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଉପଲକ୍ଷେ ଦେବଗଡ଼ ଜିଲ୍ଲା ଅଧୀନ ରିଆମାଳ ବ୍ଲକର କୁଣ୍ଢେଇଗୋଳା ଓ ପରା ଠାରେ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କୁଣ୍ଢେଇଗୋଳା ଠାରେ ସମ୍ବଲପୁର ସାଂସଦଙ୍କ ରିଆମାଳ ବ୍ଲକ ପ୍ରତିନିଧି ବୀରବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୋ ସ୍କୁଲ ଅଭିଯାନ ସଭାପତି ତଥା ସମିତି ସଭ୍ୟ ଲିଙ୍ଗରାଜ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ସାହୁ, ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି କିଷାନ, ଶିକ୍ଷାବିତ୍ ଉଦୟ ପ୍ରଧାନ, ଗ୍ରାମ୍ୟ କମିଟି ସଭାପତି ସୌଭାଗ୍ୟ ପ୍ରଧାନ, ତୁଙ୍ଗାମାଳ ସରପଞ୍ଚ ଶରତ ପ୍ରଧାନ, ସମାଜ ସେବୀ ଚିତ୍ତରଞ୍ଜନ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନିତା ବେହେରା ଓ ମହନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ସ୍କୁଲ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟ ଶିକ୍ଷକ ତପନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ଦିଲ୍ଲୀପ ପ୍ରଧାନ, ରଘୁ ନାଥ ସିଙ୍ଗିରାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

# ଇଜେଭି ଫାଉଣ୍ଡେସନ ପକ୍ଷରୁ କମ୍ବଳ ବଣ୍ଟନ



**ଝାରସୁଗୁଡ଼ା, ୭।୧(ସମିସ):** ଝାରସୁଗୁଡ଼ା ଜିଲ୍ଲାରେ ଦିନକୁ ଦିନ ଶୀତର ପ୍ରକୋପ ବୃଦ୍ଧି ପାଇବା ସହ ଶୀତ ରେକର୍ଡ ଭାଙ୍ଗୁଛି। ପ୍ରବଳ ଶୀତକୁ ଦୃଷ୍ଟିରେ ରଖି ଇଜେଭି ଫାଉଣ୍ଡେସନ ତରଫରୁ ଗରିବ ସୀମାରେଖା ତଳେ ଥିବା କିଛି ପ୍ରାପ୍ତ ବୟସ୍କ, ମା, ବାପାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ପାଣ୍ଡ୍ରିପଥରର ମୁଣ୍ଡା ପଡ଼ା ଅଞ୍ଚଳରେ ଆୟୋଜିତ ହୋଇଥିଲା। ପୂର୍ବତନ ସରପଞ୍ଚ ଅନିତା ଷଣ୍ଢ ଓ ଅଙ୍ଗନବାଡି ଦିଦିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ କରାଯାଇଥିଲା। ଇଜେଭି ଫାଉଣ୍ଡେସନ ତରଫରୁ ଏହା ଦ୍ୱିତୀୟ ପର୍ଯ୍ୟାୟ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ରହିଥିଲା। ଇଜେଭି ଫାଉଣ୍ଡେସନ ତରଫରୁ ଅଞ୍ଜଳି ପ୍ରଭା ପଟ୍ଟନାୟକ, ଦୀପ୍ତି ବେହେରା, ଜ୍ୟୋତିର୍ମୟୀ ବେହେରା, ସୁରଭି ପଟେଲ, ପବିତ୍ର ସ୍ୱାଇଁ, ମାନସୀ ପଣ୍ଡା, ପୁନମ ପଟେଲ, ପ୍ରିୟାରାୟ, ସୁମିତ୍ରା ପଣ୍ଡା ପ୍ରମୁଖ କମ୍ବଳ ବଣ୍ଟନ କାର୍ଯ୍ୟରେ ସହାୟତା କରିଥିଲେ।

ସ୍ୱାସ୍ଥ୍ୟ ବିଭାଗ ସମୀକ୍ଷା ବୈଠକ

# ଜିଲ୍ଲାପାଳଙ୍କ ଅଧକ୍ଷତାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବାର ସମୀକ୍ଷା

**ଝାରସୁଗୁଡ଼ା, ୭।୧(ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଶେଷ କରି ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗର୍ଭବତୀ ମହିଳାମାନଙ୍କର ପ୍ରାରମ୍ଭିକ ପଞ୍ଜୀକରଣ, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନର ସଫଳ ରୂପାୟନ ଏବଂ ମା' ଓ ଶିଶୁଙ୍କ ପୁଷ୍ଟିହୀନତା ଦୂର କରିବା ପାଇଁ ଆନିମିଆ ମୁକ୍ତ ଲକ୍ଷ୍ୟ ଅଭିଯାନର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଜିଲ୍ଲାରେ ଶତପ୍ରତିଶତ ଗର୍ଭବତୀ ମହିଳାଙ୍କ ପଞ୍ଜୀକରଣ ଏବଂ ପିଏମଏସଏମଏ କାର୍ଯ୍ୟକ୍ରମରେ ସମସ୍ତ ଯୋଗ୍ୟ ମହିଳାଙ୍କ ଉପସ୍ଥିତି ନିଶ୍ଚିତ କରିବାକୁ ସେ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ମାତୃ ମୃତ୍ୟୁ ହାର ଏବଂ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ପାଇଁ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟଖସଡା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଅତି ପୁଷ୍ଟିହୀନ ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପୁଷ୍ଟିସାଧନ କେନ୍ଦ୍ରକୁ ପଠାଇବା ସହ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ତାଲିକା ପ୍ରସ୍ତୁତ କରିବାକୁ ସେ କହିଛନ୍ତି। ଏହା ସହିତ ବ୍ଲକ ଏବଂ ସେକ୍ଟର ସ୍ତରୀୟ ବୈଠକଗୁଡିକୁ ନିୟମିତ ଓ ପ୍ରଭାବଶାଳୀ କରିବା ସହ ରିପୋର୍ଟ ପ୍ରଦାନରେ ସ୍ୱଚ୍ଛତା ରଖିବା ପାଇଁ ସେ ମେଡିକାଲ ଅଫିସର ଏବଂ ସୁପରଭାଇଜର ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଚୋରା ବାଲି ବୋଝେଇ ହାଇୱା ଜବତ

**କୁଣ୍ଢେଇଗୋଳା, ୭।୧(ସମିସ):** ରିଆମାଳ ବ୍ଲକ ଅଧୀନ କୁଣ୍ଢେଇଗୋଳା ହାଇସ୍କୁଲ ଟିକିରା ନଦୀ ଘାଟରୁ ଏକ ବାଲି ଚୋରା ଚାଲାଣ କରୁଥିବା ହାଇୱାକୁ କୁଣ୍ଢେଇଗୋଳା ଥାନା ପୁଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଆଜି ସକାଳୁ ଏକ ହାଇୱାରେ କୁଣ୍ଢେଇଗୋଳା ଟିକିରା ନଦୀ ହାଇସ୍କୁଲ ଘାଟରୁ ଅନୁଗୁଳ ଅଞ୍ଚଳକୁ ବାଲି ଚାଲାଣ କରୁ ହେଉଥିଲା। ପୁଲିସ ଗାଡିଟିକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ କୌଣସି କାଗଜ ପତ୍ର ଚାଳକ ଦେଖାଇ ନ ପାରିବାରୁ ବାଲି ବୋଝେଇ ଗାଡିକୁ ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଛି।



ଜିଲ୍ଲାସ୍ତରୀୟ 'ମିଶନ ବାତ୍ସଲ୍ୟ'

# ଶିଶୁ ସୁରକ୍ଷା ପରାମର୍ଶଦାତା କମିଟିର ସମୀକ୍ଷା ବୈଠକ

**ଝାରସୁଗୁଡ଼ା, ୭।୧(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ 'ମିଶନ ବାତ୍ସଲ୍ୟ' ଏବଂ ଶିଶୁ ସୁରକ୍ଷା ପରାମର୍ଶଦାତା କମିଟିର ତ୍ରୈମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ଶିଶୁମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମୁଖ୍ୟତଃ 'ମିଶନ ବାତ୍ସଲ୍ୟ ' ଯୋଜନା ଅଧୀନରେ ଥିବା ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ (ସିସିଆଇ)ର ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବେଲପାହାଡ ସ୍ଥିତ ଠକ୍କର ବାପା ସେବା ସଦନରେ ରହୁଥିବା ୨୩ ଜଣ ଶିଶୁଙ୍କର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ସହ ସେଠାରେ ଥିବା କର୍ମଚାରୀ ଅଭାବ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାବ୍ୟତୀତ ଶିଶୁ ସହାୟତା ହେଲ୍ପଲାଇନ ନମ୍ବର ୧୦୯୮ ଏବଂ ୧୧୨ର ବ୍ୟାପକ ସଚେତନତା ଓ ପ୍ରଚାର ପ୍ରସାର କରିବା ସହ ଶିଶୁ ମଙ୍ଗଳ କମିଟି ଓ କିଶୋର ନ୍ୟାୟ ବୋର୍ଡରେ ପଡ଼ିରହିଥିବା ମାମଲାଗୁଡିକର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ଶିଶୁ ଚାଲାଣ ରୋକିବା ଏବଂ ପକ୍ସୋ ମାମଲାରେ ପୀଡିତାଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ପ୍ରଶାସନିକ ସ୍ତରରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ଜିଲ୍ଲାରେ ଶିଶୁ ଚାଲାଣ ରୋକିବା ଏବଂ ପକ୍ସୋ ମାମଲାର ଶୀଘ୍ର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଝାରସୁଗୁଡ଼ା ଉତ୍କଳ ବାଳାଶ୍ରମର ଉନ୍ନତିକରଣ ଏବଂ ଶିଶୁ ଗ୍ରହଣ କେନ୍ଦ୍ର (ଏସଏଏ)ର କାର୍ଯ୍ୟକାରିତା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧୦୯ ଜଣ ଶିଶୁଙ୍କୁ ମାସିକ ୪, ୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହା ବ୍ୟତୀତ 'ଯଶୋଦା ଯୋଜନା', 'ବେଟି ବାଚାଓ ବେଟି ପଢ଼ାଓ' ଏବଂ 'ଅଦ୍ୱିକା' କାର୍ଯ୍ୟକ୍ରମର ସଫଳରୂପାୟନ ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ମଙ୍ଗଳ କମିଟି ଏବଂ କିଶୋର ନ୍ୟାୟ ବୋର୍ଡର ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାମଚରିତ ମାନସ ଓ ଜ୍ଞାନଯଜ୍ଞ ଉଦ୍‌ଯାପିତ

**ଝାରସୁଗୁଡ଼ା, ୭।୧ (ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଲୋଇସିଙ୍ଗ ପଞ୍ଚାୟତ ଅନ୍ତର୍ଗତ ଠରକଶପୁର ଗାଁ ସ୍ଥିତ ଶ୍ରୀ ଶ୍ରୀ ଲିଙ୍ଗେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଷଷ୍ଠ ତମ ରୁଦ୍ର(ଶିବ) ମହାଯଜ୍ଞ, ତତ୍ତ୍ୱ ରାମଚରିତ ମାନସ ଜ୍ଞାନଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସୋମବାର ୧୫୧ କଘସ ଯାତ୍ରା କରାଯାଇଥିଲା। ପ୍ରତିଦିନ ଅପରାହ୍ଣ ୫ଟାରୁ ସତସଙ୍ଗ ରାମକଥା ଓ ରାତ୍ରି ୮ଟାରେ ପ୍ରସାଦ ବଣ୍ଟନ କରାଯାଇଥିଲା। ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ଷଷ୍ଠ ତମରୁଦ୍ର (ଶିବ) ମହାଯଜ୍ଞ, ତତ୍ତ୍ୱ ଶ୍ରୀରାମଚରିତ୍ର ମାନସ କଥା ଜ୍ଞାନଯଜ୍ଞରେ ଠରକଶପୁର ସ୍ଥିତ ଲିଙ୍ଗେଶ୍ୱର ମହାଦେବ ମନ୍ଦିର ଜନାରଣ୍ୟ ହୋଇଉଠିଥିଲା। ଏହି ମହାଯଜ୍ଞରେ କର୍ତ୍ତା ଭାବେ ଗୌରାପ୍ରଧାନ ଓ ଚନ୍ଦ୍ରିକା ପ୍ରଧାନ ଦାୟିତ୍ୱ ସମ୍ପାଦନ କରୁଥିଲେ। ପଣ୍ଡିତ ରମାକାନ୍ତ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଆଚାର୍ଯ୍ୟ କାହ୍ନା ମିଶ୍ର ଓ ମହାଦେବ ମନ୍ଦିର ପୂଜକ ନବୀନ ମହାପାତ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଶିବ ତଥା ଶ୍ରୀରାମ କୃପା ପରିଷଦ ଠରକଶପୁର ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ମଞ୍ଜୁରି ବଳଦେବ ଜୀଉ ଆଶ୍ରମରୁ ଆସିଥିବା ବାଣୀ ସେବକ ସନ୍ତ ହିମାଂଶୁ ଭୂଷଣ ଦାସ ମହାରାଜଙ୍କ ଦ୍ୱାରା ପ୍ରତେକ ଦିନ ସତସଙ୍ଗ ଶ୍ରୀରାମ କଥାମୃତ ପ୍ରବଚନ ପ୍ରଦାନ କରାଯାଇଥିଲା। ପ୍ରତିଦିନ ଭକ୍ତ ମାନଙ୍କୁ ଆୟୋଜକଙ୍କ ପକ୍ଷରୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା।



ଜିଲ୍ଲାପାଳଙ୍କ 'ସ୍ନେହ-ସେତୁ' ଅଭିଯାନ

# ମଧ୍ୟପ୍ରଦେଶର ଅସହାୟ ମହିଳାଙ୍କ ନିଜ ଘରକୁ ଗଲେ



**ଝାରସୁଗୁଡ଼ା, ୭।୧(ସମିସ):** ଜିଲ୍ଲା ପ୍ରଶାସନର 'ସ୍ନେହ-ସେତୁ' ଅଭିଯାନ ମାଧ୍ୟମରେ ମାନବିକତାର ଅନ୍ୟ ଏକ ସଫଳ କାହାଣୀ ସାମ୍ନାକୁ ଆସିଛି। ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣଙ୍କ ବ୍ୟକ୍ତିଗତ ପଦକ୍ଷେପ ଓ ମାର୍ଗଦର୍ଶନରେ ମଧ୍ୟପ୍ରଦେଶର ଜବଲପୁର ଅଞ୍ଚଳର ଜଣେ ମାନସିକ ଅନଗ୍ରସର ମହିଳା ଦୀର୍ଘ ଦିନର ବ୍ୟବଧାନ ପରେ ନିଜ ପରିବାରକୁ ଫେରି ପାରିଛନ୍ତି। ଜିଲ୍ଲାପାଳଙ୍କ ଉପସ୍ଥିତିରେ ବୁଧବାର ସେହି ମହିଳାଙ୍କୁ ତାଙ୍କ ପରିବାର ସହ ପୁନର୍ମିଳନ କରାଯାଇଛି। ପ୍ରଶାସନର ଏହି ନିରନ୍ତର ସେବା ଓ ମାନବୀୟ ଆଭିମୁଖ୍ୟ ପାଇଁ 'ସ୍ନେହ-ସେତୁ' ଅଭିଯାନ ଆଜି ପରିବାରରୁ ବିଚ୍ଛିନ୍ନ ହୋଇଥିବା ଅନେକ ବ୍ୟକ୍ତିଙ୍କ ପାଇଁ ଆଶାର କିରଣ ସାଜିଛି। ପରିବାରରୁ ବିଚ୍ଛିନ୍ନ ହୋଇଥିବା ବ୍ୟକ୍ତିଙ୍କୁ ନିଜ ସ୍ୱଜନଙ୍କ ପାଖରେ ପହଞ୍ଚାଇବା ହେଉଛି 'ସ୍ନେହ-ସେତୁ'ର ମୂଳ ଲକ୍ଷ୍ୟ। ପ୍ରଶାସନ କେବଳ ନିୟମ ଓ କାର୍ଯ୍ୟ ମଧ୍ୟରେ ସୀମିତ ନରହି ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଜିଲ୍ଲାପାଳ ଶ୍ରୀ ଚୌହାନ କହିଛନ୍ତି। ଏହା ପୂର୍ବରୁ ମଧ୍ୟ ଜିଲ୍ଲାପାଳଙ୍କ ଏହି ଅଭିନବ ପ୍ରୟାସ ଦ୍ୱାରା ଅନେକ ଅସହାୟ ବ୍ୟକ୍ତି ଓ ନିଖୋଜ ଶିଶୁ ନିଜ ଆତ୍ମୀୟଙ୍କ ପାଖକୁ ଫେରିବାରେ ସକ୍ଷମ ହୋଇଛନ୍ତି।

# ପିଏମଶ୍ରୀ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଦେବଗଡ଼, ୭।୧(ସମିସ)**

ତିଳେଇବଣି ବ୍ଲକ ଅଧୀନ ପିଏମଶ୍ରୀ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡା ଖେଳ ପଡ଼ିଆ ଠାରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ପିଏମଶ୍ରୀ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଦମୟନ୍ତୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବକୁ ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହନ୍ତ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ, ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, ଅବସରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ କାର୍ଯ୍ୟକ୍ରମ ସଂଯୋଜନା, ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ହିମାଂଶୁ ଶେଖର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳୁ ବିଦ୍ୟାଳୟ ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଛାତ୍ର ମାନଙ୍କ ଦ୍ୱାରା ମାଁ ରମ୍ଭାଦେବୀ ପୀଠରୁ ଅଣାଯାଇଥିବା ମଶାଲ ପ୍ରତିଯୋଗିତା ସ୍ଥଳକୁ ଅଣାଯାଇଥିଲା। ଶିକ୍ଷୟିତ୍ରୀ ସୁନନ୍ଦା ପାତ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଓ ଶାରୀରିକ ବ୍ୟାୟାମ ପ୍ରଦର୍ଶନ କରିଥିଲେ। କ୍ରୀଡା ଶିକ୍ଷକ ସୂର୍ଯ୍ୟକାନ୍ତ ମହନ୍ତ ଓ ଗୌଡ ସୁଗୁଡା ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ପୁଲିନ ସାହୁଙ୍କ ତତ୍ତ୍ୱାବଧାନରେ ଦୁଇ ଦିନ ଧରି କ୍ରୀଡା ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୋଟ ୨୦ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପରମେଶ୍ୱର ସିଂ, ତ୍ରିବେଣୀକାନ୍ତ ସାହୁ, ମନୋଜ ବେହେରା, କେ.ଅନିଲ, ଆଗ୍ନେସିଅମ ଟେଟେ, ସତ୍ୟ ନାରାୟଣ ବେହେରା, ରଶ୍ମିତା ପ୍ରଧାନ, ପ୍ରତିଭା ଭୋଇ, ପ୍ରୀତିସ୍ମିତା ବାର୍ଲା ଖେଳ ପରିଚାଳନା କରିଥିଲେ। ବରିଷ୍ଠ ବାଳକ ବିଭାଗରେ ଶସୀନ ଧୀବର ଓ ବାଳିକା ବିଭାଗରେ ଲିପ୍ସିକୁରଡିଆ, କନିଷ୍ଠ ବିଭାଗରେ ରୋହିତ ବିଶ୍ୱାଳ, ବାଳିକା ଲିପି କୁରଡିଆ ଚଳିତ ବର୍ଷ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲେ।



ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀଙ୍କ ସଭାପତିତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେଦେରା କୁଜୁରା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପଦ୍ମିନୀ ମହାପାତ୍ର, ପରିଚାଳନା ସମିତି ସଭାପତି ଅଜୟ ପ୍ରଧାନ, ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ପଦ୍ମଲୋଚନ ପ୍ରଧାନ, ବରିଷ୍ଠ ଫୁଟବଲ ଖେଳାଳି ସୁଧୀର ଦାସ ମଞ୍ଚାସୀନ ଥିଲେ। ଏତିଥି ମାନେ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଲବଣୀକାନ୍ତ ପ୍ରଧାନ, ସଦାନନ୍ଦ ସ୍ୱାଇଁ, ବିଭୁତି ଭୂଷଣ ଧଳ, ସାଫଲ୍ୟ ଆଚାର୍ଯ୍ୟ, ଜ୍ଞାନରଞ୍ଜନ ସାମଲ, ସୋନୁ ବିଶ୍ୱାଳ, ସୁଜିତ ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**ସମ୍ବଲପୁର, ୭।୧ (ସମିସ) :** ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ସହ ପ୍ରାଥମିକ ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରି ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ବୁଧବାର ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ କତରବଗା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ରାଜ୍ୟରେ ୧୧୮ଟି ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଭିତ୍ତି ରଖାଯାଇଥିଲା। ତନ୍ମଧ୍ୟରେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ବ୍ଲକ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ, ପାରୁଆଭାଡ଼ି ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖଣ୍ଡୋକଟା ଏବଂ ରେଙ୍ଗାଲି ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ, କତରବଗାଠାରେ ଏହି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା।

କତବଗା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ଡ. ଗୌରୀଦାସ ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ମୁଖ୍ୟ ଅତିଥି ଏବଂ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ପୂର୍ବତନ ବିଧାୟକ ନାଉରୀ ନାୟକ, ସାଂସଦଙ୍କ ପ୍ରତିନିଧି ନବୀନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟ ପ୍ରକାଶ ସାହୁ, ରେଙ୍ଗାଲି ବ୍ଲକ ଶିକ୍ଷାଧିକାରୀ ସପ୍ତର୍ଷି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ହାଇସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

**ଝାରବନ୍ଧ, ୭।୧(ସମିସ)**

ଓଡ଼ିଶା ସରକାରଙ୍କ ପକ୍ଷରୁ ସାରା ରାଜ୍ୟରେ ବୁଧବାର ୧୧୮ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଆଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅଧୀନ ବିଲାସପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଭାସୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଲାସପୁର ଠାରେ ନିର୍ମାଣ ହେବାକୁ ଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସଫଳତାର ସହିତ ସମ୍ପନ୍ନ ହୋଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏଙ୍କ ତତ୍ତ୍ୱାବଧାନରେ ଓ ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତିଙ୍କ ସଭାପତିତ୍ୱରେ ବିଲାସପୁର ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତୁରାମ ନାଏକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ଗୋବର୍ଦ୍ଧନ ଭୁଏ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ସିନିୟର ଟିସି ଏସ-ଅନସାରୀ, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ହରିହର ସାହୁ, ବିଲାସପୁର ସରପଞ୍ଚ ଲକ୍ଷ୍ମୀ ନାଏକ, ବରିଷ୍ଠ ବିଜେପି ନେତା ଡାକ୍ତର ମୋହନ ପ୍ରସାଦ ନାୟକ, ଦୁର୍ଗାପ୍ରସାଦ ଅଗ୍ରୱାଲ, ଝାରବନ୍ଧ ମଣ୍ଡଳ ସଭାପତି ସତ୍ୟମ ପ୍ରଧାନ, ଜଗଦଳପୁର ମଣ୍ଡଳର ପୂର୍ବତନ ସଭାପତି ହରେକୃଷ୍ଣ ପଟେଲ, ବିଲାସପୁର ଗାଁ କମିଟି ସଭାପତି ମନୋରଞ୍ଜନ ବିଶ୍ୱାଳ, ଏବିଇଓ ଦୟାନିଧି କୈବର୍ତ୍ତ, ବିସିକେଶନ ଶତପଥୀ, ଭଣ୍ଡାରଜୋରୀ କ୍ଲଷ୍ଟର ସିଆରସିସି ବିଷ୍ଣୁ ଚରଣ ସାହୁ, ଛୋଟଅନକି ସରପଞ୍ଚ ଚିନ୍ତାମଣି ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହା ସହିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବେଦରାମ ରଣା, ବିପ୍ଳବ କେଶରୀ ପ୍ରଧାନ, ଡୋଲାମଣୀ ବରିହା, ରେଣୁକା ପ୍ରଧାନ, ଆରତି ସାହୁଙ୍କ ସମେତ ଝାରବନ୍ଧ ବ୍ଲକର ସିଆରସିସି ପୁରନ୍ଦର କୁମ୍ଭାର, ନୀଳାମ୍ବର ସାହୁ, ଅକୁର ସାହୁ, ରାଜେନ୍ଦ୍ର ମହାକୁର, କ୍ଷୀରୋଦ ଚନ୍ଦ୍ର ମହାନନ୍ଦ, କରୁଣାକର ପ୍ରଧାନ ଜଗଦୀଶ ସେଠ ଏବଂ କ୍ଲଷ୍ଟର ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ସମସ୍ତ ପ୍ରଧାନ ଶିକ୍ଷକଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ। ଝାରବନ୍ଧ କ୍ଲଷ୍ଟର ସିଆରସିସି ଗୋପାଳ ହରିଜନ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିବା ବେଳେ ସ୍କୁଲ ପରିଚାଳନା କମିଟିର ସଭାପତି କମଲ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ ସିଂ ବରିହା ଉଚ୍ଚ ବିଦ୍ୟାଳୟ

**ପାଇକମାଳ:** ପାଇକମାଳ ବ୍ଲକ ବାଦିକଟାରାଜ ସିଂ ବରିହା ଉଚ୍ଚ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା କମିଶନ ସଦସ୍ୟା ମୁକ୍ତା ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ପାଇକମାଳ ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ରାଜବୋଡାସମ୍ବର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ, ସହ ଶିକ୍ଷା ଅଧିକାରୀ ଜୟ ସାହୁ, ପାଇକମାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦ୍ୱାଦଶ ପ୍ରଧାନ, ବାଦିକଟା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଋଷଭ ସାହୁ, ବିଦ୍ୟାଳୟର ପରିଚାଳନା ସଭାପତି ସନତ ପାତ୍ର, ପ୍ରଧାନ ଶିକ୍ଷକ ନନ୍ଦକିଶୋର ବରିହା ପ୍ରମୁଖ ଯୋଗ ଦେଇଥିଲେ। ଯୋଗଜନ୍ମା ଶିକ୍ଷାବିଦ୍ ପଞ୍ଚସଖାଙ୍କ ଅମର ବ୍ୟକ୍ତିତ୍ୱ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ନାମିତ ଏହି ଯୋଜନାରେ ପ୍ରାଥମିକ ବିଦ୍ୟାଳୟରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ରାଜ୍ୟର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଓ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ପିଲାମାନଙ୍କର ମୌଳିକ ଜ୍ଞାନ ଓ ବୌଦ୍ଧିକ ବିକାଶକୁ ସୁଦୃଢ଼ କରିବା ଏହାର ଉଦ୍ଦେଶ୍ୟ ରହିଛି। ଏହି ଯୋଜନାରେ ନୂଆ କ୍ଲାସରୁମ୍, ବାଳକ ଓ ବାଳିକାମାନଙ୍କ ପାଇଁ ପୃଥକ ଶୌଚାଳୟର ବ୍ୟବସ୍ଥା, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ପାଠାଗାର ଓ ଲାଙ୍ଗୁଏଜ୍ ଲ୍ୟାବ୍, ଖେଳ ପଡ଼ିଆ, ଡାଇନିଂ ହଲ୍, କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ। ଏହା ସହିତ କ୍ରୀଡା, ଶାରୀରିକ ବ୍ୟାୟମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପର ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ସାଂସଦ କହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ସଭାକୁ ସମ୍ବୋଧିତ କରିଥିଲେ। ସାଂକେତିକ ଶୁଭ ଫଳକକୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିଗଣ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ନିରାକାର ପ୍ରଧାନ ଓ ସିଆରସିସି ବୈଷ୍ଣବ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସିଆରସିସି, ପ୍ରଧାନଶିକ୍ଷକ, ବାଦିକଟା ଗ୍ରାମବାସୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।





## ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ




**ରେଢ଼ାଖୋଲ, ୭।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥିତ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ବୁଧବାର ଦିନ ଏନ୍‌ଏସ୍‌ଏସ୍ ଏବଂ ୟାଆରସି ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଅନୁଷ୍ଠାନର ଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା ରାଲି ମହିଳା କଲେଜରୁ ଆରମ୍ଭ ହୋଇ ଭୀମଭୋଇ ଛକ ଓ ରେଢ଼ାଖୋଲ ଟ୍ରାଫିକ ପୋଷ୍ଟ ପର୍ଯ୍ୟନ୍ତ ବାହାରିଥିଲା। ରାଲିକୁ ଅନୁଷ୍ଠାନର ଅଧ୍ୟକ୍ଷ ମମତା ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ସହର ପରିକ୍ରମା ବେଳେ ଛାତ୍ରୀମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନତା କରାଇଥିଲେ।ରାସ୍ତାରେ ଗାଡ଼ି ଚଳାଇବା ବେଳେ ହେଲମେଟ ପିନ୍ଧିବା, ରାସ୍ତା ନିୟମ ମାନି ଗାଡ଼ି ଚଳାଇବା, ସିଟ୍ ବେଲଟ୍ ପିନ୍ଧିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନରେ କଥା ନହେବା ଇତ୍ୟାଦି ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ମୁଣ୍ଡେନପାଲି ଇନ୍ଦିରାଗାନ୍ଧୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜମନକିରା, ୭।୧ (ସମିସ):** ଜମନକିରା ବ୍ଲକ ମୁଣ୍ଡେନପାଲି ଇନ୍ଦିରାଗାନ୍ଧୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପି ରଞ୍ଜନ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟବକ୍ତା ଭାବରେ ଡିପିଏ କଲେଜର ଇଂରାଜୀ ଅଧ୍ୟାପକ ଯତୀନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ସନ୍ଥ କବି ଭୀମ ଭୋଇ ଅଞ୍ଚଳର ଓଡ଼ିଶା ଅଲିମ୍ପିକ ସଂଘ ତଥା ସମ୍ବଲପୁର ଜିଲ୍ଲା ଅଥ୍‌ଲେଟିକ ସଂଘର ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ମୁଣ୍ଡେନପାଲି ସରପଞ୍ଚ ରାଜେଶ କୁମାର ଭୁଏ, ସମିତି ସଭ୍ୟା ରିତା କିସାନ, ବିଦ୍ୟାଳୟ ସଭାପତି ଲକ୍ଷ୍ମଣ କୁମାର ନାଥ ମଞ୍ଚାସିନ ଥିଲେ। ପ୍ରଧାନଶିକ୍ଷକ ଗୋପି ରଞ୍ଜନ ନାଥ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ଅବସରପ୍ରାପ୍ତ କିରାଣୀ ସୁଶିଲ କୁମାର ମିଶ୍ର ସଭା ପରିଚାଳନା କରିଥିଲେ। ବିଦ୍ୟାଳୟରେ ପୂର୍ବରୁ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତା ବାଳକ ବିଭାଗରେ ଦଶମ ଶ୍ରେଣୀର ପ୍ରଶାନ୍ତ ପଧାନ, ବାଳିକା ବିଭାଗରେ ନବମ ଶ୍ରେଣୀର ରିତିକା ମାଝୀ ଚାମ୍ପିଅନ ହୋଇଥିଲେ। ଶିକ୍ଷୟିତ୍ରୀ ଅଞ୍ଜୁ ଲତା ବାଗଙ୍କ ନେତୃତ୍ୱରେ ଜିଲ୍ଲା ଓ ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମଧ୍ୟରେ ନିଖିଲ ବାଗ, ଅମିତ ସିଂ, ରୀତିକା ମାଝୀ, ଆଶୁତୋଷ ପ୍ରଧାନ, ବରୁଣ ମିର୍ଦ୍ଧା, ଲୁକେଶ ମୁଣ୍ଡା, ଓମ ପ୍ରକାଶ ଦଣ୍ଡସେନା, ପ୍ରତ୍ୟୁଷ କୁମାର ବାଗ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ରେ ପ୍ରଭଞ୍ଜନ ପଟେଲ, ସରୋଜ କୁମାର ଗଡ଼ତିଆ, କରୁଣାକର ସାହୁ, ଆଲୋକ ପଣ୍ଡା, ଅଞ୍ଜୁ ଲତା ବାଗ, ବିକାଶ କିସାନ, ବ୍ୟୋମରାଜ କୁସୁମ, ତରଣି ଦଣ୍ଡସେନା, ସହ ପରିଚାଳନା କମିଟୀ ତଥା ଏସଏମ୍‌ଡିସି ସଭ୍ୟମାନେ ସହଯୋଗ କରିଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା।

## ଯାତାୟାତକୁ ସୁଗମ କରିବ ବୈକଳ୍ପିକ ଜାତୀୟ ରାଜପଥ

**ସମ୍ବଲପୁର, ୭।୧ (ସମିସ) :** ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀଠାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀଙ୍କୁ ସାକ୍ଷାତ କରି ସମ୍ବଲପୁରରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ଏକ ବୈକଳ୍ପିକ ଜାତୀୟ ରାଜପଥ ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି। ଓଡ଼ିଶାରେ ବିଭିନ୍ନ ବିକାଶର ମୂଳଦୁଆ ପକାଇଥିବା ନୂତନ ଓଡ଼ିଶାର ବିନ୍ଧାଣି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଓଡ଼ିଶା ବିକାଶରେ ସମ୍ବଲପୁର ଝାରସୁଗୁଡ଼ା ଜାତୀୟ ରାଜପଥ ଏକ ସ୍ୱର୍ଣ୍ଣିମ ପୃଷ୍ଠା ବୋଲି ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି କହିଛନ୍ତି। ଶ୍ରୀ ବକ୍ସି ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ଶିଳ୍ପାନୁଷ୍ଠାନ ଓ ଖଣି ଖାଦାନ ପାଇଁ ସମ୍ବଲପୁର ଏବଂ ଝାରସୁଗୁଡ଼ା ମଧ୍ୟରେ ବଢ଼ୁଥିବା ଗାଡ଼ି ମୋଟର ଭିଡ଼ ଏବଂ ଭାରୀଯାନ ଚଳାଚଳକୁ ଦୃଷ୍ଟିରେ ରଖି ଏହି ନୂତନ ରାଜପଥର ଆବଶ୍ୟକତା ରହିଛି। ଏହି ଜାତୀୟ ରାଜପଥ ଦ୍ୱାରା ଅଞ୍ଚଳର ଟ୍ରାଫିକ ବ୍ୟବସ୍ଥା ବହୁମାତ୍ରାରେ ସୁଧୁରିବ। ଏହି ପ୍ରକଳ୍ପ କେବଳ ଯାତାୟାତ ସହଜ କରିବ ନାହିଁ, ବରଂ ଓଡ଼ିଶାର ଶିଳ୍ପାୟନ ଏବଂ ଆଞ୍ଚଳିକ ବିକାଶ କ୍ଷେତ୍ରରେ ଏକ 'ମାଇଲଖୁଣ୍ଟ' ସାବ୍ୟସ୍ତ ହେବ। ଶ୍ରୀ ବକ୍ସି ଆହୁରି କହିଛନ୍ତି ଯେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ସମ୍ବଲପୁର ସହରର ଟ୍ରାଫିକ ସମସ୍ୟା ଦୂର ପାଇଁ ପ୍ରାୟ ୩୭୪ କୋଟି ଟଙ୍କା ବ୍ୟୟରେ ୬-ଲେନ୍ ବିଶିଷ୍ଟ ୩.୫ କିମି ଲମ୍ବର ଅଇଁଠାପାଲି ଫ୍ଲାଏଓଭର ମଞ୍ଜୁର ହୋଇ ଦ୍ରୁତଗତିରେ ନିର୍ମାଣ କାର୍ଯ୍ୟ ଚାଲିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ପ୍ରାୟ ୧, ୦୮୬ କୋଟି ଟଙ୍କା ବ୍ୟୟରେ ୩୫ କିମି ଲମ୍ବର ଏକ ନୂତନ ୪-ଲେନ୍ ବାଇପାସ ପାଇଁ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆରମ୍ଭ କରିଛନ୍ତି।

## ବାଇକ ଦୁର୍ଘଟଣାରେ ଜଣେ ଗୁରୁତର

**କୁଚିଣ୍ଡା, ୭।୧(ସମିସ):** ବାମରା ଗଡ଼ପୋଷ ମୁଖ୍ୟ ରାସ୍ତା ସ୍ଥିତ ମହୁଲଛାପଲ୍ ବୁଲାଣୀରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଝାରସୁଗୁଡ଼ା ମାଲିମୁଣ୍ଡାର ଜସ୍କେତନ ବାଗ ଓ ବିଶ୍ୱଜିତ୍ ବାଗ ମଙ୍ଗଳବାର ସନ୍ଧ୍ୟାରେ ବାଇକ୍ ଯୋଗେ ଡାଲମିଆ କଲେଜ୍‌ରୁ ନିଜ ଘରକୁ ଫେରୁଥିବା ବେଳେ ମହୁଲଛାପଲ ବୁଲାଣି ରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କୁ ଉଦ୍ଧାର ଜାରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତଙ୍କ ପରଲୋକ

**ସମ୍ବଲପୁର, ୭।୧ (ସମିସ) :** ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ, ସମ୍ବଲପୁରର ପ୍ରାକ୍ତନ ସଂସ୍କୃତ ଶିକ୍ଷକ, ବେଦାଚାର୍ଯ୍ୟ ବେଦପାଠୀ



ହୃଷୀକେଶ ମିଶ୍ରଙ୍କ ୮୬ ବର୍ଷ ବୟସରେ ବଳରାମପୁର, ତଳମୁଲ ଶାସନ, ଯାଜପୁରଠାରେ ପରଲୋକ ହୋଇଯାଇଛି। ତାଙ୍କ ପଛରେ ପତ୍ନୀ ଶୈଳବାଳା, ଝିଅ କଲ୍ୟାଣୀ ଓ କଳ୍ପନା, ଝିଅ ଅକ୍ଷୟ ଓ ମେଘନାଦ, ନାତି ପିୟୁଷ ଓ ପରିବାରବର୍ଗ ଅଛନ୍ତି। ସଂସ୍କୃତ ପଣ୍ଡିତଙ୍କ ବିୟୋଗରେ ଜିଲ୍ଲା ସ୍କୁଲର ସହକର୍ମୀ ତଥା ପୁରାତନ ଛାତ୍ର ମହଲରେ ଶୋକର ଛାୟା ଖେଳିଯାଇଛି।

## ପ୍ରଦୂଷଣ ବନ୍ଦ ପାଇଁ କଂଗ୍ରେସର ଧାରଣା

**ଭବାନୀପାଟଣା, ୭।୧(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ସ୍ଥିତ ବେଦାନ୍ତ କମ୍ପାନୀ ଦ୍ୱାରା ଫ୍ଲାଏ ଆସ ପ୍ରଦୂଷଣ ଲାଞ୍ଜିଗଡ଼ ତଥା ଅଖପାଖ ଅଞ୍ଚଳରେ ଦିନକୁ ଦିନ ବଢ଼ି ଚାଲିଛି। ରେଡମଡ ପଣ୍ଡ ଯୋଗୁଁ ଅଖପାଖ ଗାଁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏପରିକି ରାସ୍ତା ନିର୍ମାଣ, ଇଟା ତିଆରି କାରଖାନାରେ ଫ୍ଲାଏଆସ ବ୍ୟବହାର ଦ୍ୱାରା ପ୍ରଦୂଷଣ ବଢୁଛି। ଏହାର ପ୍ରତିବାଦରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଳାହାଣ୍ଡି ଜିଲ୍ଲାକଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇ ସମ୍ପୂର୍ଣ ଭାବେ ପ୍ରଦୂଷଣ ବନ୍ଦ କରିବାପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଭାରତ ବେମାଲ, ମହିଳା ସଭାନେତ୍ରୀ ଦ୍ରୌପଦୀ ମାଝୀ, ବରିଷ୍ଠ ନେତାଧନୁ ଗହୀର, ସନ୍ତୋଷ ମୁଣ୍ଡ, ସରୋଜ ବାଗ, ମହମ୍ମଦ ସାହେବ, ମୁରଲୀ ନାଏକ ସମେତ ଜିଲ୍ଲାର ସମସ୍ତ ବ୍ଲକର କଂଗ୍ରେସ କର୍ମକର୍ତ୍ତା ସାମିଲ ହୋଇଥିଲେ।

### ଉଠା ଜଳସେଚନ ବିଭାଗର ମନମାନୀ

## କ୍ଲଷ୍ଟର ବୋରୱେଲରେ ହେଉନି ବିଦ୍ୟୁତ୍ ସଂଯୋଗ

**କୋମନା, ୭।୧ (ସମିସ):** ସରକାର ଚାଷୀଙ୍କ ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁଁ ଫଳ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ମହୁଲଭଟା ଗାଁରେ ଦେଖିବାକୁ ମିଳିଛି। ଏଠାରେ କ୍ଲଷ୍ଟର ବୋରୱେଲ୍ ଖନନ ହେବାର ଦୀର୍ଘ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ।ଦୁଇ ବର୍ଷ ପୂର୍ବରୁ ବୋରୱେଲ୍ କାମ ଶେଷ ହୋଇଥିଲା। ଚାଷୀମାନେ ଆଶା କରିଥିଲେ ଯେ ସେମାନେ ନିଶ୍ଚିତ ଭାବେ ଜଳସେଚନର ସୁବିଧା ପାଇବେ। ହେଲେ ବିଦ୍ୟୁତ୍ ବିଭାଗ ଉଦାରତା ରହୁ ନଥିବାରୁ ବିଦ୍ୟୁତ୍ ଖୁଣ୍ଟ ଲାଗିଲେ ମଧ୍ୟ ତାର ଲାଗିବାରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଅପରପକ୍ଷେ ପାଣି ଅଭାବରୁ ଚାଷୀମାନେ ରବି ଚାଷ ଓ ପନିପରିବା ଚାଷ କରିବାରୁ ବଞ୍ଚିତ ହେଉଛନ୍ତି। ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ତଥା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଜଣାଇବା ପରେ ମଧ୍ୟ କେବଳ ପ୍ରତିଶ୍ରୁତି ଛଡ଼ା କିଛି ମିଳୁନାହିଁ। ଯଦି ତୁରନ୍ତ ବିଦ୍ୟୁତ ସଂଯୋଗ ଦିଆନଯାଏ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।ଜିଲ୍ଲା ପ୍ରଶାସନ ଏବଂ ଉଠା ଜଳସେଚନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ତୁରନ୍ତ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

### ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

## ଚାଷରୁ କୋଟିପତି ହୋଇଥିବା କୃଷକ ଜିଲ୍ଲାର ଗର୍ବ

**ନୂଆପଡ଼ା, ୭।୧(ସମିସ)**

ନୂଆପଡ଼ାରେ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସ୍ଥାନୀୟ ପୁଲିସ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସାଂସଦ ପ୍ରତିନିଧି ପ୍ରସନ୍ନ କୁମାର ପାଢ଼ୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଖେନ୍ଦୁ ରାୟ, ବଲାଙ୍ଗିର ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସାଧିକାରୀ ଡ. ସାରଦା ପ୍ରସାଦ ସିଂ ବରିହା, କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଅବସରପ୍ରାପ୍ତ ଯୁଗ୍ମ ସଚିବ ଡ.ବାସୁଦେବ ସୁନାନି, ଜିଲ୍ଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଲବ ସୋରେନ ଏବଂ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜନ କୁମାର ସାହୁ ପ୍ରମୁଖ ଯୋଗଦାନ କରି ଗୋ ପୂଜନ ସହ ମେଳାର ଶୁଭାରମ୍ଭ କରିଥିଲେ।ମେଳାର ଲକ୍ଷ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦର ଅଭିବୃଦ୍ଧି ସହ ରାଜ୍ୟର ଚାଷୀଙ୍କ ସମୃଦ୍ଧି। ମେଳାରେ ବିଭିନ୍ନ ବିଭାଗର ୧୯ଟି ଷ୍ଟଲ ଲାଗିଛି। ପ୍ରାଣୀ ଚିକିତ୍ସାଧିକାରୀ ଡ. ରାୟ ମତ୍ସ୍ୟ ଓ ପଶୁପାଳନ ମାଧ୍ୟମରେ ମହିଳା ସଶକ୍ତିକରଣ, ଦାଦନ ସମସ୍ୟାର ନିରାକରଣ ଏବଂ ସର୍ବୋପରି ସ୍ୱାବଲମ୍ବୀ ହେବା ପାଇଁ ଆହ୍ୱାନ କରିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସରକାରୀ ଯୋଜନା ଗୁଡିକ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅଭିଭାଷଣରେ ଜିଲ୍ଲାପାଳ କୃଷକର ଉନ୍ନତି ପାଇଁ ପ୍ରାଣୀସମ୍ପଦ ବିଭାଗର ସହଯୋଗ ବହୁ ମହତ୍ତ୍ୱ ରହିଛି ବୋଲି



କହିଥିଲେ। ଜିଲ୍ଲାରେ ଚାଷ କରି କୋଟିପତି ହୋଇଥିବା କୃଷକମାନେ ଜିଲ୍ଲାର ଗର୍ବ, ଗୌରବ ଓ ଅନ୍ୟମାନଙ୍କ ପାଇଁ ଆଦର୍ଶ ବୋଲି ଜିଲ୍ଲାପାଳ କହିଥିଲେ। ଏହି ଅବସରରେ ଗୋପାଳନ ପାଇଁ ଦେବକୀ ସା, ମତ୍ସ୍ୟ ଚାଷ ପାଇଁ ଜୟ ମା'ସନ୍ତୋଷି ସ୍ୱୟଂ ସହାୟିକା ଗୋଷ୍ଠୀ, ଭୂମିସୂତା ଖର୍ସେଲଙ୍କୁ ଜୈବ ପୁଞ୍ଜି ମାଧ୍ୟମରେ ମାଛ ଚାଷ ପାଇଁ ସମ୍ମାନିତ କରାଯାଇଥିଲା। ବୈଜ୍ଞାନିକ ଚାଷୀ ଆଲୋଚନାଚକ୍ରରେ ଡ.ଲବ ସୋରେନ, ଡ.ବାସୁଦେବ ସୁନାନୀ, ଡ.ଶାରଦା ପ୍ରସାଦ ସିଂ ବରିହା, ବିଜନ କୁମାର ସାହୁ, ଡ଼.ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଚାଷୀଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ମେଳାରେ ପ୍ରାଣୀ ସମ୍ପଦ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମତ୍ସ୍ୟ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ପର୍ଯ୍ୟଟନ ବିଭାଗ, ପୁଲିସ, ଅଗ୍ନିଶମ ବିଭାଗ, ଓମଫେଡ, ହସ୍ତତନ୍ତ ବିଭାଗ, ମିଶନ ଶକ୍ତି, ଗୃହ ଉଦ୍ୟୋଗ, ଜିଲ୍ଲା ଶିଳ୍ପ କେନ୍ଦ୍ର ଅଂଶ ଗ୍ରହଣ କରିଥିଲେ। ମେଳାରେ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାରର ଘାସ ଚାଷ, ହାଇଡ୍ରୋପୋନିକ୍ସ ପଦ୍ଧତି, ଆଜୋଲା ଉତ୍ପାଦନ, ଗିର ଗାଈ, ସାହିୱାଲ ଗାଈ, ଶଙ୍କର ଜାତୀୟ ହୋଲଷ୍ଟିନ ଗାଈ, କୃତ୍ରିମ ପ୍ରଜନନ ପଦ୍ଧତିରେ ଜନ୍ମିତ ବ୍ଲାକ ବେଙ୍ଗଲ ଛେଳି, ଗଞ୍ଜାମ ଛେଳି, ଗୁଣ୍ଡୁରି ଚଢ଼େଇ, ଅଣ୍ଡା ଦିଆ କୁକୁଡ଼ା, ହଂସଲି କୁକୁଡ଼ା, ଦେଶୀ ବତକ, ବନରାଜ କୁକୁଡ଼ା, ଠେକୁଆ, ମାଛ ହ୍ୟାଚେରି, ବାୟୋଫ୍ଲକ ଟ୍ୟାଙ୍କ, ନର୍ସରୀ ଟ୍ୟାଙ୍କ, ସମନ୍ୱିତ କୃଷି ଇତ୍ୟାଦି ପ୍ରଦର୍ଶିତ ହେଉଛି।

## ୨୦୦୩ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



**ଝାରବନ୍ଧ, ୭।୧(ସମିସ):** ଝାରବନ୍ଧ ବ୍ଲକ ଚନ୍ଦ୍ରମଣିପୁର ଉଚ୍ଚ ବିଦ୍ୟାଳୟର ୨୦୦୩ ବ୍ୟାଚ୍ ପୁରାତନ ଛାତ୍ରମାନଙ୍କ ବନ୍ଧୁ ମିଳନ ପେଟଲି ଝରଣ ପରିସରରେ ସମ୍ପନ୍ନ ହୋଇଛି। ଦୀର୍ଘ ବର୍ଷ ପରେ ପୁନର୍ମିଳନ ହେବାରୁ ସମସ୍ତ ବନ୍ଧୁମାନଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଲୋକେଶ ଭୋଇ, ରବି ଲାଲ ପଟେଲ, ପ୍ରଦୀପ କୁଶଲ, ଭୋଜ ପଟେଲ, ରୋମାଞ୍ଚ ପ୍ରଧାନ, ଦିଲୀପ ପ୍ରଧାନ, ସମ୍ପଦ ସିଦାର, ଗୋବିନ୍ଦ ବେଟକାର, ଟିକେଲାଲ ବରିହା, ରାମଚନ୍ଦ୍ର ପଟେଲ, ସଞ୍ଜୀବ ବାରିକ, ଶଶୀ ପଟେଲ, ଶିବା ବୁଡେକ, ମନୋଜ ବରିହା, ମହେନ୍ଦ୍ର ପଟେଲ, ପ୍ରଦୀପ ମଙ୍ଗରି, ହରିଶ ବରିହା, ମହେନ୍ଦ୍ର କୈବର୍ତ୍ତ ସମ୍ପଦ ସିଦାର ହରିଶ ବରିହା ସହ ଅନ୍ୟାନ୍ୟ ପୁରାତନ ଛାତ୍ରମାନେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଜୀବନର ମଧୁର ସ୍ମୃତି ଓ ସ୍କୁଲ ଦିନର ଅନୁଭବକୁ ନେଇ ଭାବବିନିମୟ ହୋଇଥିଲା।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 05.01.2026
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

## କଳାହାଣ୍ଡି ଉତ୍ସବ 'ଘୁମୁରା'

# ଦୁଲୁକିଲା କଲମପୁର ମିନି ଷ୍ଟାଡିୟମ

**କଲମପୁର, ୭ ।୧(ସମିସ)**

କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । କଲମପୁର ଇଷ୍ଟଦେବୀ ମାଁ ଲଙ୍କେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ କଲମପୁର ନିର୍ମାଲ୍ୟ କ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ବିରାଟ ପଟୁଆରରେ ମଶାଲ ଯାତ୍ରା ଶୁଭାରମ୍ଭ ହୋଇଥିଲା । ବ୍ଲକ ଅଧ୍ୟକ୍ଷା ଜ୍ୟୋତି ନାଏକ ମଶାଲ ଧାରଣ କରିଥିବା ବେଳେ ବିଡିଓ ବିଜୟ ମାଣ୍ଡାଙ୍ଗି ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଏଥିରେ ସହସ୍ରାଧିକ ଜନ ସମାଗମ ହୋଇଥିବା ବେଳେ ଘଣ୍ଟବାଦ୍ୟ, ଘୁମୁରା, ଡ୍ରମ ଓ ମେଲୋଡି ବାଜାର ତାଳେ ତାଳେ ମଶାଲ ଯାତ୍ରା କଲମପୁର ମିନି ଷ୍ଟାଡିୟମ ପଡ଼ିଆ ତଥା କଳାହାଣ୍ଡି ଉତ୍ସବ ମଞ୍ଚ ନିକଟକୁ ପହଞ୍ଚି ଥିଲା । ସେଠାରେ ମଶାଲ ସ୍ଥାପନ ସହିତ କଳାହାଣ୍ଡି ଉତ୍ସବ ପତାକାକୁ ଉତ୍ତୋଳନ କଲାପରେ ସଭାକାର୍ଯ୍ୟ ଆରମ୍ଭ




ହୋଇଥିଲା । ଏଥିରେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ନାଏକଙ୍କ ସମେତ ସମସ୍ତ ସରପଞ୍ଚ ସମସ୍ତ ସମିତି ସଦସ୍ୟ ଉପସ୍ଥିତ ଥିଲେ । ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କଳାର ହାଣ୍ଡି କଳାହାଣ୍ଡି, ଏଥିରେ ଲୁଚି ରହିଥିବା କଳା ସଂସ୍କୃତି ଐତିହ୍ୟ, ପରମ୍ପରା ଲୋକବାଦ୍ୟ ଓ ସଙ୍ଗୀତର ସମାବେଶକୁ ନେଇ ବକ୍ତାମାନେ ନିଜ ନିଜ ଅଭିଭାଷଣ ରଖିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ଏଥିରେ କବି ମାନେ ସ୍ୱରଚିତ କବିତା ଗୁଡିକ ପଠନ କରିଥିଲେ । ଏହାପରେ ଆରମ୍ଭ ହୋଇଥିଲା ନୃତ୍ୟ ଗୀତର ଆସର, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କୁନିକୁନି କଳାକାରଙ୍କୁ ନେଇ ଏକକ ଓ ଦଳଗତ ନୃତ୍ୟ ପରିବେଷଣ ହୋଇଥିଲା, ବିଭିନ୍ନ ବିଦ୍ୟାଳୟ ଓ କଲେଜର ଛାତ୍ରଛାତ୍ରୀ ସକ୍ରିୟ ଅଂଶ ଗ୍ରହଣ କରିଥିବା ବେଳେ ଅଧ୍ୟାପକ ଅଧ୍ୟାପିକା ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇ ସହଯୋଗ କରିଥିଲେ । ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିବା ସହିତ ନିଜ ନିଜ କାର୍ଯ୍ୟାଳୟ ବାବଦରେ ସୂଚନା ପ୍ରଦର୍ଶିତ କରିଥିଲେ ।ପୁଲିସ ପ୍ରଶାସନ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସଜାଗ ରହିଥିବା ବେଳେ ପରିଚାଳନାରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ଥୁଆମୂଳ ରାମପୁର ବ୍ଲକ ବିଜେପି ପ୍ରଭାରି ଘନଶ୍ୟାମ ନାଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ରାମପୁର ପଞ୍ଚାୟତ

**ମରାମପୁର, ୭ ।୧(ସମିସ):** କଳାହାଣ୍ଡି ଉତ୍ସବ ଘୁମୁରାର ମ.ରାମପୁର ପଞ୍ଚାୟତସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମ.ରାମପୁର ସରପଞ୍ଚ ବୀଣାପାଣି ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଡୋ କରି ମନ୍ଦିରରୁ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଉତ୍ସବସ୍ଥଳୀ ବିଜୁ କଲ୍ୟାଣ ମଣ୍ଡପକୁ ଆସିଥିଲା । ମଶାଲ ଯାତ୍ରାରେ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ । ମଶାଲ ଶୋଭାଯାତ୍ରା ପରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ସରପଞ୍ଚ ଶ୍ରୀମତୀ ସାହୁଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟ ଅତିଥି, ସମିତି ସଭ୍ୟା ପ୍ରତା ମାଝୀ, ନାଏବ ସରପଞ୍ଚ ପ୍ରଶାନ୍ତ ମହାରଣା, ପିଇଓ ହେମାନନ୍ଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସାମ୍ବାଦିକ ହେମନ୍ତ ସାହୁ ସଭା ପରିଚାଳନା କରିଥିଲେ । ପରେ ବିଭିନ୍ନ ବିଦ୍ୟାଳୟ ଓ ସର୍ବ ସାଧାରଣ ସ୍ତରୀୟ ପ୍ରତିଯୋଗିତା ଗୁଡ଼ିକ ଅନୁଷ୍ଠିତ ହୋଇ ଥିଲା । ପରେ ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ସଭାରେ ଶ୍ରୀମତୀ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ଅଧ୍ୟାପକ ସୁବୋଧ କୁମାର ଶତପଥୀ, ସମ୍ମାନୀତ ଅତିଥି ସମାଜ ସେବୀ ବିକାଶ ରଞ୍ଜନ ସିଂହ ଦେଇ ଉପସ୍ଥିତ ରହି ଥିଲେ । ଏହି ଅବସରରେ ତିନିଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରସ୍କାର ବିତରଣ ପରେ କନ୍ଧମାଳ କଳା ବିକାଶ କେନ୍ଦ୍ରର କଳାକାରଙ୍କ




ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସମାଜସେବୀ ସତ୍ୟ ନାରାୟଣ ସାହୁ, ସଂଯୁକ୍ତା ପୁରୋହିତ, ଅନୀଲ କୁମାର ଦାଶ, ଉଦ୍ଧବ ପଣ୍ଡା, ଭାଗବତ ଘିବେଲା, ରଜନୀକାନ୍ତ ମହାଖୁଡ଼, ପ୍ରଶାନ୍ତ ସାମନ୍ତରା, ଭଗବାନ ଭୋଇଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ, ସଭ୍ୟା ସହଯୋଗ କରିଥିଲେ ।

## ଝଲସୁଛି ଯୋଗମାୟା ପୀଠ ମଣ୍ଡପ



**କୋକସରା, ୭ ।୧ (ସମିସ):** କୋକସରା ବ୍ଲକ ସଦର ମହକୁମାସ୍ଥିତ ଗୁଡହାଣ୍ଡି ମଞ୍ଚରେ ବୁଧବାର ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ୨୦୨୬ ଉଦ୍‌ଘାଟିତ ହୋଇଛି । ପ୍ରଥମେ କଳାହାଣ୍ଡିର ଆରାଧ୍ୟ ଦେବତା ଆମପାଣିର ବୁଢ଼ାରଜା ଦେବଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରା କୋକସରା ପହଞ୍ଚିଥିଲା ।ସେହିପରି ଲଡୁଗାଁରୁ ଶୀତଳା ଦେବୀ, ପରେ କୋକସରା ମା'ଠାକୁରାଣୀ ମନ୍ଦିରରୁ ମଧ୍ୟ ମଶାଲ ଶୋଭାଯାତ୍ରା ବାହାରିଥିଲା । ସମସ୍ତ ଦେବାଦେବୀଙ୍କ ମଶାଲ ଏକତ୍ରିତ ହେବା ପରେ ପାରମ୍ପରିକ ବାଦ୍ୟ ଘୁମୁରା, ବନାବାଡି, ସଂକିର୍ତନ ଦଳ, କଣ୍ଢେଇ ନାଚ, ଶତନାମ ନୃତ୍ୟ ସହ ଆଦିବାସୀ ବେଶଭୂଷାରେ ବିଭିନ୍ନ ନୃତ୍ୟ ଦଳ ମଶାଲ ଯାତ୍ରାରେ ସାମିଲ ହୋଇଥିଲେ । ପରେ ଦେବାଦେବୀଙ୍କ ମଶାଲ ଉତ୍ସବ ପଡ଼ିଆ ନିକଟରେ ପହଞ୍ଚିବା ପରେ ଗୁଡହାଣ୍ଡି ମଞ୍ଚ ନିକଟକୁ ପାଛୋଟି ନେଇ ମଶାଲ ସ୍ଥାପନ କରିଥିଲେ । ବିଡିଓ ଡ଼.ହିମାଞ୍ଚଳ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ରୀତା ଅଗ୍ରୱାଲ ଯୋଗଦେଇ ଅନୁଷ୍ଠାନିକ ଭାବେ ମଞ୍ଚ ଉଦ୍‌ଘାଟନ କରିଥିଲେ । ବିଡିଓ ଶ୍ରୀମାଝୀ, ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଓମ୍ଫେଡ ସଭାପତି ତଥା କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ମୋଟେର ଜୋନ ଜିଲ୍ଲାପରିଷଦ ସଭ୍ୟା ବୈଜୟନ୍ତୀ ପୁଝାରୀ, ସମିତିସଭ୍ୟ ସଭାପତି ଘନଶ୍ୟାମ ନାଏକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, କୋକସରା ଥାନା ଅଧିକାରୀ ସୁଜ୍ଞାନ ବାରିକ ପ୍ରମୁଖ ମଞ୍ଚାସିନ ଥିଲେ । ବିଡିଓ ଡ଼. ମାଝୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଉଦେଶ୍ୟ ଜ୍ଞାପନ କରିଥିଲେ । ଅଧ୍ୟାପକ ମୋହନ ଚରଣ ବିଶି ମଞ୍ଚ ପରିଚାଳନା କରିଥିଲେ । ପରିଶେଷରେ ତହସିଲଦାର ଶ୍ରୀପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସାଂସ୍କୃତିକ ଦଳ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଉତ୍ସବ କମିଟି ପକ୍ଷରୁ ସ୍ୱତନ୍ତ୍ର ଭାବେ ଷ୍ଟଲ କରିଥିବା ବେଳେ କୃଷି ବିଭାଗ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ସ୍ୱାସ୍ଥ୍ୟ ବିଭାଗ, ମିଶନ ଶକ୍ତି ମାଧ୍ୟମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଛତୁ, ଧୂପକାଠି, ଜୈବିକ ସାର, କୁମ୍ଭକାରଙ୍କ ମାଟି ତିଆରି ସାମଗ୍ରୀ ଆଦି ପ୍ରଦର୍ଶିତ ହୋଇଛି । ବ୍ଲକ ପ୍ରଶାସନ ପକ୍ଷରୁ ଜିପିଡ଼ିଓ ମିଲୁ ପ୍ରଧାନୀ, ସମସ୍ତ କନିଷ୍ଠ ଯନ୍ତ୍ରୀ ସମେତ ଉତ୍ସବ କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ଚଳିତବର୍ଷ କେସିଙ୍ଗା ଗୁର୍ଜିମୁଣ୍ଡାସ୍ଥିତ ଯୋଗମାୟା ପୀଠ ମନ୍ଦିର ଆକୃତିରେ ଗୁଡହାଣ୍ଡି ମଞ୍ଚରେ ତିଆରି କରାଯାଇଛି, ଯାହା ଦର୍ଶନଙ୍କୁ ବେଶ୍ ଆକୃଷ୍ଟ ହୋଇଥିବା ବେଳେ ଝଲସୁଛି ଯୋଗମାୟା ପୀଠ ମଣ୍ଡପ ।

# ପ୍ରଦୂଷଣ ବନ୍ଦ ପାଇଁ କଂଗ୍ରେସର ଧାରଣା

**ଭବାନୀପାଟଣା, ୭ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ସ୍ଥିତ ବେଦାନ୍ତ କମ୍ପାନୀ ଦ୍ୱାରା ଫ୍ଲାଏ ଆସ ପ୍ରଦୂଷଣ ଲାଞ୍ଜିଗଡ଼ ତଥା ଅଖପାଖ ଅଞ୍ଚଳରେ ଦିନକୁ ଦିନ ବଢ଼ି ଚାଲିଛି । ରେଡମଡ ପଣ୍ଡ ଯୋଗୁଁ ଅଖପାଖ ଗାଁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏପରିକି ରାସ୍ତା ନିର୍ମାଣ, ଇଟା ତିଆରି କାରଖାନାରେ ଫ୍ଲାଏଆସ ବ୍ୟବହାର ଦ୍ୱାରା ପ୍ରଦୂଷଣ ବଢୁଛି । ଏହାର ପ୍ରତିବାଦରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଳାହାଣ୍ଡି ଜିଲ୍ଲାକଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇ ସମ୍ପୂର୍ଣ୍ଣ ଭାବେ ପ୍ରଦୂଷଣ ବନ୍ଦ କରିବାପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଭାରତ ବେମାଲ, ମହିଳା ସଭାନେତ୍ରୀ ଦ୍ରୋପଦୀ ମାଝୀ, ବରିଷ୍ଠ ନେତାଧନୁ ଗହୀର, ସନ୍ତୋଷ ମୁଣ୍ଡ, ସରୋଜ ବାଗ, ମହମ୍ମଦ ସାହେବ, ମୁରଲୀ ନାଏକ ସମେତ ଜିଲ୍ଲାର ସମସ୍ତ ବ୍ଲକର କଂଗ୍ରେସ କର୍ମକର୍ତ୍ତା ସାମିଲ ହୋଇଥିଲେ ।



## ଉଠା ଜଳସେଚନ ବିଭାଗର ମନମାନୀ

## କ୍ଲଷ୍ଟର ବୋରୱେଲରେ ହେଉନି ବିଦ୍ୟୁତ୍ ସଂଯୋଗ

**କୋମନା, ୭ ।୧ (ସମିସ):** ସରକାର ଚାଷୀଙ୍କ ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁଁ ଫଳ ହେଉଛି । ଏହାର ଜ୍ୱଳନ୍ତ ଉଦାହରଣ ମହୁଲଭଟା ଗାଁରେ ଦେଖିବାକୁ ମିଳିଛି । ଏଠାରେ କ୍ଲଷ୍ଟର ବୋରୱେଲ୍ ଖନନ ହେବାର ଦୀର୍ଘ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ ।ଦୁଇ ବର୍ଷ ପୂର୍ବରୁ ବୋରୱେଲ୍ କାମ ଶେଷ ହୋଇଥିଲା । ଚାଷୀମାନେ ଆଶା କରିଥିଲେ ଯେ ସେମାନେ ନିଶ୍ଚିତ ଭାବେ ଜଳସେଚନର ସୁବିଧା ପାଇବେ । ହେଲେ ବିଦ୍ୟୁତ୍ ବିଭାଗ ଉଦାରତା ରହୁ ନଥିବାରୁ ବିଦ୍ୟୁତ୍ ଖୁଣ୍ଟ ଲାଗିଲେ ମଧ୍ୟ ତାର ଲାଗିବାରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି । ଅପରପକ୍ଷେ ପାଣି ଅଭାବରୁ ଚାଷୀମାନେ ରବି ଚାଷ ଓ ପନିପରିବା ଚାଷ କରିବାରୁ ବଞ୍ଚିତ ହେଉଛନ୍ତି । ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ତଥା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଜଣାଇବା ପରେ ମଧ୍ୟ କେବଳ ପ୍ରତିଶ୍ରୁତି ଛଡ଼ା କିଛି ମିଳୁନାହିଁ । ଯଦି ତୁରନ୍ତ ବିଦ୍ୟୁତ ସଂଯୋଗ ଦିଆନଯାଏ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।ଜିଲ୍ଲା ପ୍ରଶାସନ ଏବଂ ଉଠା ଜଳସେଚନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ତୁରନ୍ତ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।




## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

# ଚାଷରୁ କୋଟିପତି ହୋଇଥିବା କୃଷକ ଜିଲ୍ଲାର ଗର୍ବ

**ନୂଆପଡ଼ା, ୭ ।୧(ସମିସ)**

ନୂଆପଡ଼ାରେ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସ୍ଥାନୀୟ ପୁଲିସ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ସାଂସଦ ପ୍ରତିନିଧି ପ୍ରସନ୍ନ କୁମାର ପାଢ଼ୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଖେନ୍ଦୁ ରାୟ, ବଲାଙ୍ଗିର ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସାଧିକାରୀ ଡ. ସାରଦା ପ୍ରସାଦ ସିଂ ବରିହା, କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଅବସରପ୍ରାପ୍ତ ଯୁଗ୍ମ ସଚିବ ଡ.ବାସୁଦେବ ସୁନାନି, ଜିଲ୍ଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଲବ ସୋରେନ ଏବଂ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜନ କୁମାର ସାହୁ ପ୍ରମୁଖ ଯୋଗଦାନ କରି ଗୋ ପୂଜନ ସହ ମେଳାର ଶୁଭାରମ୍ଭ କରିଥିଲେ ।ମେଳାର ଲକ୍ଷ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦର ଅଭିବୃଦ୍ଧି ସହ ରାଜ୍ୟର ଚାଷୀଙ୍କ ସମୃଦ୍ଧି । ମେଳାରେ ବିଭିନ୍ନ ବିଭାଗର ୧୯ଟି ଷ୍ଟଲ ଲାଗିଛି । ପ୍ରାଣୀ ଚିକିତ୍ସାଧିକାରୀ ଡ. ରାୟ ମତ୍ସ୍ୟ ଓ ପଶୁପାଳନ ମାଧ୍ୟମରେ ମହିଳା ସଶକ୍ତିକରଣ, ଦାଦନ ସମସ୍ୟାର ନିରାକରଣ ଏବଂ ସର୍ବୋପରି ସ୍ୱାବଲମ୍ବୀ ହେବା ପାଇଁ ଆହ୍ୱାନ କରିଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସରକାରୀ ଯୋଜନା ଗୁଡିକ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଅଭିଭାଷଣରେ ଜିଲ୍ଲାପାଳ କୃଷକର ଉନ୍ନତି ପାଇଁ ପ୍ରାଣୀସମ୍ପଦ ବିଭାଗର ସହଯୋଗ ବହୁ ମହତ୍ତ୍ୱ ରହିଛି ବୋଲି କହିଥିଲେ ।



ଜିଲ୍ଲାରେ ଚାଷ କରି କୋଟିପତି ହୋଇଥିବା କୃଷକମାନେ ଜିଲ୍ଲାର ଗର୍ବ, ଗୌରବ ଓ ଅନ୍ୟମାନଙ୍କ ପାଇଁ ଆଦର୍ଶ ବୋଲି ଜିଲ୍ଲାପାଳ କହିଥିଲେ । ଏହି ଅବସରରେ ଗୋପାଳନ ପାଇଁ ଦେବକୀ ସା, ମତ୍ସ୍ୟ ଚାଷ ପାଇଁ ଜୟ ମା'ସନ୍ତୋଷି ସ୍ୱୟଂ ସହାୟିକା ଗୋଷ୍ଠୀ, ଭୂମିସୂତା ଖର୍ସେଲଙ୍କୁ ଜୈବ ପୁଞ୍ଜି ମାଧ୍ୟମରେ ମାଛ ଚାଷ ପାଇଁ ସମ୍ମାନିତ କରାଯାଇଥିଲା । ବୈଜ୍ଞାନିକ ଚାଷୀ ଆଲୋଚନାଚକ୍ରରେ ଡ.ଲବ ସୋରେନ, ଡ.ବାସୁଦେବ ସୁନାନୀ, ଡ.ଶାରଦା ପ୍ରସାଦ ସିଂ ବରିହା, ବିଜନ କୁମାର ସାହୁ, ଡ଼.ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଚାଷୀଙ୍କୁ ମାର୍ଗ ଦର୍ଶନ ଦେଇଥିଲେ । ମେଳାରେ ପ୍ରାଣୀ ସମ୍ପଦ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମତ୍ସ୍ୟ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ପର୍ଯ୍ୟଟନ ବିଭାଗ, ପୁଲିସ, ଅଗ୍ନିଶମ ବିଭାଗ, ଓମଫେଡ, ହସ୍ତତନ୍ତ ବିଭାଗ, ମିଶନ ଶକ୍ତି, ଗୃହ ଉଦ୍ୟୋଗ, ଜିଲ୍ଲା ଶିଳ୍ପ କେନ୍ଦ୍ର ଅଂଶ ଗ୍ରହଣ କରିଥିଲେ । ମେଳାରେ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ । ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାରର ଘାସ ଚାଷ, ହାଇଡ୍ରୋପୋନିକ୍ସ ପଦ୍ଧତି, ଆଜୋଲା ଉତ୍ପାଦନ, ଗିର ଗାଈ, ସାହିୱାଲ ଗାଈ, ଶଙ୍କର ଜାତୀୟ ହୋଲଷ୍ଟିନ ଗାଈ, କୃତ୍ରିମ ପ୍ରଜନନ ପଦ୍ଧତିରେ ଜନ୍ମିତ ବ୍ଲାକ ବେଙ୍ଗଲ ଛେଳି, ଗଞ୍ଜାମ ଛେଳି, ଗୁଣ୍ଡୁରି ଚଢ଼େଇ, ଅଣ୍ଡା ଦିଆ କୁକୁଡ଼ା, ହଂସଲି କୁକୁଡ଼ା, ଦେଶୀ ବତକ, ବନରାଜ କୁକୁଡ଼ା, ଠେକୁଆ, ମାଛ ହ୍ୟାଚେରି, ବାୟୋଫ୍ଲକ ଟ୍ୟାଙ୍କ, ନର୍ସରୀ ଟ୍ୟାଙ୍କ, ସମନ୍ୱିତ କୃଷି ଇତ୍ୟାଦି ପ୍ରଦର୍ଶିତ ହେଉଛି ।










# କୋମନା ଶ୍ମଶାନଘାଟ ପାଲଟିଛି ଭୂତକୋଠି

**କୋମନା, ୭ ।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସଦର ମହକୁମାରେ ଥିବା ଶ୍ମଶାନ ଘାଟର ବିପର୍ଯ୍ୟସ୍ତ ହୋଇପଡ଼ିଛି ।ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ



ଶବ ସତ୍କାର ପାଇଁ ନିର୍ମିତ ପିଣ୍ଡି ଓ ଗୃହଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଏବେ ବଣଜଙ୍ଗଲରେ ପରିଣତ ହୋଇଛି । ଶ୍ମଶାନ ପରିସରରେ ଅନାବନା ଗଛ ଓ କଣ୍ଟା ବୁଦା ମାଡ଼ି ଯାଇଥିବାରୁ ଶବ ସତ୍କାର ପାଇଁ ଆସୁଥିବା ଲୋକଙ୍କୁ ଯିବା ଆସିବା କରିବା କଷ୍ଟକର ହୋଇପଡୁଛି । ଏପରିକି ସନ୍ଧ୍ୟା ସମୟରେ ବିଷାକ୍ତ ସରୀସୃପଙ୍କ ଭୟ ଯୋଗୁଁ ଲୋକେ ଯିବାକୁ ଭୟକରୁଛନ୍ତି । ଦୀର୍ଘ ଦିନ ହେବ ଶ୍ମଶାନରେ କୌଣସି ସଫେଇ କାର୍ଯ୍ୟ ହୋଇନାହିଁ । ଶ୍ମଶାନ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ମଧ୍ୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ମଣିଷର ଶେଷ ସମୟର ଏହି ସ୍ଥଳକୁ ସର୍ବନିମ୍ନ ସୁବିଧା ପ୍ରଦାନ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି ।

■ ପର୍ଲା ଧାନ ମଣ୍ଡିରେ ଚାଷୀଙ୍କୁ ଦୁର୍ବ୍ୟବହାର

## ଏସ୍‌ଏଚ୍‌ଜି ଆଳରେ ସ୍ୱାମୀମାନେ କରୁଛନ୍ତି ପରିଚାଳନା

**ଧର୍ମଗଡ଼, ୭ ।୧(ସମିସ):** ଧର୍ମଗଡ଼ ବ୍ଲକ ପର୍ଲା ଧାନ ମଣ୍ଡିରେ ଚାଷୀଙ୍କୁ ଦୁର୍ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି ।ନିଜ ଧାନକୁ ମଣ୍ଡିରେ ପକାଇବା ବାବଦରେ ବୁଝିବା ପାଇଁ ଯାଇଥିବା ବେଳେ ଦୁର୍ବ୍ୟବହାରର ଶିକାର ହୋଇଥିବା ଚାଷୀ ଶୁଭେନ୍ଦୁ ମୁଣ୍ଡ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଗତ୨୭.୧୨.୨୦୨୫ତାରିଖ ଟୋକନ ନଂ ୨୩୨୬୫ରେ ୫୨କୁଇଣ୍ଟାଲ ଧାନ ମଣ୍ଡିରେ କ୍ରୟ କରିବା ପାଇଁ ବ୍ୟବସ୍ଥା ରହିଛି ।ତେବେ ଉକ୍ତ ତାରିଖ ଟୋକନ ଧାନ ମଣ୍ଡିରେ ପକାଇବାକୁ କ୍ରୟ ଦାୟିତ୍ୱରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ବୁଝି ଆସିବା ପରେ ମହିଳାଙ୍କ ସ୍ୱାମୀ ଶ୍ରୀ ମୁଣ୍ଡଙ୍କୁ ଦୁର୍ବ୍ୟବହାର ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି । ତେବେ ଅନେକ ଚାଷୀଙ୍କ କହିବା ମତେ ଏସଏଚ୍‌ଜି ଆଳରେ ମହିଳାମାନଙ୍କ ସ୍ୱାମୀମାନେ ଧାନ ମଣ୍ଡି ପରିଚାଳନା କରୁଛନ୍ତି ।ଏପରିକି ଚାଷୀଙ୍କୁ ଧମକ ଚମକ କରିବା ସହ ଦବଙ୍ଗ ଗିରି କରୁଥିବା ଚର୍ଚ୍ଚା ହେଉଛି ।ଗତ ବର୍ଷରେ ମଧ୍ୟ ଶ୍ରୀ ଜଗନ୍ନାଥ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଧାନକ୍ରୟ ଦାୟିତ୍ୱ ନେଇ ଥିବା ବେଳେ ଉକ୍ତ ଗୋଷ୍ଠୀର ସଦସ୍ୟାମାନଙ୍କ ସ୍ୱାମୀମାନେ ପରିଚାଳନା କରି ଅନେକ ବିଶୃଙ୍ଖଳା ସୃଷ୍ଟି କରୁଥିବା ନଜିର ରହିଛି। କଥା ଥାନା, କୋର୍ଟ କଚେରୀ ପର୍ଯ୍ୟନ୍ତ ଯାଇଥିବା ଅନେକ ଚାଷୀ ପ୍ରକାଶ କରନ୍ତି ।ପୂର୍ବ ବର୍ଷମାନଙ୍କରେ ଏସଏଚ୍‌ଜିର ତ୍ରୁଟି ପୂର୍ଣ୍ଣ ପରିଚାଳନା ଓ ବିଶୃଙ୍ଖଳା କାରଣ ଯୋଗୁଁ ଚଳିତ ବର୍ଷ ଧାନ କ୍ରୟ ଦାୟିତ୍ୱ ନ ଦେବାକୁ ଚାଷୀମାନେ ଧର୍ମଗଡ଼ ଉପଜିଲ୍ଲାପାଳ ଓ ଧର୍ମଗଡ଼ ବିଧାୟକଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇଥିଲେ। ହେଲେ ଏସଏଚ୍‌ଜିର ପ୍ରଚ୍ଛଦ ପଟରେ ଆଉ ଏକ ପ୍ରଭାବ ଶାଳୀ ବ୍ୟକ୍ତି ଥିବା ଯୋଗୁଁ ପୁନଃ ଉକ୍ତ ମହିଳା ଗୋଷ୍ଠୀଙ୍କୁ ଧାନକ୍ରୟ ଦାୟିତ୍ୱ ମିଳିଥିବା ଚର୍ଚ୍ଚା ହୁଏ। ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହୋଇଛି।

ସ୍ୱାଭାବିକ ହେବ ମଣ୍ଡିରୁ ଧାନ ଉଠିବା

## ଆନ୍ଦୋଳନରୁ ଓହରିଲେ ମିଲର୍ସ

**ଭବାନୀପାଟଣା, ୭ ।୧(ସମିସ)**

ରାଜ୍ୟ ସରକାର ବାଧ୍ୟହୋଇ ମିଲର୍ସଙ୍କ ଦାବି ପୂରଣ ନେଇ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଛି ମିଲର୍ସ ସଂଘ। ଗୁରୁବାର ଠାରୁ ସ୍ୱାଭାବିକ ହେବ ଧାନ ମଣ୍ଡିରୁ ଧାନ ଉଠାଣ ପ୍ରକ୍ରିୟା। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ମିଲର୍ସ ସଂଘ ସଭାପତି ମହେଶ ବଂଶଲ। ଯେଉଁ ଚିଠି କଥା ଉପରେ ସଂଘ ଅଟକିଥିଲା କିନ୍ତୁ ସେକ୍ରେଟେରିଏଟରୁ ଖବର ଆସିଲା ଯେ ମୁଖ୍ୟମନ୍ତ୍ରୀଙ୍କ ଟେବୁଲକୁ ଯୋଗାଣ ବିଭାଗ ଚିଠି ପହଁଚିଲା। ସରକାର ୧୫ ଦିନ ଭିତରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଲିଖିତ ଆକାରରେ ଦେଉଥିବା ଜଣାପଡ଼ିଲା। ଯଦି ୧୫ ଦିନ ଭିତରେ ଦାବି ପୂରଣ ନ ହୁଏ ବୈଠକ କରି ପୁନର୍ବାର ନିଷ୍ପତ୍ତି ନିଆଯିବ। ଆମର ଆଶା ସରକାର ଦାବି ପୂରଣ କରିବେ। ୭ ଦିନ ଭିତରେ ବକେୟା ଟଙ୍କା ଦେବା ନେଇ ଚିଠି କରିଛନ୍ତି ବୋଲି ମିଲର୍ସ ସଂଘ ସଭାପତି ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାରେ ଗତ ୫ ରୁ ୭



ତିନି ଦିନ ଧରି ମିଲର୍ସଙ୍କ ଆନ୍ଦୋଳନ ଯୋଗୁଁ ପ୍ରାୟ ୯ ହଜାର ଚାଷୀଙ୍କ ୪ଲକ୍ଷ ୫୦ହଜାର କୁଇଣ୍ଟାଲ ଧାନ ଉଠାଣ ହୋଇ ପାରିନଥିବା ଜଣାପଡ଼ିଛି। ଜିଲ୍ଲାରେ ରବିବାର ୪ତାରିଖ ସୁଦ୍ଧା ୪୯, ୫୮୯ ଜଣ ଚାଷୀ ୨୨ଲକ୍ଷ ୫୩ ହଜାର ୬୭୦କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଜିଲ୍ଲାର ହଜାର ହଜାର ଚାଷୀ ଧାନ ବିକ୍ରି ଆଶାରେ ହାଡ଼ ଭଙ୍ଗା ଶୀତ କାକରରେ ମଣ୍ଡିରେ ପଡ଼ି ରହିଛନ୍ତି। ମିଲର୍ସ ଓ ସରକାରଙ୍କ ଲୁକାଛୁପି ଖେଳ ଚାଷୀଙ୍କୁ କାଳ ହୋଇଛି। ସେହିପରି ଅନେକ ଚାଷୀଙ୍କ ଟୋକନ ପଛରେ ରହିଥିବାରୁ ସେମାନେ ଖଳାରେ ଧାନ ରଖି ଟୋକନ ତାରିଖକୁ ଜଗି ବସିଛନ୍ତି ।ଅନେକ ଚାଷୀଙ୍କ ଟୋକନ ଅବଧି ସରିଯିବା ସମ୍ଭାବନା ଥିବାରୁ ପ୍ରମାଦ ଗଣୁଛନ୍ତି। ରାଜ୍ୟ ସରକାରଙ୍କ ଛବି ଗତ ବର୍ଷ ମଣ୍ଡିରୁ ଧାନ ବିକ୍ରିବେଳେ ଯାହାଥିଲା ତାହା ଚଳିତ ବର୍ଷ ମଳିନ

### ଚାଷୀଙ୍କ ପ୍ରତି ହେୟଜ୍ଞାନ ଭାବ ନେଇପାରେ ବିସ୍ଫୋରକ ରୂପ

ପଡ଼ିଯାଇଛି ।ଚାଷୀ ଏଥର ନାହିଁ ନଥିବା ହଟହଟା ହୋଇଛନ୍ତି ।ଅନ୍ୟପକ୍ଷରେ ଅନେକ ଚାଷୀଙ୍କ ଟଙ୍କା ମିଳିପାରି ନାହିଁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେବା ସାର ହେଉଛି। ସରକାରଙ୍କ ଏଭଳି ଖାମଖିଆଲି ନୀତିକୁନେଇ ଚାଷୀମାନଙ୍କ ଅସନ୍ତୋଷ କେତେବେଳେ ବିସ୍ଫୋରକ ରୂପ ନେବ ତାହା ଦେଖିବାକୁ ରହିଲା।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର

**ଭବାନୀପାଟଣା, ୭ ।୧(ସମିସ):** କଳାହାଣ୍ଡି ଜିଲ୍ଲାର ୩ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ରାଜ୍ୟର ୧୧୮ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସହିତ ଖୋର୍ଦ୍ଧା ଜିଲ୍ଲା ବାଣପୁର ଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। କଳାହାଣ୍ଡି ଜିଲ୍ଲାର ତିନି ଗୋଟି



ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋକସରା ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋଟୋମୁଣ୍ଡା ଠାରେ ଅନୁଷ୍ଠିତ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସମ୍ମାନିତ ଅତିଥି ହେମନ୍ତ ମାଝୀ, ଜିଲ୍ଲା ପରିଷଦ ସଭ୍ୟ କୋକସରା ଜୋନ-୧ଗୋପାଳ ଅଗ୍ରୱାଲ, ସମିତି ସଭ୍ୟା ଗୋଟୋମୁଣ୍ଡା ଶାମୁକା ନାଏକ, ସରପଞ୍ଚ ଗୋଟୋମୁଣ୍ଡା ପଦ୍ମିନୀ ପୁଝାରି, ସଭାପତି ମହେଶ କୁମାର ଭାଟି ଗୋଷ୍ଠୀ ଶିକ୍ଷା ଅଧିକାରୀ କୋକସରା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବାଙ୍କପଲାସ ଜୁନାଗଡ଼ ଠାରେ ଅନୁଷ୍ଠିତ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଅତିଥି ରୂପେ ଦିବ୍ୟ ଶଙ୍କର ମିଶ୍ର, ବିଧାୟକ ଜୁନାଗଡ଼, କୁନ୍ତଳା ରାଉତ କଳାହାଣ୍ଡି ଲୋକସଭା ସାଂସଦ ପ୍ରତିନିଧି, ସଞ୍ଜୁକ୍ତା ମାଝି ସ୍ଥାନୀୟ ସରପଞ୍ଚ ସଙ୍ଗୀତା ଖରସେଲ, କଳାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟା ଦେବକୀ ମାଝି, ବାଙ୍କପଲାସ ପଞ୍ଚାୟତର ସମିତି ସଭ୍ୟା ପ୍ରମୋଦ ବେହେରା, ଜୁନାଗଡ଼ ବ୍ଲକ ଉପାଧ୍ୟକ୍ଷ ତପନ କୁମାର ମାଝି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୁନାଗଡ଼, ଖଗେଶ୍ୱର ମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ଦୀପ୍ତି ରଞ୍ଜନ ନାୟକ, ବାଙ୍କପଲାସ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ, ବକ୍ସିତୁଲସିପାଲି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନିଲ କୁମାର ନନ୍ଦ, ସାଂସଦ କଳାହାଣ୍ଡିଙ୍କ ପ୍ରତିନିଧି ରାଧାକାନ୍ତ ଛତ୍ରୀ, ଜିଲ୍ଲା ଶିକ୍ଷା ଅଧିକାରୀ, କଳାହାଣ୍ଡି, ମନୋଜ କୁମାର ମେହେର, ପୂର୍ବତନ ଅଧ୍ୟକ୍ଷ ପଞ୍ଚାୟତ ସମିତି ଜୁନାଗଡ଼, ସୁଶାନ୍ତ କୁମାର ଠାକୁର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ଦିବ୍ୟ ଶଙ୍କର ଦୀପ, ସରପଞ୍ଚ, ବକ୍ସିତୁଲସିପାଲି, ହିମାଂଶୁ ଭୋଇ, ପ୍ରଧାନଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ, ବକ୍ସିତୁଲସିପାଲି, ମାର୍ତ୍ତ ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପସ୍ଥିତ ଥିଲେ।

**ନୂଆପଡ଼ା:** ମଙ୍ଗଳବାର ସରକାରୀ ଉଚ୍ଚ ବିଦ୍ୟାଳୟ ଚୁଲାଭାଟରେ ପ୍ରଧାନଶିକ୍ଷୟିତ୍ରୀ ମୋହିନୀ ସୁନାଙ୍କ ତତ୍ତ୍ୱାବଧାନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ନୂଆପଡ଼ା ଜିଲ୍ଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, ସମ୍ମାନିତ ଅତିଥି ଭାବରେ ଚୁଲାଭାଟ ପଞ୍ଚାୟତର ସରପଞ୍ଚ ଚମ୍ପାବାଇ ଠାକୁର ଓ ସମିତିର ସଦସ୍ୟ ଉର୍ବଶୀ ସାହୁ, ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ନୂଆପଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତରାମ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ହେମନ୍ତ ମାଝୀ, ଅତିରିକ୍ତ ଚ୍ୟାରମ୍ୟାନ୍ ବିରେଶ୍ୱରି ମାଝୀ, ୱାର୍ଡ ମେମ୍ବର ସଦସ୍ୟ ସୁଦାମା ମାଝୀ, ମନୋଜ ସାହୁ, ଦେବସିଂ ମାଝୀଙ୍କ କରକମଳରେ ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ତ୍ରିଲୋଚନ ମାଝୀ ପରିଚାଳନା କରିଥିବା ବେଳେ ସଚିନ ଭୂସାଗାର, ହୃଷିକେଶ ଜଗତ, ଟିକେଲାଲ ମାଝି, ସୁନିତା ସାହୁ, ଘନଶ୍ୟାମ ଜାଲ, ଲୋଚନ କୁମାର କେଉଁଟ, ଦେଖରାମ ଶବର, ମେଘନାଥ ଦଣ୍ଡସେନା, ଭୁବନ ଲାଲ କଣ୍ଡରା, ଜ୍ୟୋସ୍ନାମୟୀ ବିଶି, ଜୟଦ୍ରଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ

## କେସିଙ୍ଗା ସବ୍‌ଡ଼ିଭିଜନ ନିର୍ବାଚନୀ ସଭା

**କେସିଙ୍ଗା, ୭ ।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସବ୍‌ଡ଼ିଭିଜନସ୍ତରୀୟ ନିର୍ବାଚନୀ ସଭା କେସିଙ୍ଗାସ୍ଥିତ ୩୩/୧୧କେଭି ସବଷ୍ଟେସନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ନିର୍ବାଚନୀ ସଭାରେ ସଂଘର ଉପସଭାପତି ପରମେଶ୍ୱର ବେହେରା ସଭାପତିତ୍ୱ କରିଥିଲେ, ସମ୍ମାନିତ ଅତିଥି ଭାବରେ ସଂଘର ଯୁଗ୍ମ ସମ୍ପାଦକ ଦୁର୍ଗାମାଧବ ପଣ୍ଡା, ସର୍କଲ ସମ୍ପାଦକ ନିଗମାନନ୍ଦ ଦାସ, କେନ୍ଦ୍ରୀୟ କାର୍ଯ୍ୟକାରୀ ସଭା ସଦସ୍ୟ ଅଖିଳ କୁମାର ପାଣିଗ୍ରାହୀ, ଯୁଗ୍ମ ଡିଭିଜନ ସମ୍ପାଦକ ମଣ୍ଟୁ ରଣା ପ୍ରମୁଖ ମଞ୍ଚାସିନ ଥିଲେ।ସର୍ବପ୍ରଥମେ ଡିଭିଜନ କାର୍ଯ୍ୟକାରୀ ସଭା ସଦସ୍ୟ ନରେନ୍ଦ୍ର ବାଡା ଅତିଥି ପରିଚୟ ଦେଇଥିଲେ ପରେ ପରେ କେସିଙ୍ଗା ସବଡ଼ିଭିଜନ ସମ୍ପାଦକ ବିଶ୍ୱଜିତ ମହଲା ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ୪ଟି ସେକ୍ସନ ଏବଂ ଷ୍ଟୋର ସେକ୍ସନରୁ ବହୁ ସଂଖ୍ୟାରେ ଶ୍ରମିକ କର୍ମଚାରୀ ଯୋଗଦେଇ ନିଜର ଅସୁବିଧା ଜଣାଇଥିଲେ। ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ଏବଂ କିପରି ଯଥାଶୀଘ୍ର ସମାଧାନ ହୋଇପାରିବ ସେଥିପ୍ରତି ଯୋଜନା ପ୍ରସ୍ତୁତ କରାଯାଇଥିଲା। ଚଳିତ ୨୦୨୬ ବର୍ଷ ପାଇଁ କେସିଙ୍ଗା ସେକ୍ସନରୁ ମନୋଜ ସେଠି, ନୁନମାଠ ସେକସନ ପାଇଁ ତନୁ ସାହୁ, ବୋର୍ଡକ୍ଷ ସେକ୍ସନ ରୁ ପରମା ସିହୁର, ଉକ୍ଳେଲା ସେକ୍ସନରୁ ତ୍ରିଲୋଚନ ପୋଡ଼, ଷ୍ଟୋରସେକ୍ସନରୁ ଖୋଲାନ୍ତର ବାଗ ଏବଂ କେସିଙ୍ଗା ସବଡ଼ିଭିଜନ ସମ୍ପାଦକ ଭାବେ ବିଶ୍ୱଜିତ ମହଲା ସର୍ବସନମତି ଭାବେ ମନୋନୀତ ହୋଇଛନ୍ତି। ସଂଘର ୬୩ ତମ ରାଜ୍ୟସ୍ତରୀୟ ବାର୍ଷିକ ଅଧିବେଶନ ଚଳିତ ଜାନୁଆରୀ ୨୦, ୨୧, ୨୨, ତିନିଦିନ ଧରି ରାୟଗଡ଼ା ଠାରେ ଅନୁଷ୍ଠିତ ହେଉଥିବାରୁ କେସିଙ୍ଗା ସବଡ଼ିଭିଜନରୁ ବହୁସଂଖ୍ୟାରେ ସଭ୍ୟ ଯୋଗ ଦେବାକୁ ଆଜିର ସଭାରେ ନିଷ୍ପତ୍ତି ନିଆଗଲା। ଶେଷରେ ନରେନ୍ଦ୍ର ବାଡା ଧନ୍ୟବାଦ ଅର୍ପଣ କରିଥିଲେ।

## କର୍ଲାପଡ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନ

**ଭବାନୀପାଟଣା, ୭ ।୧(ସମିସ):** କର୍ଲାପଡ଼ା ଫୁଟବଲ କ୍ଲବ୍ ତରଫରୁ ପ୍ରଥମ ମରୁଆ କୁମାର ଓ ରଶ୍ମିତା ନାଏକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି ।ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ଧର୍ମଗଡ଼ ଏବଂ ବାଲିଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲିଗୁଡା ଦଳ ୧-୦ରେ ବିଜୟୀ ହୋଇଥିଲା। ବିଶେଶ୍ୱର ପ୍ରଧାନ, ଚଞ୍ଚଳ ମାଝୀ, ରଶ୍ମିରଞ୍ଜନ ପ୍ରଧାନ ଏବଂ ନିର୍ମଳ ପ୍ରଧାନ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବରେ ନୃପରାଜ ଯାଦବ କେସିଙ୍ଗା ଏନ୍‌ଏସି ଚେୟାରମ୍ୟାନ ତଥା କଳାହାଣ୍ଡି ଜିଲ୍ଲା ଯାଦବ ମହାସଂଘର ସଭାପତି, ସମ୍ମାନିତ ଅତିଥି ଭାବେ ପ୍ରକାଶ ମହାନ୍ତି, ସଞ୍ଜୀବ କୁମାର ସାହୁ ବିଶିଷ୍ଟ ସମାଜସେବୀ ଭବାନୀପାଟଣାଙ୍କ ସମେତ କର୍ଲାପଡ଼ା ଫୁଟବଲ ସଂଘର ସଭାପତି ଧ୍ରୁବଚରଣ ପ୍ରଧାନ, ସମ୍ପାଦକ କିଶୋର କୁମାର ଯୁଆଡ, ଅଶ୍ୱିନୀ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜୀବ ଲୋଚନ ଯୁଆଡ ଏବଂ ମିଳନ କୁମାର ଧାରା ବିବରଣୀ ପ୍ରଦାନ କରିଥିଲେ।

ପାଲସିପାଣି ନିକଟରେ ସଡ଼କ ଦୁର୍ଘଟଣା

## ଟ୍ରକ୍ ଧକ୍କାରେ ୨ ମୃତ, ଜଣେ ଗୁରୁତର

**କୋମନା, ୭ ।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ବାନଜୀବାହାଲ ଓ ପଲସିପାଣି ନିକଟସ୍ଥ ଜାତୀୟ ରାଜପଥରେ ବୁଧବାର ରାତି ୮ ଘଣ୍ଟା ସମୟରେ ସଡ଼କ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଏକ ଦ୍ରୁତଗାମୀ ଟ୍ରକ୍ ବାଇକ୍‌କୁ ପଛପଟୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବାଇକରେ ୩ ଜଣ ଯାଉଥିବା ସମୟରେ ବାନଜୀବାହାଲ ଓ ପାଲସିପାଣି ମଝିରେ ଅନିୟନ୍ତ୍ରିତ ଟ୍ରକ୍ ସେମାନଙ୍କୁ ପିଟି ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ବାଇକ୍ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି ।ଦୁର୍ଘଟଣାରେ ୨ ଜଣଙ୍କର ପ୍ରାଣହାନି ଘଟିଛି। ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ହୋଇଥିବାରୁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରପଟରେ ସ୍ଥାନୀୟ ଲୋକ ଓ ପୋଲିସ ସହାୟତାରେ ଉଦ୍ଧାର କାର୍ଯ୍ୟଜାରି ରହିଛି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ କିଛି ସମୟ ପାଇଁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ମୃତ ଯୁବକମାନଙ୍କ ପରିଚୟ ଜଣାପଡ଼ିନାହିଁ।

ବିଭାଜନସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ

## ଜଳସଞ୍ଚୟ ଓ ଚାଷୀଙ୍କୁ ଜଳ ବଣ୍ଟନ ହିଁ ମୂଳଲକ୍ଷ

**କେସିଙ୍ଗା, ୭ ।୧(ସମିସ):** ପାଣି ପଞ୍ଚାୟତ ପକ୍ଷ ଉପଲକ୍ଷେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ତହିଁସିର ଡ୍ୟାମ ପରିସରରେ ଜିଲ୍ଲା ସ୍ଥାନୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗଦେଇ ଇଣ୍ଟିଗ୍ରେଟେଡ ଫର୍ମ ଉପରେ ଗୁରୁତ୍ୱାରୋପ କରି ଚାଷୀ ଓ ଚାଷର ବିକାଶ ଉପରେ ଆଲୋଚନା କରି ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ପୋତି ହୋଇ କେନାଲ ଗୁଡ଼ିକର ଜଳଧାରଣାର କ୍ଷମତା କମିବାରେ ଲାଗିଛି ବୋଲି ପ୍ରକାଶ କରି ସରକାର ଚାଷୀଙ୍କ ଉନ୍ନତି ପାଇଁ ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ପ୍ରକାଶ ଥାଉକି ସମଗ୍ର ଓଡ଼ିଶାରେ ୩୯ ହଜାର ପାଣି ପଞ୍ଚାୟତ ଅଛି ଯାହା ୨୩.୧୫ ଲକ୍ଷ ହେକ୍ଟର ଚାଷ ଜମିକୁ କଭର କରିଥାଏ ।ସେହିପରି ୨୦୨୧ର ସରକାରୀ ଲେଖାଯୋଖା ଅନୁଯାୟୀ କଳାହାଣ୍ଡି ରେ ସମୁଦାୟ ୨୬୭ସକ୍ରିୟ ପାଣିପଞ୍ଚାୟତ ଅଛି ଯାହା ଜିଲ୍ଲାର ୧ ଲକ୍ଷ ୨୮ ହଜାର ହେକ୍ଟର ଚାଷଜମିକୁ ଜଳସେଚନର ବ୍ୟବସ୍ଥା କରିଥାଏ। ହେଲେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା



ପାଣି ପଞ୍ଚାୟତର କର୍ମକର୍ତ୍ତାମାନେ ନିଜ ନିଜ ଅଞ୍ଚଳର ପାଣି ପଞ୍ଚାୟତର ସମସ୍ୟା ଉପସ୍ଥିତ ଅଧିକାରୀମାନଙ୍କୁ କହିଥିଲେ। ଅଧିକାରୀମାନେ ସମସ୍ୟା କଥା ସରକାରଙ୍କ ପାଖରେ ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇଥିଲେ ।ପରେ ଉପସ୍ଥିତ ସମସ୍ତ ଅଧିକାରୀ ଓ ପାଣି ପଞ୍ଚାୟତର କର୍ମକର୍ତ୍ତାମାନେ ଜଳସଂରକ୍ଷଣ ପାଇଁ ଶପଥ ପାଠ ମଧ୍ୟ କରୁଥିଲେ ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଗ ଇଂ ସରୋଜ ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କନ୍ତେଶିର କ୍ଷୁଦ୍ର ଜଳସେଚନ ପାଣି ପଞ୍ଚାୟତ ସଭାପତି ଶୈଳେଶ ସାହୁ ସହନିର୍ବାହୀଯନ୍ତ୍ରୀ ମ.ରାମପୁର ଜୀତେନ୍ଦ୍ର କ୍ଷେସ, ସହନିର୍ବାହି ଯନ୍ତ୍ରୀ ଜୟପାଟଣା ତପନ କୁମାର ଦାସ, ଭବାନୀପାଟଣା ସହନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ ।କାର୍ଯ୍ୟକ୍ରମ ପରିଚାଳନା ସୁଧୀର ନାଏକ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କେସିଙ୍ଗା ସହନିର୍ବାହୀ ଯନ୍ତ୍ରୀ ଜଗମୋହନ ନାଏକ। ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

## ୧୧.୧୮ କୋଟି ଟଙ୍କାର କାରବାର

**ଭବାନୀପାଟଣା, ୭ ।୧ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପରିସରରେ ଗତ ପାଞ୍ଚ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗ ଦେଇଥିଲେ। କୃଷି କ୍ଷେତ୍ରରେ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ଉଦାହରଣ ଦେଇ ସେ ଯୁବପିଢ଼ିଙ୍କୁ କୃଷି କ୍ଷେତ୍ରରେ ନିଜର ଭବିଷ୍ୟତ ଗଢ଼ିବା ପାଇଁ ଉତ୍ସାହିତ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜିଲ୍ଲାର କୃଷି ବିକାଶର ରିପୋର୍ଟ ରଖିଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଡିଭିଜନ କୃଷି ନିର୍ବାହୀଯନ୍ତ୍ରୀ ଇଂ.ଅଜୟ କୁମାର ମାରାଣ୍ଡି ବିଭିନ୍ନ କୃଷି ଯନ୍ତ୍ରପାତି ଏବଂ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ରିହାତିର ଶୈଳୀ ବିଷୟରେ ବୁଝାଇଥିଲେ। ଭବାନୀପାଟଣା କୃଷି



ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ମଧୁମିତା ସିଂ ଆଧୁନିକ କୃଷି କିପରି ଏକ 'ନୂତନ ଦିଗନ୍ତ' ସାଜିପାରିବ ସେ ବିଷୟରେ ଆଲୋଚନା କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅନନ୍ତ ନାରାୟଣ ପଣ୍ଡା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ନିରଦ କୁମାର କହଁର, ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ, ଏପିଆଇସି ଓଏଲ ଜିଲ୍ଲା ସଂଯୋଜିକା ଏଲିନା ନାୟକ, ବିସିସିବି ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା, ଧର୍ମଗଡ଼ କୃଷି ଜିଲ୍ଲା ଅଧିକାରୀ ନୌକେଶ୍ୱର ନାଗ ପ୍ରମୁଖ ଯୋଗଦେଇଥିଲେ। ଭବାନୀପାଟଣା ବ୍ଲକ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ୫ ଦିନ ଧରି ବ୍ୟାପି ଆୟୋଜିତ ମେଳାରେ ୬୦ଟି ଷ୍ଟଲ ପ୍ରଦର୍ଶନୀ ହୋଇଥିବା ବେଳେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୭୦୦ରୁ ଊର୍ଦ୍ଧ୍ୱ କୃଷକ ଯୋଗ ଦେଇଥିଲେ। ସେହିପରି ୫ ଦିନ ମଧ୍ୟରେ ମୋଟ ୧୧.୧୮ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରୟ ହୋଇଥିବା ବେଳେ ଯେଉଁଥିରୁ ୧.୯୩ କୋଟି ରିହାତି (ସବସିଡି) ମିଳିଥିବା ଜଣାପଡ଼ିଛି।

କଳାହାଣ୍ଡି ଉତ୍ସବ 'ଘୁମୁରା'

## ଥୁଆମୂଳରାମପୁର ବ୍ଲକ୍‌ରେ ଉଦ୍‌ଯାପିତ

**ଥୁଆମୂଳ ରାମପୁର, ୭ ।୧(ସମିସ)**

ଥୁଆମୂଳରାମପୁର ବ୍ଲକରେ ବ୍ଲକସ୍ତରରେ କଳାହାଣ୍ଡି ଉତ୍ସବ 'ଘୁମୁରା' ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ସଂଘରୁ ୧୦ଟି ଦଳ ନୃତ୍ୟ ଗୀତର କଳା ପ୍ରଦର୍ଶନ କରିଥିଲେ। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ତଥା ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରଦ୍ୟୁମ୍ନ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟଅତିଥି ମାନଙ୍କ ମଧ୍ୟରେ ସ୍ଥାନୀୟ ତହସିଲଦାର ସତ୍ୟ ସନାତନ ପାଣିଗ୍ରାହୀ, ଲୋକସଭା ସାଂସଦ ପ୍ରତିନିଧି ପବିତ୍ର ନାଏକ, ଅତିରିକ୍ତ ତହସିଲଦାର ସନାତନ ମହାରଣା, ଅତିରିକ୍ତ ତହସିଲଦାର ତପନ କୁମାର ପତି, ମା'ମାଣିକେଶ୍ୱରୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡ ଛିନା, ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ବିଷ୍ଣୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ଅଞ୍ଚଳର ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଦିବସର ମୁଖ୍ୟ ଆକର୍ଷଣ ସୁପ୍ରସିଦ୍ଧ କଣ୍ଠ ଶିଳ୍ପୀ ଦିପ୍ତୀରେଖା ପାଢ଼ୀ ଓ ତାଙ୍କ ମେଲୋଡି ଟିମ୍ ପ୍ରଦର୍ଶନ କରିଥିଲେ ।ଉତ୍ସବ



ଶୁଭାରମ୍ଭ ପାଇଁ ପ୍ରଥମେ ମା'ମାଣିକେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରୁ ପ୍ରଜ୍ୱଳିତ ମଶାଲକୁ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଖଣ୍ଡୁଆଳ ପଡ଼ିଆରେ ଆୟୋଜିତ ହୋଇଥିବା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ମଞ୍ଚ ତଳେ ରଖାଯାଇଥିଲା। ବ୍ଲକସ୍ତରୀୟ ଉତ୍ସବର ଆବାହକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦ ପ୍ରତିନିଧି ପବିତ୍ର ନାଏକ, ସ୍ଥାନୀୟ ତହସିଲଦାର ସତ୍ୟ ସନାତନ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ସନାତନ ମହାରଣା, ଅତିରିକ୍ତ ତହସିଲଦାର ତପନ କୁମାର ପତି, ବିଜେପି ନେତା ବିଷ୍ଣୁ ନାଏକ, ଜିଲ୍ଲା ପରିଷଦ ସଭ୍ୟା ଟୁନି ଖୋସ୍ଲା(ଦୁରିଆ) ସ୍ଥାନୀୟ ସରପଞ୍ଚ ବିଜୟା ମାଝୀ, ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ, ବ୍ଲକ କଂଗ୍ରେସ ସଭାପତି ପରମେଶ୍ୱର ନାଏକ, ବିଏସ୍‌ପିର ବରିଷ୍ଠ ନେତା ଦେବୀଚରଣ ଭାଟିଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।ଭାରପ୍ରାପ୍ତ ଏବିଇଓ ହେମନ୍ତ ପଣ୍ଡା, ଅଧ୍ୟାପକ ବାବୁବାହନ ବୁଦ୍ଧିଆ ଏବଂ ରାଜେନ୍ଦ୍ର ଦେବ ମଞ୍ଚ ପରିଚଳନା କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଥୁଆମୂଳରାମପୁର ଥାନା ଅଧିକାରୀ କୈବଲ୍ୟ ସେଠ୍‌ଙ୍କ ନେତୃତ୍ୱରେ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା।

## ଲାଞ୍ଜିଗଡ଼ରୋଡ଼ରେ ପଞ୍ଚାୟତସ୍ତରୀୟ ଉତ୍ସବ

**ଲାଞ୍ଜିଗଡ଼, ୭ ।୧(ସମିସ):** କଳାହାଣ୍ଡି ଜିଲ୍ଲାରେ ଏବେ ଆରମ୍ଭ ହୋଇଯାଇଅଛି ଉତ୍ସବର ମହୋଲ। କଳାହାଣ୍ଡିର ଐତିହ, ସଂସ୍କୃତି ଓ ପରମ୍ପରାକୁ ବହନ କରୁଥିବା କଳାହାଣ୍ଡି ଉତ୍ସବ 'ଘୁମୁରା" ଆସନ୍ତା ଜାନୁଆରୀ ୧୪ ମକର ସଂକ୍ରାନ୍ତି ଠାରୁ ଜିଲ୍ଲା ସ୍ତରରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଜିଲ୍ଲାର ପ୍ରତି ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରରେ ଏହା ଅନୁଷ୍ଠିତ ହେଉଛି। କଳାହାଣ୍ଡିର ବୀର ବାଦ୍ୟ ଘୁମୁରାରୁ ଆରମ୍ଭ ହୋଇଥିଲା ଘୁମୁରା ଉତ୍ସବ- ୨୦୨୬ ଲାଞ୍ଜିଗଡ଼ରୋଡ଼ ସରପଞ୍ଚ ମମତା ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଲାଞ୍ଜିଗଡ଼ରୋଡ଼ ପୂର୍ବତନ ସରପଞ୍ଚ ଟଙ୍କଧର ମାଝୀ, ବିଶିଷ୍ଟ ଅତିଥି ଭାବେ ସାମ୍ବାଦିକ ନିଲେଶ କୁମାର ନାଗ, ସମ୍ମାନୀତ ଅତିଥି ଭାବେ ନାଏବ ସରପଞ୍ଚ ଅନଙ୍ଗ ମାଝୀ, ୱାର୍ଡ୍ ମେମ୍ବର ବିନ୍ଦୁ ବାସିନୀ ଶିଖା, ନନ୍ଦ ମାଝୀ, ମମି ମାଝୀ, କଷ୍ଟି ମାଝୀ, ମହେନ୍ଦ୍ର ସୁନାନୀ, ଶୁକୁମାରୀ ମାଝୀ, ପଦ୍ମା ଶବର, ନିଲେନ୍ଦ୍ରୀ ଶବର, କୁମଖାଲ ଏଡିଇଓ ବ୍ରାହ୍ମା ଦୁରିଆ, ବିଜେପୁର ଏଡିଇଓ ତରୁଣ କୁମାର ବେହେରା, ଏମବିକେ ସନ୍ତୋଷୀ ଗଉଡ଼, ଏଏନଏମ ସୁଷମା ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କଳାହାଣ୍ଡିର ସଂସ୍କୃତି ଓ ପରମ୍ପରା ବିଷୟରେ ମାର୍ଗଦର୍ଶନ ଦେଇଥିଲେ ।"ଆରମ୍ଭରୁ ଲାଞ୍ଜିଗଡ଼ରୋଡ଼ ଶିବ ମନ୍ଦିର ପୀଠରୁ ସରପଞ୍ଚ ମମତା ଶବରଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରାରେ ମଶାଲ ଆଣି ପଞ୍ଚାୟତ ସ୍ଥିତ ଉତ୍ସବ ମଞ୍ଚରେ ସ୍ଥାପନା କରାଯାଇ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କ ପୂଜନ କରିଥିଲେ ଅତିଥି ବୃନ୍ଦ। କାର୍ଯ୍ୟନିର୍ବାହୀ ଅଧିକାରୀ ଡମ୍ବରୁଧର ସେନାପତି ପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇତ୍ୟବସରରେ ସମସ୍ତ ଅଙ୍ଗନବାଡ଼ି କର୍ମୀ, ସିଆରପି, ଆଶା କର୍ମୀ, ସମେତ ମିଶନ ଶକ୍ତିର ମହିଳା ଶିକ୍ଷକ, ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ଲାଞ୍ଜିଗଡ଼ରୋଡ଼ ଏଡିଇଓ ସୁରେନ୍ଦ୍ର ସେଟି ଓ ଯୋଗାଣ ସହାୟକ ନାରାୟଣ ପ୍ରସାଦ ନାୟକଙ୍କ ନେତୃତ୍ୱରେ ବିପୁଳ ରାଉତ, ଦେବରାଜ ଗଉଡଙ୍କ ସମେତ ସମସ୍ତ ଗାଁସାଥୀ, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ପଞ୍ଚାୟତ ଅଧିନସ୍ଥ ବିଦ୍ୟାଳୟ ଗୁଡିକରେ କୁନି କୁନି ଛାତ୍ରଛାତ୍ରୀ ମାନେ ଏକକ ଏବଂ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

ଡାକ୍ତରଙ୍କ ମହାନତା

## ଆନ୍ଦୋଳନ ସତ୍ତ୍ୱେ ବଞ୍ଚାଇଲେ ରୋଗୀଙ୍କ ଜୀବନ

**କେସିଙ୍ଗା, ୭ ।୧(ସମିସ):** ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ କୁହାଯାଏ ଏକଥା ସତ କରି ଦେଖାଇଛନ୍ତି କେସିଙ୍ଗା ରେ କାର୍ଯ୍ୟରତ ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର ନାଥ ଖଟୁଆ। ବୁଧବାର ଦିନ ଆଉଟ ଡୋର ବନ୍ଦ ହେବା ପରେ କେସିଙ୍ଗାରୁ ପ୍ରାୟ ୨୦ କିଲୋମିଟର ଦୂର ନର୍ଲା ବ୍ଲକର ରୁପ୍ରାଗ୍ରାମର ମୋହନ ସାହୁ ଭିଷଣ ଜ୍ୱରରେ ଆକ୍ରାନ୍ତ ହୋଇ



ଚିକିତ୍ସା ପାଇଁ କେସିଙ୍ଗା ମେଡିକାଲକୁ ଆସିଥିଲେ ହେଲେ ଆଉଟ୍ ଡୋର ବନ୍ଦ ହୋଇ ଯାଇଥିବାରୁ ଆଉଟ୍ ଡୋର ସମ୍ମୁଖରେ ହିଁ ଅସୁସ୍ଥ ହୋଇ ଅଚେତ ହୋଇ ପଡ଼ିଯାଇଥିଲେ। ତାଙ୍କ ପାଖରେ ଥିବା ପରିବାର ଲୋକେ କାନ୍ଦୁଥିଲେ। ଡାକ୍ତର ଖଟୁଆ ଖବର ପାଇ ତୁରନ୍ତ ପହଞ୍ଚି ଆଉଟ୍ ଡୋର ସମ୍ମୁଖରେ ଚିକିତ୍ସା ଆରମ୍ଭ କରି ଦେଇଥିଲେ। କିଛି ମେଡିକାଲ ଷ୍ଟାଫଙ୍କ ସହାୟତାରେ ଷ୍ଟ୍ରେଚର ସାହାଯ୍ୟରେ ମେଡିକାଲ ଭିତରକୁ ନେଇ ଚିକିତ୍ସା କରି ରୋଗୀର ଜୀବନ ମଧ୍ୟ ବଞ୍ଚାଇ ଥିଲେ। ଥାଉକି ସାରା ରାଜ୍ୟରେ ବର୍ତ୍ତମାନ ଡାକ୍ତରମାନଙ୍କ କିଛି ଦାବି ନେଇ ଡାକ୍ତର ୟୁନିୟନର ଡାକରାରେ ଡାକ୍ତରମାନେ ଦିନକୁ ଦୁଇ ଘଣ୍ଟା ଆନ୍ଦୋଳନ କରି ଜରୁରୀକାଳୀନ ସେବା ବ୍ୟତୀତ ସମସ୍ତ ପ୍ରକାର ଚିକିତ୍ସା ବନ୍ଦ କରିଛନ୍ତି। ଆମେ ଉକ୍ତ ଡାକ୍ତରଙ୍କ ପ୍ରତିକ୍ରିୟା ନେବାରୁ ସେ କହିଥିଲେ ଆନ୍ଦୋଳନ ତା ବାଟରେ ଆମେ ଆନ୍ଦୋଳନକୁ ସମର୍ଥନ କରୁଛୁ ହେଲେ ଜଣେ ଡାକ୍ତର ପାଇଁ ରୋଗୀ ସେବା ପ୍ରଥମ ମୁଁ ଜଣେ ରୋଗୀକୁ ଆଜି ଜୀବନ ବଞ୍ଚାଇ ନିଜକୁ ଗର୍ବ ମନେ କରିବା ସହିତ ଜଣେ ଡାକ୍ତର କର୍ତ୍ତବ୍ୟ ପାଳନ କରିଛି।